ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅକ୍ଟୋବର ପୂଜା ସଂସ୍କରଣ





## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ । ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦଶହରା ଏବଂ କୁମାର ପୂର୍ଣ୍ଣମୀ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୪ |
| କାହାଣୀ ବିଭାଗ | | ୧୬ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୧୭ |
| ବଧୂ ବାରାଙ୍ଗନା | ସିପ୍ରା ନାମତା | ୨୮ |
| ପ୍ରେମ ସାଗର | ପ୍ରିୟରଞ୍ଜନ ବିଶ୍ୱାଳ | ୩୬ |
| ଦୁଇ ଅନ୍ଧୁଣୀ | ଲକ୍ଷ୍ମୀକାନ୍ତ ମାଝୀ | ୪୧ |
| କଳା ଅବିର | ଗଦାଧର ବଳ | ୪୩ |
| ଅନାଥ | ମନୋଜ କୁମାର ପଣ୍ଡା | ୪୮ |
| ଆଉ ନୁହେଁ | ମୈତ୍ରେୟୀ କମିଳା | ୬୦ |
| ବୋଉ ପାଇଁ | ବିଦ୍ୟୁତଲତା ମିଶ୍ର | ୬୨ |
| ଅବୁଝା ଅଶ୍ରୁ | ହାସ୍ୟମୟୀ ରାଜ୍ | ୬୬ |
| ନିରବ ହୃଦୟର ପ୍ରେମ | ଜ୍ୟୋତିରଞ୍ଜନ ମହାରଣା | ୬୮ |
| ରୂପାନ୍ତରଣ | ସୁଷମା ପରିଜା | ୭୫ |
| ମାୟାଧରଙ୍କ ମାୟା | ବିନୟ ମହାପାତ୍ର | ୮୪ |
| ଅଜଣା ଝଡ଼ | ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ | ୯୭ |
| ବାଲିଘର | ଇଂ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ | ୧୦୨ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମୋତେ ବି ଖୁସିରେ ବଞ୍ଚିବାକୁ ଦିଅ | କୃଷ୍ଣଚନ୍ଦ୍ର ଡାକୁଆ | ୧୦୫ |
| ସମ୍ପୂର୍ଣ୍ଣ ମିଥ୍ୟା ଘଟଣା ଉପରେ ଆଧାରିତ | ମଧୁସୂଦନ ମିଶ୍ର | ୧୧୧ |
| ସ୍ମୃତି ଅର୍ଘ୍ୟ | ହୃଷିକେଶ ସ୍ୱାଇଁ | ୧୧୬ |
| ପୂର୍ଣ୍ୟତିଥିର ନିଃସ୍ୱ ଅତିଥି | ଯାଜ୍ଞସେନୀ ହୋତା | ୧୧୭ |
| ପ୍ରକୃତି ପ୍ରିୟଦର୍ଶିନୀ | ପ୍ରଶାନ୍ତ ନାୟକ | ୧୨୭ |
| ଭୁଲି ହୁଏନା | ନାରାୟଣ ଚନ୍ଦ୍ର ସେନାପତି | ୧୪୫ |
| କୁକୁର ଭାରି ବିଶ୍ୱସ୍ତ | ମହେଶ୍ୱର ସାହୁ | ୧୫୨ |
| ଅତିଥି ଦେବୋଭବଃ | ଅଙ୍କିତା ପାଢ଼ୀ | ୧୫୮ |
| ପରୀକ୍ଷାର୍ଥୀ | ସ୍ନିଗ୍ଧା ଶୁଭ୍ରଜ୍ୟୋତି ରାଉତ | ୧୬୨ |
| ଜହ୍ନ | ମିତା ବ୍ରହ୍ମା | ୧୬୭ |
| ଅଣୁଭୌତିକ କାହାଣୀ | ଦୀପକ ଷଡ଼ଙ୍ଗୀ | ୧୬୯ |
| କୁମାର ପୂର୍ଣ୍ଣମୀ ରାତି | ଅନସୂୟା ପଣ୍ଡା | ୧୭୨ |
| ପେନ୍ | ଲଳିତ ମୋହନ ମିଶ୍ର | ୧୭୯ |
| ବିଭାଜନର ଚିଠି | କୁନା ସୁନା | ୧୮୭ |
| ଗଧ ଅବତାର | ବିଦ୍ୟାଧର ପଣ୍ଡା | ୧୯୫ |
| କବିତା ବିଭାଗ | | ୧୯୮ |
| ଦେବୀ | ପୁଷ୍ପାଞ୍ଜଳୀ ପଣ୍ଡା | ୧୯୯ |
| ଜୟ ମା ଗୋ କାଳରାତ୍ରୀ | ଜଗବନ୍ଧୁ ସାହୁ | ୨୦୧ |
| ଆସ ମାଁ ଆସ ତୁମେ | ଲକ୍ଷ୍ମୀନାରାୟଣ ପଣ୍ଡା | ୨୦୨ |


ଆହ୍ୱାନ ଇ-ପତ୍ରିକା

| | | |
|---|---|---|
| ତୁମେ ଆମ ମାଆ | ଖୁଲଣା ନାୟକ | ୨୦୩ |
| ଜଗତଜନନୀ | ଗୌରୀ ପଣ୍ଡା | ୨୦୫ |
| ଦୁର୍ଗତିନାଶିନୀ | ଅପର୍ଣ୍ଣା ମିଶ୍ର | ୨୦୭ |
| ଶାରଦୀୟ ସ୍ୱର | ହାସ୍ୟମୟୀ ରାଜ | ୨୦୮ |
| ମହିଷାମର୍ଦ୍ଦିନୀ | ସୁଜାତା ମହାପାତ୍ର | ୨୧୦ |
| ମା ଆସୁଛନ୍ତି | ନିତ୍ୟରଞ୍ଜନ ନନ୍ଦ | ୨୧୨ |
| ପାର୍ବଣର ପୂର୍ବକଥା | ପ୍ରଦୀପ ବନ୍ଧ | ୨୧୩ |
| ଦଶହରା | ସୁପ୍ରିୟା ମିଶ୍ର | ୨୧୫ |
| ଦୁର୍ଗତିନାଶିନୀ ଦେବୀଦୁର୍ଗେ | ସିଦ୍ଧେଶ୍ୱର ତ୍ରିପାଠୀ | ୨୧୭ |
| ଯାଦେବୀ ସର୍ବଭୂତେଷୁ | ବିଶ୍ୱେଶ୍ୱର ମାଝୀ | ୨୧୮ |
| ମହାମାୟା କର ଦୟା | ତୁଷାରକାନ୍ତ ପ୍ରସାଦ | ୨୨୦ |
| ଶାରଦୀୟ ପୂଜା | ସଂଯୁକ୍ତା ସାହୁ | ୨୨୨ |
| ମାତା ସ୍ୱାଗତଂ | ସରୋଜିନୀ ମିଶ୍ର | ୨୨୩ |
| ହେ ମାଆ ଦୁର୍ଗାଦେବୀ | ନୂତନ କୁମାର ବେହେରା | ୨୨୫ |
| ଦୁର୍ଗତିନାଶିନୀ | ଦୁଷ୍ମନ୍ତ କୁମାର ମିଶ୍ର | ୨୨୭ |
| ମାଆ | ଡାକ୍ତର ମାୟାଧର ସାହୁ | ୨୨୮ |
| ଦେବୀ ମାଁ | ପ୍ରେମଶିଳା ରାଉତ | ୨୩୦ |
| ପୂର୍ବାଭାଷ | ମଧୁସୂଦନ ମିଶ୍ର | ୨୩୨ |
| ମାଆ | ସଂଗୀତ ବାରିକ | ୨୩୫ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମହିଷାମର୍ଦ୍ଦିନୀ | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୨୩୬ |
| ସିଂହବାହିନୀ | ହୀରାବତୀ ପାତ୍ର | ୨୩୮ |
| ଆସୁଛନ୍ତି ମା | ସମ୍ବେଦନା ମିଶ୍ର | ୨୪୦ |
| କଳିଯୁଗ ଦୁର୍ଗା | ରୋଜା ପଣ୍ଡା | ୨୪୧ |
| ଦେବୀ | ଲକ୍ଷ୍ମୀପ୍ରିୟା ଓଝା | ୨୪୪ |
| ସ୍ୱାଗତ କରିବା ଆସ | ରବୀନ୍ଦ୍ରନାଥ ମହାରଣା | ୨୪୫ |
| ଜୟ ଦଶଭୂଜା | କାହ୍ନୁଚରଣ ସାହୁ | ୨୪୬ |
| କାଶତଣ୍ଡୀର କୋହ | ଶ୍ରୀବଳରାମ ପୂଜାରୀ | ୨୪୭ |
| ମା ଦୁର୍ଗା | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୪୯ |
| ମା'ର ଆଗମନ | ପବିତ୍ର ଦାସ | ୨୫୧ |
| ବଳି | ସଚ୍ଚିଦାନନ୍ଦ ବାରିକ | ୨୫୨ |
| ଜୀବନର ଉଦ୍ଦେଶ୍ୟ ପାଉନି | ଅନନ୍ୟା ଅନୁଷ୍କା | ୨୫୪ |
| ସଂଘର୍ଷମୟ ଏଇତ ଜୀବନ | ଅଜୟ କୁମାର ବେହେରା | ୨୫୭ |
| ଅସହାୟତା | ସୁନିତା ବାରିକ | ୨୫୮ |
| ପ୍ରକୃତିରାଣୀ | ସୁମିତ୍ରା ପୃଷ୍ଟି | ୨୬୦ |
| ସ୍ୱପ୍ନ | ଆର୍ଯ୍ୟରଶ୍ମୀ ଦଳେଇ | ୨୬୧ |
| ପ୍ରିୟାବିନା ଶ୍ରାବଣ | ସଂଯୁକ୍ତା ମହାପାତ୍ର | ୨୬୨ |
| ବାସ୍ତବ ସ୍ୱପ୍ନ | ପ୍ରବୀଣ କୁମାର ଖାଡ଼ଙ୍ଗା | ୨୬୪ |
| ପୁରୁଣା ପ୍ରଶ୍ନ | ଲିପ୍‌ସା ଆଚାର୍ଯ୍ୟ | ୨୬୫ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପରୀକ୍ଷା | ସତ୍ୟସୁନ୍ଦର ପରିଡ଼ା | ୨୬୬ |
| ବେଳଥାଉ ହୁଏ ସାବଧାନ | ନରେନ୍ଦ୍ର ପ୍ରସାଦ ବେହେରା | ୨୬୮ |
| ଶୂନ୍ୟତାରୁ ପୂର୍ଣ୍ଣତା | ଲକ୍ଷ୍ମୀକାନ୍ତ ମାଝୀ | ୨୭୦ |
| ଆଶା ବାନ୍ଧିଥାଏ ବସା | ନବକୁମାର ଦାସ | ୨୭୨ |
| ବହି | ପ୍ରୀତିରେଖା ପରିଡ଼ା | ୨୭୩ |
| ଲୁହ ଢାଳୁଥାନ୍ତି ନିତି | ପ୍ରଶାନ୍ତ କୁମାର ମିଶ୍ର | ୨୭୪ |
| ଏଇ ହୃଦୟଟି | ଇପ୍ସିତାରାଣୀ ସାହୁ | ୨୭୬ |
| ମଣିଷର ଏଇ ମନ | ନିହାର ରଞ୍ଜନ | ୨୭୭ |
| ସବୁଥାଇ ସିଏ ମାଗୁଛି ଭିକ | ଶିଶିର କୁମାର ପଣ୍ଡା | ୨୭୮ |
| ସ୍ୱୀକାରୋକ୍ତି | କାର୍ତ୍ତିକ ପାଣିଗ୍ରାହୀ | ୨୭୯ |
| ନହୁଅ ନିର୍ଦ୍ଦୟ | ଅନାମ ଚରଣ ସାହୁ | ୨୮୦ |
| ପ୍ରେମର ନାଁ ବର୍ଷା | ରାଧାକୃଷ୍ଣ ଦଳେଇ | ୨୮୧ |
| କିଛି କଥା | ଜଗନ ପାଳ | ୨୮୩ |
| ଜୀବନସାଥୀ | ଛବିରାଣୀ ପତି | ୨୮୫ |
| କାଶତଣ୍ଡୀ | ଜୟନାରାୟଣ ପରିଡ଼ା | ୨୮୬ |
| ଗରିବ | ସସ୍ମିତା ମିଶ୍ର | ୨୮୭ |
| ଇତି | ଚିନ୍ମୟ ବାରିକ | ୨୮୯ |
| ସମାଜରେ ସୁଖ | ଆଶୁତୋଷ ମେହେର | ୨୯୧ |
| ବିଶ୍ୱାସୀ କୁକୁର କଥା | ଧିରେନ୍ଦ୍ର ମଲ୍ଲିକ | ୨୯୨ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଏଇ ମୋର ସେଇ ମନ୍ଦିର | ବୈଦ୍ୟନାଥ ପଣ୍ଡା | ୨୯୪ |
| କପଟିଆ ଜଗନ୍ନାଥ | ପ୍ରଶାନ୍ତ କୁମାର ପଧାନ | ୨୯୫ |
| ସମ୍ପର୍କ | ରଙ୍କନିଧି ସେଠୀ | ୨୯୬ |
| ଅପେକ୍ଷାରେ | ଭାରତୀ ମହାନ୍ତି | ୨୯୮ |
| ଏମିତି କାହିଁକି ହୁଏ | କଣ୍ଟୁରୀ ଚରଣ ରାଉତ | ୩୦୦ |
| ପ୍ରେମ | ଲକ୍ଷ୍ମୀପ୍ରିୟା ଚୌଧୁରୀ | ୩୦୧ |
| କିଏସେ ବୁଝିବ ଦୁଃଖୀର ଦୁଃଖ | କୁମାର ଲୋକେଶ୍ | ୩୦୨ |
| ଜୀବନଟା ଲାଗେ ତୁଚ୍ଛ | ଅକ୍ଷୟ କୁମାର ବେହେରା | ୩୦୩ |
| ପ୍ରେମର ସଂଜ୍ଞା | ଅନିରୁଦ୍ଧ ସାହୁ | ୩୦୪ |
| ନିଷ୍ଠୁର | ସୌମ୍ୟସୁଚରିତା ସେଣ | ୩୦୬ |
| ବାବନା ଭୂତ | ହୃଷିକେଶ ସ୍ୱାଇଁ | ୩୦୮ |
| ତମ ନାଁ ଗାଁ ଆଉ ଠିକଣା | ଶ୍ରଦ୍ଧା ମିଶ୍ର | ୩୦୯ |
| ପଖାଳ | ଭୂପେଶ ମିଶ୍ର | ୩୧୨ |
| ଲୁଚେଇଦେଲି | ଗୋଲକ ବିହାରୀ ଗିରି | ୩୧୩ |
| ସାଥୀ | ଶିବାନୀ ପରିଡ଼ା | ୩୧୫ |
| ତମେ ଓ ମୁଁ | କ୍ଷୀରୋଦିନୀ ବେହେରା | ୩୧୯ |
| ଲିଙ୍ଗିକ ସମାନତା | ହିତେଶ୍ ମହାପାତ୍ର | ୩୨୦ |
| ଆଧାର ମୁଁ ଦେଲି ସମାନ କରି | ଦୁଷ୍ମନ୍ତ କୁମାର ମିଶ୍ର | ୩୨୨ |
| ମୁଁ ଆଉ ତୁମେ | ଚିତ୍ତରଞ୍ଜନ ନାୟକ | ୩୨୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପକ୍ଷୀ (ଚଢ଼େଇ) | ବିଭୁତି | ୩୨୫ |
| ଅକାଳ ବୋଧନ | ନିରୁପମା ନାୟକ | ୩୨୭ |
| ଅନନ୍ୟା ଅଭିମାନିନୀ | ସରୋଜ ନାୟକ | ୩୨୯ |
| ତୁମେ ପାରିବ ତ ? | ରାକେଶ ରଞ୍ଜନ ପଣ୍ଡା | ୩୩୦ |
| ମରତେ ଶରତ | ରୋହିତ ସେଠୀ | ୩୩୨ |
| ଶିଶୁ | ଅବିନାଶ ବେହେରା | ୩୩୫ |
| ହେ ମତାତ୍ମା | ପ୍ରଜ୍ଞା ପରମିତା ମହାପାତ୍ର | ୩୩୬ |
| ବାପୁତୁମେ ମନେ ପଡ଼ | ଜ୍ୟୋତିରଞ୍ଜନ ମହାରଣା | ୩୩୮ |
| ବାପୁ ! କଣେ କଣେ ଯାଅ ସୃଜି | ସେଠୀ କାର୍ତ୍ତିକ ଚନ୍ଦ୍ର | ୩୪୦ |
| ବାପୁଙ୍କୁ ଖୋଲାଚିଠି | ରାଜେନ୍ଦ୍ର ସାମଲ | ୩୪୧ |
| ୧୫୦ତମ ଜୟନ୍ତୀ | ଦଣ୍ଡାସୀ ପ୍ରଧାନ | ୩୪୪ |
| ବାପୁଜୀ | ପିଣ୍ଟୁ ମିଶ୍ର | ୩୪୫ |
| ସପନର ମଧୁରାତି | ଶୟନ ନାୟକ | ୩୪୬ |
| ନିରୁଦ୍ଦିଷ୍ଟ ପ୍ରିୟାପ୍ରତି | ଡଃ ସୁବାସ ମିଶ୍ର | ୩୪୮ |
| କୁମାରୀ ମାତୃତ୍ୱ | ଆର୍ତ୍ତତ୍ରାଣ ଖୁର୍ଣ୍ଡିଆ | ୩୫୦ |
| ସ୍ୱାର୍ଥପର | ଅଙ୍କିତା ପାଢ଼ୀ | ୩୫୨ |
| ନିଜର ହୁଅନ୍ତି ଶତ୍ରୁ | ମହେଶ୍ୱର ସାହୁ | ୩୫୩ |
| ଅର୍ପଣ | ରାମ ପ୍ରସାଦ ସିଂହ | ୩୫୪ |
| ଚୁଲବୁଲି ଝିଅଟିଏ ତୁ | ନାରାୟଣ ସେନାପତି | ୩୫୫ |

Magazine Downloaded from www.aahwaan.com


| | | |
|---|---|---|
| ଅନ୍ଧାର | ଅଜୟ କୁମାର ମହାନ୍ତି | ୩୫୭ |
| ସ୍ୱଚ୍ଛଭାରତ ମୋ ସୁନା ଭାରତ | ସହଦେବ ପ୍ରଧାନ | ୩୫୯ |
| ଅନୁରୋଧ | ସୌମ୍ୟରଞ୍ଜନ ଭୂୟାଁ | ୩୬୧ |
| ଚିଠି | ସୂର୍ଯ୍ୟକାନ୍ତ ବେହେରା | ୩୬୨ |
| ନାଁ ତାର ତନ୍ଦ୍ରା | ଡଃ ଆଲୋକ କୁମାର ରାୟ | ୩୬୪ |
| ପ୍ରେମ | ସାବିତ୍ରୀ ସ୍ୱାଇଁ | ୩୬୫ |
| ବିଦାୟ | ସିଲୁ ପଧାନ | ୩୬୭ |
| ହଜିଛି ଶରତ | ଊର୍ମିଳା ଦାସ | ୩୬୯ |
| ତା'ର କବିତା | ଜୟନ୍ତ କୁମାର ସାହୁ | ୩୭୦ |
| ଆଜି ବି ରେବତୀ କାନ୍ଦୁଛି | ରଶ୍ମିକାନ୍ତ ବାରିକ | ୩୭୧ |
| ଆମ ଗାଁ | ଦୀପାଞ୍ଜଳି ଭଞ୍ଜ | ୩୭୩ |
| ଚନ୍ଦ୍ରଭାଗା | ମନୋରଞ୍ଜନ ମୁଦୁଲି | ୩୭୫ |
| ଶ୍ରାବଣର ଅପେକ୍ଷାରେ | ଦୁଷ୍ମନ୍ତ ଖଟୁଆ | ୩୭୬ |
| ନିରବରେ | ଲଳିତ ମୋହନ ମିଶ୍ର | ୩୭୭ |
| ଭିନ୍ନ ଏକ କବିତାଫୁଲ | ପ୍ରକାଶଚନ୍ଦ୍ର ମୁଦୁଲି | ୩୭୯ |
| ଅଭୁଲା ସ୍ମୃତି | ଶେଷଦେବ ପ୍ରଧାନ | ୩୮୦ |
| ହିସାବ | ବିଜୟ କୁମାର ପଣ୍ଡା | ୩୮୧ |
| ବନ୍ଧୁରେ | ବାବୁଲାଲ ପଲେଇ | ୩୮୨ |
| ମିଛ ଦେବଦାସୀ | ଫାଲଗୁନୀ ଦାସ | ୩୮୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମନରେ ପ୍ରଶ୍ନବାଚୀ | ଶଶାଙ୍କ ଶେଖର ମୁଦୁଲି | ୩୮୫ |
| ଅଳସୀ ଶୀତ | ସୁବାସ ଚନ୍ଦ୍ର ମୁଦୁଲି | ୩୮୭ |
| ନୀରବତା | ରାଜ କିଶୋର ସାହୁ | ୩୮୮ |
| ସକାଳ ଆସିଲେ | ସୁମନ୍ତ କୁମାର ଶତପଥୀ | ୩୯୦ |
| ରାଜଗାଦି ନୁହେଁ ସବୁଦିନ | ସୁଶାନ୍ତ ଗୌଡ଼ | ୩୯୨ |
| ଦ୍ରୌପଦୀ | କୁନା ସୁନା | ୩୯୩ |
| ଏହି ମୋର ଗାଆଁ | ପ୍ରଶାନ୍ତ କୁମାର ନାଥ | ୩୯୬ |
| ମନ ମୋହିନିଏ ! | ଅସୀମା ସାହୁ | ୩୯୮ |
| ଜୀବନ | ସୁଦର୍ଶନ ସାହୁ | ୪୦୦ |
| ସପନ ସନ୍ତକ | ରିଭୁ ଆଭୂଷଣ ପଣ୍ଡା | ୪୦୧ |
| ଶେଷ ଟ୍ରେନ୍ | ସନାତନ ମହାକୁଡ଼ | ୪୦୨ |
| ରଙ୍ଗୀନ ସ୍ୱପ୍ନ | ତପନ ସାହୁ | ୪୦୪ |
| ଜଗାକାଳିଆ | ଶ୍ରୀରାଜଶେଖର ସି ଚିମା | ୪୦୬ |
| ଅବାଞ୍ଛିତ | ବନ୍ଦନା ନାୟକ | ୪୦୮ |
| **ସଂବଲପୁରୀ ବିଭାଗ** | | **୪୧୦** |
| ମାଁ ସିହିନିଗଡ଼ିଏନ୍ | ଶିଶୁପାଲ୍ ସାମ୍ରଥ | ୪୧୧ |
| ସୁଆଧୀନ ଦିନର | ଦେବାଶିଷ ସାଗର | ୪୧୨ |
| ମଏନା | ପ୍ରସନ୍ନ ପ୍ରୟାସ ଭୁଏ | ୪୧୪ |
| ଅଜାମର | ସୁବାସ ଚନ୍ଦ୍ର ଭୁଏ | ୪୧୫ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବାର୍ ମାସର୍ ତେର୍ ତିହାର୍ | ଶିଶୁପାଲ୍ ସାମ୍ରଥ | ୪୧୭ |
| ମୁବାଇଲ୍ ଫୁନ୍ | ବେଦବ୍ୟାସ ମାଝୀ | ୪୧୮ |
| ପଏସାର ଦୁଇଫାଲ୍ | ଶଙ୍ଖସିନ୍ଧୁ ପୁରୋହିତ | ୪୨୦ |
| ଆରୁ କେଭେ ଆସବ ମାଁ | ପ୍ରସନ୍ନ ପ୍ରୟାସ ଭୁଏ | ୪୨୧ |
| ରାବଣ ପୁଡ଼ି | ଦେବାଶିଷ ସାଗର | ୪୨୨ |
| **ପ୍ରବନ୍ଧ ବିଭାଗ** | | **୪୨୪** |
| କାଶ୍ମୀରର ଇତିହାସ | ମନୋଜ କୁମାର ପଣ୍ଡା | ୪୨୫ |
| ରାମାୟଣର କଥା | ନରେନ୍ଦ୍ର ପ୍ରସାଦ ବେହେରା | ୪୨୯ |
| ନବଦୁର୍ଗା | ପଙ୍କଜ କୁମାର ମାହାନା | ୪୩୫ |
| ମା ଆଦ୍ୟାଶକ୍ତିଙ୍କ ଆବାହନ | ସ୍ୱପ୍ନାରାଣୀ ଗୁମାନସିଂହ | ୪୪୦ |
| ଗରୁଡ଼ପୁରାଣ ମହାତ୍ମ୍ୟ | ମହେନ୍ଦ୍ରପ୍ରତାପ ସ୍ୱାଇଁ | ୪୪୮ |
| ଆସ ବାପୁ ପୁଣିଥରେ | ଅଜୟ କୁମାର ବେହେରା | ୪୫୫ |
| ଗାନ୍ଧୀ ଓ ଭାରତ | ନାରାୟଣ ଚନ୍ଦ୍ର ସେନାପତି | ୪୫୮ |
| ଶୁଆ ଶବ୍ଦ ଖୋଜୁଛି | ଶୁଆର ମଣିଷ ସାଙ୍ଗମାନେ | ୪୬୧ |
| ବିଶେଷ ସୂଚନା | | ୪୬୪ |


**ଆହ୍ୱାନ ଇ-ପତ୍ରିକାର ଆଗାମୀ (ନଭେମ୍ବର ୨୦୧୯) ସଂସ୍କରଣ ନିମନ୍ତେ ଲେଖା ଗ୍ରହଣର ଶେଷ ତାରିଖ : ୩ ନଭେମ୍ବର**

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ବିଶେଷ ଶାରଦୀୟ ସଂସ୍କରଣ ଉପଲକ୍ଷେ ଆମର ସମସ୍ତ ପାଠକ ପାଠିକା, ଲେଖକ ଲେଖିକା, ଉପଦେଷ୍ଟା ଏବଂ ଶୁଭାକାଂକ୍ଷୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ବର୍ଷର ଏକ ପବିତ୍ର ଓ ଉତ୍ସବମୟ ସମୟରେ ଆହ୍ୱାନର ଏହି ବିଶେଷ ସଂସ୍କରଣ ଆପଣମାନଙ୍କୁ ଆମୋଦିତ କରିବ ବୋଲି ଆଶା । ଆପଣ ମାନଙ୍କ ଶୁଭେଚ୍ଛା ଏହି ଇ-ପତ୍ରିକାର ପ୍ରକାଶନର ମୁଖ୍ୟ ପ୍ରୋତ୍ସାହନ । ଦେଶ ଦୁନିଆରେ ହୋଇଥିବା ଅନେକ ଘଟଣା ଓ ଦୁର୍ଘଟଣାର ଲେଖାଯୋଖା ଚଳିତ ସଂସ୍କରଣର ସଂପାଦକୀୟରେ ଉଲ୍ଲେଖ କରୁନାହିଁ, ଏହାର କାରଣ ହେଉଛି ମୋର କାର୍ଯ୍ୟବ୍ୟସ୍ତତା ଭିତରେ ଚଳିତ ସଂସ୍କରଣର ପ୍ରକାଶନ । ବର୍ତ୍ତମାନ ସୁଦୂର ବିଶାଖାପାଟଣାରେ ଏକ ହୋଟେଲ୍ ରୁମରେ ବସି ମଧ୍ୟରାତ୍ରୀର ଏହି ପ୍ରହରରେ ଏହି ପ୍ରକାଶନ ପାଇଁ କାର୍ଯ୍ୟ କରୁଥିବା ବେଳେ ଆଶା କରୁଛି ଯେ ଆପଣମାନେ ଏହି ଦଶହରା ଛୁଟି ମଧ୍ୟରେ ହିଁ ଏହି ପତ୍ରିକାକୁ ପଢ଼ିବାକୁ ପାଇବେ ଏବଂ ଆହ୍ୱାନ ସହ ଆପଣଙ୍କ ସଂପର୍କ ଆଗଭଳି ସୁଦୃଢ଼ ରହିବ ।

ଆଜି ଏହି ମୁହୂର୍ତ୍ତରେ ଓଡ଼ିଆ ସାହିତ୍ୟର ପ୍ରଥମ ଏବଂ ଏକମାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାସିକ ସାହିତ୍ୟ ଇ-ପତ୍ରିକାର ପ୍ରକାଶନ ବେଳାରେ ମନରେ ଅନେକ ପ୍ରଶ୍ନ ଉଠୁଛି । ସାହିତ୍ୟକୁ ଲୋକାଭିମୁଖୀ କରିବା ପାଇଁ ଅନେକ ସଂଗଠନ ଆଗେଇ ଆସୁଛନ୍ତି ଏବଂ ସେମାନେ ନିଜ ନିଜର ପତ୍ରପତ୍ରିକା ମାନଙ୍କ ଦ୍ୱାରା ନୂତନ ଲେଖକ ମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । କିଛି ପତ୍ରପତ୍ରିକା ଏଥିପାଇଁ ଅଭିନବ ଉପାୟମାନ ଚିନ୍ତା କରୁଛନ୍ତି ମାସିକ, ପାକ୍ଷିକ ଏବଂ ସାପ୍ତାହିକ ସ୍ୱର୍ଦ୍ଧାମାନ ଆୟୋଜନ କରି ଲେଖକ ମାନଙ୍କୁ ଅଧିକରୁ ଅଧିକ ଉତ୍ସାହିତ ହୋଇ ଲେଖିବା ପାଇଁ ସୁଯୋଗ ଦେଉଛନ୍ତି । ସେହି ସବୁ ସଂଗଠନ ଏବଂ ଗୋଷ୍ଠୀଙ୍କୁ ମୁଁ ଧନ୍ୟବାଦ ଦେଉଛି । ଆସନ୍ତୁ ଆମେ ବିଭିନ୍ନ ଉପାୟରେ ଆମ ସାହିତ୍ୟର ଉନ୍ନତି ହେତୁ କାମ କରିବା ଏବଂ ଆମ ଭାଷା ଓ ସାହିତ୍ୟର ଜୟଯାତ୍ରାରେ ସହଭାଗୀ ହେବା ।

ଆଶା କରୁଛି ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଆପଣ ମାନଙ୍କୁ ଆନନ୍ଦ ଦେବା ସହ ଓଡ଼ିଆରେ ଲେଖିବା ପାଇଁ ଉତ୍ସାହିତ କରିବ । ଅନେକ ଲେଖକଲେଖିକାଙ୍କ ଲେଖା ପ୍ରକାଶିତ ହୋଇପାରୁନାହିଁ, ସେଥିପାଇଁ ମୁଁ ଦୁଃଖୀତ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ସିଂହ ସାମ୍ରାଜ୍ୟର ନିୟମ ଓ ରାଜ୍ୟ ପରିଚାଳନା

## ସିଂହ ସାମ୍ରାଜ୍ୟର ଆକାର-

ଆଜି ସିଂହମାନେ ଗିର୍ ଅଭୟାରଣ୍ୟ ବାହରକୁ ବାହରି ଆସୁଛନ୍ତି ଆଉ ତଟବର୍ତ୍ତୀ ଅଂଚଳ, ରାଜୁଲା, ଜାଫ୍ରବାଦ ଏମିତିକି ଭାବନଗର ଜିଲ୍ଲାର ଜଙ୍ଗଲକୁ ବ୍ୟପ୍ତ ହୋଇଯାଇଛନ୍ତି । ଆଗରୁ ଦିନମାନଙ୍କରେ ୧୯୦୦ ଶତାବ୍ଦୀ ଶେଷ ଆଡକୁ ସିଂହମାନେ ଖାଲି ଗିର୍ ଜଙ୍ଗଲ ମଧ୍ୟରେ ସୀମିତ ଥିଲେ । ଆଉ ସେଇଠି ରହୁଥିଲେ ଖାଲି ମାଲ୍‌ଧାରୀ ମାନେ । କିନ୍ତୁ ଆଜି ଦିନ ବଦଳି ଯାଇଛି । ସିଂହମାନଙ୍କୁ ଶୀକାର ନକରିବା ହେତୁ ଅନେକ ସ୍ଥାନରେ ସେମାନେ ବ୍ୟାପ୍ତ ହୋଇ ଯାଇଛନ୍ତି ।

ସିଂହମାନେ ଆଜି ନିଜର ବିଗତ ୧୪ଶହ ବର୍ଗ କିଲୋମିଟର ଅଂଚଳରୁ ଖୁବ୍ ବିସ୍ତୃତ ୨୨ହଜାର ବର୍ଗକିଲୋମିଟର ଅଂଚଳକୁ ବ୍ୟାପ୍ତ ହୋଇଯାଇଛନ୍ତି । ଆଉ ସମୁଦ୍ର ତଟବର୍ତୀ ଅଂଚଳ ଯଥା, ରାଜୁଲା, ଜାଫ୍ରାବାଦ, ସହର ପର୍ଯ୍ୟନ୍ତ ଚାଲିଯାଇଛନ୍ତି । ରାଜୁଲା ଓ ଜାଫ୍ରାବାଦ ଗୀର୍ ଜଙ୍ଗଲରୁ ପ୍ରାୟ ୩୦ କିଲୋମିଟର ଦୂର । ସେଠି ମଧ୍ୟ ସିଂହ ଦେଖାଯାଇଛନ୍ତି ।

ସୌରାଷ୍ଟ୍ର ସିଂହମାନଙ୍କ ଭିତରେ ଦେଖାଯାଇଛି ସମୁଦ୍ର କୂଳରେ । ସମୁଦ୍ର ତଟବର୍ତ୍ତୀ ସ୍ଥାନରେ ରହୁଥିବା ସିଂହମାନଙ୍କର ବର୍ଣ୍ଣ ସାମାନ୍ୟ ଫିକା ଆଉ ଜଙ୍ଗଲରେ ରହୁଥିବା ସିଂହମାନେ ଯାହାକି ତଟରୁ ଅନେକ ଦୂରରେ ଅବସ୍ଥିତ ଅନେକ ଗାଢ଼ା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସିଂହ ଅନେକ ପଶୁ ଶିକାର କରେ । କିନ୍ତୁ ଏବେ ନୀଳଗାଇକୁ ସିଂହ ବହୁତ ପସନ୍ଦ କରୁଛି । ନୀଳଗାଇମାନେ ସାରା ସୌରାଷ୍ଟ୍ରରେ ବ୍ୟପ୍ତ ହୋଇରହିଛନ୍ତି । ଆଉ ସେମାନଙ୍କର ସଂଖ୍ୟା ଆଶାତୀତ ଭାବରେ ବଢ଼ି ଚାଲିଛି । ନୀଳଗାଇ ଖୋଲା ଘାସ ଜଙ୍ଗଲକୁ ପସନ୍ଦ କରେ । ଏହା ଆଜିକାଲି ତଟବର୍ତ୍ତୀ ଅଞ୍ଚଳ ପ୍ରଚୁର ପରିମାଣରେ ଦେଖାଯାଆନ୍ତି । ତେଣୁ ସିଂହ ଏ ଅଂଚଳକୁ ନୀଳଗାଇ ଶିକାର ପାଇଁ ଆସି ଯାଇଅଛି ।

## ଶିକାର ପଦ୍ଧତି-

କେତେ ଶିକାର ମନେ ରହିଯାଏ । ବହୁତ ଶିକାର ସବୁ ଭଳିଆ ପୁରୁଣା ହୋଇଥାଏ । କିନ୍ତୁ କିଛି ମନେ ରହିଯାଏ ।

ସଂନ୍ଧ୍ୟା ସମୟ । ସେମାନଙ୍କ ପାଇଁ ଶିକାର ସମୟ । ସିଂହଦଳ ପାଣି ପାଖରେ ପ୍ରତୀକ୍ଷା କରିଥାନ୍ତି । ଗରମ ଦିନ । ପାଣିର ଉତ୍ସ ସବୁ ଶୁଖି ଆସୁଥାଏ । ସିଂହମାନେ ଏକଥା ଭଲ କରି ଜାଣନ୍ତି । ପାଣିର ଆବଶ୍ୟକତା ପାଇଁ ଘାସ ଚରୁଥିବା ପଶୁମାନେ ଯେମିତି ହେଲେ ଆସିବେ । ତେଣୁ ସେମାନେ ପାଣି ପାଖରେ ଅପେକ୍ଷା କରି ରୁହନ୍ତି ।

ଏକ ଲମ୍ବା ପ୍ରତୀକ୍ଷା ପରେ ଦଳେ ହରିଣ ଆସିଲେ । ଏଣେ ସିଂହମାନେ ଛପିକରି ଥାଆନ୍ତି । ସେହି ହରିଣ ଦଳରେ ଅନୁଭୂତି ଥିବା ହରିଣମାନେ ରହିଥାନ୍ତି । ସେମାନେ ଭଲକରି ଜାଣନ୍ତି ପାଣି ପାଖରେ ବିପଦ ଲୁଚକରି ଅଛି । ତେଣୁ ସେହି ହରିଣମାନେ ହଠାତ୍ ପାଣି ପିଅନ୍ତି ନାହିଁ । କିଛି ସମୟ ପାଇଁ ଅତି ସାବଧାନ ହୋଇ ରୁହନ୍ତି । ସେମାନେ ସିଂହ ଠାରୁ ଅନେକ ଜଲ୍‌ଦି ଧାଇଁ ପାରନ୍ତି । କିନ୍ତୁ ବର୍ତ୍ତମାନ ଗ୍ରୀଷ୍ମର ପ୍ରବାହ । ସେମାନଙ୍କୁ ଯେମିତି ହେଲେ ପାଣି ପିଇବାକୁ ପଡିବ । ଏପଟେ ଚାରୋଟି ସିଂହୀ ସାବଧାନର ସହ ଲୁଚି ବସିଥାନ୍ତି । ହରିଣ ଦଳ ଆସି ସାବଧାନ ହୋଇ ଠିଆ ହୋଇଥାନ୍ତି । କିନ୍ତୁ କଣ କରାଯିବ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିପଦ ଥିଲେ ମଧ୍ୟ ପାଣି ପିଇବାକୁ ପଡ଼ିବ । ଗୋଟିଏ ପୁରୁଷ ହରିଣ ଆଗେଇ ଆସିଲା । ବାହାରେ କିଛି ବିପଦର ଲକ୍ଷଣ ଦେଖାଯାଉନାହିଁ । ଟିକିଏ ଆଶ୍ୱସ୍ତ ହେଲା । ପାଣି ପିଇବା ପାଇଁ ସେ ଏକଦମ୍ ପାଖରେ ଥାଏ । ଖୁବ୍ ସହଜରେ ହରିଣଟି ପାଣି ପାଖକୁ ଆଗେଇ ଗଲା । ସେ କିନ୍ତୁ ଜାଣି ନଥିଲା ଯେ ତାକୁ ଆକ୍ରମଣ କରିବା ପାଇଁ ସିଂହୀମାନେ ସବୁ ଦିଗରେ ଛପି ରହିଛନ୍ତି । ସେ ନିଜର ମୁଣ୍ଡକୁ ନୁଆଁଇ ଦେଲା । ଏଇ ପାଣି ପିଇବ । ପାଖରେ ଥିବା ସିହୀଂଟି ତାକୁ ଆକ୍ରମଣ କଲା । ଦଳର ଅନ୍ୟ ହରିଣମାନେ ଦୌଡି ପଳାଇ ଗଲେ । ଏ ହରିଣ ମଧ୍ୟ ଦୌଡି ପଳାଇବାକୁ ଚେଷ୍ଟା କରୁଥିଲା । କିନ୍ତୁ ଆଉ ସିଂହୀମାନେ ପ୍ରସ୍ତୁତ ଥିଲେ । ସେମାନେ ସହଜରେ ଏ ହରିଣକୁ ଧରିନେଲେ ।

ହରିଣର ମୃତ୍ୟୁର ଡାକ ସମସ୍ତେ ଶୁଣିଲେ । ଦଳର ସିଂହୀମାନେ ଆଉ ଅନ୍ୟ ସଦସ୍ୟମାନେ ପାଖକୁ ଆସିଲେ । ରାତ୍ରୀର ଭୋଜନ ପ୍ରସ୍ତୁତ । ସିଂହମାନେ ଖୁବ୍ ସାବଧାନର ସହିତ ଆକଳନ କରି ଶୀକାର କରନ୍ତି । ଦଳଗତ ଶିକାର ହେତୁ ଖୁବ୍ ସହଜରେ ସେମାନେ ଶିକାର କରିପାରନ୍ତି ।

ଏ ମଧ୍ୟରେ ଅନେକ ଅନୁଭୂତି ମଧ୍ୟ ଦେଇ ଦୁଇ ଭାଇ ଗତି କରିଛନ୍ତି । ତାଙ୍କର ଦଳ ସେଇ ଆଗ ଭଳି ଶିକାର କରୁଥିଲା । ସିଂହମାନେ ସାଧାରଣତଃ ଦିନସାରା ଶୋଇ ରୁହନ୍ତି ଏବଂ ସାଧାରଣତଃ ସନ୍ଧ୍ୟାବେଳେ ବା ରାତ୍ରୀର ପ୍ରଥମ ଦ୍ୱିତୀୟ ପ୍ରହରରେ ଶିକାର କରିବା ଆରମ୍ଭ କରନ୍ତି । ସଂନ୍ଧ୍ୟାରେ ଶିକାର ଏମାନଙ୍କ ପାଇଁ ସହଜ ହୋଇଥାଏ । ରାତିରେ ସିଂହର ଦୃଷ୍ଟିଶକ୍ତି ପ୍ରଖର ଥାଏ । ଏଇ ସିଂହୀମାନେ ବା ସିଂହମାନେ ସାଧାରଣତଃ ଚନ୍ଦ୍ର ରାତିରେ ପୂର୍ଣ୍ଣ ଜହ୍ନ ରାତିରେ ଶିକାର କରନ୍ତି ନାହିଁ । ଖୁବ୍ ସହଜରେ ଏମାନଙ୍କୁ ଦେଖିହେବ ଶିକାରମାନେ ଦେଖିପରିବେ ତା ଛଡ଼ା ପୂର୍ଣ୍ଣିମା ରାତ୍ରିରେ ଏମାନେ ଚନ୍ଦ୍ରର ଶୀତଳ ଆଲୋକକୁ ଉପଭୋଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରନ୍ତି ।

ଶିକାରର ମୁଖ୍ୟ ଭୂମିକା ସିଂହୀମାନେ ନେଇଥାନ୍ତି । ଛୁଆମାନେ ଦୂରରୁ ରହି ଶିକାରକୁ ଲକ୍ଷ୍ୟ ରଖନ୍ତି, କେମିତି ଶିକାର ହେଉଛି ଦେଖନ୍ତି କିନ୍ତୁ କେବେବି ଶିକାରରେ ଭାଗ ନିଅନ୍ତି ନାହିଁ । ସିଂହ ଖାଇବା ବେଳେ ପେଟେଇ ତା ଶିକାରକୁ ଖାଇନିଏ । ବେଳେବେଳେ ଶିକାରକୁ ଛାଇକୁ ଟାଣିନେଇ ଶାନ୍ତିରେ ଖାଏ । ଶିକାରରେ ସିଂହ ସାଧାରଣତଃ ଭାଗ ନେଇ ନଥାଏ । ତାର ମୁଖ୍ୟ କାରଣ ହେଉଛି ସିଂହର ଆକାର ବଡ ଆଉ ସହଜରେ ସିଂହକୁ ଶିକାରମାନେ ଦେଖିଦେଇ ପାରନ୍ତି । କିନ୍ତୁ ଶିକାର ପରେ ଖାଦ୍ୟରେ ପ୍ରଥମ ଭାଗ ସିଂହର ରହିଥାଏ । ସିଂହ ବା ସିଂହୀ ଖୁବ୍ ଜୋରରେ ଦୌଡି ପାରନ୍ତି ନାହିଁ । ଶିକାରକୁ ପାଖକୁ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ।

ଶିକାର କରିବା ପାଇଁ ଅନେକ ଦୂରରୁ ଗୋଟିଏ ବା ଦୁଇଟି ସିଂହୀ ଶିକାର ଆଗରେ ଚୁପ୍ ଚାପ୍ ଆଗେଇ ଆସନ୍ତି । ଅନ୍ୟ ସିଂହୀ ଓ ଅଳ୍ପ ବୟସ୍କ ତରୁଣମାନେ ଏପଟ ସେପଟ ଖେଳେଇ ହୋଇ ଯାଆନ୍ତି ଯେମିତିକି ଶିକାରର ଚାରିପଟୁ ଘେରିପାରିବେ । ପଳାଇବାର ସବୁରାସ୍ତା ଏମାନେ ବନ୍ଦକରି ରଖନ୍ତି । ସିଂହମାନେ ଶିକାରକୁ ଖୁବ୍ ଭଲ ଭାବରେ ତଉଲେଇ ନିଅନ୍ତି । ଦୂରତା, ଶିକାରର ଆକାର, ଲିଙ୍ଗ, ପବନର ଦିଗ ଇତ୍ୟାଦି ଖୁବ୍ ଭଲ ଭାବରେ ତଉଲେଇ ଥାଆନ୍ତି । ତା ପରେ ଖୁବ୍ ସାବଧାନର ସହିତ ଶିକାର ଆଡକୁ ଯାଆନ୍ତି । ଶିକାରକୁ ଠିକ୍ ଭାବରେ ଧରିବାକୁ ଚେଷ୍ଟା କରନ୍ତି । ପ୍ରତି ଆକ୍ରମଣର ନେତୃତ୍ୱମୁଖ୍ୟ ସିଂହୀ ପ୍ରାୟ ନେଇଥାଏ । ଅତି ଧିର ଗତିବା ସୁପର୍ ସ୍ଲୋ ମୋସନରେ ସିଂହୀଟିଏ ଆଗକୁ ଯାଏ, ଦଳର ଅନ୍ୟ ସିଂହୀମାନେ ଦୂରରୁ ଲକ୍ଷ୍ୟ କରି ରୁହନ୍ତି । ଯେତେବେଳେ ଶିକାରି ଶିକାରର ପରିଧି ଭିତରକୁ ଆସିଯାଏ, ପ୍ରଥମେ ଆକ୍ରମଣ କରୁଥିବା ସିଂହୀ ହଠାତ୍ ଉଛୁଳି ଆକ୍ରମଣ

Magazine Downloaded from www.aahwaan.com

କରିବାକୁ ଚେଷ୍ଟା କରେ । ଦଳର ଅନ୍ୟ ସଦସ୍ୟମାନେ ଶିକାରକୁ ମଝି ଆଡକୁ ତଡି ଆଣନ୍ତି । ଦଳର ଅନ୍ୟ ଅଂଶୀଦାରମାନେ ଅପେକ୍ଷା କରି ରୁହନ୍ତି କେତେବେଳେ ଶିକାରକୁ ତଳେ ପକାଇ ଦେବେ ।

ସିଂହମାନେ ସାଧାରଣତଃ ଶିକାର ପଶୁଦଳର ଛୋଟ ବା ଅଳ୍ପ ବୟସ୍କମାନଙ୍କୁ ଶିକାର କରନ୍ତି ନାହିଁ । ସେମାନେ ସାଧାରଣତଃ ବଡ଼ ଶିକାର କରିଥାନ୍ତି । ମୁଖ୍ୟ କାରଣ ହେଉଛି ଛୋଟ ଶିକାର ହେବାଯୋଗ୍ୟ ପଶୁଗୁଡା ଧିରେ ବଢନ୍ତୁ । ସେମାନଙ୍କ ଶରୀରୁ ଏବେ ପର୍ଯ୍ୟାପ୍ତ ମାଂସ ମିଳିବେନି । ଭବିଷ୍ୟତ ପାଇଁ ସେମାନେ ଖାଦ୍ୟର ଭଣ୍ଡାର ହୋଇ ରହିବେ । ସିଂହମାନେ ନିଜେ ଶିକାର କରିଥିବା ଜନ୍ତୁକୁ ଖାଇବାକୁ ପସନ୍ଦ କରନ୍ତି । ତା ଛଡା ବେଳେ ବେଳେ ଅନ୍ୟ ଶିକାରୀ ପଶୁ ଯଥା କଲରାପତରିଆ ବାଘର ମୁହଁରୁ ମଧ୍ୟ ଶିକାର ଛଡାଇ ନିଅନ୍ତି । ସମୟ ସମୟରେ ସିଂହ ବୁଢା ହୋଇଗଲେ ସହଜରେ ଶିକାର କରିପାରେ ନାହିଁ । ତେଣୁ ଏମିତି ମଲା ଜୀବକୁ  ମଧ୍ୟ ଖାଇଥାଏ । ସିଂହ ଦଳର ଏକ ସାମାଜିକ ବ୍ୟବସ୍ଥା ଅଛି । ଯଦି ଦଳର କୌଣସି ସଦସ୍ୟ ଆଘାତ ପ୍ରାପ୍ତ ହୁଏ ବା ରୋଗଗ୍ରସ୍ତ ହୁଏ ତେବେ ମଧ୍ୟ ଶିକାର କରାଯାଇଥିବା ଜନ୍ତୁର କିଛି ଅଂଶ ତାକୁ ଖାଇବାକୁ ଦିଆଯାଇଥାଏ । ଯାହା ଦ୍ୱାରା ସେ ଖୁବ୍ ଜଲ୍‌ଦି ସୁସ୍ଥ ହୋଇପାରିବ ।

ସିଂହମାନେ ପ୍ରାୟ ଦୁଇ ଚାରିଦିନରେ ଥରେ ଶିକାର କରିଥାନ୍ତି । ଶିକାରର ଅଭାବରେ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ସେମାନେ କିଛି ନ ଖାଇ ରହିପାରନ୍ତି । ପ୍ରତିଥର ଗୋଟିଏ ସିଂହ ପାଖାପାଖି ୫ରୁ ୭କିଲୋ ମାଂସ ଖାଏ । ଯଦି ପ୍ରଚୁର ଖାଇବାକୁ ଅଛି ତା ହେଲେ ନିଜ ଓଜନର ୨୦ରୁ ୩୦ ପ୍ରତିଶତ ଥରକରେ ଖାଇନେଇ ପାରେ ।

ଏସିଆ ସିଂହ ସାଧାରଣତଃ ଲୁଚି ଛପି ଶିକାର କରେ । ଏମାନଙ୍କ ପାଖରେ ଶିକାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଛରେ ଅନେକ ଦୂର ଦୌଡି ତାକୁ ଶିକାର କରିବାର ସାମର୍ଥ୍ୟ ନାହିଁ । ଏସିଆଟିକ୍ ସିଂହର ରହୁଥିବା ବାସସ୍ଥାନରେ ମୁଖ୍ୟତଃ କଂଟା ଜଙ୍ଗଲ ଆଉ ଶାଗୁଆନ ଜଙ୍ଗଲ ଅଛି । ପତ୍ରଝଡା ଦେଉଥିବା ଜଙ୍ଗଲ ତାହା ଛଡା କଂଟାଥିବା ଜଙ୍ଗଲରେ କିଛି କିଛି ଘାସୁଆ ଚରାଭୂଇଁ ଥାଏ । ସେହି ଚାରଣ ଭୂମିକୁ ହରିଣ, ନୀଳ ଗାଇ, ସମ୍ବର ଆଉ ବାରହା ପସନ୍ଦ କରନ୍ତି । ତେଣୁ ସିଂହର ମୁଖ୍ୟ ଶିକାର ହେଉଛି ହରିଣ, ନୀଳ ଗାଇ, ସମ୍ବର ଆଉ ବାରହା । ଗିର ଜଙ୍ଗଲ ଭିତରେ ମାଲଧାରୀମାନେ ରହୁଛନ୍ତି । ବେଳେ ବେଳେ ଏମାନେ ମାଲ୍‌ଧାରୀ ବା ଜଙ୍ଗଲର ଧାରରେ ରହୁଥିବା ଲୋକମାନଙ୍କର ପାଳିତ ପଶୁମାନଙ୍କୁ ଶିକାର କରିଥାନ୍ତି । କିନ୍ତୁ ପାଳିତ ପଶୁ ସିଂହମାନଙ୍କର ମୁଖ୍ୟ ଭୋଜନ ନୁହେଁ ।

ଲକ୍ଷ୍ୟ କରାଯାଇଛି ଗୋଟିଏ ସିଂହ ବର୍ଷକୁ ପ୍ରାୟେ ୨୦ଟି ଜୀବ ନିଜର କ୍ଷୁଧା ପାଇଁ ମାରିଥାଏ । ଏହାଛଡା ଅଯଥାରେ ସେମାନେ ଶିକାର କରନ୍ତି ନାହିଁ । ସିଂହମାନେ ଯେତେବେଳେ ଭୋକିଲା ଥାଆନ୍ତି ସେତେବେଳେ ଶିକାର କରନ୍ତି ।

## ଶିକାର ସମୟ

ସେମାନଙ୍କ ଦଳ ଶିକାରର ଅନେକ କଥା ଶିଖି ଗଲାଣି । ସବୁଠୁ ବଡ କଥା ହେଉଛି ଶିକାରର ବ୍ୟବହାର ବିଷୟରେ ଜାଣିବା । ତେବେ ଯାଇ ଶିକାରକୁ ସହଜରେ ଧରିହେବ ।

ରାତ୍ରିଚର ଜୀବମାନଙ୍କର ଦେଖିବାର ଶକ୍ତି ଅନ୍ଧାରରେ ଖୁବ୍ ପ୍ରଖର । ମଣିଷ ଅପେକ୍ଷା ସେମାନେ ପ୍ରାୟ ୫ ଗୁଣ ଭଲ ଭାବରେ ରାତିରେ ଦେଖିପାରନ୍ତି । ଅନ୍ୟପକ୍ଷରେ ତୃଣଭୋଜି ପ୍ରାଣୀ ଯଥା ନୀଳ ଗାଇ ଏକ ଦିବାଚର ପ୍ରାଣୀ । ଏହାର ଦୃଷ୍ଟିଶକ୍ତି ଦିନରେ ଖୁବ୍ ପ୍ରଖର । କିନ୍ତୁ ରାତିରେ ଏ ତୃଣଭୋଜି ପ୍ରାଣୀମାନଙ୍କର ଦୃଷ୍ଟି ଶକ୍ତି ଅନ୍ୟ ରାତ୍ରୀଚର ଶିକାରୀ ପ୍ରାଣୀମାନଙ୍କ ଭଳି ଏତେ ପ୍ରଖର ହୋଇନଥାଏ । ରାତିରେ ସିଂହମାନେ ଶିକାର କରିବା


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆରମ୍ଭ କରନ୍ତି, ଆଉ ନୀଳଗାଇମାନେ ବା ଅନ୍ୟ ତୃଣଭୋଜି ପ୍ରାଣୀମାନେ ଖୁବ୍ ସାବଧାନତା ଗ୍ରହଣ କରନ୍ତି ।

ତୃଣଭୋଜି ପ୍ରାଣୀମାନଙ୍କର ରାତିରେ ଦେଖିବାର ଶକ୍ତି ତ ବହୁତ କମ୍ କିନ୍ତୁ ତାଙ୍କର ଘ୍ରାଣ ଶକ୍ତି ଜୀବନ ବଂଚାଇବାରେ ଅନେକ ସାହାଯ୍ୟ କରେ । ଘ୍ରାଣ ଶକ୍ତି ଦ୍ୱାରା ପାଖେଇ ଆସୁଥିବା ମାଂସାହାରୀ ପ୍ରାଣୀଙ୍କର ଗନ୍ଧ ସେମାନେ ଜାଣିପାରନ୍ତି । ତେଣୁ ସବୁବେଳେ ପବନ ଆସୁଥିବା ଆଡକୁ ମୁହଁକରି ଠିଆ ହୋଇଥାନ୍ତି ଆଉ ପବନକୁ ବାରମ୍ବାର ଶୁଘୁଂଥାନ୍ତି । ତୃଣଭୋଜି ପ୍ରାଣୀମାନଙ୍କର ଏହି ଗୁଣ ସିଂହକୁ ଉପଯୁକ୍ତ ଭାବରେ ଜଣା । ତେଣୁ ସିଂହ ତୃଣଭୋଜି ପ୍ରାଣୀମାନଙ୍କୁ ଶିକାର କରିବା ଆଗରୁ ନିର୍ଦ୍ଧିଷ୍ଟ କରେ ଯେମିତିକି ତାର ଗନ୍ଧ ଯେମିତି ତୃଣଭୋଜି ପ୍ରାଣୀମାନଙ୍କ ପାଖରେ ପହଁଚି ନପାରେ । ତେଣୁ ସବୁବେଳେ ପବନର ବିପରୀତ ଦିଗରୁ ଅର୍ଥାତ୍ ଯେଉଁ ଦିଗରୁ ତୃଣଭୋଜି ପ୍ରାଣୀମାନଙ୍କର ପବନ ତା ଆଡକୁ ଆସେ ସେହି ଦିଗରୁ ଆକ୍ରମଣ କରିବାକୁ ଚେଷ୍ଟା କରେ । ତୃଣଭୋଜି ପ୍ରାଣୀମାନେ ଯେପର୍ଯ୍ୟନ୍ତ ଦଳବାନ୍ଧି ଥାନ୍ତି ସେ ପର୍ଯ୍ୟନ୍ତ ସେମାନଙ୍କର ବଂଚିବାର ଆଶା ଅଧିକ ଥାଏ । କିନ୍ତୁ ଦଳ ଛାଡି ଏପଟ ସେପଟ ହୋଇଗଲେ ବଂଚିବାର ଆଶା ବହୁତ କମିଯାଏ । ଦଳବାନ୍ଧି ରହିବା ସମୟରେ ଦଳର ସବୁ ଆଖି, ସବୁ କାନ ସବୁ ଦିଗକୁ ନିଜର ଦେଇଥାଏ । ଏହା ସେମାନଙ୍କୁ ବଂଚିବାର ସାହାଯ୍ୟ କରେ । ଯଦି ଦଳର କିଛି ପ୍ରାଣୀ ବିପଦର ଆଶଙ୍କା ଦେଖନ୍ତି ତାହାହେଲେ ସେମାନେ ଦଳକୁ ବିଭିନ୍ନ ଇଙ୍ଗିତ ବା ଡାକିବା ଦ୍ୱାରା ଜଣାଇ ଦିଅନ୍ତି ।

ତୃଣଭୋଜି ପ୍ରାଣୀମାନେ ଏମିତି ମଧ୍ୟ ତୃଷା ନିବାରଣ ପାଇଁ କେଉଁ ଜଳସ୍ରୋତ ପାଖକୁ ଗଲେ ଏକାଥରେ ସମସ୍ତେ ଜଳପାନ କରନ୍ତି ନାହିଁ । କିଛି ଜଳପାନ କରନ୍ତି ଆଉ କିଛି ସବୁ ଦିଗକୁ ନିଘା ରଖିଥାନ୍ତି । ସେମାନଙ୍କର ବିପଦରୁ ରକ୍ଷା ପାଇବା ପାଇଁ ଆଉ ଏକ ଉପାୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଉଛି ଛୋଟ ଛୋଟ ଜୀବ ଶିଶୁଙ୍କୁ ମଝିରେ ରଖନ୍ତି । ଆଉ ସେମାନଙ୍କୁ ବୃତ୍ତାକାରରେ ଘେରି ଠିଆ ହୁଅନ୍ତି । ଏହାଦ୍ୱାରା ସବୁଦିଗରୁ ଆସୁଥିବା ବିପଦକୁ ସେମାନେ ଜାଣି ପାରନ୍ତି । ତେଣୁ ଏହି ତୃଣଭୋଜି ପ୍ରାଣୀମାନଙ୍କୁ ଶିକାର କରିବା ପାଇଁ ସିଂହ ପାଖରେ ଆହୁରି ମଧ୍ୟ ଉପାୟଥାଏ । ଯେହେତୁ ସିଂହମାନେ ଏକାକୀ ପ୍ରାୟ ଶିକାର କରନ୍ତି ନାହିଁ, ସମସ୍ତେ ଅଲଗା ଅଲଗା ଯାଗାରେ ଛକି ରହିଥାନ୍ତି । ଗୋଟିଏ ସିଂହୀ ଆକ୍ରମଣ କରିବାକୁ ଆଗେଇ ଆସେ । ତା ଫଳରେ ତୃଣଭୋଜି ପ୍ରାଣୀମାନେ ଛତ୍ରଭଙ୍ଗ ଦେଇ ବିଭିନ୍ନ ଦିଗରେ ଦୌଡିବାକୁ ଆରମ୍ଭ କରନ୍ତି । ଛକି ରହିଥିବା ସିଂହୀମାନେ ସେହି ସମୟରେ ଉପଯୁକ୍ତ ତୃଣଭୋଜି ପ୍ରାଣୀକୁ ଶିକାର କରି ନିଅନ୍ତି ।

ଜଳପାନ କରିବା ସମସ୍ତଙ୍କ ପାଇଁ ଜରୁରୀ । ତେଣୁ ମୁଖ୍ୟତଃ ଗ୍ରୀଷ୍ମକାଳରେ ଜଳପାନ କରିବା ସମୟ ସହଜରେ ପ୍ରାଣୀମାନେ ସିଂହମାନଙ୍କର ଶିକାର ହୋଇଯାନ୍ତି । ଅନେକ ତୃଷା ଆଉ ସନ୍ଧି ଯାଗା ଦେଖି ଶିକାରୀମାନେ ଜଗି ବସିଛନ୍ତି । ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ତୃଣଭୋଜି ପ୍ରାଣୀମାନେ ପ୍ରାୟେ ଦିନରେ ଜଳପାନ କରନ୍ତି । ରାତିରେ ପାଣିପିଇବା ସବୁବେଳେ ବିପଦପୂର୍ଣ୍ଣ । ସେମାନେ ଦୂରକୁ ଦେଖି ପାରନ୍ତି ନାହିଁ । ତେଣୁ ଦିନରେ ପ୍ରାୟତଃ ଜଳପାନ କରିବା ପାଇଁ ତୃଣଭୋଜି ପ୍ରାଣୀମାନେ ଚେଷ୍ଟା କରିଥାନ୍ତି ।

ତୃଣଭୋଜୀ ପ୍ରାଣୀମାନଙ୍କର ଏ ରକ୍ଷା ପଦ୍ଧତିକୁ ପ୍ରତିହତ କରିବା ପାଇଁ ଅପରାହ୍ନର ଶେଷଆଡକୁ ଆଉ ସଂନ୍ଧ୍ୟାର ଠିକ୍ ପରେ ପରେ ସିଂହମାନଙ୍କର ଜଳସ୍ରୋତ ପାଖରେ ମେଳି କରି ନିଅନ୍ତି । ଏହି ସମୟରେ ଶିକାର କରିବାର ସଂଖ୍ୟା ବଢ଼ିଯାଏ । ସିଂହ ମାନଙ୍କ ପାଇଁ ଛପିବା ପାଇଁ ରାତିର ଅନ୍ଧାର ସୁବିଧାଜନକ । କିନ୍ତୁ ଏ ସମୟ ତୃଣଭୋଜୀ ପ୍ରାଣୀଙ୍କ ସଙ୍କଟ ସମୟ । ଏହି ସମୟରେ ତୃଷାର ତୃଣଭୋଜି ପ୍ରାଣୀ ଖୁବ୍ ଶୀଘ୍ର ଜଳପାନ କରି ଫେରିଯିବା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଇଁ ଚେଷ୍ଟା କରନ୍ତି ।

ବର୍ଷା ଋତୁରେ ଶିକାରମାନେ ଜଳପାନ କରିବା ପାଇଁ ଜଳସ୍ରୋତ ପାଖକୁ ଆସିନଥାନ୍ତି । ସବୁ ସ୍ଥାନରେ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । କିନ୍ତୁ ଏହି ସମୟରେ ଘାସ ମଧ୍ୟ ବଡ ବଡ ହୋଇ ବଢ଼ିଥାଏ । ଏହି ଘାସ ମଝିରେ ସିଂହମାନେ ଖୁବ୍ ସହଜରେ ଛପିଯାଇପାରନ୍ତି । ଏହି ଲମ୍ବା ଘାସ ସିଂହମାନଙ୍କୁ ଶିକାର କରିବା ପାଇଁ ଅନେକ ସାହାଯ୍ୟ କରେ ।

ଗିର୍ ପ୍ରାଣୀ ଉଦ୍ୟାନରେ ଘାସ ସବୁ ଯାଗାରେ ସମାନ ଆକାରର ନଥାଏ । କେଉଁଠି ଛୋଟ ତ କେଉଁଠି ଘାସର ଉଚ୍ଚତା ୧୦ଫୁଟ ପର୍ଯ୍ୟନ୍ତ ହୋଇପାରେ । ଏତେ ଲମ୍ବା ଘାସ ମଧ୍ୟରେ ସିଂହମାନେ ଆରାମରେ ଛପି ଯାଇପାରନ୍ତି । ଶିକାର କରିବା ସେମାନଙ୍କ ପାଇଁ ସହଜ ହୋଇଯାଏ । ତେଣୁ ଏହି ସମୟରେ ତୃଣଭୋଜି ପ୍ରାଣୀମାନେ ପ୍ରାୟ ଉଚ୍ଚ ପାହାଡକୁ ଚାଲିଯାଆନ୍ତି କିମ୍ବା ଗଡାଣିଆ ଯାଗାରେ ରୁହନ୍ତି । ସେ ସ୍ଥାନ ଗୁଡିକରେ ଘାସର ଛୋଟ ଆକାରର ହୋଇଥାଏ ଆଉ ତୃଣଭୋଜି ପ୍ରାଣୀମାନେ ଦୂରକୁ ଦେଖିପାରନ୍ତି । ତେଣୁ ଋତୁ ସହ ତୃଣଭୋଜି ପ୍ରାଣୀ ଓ ସିଂହମାନେ ନିଜର ବଂଚିବା ଆଉ ଶିକାରର ଶୈଳୀ ବଦଳାଇଥାନ୍ତି । କିନ୍ତୁ ଗଡଣିଆ ସ୍ଥାନରେ ପାଣି କମ୍ ମିଳେ । ତେଣୁ ତୃଣଭୋଜି ପ୍ରାଣୀମାନେ ବାଧ୍ୟହୋଇ ପାଣିର ସ୍ରୋତ ପାଖକୁ ଆସନ୍ତି । ସେହି ସମୟରେ ସିଂହମାନେ ଶିକାର କରି ନିଅନ୍ତି ।

ଖରାଦିନେ ଅଭୟାରଣ୍ୟର ସବୁ ଅଂଚଳ ଶୁଖିଯାଏ ଆଉ ଗଛଗୁଡିକ ପତ୍ରଝଡା ଦେଇ ଦିଅନ୍ତି । ତେଣୁ ତୃଣଭୋଜି ପ୍ରାଣୀମାନେ ରାତିରେ ଗଛତଳେ ରହିବାକୁ ଚେଷ୍ଟା କରନ୍ତି । ଏହାର କାରଣ ହେଉଛି ଗଛର ଚାରିଆଡେ ବହୁତ ଶୁଖିଲା ପତ୍ର ପଡିଥାଏ । ସେହି ପତ୍ର ଦେଇ କେହି ମାଂସାସୀ ପ୍ରାଣୀ ଆସିଲେ ସହଜରେ ଶବ୍ଦ ଦ୍ୱାରା ଆସିବା ଜଣାପଡିଯାଏ । ଏହା ଏକ ସାଧାରଣ ଚେଷ୍ଟା, କିନ୍ତୁ ଏହା ଜୀବନ ବଂଚାଇବାରେ ଏହା ବହୁତ ସାହାଯ୍ୟ କରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ସିଂହମାନେ ମଧ୍ୟ ଅନେକ ଚତୁର । ସେମାନେ କିଛି ବାଲିଆ ଯାଗା, ପତ୍ର ପଡ଼ିନଥିବା ଯାଗା ଦେଇ ଆସନ୍ତି । ଏମିତି ସେମାନଙ୍କ ଆସିବା ଦ୍ୱାରା ଶବ୍ଦ ହୁଏ ନାହିଁ । ତେଣୁ ସବୁବେଳେ ଜଙ୍ଗଲରେ ଜୀବନ ଆଉ ମରଣର ସଂଘର୍ଷ ଲାଗିରହିଥାଏ । ସାମାନ୍ୟ ଅବହେଳା, ସାମାନ୍ୟ ଅଦେଖା ତାହେଲେ କେଉଁ ଶିକାରୀ କ୍ଷଣକରେ ଜୀବନ ନେଇଯିବ ।

ତୃଣଭୋଜି ପ୍ରାଣୀମାନଙ୍କ ପାଇଁ ଅନେକ ଶରୀରର ବିଶେଷ ଗୁଣ ଥାଏ । ଏମାନଙ୍କ ଆଖି ଗୁଡ଼ିକ ମୁଣ୍ଡର ଉପରେ ଟିକେ କଡ଼ୁଆ ହୋଇଥାଏ । ଏହା ଦ୍ୱାରା ସେମାନେ ଆଗ ଛଡ଼ା ମଧ୍ୟ କଡ଼କୁ ଭଲ ଭାବରେ ଦେଖିପାରନ୍ତି । ତୃଣଭୋଜି ପ୍ରାଣୀମାନଙ୍କର କାନଗୁଡ଼ିକ ସାଧାରଣତଃ ଲମ୍ବା । ଏହାଦ୍ୱାରା ସେମାନଙ୍କୁ ଦୂରର ଶବ୍ଦ ଖୁବ୍ ସହଜରେ ଶୁଣା ଯାଇପାରେ । ଅତି କମ୍ ଶବ୍ଦ ହୋଇଥିବା ଚାଲିକୁ ମଧ୍ୟ ସେମାନେ ଜାଣିପାରନ୍ତି । ଏମାନଙ୍କ ଆଖିଗୁଡ଼ିକ ଅପେକ୍ଷାକୃତ ଭାବେ ବଡ଼ । କାନଗୁଡ଼ିକ ଲମ୍ବା । ଶରୀରର ଏହି ସବୁ ବିଶେଷ ଗୁଣ ସେମାନଙ୍କୁ ବଂଚିବାରେ ସାହାଯ୍ୟ କରେ ।

## ସର୍ଭାଇଭାଲ୍ ଅଫ୍ ଦ ଫିଟେଷ୍ଟ

ସିଂହର ଏକ ବଡ଼ ଅନ୍ତରଂଗ କଥା କଥା ହୋଇଛି 'ସର୍ଭାଇଭାଲ୍ ଅଫ୍ ଦ ଫିଟେଷ୍ଟ' । ସିଂହ ମଧ୍ୟ ବେଳେବେଳେ ନିଜର ଛୁଆକୁ ପରିତ୍ୟାଗ କରିପାରେ । ଯେଉଁ ଛୁଆ ରୋଗିଣା, ଠିକ୍ ଭାବରେ ବଢେ ନାହିଁ, ସିଂହୀ ଅନେକ ସମୟରେ ତାକୁ ପରିତ୍ୟାଗ କରିଦେଇଥାଏ । କଥାଟା କଛି ଅବିଶ୍ୱାସନୀୟ ଲାଗିପାରେ । ଯେଉଁ ସମାଜରେ ଜଣେ ଆଉ ଜଣଙ୍କର ଏତେ ଯତ୍ନ ନିଅନ୍ତି ସେଇଠି ଏମିତି ଅଭାବନୀୟ ଘଟଣାମାନ ଘଟିପାରେ ।

ଏମିତି ଏକ କାହାଣୀ ଥିଲା । ସିଂହୀଟିଏ ଏକା ଥରକେ ୩/୪ କିଲୋମିଟର ଚାଲିବା ଆରମ୍ଭ କରିଦେଲା । ତା ପଛେ ପଛେ ଛୁଆମାନେ ଚାଲୁଥାନ୍ତି । ଛୁଆମାନେ ସବୁବେଳେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଡାକୁଥାନ୍ତି, ମା ଆଉ ରାସ୍ତା ନଚାଲୁ । କିନ୍ତୁ ମା' ବୁଝି ମଧ୍ୟ ଆଗେଇ ଚାଲୁଥାଏ । ଛୁଆ ଗୁଡିକ ବଡ କଷ୍ଟରେ ଚାଲୁଥାନ୍ତି । ଚାଲୁ ଚାଲୁ ଗୋଟିଏ ଛୁଆ ଆଉ ଚାଲି ପାରିଲା ନାହିଁ । ତଥାପି ମା' ସେ ଛୁଆ ପାଇଁ ଅପେକ୍ଷା କଲା ନାହିଁ । ଏଥିରେ କଥା ହୋଇଛି ଜଙ୍ଗଲରେ ବଂଚିବା ଅତି କଷ୍ଟ ଦାୟକ । ଏଠି ଦୁର୍ବଳ ଛୁଆର ସ୍ଥାନ ନାହିଁ । କୁହାଯାଏ । "ସର୍ଭାଇଭାଲ୍ ଅଫ୍ ଦ ଫିଟେଷ୍ଟ" ଜଙ୍ଗଲର ଏହା ହିଁ ନିୟମ । ଯିଏ ସମର୍ଥ ସେ ଜଙ୍ଗଲରେ ବଂଚିପାରିବ । ଏମିତି କରିବାର କାରଣ ଅଛି । ଜଙ୍ଗଲରେ ସବୁ ସମୟରେ ପର୍ଯ୍ୟାପ୍ତ ଖାଇବାକୁ ମିଳେ ନାହିଁ । ତେଣୁ ଏକ ଦୁର୍ବଳ ଛୁଆ ଖାଇବାରେ ଭାଗ ନେଇ ଅନ୍ୟର ଭାଗ କମାଇଦେବ । ଏମିତି ଅବସ୍ଥାରେ ସୁସ୍ଥ ଛୁଆମାନେ ମଧ୍ୟ ଭଲ ଭାବରେ ଜଲଦି ବଢିପାରିବେ ନାହିଁ । ଏକ ସମାଜରେ ସୁସ୍ଥ ସନ୍ତାନରେ ଆବଶ୍ୟକତା ବହୁତ ଅଧିକ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଧୂ ବାରାଙ୍ଗନା



ସିପ୍ରା ନାମତା, ନମ୍ରତା

ଆମନ୍ତ୍ରଣ ସତେଜ ମହକରେ ପରିପୂର୍ଣ୍ଣ ରଜନୀଗନ୍ଧାର ସ୍ତବକର । ଆଃ... ନାସାରନ୍ଧ୍ରକୁ ଉଚ୍ଚାଟ କରୁଛି, ଫେରି ଚାହିଁଲା ନିଶୀ... ନିଶୀଗନ୍ଧା । ଝିଅଟିଏ ରଜନୀଗନ୍ଧାର ଟକୋରା ଧରି ବସିଛି ପାହାଡିଆ ଇଲାକାର ରାସ୍ତା କଡରେ ଏକେଲା । ତାକୁ ନିଜ ସାଙ୍ଗରେ ନେଇ ଆଣୁ ଆଣୁ ତା ସହିତ ପରିଚୟ ବୃତ୍ତାନ୍ତ ହୋଇସାରି ବାଟ ଚାଲୁ ଚାଲୁ କୋଡିଏ ପଚିଶ ବର୍ଷ ତଳକୁ ଫେରିଗଲା ନିଶୀଗନ୍ଧା । ନା ୟାକୁ ସେ କୌଣସି ପ୍ରକାରେ ଅସାମାଜିକଙ୍କ କବଳରେ ପଡିବାକୁ ଦେବ ନାହିଁ ।

ଅନାଥ, ଅସହାୟ ଝିଅଟି ଟୋକେଇରେ ରଜନୀଗନ୍ଧା ଫୁଲ ଧରି, ଫୁଲ ନିଅ... ଫୁଲ... କହି କହି ବିକ୍ରୀ କରୁଥିବାର ଦୃଶ୍ୟଟିଏ ନାଚି ଯାଉଥାଏ । ଆଉ ତା ସହିତ

- ଆଲୋ ମାଳ ଗୁନ୍ଥି ଆଣୁନୁ । କେହି କେହି ଟିପ୍ପଣୀ ଦେବାର କଣ୍ଠ ସ୍ୱର ମଧ୍ୟ ।

ଘର ବୋଇଲେ ପାଖ ମାଳୀ ସାହିର ଶେଷ ମୁଣ୍ଡରେ ଥିବା ଝୋପଡ଼ ବସ୍ତିରୁ ଗୋଟିଏ ଚାଳି ପିଣ୍ଡା । ସେ ଝୋପଡିର ମାଲିକାଣି ବାଇଜୀ ଆରା ବେଗମ କିନ୍ତୁ ଭଲ ଲୋକ ଥିଲା ନୀଶୀ ଆଖିରେ । କାରଣ ତା ପିଣ୍ଡାରେ ଆଶ୍ରାଦେଇ ଦୁଇ ବକତ ଗଣ୍ଡେ ଖାଇବାକୁ ତ ଦେଉଥିଲା ଆଉ ତା ସାଥିରେ ଫୁଲ ମଧ୍ୟ ଦେଉଥିଲା ବିକିବାକୁ । ଜୀବନର ଅନ୍ୟ ଆବଶ୍ୟକତାକୁ ଅଧିକ ବୁଝି ପାରୁ ନଥିବା ଝିଅଟିର ଆଉ କଣ ବା ଦରକାର ଥିଲା ? କିନ୍ତୁ ସେ ସୁଖର ଦିନ ସବୁ ସରିଆସୁଥିବା କଥା ସେ ଜାଣି ନ ଥିଲା । ଗୋଟେ ମୋଟର ଦୁର୍ଘଟଣାରେ ବାଇଜୀ ଆରା ବେଗମର ମୃତ୍ୟୁ ହୋଇଗଲା । ନିରାପଦ ଆଶ୍ରୟ ଟିକକ ହାତଛଡା ହୋଇଗଲା ନୀଶୀର । ଦିଗହରା ଚଢେଇଟିଏ ପରି ହେଉଥିଲା ବେଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଈଜୀ ଆରା ବେଗମର ଲେଖା ଯୋଖାରେ ଝିଆରୀ ସମ୍ପର୍କୀୟ ହେବ ସବନମ ବାଇ ନୀଶୀକୁ ଆଦରି ନେଲା । ଭଲ ନାଚ ସ୍କୁଲରେ ନାଁ ଲେଖାଇଦେବ କହି ନେଇଆସିଲା କୋଲକାତାର କାଳୀଘାଟ ଅଞ୍ଚଳକୁ । ସବନମ ବାଇର କଅଁଳିଆ କଥାରେ ନୀଶୀ ଆଖିରେ ପ୍ରତ୍ୟୟର ଆଭାସ ଥିଲା । ମାତ୍ର ଅଦୃଶ୍ୟର ଖେଳକୁ ବୁଝି ପାରିନଥିଲା ସେ । ଅଖଣ୍ଡ ବିଶ୍ୱାସ ଉଜୁଡିଗଲା ସେଇଦିନ ଯେତେବେଳେ  ବୁଭୁକ୍ଷୁର କାମନାକୁ ସମ୍ମୁଖରେ ଦେଖିଲା ସେ । କାନ୍ଦୁରା ମୁହଁରେ ଢୋକିନା ଥାପଡ଼ ଗୋଟେ ବସିଯାଇଥିଲା ଆଉ ଆଣ୍ଠୁ ଲୁଚୁ ନଥିବା ପିନ୍ଧିଥିବା ଫ୍ରକ ମଧ୍ୟ ଫାଡ଼ିଯାଇଥିଲା । ମନର ସବୁତକ କୋହ ବିନା ଶବ୍ଦରେ ବୋହି ଯାଇଥିଲା । କେଇଟା ବର୍ଷ ଭିତରେ ନାଚୁଣୀରୁ ଦେହଜୀବୀଟିଏରେ ପରିବର୍ତ୍ତିତ ହୋଇଯାଇଥିଲା ନୀଶୀ ।

ସେଇ ଅଭିଶପ୍ତ ଦିନ ଗୁଡିକ ଭିତରେ ପୁଣି ଏକ ମୁହୂର୍ତ୍ତ ଆସିଲା

--ନିଶୀ ....

---ଉଁ.....

କଜ୍ଜଳ କଳା ନେତ୍ରର ମାଦକ ଚାହାଁଣୀ ନେଇ ଅପାଙ୍ଗ ଢାଳିଲା ଆଗନ୍ତୁକ ପୁରୁଷର ବକ୍ଷ ଉପରେ ନୀଶୀ ।

ତମକୁ କଷ୍ଟ ହୁଏନା ? ?

ଖିଲି ଖିଲି ହସରେ ପ୍ରକୋଷ୍ଠଟି ଧ୍ୱନୀତ ହେଲା । ପ୍ରତ୍ୟେକ ବସ୍ତୁରୁ ଅନୁରଣିତ ହେଉଥିଲା ସେଇ ହସ ସହିତ ପ୍ରଚ୍ଛନ୍ନ କାରୁଣ୍ୟ ।

---ଦୟା ବାବୁ...... ଈଷତ ଅନୁନାସିକ ସ୍ୱର ...

ଚମକି ପଡିଲେ ଆଗନ୍ତୁକ.... ଏଇ ତ ଟିକିଏ ପୂର୍ବରୁ ଗୁଞ୍ଜରୀ ଉଠୁଥିଲା ଖିଲି ଖିଲି ହସରେ... ସେ ହସ ଏତେ ବେଦନାସିକ୍ତ ହୋଇପାରେ.... ଆଃ ଗଭୀର ଆର୍ତ୍ତନାଦ ଯେପରି

Magazine Downloaded from www.aahwaan.com

ସେ ସମ୍ବୋଧନରେ । ଲୁକ୍କାୟିତ ବେଦନା ଆୟତ୍ତ ଚକ୍ଷୁରୁ ଅଶ୍ରୁ ବୁନ୍ଦାର ରୂପ ନେଉ ନେଉ ତାକୁ ଲୁଚାଇ ରଖିବାର ଚେଷ୍ଟା ଏକ ବିଫଳ ପ୍ରୟାସ ମାତ୍ର ।

---ଦୟା ବାବୁ..... ନୂଆ କରି ପାଦ ଥାପିଥିବା ବ୍ୟକ୍ତି ନିମନ୍ତେ ନିଶ୍ଚିତ ରୂପେ ଏହା ଏକ କଷ୍ଟକର ତଥା ଘୃଣ୍ୟ କାର୍ଯ୍ୟ । କିନ୍ତୁ ଧୀରେ ଧୀରେ ଅଭ୍ୟସ୍ତ ହୋଇଗଲାଣି ଏ ଦେହ.... ଆଉ ଦେହ ସହ ମନ । ଏବେ କିଛି ଫରକ ପଡେନି ଦୟା ବାବୁ.... । ପ୍ରଥମ କରି ତୁମେ ଦିଗହରା ପଥିକ ପରି ଏ ନର୍ତ୍ତକୀ ପାଖରେ ଆସି ପହଂଚିଛ । ନର୍ତ୍ତକୀ ହେଉ ହେଉ କେତେବେଳେ ବାରବଧୂରେ ରୂପାନ୍ତରିତ ହୋଇଯାଇଛି ସେ କଥା ନିଜେ ବି ଜାଣିପାରିନି । ....ଜାଣିଥିଲେ ବି ଏ ସମାଜର ଠିକାଦାରମାନେ କଣ ଛାଡ଼ିଦେଇଥାନ୍ତେ ମୋତେ ?...... ତୁମେ ତ ଏକ ବ୍ୟତିକ୍ରମ ମାତ୍ର । ସେଥିପାଇଁ ମୋର ଅନୁରୋଧ ଯେତେବେଳେ ତୁମେ ଏ ରାତ୍ରୀଟିକୁ କ୍ରୟ କରିସାରିଛ ଏ ମୁହୂର୍ତ୍ତକୁ ସଦବ୍ୟବହାର କରିନିଅ । କିଏ ଜାଣେ ଏ ସମୟ କେବେ ବିଶ୍ୱାସଘାତକତା କରିବସିବ । ହେ ଅତିଥି ଉପଭୋଗ କରିନିଅ ଏଇ ନିଶାର ସାନ୍ଦ୍ରତାକୁ... ପଲକର ସ୍ଥାଣୁତ୍ୱକୁ ଇପ୍ସିତ ଇଛାର ମହାର୍ଘ ନିବେଦନଟିକୁ । ଦିଅ... ଦିଅ ସେ ରଜନୀଗନ୍ଧାର ସ୍ତବକକୁ ମୋ ଗଭାରେ ସଜ୍ଜିତ କରିଦିଅ ଆଉ ପୁଣି ଗୋଟେ ରାତ୍ରୀର ସ୍ୱାମୀ ହୋଇଯାଅ ।

ନା ସେସବୁର କିଛି ପ୍ରୟୋଜନ ନ ଥିଲା । ଥିଲା ଗୋଟେ ଅନୁରୋଧ, ଆଉ ଏକ ସମ୍ବେଦନାପୂର୍ଣ୍ଣ ପ୍ରସ୍ତାବ । ଯେଉଁ ପ୍ରସ୍ତାବଟି ଥିଲା ମୋହପୁର୍ଣ୍ଣ, ଆବେଶରେ ବିଭୋର ହେବାର ମୁହୂର୍ତ୍ତ.... ଆଉ ଆଗ ପଛ କିଛି ଭାବି ନ ଥିଲା ନୀଶୀ । ଅତି ସତର୍କତାର ସହ ଦୟା ବାବୁଙ୍କ ସହ କୋଲକତା ଛାଡି ଦେଇଥିଲା ଦୟା ବାବୁଙ୍କର ଦୁଇଟି ସନ୍ତାନ ସହିତ ।

ମାତୃହରା ଶିଶୁ ଦୁଇଟିଙ୍କୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛି ଉପଯୁକ୍ତ ଶିକ୍ଷା ଦେଇ ମଣିଷ କରିବା ପାଇଁ । କେବଳ ପ୍ରାଥମିକ ସ୍ତରରେ ହିଁ ମାତୃସ୍ନେହ ପାଇବାର ଆବଶ୍ୟକତାକୁ ଅନୁଭବ କରି ଦୟାବାବୁଙ୍କର ଏଇ ପଦକ୍ଷେପକୁ ମର୍ମେ ମର୍ମେ ଅନୁଭବ କରିପାରିଥିଲା

Magazine Downloaded from www.aahwaan.com

ନୀଶୀ । ତାଙ୍କରି ଯୋଗୁଁ ଯେ ଏଇ ଘୃଣ୍ୟ ବୃତ୍ତିରୁ ନିସ୍ତାର ପାଇଛି ସେଥିପାଇଁ କୋଟି ଧନ୍ୟବାଦ ଦିଏ ତାଙ୍କୁ । ଦେହଜୀବୀର ମୋହରଟିକୁ ଏଡ଼ାଇବା ପାଇଁ ଏବଂ ପିଲାମାନେ ଯେପରି ଘୃଣାଠାରୁ ଦୂରେଇ ରହିବେ ସେଥିପାଇଁ କୋଲକତା ଛାଡିବାର ନିଷ୍ପତ୍ତି ନେଇଥିଲେ ଦୟା । ନୀଶୀ ତାଙ୍କରି ସହିତ ଯଦିଓ ରହିଛି କେବେ ବି ସ୍ପର୍ଶ କରି ନାହାନ୍ତି ସେ । କିନ୍ତୁ ସୁଖରେ ଦୁଃଖରେ ସବୁକିଛି ଓଜାଡ଼ି ଦେଇଛି ନୀଶୀ । ଶରୀରର ଅସୁସ୍ଥତାରେ ରାତି ରାତି ଉଜାଗର ରହି ସଭିଙ୍କର ସେବା କରିଛି । ପୁଅ ଝିଅ ଦୁଇଟିକୁ ମାଆ ପରି ସ୍ନେହ ଦେଇ ପାଳନ କରିଛି । ସେମାନେ ତାଙ୍କ ରାସ୍ତାରେ ଆଗେଇଯିବା ପରେ ଦୟାଙ୍କର ସବୁ ଦାୟିତ୍ୱ ବୁଝୁଛି ନୀଶୀ । ପିଲା ମାନଙ୍କୁ କେବେ ଜାଣିବାର ସୁଯୋଗ ଦେଇନାହାନ୍ତି ଦୟା ନୀଶୀର ଅତୀତକୁ । ପ୍ରାଥମିକ ଶିକ୍ଷା ଶେଷପରେ ପିଲା ଦୁହେଁ ବୋର୍ଡିଂଗରେ ଶିକ୍ଷା ସମାପ୍ତ କଲେ । ନୀଶୀର ତତ୍ତ୍ୱାବଧାନ କୌଣସି ଗୁଣରେ କମ ନଥିଲା ଅନ୍ୟ ସାଧାରଣ ମାଆ ମାନଙ୍କ ତୁଳନାରେ । ଯେତେ ଅଳି ଅଝଟ, ରାଗ ରୁଷା, ମାନ ଅଭିମାନ ସବୁକିଛି ବେଶ ସୁନ୍ଦର ଭାବେ ଅତି ନିଖୁଣ ଭାବରେ ସମାଧାନ କରିଆସୁଛି ସେ ଏଇ ଜୀବନରେ । ସେମାନଙ୍କ ଜନ୍ମଦାତ୍ରୀଙ୍କୁ ସେ କିନ୍ତୁ ଭୁଲିବାକୁ ଦେଇନାହିଁ । ପ୍ରତ୍ୟେକ କାମର ଆରମ୍ଭରେ ଓ ଶେଷରେ ସେ ସେମାନଙ୍କୁ ସେମାନଙ୍କ ମାଆର ଫୋଟୋ ପାଖରେ ନେଇ ଛିଡା କରାଇ ଦେଇ କୁହେ, "ଦିଦି ତୁମେ ଏମାନଙ୍କୁ ଆଶୀର୍ବାଦ କର ସେମାନେ ଯେପରି କୃତକାର୍ଯ୍ୟ ହୋଇ ଫେରନ୍ତୁ ।"

ସେମାନଙ୍କ ଅହେତୁକ କୌତୁହଳକୁ ଏଡାଇ ଦେଇ ମୁଣ୍ଡରେ ହାତ ସାଉଁଳେଇ ନେଇ କୁହେ, "ବାୟାଟା ବଡ ହେଲା ପରେ ସବୁ କଥା ବୁଝିଯିବ । ଏବେ ଖାଲି ପାଠ ପଢାରେ ଧ୍ୟାନ ଦିଅ ।

ଦୟା କେବେ କେବେ ନୀଶୀର ବେଶ ବିନ୍ୟାସକୁ ଠିକ୍ ରଖିବା ପାଇଁ ପରାମର୍ଶ ଦେଲେ ସେ ଚିଡି ଯାଇ କହେ, "ଥାଉ ଦୟା ବାବୁ, ଯେଉଁ ବେଶ ଜୀବନକୁ ଶାନ୍ତି ଦିଏନା ସେସବୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ ପ୍ରୟୋଜନ କଣ ?" ନୀଶୀର ଟଣା ଟଣା ଆଖି ଯୋଡିକ କଜ୍ଜଳର ପ୍ରସାଧନ ବିନା ଖୁବ୍ ପ୍ରଶାନ୍ତ ଦେଖାଯାନ୍ତି । କର୍ଣ୍ଣ ମୂଳର ଚୂର୍ଣ୍ଣ କୁନ୍ତଳ ସବୁକୁ ମଥାର କେଶ ସହିତ ସବୁ ଟାଣି ନେଇ ପଛକୁ ଖୋସାଟିଏ କରିଦେଇଥାଏ । ମୁହଁରେ ଜଣା ନ ପଡିବା ପରି ହାଲକା ପ୍ରଲେପ, ଖୁବ୍ ସମତଳ ଦେଖାଯାଏ ଆଖି ତଳ ଆଉ ନାକ ପାଖର ଗାଲ ସବୁ ଆଉ ଈଷତ ଲାଲ ବର୍ଣ୍ଣର ଓଠ ତା ତଳକୁ ସାମାନ୍ୟ ଗୋଜିଆ ଚିବୁକ । ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି ଅତି ଅସାଧାରଣ ନ ହେଲେ ବି ଆଖି ଫେରାଇ ନ ହେବା ପରି ଚେହେରାଟିଏ ବେଶ ଶାନ୍ତ ଆଉ କମନୀୟ । ଦୟା ବେଳେ ବେଳେ ଆଖିରେ ପଲକ ପକାଇ ପାରନ୍ତି ନାହିଁ କିନ୍ତୁ ଠିକ୍ ସେଇ ସମୟରେ ଅପ୍ରତିଭ ହୋଇ ଉଠିଥିବା ନୀଶୀ ପୁଅ କିମ୍ବା ଝିଅକୁ ପାଖକୁ ଟାଣି ଆଣି ଦୟାଙ୍କ ହାତରେ ଧରାଇ ଦିଏ । ବାସ ଆଉ କିଛି ଦରକାର ପଡେନା । ଚାହାଁଣୀର ଘନତ୍ୱ କମିଯାଏ ଆଉ ଦାୟିତ୍ୱର ଗଭୀରତା ବଢିଯାଏ ସେଇ ସମୟରେ । କେତେବେଳେ କ୍ଳାନ୍ତ ଶରୀରର କ୍ଳାନ୍ତି ଅପନୋଦନ ନିମନ୍ତେ ଦୟାଙ୍କ ଶରୀରରେ ହାତ ବୁଲେଇଲା ବେଳେ ତା ହାତରେ ଟିକିଏ ଧୀର ଚାପ ଦିଅନ୍ତି ଦୟା । କିଛି ପ୍ରତିବାଦ ନ ଥାଏ ନୀଶୀର । ଦୟା ଗଭୀର ନିଦ୍ରାରେ ଆଚ୍ଛନ୍ନ ହେବା ପର୍ଯ୍ୟନ୍ତ ସେ ସେଇପରି ହାତ ବୁଲାଉ ଥାଏ । କେତେବେଳେ ସେଇଠି ବି ଶଯ୍ୟା ଧାରରେ ମୁଣ୍ଡ ରଖି ଶୋଇପଡ଼ିଥାଏ । କେବେ କେବେ ପରିବର୍ତ୍ତିତ ପାଗରେ ନିଜକୁ ଚାଦରରେ ଆବୃତା ହେବାର ଆବିଷ୍କାର କରିଥାଏ ନୀଶୀ । ସେଇ ଢଙ୍ଗରେ ବିତିଯାଉଥିବା ଦିନ ଗୁଡିକ କଡ ଲେଉଟାଉଥାନ୍ତି । ନିକଟ ଅତୀତରେ ଝିଅର ବିବାହ ସମ୍ପନ୍ନ ହୋଇଯାଇଥାଏ । ତାକୁ ତା ସଂସାରରେ ବ୍ୟସ୍ତ ରହିବାକୁ ପଡେ । ଏପଟେ ପୁଅ ବିଦେଶୀୟ କମ୍ପାନୀରେ ଚାକିରୀ ଯୋଗୁଁ ଅନେକ ସମୟରେ ବିଦେଶ ଗସ୍ତ କରିବାକୁ ପଡୁଥାଏ । ଦୟା ସମ୍ପୂର୍ଣ୍ଣ ଏକାକୀ ହୋଇପଡୁଥାନ୍ତି । ନୀଶୀର ସବୁତକ ଦୃଷ୍ଟି ଦୟାଙ୍କ ଉପରେ କେନ୍ଦ୍ରୀଭୂତ । ଦୟା କେମିତି ସବୁବେଳେ ଭଲ ରହିବେ, ଖୁସିରେ ରହିବେ ସେଇ ଚିନ୍ତାରେ ରାତି ଦିନ କଟେ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ତା'ର ।

କିନ୍ତୁ ହଠାତ ଦିନେ ପ୍ରଶ୍ନ ଚିହ୍ନ ଲାଗିଗଲା ତା'ର ଆଉ ଦୟାଙ୍କ ସମ୍ପର୍କରେ । ପ୍ରଶ୍ନ ବି ଏମିତି ସେମିତି ନୁହେଁ ଖୋଦ ଦୟାଙ୍କ ଘନିଷ୍ଠ ମିତ୍ର ଆଉ ପୁଅର ଭାବୀ ଶ୍ୱଶୁର ଲଗାଇଲେ । କେଉଁ ଅତୀତର ସ୍ମୃତି ପଟଳରୁ ଖିଅ ଯୋଡିବାକୁ ଚେଷ୍ଟା କରୁଥିଲେ କିନ୍ତୁ ସବୁ ଦଉଡିକୁ କାଟି ପକାଇଲେ ଦୟା । ଖାଲି ସିନ୍ଦୁର ବୁନ୍ଦାଏ ନାହିଁ ବୋଲି ଏତେ କଥା ? ? ମୁଁ ତାଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ କରେନାହିଁ ବୋଲି ଆଜି ଏଇ ପ୍ରଶ୍ନ, ହେଇ ଦେଖ... କହି ଟୋପିଏ ସିନ୍ଦୁର ଲଗେଇଦେଲେ ସେଇ ଶୂନ୍ୟ ସୀମନ୍ତରେ ।

ହତବାକ ହୋଇ ରହିଯାଇଥିଲା ନୀଶୀ । କିନ୍ତୁ କୌଣସି ଉପାୟ ନଥିଲା ଉଭୟଙ୍କ ପାଖରେ । କେତେବେଳେ ଏକାନ୍ତରେ ପାଇ ନୀଶୀ ଲୋଟିଯାଇଥିଲା ଦୟାଙ୍କ ଛାତିରେ... ଏ କଣ କଲ... କଣ କଲ ? ?

----ସମସ୍ତଙ୍କ ମୁହଁ ବନ୍ଦ କରିଦେଲି । ଆଉ କାହାର କିଛି କହିବାର ନ ଥିବ ।

----ହେଲେ ଏଇ ବୟସରେ ? ପୁଅ ଝିଅ ସବୁ କଣ ଭାବିବେ ? କଣ କହିବେ ?

----କାହାର କିଛି କହିବାର ନାହିଁ ।

----କିନ୍ତୁ ମୁଁ ସହି ପାରୁନି ଦୟା ବାବୁ । ତମର ଏ ଦୟା ମୁଁ ସହି ପାରୁନି । ମୋତେ ନର୍କରୁ ଉଦ୍ଧାର କରି ଆଣିଛ ସେତିକି ଯଥେଷ୍ଟ । ବରଂ ମୁଁ ତମ ସମସ୍ତଙ୍କ ପାଖରୁ ଦୂରେଇ ଯାଇଥାନ୍ତି । ଏ କଣ କଲ ? ?

ବାଷ୍ପରୁଦ୍ଧ ହୋଇଯାଉଥିଲା ନୀଶୀର କଣ୍ଠ । ନୀଶୀକୁ ଆଶ୍ଳେସି ନେଇ ସଜଳ ଆଖିରୁ ବୋହିଯାଉଥିବା ଅଶ୍ରୁଧାରକୁ ପୋଛି ନେଉ ନେଉ କହୁଥିଲେ ଦୟା, "ପ୍ରେମର ସ୍ୱରୂପ କଣ ଜାଣ ? ତମ ନିଃସ୍ୱାର୍ଥପର ସେବାର କିଛି ପ୍ରତିଦାନ ଅଛି ? କିଛି ନାହିଁ । ମୁଁ ତମକୁ କିଛି ବି ଦେଇପାରିନି ନୀଶୀ । କେବଳ ତମଠାରୁ ନେଇଛି । ତମର ବାସ୍ତବ ସ୍ୱରୂପ ତମେ କେମିତି

 Magazine Downloaded from www.aahwaan.com

ଜାଣିବ ? ମୁଁ ଆଉ ମୋ ପିଲାମାନଙ୍କର ଭାଗ୍ୟ ଭଲ ଯେ ତମପରି ଦେବୀସ୍ୱରୂପା ସ୍ତ୍ରୀର ସଂସର୍ଗରେ ଆସିଲୁ । ମୁଁ ଏମିତି କଣ ବା କରିଦେଲି ଯେ ? ?”

ଏକ ନୂତନ ଅବବୋଧରେ ସ୍ୱପ୍ନିଳ ଆବେଷ୍ଟନୀ ମଧ୍ୟରେ ନିଜକୁ ହଜାଇ ଦେଉଥିଲା ନୀଶୀ ଦୟାଙ୍କ ବାହୁରେ ଥାଇ । ସତରେ ପ୍ରେମର କଣ କିଛି ପରୀସୀମା ଥାଏ ? ସେ ତ ନୈସର୍ଗିକ, ଆନନ୍ଦର ଫାଲ୍ଗୁଟିଏ । ବୟସ କି ଶରୀର କେଉଁଥିରେ ବି ଆବଦ୍ଧ ନୁହେଁ । ପ୍ରେମ କେବଳ ଯୌବନର ପ୍ରତୀକ ନୁହେଁ, ଯୌବନର ଶେଷ ପାହାଚରେ ବି ପ୍ରେମ ତା’ର ରୂପକଳ୍ପ ପ୍ରଦର୍ଶନ କରିପାରେ । ପ୍ରେମର ପ୍ରକୃତ ସଂଜ୍ଞାଟିକୁ ବୁଝି ବି ବୁଝିହୁଏନା କିମ୍ବା ବୁଝାଇ ହୁଏନା । ଏ ତ କେବଳ ଅନୁଭବର କଥା ।

ପରେ ଦିନେ ପୁଅଠାରୁ ପଦୁଟିଏ କଥା ଶୁଣି ସେ ଖୁସିର ଚରମ ସୀମାରେ ପହଁଚି ଗଦ ଗଦ ହୋଇଯାଇଥିଲା .... “ତମେ ଏ ବେଶରେ ଖୁବ୍ ସୁନ୍ଦର ଲାଗୁଛ । ଜୀବନ ସାରା ତମେ ଆମର ମାଆ ନୁହଁ ବୋଲି କହିଆସୁଥିଲା ବେଳେ ଅନେକ କଷ୍ଟ ଲାଗୁଥିଲା ଆମ ଦୁହିଁଙ୍କୁ । ଆମ ସାଙ୍ଗ ସାଥୀଙ୍କର ବାପା ମାଆ ଥିଲାବେଳେ ଆମର ମାଆ ନ ଥିବା କଥା ଆମକୁ ଖୁବ୍ ଦୁଃଖ ଦେଉଥିଲା । ଆଜି ତମକୁ ମାଆ ଡାକିଲେ କିଛି ଆପତ୍ତି କରିବନି ତ ? ?”

ପୁଅ ନୀଶୀକୁ ‘ମାଆ’ ବୋଲି କହି କୁଣ୍ଢାଇ ପକାଇ ଏତକ କହି ଦେଇଥିଲା ।

ନୀଶୀ ଖୁସିରେ ଆତ୍ମହରା ହୋଇ ପୁଅ ମୁଣ୍ଡରେ ହାତ ସାଉଁଳେଇ ଆଣି କହୁଥାଏ, ହଁ... ହଁ... ବାପା, ମୁଁ କିଛି କହିବିନି, ମୋର କିଛି କହିବାର ନାହିଁ ।

ଦୟାଙ୍କ ସମ୍ମୁଖରେ ଝିଅଟିକୁ ଆଣି ଠିଆ କରାଇଦେଲା ନୀଶୀ । ପ୍ରଶ୍ନିଳ ଆଖିର ଭାବକୁ ବୁଝିପାରି ନୀଶୀ କହିଲା;

---ଆଉ ଏକ ନୀଶୀ ହେବାର ଉପକ୍ରମକୁ ମୁଁ ବନ୍ଦ କରିବାକୁ ଚାହେଁ । ଏହାର ଶିକ୍ଷା ଦୀକ୍ଷାର ଉଚିତ ବ୍ୟବସ୍ଥା କରାଇବାକୁ ସାଙ୍ଗରେ ନେଇଆଣିଛି । ସବୁବେଳେ ତ ଆଉ ଦୟା

Magazine Downloaded from www.aahwaan.com

ମିଳିବେନି କି ବାରାଙ୍ଗନାଟିଏ ବଧୂର ସମ୍ମାନ ପାଇ ପାରିବନି । ମୋ ଭାଗ୍ୟ ଭଲଥିଲା ବୋଲି ତମ ସହ ଦେଖାହେଲା । ଯାହା ମୁଁ କେବେ ଚିନ୍ତା କରି ନଥିଲି ସବୁ ପାଇଲି ହେଉ ପଛେ ଜୀବନର ଶେଷ ପାହାଚରେ କିନ୍ତୁ ସମସ୍ତେ ଯେ ସେତିକି ବି ପାଇ ପାରିବେ ସେ କଥା ନୁହଁ ।

ଏକ ସ୍ମିତ ହସ ହସି ସମର୍ଥନ ଜଣେଇଲେ ଦୟା ଆଉ କହିଲେ, "ଯାହା ଏଇ କହିଲ ଯେ ବାରାଙ୍ଗନା, ଆଉ କେବେ କହିବନି ତମେ ତମ ଆଖିରେ ବଧୂ ବାରାଙ୍ଗନା ହୋଇଥାଇପାର କିନ୍ତୁ ମୋ ଆଖିରେ ନୁହେଁ । ମୋ ହୃଦୟରେ ତମ ପାଇଁ ଗୋଟେ ସ୍ୱତନ୍ତ୍ର ସ୍ଥାନ ଅଛି । ସେ କଥା ଯେମିତି ଭୁଲି ନ ଯାଅ ।"

ନୀଶୀର ହାତଟିକୁ ଧୀରେ ସେ ଧରି, "ଏଇ ଖୁସିରେ ଚାହା କପେ ଆଣି ଦିଅନ୍ତନି !"

----ହଉ ହଉ, ସେତିକି ଥାଉ... ଏଇ ଦେଖ ସେ ଆକାଶରେ ନିଃସଙ୍ଗ ନକ୍ଷତ୍ରଟି ଆମକୁ ଦେଖି କେମିତି ଈର୍ଷ୍ୟା କରିବା ପରି ଲାଗୁଛି.... !

ଧୀରେ ଧୀରେ ଦୟାଙ୍କ ପାଖରୁ ନୀଶୀ ଚାଲିଯାଉଥାଏ ଚାହା ଆଣିବାକୁ । ଆଉ ଆକାଶରେ ସେ ତାରାଟିକୁ କେମିତି ଗାଢ ଦୃଷ୍ଟିରେ ଦୟା ବାରଣ୍ଡାରେ ପଡିଥିବା ଆର୍ମଚେୟାରରେ ବସି ବସି ଦେଖୁଥାନ୍ତି । ତାଙ୍କୁ ଲାଗୁଥାଏ ଯେମିତି ସେ ନକ୍ଷତ୍ରଟି ବିଦ୍ରୁପ କରୁଛି କି ପରିହାସ କରୁଛି ତାଙ୍କର ଅବସ୍ଥାକୁ ...

ସେ ସ୍ୱଗତୋକ୍ତି କରୁଥାନ୍ତି

---- ହେଃ, ତୋ ପାଖରେ ଆଉ ଟିକେ ହେଲେ ସମସ୍ତେ ପୂରିଯିବେ । କିନ୍ତୁ ମୋ ପାଖରେ ତ କେବଳ ସେଇ ଗୋଟିଏ ସାଥୀ ବଧୂ ବାରାଙ୍ଗନା ହିଁ ଅଛି, ତେବେ କାହିଁକି ଏ ବିଦ୍ରୁପ ? ? ?

ତୁଳସୀଚୌରା, ବାରିପଦା

ମୟୁରଭଞ୍ଜ, ଭ୍ରାମ୍ୟଭାଷ : ୮୨୪୯୯୫୦୧୬୮

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ପ୍ରେମସାଗର



ପ୍ରିୟରଞ୍ଜନ ବିଶ୍ୱାଳ

ସାଗର କୂଳରେ ବୁଲିବାକୁ, ସାଗରରେ ବୁଡ ପକେଇବାକୁ ସମସ୍ତଙ୍କୁ ବହୁତ୍ ଭଲଲାଗେ । ଅଧିକାଂଶ ଲୋକ ମଧ୍ୟ ସାଗର କୂଳରେ ବୁଲିବାକୁ ଓ ତାହାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପ୍ରବଳଭାବେ ଇଚ୍ଛୁକ ଥାଆନ୍ତି । କିନ୍ତୁ କିଛି ଜଣ ଅଭାଗା ମଧ୍ୟ ଏମିତି ଥାଆନ୍ତି ନା ସେମାନେ ପହଁରା ଜାଣନ୍ତି, ନା ସେମାନଙ୍କୁ କେଉଁଠୁ ନାଆ ମିଳେ ସମୁଦ୍ରରେ ବୁଲିବାପାଇଁ । ତେଣୁ ସେମାନେ କେବଳ ସମୁଦ୍ରକୁ ଦୂରରୁ ଦେଖି, ତା' ବିଷୟରେ ଶୁଣି ଆନନ୍ଦିତ ହୁଅନ୍ତି ଓ ମନରେ ତୋଳନ୍ତି ଅସୁମାରୀ ସ୍ୱପ୍ନର ରଙ୍ଗିନ୍ ତାଜମହଲ ।

ଜଣେ ଯୁବକର ଅବସ୍ଥା ଠିକ୍ ଏହିପରି ଥିଲା । କିନ୍ତୁ ହଠାତ୍ ଦିନେ ସବୁକିଛି ବଦଳିଗଲା । ସମୁଦ୍ର କୂଳେକୂଳେ ବୁଲୁବୁଲୁ ସେ ହଠାତ୍ କୂଳରେ ଏକ ନାଆ ଥୁଆ ହୋଇଥିବାର ଦେଖିବାକୁ ପାଇଲା । ନାଆଟି ଅତି ସୁନ୍ଦର ଥିଲା । ଆଉ ସେ ଯୁବକ ଜଣକ ଅନୁଭବ କଲା, ଯେପରି ନାଆଟି ତାକୁ ହାତଠାରି ଡାକୁଛି ଅସୀମ ସାଗର ବକ୍ଷରେ ତା'ସହ ବୁଲିଯିବା ପାଇଁ । ତେଣୁ ଯୁବକ ଜଣକ ଦୌଡିଗଲା ନାଆ ପାଖକୁ । କିନ୍ତୁ ପାଖକୁ ଯାଇ ଯୁବକ ଜଣକ ଦେଖିଲା ନାଆଟି ଧିର ସ୍ୱରରେ କାନ୍ଦୁଛି । ତାର ଶରୀରର ଅନେକ ଜାଗାରେ କ୍ଷତ । କ୍ଷତର କାରଣ ପଚାରିବାରୁ ନାଆଟି କାନ୍ଦି କାନ୍ଦି କହିଲା ମୋ ନାଉରୀ ମୋର ଏମିତି ଅବସ୍ଥା କରି, ଏପରି ଅବସ୍ଥାରେ ମତେ ଏହିଠାରେ ଛାଡିଦେଲା । ପ୍ରତି ମୁହୁର୍ତ୍ତରେ ସୁଖରେ ଦୁଖରେ, ଭଲରେ ମନ୍ଦରେ, ବିପଦରେ ଆପଦରେ, ସବୁ ପ୍ରତିକୂଳ ପରିବେଶରେ ମୁଁ ତାର

Magazine Downloaded from www.aahwaan.com

ସାଥି ହୋଇ ସବୁ କଷ୍ଟକୁ ସହିଲି । ତାପାଇଁ ମୁଁ ନିଜକୁ ତାର ରକ୍ଷା କବଚ ସଜେଇ ଦେଲି । ଧୀରେ ଧୀରେ ମୋ ଶରୀରର ଅବସ୍ଥା ଏପରି ହୋଇଗଲା । ତେଣୁ ସେ ମତେ ଛାଡି ଅନ୍ୟ ଏକ ନୂଆ ଓ ସୁନ୍ଦର ନାଆକୁ ସାଙ୍ଗରେ ଧରି ସମୁଦ୍ର ଭ୍ରମଣ କରିବାକୁ ଚାଲିଗଲା । ଆଉ ମୁଁ ହୋଇଗଲି ଏକ ଅଲୋଡା ଅଖୋଜା ଦଦରା ନାଆ । ଯୁବକ ଜଣକ ନାଆର ଦୁଃଖ କାହାଣୀ ଶୁଣି କାନ୍ଦି ପକାଇଲା ଓ ବହୁ ପରିଶ୍ରମ କରି ବଡ କଷ୍ଟରେ ନାଆର ସବୁ କ୍ଷତକୁ ଭରିଦେଲା । ଯେଉଁସବୁ କ୍ଷତ ତାକୁ ତା' ପୁରୁଣା ନାଉରୀ ଦେଇଥିଲା । ଯୁବକ ଜଣକ ନାଆକୁ ସୁନ୍ଦର ଭାବରେ ସଜେଇ ଦେଲା । ନାଆଟି ଅ‌ାଗ ଅପେକ୍ଷା ଆହୁରି ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଗଲା । ନାଆକୁ ସଜେଇ ସାରି ଯେତେବେଳେ ଯୁବକ ଜଣକ ସେଠାରୁ ଯିବାକୁ ଆରମ୍ଭ କଲା ନାଆ କହିଲା ଟିକିଏ ରୁହ । ତୁମେ ଏତେ ପରିଶ୍ରମ କରି ମତେ ଆଗ ଅପେକ୍ଷା ଆହୁରି ସୁନ୍ଦର କରି ଗଢି ତୋଳିଲ । ପୁଣି ମତେ ଏକା ଛାଡିଦେଇ କୁଆଡେ ଚାଲିଯାଉଛ ? ମୋ ନାଉରୀତ ମତେ ଏକା କରି ଚାଲିଗଲା । ତୁମେ ମତେ ରୂପବତୀ କରି ସଜେଇ ପୁଣି ଏକା ଛାଡିଦେଇ କାହିଁକି ଚାଲି ଯାଉଛ ? ତୁମର ବି ଯଦି ମତେ ଛାଡି ଚାଲିଯିବାର ଥିଲା ତାହେଲେ ଏତେ ପରିଶ୍ରମ କରି ମତେ ଏତେ ସୁନ୍ଦର କରି ଗଢି ତୋଳୁଥିଲ କାହିଁକି ? ନାଆ ଯେତେ ସୁନ୍ଦର ହେଲେ ବି ଯଦି ପାଖରେ ତାର ନାଉରୀ ନଥାଏ ତେବେ ସେ ନାଆ ଜୀବନର କୌଣସି ମୂଲ୍ୟ ନଥାଏ । ଯୁବକ ଜଣକ ପଚାରିଲା ତେବେ ତୁମେ ମୋଠାରୁ କଣ ଆଉ ଆଶା କରୁଛ ? ମୁଁ ତୁମକୁ ଆଉ କିପରି ସାହାଯ୍ୟ କରିପାରିବି ? ଏହା ଶୁଣି ନାଆ କହିଲା ତୁମେ ମୋ ନାଉରୀ ହେଇଯାଅ । ଚାଲ ଆମେ ଦୁହେଁ ବୁଲିଯିବା ଓ ଦେଖିବା ଆଉ ଉପଭୋଗ କରିବା ଏ ବିଶାଳ ସମୁଦ୍ରର ସୁନ୍ଦର ଦୃଶ୍ୟପଟକୁ । କିଛି ସମୟ ଚିନ୍ତା କରିବା ପରେ ଯୁବକ ଜଣକ ନାଆର କଥାରେ ରାଜି ହୋଇଗଲା । କାରଣ ଯୁବକ ନିଜର ହୃଦୟର

Magazine Downloaded from www.aahwaan.com

ଗଭୀରତମ ପ୍ରଦେଶରେ ନାଆକୁ ସ୍ଥାନ ଦେଇ ସାରିଥିଲା । ଉଭୟ ସାଙ୍ଗ ହୋଇ ବାହାରିଗଲେ ବଶାଳ ସମୁଦ୍ର ବକ୍ଷରେ ।

ଉଭୟ କିଛିବାଟ ଆନନ୍ଦରେ ପରିଭ୍ରମଣ କରିବା ସହିତ ବିଶାଳ ସମୁଦ୍ରର ସୁନ୍ଦର ଦୃଷ୍ୟପଟକୁ ଉପଭୋଗ କରିବାରେ ଲାଗିପଡିଲେ । କିନ୍ତୁ ଦିନେ ସମୁଦ୍ର ମଝିରେ ହଠାତ୍ ନାଆ ତାର ପୁରୁଣା ନାଉରୀକୁ ଭେଟିଲା । ପୁରୁଣା ନାଉରୀ ଆସି ନାଆ ଉପରେ ବସିଲା । ଯୁବକ ସବୁ ଦେଖୁଥାଏ କିନ୍ତୁ କିଛି କହୁ ନଥାଏ । କାରଣ ଯୁବକର ନାଆ ଉପରେ ଥିଲା ଅସୀମ ବିଶ୍ୱାସ । ଆଉ ସେ ମନ ପ୍ରାଣ ଦେଇ ନାଆକୁ ବହୁତ ଭଲ ପାଉଥିଲା । କିଛି ସମୟ ପରେ ନାଉରୀ ତା ବାଟରେ ଚାଲିଗଲା । ଆଉ ଯୁବକ ଜଣଙ୍କ ନାଆ କପ ଧରି ନିଜ ବାଟରେ ଆଗକୁ ଚାଲିଲା ।

ଯୁବକ ଜଣକ ପହଁରା ଜଣି ନଥିଲା । କିନ୍ତୁ ନାଆର ଭରଷାରେ ସେ ସମୁଦ୍ରର ଗଭୀରରୁ ଗଭୀରତମ ସ୍ଥାନକୁ ଯିବାପାଇଁ ମଧ୍ୟ ଭୟ କରୁନଥିଲା । ସମୁଦ୍ର ମଧ୍ୟରେ ଯାଉ ଯାଉ ହଠାତ୍ ଏକ ଅଦିନ ଝଡ ଆସି ନାଆ ଓ ଯୁବକକୁ ଅଲଗା କରିଦେଇ ଚାଲିଗଲା । ଯୁବକ ସେଠାରେ ବୁଡିବାକୁ ଲାଗିଲା । ମାତ୍ର ଭଗବାନଙ୍କ କୃପାରୁ ଯୁବକ ପୁଣି ନିଜର ନାଆକୁ ଫେରି ପାଇଲା । ନାଆରେ ହୋଇଥିବା କ୍ଷତର ମରାମତି କରି ନାଆକୁ ସାଙ୍ଗରେ ଧରି ଆଗକୁ ଚାଲିଲା ।

କିଛିବାଟ ଗଲାପରେ ଗଭୀର ସମୁଦ୍ରରେ ଉଭୟଙ୍କ ଉପରେ ହିଂସ୍ର ସାର୍କ ଆକ୍ରମଣ କଲା । ନାଆକୁ ରକ୍ଷା କରିବା ପାଇଁ ଯୁବକ ସାର୍କ ସହ ଲଢି ତାକୁ ମଧ୍ୟ ପରାସ୍ତ କଲା । ଏହାପରେ ନାଆ ଓ ଯୁବକ ମଧ୍ୟରେ ଥିବା ସମ୍ପର୍କ ଆହୁରି ନିବିଡ ହୋଇଗଲା । ନାଆକୁ ସାଥିରେ ଧରି ଯୁବକ ପୁଣି ଆଗକୁ ଚାଲିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ବାଟ ଗଲାପରେ ଯୁବକ ଓ ନାଆ ଉଭୟ ଥକିଗଲେ, ତେଣୁ ବିଶ୍ରାମ ନେବା ପାଇଁ ଉଭୟ ଗୋଟିଏ ସ୍ଥାନରେ କିଛି ସମୟ ଅଟକି ଗଲେ । ବିଶ୍ରାମ ନେଉଥିବା ସମୟରେ ଯୁବକ ଜଣକ କିଛି ଦୂରରେ ଅନ୍ୟ ଏକ ନାଉରୀବିହୀନ ନାଆକୁ ଦେଖିଲା । ସେ ନାଆଟି ଯୁବକକୁ ହାତଠାରି ତା ନିକଟକୁ ଯିବାପାଇଁ ଡାକୁଥିଲା । ନୂଆ ନାଆର ରୂପ ମାଧୁର୍ଯ୍ୟ ଦେଖି ନିଜ ହୃଦୟ ଉପରୁ ନିୟନ୍ତ୍ରଣ ହରାଇ ନୂଆ ନାଆ ପାଖକୁ ଯିବାକୁ ଲାଗିଲା । କିଛିବାଟ ଗଲାପରେ ଯୁବକର ତା ପୁରୁଣା ନାଆ କଥା ମନେ ପଡିଗଲା । ତେଣୁ ସେ ଅଧା ବାଟରୁ ନିଜ ନାଆ ପାଖକୁ ଫେରି ଆସିଲା । ଯୁବକ ନୂଆ ନାଆ ପାଖକୁ ନଯିବାରୁ ନୂଆ ନାଆଟି ରାଗରେ ବିଚଳିତ ହୋଇପଡିଲା । ତାପରେ ନୂଆ ନାଆ ଯୁବକକୁ ଧମକ ଦେଇ କହିଲା, ଯଦି ତୁମେ ମୋ ପାଖକୁ ନଆସିବ ତାହେଲେ ମୁଁ ତୁମ ନାଆକୁ ସମୁଦ୍ରରେ ବୁଡାଇ ଦେବି । ଏହା ଶୁଣି ଯୁବକ ଡରିଗଲା ଓ ନିଜ ନାଆର ସୁରକ୍ଷା ପାଇଁ ସିଏ ନୂଆ ନାଆର କଥାରେ ରାଜି ହେଇଗଲା ।

ମାତ୍ର ଯୁବକ ନୂଆ ନାଆ ପାଖକୁ ଯିବା ପୂର୍ବରୁ ତା ନାଆ ସବୁ କଥା ଜାଣିପରି ଯୁବକ ଉପରେ ପ୍ରବଳ ରାଗିଲା । ଯୁବକ ଯେତେ ବୁଝେଇବାକୁ ଚେଷ୍ଟା କଲା କିନ୍ତୁ ନାଆ ତାର କୌଣସି କଥା ନଶୁଣି ତାକୁ ମଝି ସମୁଦ୍ରରେ ଏକା ଛାଡିଦେଇ ଆଗକୁ ଚାଲିଗଲା । ଯୁବକକୁ ବୁଡି ଯାଉଥିବାର ଦେଖି ନୂଆ ନାଆ ବି ତାଠାରୁ ଦୂରକୁ ଚାଲିଗଲା । କିଛିବାଟ ଗଲାପରେ ଯୁବକର ନାଆର ମନେପଡିଗଲା ଯେ ଯୁବକକୁ ପହଁରା ଜଣାନାହିଁ । ତେଣୁ ସେ ପୁଣି ପଛକୁ ଫେରି ଯୁବକକୁ ଖୋଜିବାକୁ ଲାଗିଲା । ହେଲେ ଏତେବଡ ସମୁଦ୍ରରେ ସେ ଯୁବକକୁ କେମିତି ଖୋଜି ପାରିବ ? ବହୁତ ଖୋଜିବା ପରେ ସେ ଯୁବକକୁ ପାଇଲା କିନ୍ତୁ ସେତେବେଳକୁ ଯୁବକ ବହୁତ୍ ପାଣି ପିଇ ବେହୋସ ହେବାକୁ ଯାଉଥାଏ । ନାଆ ତାକୁ ଉଦ୍ଧାର କରି ନିଜ ସାଥିରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୂଳକୁ ଆଣି ତାର ସେବା କଲା ।ଯୁବକ ଧିରେ ଧିରେ ସୁସ୍ଥ ହେବାକୁ ଲାଗିଲା । ମାତ୍ର ଦିନେ ଯୁବକ ଶୋଇଥିବା ବେଳେ ନାଆ ଆଉଜଣେ ନାଉରୀ ସହ ସମୁଦ୍ରକୁ ବୁଲିବାକୁ ଚାଲିଗଲା । ଯୁବକର ନିଦ ଭାଙ୍ଗିବା ବେଳକୁ ନାଆ ନୂଆ ନାଉରୀ ସହ ଅନେକ ଦୂରକୁ ଯାଇସାରିଥାଏ । ଯୁବକ ବହୁ ବିକଳ ହୋଇ ନାଆକୁ ତାପାଖକୁ ଫେରି ଆସିବା ପାଇଁ ନେହୁରା ହୋଇ କହିଲା । ମତ୍ର ନାଆ ଯୁବକକୁ କହିଲା ତୁମସହ ମୋର ଏତିକି ଦିନହିଁ ରହିବାର ଥିଲା । ଆଜି ଠାରୁ ତୁମ ସହ ମୋର କୌଣସି ସମ୍ପର୍କ ନାହିଁ । ମତେ ତୁମେ ଭୁଲିଯାଇ ନୂଆକରି ଜୀବନ ବଞ୍ଚିବାକୁ ଚେଷ୍ଟାକର । ମୁଁ ଭାବୁଛି ତୁମକୁ ଅତି ଶୀଘ୍ର ମୋ ଠାରୁ ବି ଆହୁରି ଭଲ ନାଆ ନିଶ୍ଚିତ ମିଳିଯିବ । ଏତିକି କହି ନାଆ ନୂଆ ନାଉରୀ ସହ ସମୁଦ୍ର ବକ୍ଷରେ ହଜିଗଲା । ଆଉ ଯୁବକ କୂଳରେ ଠିଆ ହୋଇ ବହୁତ କାନ୍ଦିଲା । ଆଉ ଏକା ଏକା ନାଆର ସ୍ମୃତିକୁ ସାଥିରେ ଧରି ସେଇ ସମୁଦ୍ର କୂଳରେ ବୁଲି ସମୟ ବିତେଇବାକୁ ଲାଗିଲା ।

ବଳରାମପୁର, କୁଶଳେଶ୍ୱର
ଘସିପୁରା, ଆନନ୍ଦପୁର
କେନ୍ଦୁଝର, ପିନ୍-୭୫୮୦୨୫
ଦୂ.ଭା-୮୮୯୫୧୧୭୩୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଇ ଅନ୍ଧୁଣୀ



ଲକ୍ଷ୍ମୀକାନ୍ତ ମାଝୀ

ଘରେ ଚାପ ଗ୍ରସ୍ତ ବାପାମା ଆଉ ବଡ଼ ଭଉଣୀ ସମସ୍ତେ ଯେମିତି ବିଶ୍ୱ ପାଇଁ ଥିଲେ ଚିନ୍ତିତ । ବାପା କହନ୍ତି ଆରେ ତୋ ବୟସର ପିଲାମାନେ ଚାକିରୀ କରି ଘର ସଂସାର କଲେଣି, ଆଉ ତୁ ..... ତୋତେ ଏତେ କଷ୍ଟ କରି ପାଠ ପଢେଇଲି, ତୁ ଯାହା ଇଚ୍ଛା କଲୁ ସବୁ ଦେଇଛି ହେଲେ ତୁ ଅଥଚ ଅକର୍ମା ମୋ ଭାଗ୍ୟରେ ଥିଲୁ ।

ବିଶ୍ୱ ଆଉ କହିବ କଣ ସତେ ଯେମିତି ସେ କାଠପରି ଛିଡାହୋଇ ଶୁଣୁଥିଲା । ଏତିକି ଭିତରେ ମା ଖାଇବାକୁ ଡାକିଲା ମନ ଦୁଃଖରେ ଅଧା ଖାଇବାରୁ ଉଠି ଚାଲିଗଲା ଏକ ନିଘଞ୍ଚ ବନାନୀ ଭିତରେ ଶାନ୍ତ ହୋଇ ବସିପଡ଼ିଲା ଏକ ବିରାଟ ବଟ ବୃକ୍ଷ ତଳେ ସେ ଯେମିତି ହୋଇ ଯାଇଥିଲା କ୍ଷୀଣ, ଦୁଃଖସାଗରରେ ବୁଡି ଉବୁଟୁବୁ ହେଉଥିଲା । ମନରେ ତାର ଅସୁମାରୀ ଆଶାଥିଲା ଦିନେ ଆଇ.ଏ.ଏସ ଅଧିକାରୀ ହେବ କିନ୍ତୁ ସମୟ କାହାକୁ ଅପେକ୍ଷା କରେନି । ସମୟ ସହ ବୟସ ଆସି ୨୭ରେ ପାଦ ଦେଲାଣି ଆହୁରି ଭବିଷ୍ୟତ ବିଷୟରେ ନିଜ କୁ ନିଜେ ପ୍ରଶ୍ନ ସହ ବହୁ କଳ୍ପନା ଜଳ୍ପନା ଭିତରେ କେତେବେଳୁ ଯେ ଘରୁ ଚାଲି ଆସି ସଂଜ ନଇଁ ଆସିଲା ବିଶ୍ୱ ଜାଣିନପାରି ହାଉବଡ଼ ହୋଇ ଘର ମୁହାଁ ହେଲା ।

ଏ ପଟେ ମା ବ୍ୟସ୍ତ ପିଲାଟା କେଉଁଆଡେ ଚାଲିଗଲା ବୋଲି ଦୁଆର ପିଣ୍ଡାରେ ବସିଛି । ମା'କୁ ଦେଖି ଟିକିଏ ହସି ଦେଇ ନିଜ ରୁମକୁ ଚାଲିଗଲା । ସକାଳୁ ଉଠି ଘରଛାଡ଼ି ଚାଲିଯିବାକୁ ନିଷ୍ପତ୍ତି ନେଇ କାହାକୁ କିଛି ନକହି ଚାଲିଗଲା ବସ୍‌ଷ୍ଟାଣ୍ଡକୁ ବସ କିଛିଦୂର ଗଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରେ ଦୁଇ ଅନ୍ଧୁଣି ବସ୍ ରେ ଚଢ଼ିଲେ ଓ ବିଶ୍ୱ ଆଗ ସିଟରେ ଆସି ବସିଲେ । ସେମାନେ ବହୁତ ଖୁସି ଜଣା ପଡୁଥିଲେ । ଏତିକି ଭିତରେ ଜଣେ ଅନ୍ଧୁଣିର ଫୋନ ରିଂ ହେଲା ସେ ଉଠାଇଲା ଓ କଥା ହେଲା । ବିଶ୍ୱ ମଧ୍ୟ ସେମାନଙ୍କ ସହ କଥା ହେଲା ଏତିକି ଭିତରେ ବସ କଣ୍ଡକ୍ଟରର ଡାକ ଶୁଣି ସେମାନେ ବସ୍ ରୁ ଓହ୍ଲାଇ ଚାଲିଗଲେ । ବିଶ୍ୱ ଏ ସବୁ ଦେଖି ବିଶ୍ୱ ଶକ୍ତି ବିଷୟରେ ସବୁ ବୁଝି ଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳା ଅବିର



ଗଦାଧର ବଳ

ଡଃ ଶତପଥିଙ୍କ ନାସ୍ତିକ ବାଣୀ ଶୁଣି ରଜତ ବାବୁଙ୍କର ଅକଲ ଗୁଡୁମ ହୋଇ ଯାଇଥିଲା ସେଦିନ । ଲାଗୁଥିଲା ଆକାଶଟା ତାଙ୍କ ମୁଣ୍ଡ ଉପରେ ଯେମିତି ଛିଡି ପଡୁଛି, ଅନୁଭବ କରୁଥିଲେ ପୃଥିବୀ ବି କ୍ରମଶଃ ତାଙ୍କ ପାଦ ତଳୁ ମାଟିକୁ କାଢି ନେଉଛି । ଭୀଷଣ ମାନସିକ ଆଘାତରେ ଯେମିତି ସେ କ୍ଷତ ବିକ୍ଷତ ହୋଇ ଯାଇଛନ୍ତି । ଡଃ ରମେଶ ଶତପଥି, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ପ୍ରତିଷ୍ଠିତ ବରିଷ୍ଠ ପ୍ରଫେସର, ଡାକ୍ତରୀ ପାଠ ଆମେରିକାରେ ପଢିଛନ୍ତି, ସେହି ବିଭାଗରେ ଦିଲ୍ଲୀ ଏମ୍ସରେ ଦୀର୍ଘ ଦିନ ସରକାରୀ ଚାକିରି ପରେ ଦୁଇମାସ ତଳେ ଅବସର ନେଇଛନ୍ତି । ଅବସର ପରେ ଏହି ସହରକୁ ଆସି ରୋଗୀସେବା କରୁଛନ୍ତି । ମହିଳା ପ୍ରସୂତୀମାନଙ୍କର ବହୁ ଦୁରାରୋଗ୍ୟକୁ ଭଲ କରିଦେବାର ଯାଦୁ ଭଗବାନ ତାଙ୍କୁ ଶିଖେଇ ଦେଇଛନ୍ତି । ତାଙ୍କର ହାତ ସ୍ପର୍ଶର ସ୍ୱତନ୍ତ୍ରତା, ରୋଗୀ ଯେ ଅନୁଭବ କରେ ଏଥିରେ ଦ୍ୱିମତ ହେବାର ନାହିଁ । ସାମାନ୍ୟ ଗର୍ଭପାତଟିଏ କରାଇବାକୁ ସିଧା ସିଧା ମନା କରିଦେଉଛନ୍ତି ସେ !

ରୋଗୀ ଦେଖିବା ପୂର୍ବରୁ କେବଳ ପଦୁଟିଏ ପଚାରିଲେ, "ଗର୍ଭ ଧାରଣ କେବେ ହେଲା ?"

ରଜତ ବାବୁଙ୍କ କଲେଜ ପଢୁଆ ନାବାଳିକା ଝିଅ ମାମୀ ଗୁମୁରୀ ଗୁମୁରୀ କାନ୍ଦି କେବଳ ଉତ୍ତର ଦେଇଥିଲା, "ଗତ ହୋଲି ଦିନ ।"

ବାସ ଏତିକିରେ କଥାରେ ସେ ରୋକ ଠୋକ ମନା କରିଦେଲେ, ଗର୍ଭପାତ କରାଇବା ସମ୍ଭବ ନୁହଁ ବୋଲି ! ରଜତ ବାବୁ ଯେତେ ଅନୁନୟ ବିନୟ ହେଲେ ବି ସେ ଶୁଣୁ ନାହାନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବରଂ ବୁଝାଇ କହୁଛନ୍ତି ଗର୍ଭ ଧାରଣର ପାଞ୍ଚ ମାସ ହୋଇ ଗଲାଣି, ଯଦି ଗର୍ଭପାତ କରାଯାଏ ଗର୍ଭସ୍ଥ ଶିଶୁ, ଏପରିକି ମାଆର ଜୀବନ ବିପଦ ପ୍ରତି ବିପଦ ଅଛି ।

ରଜତ ବାବୁଙ୍କ ଆଖିରେ ଲୁହର ବନ୍ୟା, ତାଙ୍କ ପତ୍ନୀ ସୁମତୀଙ୍କର ତ ଅବସ୍ଥା ଆହୁରି ଖରାପ । କାରଣ ସେମାନଙ୍କର ଏକମାତ୍ର କନ୍ୟା 'ମାମୀ' । ବୟସ ମାତ୍ର ୧୮ ବର୍ଷ । କଲେଜର ଅଧ୍ୟୟନରତ, ଦ୍ୱିତୀୟ ବର୍ଷ କଳାର ଛାତ୍ରୀ । ଅବିବାହିତ ମାତୃତ୍ୱ ଲାଭ କରିଛି । ଯଦି ଗର୍ଭପାତ କରା ନ ଯାଏ, ଜନ୍ମିତ ସନ୍ତାନଟି କାହାର ବୋଲି କହିବେ ?

ଏମିତି ଭାବନା ରାଇଜର ଚଲା ପଥର ଦୋଛକିରେ ଅଟକି ଯାଇଛନ୍ତି ପତି ପତ୍ନୀ ଉଭୟ । ନିଷ୍ପତ୍ତି ନେଇ ପାରୁନାହାନ୍ତି, କେଉଁ ରାସ୍ତାରେ ଗଲେ ଆପାତତଃ ସମ୍ମାନଟିକକ ବଞ୍ଚାଇ ପାରିବେ !

ଯେତେ ଟଙ୍କା ଖର୍ଚ୍ଚ ହେଲେ ବି ଯଦି ଗର୍ଭପାତ କରା ନଯାଏ ସେମାନେ ସମାଜରେ କେମିତି ମୁହଁ ଦେଖେଇ ବାଟ ଚାଲିବେ ? ନିଜର ମାନସମ୍ମାନ, ପ୍ରତିପତ୍ତି ଧୂଳିସାତ ହୋଇଯିବ !

ମାମୀ, ରଜତ ପ୍ରଧାନଙ୍କର ଏକମାତ୍ର କନ୍ୟା, ବହୁ ଦିଅଁ ପୁଜାପରେ ଜନ୍ମ ଲାଭ କରିଛି, ସେମାନଙ୍କ ବିବାହର ପ୍ରାୟ ୭ ବର୍ଷ ପରେ । ମାମୀ ଜନ୍ମ ପରେ ରଜତ ବାବୁ ଯେମିତି ଆଉ ଗୋଟିଏ ପିଲା କଥା ଚିନ୍ତା ହିଁ କରିନାହାନ୍ତି । ବହୁ ଅଲିଅଳିରେ ବଢାଇଛନ୍ତି ତାକୁ । ଉଗ୍ର ଆଧୁନିକା ଚରିତ୍ରର, କଲେଜ ଯିବା ପାଇଁ ସ୍କୁଟି କିଣେଇ ଦେଇଛନ୍ତି । ପ୍ରତ୍ୟକ ଦିନ ମାମୀ ସେଇଥିରେ ହିଁ କଲେଜ ଯାଏ । ଆଧୁନିକତାର ସ୍ପର୍ଶରେ ଏତେ ମତୁଆଲା ଯେ ସମସ୍ତଙ୍କୁ ବେଖାତିର କରିବାର ଅନେକ ନଜିର ରହିଛି ।

ରଜତ ବାବୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ । ନିଯୁକ୍ତି ପରେ ପରେ ଗାଁ ଛାଡି ସହରରେ ସରକାରୀ କ୍ୱାଟରରେ ରହୁଛନ୍ତି । ସହକର୍ମୀ ଉମେଶ ବାବୁଙ୍କ

 Magazine Downloaded from www.aahwaan.com

ପୁଅ ସୁରେଶ ମାମୀର ସହପାଠୀ । ଉଭୟଙ୍କ ଜନ୍ମ ପୁର୍ବରୁ ଉଭୟ ପରିବାର ପଡୋଶୀ ଓ ସେମାନଙ୍କ ଜନ୍ମ ପରେ ବି ଉଭୟ ପରିବାରର ପୁର୍ବପରି ପାରିବାରିକ ସୁସଂପର୍କ ମଧ୍ୟ ରହି ଆସିଛି । ପ୍ରାଥମିକ ଶିକ୍ଷା ସମୟରୁ ଉଭୟ ମାମୀ ଓ ସୁରେଶ ସାଥୀ ହୋଇ ଅଦ୍ୟାବଧି ସ୍କୁଲ ଶିକ୍ଷା ଓ ପରେ କଲେଜ ମଧ୍ୟ ଯାଉଛନ୍ତି ।

କିନ୍ତୁ ରଜତ ବାବୁଙ୍କ ଭଲ ପାଇବାର ସୁଯୋଗ ନେଇ ମାମୀ ଇତିମଧ୍ୟରେ ଉଗ୍ର ଆଧୁନିକତାକୁ ଆପଣେଇ ନେଇଛି । କଲେଜରେ କ୍ଲାସ ସରିବାର ବହୁ ବିଳମ୍ବରେ ସେ ଅନେକ ସମୟରେ ଘରକୁ ଫେରେ, ବିଳମ୍ବର କାରଣ ପଚାରିଲେ କହେ ଏକ୍ସଟ୍ରା କ୍ଲାସ ହେଉଥିଲା, ପ୍ରମାଣ ପାଇଁ ସବୁ ବେଳେ ସୁରେଶକୁ ହିଁ ସାକ୍ଷୀ କରିଥାଏ । ପିଲାଟିକୁ ଅତ୍ୟଧିକ ଭଲ ପାଇବାର ଅପବ୍ୟବହାର ଯେ ମାମୀ କରୁଛି, ସେ କଥା ରଜତ ବାବୁ କିମ୍ବା ତାଙ୍କ ପତ୍ନୀ ସୁମତୀ ଦେବୀ ସ୍ୱପ୍ନରେ ବି ଭାବି ନଥିଲେ । ଅନେକ ସମୟରେ ସାମାନ୍ୟ ନିଶାଗ୍ରସ୍ତ ପରି ଲାଗୁଥିଲେ ବି କାରଣ ପଚାରିଲେ, ଦିନ ଯାକର ସ୍କୁଲ ପାଠର ଅତ୍ୟଧିକ ଚାପ ଏହାର କାରଣ ବୋଲି ସଫେଇ ଦେଇଥାଏ ।

ଯାହା ବି ହେଉ ରଜତ ବାବୁ ଓ ଉମେଶ ବାବୁ ଉଭୟ ପରିବାର ବର୍ଷ ଯାକର ସମସ୍ତ ପର୍ବ ପାର୍ବଣୀକୁ ପିଲାମାନଙ୍କ ସହ ମିଶି କରି ମନେଇଥାନ୍ତି । ଉଭୟ ପରିବାରର ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ପାଇଁ ଦୁଇ ପିଲାର ବାପାମାଆ ଉଭୟ ପିଲା ତାଙ୍କର ବୋଲି ଭାବି ନେଇଛନ୍ତି । ତେଣୁ ମାମୀ ଓ ସୁରେଶ ଭାଇ ଭଉଣୀ ବୋଲି ସେମାନେ ଚିନ୍ତା କରନ୍ତି । ଏହାର ସୁଯୋଗ ଯେ ପିଲାମାନେ ନେବେ ସେମାନେ ସ୍ୱପ୍ନରେ ବି ଭାବି ନାହାନ୍ତି । ଅନେକ ସମୟରେ ଉଭୟ ପରିବାର ବାହାରକୁ ଗଲେ ଜଣେ ଅନ୍ୟ ଜଣକ ଦାୟିତ୍ୱରେ ମଧ୍ୟ ପିଲାମାନଙ୍କୁ ଛାଡି ଦେଇ ଯାଆନ୍ତି । ଗତ ବର୍ଷ ହୋଲି ସମୟରେ ଉମେଶ ବାବୁ ପତ୍ନୀଙ୍କ ସହ ଶଶୁରଙ୍କର ଶ୍ରାଦ୍ଧ ବାର୍ଷିକରେ ଯୋଗଦେବା ପାଇଁ ତାଙ୍କ ଗାଁ କେନ୍ଦ୍ରାପଡାର ବରହମପୁରକୁ ଯାଇଥିଲେ । ବାର୍ଷିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରୀକ୍ଷା ଚାଲିଥିବାରୁ ସୁରେଶକୁ ସେମାନେ ରଜତ ବାବୁଙ୍କ ଘରେ ଛାଡି ଦେଇ ଯାଇଥିଲେ । ହୋଲି ଦିନ ମାମୀ ଓ ସୁରେଶ ଉଭୟ ରଂଗ ଖେଳିବା ପାଇଁ ଜଣେ ସହପାଠୀ ଘରକୁ କହି ଦେଇ ଯାଇ କେତେକ ସାଥୀଙ୍କ ମେଳରେ ହୋଲିକୁ ଅଧିକ ରଂଗୀନ କରିବା ପାଇଁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସର୍ବତ ପିଇ ଦେଇଥିଲେ । ତ କିଛି ସମୟପରେ ସାଥୀମାନଙ୍କ ସହ ଡିଜେ ବାଜାରେ ମସଗୁଲ ହୋଇ ନାଚୁ ନାଚୁ ଅଜାଣତରେ ନିଶା ସେବନ କରିଛନ୍ତି ବୋଲି ଆଦୌ ଅନୁଭବ କରି ପାରି ନଥିଲେ । ସାଥିମାନଙ୍କ କୁପ୍ରରୋଚନା ମଧ୍ୟ ସେମାନଙ୍କୁ ଅଧିକ ନିଶାଗ୍ରସ୍ତ ତଥା ମତୁଆଲା କରି ଦେଇଥିଲା । ଖୁବ ନିକଟତର ହୋଇ ଯାଇଥିଲେ ସେମାନେ, ଏପରିକି ସାଥି ଘରେ କେହି ପରିବାର ଲୋକ ନଥିବା ସୁଯୋଗ ନେଇ ଡିଜେ ଶବ୍ଦର ସାମାନ୍ୟ ଆଡୁଆଳରେ ତାଙ୍କର ବେଡ୍ ରୁମକୁ ପଳାଇ ଯାଇ ଉଭୟ ଉଭୟଙ୍କୁ ଆଲିଙ୍ଗନ ଓ ପରେ ଶାରୀରିକ ସଂପର୍କ ତୋଳି ବସିଥିଲେ । ଏମିତି କି ଉଭୟଙ୍କର ଉଷୁମ ନିଶ୍ୱାସର ସ୍ୱର୍ଶ ପରସ୍ପରର ଖୁବ୍ ନିକଟତର କରି ଦେଇଥିଲା । ଉଭୟ ଭୁଲି ଯାଇଥିଲେ ପାରିବାରିକ ସଂପର୍କ, ନିଜର କ୍ୟାରିୟର, ସାମାଜିକ ପ୍ରତିବଦ୍ଧତା, ପାରିବାରିକ ଶିକୁଳି ତଥା ହିତାହିତ ଜ୍ଞାନ । ସାମୟିକ ଉତ୍ତେଜନା ଟପି ଯାଇଥିଲା ସମସ୍ତ ସୀମା ସରହଦକୁ । ଦେହର ଉଷୁମ ତାତିକୁ କ୍ରମଶଃ ଶୀତଳ କରି ଦେଇଥିଲା କ୍ଷଣିକ ଉତ୍ତେଜନା । ସେଦିନ ବାଳ ସୂର୍ଯ୍ୟର ପ୍ରେମରେ ପଡି ଅବିବାହିତ କୁନ୍ତି କ୍ଷଣିକ ଉତ୍ତେଜନାରେ ଯେଉଁ ଭୁଲ କରି ବସିଥିଲେ ତାର ପରିଣାମ ଯେ ଉଭୟ କୁନ୍ତି ଓ କର୍ଣ୍ଣଙ୍କୁ ଭୋଗିବାକୁ ପଡିବ ଏକଥାକୁ ମନେ ରଖିପାରି ନଥିଲେ ସେ । ତାଙ୍କୁ ସାରା ଜୀବନ ଅସତୀ, ଚରିତ୍ରହୀନାର ଆଖ୍ୟାର କଳଙ୍କ ବହନ କରିବାକୁ ପଡିପାରେ, ପାଶୋରି ଯାଇଥିଲା ସେ । ସେମିତି ମାମୀ ସେଦିନ ଭୁଲି ଯାଇଥିଲା ଭବିଷ୍ୟତର ଫଳା ଫଳ ଉପରେ । ସୁରେଶ ବି ସେଦିନ ସେହି ଦୁର୍ବଳମୁହୁର୍ତ୍ତର ସୁଯୋଗ ନେଇଥିଲା, ମାମୀ ବି ଅଜାଣତରେ ଏକ ଅକ୍ଷମଣୀୟ ଭୁଲ କରି ବସିଥିଲା, ଯାହାର ପରିଣାମ ତାକୁ ହିଁ

Magazine Downloaded from www.aahwaan.com

ଭୋଗ କରିବାକୁ ପଡିବ ଜାଣି ନଥିଲା ସେ । ପରେ ଅବଶ୍ୟ ଉଭୟ ପ୍ରକୃତିସ୍ଥ ହୋଇ ଘରକୁ ଫେରିଥିଲେ ବି ସେବେ ଠୁଁ ମାମୀର ସବୁବେଳେ ଅନ୍ୟ ମନସ୍କତାକୁ ମାଆ ଲକ୍ଷ୍ୟ କରୁଥିଲେ ଓ ପାଠପଢାର ଅତ୍ୟଧିକ ଚାପର ଏହା ପ୍ରତିଫଳନ ବୋଲି ମାମୀଠାରୁ ଏହି ସଫେଇ ସେମାନଙ୍କୁ ଚୁପ ରହିବାକୁ ବାଧ୍ୟ କରୁଥିଲା । ମାତ୍ର ନେଡି ଗୁଡ କହୁଣୀକୁ ବୋହି ଯିବାପରେ କିଂକର୍ତ୍ତବ୍ୟମୁଢ ହୋଇ ଯାଇଥିଲେ, ରଜତ ବାବୁ ଓ ତାଙ୍କର ପତ୍ନୀ ସୁମତି ଦେବୀ । ପ୍ରାଥମିକ ଅବସ୍ଥାରେ ସମସ୍ତ କଥା ଜାଣିବାର ସୁଯୋଗ ହିଁ ମାମୀ ଦେଇନଥିଲା । ଯାହାର ପରିଣାମ ଆଜି ଭୋଗିବାକୁ ପଡୁଛି ରଜତ ବାବୁ ଓ ତାଙ୍କ ପତ୍ନୀଙ୍କୁ । ହୋଲିର ଅବିର କାହାପାଇଁ ନାଲି ତ କାହାପାଇଁ କଳା ହୋଇପାରେ, କିନ୍ତୁ କଳା ରଂଗ ଲଗାଉଥିବା ଲୋକଟି ଜାଣିପାରେନା ରଂଗ ଲାଗିଥିବା ଲୋକଟି ଯେ ସମାଜରେ ବାଛନ୍ଦ ହୋଇଯାଏ, ଅମଣିଷ, ଚରିତ୍ରହୀନା, ଦୁଶ୍ଚରିତ୍ରା, କଳଙ୍କିନି ବୋଲି ସମାଜ ତାକୁ ଆଖ୍ୟାୟିତ କରେ । ଏମିତିକି କଳା ରଙ୍ଗ ବୋଲି ହେଉଥିବା ଲୋକଟି ମଧ୍ୟ ଜାଣିପାରେନି ଭବିଷ୍ୟତ ସାମାଜିକ ପ୍ରତିବନ୍ଧକ, ପାରିବାରିକ ଅଶାନ୍ତି, ନୈରାଶ୍ୟ ତାକୁ ପାଗଳ କରିଦେବ । ଭବିଷ୍ୟତରେ ଯେ ସେ କେବଳ ବଦନାମ ହେବ ସେତିକି ନୁହଁ ବରଂ ପିତାମାତା ପରିବାରର ଲୋକମାନେ ବି !! ଡଃ ଶତପଥୀଙ୍କ ନାକାର ଶବ୍ଦ ଶୁଣି ଘରକୁ ଫେରି ଆସିବାକୁ ତ ରଜତ ବାବୁ ସେଦିନ ମନସ୍ଥ କରିଥିଲେ, ମାତ୍ର ଚିନ୍ତା କରୁଥିଲେ କଳା ଅବିର ବୋଳା ଜଣେ କଳଙ୍କିତ ଚରିତ୍ରକୁ ନେଇ ଯଦି ସେ ଫେରିବେ ତାଙ୍କର ପୁର୍ବ ଠିକଣାରେ ନା ନୁଆ ଠିକଣା ନେଇ.....

ଆଇନଜୀବୀ, ଭଦ୍ରକ.

୯୪୩୭୧୨୮୪୧,

ଇମେଲ୍ : gada.advocate@gmil.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନାଥ



ମନୋଜ କୁମାର ପଣ୍ଡା

ଆକାଶରୁ ଅଗ୍ନି ଅବିରତ ଧାରାରେ ବର୍ଷି ଚାଲିଛି । ପ୍ରଚଣ୍ଡ ରୌଦ୍ର ତାପ ହେତୁ ଗଛ ମାନଙ୍କର ଶାଖା, ପ୍ରଶାଖା, ପତ୍ର ଝାଉଁଳି ପଡିଛନ୍ତି । ନଦୀ, ପୋଖରୀ ଓ ପୁଷ୍କରିଣୀ ଆଦି ଶୁଷ୍କ ପ୍ରାୟ ଓ ରାସ୍ତାଘାଟ ଜନ ମାନବ ଶୂନ୍ୟ । ରାଜ ରାସ୍ତାରେ ତତଲା ପିଚୁର ବାଷ୍ପ ଉଠି, ମରୁଭୂମିରେ ମରୀଚିକାର ଭ୍ରମ ସୃଷ୍ଟି କରୁଛି । ବେଶ୍ କିଛିଦିନ ହେବ ପୃଥିବୀ ଉପରେ ଇନ୍ଦ୍ର ଦେବଙ୍କ କୋପର ବଜ୍ର ପଡିଛି ସିନା, ମାଟିକୁ ଭିଜାଇଲା ପରି ପାଣି ଟୋପେ ପଡିନି । ଚତୁର୍ଦ୍ଦିଗରେ କେବଳ ଶ୍ମଶାନର ନୀରବତା । ସେହି ନୀରବତାକୁ ଭଙ୍ଗ କରି କିଛି ଗାଡି, ରାସ୍ତାର ତତଲା ପିଚୁର ମୋଟା ଚାଦରକୁ ବିଦୀର୍ଣ୍ଣ କରି ମାଡି ଚାଲିଛନ୍ତି । ନିଜ ଚର୍ତ୍ତୁଃପାର୍ଶ୍ୱର ଦାରୁଣ ପରିବେଶକୁ ବେଖାତିର କରି ଜଣେ ବୃଦ୍ଧ, ମୁଣ୍ଡରେ ଚିରା ଗାମୁଛା ଖଣ୍ଡିଏ ଘୋଡିହୋଇ, ହାତରେ କିଛି ଲେଖା ଥିବା ଏକ ପଟି ଧରି କାହା ପାଇଁ ଅପେକ୍ଷାରତ । ଭଲରେ ଦେଖିବାରୁ ଜଣାପଡୁଛି ସେ ପଟିଟିରେ "ଖାଦ୍ୟ ପ୍ରସ୍ତୁତ" ବୋଲି ଲେଖାଅଛି । ଏତିକି ଜଣା ପଡୁଛି ଯେ, ଆସୁଥିବା ଗାଡି ମାନଙ୍କ ଉଦ୍ଦେଶ୍ୟରେ ଏହା ଏକ ସୂଚନା ମାତ୍ର । ରାସ୍ତାଠାରୁ କେଇ ଫୁଟ ଦୂରରେ ଏକ ହୋଟେଲ୍ । ବିଶେଷ ବଡ ନହେଲେ ବି, ଛୋଟ କୁହାଯାଇ ପାରିବନି । ହୋଟେଲର ଭିତର ଦୃଶ୍ୟକୁ ଲୁଚାଇ ରଖିଛି କଳା କାଚ ଲାଗିଥିବା କବାଟ ଓ ଝରକା । ସାମନାରେ କିଛି ଗାଡି ମୋଟରର ଉପସ୍ଥିତି ପ୍ରମାଣ କରୁଛି ଯେ ହୋଟେଲଟି ଭଲ ବ୍ୟବସାୟ କରୁଛି । ଜନ ମାନବ ଶୂନ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ କେବଳ ଟାଙ୍ଗରା ଭୂଇଁକୁ ଛାଡିଦେଲେ ଅନ୍ୟ କିଛି

 Magazine Downloaded from www.aahwaan.com

ଦୃଷ୍ଟିଗୋଚର ହେଉନି । କାହିଁ କେତେ ମାଇଲ୍ ଯାଏ, ଦୋକାନ ବଜାର ପାଇବା କଷ୍ଟ । ଏମିତି ପରିସ୍ଥିତିରେ ସେଇ ହୋଟେଲ୍ ହିଁ ସମସ୍ତଙ୍କର ସାହା ଭରସା । ବୃଦ୍ଧ ଲୋକର ଆଖିରେ କେବଳ ପ୍ରତୀକ୍ଷା ବ୍ୟତୀତ ଅନ୍ୟ କୌଣସି ଭାବ ପରିଲକ୍ଷିତ ହେଉନାହିଁ । ତା'ର ଘର୍ମାକ୍ତ ଶରୀର, ଶେତାଳିଆ ଆଖି ଓ ଶିରାଳ ହାତର ଥରଥର ଅବସ୍ଥା ଦେଖିଲେ ଜଣା ପଡୁଛି ସେ ବହୁତ ସମୟ ଧରି ସେହି ଖରାରେ ଛିଡା ହୋଇରହିଛି ।

ମଧୁପୁର ଗ୍ରାମର ଅଥାନି ସାହୁ । ବୟସ ପାଖାପାଖି ସତୁରୀ ହେବ । ଘରେ ରୋଗିଣା ସ୍ତ୍ରୀ, ଯିଏ ବର୍ଷର ଅର୍ଦ୍ଧାଧିକ କାଳ ବିଛଣାରେ ପଡିରୁହେ । କିଛିଦିନ ତଳେ ହୋଟେଲରେ କାମ କରୁଥିବା ଏକମାତ୍ର ପୁଅ ଗୋପାଳ , ସେହି ହୋଟେଲରେ ଗ୍ୟାସ୍ ସିଲିଣ୍ଡର ଫାଟିବାରୁ ମୃତ୍ୟୁବରଣ କରିଛି । ଗୋପାଳ ଚାଲିଯିବା ପରେ, ତା'ର ସ୍ତ୍ରୀ ଓ ଚାରି ବର୍ଷର ଝିଅର ସବୁ ଦାୟିତ୍ୱ ଅଥାନି ଉପରେ ନ୍ୟସ୍ତ । ବଳ ବୟସ ଥିଲା ବେଳେ ଅଥାନି ବସ ଷ୍ଟାଣ୍ଡରେ ହକର କାମ କରୁଥିଲା । ତାର ଗୁରୁଗମ୍ଭୀର ସ୍ୱରର ଯାଦୁରେ ଯାତ୍ରୀମାନଙ୍କୁ ଟାଣି ଆଣୁଥିଲା ବସ୍ ଭିତରକୁ । ଅଥାନି ଯେଉଁ ବସ୍ ଆଗରେ ଛିଡା ହେଉଥିଲା, ସେ ବସ୍ ରେ କେବେ ସିଟ୍ ଖାଲି ପଡୁ ନ ଥିଲା । ଯାତ୍ରୀ ମାନଙ୍କୁ ଭାଇ, ମାଆ, ଭଉଣୀ ଆଦି ସମ୍ବୋଧନ କରି ବସ୍ ଭିତରକୁ ପାଛୋଟି ନେଲା ବେଳର ଦୃଶ୍ୟ ଯିଏ ଦେଖିଛି, ସେ ହିଁ ଜାଣି ପାରିବ ଅଥାନି ବ୍ୟକ୍ତିତ୍ୱର ପରାକାଷ୍ଠା । ଧିରେ ଧିରେ ବୟସ ବଢିବା କାରଣରୁ ଦେହରେ ନାନା ବେମାରୀ ଜନ୍ମ ନେଲା ଓ ଅଥାନିର ସ୍ୱରର ଗାମ୍ଭୀର୍ଯ୍ୟତା କମିଚାଲିଲା । ବସଷ୍ଟାଣ୍ଡରେ ଗୁଣ୍ଡାଗିରି ଓ ଜୋର ଜବରଦସ୍ତି କରି ଯାତ୍ରୀମାନଙ୍କୁ ନିଜ ଗାଡିକୁ ଟାଣି ନେବା ପ୍ରତିଯୋଗିତାରେ ବାରମ୍ବାର ହାରି, ସେ ହକର୍ ଚାକିରୀ ପରିତ୍ୟାଗ କଲା । ଚାକିରୀ ଛାଡିବା ପଛରେ ଅନ୍ୟ କାରଣ ଟି ଥିଲା ପୁଅ ଗୋପାଳର ବାହାଘର ଓ ଏକ ହୋଟେଲରେ ରୋଷେଇଆ ଭାବରେ ନିଯୁକ୍ତି । ଗାଁଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଖ ହୋଟେଲଟି ଆଖପାଖ ଅଞ୍ଚଳରେ ସୁସ୍ୱାଦୁ ଖାଦ୍ୟ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା । ରାଜରାସ୍ତା ପାଖରେ ଦୂର ଦୂର ଯାଏ କୌଣସି ହୋଟେଲ ନ ଥିବା କାରଣରୁ ହୋଟେଲର ବିକ୍ରୀ ଯଥେଷ୍ଟ ଅଧିକା ଥିଲା । ଗୋପାଳ ଦରମା ଟଙ୍କାରେ ସମସ୍ତଙ୍କର ଆବଶ୍ୟକତା ପୂର୍ଣ୍ଣ ହେବା ସହ, କିଛି ସଞ୍ଚୟ ମଧ୍ୟ ହେଉଥିଲା । ପୁଅ ଚାକିରୀ କଲା ପରେ ଭଙ୍ଗରା ଚାଳ ଘରର ରୂପଭେକ ବଦଳି ଆଜବେସଟସ୍ ଘରକୁ ରୂପାନ୍ତରିତ ହୋଇସାରିଥିଲା । କିନ୍ତୁ ଏକ ଦୁର୍ଦ୍ଦିନରେ ଗ୍ୟାସ ସିଲିଣ୍ଡର ଫାଟି ଗୋପାଳ ଆରପାରିକୁ ଚାଲିଗଲା । ହୋଟେଲଟି ଜଳି ପୋଡି ପାଉଁଶ ହୋଇଯାଇଥିଲା । ଖବର କାଗଜରେ ଘଟଣା ବିଷୟରେ ବାହାରିଲା ସତ, କିନ୍ତୁ ସେଥିରେ ଗୋପାଳର ମୃତ୍ୟୁ କଥା କିଛି ଲେଖା ନଥିଲା । ଜୀବନ ବୀମା ପଇସା ସାହାଯ୍ୟରେ ହୋଟେଲ କିଛି ଦିନ ଭିତରେ ପୁଣି ନିଜ ପୂର୍ବ ରୂପ ଭେକ ଫେରି ପାଇଲା । ଫେରିଲାନି କେବଳ ଗୋପାଳ, ତା ଚିତା ଜଳିବା ସହ ଅଥାନି ପରିବାରର ଭବିଷ୍ୟତ ଜଳି ପୋଡି ଛାରଖାର ହୋଇଯାଇଥିଲା । ମାଲିକ ଅନୁକମ୍ପା କରି, ନାଲି ଆଖି ଦେଖେଇ ଟଙ୍କା ଦୁଇହଜାର ଅଥାନି ହାତରେ ଧରେଇ କହିଲା– ପୋଲିସ୍ ପାଖକୁ ଗଲେ ଓ କୋର୍ଟ କଚେରୀ ମାମଲାରେ ପଡିଲେ ଘରଦ୍ୱାର ବିକ୍ରୀ କରିବାକୁ ପଡିବ । ଯାହା ହେଲା, ସେ କଥା ଭୁଲି ଯା । ହକର କାମ କରି ଯାତ୍ରୀଙ୍କୁ ବସ୍ କୁ ଟାଣୁଥିଲୁ, ଏବେ ସେଇ କାମ କରି ଲୋକଙ୍କୁ ମୋ ହୋଟେଲକୁ ଟାଣିବୁ । ଦିନକୁ ପଚାଶ ଟଙ୍କା ଦେବି । କ'ଣ ରାଜି ତ ?

ମାଲିକର କଥା ନିହାତି ଅପ୍ରାସଙ୍ଗିକ ଓ ଅଯୌକ୍ତିକ ଲାଗୁଥିଲେ ମଧ୍ୟ ଅଥାନି ପାଖରେ ଅନ୍ୟ କିଛି ଚାରା ନ ଥିଲା । ରୋଗୀଣା ସ୍ତ୍ରୀ, ଗୋପାଳର ସ୍ତ୍ରୀ ଓ ଝିଅର ଭରଣପୋଷଣ ପାଇଁ ସେ ଦୁନିଆର ସବୁ ସର୍ତ୍ତ ମାନିବାକୁ ପ୍ରସ୍ତୁତ ଥିଲା । ତା' ପରଦିନ ସକାଳୁ ପୁରୁଣା ସାଇକେଲଟି ମରାମତି କରି ଅଥାନି ହୋଟେଲ ଗଲା । ସକାଳ ସାତଟାରୁ ସନ୍ଧ୍ୟା ସାତଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ର ଠିକଣା ଥିଲା ରାଜ ରାସ୍ତାର ପାର୍ଶ୍ୱରେ ଥିବା ହୋଟେଲର ସାମନା ଯାଗା । ସକାଳୁ ତୋରାଣୀ ମୁନ୍ଦିଏ ପିଇ ସେ ବାହାରି ଆସେ ଓ ସଞ୍ଜ ବୁଡିବା ବେଳକୁ ପାଉଣା ନେଇ ଘରକୁ ଫେରେ । ସେତିକି ପଇସାରେ ଘର ଚଳାଇବା ନିତାନ୍ତ ଅସମ୍ଭବ ହେଲେ ମଧ୍ୟ ପରିବାର ଚଳାଇବାର ଅନ୍ୟ କୌଣସି ରାସ୍ତା ନ ଥିଲା । ମାଲିକ ଭଲରେ ଜାଣିଥିଲା ଅଥାନିର ଦୁରବସ୍ଥା ବିଷୟରେ, ତେଣୁ ତା ପାଖରୁ ଯେତେ ଉପାୟରେ କାମ ହାସଲ କରାଯାଇପାରେ ସେ କରି ଚାଲିଥିଲା । ପ୍ରତିବାଦ କରିବାର ସ୍ୱର କେବେ ଠାରୁ ହଜେଇ ସାରିଥିଲା ଅଥାନି, କେବଳ ଯନ୍ତ୍ରବତ୍ ଆଦେଶ ପାଳନ କରିବା ହିଁ ତା'ର ଭାଗ୍ୟ ହୋଇସାରିଥିଲା ।

ସବୁ ଦିନ ପରି ସେଦିନ ମଧ୍ୟ ସେ ଗ୍ରାହକ ଆଶାରେ ଛିଡା ହୋଇଥିଲା ସକାଳୁ । କିନ୍ତୁ ଭୟଙ୍କର ଖରା ପାଇଁ ଲୋକଙ୍କର ସଂଖ୍ୟା ଅପେକ୍ଷାକୃତ କମ୍ ଥିଲା । ମାଲିକ ତିନି ଚାରିଥର ଡାକି ତାଗିଦ୍ କରି କହିଲାଣି—କ'ଣ ଶୋଇପଡୁଛୁ ନା କ'ଣ ? ଲୋକ କୁଆଡେ ଗଲେ ଆଜି । ରାସ୍ତାରେ ଛିଡା ହୋଇଛୁ ନା ଗଛ ମୂଳେ ବସି ଢୁଳଉଛୁ । ଏମିତି କାମ କରିବୁ ଯଦି ଟଙ୍କାଟେ ବି ଦେବିନି । ଯା ଭାଗ୍ ଏଠୁ ।

ନିଜ ଠାରୁ ବୟସରେ ଢେର୍ ସାନ ମାଲିକ ଠାରୁ, ସମସ୍ତଙ୍କ ଆଗରେ ଗାଳି ଖାଇବା ବହୁତ ଅପମାନଜନକ ହେଲେ ବି ଅଥାନି ସେ ଗରଳକୁ ପିଇଦେଇଥିଲା ସବୁ ଦିନ ପରି । କିନ୍ତୁ ତା ମନଟା ଉଦାସ ହୋଇଗଲା । ମାଲିକ କ'ଣ ଜାଣିବ ତା ଅବସ୍ଥା କେମିତି ହେଉଛି ! ଛାଇ ଭିତରେ ବସି ଶୀତତାପଯନ୍ତ୍ରର ଥଣ୍ଡା ପବନରେ ଟେଲିଭିଜନ ଦେଖିବାରେ ମସଗୁଲ ଥିବା ଲୋକ, କେମିତି ବୁଝିବ ଯେ ଏତେ ଖରାରେ ଦେହର ଶେଷ ବିନ୍ଦୁ ଝାଳ ବି ଶୁଖି ସାରିଲାଣି । ଶୋଷରେ ଜିଭ ତଣ୍ଟି ଅଠା ହୋଇଯାଉଛି । ତତଲା ମାଟି ଓ ତା ପାଦ ଭିତରେ ପାଚେରୀ ହୋଇ ଛିଡା ହୋଇଥିବା ଛିଣ୍ଡା ଚପଲଟି ତାତି ସମ୍ଭାଳିବା ଅବସ୍ଥାରେ ନାହିଁ । ଗଛ

Magazine Downloaded from www.aahwaan.com

ଛାଇ ତ ଦୂରର କଥା, ସେ ଛିଡ଼ା ହୋଇଥିବା ଯାଗାରେ ଦୁବଘାସଟିଏର ମଧ୍ୟ ଅସ୍ତିତ୍ୱ ନାହିଁ ।

ସେତିକି ବେଳେ ହୋଟେଲରେ କାମ କରୁଥିବା ଦଶ ବାର ବର୍ଷର ପିଲା ଧାଇଁ ଆସି ଅଥାନି ହାତକୁ ପାଣି ଗିଲାସେ ବଢେଇଦେଇ କହିଲା-- ଅଥାନି ଅଜା, ମନ କାଇଁ ମାରିଛୁ ଯେ, ମାଲିକ କ'ଣ କହିଲା କି ? ମନ ଊଣା କରନି, ସେ ଲୋକଟା ମଣିଷ ନୁହଁ ଅସୁର । ଦେଖୁନୁ, କାଲି ସେ ଅଇଁଠା ବାସନରୁ ଅଧାଖିଆ ମାଛଟେ ଖାଇଦେଲି ବୋଲି କେମିତି ମୋ ପିଠିରେ ନିଆଁ ଚେଙ୍କ ଦେଇଛି । ଖାଲି ସେତିକି ନୁହଁ, ରାତିରେ ମଦ ପିଇ ସବୁ ପିଲା ମାନଙ୍କୁ ଗାଇଗୋରୁ ପରି ମାରୁଛି ଓ କେତେ ଅକଥା କହୁଛି । ଦିନରାତି ନିଜେ ଏ.ସିରେ ବସି ଢୁଳଉଛି, କିନ୍ତୁ ଆମେ ପଙ୍ଖା ଲଗେଇଦେଲେ ଇଲେକ୍ଟ୍ରିକ ବିଲ୍ ବଢିଯିବ ବୋଲି ଘାଉଁ କରି ମାଡି ଆସୁଛି । ହୋଟେଲରେ ଏତେ ଜାତିର ଖାଇବା ତିଆରି ହେଉଛି, କିନ୍ତୁ ଆମ ଭାଗ୍ୟରେ ସବୁ ଦିନ ସେଇ ଗୋଡିଭର୍ତ୍ତି ଭାତ ଆଉ ପାଣିଆ ଡାଲମା । ଜିନିଷ ନଷ୍ଟ ହୋଇଗଲେ ଫିଙ୍ଗିଦେବ ସିନା ଆମକୁ ଦେବନି, କହିବ ଖାଇଲେ ତୁମର ଅଭ୍ୟାସ ହୋଇଯିବ । ଗଲା ମାସରେ ଆମ ଗାଁଆର ମିଥୁନ ସେ ବାସନ ମଜା ଜାଗାରୁ ଦି ପୁଟ କୁକୁଡା ମାଉଁସ ଆଣି ଭାତ ସହ ଖାଇବ ବୋଲି ବସିଥିଲା । ମାଲିକ କେମିତି ଜାଣିଲା କେଜାଣି, ମିଥୁନର ଚୁଟି ଘୋଷାରୀ କାହ୍ନରେ ବାଡେଇ ଦେଲା । ପାଟିରେ ଭାତ ଗୁଣ୍ଡା ଧରି ପିଲାଟା ରକ୍ତଝୋଳିଆ ହୋଇ ପଡିଗଲା । ସେତିକିରେ ମାଲିକ ମନ ଶାନ୍ତ ହେଲାନି ଯେ ଗରମ ପାଣି ତା ଦିହ ଯାକ ଢାଳିଦେଲା । ବିଚରା, ମରିବ ମରିବ ହୋଇ ମେଡିକାଲ୍ ରେ ପଡିଛି । ଡାକ୍ତର କହୁଛି ପଇସା ନ ଦେଲେ ବଞ୍ଚେଇ ହେବନି, କିନ୍ତୁ ତା ମାଆ ପାଖରେ ଏତେ ପଇସା ଆସିବ କୁଆଡୁ ? ଲୋକେ କହୁଛନ୍ତି ମିଥୁନ ଆଉ ବଞ୍ଚିବନି । ତୁ ତ ସଦାବେଳେ ରାସ୍ତାକୁ ଜଗି

 Magazine Downloaded from www.aahwaan.com

ରହିଲୁ ; ଏ ମାଲିକର ଫନ୍ଦି ଫିକର ଜାଣିବୁ କୁଆଡୁ । ଆମ ଗାଁଆ ଲୋକେ କହୁଛନ୍ତି ମାଲିକ ସାନ ପିଲା ମାନଙ୍କୁ ବାହାର ରାଜ୍ୟରେ ବିକ୍ରି କରିଦେଉଛି । କାଳେ ମୋତେ ବିକି ଦେବ ବୋଲି ମନରେ ମୋର ଭୀଷଣ ଡର ।

ଅଥାନି ପିଲାଟିର ପିଠି ଦେଖି ଚମକି ପଡିଲା । ଲୁହା ଚେଙ୍କ ସ୍ପଷ୍ଟ ଦିଶୁଛି, ମାଂସ ସବୁ ମେଞ୍ଚା ହୋଇଗଲା ପରି ଲାଗୁଛି । ବ୍ୟସ୍ତ ହୋଇ ପଚାରିଲା– ଆରେ ପୁଅ, ଔଷଧ ଟିକେ ଲଗେଇଲୁ କି ନାହିଁ ? ଘାଆଟା ଯଦି ବିସିରିପି ଯିବ ବହୁତ କଷ୍ଟ ପାଇବୁ ।

– ଅଜା, ଔଷଧ, ମଇଲମ ଆମ ଭାଗ୍ୟରେ ନାହିଁ । ହୋଟେଲ୍ ପଛରେ ଥିବା ବିଶଲ୍ୟକରଣୀ ପତ୍ର ଟିକେ ଛେଚି ଲଗେଇଦେଇଛି, ବଳେ ଶୁଖିଯିବ । ଆଜି ସକାଳୁ ମାଲିକ ମୋତେ ଧମକାଇ କହିଛି, ଯଦି ଏ କଥା କାହା ଆଗରେ କହିବି ମୋତେ ଗାଡି ଆଗକୁ ଫିଙ୍ଗି ଦେବ ।

- ଏ ଜାଗାରୁ ଅନ୍ୟ କୁଆଡେ ପଳଉନୁ କ'ଣ ପାଇଁ । ସବୁ ଜାଣି, ମରିବାକୁ କାହିଁକି ପଡିଛୁ ଯେ ? ମୋ ପୁଅକୁ ଏଇ ଲୋକ ମାରିଦେଲା, କେହି ଜାଣିଲେନି ସେ କଥା । ତୁମ ମାନଙ୍କ ଅବସ୍ଥା ଦେଖିଲେ ଲାଗୁଛି ସେ ଜାଣି ଶୁଣି ମୋ ପୁଅକୁ ଜାଳି ଦେଲା ।

- କୁଆଡେ ଯିବି ଅଜା, ନାନୀ ବାହାଘର ପାଇଁ ମୋ ବାପା ମାଲିକଠୁ ପଇସା ଧାର ନେଇଥିଲା । କେତେ ପଇସା ନେଇଥିଲା ଆମେ କେହି ଜାଣିନୁ । ବାପା ଟଙ୍କା ଶୁଝି ନ ପାରି ଆରପାରିକୁ ଚାଲିଗଲା । ସେଇ ପଇସା ଶୁଝିବାକୁ ମୋତେ ଆଜିକି ଚାରିବର୍ଷ ହେଲା ମାଲିକ ଗୋରୁ ଗାଈ ପରି ଖଟଉଛି । ମୋର ଦରମା ବୋଲି କିଛି ନାହିଁ । ଦିନରାତି ଖଟିବି, ବଦଳରେ ଦୁଇ ଓଳି ଖାଇବି । କେବେ ସେ କରଜ ଶୁଝିବା ସରିବ ମୁଁ ନିଜେ ବି ଜାଣିନି ।

ସେତିକି ବେଳେ କାହାର ଗର୍ଜନରେ ଅଥାନି ଓ ସେ ପିଲା ଚମକି ଉଠିଲେ । ହାତରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏକ ରୁଲ୍ ବାଡି ଧରି ମାଲିକ ସେମାନଙ୍କ ପଛରେ ଛିଡା ହୋଇଛି । ସେମାନେ କିଛି କହିବା ଆଗରୁ ରୁଲ୍ ବାଡିରେ ଦୁଇଜଣଙ୍କୁ ଜୋର କରି କେଇ ପାହାର କଷି ଦେଇ କହିଲା– ନିକମା ଦୁଇଟା, ଏଠି କି ପାଲା ଲଗେଇଛ ? କାମ ନ କରି ଏଠି ଖୁସି ଗମାତ ଚାଲିଛି, ନାଇଁ ! ଆଉ ଯଦି ଦୁଇଜଣଙ୍କୁ ଗପିବାର ଦେଖିଲି, ମୁହଁରେ ନିଆଁ ରଡ ଫିଙ୍ଗି ଦେବି । ରୁଲ୍ ବାଡିର ପାହାରଟା ପିଲାଟିର ପୋଡି ଯାଇଥିବା ଯାଗାରେ ବାଜିଲା କି କ'ଣ, ପିଲାଟି ଭେଁ ଭେଁ କରି ଭୂଇଁରେ ଗଡିଗଲା । ସେତିକିରେ ମାଲିକ ମନ ଶାନ୍ତ ହେଲାନି, ଜୋତାରେ ପିଲାର ପେଟକୁ ମାରିଲା ଏକ ଶକ୍ତ ଗୋଇଠା । ବିଚରା ଗଁ ଗଁ କରି ଗୁରୁଣ୍ଡି ଗୁରୁଣ୍ଡି ସେ ଯାଗାରୁ ଚାଲିଗଲା । ମାଲିକ ଠାରୁ ମାଡ ଖାଇ ଅଥାନି ଅପମାନର ବହ୍ନିରେ ଜର୍ଜରିତ ହୋଇସାରିଥିଲା । ତା ପରି ଜଣେ ଦୁର୍ବଳ ବୃଦ୍ଧ ଲୋକକୁ କିଏ ଏମିତି ନୃଶଂସ ଭାବରେ ମାରିବ, ସେ କଥା ହଜମ ଯୋଗ୍ୟ ନ ଥିଲା । ସେ ମନରେ ସିଦ୍ଧାନ୍ତ ନେଇ ସାରିଥିଲା ଯେ, ଆଉ ହୋଟେଲରେ କାମ କରିବ ନାହିଁ । ଆଜି ପରଠାରୁ ସେ ପଛେ ମୂଲ ଲାଗିବ, କିନ୍ତୁ ଏଇ ମାଲିକ ପାଖରେ ବେଜ୍ଜିତ୍ ହେବାକୁ ଆସିବ ନାହିଁ ।

ସେତିକି ବେଳକୁ ତା ନାତୁଣୀର ନିଷ୍ପାପ ମୁହଁଟା ଆଖି ଆଗରେ ଝଲସି ଉଠିଲା । ଆଜି ତା'ର ଜନ୍ମଦିନ । ଆସିଲା ବେଳେ ସେ ଦରୋଟି କଥାରେ ଅଥାନିକୁ କହିଥିଲା– ଜେଜେ, ଆଜି ମୋ ଜନମ ଦିନ । ଫେଲିଲା ବେଲେ ହୋତେଲ ଲୁ ମୋ ପାଇ ଲୁଟି ତଲକାଲି ଆଣିବ । ଗୋତେ ଖେଲନା ବି ଆନିବ । ମୁଁ ତା ସହ ଖେଲିବି ଦିନସାଲା । କନ ଆନିବ ତ ?

ହସିହସି ଅଥାନି ନାତୁଣୀ ମୁଣ୍ଡରେ ହାତ ରଖି କହିଲା– ଆଣିବି ଲୋ ମାଆ, ତୁ ଯାହା କହିବୁ ସବୁ ଆଣିଦେବି । ଭଗବାନ ତୋତେ ଲମ୍ବା ଆୟୁଷ ଦିଅନ୍ତୁ । ଆଜି ସେ ନାତୁଣୀକୁ କଥା ଦେଇଛି, ତା ପାଇଁ ଜିନିଷ ନେବାକୁ ହେବ । ବାପ ଛେଉଣ୍ଡ ପିଲାଟିର ଭାଗ୍ୟରେ ହସ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୋଲି କିଛି ରହିଲାନି । ସେ ଶେଯରୁ ଉଠିଲା ବେଳକୁ ଅଥାନି ହୋଟେଲ ଆଗରେ ପହଞ୍ଚି ସାରିଥାଏ ଓ ଫେରିଲା ବେଳେ ନାତୁଣୀ ଶୋଇ ସାରିଥାଏ । ଦିନ ସାରା ବିଚାରୀ କାହା ସହ ଖେଳିବ ; ତା ମାଆ ଆଖିରୁ ତ ଆଜିଯାଏ ଲୁହ ଶୁଖିନି । ସ୍ତ୍ରୀ ଦିନ ତମାମ ଖଟରେ ଆକାଶକୁ ଚାହିଁ ପଡିରହିଥାଏ । ଘର ଭିତରେ ବସି ନଡିଆ ସଢେଇ, କୁଟା କାଠି ଓ କିଛି ଫୁଲ ଧରି ନାତୁଣୀ ଖେଳ ଚଳେଇଥାଏ । କେବେକେବେ ବାପ କଥା ମନେ ପଡିଲେ ରାହା ଛାଡି କାନ୍ଦେ । ପାଖ ଘରର ପିଲାମାନେ ଯେତେବେଳେ " ତୋ ବାପ କୁଆଡେ ଗଲା ବୋଲି" ଚିଗୁଲାଇ ପଚାରନ୍ତି , ଝିଅଟି ଅତି ନିରୀହ ଭାବରେ କୁହେ "ବାପା ହୋଟେଲ ଲେ ମଲିଗଲା" । ସେ ପିଲା ମାନଙ୍କୁ କ'ଣ ଖୁସି ଲାଗେ କେଜାଣି, ତାଳି ମାରି ନାଚିନାଚି କୁହନ୍ତି "ଦେଖରେ ୟା ବାପ ମରିଗଲା" । ସେ ଯାଗାରୁ କାନ୍ଦିକାନ୍ଦି ଝିଅଟି ଘରକୁ ଚାଲିଆସେ । ବେଶ୍ କିଛି ସମୟ ଯାଏ ଘରେ କାନ୍ଦ ବୋବାଳି ଚାଲେ । ଅଥାନି ବୁଝି ପାରେନି, ଗାଁଆର ସାନ ପିଲା ମାନଙ୍କ ମୁଣ୍ଡରେ ଏମିତି ସଇତାନୀ ବୁଦ୍ଧି ଆସେ କୁଆଡୁ ? ହଁ, ଆସିବନି କ'ଣ ପାଇଁ, ଆଜିକାଲି ତ ସବୁ "ଓଳିଆରୁ ପଡି ଗଜା" କହିବ କାହାକୁ ।

ଆଖି ଲୁହରେ ରାସ୍ତାଟା ଝାପସା ଦିଶିବାରୁ, ଗାମୁଛାରେ ଆଖିକୁ ଟିକେ ଭଲରେ ମଳି ସେ ରାସ୍ତା ଆଡକୁ ନଜର ପକାଇଲା । ଯାହା ହେଉ ପିଲାଟା ପାଣି ଟୋପେ ଦେଲା, ନୋହିଲେ ଜୀବନ ଛାଡି ଯାଇ ଥାଆନ୍ତା । ଦୂରରୁ ଚାରି ଚକିଆ ଗାଡିଟେ ଆସୁଛି ବୋଧେ । ହାତ ଟେକି ସେ ପଟିଟାକୁ ଉପରକୁ ଉଠାଇ ଧରିଲା । ତା ପାଖରେ ଗାଡିଟି ଆସି ରହିଲା ଓ କାଚ ତଳକୁ ଖସିଲା-- ଗାଡିରେ ସ୍ୱାମୀ, ସ୍ତ୍ରୀ ଓ ଗୋଟେ ପାଞ୍ଚ ବର୍ଷର କୁନି ଝିଅ ।

– କଣ ମଉସା, ହୋଟେଲରେ ଖାଇବା ଅଛି ତ ?

- - ହଁ ବାବୁ ସବୁ ଅଛି । ଆମିଷ, ନିରାମିଷ, ଭାତ, ରୁଟି ଯାହା ଖୋଜିବେ ସବୁ ମିଳିବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି କଙ୍କଡା ତରକାରୀ ତିଆରି କରାଯାଇଛି । ସପ୍ତାହରେ ଥରେ ହୁଏ, ଚିଲିକା କଙ୍କଡା ଆଣ୍ଟା, ଥରେ ଖାଇଲେ ପାଟିରୁ ଛାଡିବନି । ତା ସାଙ୍ଗକୁ ପିନିରି, ଛତୁ, ମଞ୍ଚୁରିଯ୍ଯାନ ବି ଅଛି, ଆଉ ଆମ ସାନ ମାମା ପାଇଁ ଆଇସକ୍ରିମ୍, ଚକୋଲେଟ୍ ।

ଅଥାନିର କଥାରେ ଭରି ରହିଥିଲା ଆତ୍ମୀୟତା । ଦୟନୀୟ ଅବସ୍ଥା ପାଇଁ ହେଉ ବା ଅଥାନିର ବାକଚାତୁରୀ ପାଇଁ ହେଉ, ଗାଡିର ମୁହଁ ହୋଟେଲ ଆଡକୁ ବୁଲିଲା । ସେ ଶାନ୍ତିରେ ନିଶ୍ୱାସ ମାରିଲା ।

ସେ ଗାଡି ପଛକୁ ଆଉ ତିନିଟି ଗାଡି ହୋଟେଲ ଆଡକୁ ମୁହାଁଇଲା । ଯୋଗକୁ ତିନିଟି ଗାଡିରେ ପାଖା ପାଖି ପନ୍ଦର ଲୋକ ବସିଥିଲେ ।

- ଯାହା ହେଉ ଭଗବାନ ବଞ୍ଚେଇ ଦେଲେ । ଥିଲାବାଲା ଲୋକ ପରି ଲାଗୁଛନ୍ତି । କିଛି ଭଲ ଜିନିଷ ଖାଇବେ ନିହାତି, ବେଶ୍ ଭଲ ବିକ୍ରୀ ହେବ ହୋଟେଲର ମନେ ମନେ କହିଲା ଅଥାନି ।

ସଫଳତା ଠାରୁ ବଡ ଔଷଧ ଦୁନିଆରେ ନାହିଁ । ତାହା ଏପରି ଏକ ଔଷଧ, ଯାହା ଦୁଃଖ, ଶୋକ, କଷ୍ଟ ସବୁକୁ ନିମିଷକରେ ଦୂରେଇ ଦିଏ । ସେହି ନ୍ୟାୟରେ, ଅଥାନି ମନରେ ଥିବା ସମସ୍ତ ବେଦନା ଦୂରେଇ ଯାଇଥିଲା । ସୂର୍ଯ୍ୟଙ୍କର ପ୍ରଚଣ୍ଡ ଅଗ୍ନି ବର୍ଷା, ଅଥାନିର ଆତ୍ମବିଶ୍ୱାସ ଆଗରେ ନିଷ୍ପ୍ରଭ ହୋଇପଡୁଥିଲା । ଜୀବନ ଯୁଦ୍ଧରେ ଲଢେଇ କରି ଜିତିବାର ପ୍ରଣ କରିଥିବା ଅଥାନି ଏକକ ଯୋଦ୍ଧା ଭାବରେ ଅଖିଆ, ଅପିଆ ଲଢି ଚାଲିଥିଲା । ସେଦିନ ଖରାବେଳେ ସେ କିଛି ଖାଇବା ପାଇଁ ଆଣି ନ ଥିଲା । ନହେଲେ ସବୁ ଦିନ ଜରିରେ କିଛି ମୁଢି ବା ଚୂଡା ଭଜା ଆଣି ଦି'ହିପହର ଖାଇବାଟା ଚଳାଇ ନିଏ ।

ହୋଟେଲରୁ ବାହାରି ରାସ୍ତା ଉପରକୁ ଚଢିବା ପୂର୍ବରୁ ଗାଡିଟି ପୁଣି ତା ପାଖରେ ଆସି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରହିଲା । କବାଟ ଖୋଲି ସେ କୁନି ଝିଅଟି ଅଥାନି ହାତକୁ ଖାଦ୍ୟ ପୁଡିଆ ଓ ଗୋଟେ ଚକୋଲେଟ୍ ବଢେଇ ଦେଲା । ନାରୀ ଜଣକ କହିଲେ-- ଖରାପ ଭାବିବନି ମଉସା, ଏ ପୁଡିଆରେ କିଛି ଖାଦ୍ୟ ଅଛି, ଯାହା ଆମେ ଅଇଁଠା କରିନୁ । ଆମେ ବହୁତ ଦୂର ବାଟ ଯିବୁ । ଘରେ ପହଞ୍ଚିଲା ବେଳକୁ ଖରାପ ହୋଇ ଯାଇପାରେ । ତୁମେ ଖାଇ ନେବ । ଏତେ ଭଲ ଖାଇବା ଯାଗାର ଠିକଣାଟେ ଦେବାରୁ ବହୁତ ଧନ୍ୟବାଦ । ଗାଡିରେ ବସିଥିବା ପୁରୁଷ ଲୋକଟି ଅଥାନି ହାତକୁ ଶହେ ଟଙ୍କା ନୋଟ ଖଣ୍ଡେ ବଢେଇ ଦେଇ କହିଲେ-- ପୁଣି କେବେ ଆସିଲେ ଦେଖାହେବ । ଅଥାନି ଆଶୀର୍ବାଦ ଦେବା ଭଙ୍ଗୀରେ କୁନି ଝିଅଟିର ମୁଣ୍ଡରେ ହାତ ରଖି କହିଲା-- ଭଗବାନ, ଆପଣ ମାନଙ୍କର ମଙ୍ଗଳ କରନ୍ତୁ ।

ଗାଡିଟି ଧୂଳି ଉଡେଇ ଚାଲିଗଲା । ଅଥାନିର ଦୁଇ ହାତକୃ ତଙ୍କତାରେ ଯୋଡି ହୋଇଗଲା ଓ ସେଇ ଯୋଡା ହାତ ଆକାଶକୁ ଟେକି କହିଲା-- ଧନ୍ୟ ତୁମ ଲୀଳା ପ୍ରଭୋ, ଧନ୍ୟ ତୁମ କୃପା । ମୋ ନାତୁଣୀ ପାଇଁ କେମିତି ଜିନିଷ ଯୋଗାଡ କରିବି ଭାବିଲା ବେଳକୁ ମୋ ହାତରେ ସବୁ ଧରାଇ ଦେଇ ଚାଲିଗଲ ।

ପଛରେ କାହାର ପାଦ ଶବ୍ଦ ଶୁଣି ବୁଲି ଚାହିଁଲା ବେଳକୁ, ମାଲିକ ହାତରେ ରୁଲ୍ ବାଡି ଧରି ଛିଡା ହୋଇଛି । ଅଥାନି ମୁହଁରୁ କଥା ବାହାରିବା ଆଗରୁ ସେ ବାଡିଟିରେ ଅତି ନିର୍ଦ୍ଦୟ ଭାବରେ ମାଡ ଆରମ୍ଭ କରିଦେଲା ।

- ଏଇ ଲୀଳା ଚଲେଇଛୁ ରାସ୍ତାରେ ଛିଡା ହୋଇ । ତୁ ଏତେ ବଡ ହାକିମ ଯେ ଆମ ହୋଟେଲର ଖାଇବା ତୋ ଘରକୁ ପାର୍ଶଲ ହୋଇଯିବ । କାଢ଼୍ ସେ ଶହେ ଟଙ୍କିଆ ନୋଟ୍ । ଗ୍ରାହକ ଆମକୁ ପଇସା ଦେଲା ବେଳେ ରିହାତି କର ବୋଲି କଳି ଲାଗିବେ, କିନ୍ତୁ ତୁମ ମାନଙ୍କ ହାତକୁ ନୋଟ୍ ବଢେଇ ଦେଇ ଚାଲିଯିବେ । ମୁଁ ହୋଟେଲ ଖୋଲିଛି ନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିକାରୀଖାନା ?

- ମୋତେ ବିଶ୍ୱାସ କର ବାବୁ, ମୁଁ ତାଙ୍କୁ କିଛି ମାଗିନି । ସେମାନେ ନିଜ ଆଡୁ ଦେଲେ । ଆଜି ମୋ ନାତୁଣୀର ଜନ୍ମ ଦିନ । ତାକୁ ଏତିକି ଜିନିଷ ଦେଲେ ସେ ବହୁତ୍ ଖୁସି ହେବ । କହିଲା ବେଳକୁ ଛାତିରେ କୋଟି ନିଧି ପାଇଲା ପରି ସେ ଖାଦ୍ୟ ପୁଡିଆ, ଚକୋଲେଟ୍ ଓ ନୋଟକୁ ଜାବୁଡି ଧରିଥିଲା ଅଥାନି ।

ମାଡ ଖାଇ ମୁଣ୍ଡ ଓ କାନ ପାଖରୁ ରକ୍ତ ଧାର ବୋହି ଚାଲିଥିଲା । ପେଟରେ ବାଜିଥିବା ଗୋଇଠା ଯୋଗୁଁ ଭିତରଟା ଛିଣ୍ଡିଗଲା ପରି ଲାଗୁଥିଲା । ତା ଛାତିରେ ମାଲିକ ଧକ୍କା ମାରିବାରୁ ସେ ତଳେ ପଡିଗଲା । ଖାଦ୍ୟ ପୁଡିଆଟା ଚିରି ବିଛାଡି ହୋଇ ପଡିଲା ରାସ୍ତା ଉପରେ । ସେତିକିରେ ମାଲିକର ମନ ମାନିଲାନି ଯେ ଖାଦ୍ୟ ଉପରେ ବାଲି ପକେଇଦେଲା । ପୈଶାଚିକ ହସ ହସି କହିଲା-- ନେ ତୋ ନାତୁଣୀ କୁ ଦେବୁ । ଏମାନେ ପୁଣି ଜନ୍ମ ଦିନ ପାଳିବେ !!!!,ତୋ ମୁହଁ କୁ ଲାଜ ନାହିଁ ଯାହା । କାଲିଠୁ ଯଦି ହୋଟେଲ ମୁହଁ ମାଡିବୁ ମାରି ଜଙ୍ଗଲରେ ଫିଙ୍ଗିଦେବି । ଚୋର କୋଉଠିକାର ।

ଅଥାନି ମୁହଁରୁ କଥା ବାହାରୁ ନ ଥିଲା । ମନ ଭିତରର କୋହ ଏତେ ବଢି ଯାଇଥିଲା ଯେ କଣ୍ଠ ବାଷ୍ପରୁଦ୍ଧ ହୋଇ ଆସୁଥିଲା । ଦିନ ସାରା ପରିଶ୍ରମ କରି ଏମିତି ପାଉଣା ମିଳିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା । ମାଲିକ, ତା ହାତରୁ ଶହେ ଟଙ୍କିଆ ନୋଟ୍ ଓ ଚକୋଲେଟଟି ଛଡାଇନେଲା , ସେଦିନର ଦରମା ମଧ୍ୟ ଦେଲାନି । ସାଇକେଲ ଦୋକାନ ସାମନାରେ ଛିଡା ହୋଇ ଟଙ୍କା ଗଣୁଥିଲା ଅଥାନି । ସମୁଦାୟ ଦୁଇଶହ ପଚାଶ ଟଙ୍କା । ପୁରୁଣା ସାଇକେଲର ବିକ୍ରି ଦରଟା କିଛି ମନ୍ଦ ନୁହଁ । ଦୋକାନରୁ ନାତୁଣୀ ପାଇଁ ରୁଟି, ତରକାରୀ ଓ ମିଠା କିଣିଲା । ଗୋଟେ ସୁନ୍ଦରିଆ କଣ୍ଢେଇ ଓ ପେଁ କାଳୀ ସହ ନୀଳ ରଙ୍ଗର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଡ୍ରେସ୍ ବି ଆଣିଲା ।

ଚାଲିବା ପାଇଁ ଦେହରେ ବଳ ନାହିଁ । ମୁଣ୍ଡ ଘୁରାଇବା ସହ, ଛାତି ଭିତରଟା ମଚ୍ଛିଦେଲା ପରି ଲାଗୁଛି । ପେଟ ଭିତରର ବେଦନା ସମ୍ଭାଳି ହେଉନି, ବୋଧେ ମାଲିକର ଗୋଇଠା ବାଜିବା ଫଳରେ ପେଟ ଭିତରେ କ୍ଷତ ହୋଇଯାଇଛି । ନୋହିଲେ, କିଛି ନ ଖାଇ ମଧ୍ୟ ଏମିତି ରକ୍ତ ବାନ୍ତି ହେଉଛି କଣ ପାଇଁ ? ଦେହ ସାରା ରକ୍ତଧାର ବୋହି ଚାଲିଛି । ବଡ କଷ୍ଟରେ ପାଦ ଘୋଷାରି ଘରେ ପହଞ୍ଚିଲା ବେଳକୁ ନାତୁଣୀ ଦୁଆର ପାଖରେ ବସି ତାକୁ ଜଗିଛି ।

- ଜେଜେ, ମୋ ଜିନିଛ ଆନିଲ କି ନାଇ କୁହ ।

- ହଁ ରେ ମାଆ, ତୋ ପାଇଁ ସବୁ ଆଣିଛି । ଆଜି ମୋ ସୁନା ରୁଟି, ତରକାରୀ ଖାଇବ । ନୂଆ ଜାମା ପିନ୍ଧିବ, କଣ୍ଢେଇ ଖେଳିବ ।

ଝିଅଟିର ଆଖିରେ ଖେଳିଗଲା ଖୁସିର ଝଲକ । କୁନି ହାତରେ ଜିନିଷ ସବୁ ଧରି ଘର ଭିତରକୁ ମନ ଖୁସିରେ ଦଉଡି ଗଲା । ଦିନ ସାରାର ପ୍ରାଣାନ୍ତକ ପୀଡା ଓ ବେଦନାରେ ଅତିଷ୍ଠ କ୍ଷତବିକ୍ଷତ ଅଥାନି ଆଖି ଆଗରେ ଅନ୍ଧକାର ଛାଇଗଲା । ପାଟି କରି କାହାକୁ ଡାକିବା ପୂର୍ବରୁ ଘର ବାରଣ୍ଡାରେ ବେକମୋଡି କଚାଡି ହୋଇପଡିଲା । ମୁଣ୍ଡ, ହାତରୁ ଝରୁଥିବା ରକ୍ତ ମାଟି ଉପରେ ଜମାଟ ବାନ୍ଧିଲା ବେଳକୁ ଘର ଭିତରୁ ଆର୍ତ୍ତନାଦ ଶୁଭୁଥିଲା--- ଶେଷରେ ତୁମେ ବି ଆମକୁ ଅନାଥ କରି ଚାଲିଗଲ ? ?

ଫୋନ–୯୩୪୦୦୪୫୩୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଉ ନୁହେଁ



ମୈତ୍ରେୟୀ କମିଳା

ନିରାକାର ଗୋଟେ ହୋଟେଲରେ କାମ କରେ । ଚାରି ପାଞ୍ଚ ଦିନରେ ଥରେ ଗାଁକୁ ଯାଏ, ଗାଁରେ ବୁଢା ବାପା ମାଆ ତା ସ୍ତ୍ରୀ ମାଳ ପୁଅ କିନୁ, ଝିଅ ଟିକିଲି ରୁହନ୍ତି । ଗାଁ ଇସ୍କୁଲରେ ପାଠ ପଢ଼ନ୍ତି ଛୁଆ । ଗାଁରୁ ସହର ସତୁରୀ କିଲୋମିଟର । ଦିନରେ ହୋଟେଲରେ ଦେଖାଶୁଣା କାମକରେ ସଂଜ ହେଲେ ଭାଟିରୁ ଟିକେ ପକେଇ ଦେଉ ରିକ୍ସା ଚଳାଏ, ସହରରୁ ରିକ୍ସା ଗାଁ ଆଡେ ଗଡେ । ଖାଲ ଢ଼ିପା ଉଠାଣି ଗଡାଣୀ ସବୁଥାଏ ସେ ରାସ୍ତାରେ, ଆକାଶରେ ଜହ୍ନଟା ସିଧା ତାରି ଆଡେ ମୁହଁ କରି ଅନେଇଥାଏ । କ୍ଷେତ ମଝିରେ ସରୁ ଗଡାନି ରାସ୍ତାଟା ଠିକ ମଥା ସିଂଥା ଭଳି ଆଗକୁ ଗଡି ଯାଇଛି । ସବୁଦିନ ପ୍ରାୟ ରିକ୍ସା ନେଇ ସେ ବାଟରେ ଯିବା ଆସିବା କରେ । ସେଦିନ ପୁଷ ପୁନେଇ ଜହ୍ନଟା ରୁପାଥାଳିଆ ପରି ଝଲକୁ ଥିଲା, ସଂଜ ବେଳେ ରାମୁ ଆସି ଡାକି ନେଇଗଲା ଭାଟିକୁ, ଦୁଇଜଣ ଦେଶୀ ଟିକେପକେଇ ଦେଇ ବାହାରିଗଲେ ରିକ୍ସା ନେଇ । ଏଥର ଗୀତ ଗାଇ ଗାଇ ଗରାଖ ନେଇ ଚାଲିଲା ନିରାକାର, ଦିନ ସାରା ଏଇ ଯୋଉ ମୁହୂର୍ତ୍ତ ତାକୁ ଅନେଇ ବସେ । ହୋଟେଲରେ କାମ କରୁ କରୁ ଭାବୁଥିବ କେତେବେଳେ ସଂଜ ହବ । ତା ସବୁ ମିଜାଜ ରଙ୍ଗୀନ ପାଲଟିବ । ଗରାଖ ଥିଲେ ତା ରିକ୍ସାରେ, ହଠାତ ନେଇ ଗୋଟେ ଖାଲରେ ପକେଇଦେଲା ରିକ୍ସା । ସ୍ତ୍ରୀ ଛୁଆକୁ ନେଇ ଯାଉଥିଲେ ବାବୁ ଗାଁକୁ, ଯେମିତି ଖାଲରେ ପଡିଛନ୍ତି ଜୋରସେ ପାଟି କଲେ ମାଆଛୁଆ, ବାଟୋଇ କାଁ ଭାଁ ସଉଦା ସାରି ଫେରନ୍ତି । ଦୂରରୁ ଦେଖାଯାଉଥିବା ଲୋକ ପାଖରେ ପହଂଚିବା ବେଳକୁ ନିରାକାରର ନିଶା ଛାଡ଼ିଲାଣି ।

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

ଡରି ଯାଇ ଲୋକଙ୍କୁ ଡାକ ପକେଇ ସମସ୍ତଙ୍କୁ ଖାଲରୁ ବାହାର କଲା । ବାବୁ ରାଗିଯାଇ ପୋଲିସରେ ଖବର ଦେବେ ବାହାରିଲେ, ପିଇଦେଇ ଚଲାଉଛୁ, ଧୁମ ଗାଳି ଦେଲେ । ନିରାକାରକୁ ଆଉ କିଛି ଦିଶିଲାନି, ଗୋଡ଼ ହାତ ଧରି ଭୁଲ ମାଗିଲା, ଆଉ ଦିନେ ଏମିତି ହେବନାହିଁ ବହୁତ କାକୁତି ମିନତୀ ହେବା ପରେ ବାବୁ ଚୁପ ହେଲେ । ତାଙ୍କୁ ନେଇ ଜାଗାରେ ଛାଡିବା ପରେ ଘର କଥା ମନେ ପଡ଼ିଲା । ମାଳ ନୀତି ଠାକୁରଙ୍କୁ ନିଜ ହାତରେ ମାଳ ଗୁନ୍ଥି ଚଢାଏ, ମୁ ସେଇଥିପାଇଁ ବଂଚିଗଲି ।

ତା'ପରଦିନ ଶନିବାର ଦୁଇଦିନ ଛୁଟି ନେଇ ଘରକୁ ଗଲା । ସକାଳୁ ଗାଁରେ ପହଂଚିଲା ବେଳକୁ ସ୍କୁଲ ସାମ୍ନାରୁ ଛୁଆ ସବୁ ହାତରେ ନିଶା ନିବାରଣ କାର୍ଡ ଧରି ପାଟି କରି ଚାଲିଛନ୍ତି । ତା ଝିଅକୁ ଦେଖିପକେଇ ଅଟକି ଗଲା । ଶୋଭାଯାତ୍ରା ଆସୁଛି, ପାଟି ଶୁଭୁଛି "ବନ୍ଦ କର, ବନ୍ଦ କର, ମଦ ବେପାର ବନ୍ଦ କର", "ଚାଲିବ ନାହିଁ ଚାଲିବ ନାହିଁ, ଆଉ ଆମେ ସହିବୁ ନାହିଁ" । ଟିକିଲିକୁ ଦେଖି କାଲି ରାତି କଥା ମନେ ପଡ଼ିଲା ତାରି ପରି ଛୋଟ ଛୁଆଟେ ମାଆ କୋଳରେ ତା ରିକ୍ସାରେ ବସିଥିଲା । ରାସ୍ତାରେ ତାକୁ ଧରି କାନ୍ଦି ପକେଇଲା ନିରାକାର । ତା ମୁଣ୍ଡ ଛୁଇଁ କହିଲା "ନା ଆଉ ଦିନେ ଯିବିନି ଭାଟିକୁ" । ପିଲାଙ୍କ ଧାଡି ଆଗକୁ ମାଡି ଯାଉଥିଲା । ଟିକିଲି ମଧ୍ୟ କେତେବେଳୁ ଆଗକୁ ଗଲାଣି । ଆଉ ନିରାକାର ନୂଆ ଏକ ଶପଥ ଛୁଇଁ ରାସ୍ତାରେ ସେ ଯିବା ବାଟକୁ ଅନେଇରହିଛି ।

ମୈତ୍ରେୟୀ କମିଳା
ନଭି ମୁମ୍ବାଇ, ମହାରାଷ୍ଟ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ ପାଇଁ



ବିଦ୍ୟୁତଲତା ମିଶ୍ର

ଘଣ୍ଟା କଣ୍ଟା, ମିନିଟ କଣ୍ଟା ଦିନ ୯ଟା ହେବାର ସୂଚନା ଦେଉଥିଲେ । ଆଉ ସବୁଦିନ ପରି ଆଜିବି ସ୍ନେହା ଲେଟ କରିଥିଲା ଉଠିବା ପାଇଁ । ଦିନରାତି ଦୌଡୁଥିବା ସହର ଦିଲ୍ଲୀ ଆଉ ସେଠି ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍‌ରେ ଆମେ ରହୁଥିଲୁ । ଦୁହେଁ ଗୋଟିଏ କମ୍ପାନୀରେ ଚାକିରୀ କରୁଛୁ । କିନ୍ତୁ ଦିନ ନ'ଟା ସୁଦ୍ଧା ଆଜିବି ସ୍ନେହାର କାମ ସାରିନଥିଲା ।

ଦୁହେଁ କାରରେ ବସି ଅଫିସ ବାହାରିଗଲୁ । ସ୍ନେହା କୈଫିୟତ ଦେଉଥିଲା । ତୁମ ବୋଉ ଟିକେ ରୋଷେଇରେ ସାହାଯ୍ୟକଲେ ଚଳନ୍ତାନି । ବହୁତ ବଢିଆ ବାହାନା ହୋଇଯାଇଛି କୁହୁ ତାଙ୍କ ପାଇଁ ।

"କୁହୁ ମୋର ଦେଢ଼ ବର୍ଷର ଝିଅ" ମା'ର କୋଳ କଣ ସେ ଜାଣିନି ୨ ମାସରୁ । କାରଣ ବୋଉ ହିଁ ଦୁଇ ମାସରୁ ତାକୁ ସମ୍ଭାଳି ଆସିଛି । ସ୍ନେହା, କୁହୁ ପାଇଁ ତାର ଚାକିରୀ ଛାଡିବାକୁ ଚାହିଁଲାନି ।

ବୋଉକୁ ହିଁ ଆସିବାକୁ ହେଲା ଦିଲ୍ଲୀ । ସ୍ନେହା ହିଁ ଜୋର କରି ନେଇ ଆସିଥିଲା ବୋଉକୁ । ବୋଉ ଗାଁକୁ ଛାଡି ଆସିବ ମୋ କଳ୍ପନାର ବାହାରେ ଥିଲା । ପିଲାଦିନରୁ ନନା କେଉଁଆଡେ ଚାଲିଗଲେ । ଜେଜେ ଜେଜିମା, କକା ଖୁଡିଙ୍କ ପାସେ ମୁଁ ଆଉ ମୋ ସାନ ଭଉଣୀ ଟିକିକୁ ନେଇ ବୋଉ କେମିତି ଯେ ରହୁଥିଲା ଆମେ ଜାଣୁ । ଅଜା ଥିଲାବାଲା ଲୋକ ଜୋର କରି ଆମକୁ ନେବାକୁ ଚାହିଁଲେ କିନ୍ତୁ ବୋଉ ଚାହିଁଲାନି ସେଠାକୁ ଯିବାକୁ । ଜେଜେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ ଜେଜେମାଙ୍କ ଆଖିର ତାରା ଥିଲା ବୋଉ ।

ମନେ ପଡେ ଜେଜେ ମୋ ବୋଉକୁ ଝିଅ ବୋଲି ଡାକନ୍ତି । ଖୁଡି ଚିଡିଯାନ୍ତି ସେତେବେଳେ କିନ୍ତୁ ଜେଜେ ଝିଅ ଡାକିବା ଅଭ୍ୟାସ ବଦଳାନ୍ତିନି । ଜେଜେଙ୍କ ଖୁସି ପାଇଁ ଟିକିକୁ ବହୁତ ଜଲଦି ବାହା ଦିଆଗଲା । ଭାରି ଖୁସି ସେ ତା ଜୀବନରେ । ଜେଜେଙ୍କ କଥା ପୂରଣ କରିବାକୁ ଯାଇ ମୋର ଦିଲ୍ଲୀରେ ଚାକିରୀ ହେବା ମାତ୍ରେ ହିଁ ବୋଉ ମୋ ପିଛା ଲାଗିଥିଲା । ଆଉ ଶେଷରେ ତା କଥା ହିଁ ହେଲା । ସ୍ନେହାକୁ ଜୀବନ ସଙ୍ଗିନୀ ରୂପେ ବାଛିଥିଲି, କାରଣ ସ୍ନେହାକୁ ଦୀର୍ଘ ଦିନ ଧରି ମୁ ଚିହ୍ନିଥିଲି, ମୋ ସାଙ୍ଗର ଭଉଣୀ ଥିଲା ସେ ଆଉ ମୋ ଅଫିସରେ ହିଁ କାମ କରୁଥିଲା ।

ବାରମ୍ବାର ମିସ୍‌କ୍ୟାରେଜ ପରେ ସ୍ନେହା ଜୋର କରି ବୋଉକୁ ଗାଁରୁ ଆସିବାକୁ ବାଧ୍ୟ କରିଥିଲା । ବୋଉ ଆସିଲା ବେଳେ ଜେଜେ ଆଉ ଜେଜେମାଙ୍କ ମୁଂହରେ ଦୁଃଖର କଳା ବାଦଲ ଢାଙ୍କି ଯାଇଥିଲା ଯେମିତି । କାରଣ ସେମାନଙ୍କ ପାଇଁ ବୋଉ ଆଉ ବୋଉପାଇଁ ସେମାନେ ଯେମିତି ଅତ୍ୟାବଶ୍ୟକ ହୋଇପଡିଥିଲେ । କିନ୍ତୁ ସ୍ନେହାର ଜିଦ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲି ।

ସ୍ନେହାର ବହୁତ ଯତ୍ନ ନେଉଥିଲା ବୋଉ ଆଉ ମାର୍ଗଶିର ମାସ ଗୁରୁବାର ଦିନ ଲକ୍ଷ୍ମୀ ଆସିଥିଲେ ଆମ ଘରକୁ । ଦୁଇମାସ ପରେ ହିଁ ସ୍ନେହା ଅଫିସ ଜଏନ୍ କଲା । ଆଉ କୁହୁ ଟିକେ ବଡ ହେବା ମାତ୍ରେ ସ୍ନେହାର ବ୍ୟବହାର ବଦଳୁଥିଲା ବୋଉ ପ୍ରତି ।

ଏଇ ଯେମିତି କୁହୁକୁ ଜର ବା ଥଣ୍ଡା ହେଲେ ବୋଉଙ୍କୁ ସନ୍ଦେହ ଆଖିରେ ଦେଖେ ସ୍ନେହା ଆଉ କୁହୁ ଯେବେ ଜିଦ କରେ ବୋଉ ପାଖେ ଶୋଇବାକୁ ସ୍ନେହା ଅସମ୍ଭବ ଭାବେ ରାଗିଯାଇଥାଏ । କୁହୁ ବଡ ହୋଉଥିଲା ତା ଦୁଷ୍ଟାମି ବି ବଢୁଥିଲା । ବୋଉ ବି ଥକି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାଉଥିଲା କିନ୍ତୁ ମୁଂହରେ କିଛି କୁହେନି ।

ଆଜିକୁ ଦୁଇ ତିନିମାସ ହେଲା ସ୍ନେହା ବୋଉକୁ ବଡପାଟିରେ ତାଗିଦ ବି କଲାଣି । ନାଲି ଆଖି ଦେଖାଇ ବୋଉକୁ ଝିଅକୁ ରୁଟିନ ଅନୁସାରେ ଖୁଆଇବାକୁ କହୁଥିଲା ବେଳେ ମୋତେ ଦେଖି ଆଜି ଆହୁରି ବଡ ପାଟି କରି କହିଉଠିଲା । ବୋଉ ତାକୁ ନା ଠିକରେ ମେଡ଼ିସିନ ଦେଉଛନ୍ତି ନା ଖାଇବା । ମୁଁ କାଜଲକୁ କହିଛି ସେ ଗୋଟେ ଆୟା ବୁଝିବ ।

ହୃଦୟର କୋହକୁ ଚାପି ପାରି ନଥିଲା ବୋଉ, ତା ନିରୀମାଖୀ ଆଖି ଦୁଇଟି ଢଳ ଢଳ ହେଉଥିଲା ଲୁହରେ । କୁହୁ କୁ କାନ୍ଧେଇ ବାହାରକୁ ଚାଲିଗଲା ।

ସନ୍ଧ୍ୟା ୭ଟାରେ ଦୁହେଁ ଘରକୁ ଫେରିଥିଲୁ । କୁହୁ ଆରାମସେ ବୋଉ କାନ୍ଧରେ ଶୋଇ ଯାଇଥାଏ । ମୁଁ ବୋଉକୁ କହିଲି ବୋଉ "ଜେଜେଙ୍କ ଦେହ ଭଲ ନାହିଁ ତୋତେ ଦେଖିବେ କହୁଛନ୍ତି ।" ମୁଁ କାଲି ନେଇ ତୋତେ ଫ୍ଲାଇଟରେ ବସେଇଦେବି । ଆଉ କୁହୁ ........

ସ୍ନେହା ବୁଝିବ ତା ଝିଅ କଥା, ଜେଜେ ପରା ତାଙ୍କ ଝିଅକୁ ଖୋଜୁଛନ୍ତି ଯିବୁନି । ସ୍ନେହା ଚମକି ଉଠିଥିଲା କ୍ଷଣିକ ପାଇଁ । ରାତି ସାରା ଶୋଇନଥିଲା ସେ ।

X X X X

ବୋଉ ଗାଁକୁ ଯିବାର ଦୁଇ ମାସ ହୋଇଗଲାଣି । ଦୁଇ ମାସରେ ସ୍ନେହା ତାର ସବୁ ଛୁଟି ଆଉ ମୋର ଅଧା ଛୁଟି ସରିଲାଣି । ସ୍ନେହାର ଆଖିରେ ପଶ୍ଚାତାପର ଝଲକ ଦେଖି ସୁଦ୍ଧା ମୁଁ ବୋଉକୁ ଆଣିବା କଥା କହିନଥିଲି । ଦୁଇଜଣ ଆୟା ଆସି ଫେରିଗଲେଣି । କୁହୁ କାହା ହାତରୁ ଖାଏନି ଏପରିକି ସ୍ନେହା ହାତରୁ ବି ନୁହେଁ । ପାଟିରେ ନକହିଲେ ବି ତାର ନିରୀହ ଆଖି ଖୋଜୁଥିଲା ବୋଉକୁ, ତା'ର ଉଷୁମ ସ୍ପର୍ଶ, ଟୁକୁମୁସି, ଫୁର ଚଟିଆ, ତାଳି ତାଳି ଏସବୁକୁ । ବୋଉ ଭଳି ସ୍ନେହ ତାକୁ ସ୍ନେହ ଦେବାକୁ ଚେଷ୍ଟା କରୁଥିଲା କିନ୍ତୁ....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ନେହା ଆଖିରେ ଆଖିଏ ଲୁହ, ହୃଦୟରେ ଗଭୀର ଅନୁତାପ ନେଇ ମୋ ସାମ୍ନାରେ ଥିଲା ଆଉ କହି ଉଠିଲା, "ମୋ ଦ୍ୱାରା ଭୁଲ ହୋଉଛି, ଭୁଲ ତ ନୁଁହ ଅପରାଧ ବୋଉଙ୍କୁ ଫେରାଇ ଆଣ । ମୁଁ ବୋଉଙ୍କୁ କହିଛି ଆଜି ଚାଲି ଆସିବାକୁ କିନ୍ତୁ ସେ କିଛି କହିଲେନି ମୁଁ ଫ୍ଲାଇଟ ଟିକଟ ବି କାଲି ପାଇଁ କରିଦେଇଛି କୁହନା ବୋଉଙ୍କୁ"

ହୁଏତ ସିଏ ବି କୁହୁ କୁ ସେଠି ଝୁରୁଥିବେ ।

ସ୍ନେହାଠୁ ସବୁ ଶୁଣିବି ମୁଁ ନୀରବ ଥିଲି, କାରଣ ସବୁ ସହିହେବ କିନ୍ତୁ ମୋ ବୋଉର ସ୍ୱାଭିମାନକୁ ଆଘାତ ନୁହେଁ । ମୁଁ ବୋଉକୁ ମିଛ କହିଥିଲି ଜେଜେଙ୍କ ବିଷୟରେ କିନ୍ତୁ ମିଛ ଟି ମୋ ବୋଉ ପାଇଁ........

ପରଦିନ ସନ୍ଧ୍ୟାବେଳେ ଘରକୁ ଆସି ଦେଖେତ କୁହୁ ଆନନ୍ଦରେ ବୋଉ କୋଳରେ ବସି ଗେଲା ହୋଉଛି ଆଉ ସ୍ନେହା ଦୁଇ କପ ଚା ଧରି ଆସିଲା ମୁଁ ବାମ ପଟ କପଟିକୁ ହାତ ବଢ଼ାଇ ନେଲାବେଳେ କହିଉଠିଲା, "ଆରେ ନା ନା ରାଇଟ ପଟ କପଟା ତୁମର ଏଇଟା ସ୍ପେସିଆଲ ଅଦା ପକା ଚା ମୋ ବୋଉ ପାଇଁ........ ।"

ଦୁର୍ଗାଦେବୀ ସାହି, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବୁଝା ଅଶ୍ରୁ



ହାସ୍ୟମୟୀ ରାଜ

ରିଟାୟାର୍ଡ ଜିଓଲୋଜିଷ୍ଟ ଆକାଶ ବାବୁ ଆଜି ଚାହିଁଛନ୍ତି ଆକାଶକୁ । ଦେଖୁଛନ୍ତି ତା'ର ନିର୍ଲିପ୍ତତାକୁ । ମନ ଭିତରେ ଅନେକ କ୍ଷୋଭ, ଦୁଃଖ ଅନୁତାପ । କାହାକୁ ବା କହିବେ, କିଏ ବୁଝିବ ତାଙ୍କ ମନର ଅଜସ୍ର ବେଦନାକୁ । ଆଜି ଭାଇଙ୍କର ଏକାଦଶାହ, ଯେଉଁ ଭାଇର ଦିନେ ଆଖିର ପିତୁଳା ଥିଲେ ସେ । ତାଙ୍କୁ ପାଠ ପଢାଇବା ପାଇଁ ଅଳ୍ପ କେଇ ଖଣ୍ଡ ଚାଷ ଜମି ଭିତରେ ମାଟି ହୋଇ ଯାଇଥିଲେ ସେ... ଯାହାକୁ ଉଚ୍ଚ ଶିକ୍ଷିତ କରିବା ପାଇଁ ମା ସମାନ ଭାଉଜ ତା'ର ଯୁବ ବୟସର ସୁଖ ଭୁଲି ଯାଇଥିଲେ । ତାଙ୍କ ପିଲାର ଭବିଷ୍ୟତକୁ ଚିନ୍ତା ନକରି ସବୁ ଗହଣାକୁ ବିକ୍ରି କରି ଦେଇଥିଲେ ଆଉ କହିଥିଲେ, "କିଛି କାମରେ ନ ଲାଗିଲେ ଏଇ ଗହଣାର ମୂଲ୍ୟ କ'ଣ ? ତୁମ ଉଚ୍ଚଶିକ୍ଷା ନିକଟରେ ଏଇ ଗହଣାର ମୂଲ୍ୟତ ଖୁବ୍ କମ୍ । ଇଜ୍ଜତ୍ ଲୁଚେଇବା ପାଇଁ ଶାଢୀର ଆବଶ୍ୟକତା ଅଛି ହେଲେ ଏ ଗହଣାର ଆବଶ୍ୟକତା ତ ଜରୁରୀ ନୁହେଁ, ଅସଲ ଅଳଙ୍କାରତ ମଣିଷର ଭାବନା ତା'ର ଆଚରଣ ଓ କର୍ମ ।"

ଆଉ ସତକୁ ସତ ସେଇ ଅସଲ ଗହଣାରେ ଭାଉଜ ତାର ସବୁବେଳେ ଭୂଷିତ ହୋଇ ରହୁଥିଲେ...

ବିତିଯାଇଛି ଅନେକ ଦିନ, ଉଚ୍ଚଶିକ୍ଷା, ଚାକିରୀ, ଉଚ୍ଚଶିକ୍ଷିତା ଧନୀ କନ୍ୟାକୁ ବିବାହ.... ତଥା ଜୀବନଟା ବିତିଗଲା ସହରର ନୀଳ ନାଲି ଆଲୁଅ ଭିତରେ । ଭାଇ ଭାଉଜଙ୍କ ଜୀବନରେ ସେ ଚାହିଁକି ବି କଣ ପରିବର୍ତ୍ତନ କରିପାରିଛନ୍ତି ଆଜିଯାଏ । କରିନାହାନ୍ତି କାହିଁକି, ସବୁ ଦେଇଛନ୍ତି, ସୁନ୍ଦର ଘର କରି ଦେଇଛନ୍ତି, କିଛି ଜମି ବି କିଣି ଦେଇଛନ୍ତି । ଘରର ଚଳଣି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଦଳେଇବା ପାଇଁ ଯାହା କିଛି ଦରକାର ସବୁ ଖଞ୍ଜି ଦେଇଥିଲେ ସେ ହେଲେ ସେମାନେ କେବେବି ବଦଳି ନାହାଁନ୍ତି । ଚାହିଁନାହାନ୍ତି କେବେ ବଦଳିବାକୁ । ସେଇ ମାଟିଘର, ଅଗଣା ଏହାରି ଭିତରେ ସବୁ ଖୁସିତକ ଲଟକି ଥିଲା ତାଙ୍କର...

ସକଳ ଐଶ୍ୱର୍ଯ୍ୟ ଯଦି ଖୁସି କିଣି ପାରୁଥାନ୍ତା, ତାହେଲେ ଏ ସୃଷ୍ଟିରେ କ'ଣ ଦୁଃଖ ଥାଆନ୍ତା ! !

ଗୋଟିଏ ପୁଅକୁ ସେ ମଣିଷ କରିଛନ୍ତି ଠିକ୍ ଭାବରେ । ବାହାରକୁ ଛାଡିନାହାଁନ୍ତି ତାକୁ । ପୁତୁରା ତାଙ୍କର ଠିକ ଭାଇ ଭାଉଜଙ୍କ ପରି । ବଡ଼ ଚାକିରୀର ଲୋଭକୁ ବର୍ଜନ କରିଛି ସେ । ତା ମନ ବା ଅଲଗା ହେବ କୁଆଡୁ । ବାପା ମାଆଙ୍କୁ ଛାଡି, ଏ ଗାଁ ମାଟି ଛାଡି ବାହାରକୁ ଯାଇନି ସେ । ଉଚ୍ଚ ଶିକ୍ଷିତ ହେଇଛି ହେଲେ ଚାକିରୀ ନିଶାରେ ନପଡି ନିଜେ ଗୋଟିଏ ଫାର୍ମ କରିଛି ସେଥିରେ ଗାଁ'ର କିଛି ପିଲାଙ୍କୁ ମଧ୍ୟ ଦାୟିତ୍ୱ ଦେଇଛି । ସେ ବାହାରକୁ ଗଲେ ଅସମୟରେ ତା ବାପା ମାଆଙ୍କ ଦୁଃଖ କିଏ ବୁଝିବ ? ? ସେତେବେଳେ ବିରକ୍ତ ହେଉଥିଲେ ସେ ତାକୁ ହେଲେ ଆଜି ବୁଝିପାରିଛନ୍ତି ତା'ର ଚିନ୍ତାଧାରା କେତେ ମହତ ଥିଲା ସତରେ ! ! ଆଉ ଆଜି ତାଙ୍କର ଦୁଃଖ ଯେ ତାଙ୍କର ପୁଅ ଆମେରିକାରେ, ବୋହୂ ବି ଆମେରିକାରେ । ଭାଇର ଏକାଦଶାହରେ ବି ଆସିବାକୁ ଫୁରୁସତ୍ ନାହିଁ ସେମାନଙ୍କ ପାଖରେ.... ଯେଉଁ ଦେବତୁଲ୍ୟ ଭାଇ ତାଙ୍କର ଉତ୍ସର୍ଗ କରିଦେଇଥିଲେ ସବୁ ସୁଖ ତାଙ୍କ ପାଇଁ, ତାଙ୍କର ଶେଷ ଚିତାନିଆଁ ପାଖରେ ତ ଉପସ୍ଥିତ ହୋଇପାରିଲା ନାହିଁ ତାଙ୍କ ପୁଅ, ଆଜି ଏକାଦଶାହ କର୍ମରେ ବି ଯୋଗଦେଇ ପାରିଲା ନାହିଁ । ଧିକ୍ ତାର ଚାକିରୀ... ଧିକ୍ ତାର ଉଚ୍ଚଶିକ୍ଷା... ଧିକ୍ ତାର ବିଦେଶ ରହଣୀ... ଛି.. ଛି.. ସେ ଜୀବନର ମୂଲ୍ୟ କ'ଣ ? ? ଆଜି ଧିକ୍କାର କରୁଛନ୍ତି ନିଜକୁ ସେ । ଧିକ୍ ତାଙ୍କର ବାପ ପଣିଆ... ଦୁଃଖ ଅନୁଶୋଚନାର ଲୁହ ଗୁଡାକ ବୋହିଯାଉଥିଲା ତାଙ୍କର ଚିବୁକ୍ ଦେଇ....... ।

ଶିକ୍ଷୟିତ୍ରୀ, ଓରାଳି, ହାଟଡିହି, କେନ୍ଦୁଝର

Magazine Downloaded from www.aahwaan.com

# ନିରବ ହୃଦୟର ପ୍ରେମ



ଜ୍ୟୋତିରଞ୍ଜନ ମହାରଣା

ହଠାତ୍ ଏପରି ସୋନାଲି ସହ ଦେଖାହୋଇଯିବ କେବେ ବି ଭାବିନଥିଲା ଅଜୟ । ଶେଷଥର ପାଇଁ ସେ ତାକୁ ୬ବର୍ଷ ତଳେ ଭେଟିଥିଲା । ଏତେ ବର୍ଷର ଦୂରତା ମଧ୍ୟରେ କିଛି ବଦଳି ନଥିଲା ସୋନାଲି । ସେଦିନ ସେ ସାଲୁଆର କମିଜ୍ ପିନ୍ଧି କଲେଜ୍ ଆସୁଥିଲା କିନ୍ତୁ ଆଜି ଶାଢ଼ୀ ପିନ୍ଧି ଆସିଛି । ସେ ଆଜି ବହୁତ ସୁନ୍ଦର ଦେଖାଯାଉଥିଲା । ଅଜୟ ଭାବିଲା ସୋନାଲି ପାଖକୁ ଯାଇ ଟିକିଏ ଭଲମନ୍ଦ କଥା ହେବ ଓ ଏହି ବାହାନାରେ ଜାଣିପାରିବ ତାର ବାହାଘର ହୋଇଛି କି ନାହିଁ । କିନ୍ତୁ ତାର ପୁର୍ବକଥା ମନେ ପଡିଯିବାରୁ ପାଦ ଦୁଇଟି ଆପେଆପେ ଅଟକିଗଲା । ସେଦିନ ପୁରା କଲେଜଟି ସୋନାଲିମୟ ଲାଗୁଥିଲା ଅଜୟକୁ । ବସିଲେ ଖାଇଲେ ଓ ଶୋଇଲେ ତାକୁ ସୋନାଲିର ମୁହଁ ଦେଖାଯାଉଥିଲା । ସେଦିନ ଥିଲା ସୋନାଲିର ବାର୍ଥଡେ । ବାର୍ଥଡେ ଗିଫ୍ଟ ସହ ନିଜ ମନର ଭାଷାକୁ ଲେଖି ଏକାନ୍ତରେ ସୋନାଲି ହାତକୁ ବଢାଇଥିଲେ ଅଜୟ । ଅପେକ୍ଷା କରିଥିଲା ସୋନାଲିର ପ୍ରତିକ୍ରିୟାକୁ । କିନ୍ତୁ ସୋନାଲି ଥରୁଟିଏ ଖୋଲି ପଢିଲା ନାହିଁ । ସିଧା ସିଧା ଫେରାଇ ଦେଇ କହିଥିଲା, ମୁଁ ଜାଣେ ତୁମେ ଏଥିରେ କଣ ଲେଖିଥିବ । ତୁମେ ମୋତେ ବହୁତ ଭଲପାଅ । ମୋ ବିନା ତୁମେ ବଞ୍ଚି ପାରିବନି । ଶୁଣ ସେ ପ୍ରେମ ପରି ଫାଲ୍ତୁ କାମ ପାଇଁ ମୋ ପାଖରେ ସମୟ ନାହିଁ । ଯଦି ତୁମେ ମୋତେ ପ୍ରକୃତରେ ଭଲ ପାଉଛ ମୋ ସାମନାକୁ କେବେ ବି ଆସିବନି । ଏହି କଥା କହିବା ସମୟରେ ତାର ମୁହଁ ଲାଲ୍ ପଡିଯାଇଥିଲା । ସେସବୁ ଘଟଣା ଅତୀତ । କିନ୍ତୁ ଏବେ ସୋନାଲି ତାର ପ୍ରତିଦ୍ୱନ୍ଦୀ । କଲେଜରେ ଖୋଲିଥିବା ଅଧ୍ୟାପକ ପୋଷ୍ଟ ପାଇଁ ଦୁହେଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଛନ୍ତି ଇଣ୍ଟରଭିଉ ଦେବାକୁ ।

ଇଣ୍ଟରଭିଉ ଦେବା ପରେ କଲେଜ କର୍ତ୍ତୃପକ୍ଷ ଫଳାଫଳ ଜଣାଇଥିଲେ । ସୋନାଲି ଅଧ୍ୟାପକ ପଦ ପାଇଁ ସିଲେକ୍ଟ ହୋଇଥିଲା । ଆଜିବି ସୋନାଲି ନିକଟରୁ ହାରିଯାଇଥିଲା ଅଜୟ । ସେ ହାରିଯାଇଥିଲା ବୋଲି ଯେତିକି ଦୁଃଖୀ ନଥିଲା ଅଧିକ ଖୁସି ହୋଇଥିଲା ସୋନାଲି ସିଲେକ୍ଟ ହୋଇଛି । କୁହାଯାଏ ଯୁଦ୍ଧ ଓ ପ୍ରେମରେ ସବୁକିଛି ସମ୍ଭବ । ଫରକ ଏତିକି ଯେ ଯୁଦ୍ଧରେ ଅନ୍ୟକୁ ପରାସ୍ତ କରି ବିଜୟପ୍ରାପ୍ତି ହୁଏ ପ୍ରେମରେ ଅନ୍ୟଠାରୁ ପରାସ୍ତ ହୋଇ ମଧ୍ୟ ବିଜୟ ଅନୁଭବ କରିହୁଏ । ସେଥିପାଇଁ ତ ସେ ଜାଣି ଶୁଣି ଇଣ୍ଟରଭିଉରେ ଭୁଲ୍ ଉତ୍ତର ଦେଇଥିଲା । ଶେଷଥର ପାଇଁ ସୋନାଲିକୁ ଅଭିନନ୍ଦନ ଜଣାଇବା ପାଇଁ ଯାଇଥିଲା ଅଜୟ । କଙ୍ଗ୍ରାଚୁଲେସନ ସୋନାଲି ।

ହସିଲା ସୋନାଲି । ଠିକ୍ ସେହି ହସ, ଯେଉଁ ହସ ଦିନେ ପାଗଳ କରିଥିଲା ଅଜୟକୁ । ସୋନାଲି ହସି ହସି କହିଥିଲା ମୁଁ ଅଧିକ ଖୁସି ହୋଇଥାନ୍ତି ଯଦି ତୁମେ ସିଲେକ୍ଟ ହୋଇଥାନ୍ତ । ଏତିକି କହି ଚାଲିଯାଉଥିଲା ସୋନାଲି । ଅଜୟ ତାକୁ ପଛରୁ ଚାହିଁ ରହିଥିଲା ଓ ମନେ ମନେ ଭାବୁଥିଲା ତେବେ ସୋନାଲି କଣ ତାକୁ ବି ଭଲ ପାଉଛି .... ?

ସୋନାଲିର ସେହି ପଦିଏ କଥା ବାରମ୍ବାର ଅଜୟର ହୃଦୟକୁ ଦୋହଲାଇ ଦେଉଥିଲା । ଅଜୟ ବୁଝିପାରୁନଥିଲା ସୋନାଲି ଏବେ ତାକୁ ଭଲପାଇ ବସିନି ତ ? ତାର ମନେ ପଡିଗଲା କିଛି ପୁର୍ବ ସ୍ମୃତି । କଲେଜକୁ ନୂଆ ହୋଇ ଆସିଥିଲା ସୋନାଲି । ଯୁକ୍ତ ତିନ୍ କଳାରେ ଆଡମିଶନ କରିଥିଲା । ତାର ବାପା ଜଣେ ସରକାରି ଚାକିରିଆ ଥିଲେ । ବାପାଙ୍କ ବଦଳି ଯୋଗୁଁ ତାକୁ ତାର ପୁରୁଣା କଲେଜ ଛାଡି ଏଠାରେ ଆଡମିଶନ୍ କରିବାକୁ ପଡିଥିଲା । କଲେଜରେ ସେ ନୂଆ ହୋଇଥିବାରୁ ତାକୁ ସମସ୍ତଙ୍କ ସହିତ ଖାପ ଖୁଆଇ ଚଳିବାକୁ ସମୟ ଲାଗିଲା । ଏକ କଲେଜ ଉତ୍ସବରେ ସୋନାଲି ତାର ନାଁ ଦେଇଥିଲା ଗୀତ ଗାଇବା ପାଇଁ ।

Magazine Downloaded from www.aahwaan.com

ମଞ୍ଚ ଉପରକୁ ଯାଇ ଏକ ଜଗନ୍ନାଥ ଭଜନ ଗାଇଲା । କିଛି ଯୁବକ ତାକୁ ଥଟ୍ଟା କରିଥିଲେ ଯେ ଆଜିର ମଡର୍ଣ୍ଣ ଯୁଗରେ ସଡନ୍ ଆଲବମ୍ ଗାଇବାକୁ କହିଥିଲେ । ହୋ ହାଲ୍ଲା ଭିତରେ ମଞ୍ଚରୁ ଫେରିଆସୁଥିବା ସୋନାଲିକୁ ଅଟକାଇ ଥିଲା ଅଜୟ । ସେ ଅନ୍ୟମାନଙ୍କୁ ପାଟି କରି ଚୁପ୍ କରିବା ପରେ ସୋନାଲିକୁ ଅନୁରୋଧ କରିଥିଲା ଗୀତ ପରିବେଷଣ କରିବାପାଇଁ । ସୋନାଲି ଗାଇଥିଲା, ଖୁବ୍ ସୁନ୍ଦର, ମନମୁଗ୍ଧକର କାଳିଆ ଭଜନ । ଉତ୍ସବ ଶେଷରେ ସୋନାଲି ପୁରସ୍କୃତ ହୋଇଥିଲା ମନମୁଗ୍ଧକର କାଳିଆ ଭଜନ ପାଇ । କେବଳ ସୋନାଲି ନୁହଁ ଅନ୍ୟମାନେ ବି ପୁରସ୍କୃତ ହୋଇଥିଲେ ।

ପରଦିନ ସୋନାଲି ଅଜୟକୁ ଦେଖି ଧନ୍ୟବାଦ ଜଣାଇଲା । ପ୍ରତିବଦଳରେ ଅଜୟ ଖୁବ୍ ସୁନ୍ଦର ହସଭରା ମୁହଁରେ ତାକୁ ସ୍ୱାଗତ ଜଣାଇଥିଲା । ଅଜୟ ପଚାରିଲା ଏ ଭଜନ ମୁଁ ଆଗରୁ କେବେ ଶୁଣିନାହିଁ, ତୁମେ ଏତେ ସୁନ୍ଦର ଭଜନ କେଉଁଠୁ ପାଇଲ ? ସୋନାଲି କହିଥିଲା ମୁଁ ସମୟ ପାଇଲେ କିଛି ଲେଖାଲେଖି କରେ, ଏ ଭଜନ ମୋର ନିଜ ଲେଖା । ଅଜୟ ତାକୁ ଭବିଷ୍ୟତରେ ଅଧିକରୁ ଅଧିକ ଲେଖିବା ପାଇଁ ଉତ୍ସାହିତ କରିଥିଲା । ସେଦିନ ଠାରୁ ଦୁହିଁଙ୍କ ସମ୍ପର୍କ ଭଲ ବନ୍ଧୁ ରୁପେ ଗଢିଉଠିଥିଲା । ଧୀରେ ଧୀରେ ଦୁହେଁ ସାଙ୍ଗ ହୋଇ କଲେଜ ଗଲେ, ସାଙ୍ଗ ହୋଇ କଲେଜ କ୍ୟାଣ୍ଟିନରେ ମଧ୍ୟାହ୍ନ ଭୋଜନ କଲେ ଓ ସାଙ୍ଗ ହୋଇ ଲାଇବ୍ରେରୀରେ ପଢିବା ନିତିଦିନିଆ ହୋଇଗଲା । ସମୟ ଗଡିବା ସହିତ ଦୁହେଁ ଦୁହିଁକୁ ଭଲ ଭାବେ ବୁଝିସାରିଥିଲେ । ସୋନାଲି ପ୍ରତ୍ୟକ ଆବଶ୍ୟକତାରେ ସେ ଅଜୟର ସାହାଯ୍ୟ ଲୋଡୁଥିଲା । କେବେ ଚେବେ ସୋନାଲି କବିତା କି ଭଜନ ଲେଖି ସାରିବା ପରେ ଅଜୟକୁ ଶୁଣାଇ କେଉଁଠି ତୃଟି ଅଛି ପଚାରେ ଓ ଅଜୟ ନିଜର ମତାମତ ଦେଇଥାଏ । ଦିନେ ଦୁହେଁ ନିରୋଳାରେ ଲାଇବ୍ରେରୀରେ ବସିଥିଲେ । ସୋନାଲି ଏକ କବିତା ପଢି ଶୁଣାଇଲା । କବିତାଟି ଶୁଣି ଅଜୟ ଅଧିକ ରୋମାଞ୍ଚିତ ହୋଇଗଲା । ତାକୁ ଲାଗିଲା ସୋନାଲି ଏ କବିତା

 Magazine Downloaded from www.aahwaan.com

ତା ଉଦ୍ଦେଶ୍ୟରେ ଲେଖିଛି । ସେଦିନ ସେ କିଛି ନକହି କବିତାଟି ଖୁବ୍ ସୁନ୍ଦର ହୋଇଛି କହି ଚାଲିଯାଇଥିଲା ସେଠାରୁ । ସେଦିନ ଠାରୁ ଅଜୟ ମନରେ ସୋନାଲି ପ୍ରତି ଦୁର୍ବଳତା ବଢିଲା । ସେ ମନେମନେ ସୋନାଲିକୁ ଖୁବ୍ ଭଲପାଇ ବସିଲା । ଅଜୟ ଭାବିଥିଲା ସୋନାଲି ଯେବେ ଖୁସି ଥିବ, ମୁଁ ତାକୁ ଭଲ ପାଉଛି କହିବି । ତେଣୁ ସେ ସୋନାଲିର ଜନ୍ମଦିନ ଗିଫ୍ଟ ସହିତ ନିଜ ମନର ଭାଷାକୁ ଲେଖି ସୋନାଲି ହାତରେ ଧରାଇଦେଇଥିଲା । କିନ୍ତୁ ସେଦିନ ତାର ଆଶା ଆକାଂଖ୍ୟାକୁ ସୋନାଲି ପାଦରେ ଆଡେଇଦେଲା । ଚିଠିକୁ ଖୋଲି ପଢିବାକୁ ଚେଷ୍ଟା କରିନି ସେ । ସିଧା ସିଧା ସୋନାଲି ଅଜୟକୁ କହିଥିଲା ଯଦି ପ୍ରକୃତରେ ମୋତେ ଭଲପାଉଛ, ମୋ ଆଗକୁ ଆଉ କେବେ ଆସିବ ନାହିଁ । ବାସ୍ ସେଦିନ ଠାରୁ ଆଜି ପର୍ଯ୍ୟନ୍ତ ୬ବର୍ଷ ବିତିଗଲେ ମଧ୍ୟ ଅଜୟ କେବେ ତାକୁ ଦେଖା କରିନଥିଲା କି ତାର ସାମନାକୁ ଆସିନଥିଲା । ପୁଣି ଆଜି ସୋନାଲି କଣ ପାଇଁ କହିଥିଲା ଅଜୟ ତୁମେ ଯଦି ସିଲେକ୍ଟ ହୋଇଥାନ୍ତ ମୁଁ ଅଧିକ ଖୁସି ହୋଇଥାନ୍ତି । କଣ ହୋଇପାରେ ଏହାର ଅର୍ଥ ?

ଆଜ୍ଞା ଚାଲନ୍ତୁ ଫାଟକ ବନ୍ଦ କରିବି । କଲେଜ୍ ଜଗୁଆଳିର ଡାକରେ ଅଜୟ ଫେରିଆସିଥିଲା ଭାବନା ଦୁନିଆରୁ । ସେ ନିଜ ହାତ ଘଣ୍ଟା ଦେଖିଲା, ୨ଟା ବାଜିଲାଣି । ସୋନାଲି ଏଠାରୁ ଦୁଇ ଘଣ୍ଟା ହେଲା ଯାଇସାରିଛି । କିନ୍ତୁ ଅଜୟ ଏବେ ବି ଚାହିଁ ରହିଥିଲା ସୋନାଲିର ଯିବା ବାଟକୁ । ମନେମନେ ସେ ଭାବିଲା ଆଜି କାହିଁକି ସୋନାଲି ପାଇଁ ମୋର ଏତେ ଚିନ୍ତା । ସେ ତ ମୋତେ ମନା କରିଥିଲା ତାର ସାମନାକୁ ଯିବା ପାଇଁ । ମୁଁ ଏତେ ଦୁଃଖରେ ଥାଇ ତାକୁ ଚାକିରି ଦେବା କଣ ଠିକ୍ କରିଛି.... ନା ନା ବୋଧେ ଭୁଲ୍ କରିଦେଲି ମୁଁ । ଗାଁରେ ମୋ ବୁଢ଼ୀମା ଅନେକ ଦୁଃଖ କଷ୍ଟ ସହି ପାଠ ପଢାଇଥିଲା ତାର ବୃଦ୍ଧାବସ୍ଥାରେ ସାହା ହେବା ପାଇଁ, ହେଲେ ମୁଁ ମୋ ନିଜ ଗୋଡରେ କୁରାଢି ମାରିଛି । ଏ ପ୍ରଶ୍ନର ଉତ୍ତର ତା'ର ମନ ଖୋଜି ପାଉନଥିଲା ସତ ହେଲେ ହୃଦୟ କହୁଥିଲା ପ୍ରେମରେ ସବୁ ସମ୍ଭବ । ତୁ

 Magazine Downloaded from www.aahwaan.com

ହାରି ନାହୁଁ, ତୁ ଜିତି ଯାଇଛୁ । ନିଜ ପ୍ରେମ ଭଲପାଇବା ପାଇଁ ତୁ ତ୍ୟାଗ କରିଛୁ, ତୁ ମହାନ୍ ।

ଏହି କିଛିଦିନ ଯିବା ଆସିବା ସମୟରେ ସୋନାଲି ସହିତ ଦୁଇଥର ଦେଖାହେଲିଣି । ତା'ର ସେହି ସୁନ୍ଦର ତେଜିଆନ ଆଖି ଦୁଇଟି ଆଜି ଅଜୟକୁ ନିରୀହ ପରି ଦିଶୁଛି । ନା ଅଜୟ ତାକୁ କିଛି କହେ ନା ସୋନାଲି । ବାସ୍ ଦୁହେଁ ଦୁହିଁକୁ ଅପଲକ ନୟନରେ ଦେଖନ୍ତି । ଅଜୟକୁ ଲାଗୁଥିଲା ସୋନାଲିର ସେ ନିରୀହ ଆଖି ଦୁଇଟି ତାକୁ କିଛି କହିବାକୁ ଚାହୁଁଛି । ବୋଧେ ବୁଝି ପାରୁଥିଲା ଅଜୟ ସୋନାଲି ଆଖିର ଭାଷାକୁ । କିନ୍ତୁ ଭୟ ଲାଗୁଥିଲା ତାକୁ । ଥରୁଟିଏ ନିଜ ମନର ଭାଷାକୁ ଚିଠିରେ ଲେଖି ଦେଇଥିଲା ବୋଲି ଏତେ ସୁନ୍ଦର ସମ୍ପର୍କକୁ ସେ ୬ବର୍ଷ ପାଇଁ ହଜାଇ ଦେଇଥିଲା । ନା, ନା ମୁଁ ତା ସହିତ ଏପରି କିଛି କରିବି ନାହିଁ, ଯାହାକି ମୋତେ ଆଉଥରେ ଦୂରକୁ ଠେଲିଦେବ । ମୋ ପାଇଁ ସେ ନିରୀହ ଆଖିର ଭାଷା ବହୁତ କିଛି । ସେ ଭାଷାକୁ ପଢ଼ି ପଢ଼ି ତାର ସ୍ମୃତିରେ ସାରା ଜୀବନ ବଞ୍ଚି ରହିବି ।

ଆଜି ସୋନାଲିର ପ୍ରଥମ ଦିନ କଲେଜ ଅଧ୍ୟାପକ ରୁପେ । ଖୁବ୍ ତରତର ହୋଇ ସେ କଲେଜକୁ ବାହାରିଗଲା । ପ୍ରଥମ ଦିନର ପ୍ରଥମ ଅନୁଭୂତି ଯେତିକି ତାକୁ ରୋମାଞ୍ଚିତ କରୁଥିଲା, ଅଜୟ କଥା ଭାବି ଭାବି ସେତିକି କଷ୍ଟ ଅନୁଭବ କରୁଥିଲା । ଆଜିବି ଅଜୟ ତା ନିକଟରୁ ହାରିଯାଇଥିଲା । ଅଜୟକୁ ଚାକିରି ମିଳିଥିଲେ ସେ ଅଧିକ ଖୁସି ହୋଇଥାନ୍ତେ ।

କଲେଜରେ ପହଞ୍ଚିବା ପରେ ସମସ୍ତ ସାଥି ଅଧ୍ୟାପକ ଓ ଅଧ୍ୟାପିକା ତାକୁ ସ୍ୱାଗତ କରିଥିଲେ । କଲେଜର ପ୍ରଥମ ଦିନ ହୋଇଥିବାରୁ ତାକୁ ବେଶି କ୍ଲାସ୍ କରିବାକୁ ପଡିନଥିଲା । ମଧ୍ୟାହ୍ନରେ ବସି କଛି ଅଧ୍ୟାପିକା ବାନ୍ଧବୀଙ୍କ ସହିତ କଥା ହେବା ସମୟରେ ଜଣେ ବାନ୍ଧବୀ ପଚାରିଲେ ଆପଣ ଏପର୍ଯ୍ୟନ୍ତ ବିବାହ କାହିଁକି କରିନାହାନ୍ତି ?

ଏ ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲା ସୋନାଲି । ସେ ତ କେବେ କାହାକୁ କହିନାହିଁ ସେ ବିବାହିତ କି ଅବିବାହିତ । ଅଧ୍ୟାପିକା ମହାଶୟା ଜାଣିଲେ କିପରି ? ସେ ପଚାରିଲା ଆପଣ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିପରି ଜାଣିଲେ ମୁଁ ବିବାହ କରିନାହିଁ ? ସୋନାଲି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅଧ୍ୟାପିକା ମହାଶୟା କହିଲେ ଇଣ୍ଟରଭିଉରେ ଆପଣ ଯେଉଁ ବାୟୋଡାଟା ଦେଇଥିଲ, ସେଥିରେ ଅବିବାହିତ ଲେଖା ଥିଲା । ସୋନାଲି ମୁହଁରେ ଏକ ଖୁସିର ଚମକ ଖେଳିଗଲା । ତାର ମନେପଡିଗଲା ଅଜୟ ବି ତାର ବାୟୋଡାଟାରେ ବିବାହିତ କି ଅବିବାହିତ ନିଶ୍ଚୟ ଲେଖିଥିବ । ତାର ମନରେ ସୁପ୍ତ ଭଲପାଇବା ଟିକିଏ ଜାଗି ଉଠିଲା । ମନେ ମନେ ସ୍ଥିର କଲା ଯେପରି ହେଉ ଅଜୟର ବାୟୋଡାଟା ମୋତେ ଦେଖିବାକୁ ପଡିବ । ତିନିଦିନର କଠିନ ପରିଶ୍ରମ ପରେ କଲେଜ କ୍ଲର୍କ ଦୀନବନ୍ଧୁ ବାବୁଙ୍କ ବିଶ୍ୱାସ ପାତ୍ର ହୋଇପାରିଥିଲା । ସେ ତାଙ୍କୁ ଅନୁରୋଧ କରିଥିଲା ଅଜୟର ବାୟୋଡାଟା ଦେଖାଇବା ପାଇଁ । ଦୀନବନ୍ଧୁ ବାବୁ ଯେତେବେଳେ ତାର ହାତରେ ଅଜୟର ବାୟୋଡାଟା ଧରାଇଦେଲେ, ସେ ଅପଲକ ନୟନରେ ଚାହିଁ ରହିଥିଲା । ଏ କଣ, ଅଜୟ ବି ଏପର୍ଯ୍ୟନ୍ତ ବିବାହ କରିନାହାନ୍ତି । କଣ ଆଜିବି ମୋତେ ଭଲ ପାଉଛନ୍ତି କି ? ଏ ପ୍ରଶ୍ନର ଉତ୍ତର ଖୋଜି ପାଇନଥିଲା ସୋନାଲି । ତାର ସମସ୍ତ ସ୍ନାୟୁ ଚଳଚଞ୍ଚଳ ହେଲା । ସେ ନିଜ ଭବିଷ୍ୟତକୁ ଅଜୟ ହାତରେ ଟେକିଦେବ ସ୍ଥିର କଲା । ହେଲେ କିପରି ଓ କେଉଁଠି ମୁଁ ଅଜୟକୁ ପାଇବି ? ଯେଉଁ ମୁହଁରେ ତାଙ୍କୁ ଏତେ ଦୂରକୁ ଠେଲି ଦେଇଥିଲି, ଆଜି ପୁଣି କେଉଁ ମୁହଁରେ କହିବି ମୁଁ ତୁମକୁ ଭଲପାଏ ?

ବାୟୋଡାଟାରେ ଦିଆଯାଇଥିବା ଠିକଣାକୁ ସୋନାଲି ସଂଗ୍ରହ କଲା । ସେ ଠିକଣା ପୁଣି ଏହି ସହରର । ଯାହା ବି ହେଉ ମୁଁ ଅଜୟକୁ ଖୋଜିବି, ମୋ ନିଜ ଭୁଲ୍ ପାଇଁ ତାଙ୍କୁ ଶାସ୍ତି ଦେବା କଦାପି ଠିକ୍ ନୁହଁ । ମୁଁ ମୋ ଭୁଲର ପ୍ରାୟଶ୍ଚିତ ନିଶ୍ଚୟ କରିବି ।

ହାତରେ ଏକ କାଗଜ ଧରି କାହାକୁ ଖୋଜୁଥିଲା ସୋନାଲି । ମୁକୁତା ପରି ସୁନ୍ଦର ଦେଖାଯାଉଥିବା ମୁହଁଟି ଆଜି କଳା କାଠ ପଡିଯାଇଥିଲା । ହେଲେ କିଛି ଫରକ୍ ପଡିନଥିଲା ତାକୁ । ଅନେକ ଲୋକଙ୍କୁ ପଚାରି ପଚାରି ପହଞ୍ଚିଥିଲା ଅଜୟ ଦେଇଥିବା ଠିକଣାରେ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କଲିଂବେଲ୍ ଶବ୍ଦରେ ଜଣେ ଯୁବକ ବାହାରକୁ ଆସି ସୋନାଲିକୁ ଦେଖି ପଚାରିଥିଲା କାହାକୁ ଖୋଜୁଛନ୍ତି ମାଡାମ ?

ସୋନାଲି ପଚାରିଥିଲା ଅଜୟ ମହାପାତ୍ର ଏଠାରେ ରୁହନ୍ତି ? ଯୁବକଟି କହିଲା କେବେ କେବେ ଇଣ୍ଟରଭିଉ କିମ୍ବା ଅନ୍ୟ କୌଣସି କାମରେ ସହରକୁ ଆସିଲେ ଏଠାରେ ରୁହନ୍ତି । ସୋନାଲି କହିଲା ତେବେ ଏହି ୧୫ଦିନ ପୂର୍ବରୁ ଆସିଥିଲେ, ଏବେ ନାହାନ୍ତି କି ସେ ?

ଯୁବକଟି କହିଲା ଆପଣ ସୋନାଲି ମାଡାମ ନା ? ଅଜୟ କହିଥିଲା କେବେ ନା କେବେ ମୋର ଜଣେ ଅତି ନିଜର ମୋତେ ଖୋଜି ଖୋଜି ଏଠାରେ ପହଞ୍ଚିବେ । ସେ ତୁମକୁ ବହୁତ ଭଲପାଏ । ସେ କେବେ କହିନଥିଲେ ମଧ୍ୟ ମୁଁ ତାର ସାଙ୍ଗ ହିସାବରେ ଅନୁଭବ କରିଛି । କିନ୍ତୁ ସେ ଏହି ଦୁଇଦିନ ପୂର୍ବରୁ ଏଠାରୁ ରାଉରକେଲା ଚାଲିଯାଇଛି ।

ସୋନାଲି ନିଜକୁ ସମ୍ଭାଳି ପାରିଲା ନାହିଁ, ଆଖିରୁ ତାର ଗଡି ଯାଉଥିଲା ଧାର ଧାର ଲୁହ । ସେଠାରେ ସୋନାଲିକୁ ଅଜୟ ମିଳି ନଥିଲା ସତ ମିଳିଥିଲା ଆଉ ଏକ ଠିକଣା । ମନ ଦୃଢ କଲା ସୋନାଲି । ନା ମୁଁ ଅଜୟ ଠାରୁ କେବେ ହାରିନି କି ଆଜି ହାରିବିନି । ମୋର ଗୋଟେ ଭୁଲ୍ ପାଇଁ ଯେତେ କଷ୍ଟ ହେବ ହେଉ, ଯେତେ ନୂଆ ଠିକଣା ମିଳିବ ମିଳୁ କିନ୍ତୁ ମୁଁ ନିଶ୍ଚୟ ଖୋଜି ବାହାର କରିବି । ୭ବର୍ଷ ମୋ ଠାରୁ ଦୂରେଇ ଯାଇଥିଲା, ଯାଉ ସେ କେତେ ଦୂର ଯିବ । ମୁଁ ଜିତି ଆସିଛି ଜିତିବି ମଧ୍ୟ । ନିଶ୍ଚୟ ମୁଁ ମୋ ପ୍ରେମକୁ ଖୋଜିପାଇବି ।

ସିଠାଳ, ନିଆଳି, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରୂପାନ୍ତରଣ



ସୁଷମା ପରିଜା

"ସିଓନ୍ ତକ୍ ଚଲୋଗେ ?" ପ୍ରଶ୍ନଟିଏ ଫିଙ୍ଗି ଦେଲେ ମଧ୍ୟବୟସ୍କ ଭଦ୍ରଲୋକ ଜଣକ । "ଜୀ ସର୍" କହି ଅସ୍ତିବାଚକ ମୁଣ୍ଡ ହଲାଇଲା ଅଟୋରିକ୍ସା ଡ୍ରାଇଭରଟି । ମିଟର ଡାଉନ୍ କଲା, "ସାବ୍ ! ଶେୟାର୍ ପେ ଚଲନା ହୈ ୟା ରିଜର୍ଭ ପେ ?" ପ୍ରଶ୍ନ କଲା ଡ୍ରାଇଭର୍ । ଡ୍ରାଇଭରର କୌଣସି ଉତ୍ତରକୁ ଅପେକ୍ଷା ନରଖି ଅଟୋରିକ୍ସା ଉପରକୁ ଉଠି ବସିଗଲେ ଯାତ୍ରୀ ଜଣକ । ରାଜ୍ ଭାବିଲା ଭଦ୍ରଲୋକ ବୋଧହୁଏ ଆଗରୁ କେବେ ଯାଇଛନ୍ତି ତା' ଅଟୋରିକ୍ସାରେ, ସେଥିପାଇଁ ଏମିତି ବେଧଡକ୍ ବସିଗଲେ, ନିଶ୍ଚୟ ରିଜର୍ଭରେ ଯିବେ ଭାବି ହ୍ୟାଣ୍ଡଲ୍ ଘୁରାଇ ଷ୍ଟାର୍ଟ ମାରିଲା ସେ । ଗାଡ଼ିର ମିରରରେ ଯାତ୍ରୀଙ୍କ ମୁହଁ ଦେଖା ଯାଉଥିଲା ଡ୍ରାଇଭରକୁ, ସେ ମୁହଁର ରେଖା ସବୁ ପ୍ରାଞ୍ଜଳ ଭାବେ ପଢ଼ିପାରୁଥିଲା ଡ୍ରାଇଭରଟି, ମଝିରେ ମଝିରେ ଗାଡି ବ୍ରେକ୍ ମାରିଲା ବେଳକୁ ଝଟକା ଲାଗୁ କି ନଲାଗୁ ସାହେବଙ୍କ ହାତ ଆଙ୍ଗୁଠି ଛୁଇଁ ଯାଉଥିଲା ଡ୍ରାଇଭରର କାନ୍ଧକୁ, ବେଶ୍ ପରିଚିତ ସେ ଏଇ ସାହେବ ମାନଙ୍କ କୁତ୍ସିତ ଇଶାରା ସହିତ, ତେଣୁ ନୀରବ ରହି ଗାଡିର ସ୍ପିଡ୍ ଆଉ ଟିକିଏ ବଢେଇଦେଲା । ମୁମ୍ବାଇ ସେଣ୍ଟ୍ରାଲ୍ ଷ୍ଟେସନ୍ ବାହାରେ ଅଟୋରିକ୍ସା ଷ୍ଟାଣ୍ଡରେ ଚାରି ବର୍ଷ ହେଲାଣି ଲାଗିଛି ତା'ର ଅଟୋରିକ୍ସା, ଏମିତି ଅନେକ ଯାତ୍ରୀଙ୍କ ସହିତ କାରବାର କଲାଣି ସେ, ତେଣୁ ନିର୍ଭୀକ ହୋଇ ସିଓନ୍ ଆଡକୁ ଗଡେଇନେଲା ଅଟୋରିକ୍ସା, ସିଓନ୍ ଷ୍ଟେସନ୍ ପରେ ଆଉ ଟିକିଏ ଆଗେଇ ଗଲେ ରହିଛି ହୋଟେଲ୍ ସବୁ, ସାହେବ ବୋଧହୁଏ ସେଇଠି କୋଉଠି ରହିବେ ଭାବି ପଚାରିଲା "କାହାଁ ରୋକୁଁ ସାବ୍ ?" ଉତ୍ତର ମିଳିଲା "ହୋଟେଲ୍ ସାଗର୍ ଓୟୋ ରୁମସ୍ ।" ଠିକଣା ଯାଗାରେ ପହଞ୍ଚି ଗାଡ଼ି ରଖିଲା,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାହେବ ଅଟୋରିକ୍ସାରୁ ବାହାରିବା ବେଳକୁ ଜାଣି ଜାଣି ତା' କାନ୍ଧ ଉପରେ ଘଷି ହୋଇ ଓହ୍ଲାଇ ଆସିଲେ, ଦୃଷ୍ଟିରେ ସେଇ ଘୃଣ୍ୟ ଆଦିମତା , ସହାସ୍ୟ ବଦନରେ ପାଞ୍ଚଶହ ଟଙ୍କିଆ ନୋଟଟିଏ ବଢାଇ ଦେଇ କହିଲେ "ଝେସେ ତୁମ୍ ଚାହତେ ହୋ ତୋ ଛୁଟା ଲୌଟାନେ କି ଜରୁରତ୍ ନାହିଁ ହୈ ।" ଏଥର ଆଉ ଚୁପ୍ ରହିଲା ନାହିଁ ଡ୍ରାଇଭରଟି, ସିଟ୍ ଉପରୁ ଓହ୍ଲାଇ ଆସିଲା ତଳକୁ ଆଉ ଦୃପ୍ତ କଣ୍ଠରେ କହିଲା "ଛୁଟା ଲେକର୍ ଆପନି ମା' ୟା ବେହେନ୍ କୋ ଦେ ଦୋ, ଉନ୍ କି କାମ୍ ଆଏଗୀ ।" ସେତେବେଳକୁ ହୋଟେଲର ସିକ୍ୟୁରିଟି ଆସି ପାଖରେ ଠିଆ ହୋଇଥିଲା ସାହେବଙ୍କ ସାମନାରେ ତାଙ୍କର ଟ୍ରଲିଟି ଉଠାଇ ନେବା ପାଇଁ, ତା ଆଗରେ ତୁଚ୍ଛ ଅଟୋରିକ୍ସା ଡ୍ରାଇଭରର ଏମିତି ଦୁଃସାହସିକତାରେ ଅପମାନିତ ହେଲେ ସାହେବ । "ସାଲୀ, ନଖରେ ଦିଖାତି ହୈ ।" ବୋଲି ଗର୍ଜି ଉଠି ଡ୍ରାଇଭରର ସାର୍ଟ୍ କଲରକୁ ଧରି ହାତ ଉଠାଇ ଚାପୁଡାଟିଏ ମାରିବାକୁ ଯାଉଛନ୍ତି, ବିଜୁଳି ଭଳି ଉଠିଗଲା ଡ୍ରାଇଭରର ବାମହାତ । ବାମହାତରେ ସାହେବଙ୍କ ଉଠିଲା ହାତକୁ ଧରି ପକାଇ ଡାହାଣ ହାତରେ ମୋଡି ଦେଲା ତାଙ୍କୁ । ଅଜାଗାକୁ ଏମିତି ଆଣ୍ଠୁଆଟିଏ ମାରିଲା ଯେ "ହାୟ୍ ମର୍ ଗୟା" ଶବ୍ଦଟିଏ ବାହାରି ପଡିଲା ସାହେବଙ୍କ ମୁହଁରୁ । ବିଚରା ସିକ୍ୟୁରିଟିଟି ଏମାନଙ୍କ ଝଗଡା ଦେଖି ସ୍ତମ୍ଭୀଭୂତ ହୋଇ ଠିଆ ହୋଇଥିଲା, ସେ ଧାଇଁ ଆସି ସାହେବଙ୍କୁ ଛଡା ଛଡି କରିବା ବେଳକୁ ଆହୁରି କିଛି ଲୋକ ଜମା ହୋଇ ସାରିଥିଲେ ସେଠାରେ । ବେଶୀ ଗଣ୍ଡଗୋଳ ଘଟିବାର ଆଶଙ୍କା କରି ସିକ୍ୟୁରିଟିଟି ସାହେବଙ୍କୁ ଧରାଧରି କରି ନେଇ ହୋଟେଲର ଲାଉଞ୍ଜ୍ ଭିତରେ ନେଇ ଛାଡିଦେଇ ବାହାରକୁ ଆସିଲା । ଅଟୋରିକ୍ସାର ମହିଳା ଡ୍ରାଇଭର୍ ଜଣକ ହାତ ଝାଡି ବସି ସାରିଥିଲା ତା'ର ସିଟରେ । ଲୋକମାନଙ୍କୁ ଗୋଟାଏ ମଉକା ମିଳି ଯାଇଥିଲା ଘଟଣାର ତର୍ଜମା କରିବା ପାଇଁ । ସମସ୍ତେ ମିଶି ପ୍ରଶ୍ନ ବାଣରେ ପୋତି ପକାଉଥିଲେ ଡ୍ରାଇଭରକୁ, କ'ଣ ହେଲା, କେମିତି ହେଲା ଇତ୍ୟାଦି ଇତ୍ୟାଦି ପ୍ରଶ୍ନରେ । ସିକ୍ୟୁରିଟି ଗାର୍ଡଟି ଆସି ସେଠାରେ

 Magazine Downloaded from www.aahwaan.com

ଜମା ହୋଇ ହୋହାଲ୍ଲା କରୁଥିବା ଲୋକମାନଙ୍କୁ ବୁଝାଶୁଝା କରି ଦୂରେଇ ଦେଲା, ଅଟୋରିକ୍ସାର ଡ୍ରାଇଭରକୁ ପାଣି ଗ୍ଲାସଟିଏ ଆଣିଦେଲା ପିଇବା ଲାଗି ଆଉ କହିଲା "ମୈନେ ସବ୍ ଦେଖାହେଁ ବେହେନା, ମାନ୍ ଗୟା ତେରେ କୋ ଭି ।" ମୃଦୁ ହସି ମୁଣ୍ଡ ଝୁଙ୍କାଇ ଗାଡିକୁ ବୁଲାଇ ଷ୍ଟାର୍ଟ କରି ରାସ୍ତାଆଡକୁ ବଢେଇଲା । ଆଜି ଆଉ ଯାତ୍ରୀ ନେବାକୁ ଇଚ୍ଛା ହେଉ ନଥିଲା ତା'ର । ଫୁଲ୍ ସ୍ପିଡରେ ସହର ଆଡକୁ ଚାଲିଲା ତା'ର ଅଟୋରିକ୍ସାଟି । ମନେ ମନେ ଭାବୁଥିଲା ଆଜିର ଦିନଟି ମାଡ ଖାଇଗଲା, ଟଙ୍କା ପାଞ୍ଚଶହ ତ ଫୋପାଡି ଦେଇ ଆସିଲା ସାହେବ ଉପରେ, ଆଜି ଫେରିଲା ବେଳକୁ ଦିଦିର ଔଷଧ ନେଇଯିବ ବୋଲି ମା'କୁ କହି ଆସିଥିଲା, ମା' ମିଠା ଖାଇବାକୁ ଖୁବ୍ ଭଲପାଏ, ତା'ପାଇଁ ମିଠା ଟିକିଏ ନେବ ନେବ ବୋଲି ଅନେକ ଦିନ ହେଲା ଭାବୁଥିଲେ ବି ନେଇ ପାରିନି, କ'ଣ କରିବ ? କେମିତି ଯାଇ ମା'କୁ କହିବ ଯେ ଦିଦିର ଔଷଧ ଆଜି ବି ଆଣି ପାରିଲାନି ବୋଲି । ମୁଣ୍ଡ କାମ କରୁନଥିଲା ତା'ର । ସଞ୍ଜ ଏଇ ଆରମ୍ଭ ହୋଇଛି ମାତ୍ର, ଆହୁରି ଘଣ୍ଟାଏ ଦି'ଘଣ୍ଟା କାମ କରା ଯାଇପାରେ, ଏଇଆ ଭାବି ଘରକୁ ଯିବା ରାସ୍ତା ଛାଡି ସେ ପୁଣି ଷ୍ଟେସନ୍ ଆଡକୁ ମୁହାଁଇଲା ଅଟୋରିକ୍ସା ।

ଆଖିରେ ଆଖିଏ ଲୁହ ମାଡି ଆସୁଥିଲା, ଢେଉ ହୋଇ ଭାସି ଆସୁଥିଲା ଅତୀତ । ଆଗରୁ ସବୁଦିନ ସକାଳୁ ଏଇ ଅଟୋରିକ୍ସା ଧରି ତା'ର ବାପା ସରଜୁ ଫୁଲେ ଆସୁଥିଲେ ଏଇ ମୁମ୍ବାଇ ସେଣ୍ଟ୍ରାଲ୍ ଷ୍ଟେସନକୁ । ରାଜ୍ ଆଉ ତା'ର ବଡଭଉଣୀ ଆଶାକୁ ଧରି ଘରେ ରହୁଥିଲେ ମା' । ବଡ ଭଉଣୀକୁ ରାଜର ଜିମାରେ ଛାଡିଦେଇ ମା' ଯାଉଥିଲା ପାଖାପାଖି ଦୁଇଟି ଘରେ ଝାଡୁ ପୋଛା, ବାସନମଜା କାମ କରିବା ଲାଗି । ଦିନ ଦଶଟା ବେଳକୁ ଫେରି ଆସି ରୋଷେଇବାସ କରି ଖାଇବାକୁ ଦେଉଥିଲା ଦୁଇ ଝିଅଙ୍କୁ ।ସଞ୍ଜ ବେଳକୁ ବାପା ଆସି ଖାଇବେ ବୋଲି ତରକାରୀ ପତ୍ର ତିଆରି କରି ରଖୁଥିଲା, ପୁଣିଥରେ ସଞ୍ଜ ବେଳକୁ କାମକୁ ଯାଉଥିଲା । ରାତିରେ ବାପା ଫେରୁଥିଲେ ଘରକୁ ସଉଦାପତ୍ର ଧରି, ସାଥିରେ ଧରି ଆସୁଥିଲେ

Magazine Downloaded from www.aahwaan.com

ଚକୋଲେଟ୍ ପିଲାମାନଙ୍କ ପାଇଁ । ଦିନ ସାରା ଗାଡି ଚଲେଇ ଚଲେଇ ଥକି ଯାଉଥିଲେ ମଧ ପିଲାଙ୍କ ସହିତ ଦଶ ପନ୍ଦର ମିନିଟ୍ ନିଶ୍ଚୟ ଗପସପ କରୁଥିଲେ । ସବୁବେଳେ କହୁଥିଲେ ଯେତେ କଷ୍ଟ ପଡୁ ପଛେ ମୋ ପିଲାମାନଙ୍କୁ ମୁଁ ପାଠଶାଠ ପଢେଇ ମଣିଷ କରିବି । ଝିଅ ହେଲେ କ'ଣ ହେଲା ମୋ ପିଲାମାନେ ବହୁତ ପାଠ ପଢି ବଡ ବଡ ଚାକିରୀ କରିବେ । ବଡ ଭଉଣୀ ଖୁବ୍ ସୁନ୍ଦର ନାଚ କରୁଥିଲା ଆଉ ରାଜ୍ ନିଜେ ଖୁବ୍ ସୁନ୍ଦର ଗୀତ ଗାଉଥିଲା । ବାପା ମାଆଙ୍କୁ କହୁଥିଲେ ମୋର ଦୁଇ ଝିଅ ଦୁଇଟି ହୀରା । ଦେଖିବ ଏ ଘର ଉଜ୍ୱଳ ହେବ ସେମାନଙ୍କ ଗୁଣରେ । ସବୁ ଭଲଗୁଣ ଥିବା ବାପାଙ୍କର କିନ୍ତୁ ଗୋଟିଏ ବଦଭ୍ୟାସ ଥିଲା । ନିଜର ଶ୍ରମଭାର ଲାଘବ କରିବାକୁ ହେଉ କିମ୍ବା ନିଜର ଦୁଃଖ ବୁଲିବାକୁ ହେଉ ସେ ମଦ୍ୟପାନକୁ ଆପଣେଇ ନେଇଥିଲେ । ଅଧିକାଂଶ ଦିନ ଘରକୁ ଫେରିବା ବେଳକୁ ପିଇ କରି ଆସୁଥିଲେ । ଅବଶ୍ୟ ସବୁବେଳେ ନୁହେଁ, କେବେ କେବେ ସାଙ୍ଗସାଥୀଙ୍କ ମେଳରେ ଅଧିକ ପିଇ ମାତାଲ୍ ହୋଇ ଫେରୁଥିଲେ,  ଏମିତି ଦିନେ ମାତାଲ୍ ହୋଇ ଫେରିବା ବେଳକୁ ଟ୍ରକ୍ ସହିତ ପିଟି ହୋଇ ସେଇଠି ଶେଷ ହୋଇଗଲେ ସେ । ଅଟୋରିକ୍ସାଟି ଚୁରମାର ହୋଇ ଯାଇଥିଲା,  କିଛି ଦେଖଣାହାରୀ ଆସି ଖବର ଦେଲେ ମାଆକୁ । ଚୁଲ୍ଲୀରେ ଫୁଟନ୍ତା ଭାତ ହାଣ୍ଡି ଛାଡି ଦେଇ ମାଆ ଧାଇଁଗଲା ଘଟଣାସ୍ଥଳକୁ । ସେଠାରୁ ଥାନା ପୋଲିସ୍ ମେଡିକାଲ ହୋଇ ଘରକୁ ଫେରିବା ବେଳକୁ ଅଧାରାତି । ଦୁଇ ଭଉଣୀ ଯାକ ବାପାଙ୍କ ସହିତ ଘଟିଥିବା ଦୁର୍ଘଟଣାର ଖବର ପାଇ କାନ୍ଦି କାନ୍ଦି ଅସ୍ଥିର ହୋଇ ପଡିଥିଲେ, ପଡୋଶୀ ମାନଙ୍କ ମଧ୍ୟରୁ ଶୀଲା ଚାଚି, ବିନି ଚାଚି ଆସି ଜଗି ବସିଥିଲେ ଦୁହିଁଙ୍କୁ । ରାତି ଦଶଟା ବେଳକୁ ମାଆ ଫେରିଲା ବାପାଙ୍କ ଶବକୁ ସାଥିରେ ନେଇ । ଘରେ କାନ୍ଦ ବୋବାଳିର ଆଉଥରେ ଜୁଆର ଆସିଗଲା । ଡରି ଭିତରୁ ବାପାଙ୍କ ମୁହଁ ସ୍ପଷ୍ଟ ଦିଶୁଥିଲା, ରାଜକୁ ଲାଗୁଥିଲା ବାପା ଶୋଇଛନ୍ତି ନିଦରେ, ଆଉ କିଛି ସମୟ ପରେ ଉଠି ଗେଲ କରିବେ ତା'କୁ । ସେ ସେମିତି ଚାହିଁ ରହିଥିଲା

 Magazine Downloaded from www.aahwaan.com

ବାପାଙ୍କ ମୁହଁକୁ । ଲୋକମାନେ ମିଶି ବାପାଙ୍କୁ କୋକେଇରେ ସଜାଡି "ରାମ ନାମ ସତ୍ୟ ହୈ" କହି କହି ନେଇଗଲେ ସଂସ୍କାର ପାଇଁ, ମାଆ ସାଥିରେ ଦିଦି ଆଉ ସିଏ ମଧ୍ୟ ଗଲେ ଶ୍ମଶାନକୁ । ଦିଦି ବାପାଙ୍କ ମୁହଁ ରେ ନିଆଁ ଦେଲାବେଳେ ସେ ପର୍ଯ୍ୟନ୍ତ କାଠ ହୋଇ ବସିଥିବା ରାଜ୍ ଚିଲ୍ଲେଇ ଉଠିଥିଲା "ଐସା ମତ୍ କରନା, ବାବା କୋ ଲଗ୍ ଯାଏଗା ।" ମାଆ ଭିଡି ଆଣି ତା'କୁ କୋଳରେ ଚାପି ଧରିଥିଲା ।

ଅନେକ ଦିନ ପର୍ଯ୍ୟନ୍ତ ସାମାନ୍ୟ ହୋଇ ପାରି ନଥିଲା ରାଜ୍ । ମାଆ ଆଉ ଦିଦି ଦୁଇଜଣ ଯାକ ଏବେ କାମକୁ ଯାଉଥିଲେ ଆଉ ସିଏ ସ୍କୁଲ୍ କୁ ଯାଉଥିଲା । କଷ୍ଟେମଷ୍ଟେ ଦଶମ ଶ୍ରେଣୀ ପରୀକ୍ଷାରେ ପାଶ୍ କରିଥିଲା ରାଜ୍ । ମାଆ କହିଲା "ତୋ ବାପା ଚାହୁଁଥିଲେ ତୁ ଆଗକୁ ପଢି ବଡ ମଣିଷ ହେବୁ ବୋଲି, ଦିଦି କୁ ତ ପଢେଇ ପାରିଲିନି ତତେ କିନ୍ତୁ ନିଶ୍ଚୟ ପାଠ ପଢେଇବି ମୁଁ, ଯେତେ କଷ୍ଟ ପଡୁନା କାହିଁକି ତୁ ପଢା ବନ୍ଦ କରିବୁଲି ମୋଟେ ।" ରାଜ୍ ସେକେଣ୍ଡାରୀ ସ୍କୁଲରେ ନାମ ଲେଖାଇଲା । ଭଲ ପାଠ ପଢିବା ସହିତ ଭଲ ଗୀତ ମଧ୍ୟ ଗାଉଥିଲା । ପିଲାବେଳେ ରେଡିଓରୁ ଶୁଣି ଶୁଣି ଆଉ ଏବେ ଟିଭିରୁ ଶୁଣିଶୁଣି । ସ୍କୁଲରେ କେତେଥର ପ୍ରତିଯୋଗିତାରେ ଜିତି ପୁରସ୍କାର ମଧ୍ୟ ପାଇଥିଲା । ଦିଦିର ରଙ୍ଗ ବାପା ଭଳି ଶ୍ୟାମଳ ଥିଲା ଆଉ ତା'ର ରଙ୍ଗଥିଲା ମାଆ ଭଳି ତୋଫା ଗୋରା, ବୋଧହୁଏ ସେଇଥିପାଇଁ ବାପା ନାଆଁ ଦେଇଥିଲେ "ରାଜେଶ୍ୱରୀ" । ରାଜ୍ ମନ ଲଗାଇ ପାଠ ପଢୁଥିଲା, ସେ ଭାବୁଥିଲା ଅତି କମରେ ଗ୍ରାଜୁଏସନଟି କରି ପାରିଲେ ଚାକିରୀଟିଏ ମରିବାକୁ ଅସୁବିଧା ହେବନି । ଭଲ ଚାକିରୀଟିଏ କରି ସେ ଦିଦିର ବାହାଘର କରିବ, ମାଆର ଦାୟିତ୍ୱ ନେବ । ଆଉ ମାଆକୁ ପଥରେ କାମ କରିବାକୁ ଦେବ ନାହିଁ ସେ, ବିଚାରୀ ବହୁତ ଖଟିଲାଣି, ବହୁତ ଦୁଃଖ ସହିଲାଣି ସେମାନଙ୍କ ପାଇଁ, ଏବେ ସେମାନଙ୍କର ଦାୟିତ୍ୱ ନେବାର କଥା । ମଣିଷ ଯାହା ଚିନ୍ତା କରେ ଈଶ୍ୱର ତା'ଠାରୁ ସବୁବେଳେ ଅଲଗା କିଛି ରଖିଥାନ୍ତି ତା' ଭାଗ୍ୟରେ ।

ଆହ୍ୱାନ ଓଡ଼ିଆ

Magazine Downloaded from www.aahwaan.com

ସେମିତି ଦିନେ ଦିଦି ଯେଉଁ ଘରେ କାମ କରୁଥିଲେ, ସେଇ ଘରର ଛାତ ଉପରେ ଲୁଗା ଶୁଖାଇବା ବେଳେ ମାଲିକର କାମୁକ ଦୃଷ୍ଟି ପଡିଥିଲା ତା'ଉପରେ ।

ତା'ର ବାସନା ପୂର୍ତ୍ତିରୁ ବଞ୍ଚିବା ପାଇଁ ସେଇ ଛାତ ଉପରୁ ତଳକୁ ଡିଆଁ ମାରିଦେଲା ଦିଦି । ଇଜ୍ଜତଟା ସିନା ବଞ୍ଚିଗଲା ହେଲେ ସାରା ଜୀବନ ପାଇଁ ପଙ୍ଗୁ ହୋଇଗଲା ଦିଦି । ଛାତ ଉପରୁ ପଡି ଡାହାଣପଟେ ଭୀଷଣ ଆଘାତ ପାଇ ସେଇ ପଟଟି ଚଳତ୍ ଶକ୍ତିରହିତ ହୋଇ ଯାଇଥିଲା । ଦିଦି ସତ କଥା କହିଲେ ବି ତା' କଥାକୁ କେହି ବିଶ୍ୱାସ କରିନଥିଲେ । ଘର ମାଲିକାଣୀ ଟଙ୍କାଟିଏ ସାହାଯ୍ୟ କରିବା ତ ଦୂରର କଥା ବରଂ ଓଲଟା ଚୋରି କରି ଧାଇଁ ପଳାଉଥିବା ବେଳେ ମୋ ସ୍ୱାମୀ ଦେଖି ଦେବାରୁ ନିଜେ ଛାତରୁ ଡେଇଁ ପଡିଲା ବୋଲି ପୋଲିସରେ ଅଭିଯୋଗ ଲେଖାଇଦେଲେ । ଧାର କରଜ କରି ମାଆ ମେଡିକାଲରେ ଭର୍ତ୍ତି କରିଥିଲା ଦିଦିକୁ । ନିଜେ ମଧ୍ୟ କାମଧନ୍ଦା ବନ୍ଦ କରି ଦିଦିକୁ ଜଗି ରହିଲା ମେଡିକାଲରେ ଦୁଇ ତିନି ମାସ ଧରି । ଅଗତ୍ୟା ପୋଥିରେ ଡୋରି ବାନ୍ଧି ଘରେ ରହିବାକୁ ପଡିଲା ରାଜ୍ କୁ । କ'ଣ କରିବ ଏପଟେ ମାଆର କାମ ବନ୍ଦ, ସେପଟେ ଆଉ କେହି ନାହିଁ ସାହାଯ୍ୟ କରିବାକୁ, ବାପାଙ୍କର ରୋଡ୍ ଆକ୍ସିଡେଣ୍ଟ ପାଇଁ ଯାହା କିଛି ସରକାରଙ୍କଠାରୁ ଇନ୍‌ସୁରାନସ୍ ପଇସା ମିଳିଥିଲା, ସେ ସବୁ ମେଡିକାଲ ଖର୍ଚ୍ଚରେ ସରିଗଲା, ବାଧ୍ୟ ହୋଇ ଘରେ ରହି ରୋଷେଇବାସ କରି ଦିନ କାଟିବାକୁ ପଡିଲା ରାଜ୍ କୁ । ତିନିମାସ ପରେ ଦିଦି ଆସିଲା ମେଡିକାଲରୁ, ଘୁଷୁରି ଘୁଷୁରି ଚାଲୁଥିଲା ସେ, ତା'କୁ ଦେଖି ଦୁଃଖରେ ଛାତି ଫାଟି ଯାଉଥିଲା ରାଜର ହେଲେ କିଛି ଉପାୟ ନଥିଲା ତା'ପାଖରେ । ଧୀରେ ଧୀରେ ମାଆ ପୁଣି କାମକୁ ଗଲା, ପଇସାପତ୍ର ଅଣ୍ଟିଲାନି ଘର ଚଳିବାକୁ, ଅଧାଦିନ ଭୋକ ଉପାସରେ କଟିଲା । ପଡୋଶୀ ପବନ ଚାଚା ଗୋଟାଏ ମେଲୋଡି ପାର୍ଟିର ଟ୍ରଲି ଚଳାଏ । ସେ ରାଜର ଗୀତ ଗାଇବା କଥା ଜାଣିଥିଲେ, ତେଣୁ ରାଜ୍‌କୁ ପ୍ରସ୍ତାବ ଦେଲେ ସେଇ ମେଲୋଡି ପାର୍ଟିରେ ଯୋଗ ଦେବା ପାଇଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଆ ଟିକିଏ ଅରାଜି ହେଉଥିଲା ହେଲେ ଅର୍ଥାଗମର ଆଉ କୌଣସି ଉପାୟ ନଥିଲା ତାଙ୍କ ପାଖରେ, ପବନ ଚାଚା ବି ଭରସା ଦେଲେ ମାଆକୁ ରାଜ୍ ର ସୁରକ୍ଷା ଦାୟିତ୍ୱ ତାଙ୍କର ବୋଲି । ସେଇ ଭରସାରେ ସେ ଯୋଗ ଦେଲା "ଷ୍ଟାର୍ଟ ମେଲୋଡି ପାର୍ଟି"ରେ । କିଛି ଦିନ ଭଲରେ ଚାଲିଥିଲା, ଗୋଟିଏ ଗୋଟିଏ ସୋ' ପାଇଁ ରାଜ୍‌କୁ ମିଳୁଥିଲା ପାଞ୍ଚଶହ ଟଙ୍କା, ଖାଇବା ପିଇବା ତାଙ୍କର, ଯିବା ଆସିବାର ଖର୍ଚ୍ଚ ମଧ୍ୟ ମିଳୁଥିଲା । ପ୍ରତି ମାସରେ ସାତ ଆଠଟି ସୋ' ରହୁଥିଲା । ଘରର ଅବସ୍ଥା ଧୀରେ ଧୀରେ ସୁଧୁରି ଆସୁଥିଲା । ଦିନେ ରାତିରେ ସୋ ସରିବା ବେଳକୁ ରାତି ଏଗାରଟା ବାଜିଲାଣି, ପବନ ଚାଚା କହିଲେ "ଘରକୁ ଯିବାକୁ ଅଟୋରିକ୍ସା ପାଇବା କଷ୍ଟ ହେବ ରେ ମା' ! ତୁ ଆମ ମୋହନ ବାବୁ ସାଥିରେ ବାଇକ୍ ରେ ଚାଲ୍, ମୁଁ ତୋ' ପଛେ ପଛେ ଆସୁଛି, ଭୟ କରନା, ମୁଁ ଅଛି ତୋ ସାଥିରେ ।" ସରଳ ବିଶ୍ୱାସରେ ମୋହନ ବାବୁର ବାଇକ୍ ପଛରେ ବସିଲା ରାଜ୍ । ଧୀରେ ଧୀରେ ଧୀରେ ବାଇକ୍ ଚଳାଉଥିବା ମୋହନ ବାବୁ ହଠାତ୍ ଗାଡିର ସ୍ପିଡ୍ ବଢାଇ ଦେଇ ପଛରେ ଟ୍ରଲି ନେଇ ଆସୁଥିବା ପବନ ଚାଚାକୁ ଚକମା ଦେଇ ଉଭାନ୍ ହୋଇଗଲା ଗୋଟାଏ ଚାରି ଛକିଆ ରାସ୍ତାରେ । ଅନ୍ଧାରିଆ ଗୋଟିଏ ଗଳିରେ ଗାଡିକୁ ପୁରାଇ ଦେଖାଇବାକୁ ଲାଗିଲା ତା'ର ଅସଲ ରୂପ । ଅତର୍କିତ ଆକ୍ରମଣରେ ଭୟଭୀତ ହୋଇ ଗଳିରେ ଅଙ୍କାବଙ୍କା ରାସ୍ତାରେ ଧାଉଁ ଥିଲା ରାଜ୍, ଆଉ ପାଗଳ କୁକୁର ଭଳି ତା'ର ପଛେ ପଛେ ଧାଉଁଥିଲା ମୋହନ ବାବୁ, ଧଇଁ ସଇଁ ହୋଇ ପ୍ରାଣ ବିକଳରେ ଧାଉଁଥିଲା ରାଜ୍ କୁଆଡେ ଯାଉଛି କିଛି ବୁଝିବାରେ ବେଳ ନଥିଲା ତା' ପାଖରେ, ହଠାତ୍ ସେ ଧକ୍କା ଖାଇଲା ଗୋଟିଏ ମଣିଷ ଶରୀର ସହିତ ଆଉ ତଳେ ପଡିଗଲା, ଆଃ ବୋଲି ଚିତ୍କାରଟିଏ ବାହାରି ଆସିଲା ତା' ପାଟିରୁ, ସିଏ ତଳୁ ଉଠିବାକୁ ଚେଷ୍ଟା କରୁଛି, ସେଇ ସମୟ ମଧ୍ୟରେ ପଛରେ ଗୋଡାଇଥିବା ମୋହନ ବାବୁ ପହଞ୍ଚିଗଲା ସେଠି, ଟଣା ଓଟରା କରିବାକୁ ଆରମ୍ଭ କରି ଦେଲା ରାଜ୍ କୁ । ରାଜ୍ ନିଜକୁ ରକ୍ଷା କରିବା ଲାଗି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଠୁଛି ସେତିକିବେଳେ ଘଟିଗଲା ଗୋଟାଏ ଅଭାବନୀୟ ଘଟଣା "ମା' ଲୋ ! ମରି ଗଲି ।" ବୋଲି ଶବ୍ଦ ଶୁଭିଲା ଆଉ ମୋହନ ବାବୁ ଗଛ କାଟିଲା ଭଳି ପଡିଗଲା ତଳେ, ଭୟରେ ଥରଥର ହୋଇ ଆଖି ବୁଝି ଉଠି ପଡିଲା ରାଜ୍, ଦେଖିଲା, ଯେଉଁ ଲୋକଟି ସହ ଧକ୍କା ଖାଇ ତଳେ ପଡି ଯାଇଥିଲା ସେ , ସେଇ ଲୋକଟି ଲୁଗା କାଚ ବାଡିରେ ଲୁଗା କାଟିଲା ଭଳିଆ କୋଳେଇ ଦେଇ ଯାଉଛି ମୋହନ ବାବୁକୁ । ଓଃ, ଆଃ ହୋଇ ମୋହନ ବାବୁ ଗଡୁଛି ଏପଟ ସେପଟ । କିଛି ସମୟ ପରେ ମାରି ମାରି ଥକିଗଲା ବୋଧହୁଏ ଲୋକଟି । ରାଜ୍ ର ହାତ ଧରି ଟାଣି ଟାଣି ନେଇଗଲା ଗୋଟିଏ ଆଲୁଅ ପଡୁଥିବା ଜାଗାକୁ । ସେତେବେଳେ ଯାଇ ଆଗନ୍ତୁକ ଜଣଙ୍କର ଚେହେରାକୁ ଭଲକରି ଦେଖି ପାରିଲା ରାଜ୍ । ଖାକି ପୋଷାକପିନ୍ଧା ସେଇ ଦେବୋପମ ମଣିଷ ଜଣକ ଥିଲେ ଜଣେ ମଧ୍ୟ ବୟସ୍କା ମହିଳା ଅଟୋ ଡ୍ରାଇଭର୍ । ହଠାତ୍ ରାଜ୍ ତାଙ୍କୁ କୁଣ୍ଢେଇ ଧରି ଭୋ ଭୋ ହୋଇ କାନ୍ଦି ଉଠିଲା, ତା'କୁ ଲାଗିଲା ତା'ବାପା ଠିଆ ହୋଇଛନ୍ତି ତା' ଆଗରେ, ଅଥବା କେଉଁ ଅଦୃଶ୍ୟ ଦେବତା ଏଇ ଦେବୀ ଜଣଙ୍କୁ ତା'କୁ ରକ୍ଷା କରିବା ଲାଗି ପଠାଇଛନ୍ତି, ସେ ଆହୁରି ଜୋରରେ ଚାପି ହୋଇଗଲା ତାଙ୍କ ସହିତ । ପରିସ୍ଥିତି ଦେଖି ସେ ସବୁ କିଛି ଅନୁମାନ କରି ସାରିଥିଲେ, ତାଙ୍କ ମୁହଁରୁ ବାହାରି ଆସିଲା ଗମ୍ଭୀର ସ୍ୱର "ରୋନେ ଧୋନେ ସେ କୁଛ ନେହିଁ ହୋଗା, ଆପନେ ଆପକୋ ସମ୍ଭାଲନା ଶିଖୋ, ତଭି ଦୁନିଆଁ ମେଁ ଜୀ ପାଓଗେ ।" ଦୈବୀ ବାଣୀ ଭଳି ଶୁଣା ଯାଉଥିଲା ରାଜ୍ କୁ ।

ସେ ତାଙ୍କୁ ସେମିତି ଜାବୁଡି ଧରି କହିଲା, ମୋତେ ବହୁତ ଡର ଲାଗୁଛି ମା', ମତେ ଟିକିଏ ମୋ ମାଆ ପାଖରେ ଛାଡି ଦିଅ । ଡ୍ରାଇଭର୍ ଜଣକ ତା'କୁ ତାଙ୍କ ସାଥିରେ ନେଇ ସେଇଠି ଅଳ୍ପ ଦୂରରେ ଥିବା ନିଜ ଘରକୁ ଗଲେ, ନିଜର ଅଟୋରିକ୍ସାଟି ବାହାର କଲେ ଆଉ ରାଜ୍ କୁ ତା'ର ଘର ଠିକଣା ପଚାରି ନିଜେ ନେଇ ଯାଇ ଛାଡି ଦେଇ ଆସିଲେ ତାଙ୍କ ଘରେ । ରାସ୍ତାରେ ଯିବା ବେଳେ ନିଜର ଦୁଃଖ କାହାଣୀକୁ ତାଙ୍କୁ ଶୁଣେଇଥିଲା ରାଜ୍ । ସବୁ ଶୁଣିସାରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବୀ ଜଣକ ତା'କୁ "ଅଟୋରିକ୍ସା ଚଳାଇ ପାରିବୁ କି ?" ବୋଲି ପଚାରିଥିଲେ । ଉତ୍ତରରେ ରାଜ୍ କହିଥିଲା "ମୋ ମାଆ ଆଉ ଭଉଣୀ ପାଇଁ, ମୁଁ ସବୁ କିଛି କରି ପାରିବି ।" ନିଜକୁ ରକ୍ଷାକରି ଅଟୋରିକ୍ସା ଚଳାଇ ଜୀବନ ଜୀଇଁବାର ସୁନ୍ଦର କଳାଟି ଶିଖାଇ ଦେଇଥିଲେ ସେଇ ଅଟୋରିକ୍ସା ଡ୍ରାଇଭର୍ ଦେବୀ ସ୍ୱରୂପା "ନିର୍ମଳା ଫୁଲେ" ଯିଏ ନିଜେ ପରିସ୍ଥିତିର ଠୋକକର ଖାଇ ଖାଇ ବଞ୍ଚିବା ଶିଖିଥିଲେ ନିଜ ପିଲାଙ୍କ ପାଇଁ, ଆଉ ଆଜି ସଫଳ ଅଟୋରିକ୍ସା ଡ୍ରାଇଭର୍ ଟିଏ ହୋଇ ନିଜର ପରିବାର ଚଳାଉଥିଲେ, ନିଜର ପିଲାମାନଙ୍କୁ ପାଠ ପଢାଇଥିଲେ, ଘର ସଂସାର କରେଇ ମଣିଷ କରିଥିଲେ । ରାଜେଶ୍ୱରୀ ସେଦିନ ନିର୍ମଳା ଫୁଲେ ଙ୍କୁ ମା' ବୋଲି ଡାକି ଗୁରୁମନ୍ତ୍ର ମାନିଲା ତାଙ୍କରି କଥାକୁ । ବାପାଙ୍କର ସେଇ ଅଲିଅଳୀ ଡରକୁଳୀ ଝିଅ ରାଜେଶ୍ୱରୀ ନାଏକ୍ ସେବେଠାରୁ ଦବଙ୍ଗ୍ "ରାଜ୍" ପାଲଟିଗଲା ସମୟର ସ୍ରୋତରେ । ପ୍ରଥମେ ପ୍ରଥମେ ଭଡା ସୂତ୍ରରେ ଅଟୋରିକ୍ସାଟିଏ ଚଲେଇ ଜୀବିକା ନିର୍ବାହ କରୁଥିବା ରାଜ୍ ଏବେ ନିଜର ଅଟୋରିକ୍ସାଟିଏ କରି ମୁମ୍ବାଇ ସେଣ୍ଟ୍ରାଲ୍ ଷ୍ଟେସନରେ ଷ୍ଟାଣ୍ଡରେ ଲଗାଇ ତା'ର ପରିବାରକୁ ଖୁବ୍ ଆରାମରେ ରଖିଛି । ଆଜିକାଲି ମା' ଆଉ ପରଘରେ କାମ କରିବାକୁ ଯାଏନାହିଁ, ତା'ପାଇଁ ରୋଷେଇବାସ କରି ଘରେ ବସେ । ଦିଦି ସେମିତି ଅଧା ଅଚଳ ହୋଇଥିଲେ ମଧ୍ୟ ଗୁଆ ଭାଙ୍ଗି ଦି' ପଇସା ରୋଜଗାର କରେ । ଆଉ ଏମିତି ମଣିଷ ରୂପୀ ପଶୁ ମାନଙ୍କୁ ନିର୍ମଳାମା' ଠାରୁ ଶିକ୍ଷା କରିଥିବା କୌଶଳରେ ଠିକଣା ଜବାବ ଦିଏ । ଭୟ କରେ ନାହିଁ ସେମାନଙ୍କୁ ।

ଷ୍ଟେସନ୍ ପାଖାପାଖି ହୋଇ ଯାଇଥିଲା, ନିଜର ଅଟୋରିକ୍ସାକୁ ଷ୍ଟାଣ୍ଡରେ ଲଗାଇ ପୁଣି ଥରେ ଯାତ୍ରୀ ପାଇଁ ଅପେକ୍ଷା କଲା ରାଜ୍ ।

କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାୟାଧରଙ୍କ ମାୟା



ବିନୟ ମହାପାତ୍ର

ଭଜ ଗୋବିନ୍ଦଂ, ସ୍ମର ଗୋବିନ୍ଦଂ, ଗୋବିନ୍ଦଂ ଭଜେ ମୂଢମତେ, ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ଏଇ ଗୀତଟି କିଏ ଜଣେ ବନ୍ଧୁ ହ୍ୱାସଅପରେ ସେୟାର କରିଥିଲେ । ସୁଧାକରବାବୁ ଏଇ ଥରକୁ ମିଶାଇ ଗୀତଟାକୁ ପ୍ରାୟ ପନ୍ଦର ଥର ଶୁଣି ସାରିଲେଣି । ପ୍ରଥମେ ଥରେ ଦିଥର ମୋବାଇଲରେ ଫୁଲ ଭଲ୍ୟୁମରେ ଶୁଣିଲା ପରେ ଯେତେବେଳେ ତୃତୀୟ ଥର ପାଇଁ ପ୍ଲେ କଲେ ସେତେବେଳେ ମିସେସ୍ ପୂଜାଘର ଭିତରୁ ବଡପାଟିଟାଏ କରି କହିଲେ, ଗୀତଟା ଯଦି ଏତେ ଭଲଲାଗୁଛି ତେବେ କାନରେ ଇଅରଫୋନ ଲଗେଇ ଶୁଣ । ମୁଁ ଏଇଠି ଧ୍ୟାନ ଲଗେଇ ପୂଜାକରି ପାରୁନି । ସାନପୁଅ ସକାଳ ଚା' କପ୍ ଟା ଆଣି ସେଣ୍ଟର ଟେବୁଲ ଉପରେ ରଖିଦେଇ କହିଲା, ବାପା ଚା, ଭାଉଜ କହିଲେ ଆଜି ଆଉ ଚା ମିଳିବନି । ଏଇଟାକୁ ମିଶେଇ ସକାଳୁ ତୁମେ ଚାରି କପ୍ ଚା ଅଲରେଡି ପିଇ ସାରିଲଣି । ଏତିକି କହି ସେ ସାମ୍ନା ସୋଫା ଉପରେ ବସିପଡିଲା । ଟିଭି ରିମୋଟଟା ସୁଧାକରବାବୁଙ୍କ ହାତରୁ ନେଇ ନିଉଜ୍ ଚାନେଲଟାକୁ ବଦଳେଇ ସ୍ପୋର୍ଟସ ଚାନେଲକୁ କରିଦେଲା । କହିଲା ନିଉଜିଲ୍ୟାଣ୍ଡରେ କ୍ରୀକେଟ ମ୍ୟାଚର ଲାଇଭ ଟେଲେକାଷ୍ଟ ଦେଖିବ । ସୁଧାକରବାବୁ ଅଗତ୍ୟା ଅନ୍ୟଉପାୟ ନଦେଖି ଇଅରଫୋନ କାନରେ ଲଗାଇ ବାରଣ୍ଡାକୁ ଉଠିଗଲେ ।

ଯେତେଥର ଶୁଣିଲେ ବି ଗୀତଟା ପ୍ରତିଥର କିଛିନା କିଛି ନୂଆ ଚେତନା ଭରିଦେଉଥିଲା ହୃଦୟଭିତରେ, କେତେ ସୁନ୍ଦରଭାବେ ବୁଝେଇ ଦେଇଛନ୍ତି ଶଙ୍କରାଚାର୍ଯ୍ୟ । ମାୟାଟା ଭ୍ରମ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଏଇ ଭ୍ରମ ଭିତରେ ମଣିଷ ପୁରା ଜୀବନ ବିତେଇ ଦେଉଛି । ଆଖିରେ ଅନ୍ଧପୁଟୁଳି ବାନ୍ଧିନେଇଛି । ଆଉ ସେଇ ବନ୍ଦଆଖିରେ କେବଳ ଧନ ଦାରା ସୁତର ସ୍ୱପ୍ନ ଆଉ ମୋହ ମାୟାର ବନ୍ଧନ । 30 ବର୍ଷର ଚାକିରୀକାଳ ଭିତରେ କଣ କରିଛନ୍ତି ସୁଧାକରବାବୁ ? ଅଧ୍ୟାପକ ଚାକିରୀରେ ସକାଳୁ ସଂଜଯାଏ କ୍ଲାସ ପରେ କ୍ଲାସ, କଲେଜ ସରିଲା ପରେ କୋଚିଙ୍ଗ କ୍ଲାସ ତାପରେ ରାତି ନଅଟାରେ ଘରେ ପହଞ୍ଚିଲା ପରେ କଣ ଟିକିଏ ଖାଇଦେଇ ପୁଣି ସେହି ବହିମାନଙ୍କର ଭିତରେ ହଜିଯାଉଥିଲେ ଜ୍ଞାନର ସନ୍ଧାନରେ । ଫିଜିକ୍ସର ପ୍ରାଧ୍ୟାପକ ଥିଲେ, ଢେର ଜ୍ଞାନ ଅର୍ଜନ କରିଛନ୍ତି ନିଜ ସବଜେକ୍ଟରେ, ହେଲେ 'ବିଷୟ' ବାସନାରେ ଏମିତି ମଗ୍ନ ରହିଗଲେ ଯେ ଅସଲ ଜ୍ଞାନ ଟିକିଏ ବି ଅର୍ଜନ କରିପାରିଲେନି । ସେଇ ପ୍ରଭୁଙ୍କ ଜ୍ଞାନ, ବିଷୟାଶକ୍ତ ମାୟାର ସଂସାର ବିଷୟରେ ଜ୍ଞାନ କିମ୍ବା ମୁକ୍ତି ମାର୍ଗର ଗୁଢ ତତ୍ତ୍ୱଜ୍ଞାନରୁ କାଣିଚାଏ ବି ଅର୍ଜନ କରିପାରିଲେନି । ବଡ ବିତୃଷ୍ଣାଭାବ ଆସିଗଲା ନିଜର ଜୀବନ ପ୍ରତି । ଏତେ ବଡ ଘର ତିଆରି କରିଦେଲେ, ହେଲେ ନିଜ ହୃଦୟ ମନ୍ଦିରର ଚଉକାଠକୁ ଏମିତି ଖୋଲା ଛାଡିଦେଲେ ଯେ ଓଲେଇ ଗାଈ ପରି ମାୟା ପଶିଗଲା ହୃଦୟ ଭିତରେ, ସବୁ ଅନ୍ଧାର କରିଦେଲା । ଜ୍ଞାନର ଦୀପଟିଏ ବି ଜଳାଇ ପାରିଲେନି ମନ ମନ୍ଦିରରେ, ହୃଦୟ ଭିତରେ । ଶେଷଥର ପାଇଁ କେବେ ମନ୍ଦିର ଯାଇଥିଲେ ମନେ ନାହିଁ । ଏଇ ଭୁବନେଶ୍ୱରରେ ଅଧା ଜୀବନ କଟିଗଲା ତାଙ୍କର । ହେଲେ ଜଗନ୍ନାଥଙ୍କ ଦର୍ଶନ ଦୁଇ ଚାରି ଥରରୁ ବେଶି କରି ପାରି ନାହାନ୍ତି । ପୁରୀ ଏଇଠୁ କେତେ ଦୂର ? ରାସ୍ତା ସିନା ଦୂର ନୁହେଁ, ହେଲେ ବିଜ୍ଞାନର ଏଇ ବସ୍ତୁଜ୍ଞାନ ଭଗବାନଙ୍କ ଠାରୁ, ବାସ୍ତବ ଦୁନିଆଁରୁ ତାଙ୍କୁ ଆଜିଯାଏ ଦୂରେଇ ରଖିଛି ।

ଧନ ଦାରା ସୂତ, ଏଇତ ମାୟା, ସେଇ ମାୟାରେ ଫଶିଯାଇ ମଣିଷ ଜାଣି ପାରେନା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧନ ଲାଗି ପୁତ୍ରବି ଦିନେ ଶତ୍ରୁ ପାଲଟିଯାଏ । ଯେ ପର୍ଯ୍ୟନ୍ତ ଅର୍ଜନକ୍ଷମ ରହିଛ ସେପର୍ଯ୍ୟନ୍ତ ସମସ୍ତେ ସମ୍ମାନ ଦେବେ, ଖାତିରି କରିବେ । ଯେଉଁ ଦିନ ଅବସର ନେଇଯିବ, ଅର୍ଜନ ଅକ୍ଷମ ହୋଇଯିବ, ସେହି ଦିନଠାରୁ କେହି ପଚାରିବେନି ବାସି ମୁହଁରେ, କେହି ଶୁଣିବେନି ତୁମକଥା । ସୁଧାକର ବାବୁଙ୍କର ଅବଶ୍ୟ ସେପରି ପରିସ୍ଥିତି ଆସିନି କିମ୍ବା ଆସିବାର ସମ୍ଭାବନା କମ୍, କାରଣ ସେ ସରକାରୀ କର୍ମଚାରୀ ଥିଲେ, ଏବେ ବି ପେନସନ ଗଣ୍ଡାକ ମିଳୁଛି, ମଲାଯାଏ ଏମିତି ମିଳୁଥିବ, କିଛି ସେଭିଙ୍ଗସ ବି ଅଛି ଭଲମନ୍ଦରେ କାହାର ସାହାଯ୍ୟ ଲୋଡିବାକୁ ପଡିବନି । ହେଲେ ସମସ୍ତେ ତ ସରକାରୀ ଚାକିରୀଆ ନୁହଁନ୍ତି । ସେଦିନ ରାସ୍ତାରେ ତାଙ୍କର କଲେଜପଢା ଦିନର ସାଙ୍ଗ ବୃନ୍ଦାବନ ସାଙ୍ଗରେ ଦେଖାହୋଇଗଲା, ସେ କହୁଥିଲା ତା'କଥା । ପିଲାମାନେ କେହି ପଚାରିଲେନି, ଘରେ କେହିବି ସମ୍ମାନ ଦେଲେନି, ଖାଇବା ଗଣ୍ଡାକ ପାଇଁ ବି ପଚାରନ୍ତି ନାହିଁ । ଭୋକ ଲାଗିଲେ ଖାଇବାକୁ ମାଗିବାକୁ ପଡୁଥିଲା । ସେଇଥି ପାଇଁ ସେ ନିଜ ଘରଛାଡି ସ୍ତ୍ରୀକୁ ସାଥିରେ ଧରି ଭଡାଘରେ ରହୁଛି । ରାସ୍ତାକଡରେ ଟେବୁଲଟିଏ ପକେଇ ଚା ଦୋକାନଟିଏ କରିଛି । ସେଥିରୁ ଯାହା ରୋଜଗାର ହେଉଛି ବୁଢାବୁଢି ଚଳି ଯାଉଛନ୍ତି, ହେଲେ ଏମିତି ଆଉ କେତେ ଦିନ ହାତଗୋଡ ଚାଲୁଥିବ, 65 ବର୍ଷ ହୋଇଗଲାଣି ବୃନ୍ଦାବନକୁ ।

ସାରା ଜୀବନ ପ୍ରାଇଭେଟ ଚାକିରୀରେ ଖଟିଖଟି ବଡପୁଅକୁ ଇଞ୍ଜିନିୟର କଲା, ସାନଟା ସି.ଏ କରି ବ୍ୟାଙ୍କରେ ବଡ ଅଫିସରଟିଏ ହୋଇଛି । ଝିଅକୁ ପୋଷ୍ଟଗାଜୁଏଟ୍ କରେଇ ଯୋଗ୍ୟ ବର ଦେଖି ବାହାଘର କରିଦେଲା । ଝିଅ ଏବେ କେଉଁ ପ୍ରାଇଭେଟ କଲେଜରେ ଲେକ୍‌ଚରର ଅଛି । ମଝିରେ ମଝିରେ ଆସେ, ଦେହପା' ଖବର ବୁଝିଯାଏ, ଗଲାବେଳେ କିଛି ଟଙ୍କା ପଇସା ମାଆ ହାତରେ ଦେଇଯାଏ, କେବେ କେବେ କିଛି ଟଙ୍କା ପଠେଇଦିଏ । ବାପା

 Magazine Downloaded from www.aahwaan.com

ମାଆଙ୍କ ପାଇଁ ଭାଇମାନଙ୍କ ସହିତ ଝଗଡା କରିଥିଲା ସିଏ । ସେମାନଙ୍କୁ କେତେ ବୁଝେଇଥିଲା, ବୁଢା ବାପା ମାଆଙ୍କର ଯତ୍ନ ନେବାକୁ, ପାଖରେ ରଖିବାକୁ, ହେଲେ କେହି ଶୁଣିଲେନି । ସେଇଥିପାଇଁ ଭାଇମାନଙ୍କ ସାଥିରେ ସମ୍ପର୍କ ତୁଟେଇ ଦେଲା । କହିଲା ସେଇ ବାପ ମାଆଙ୍କ ଲାଗି ଆମେ ସିନା ଭାଇ ଭଉଣୀ । ସିଏ ମୋର ବାପା ତୁମର ବି । ହେଲେ ତୁମେ ଯଦି ତାଙ୍କ ସାଙ୍ଗେ ପୁଅର ସମ୍ପର୍କ ରଖିପାରୁନ ତେବେ ତୁମେ ମୋର ଭାଇ କେମିତି ହେବ ?

ଝିଅ ଡାକୁଥିଲା ବୃନ୍ଦାବନକୁ, କହିଲା ବାପା, ତୁମେ ମୋତେ ପୁଅଟିଏ ପରି ପାଳିଥିଲ, ପଢେଇଲ ଲେଖେଇଲ ବାହାଦେଲ । ମୁଁ ଆଜି ଚାକିରୀ କରିଛି, ବର୍ଷେ ଦିବର୍ଷ ଭିତରେ ସରକାର ଆମ କଲେଜଟାକୁ ହାତକୁ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି । କିଛି ନହେଲେ ତୁମ ଜୋଇଁବିତ ଭଲ ଚାକିରୀ କରିଛନ୍ତି । ମୋର କୋଉଥିରେ କିଛି ଅଭାବ ନାହିଁ । ତୁମେ ଚାଲ ମୋ ସାଙ୍ଗରେ ରହିବ । କିଛି ଅସୁବିଧା ହେବନି ତୁମର ସେଇଠି । ଜୋଇଁ ବି ବହୁତ ଜୋର କରୁଥିଲେ । ହେଲେ, ବୃନ୍ଦାବନ ମନା କରିଦେଲେ । କହିଲେ ମାଆରେ, ବାପ ଯାଇ ଝିଅଘରେ ରହିବ, ଲୋକେ କଣ କହିବେ । ପୁଅମାନଙ୍କୁ ନିନ୍ଦା କରିବେ । ମୋ ପାଳନ ପୋଷଣଙ୍କୁ ଦୋଷ ଦେବେ । କହିବେ ପୁଅମାନଙ୍କୁ ଏତେ ଉଚ୍ଚ ଶିକ୍ଷା ଦେଲା, ହେଲେ ମାଆ ବାପାଙ୍କୁ କେମିତି ସମ୍ମାନ କରନ୍ତି ସେତିକି ଶିକ୍ଷା ଦେଇ ପାରିଲାନି । ଝିଅ ସେତେବେଳେ ଅଭିମାନ କରିଥିଲା, କହିଲା ବାପା, କୋଉ ସମାଜକଥା କହୁଛ ତୁମେ ? ତୁମେ ପୁଅମାନଙ୍କୁ ପଢେଇ ଲେଖେଇ ଏତେ ବଡ କଲ, ତୁମ ଲାଗି ଆଜି ସେମାନେ ବଡ ବଡ ଚାକିରୀ କରୁଛନ୍ତି, ବହୁତ ରୋଜଗାର କରୁଛନ୍ତି, କାରରେ ବୁଲୁଛନ୍ତି ହେଲେ ବୁଢାବାପା ଏଠି ଭାତମୁଠାକ ପାଇଁ ସକାଳୁ ସଂଜଯାଏ ଚା' ଦୋକାନ କରୁଛି, ସେ ପୁଅମାନଙ୍କୁ ଲାଜ ଲାଗୁନି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

। ଆଉ ଏ ନିର୍ଲଜ ସମାଜ ଏସବୁ ଦେଖି ସେମାନଙ୍କୁ କିଛି ବି ପଦେ କହି ପାରୁନି, ତୁମେ ସେଇ ସମାଜକୁ ଡରି ନିଜ ଝିଅ ସାଥିରେ ରହି ପାରିବନି । ଧୀକ୍ ଏପରି ସମାଜକୁ ।

ବୃନ୍ଦାବନ ଝିଅକୁ ପାଖକୁ ଆଉଜାଇ ନେଇଥିଲେ, ତାର ମଥାରେ ଚୁମାଟିଏ ଦେଇ କହିଲେ, ମାଆରେ ସମାଜ ସବୁ ଦିନ ଏମିତି, ତାର କିଛି ଦୋଷ ନାହିଁ । ଏଇ ସମାଜ ପୁଅର ମାୟାରେ, ଝିଅମାନଙ୍କୁ ସବୁବେଳେ ହତାଦର କରିଆସିଛି । ସମାଜର ଯଦି ଆଖି ଥାଆନ୍ତା, ସେ ଆଜି ତୋତେ ଦେଖି ପାରନ୍ତା, କିନ୍ତୁ ସମାଜର ନା' ଆଖିଥାଏ ନା' କାନ ? ଖାଲି ପାଟିଟାଏ ଥାଏ କହିବାକୁ । ଛାଡ ସେକଥା, ଦେଖ ମୋର ହାତଗୋଡ ଏବେ ଚାଲୁଛି, ଦି'ପ୍ରାଣୀଙ୍କ ପାଇଁ ଯେତିକି ଦରକାର ପ୍ରଭୁ ସେତକ ଦେଉଛନ୍ତି । ଯେତେବେଳେ ହାତଗୋଡ ଅଚଳ ହୋଇଯିବ, ସେତେବେଳେ ଆଉ କୁଆଡେ ଯିବୁ ? ତୋରି ପାଖକୁ ଆସିବୁରେ ମାଆ । ତୁ ବାପା ମାଆଙ୍କ ବିଷୟରେ ଏତିକି ଭାବୁଛୁ, ସେଥିପାଇଁ ମୋ ଛାତି କୁଣ୍ଢେମୋଟ ହୋଇଯାଉଛି, ଗର୍ବରେ ମୋ ମୁଣ୍ଡ ଉଚ୍ଚା ହୋଇଯାଉଛି । ତୋପରି ଝିଅ ଜନ୍ମକରି ଆମେ ଦିଜଣ ନିଜକୁ ଭାଗ୍ୟବାନ ମନେକରୁଛୁ । ପ୍ରଭୁଙ୍କୁ ଡାକୁଛି, ସେ ସମସ୍ତଙ୍କୁ ତୋରି ପରି ଝିଅଟିଏ ଦିଅନ୍ତୁ । ଏତିକି କହୁ କହୁ ବୃନ୍ଦାବନର ଆଖି ଜକେଇ ଆସିଥିଲା । କୋହ ଚାପିଦେଉଥିଲା ତାଙ୍କର ଗଳା ।

ବଡ ଭାବାବିହ୍ୱଳ ହୋଇଯାଇଥିଲେ ସୁଧାକରବାବୁ । ବିଚରା ସନ୍ତାନର ମାୟାରେ ଏମତି ଛନ୍ଦି ହୋଇଗଲା ଯେ ଜୀବନର ସବୁ ପୁଞ୍ଜି ସେମାନଙ୍କ ପଛରେ ଖର୍ଚ୍ଚ କରଦେଲା । ନିଜ ଜୀବନର ପ୍ରତିଟି ମୁହୂର୍ତ୍ତକୁ, ପ୍ରତିଟି ସ୍ୱେଦ କଣିକାକୁ ସମର୍ପଣ କରିଦେଲା ନିଜର ପିଲାଙ୍କ ଭବିଷ୍ୟତ ଗଢିବାକୁ । ନିଜ ଭବିଷ୍ୟତ ପାଇଁ କଣିଚାଏ ବି ସଞ୍ଚୟ କରିପାରିଲାନି । ନିଜର ରକ୍ତକୁ ଦି'ପହର ଧୁ ଧୁ ଖରାରେ, ହାଡଭଙ୍ଗା ଶୀତରେ ଏମିତି ଜାଳିଦେଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିଲାମାନଙ୍କର ଜୀବନକୁ ଆଲୋକିତ କରିବାକୁ, ହେଲେ ନିଜର ବାର୍ଦ୍ଧକ୍ୟ ଅନ୍ଧକାରମୟ ହୋଇଗଲା । ସେ କେତେ ଭୁଲ ଥିଲା ସତରେ ? ଭାବୁଥିଲା ଏଇ ପିଲାଏ ମୋର ଭବିଷ୍ୟତ, ପିଲାଏ ମୋର ଅସଲ ପୁଞ୍ଜି, ଜୀବନର ସକଳ ସମ୍ପଦ, ହେଲେ ଆଜି, ସିଏ ନିଜେ କଙ୍ଗାଳ ନିଃସ୍ୱ ରହିଗଲା ! ପେଟପାଇଁ ଦୁଇ ବକତର ଦାନା ଦିମୁଠା ଜୋଗାଡ କରିବାକୁ ଆଜିବି ଏଇ ବୟସରେ ଏମିତି ରାସ୍ତା କଡରେ, ଖୋଲା ଆକାଶ ତଳେ, ଶୀତ କାକର ବର୍ଷାରେ ଭିଜି ଭିଜି କାଠର ଟେବୁଲଟା ଉପରେ କିରାସିନ ଷ୍ଟୋଭରେ ପମ୍ପ ଭରୁଚି, ଚା ଫୁଟେଇବାକୁ ।

ସତରେ ଏଇ ମାୟା କେତେ ମଝଭୂତ ! ଏ ଭ୍ରମ କେତେ ତୀବ୍ର ! ଏଇ ଭ୍ରମ ଆଗରେ ଚିରନ୍ତନ ସତ୍ୟ ସତେ କେତେ ଫିକା ପଡିଯାଏ ! ମଣିଷ ଜଳ ଜଳ କରି ଦେଖୁଥିଲେ ବି ଜାଣିପାରେନା ଯାହାଦେଖୁଛି, ଯାହା ଶୁଣୁଛି, ଯାହା ଅନୁଭବ କରୁଛି ସେସବୁ ମିଥ୍ୟା, ସେସବୁ ଦୃଷ୍ଟି ଭ୍ରମ । ସୁଧାକର ବାବୁ ପ୍ରକୃତିସ୍ଥ ହେବାକୁ ଚେଷ୍ଟା କରୁଥିଲେ, ହେଲେ ବାରମ୍ବାର ବୃନ୍ଦାବନର ଚେହେରା ଆଖି ଆଗରେ ଦିଶିଯାଉଥିଲା । ତାର ସେଇ ଲୋଚା ପଡିଯାଇଥିବା ମଳିନ ମୁହଁଟା, କୋଟର ଭିତରେ ପଶିଯାଇଥିବା ଦୁଇଟି ନୀରିହ ଆଖି, ସତେ ଯେପରି କହୁଛି ପ୍ରଭୁଙ୍କର ଏ କିପରି ଲୀଳା ? ମୟା ସୃଷ୍ଟି କଲେ, ବହୁତ ଭଲ କଲେ ! ମାୟା ନଥିଲେ ବିଚରା ଏଇ ସନ୍ତାନମାନେ ଅନାଥ ହୋଇଯାଇ ଥାଆନ୍ତେ । କିନ୍ତୁ ଏ ମାୟା କେବଳ ବାପ ମାଆଙ୍କ ପାଇଁ କାହିଁକି ଲାଗୁ ହୁଏ ? ସନ୍ତାନମାନଙ୍କ ମନରେ ବାପା ମାଆ ପ୍ରତି ଏ ମାୟା କାହିଁକି ଲାଗିପାରନା ? ଏଇ ମାୟାଟା ପ୍ରଭୂଙ୍କ ଲୀଳା, ନା' ମନୁଷ୍ୟର ଇଚ୍ଛାକୃତ ? ମାୟା କଣ ମଣିଷର ଅଧୀନ ? ମଣିଷ ଯେଉଁଠି ଚାହିଁବ ମାୟା ଲଗାଇ ପାରିବ, ଯେଉଁଠି ନଚାହିଁବ ସେଇଠି ଲାଗିବ ନାହିଁ ! ଫିଜିକ୍ସର ଅଧ୍ୟାପକ ହୋଇ ମଧ୍ୟ ଏଇ ବିଚିତ୍ରସୁତ୍ରର ମୂଳରେ ପହଞ୍ଚି ପାରୁନଥିଲେ ସୁଧାକର । ବୋଧହୁଏ ଜୀବନଟା ଏମିତି ଏତେ ସହଜ ଗଣିତ ନୁହେଁ

Magazine Downloaded from www.aahwaan.com

। ଏଇଠି କିଛି ନିର୍ଦ୍ଦିଷ୍ଟ ଫର୍ମୁଲା କାମଦିଏନା ।

ସୁଧାକରଙ୍କ ମୁଣ୍ଡଭିତରେ ସେଇ ପଦିଏ ଗୀତ ବାରମ୍ବାର ବାଜିବାକୁ ଲାଗିଲା, ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ, ଗୋବିନ୍ଦମ ଭଜ ମୂଢ଼ମତେ । ସେଇ ବସିବା ଜାଗାରୁ ଉଠି ଠିଆ ହୋଇ ପଡିଲେ, ସକାଳ ଗାଧୁଆ ପରେ ପିନ୍ଧିଥିବା ଢିଲା ପାଇଜାମା କୁର୍ତ୍ତାରେ ମନ ତାଙ୍କର ଜଗନ୍ନାଥଙ୍କ ଚକାନୟନରେ ଯେପରି ମଗ୍ନ ହୋଇ ଯାଉଥିଲା । କବାଟ ପାଖରେ ଠିଆ ହୋଇ କହିଦେଲେ, ଆରେ ଶୁଣୁଛ, ମୁଁ ବାହାରକୁ ଯାଉଛି, ଫେରିବାରେ ଡେରିହେବ କହି ବାହାରିଗଲେ । ଗ୍ୟାରେଜରୁ କାର ବାହାରକରି ଚାଲିଲେ ପୁରୀ । ଡୋରି ଲାଗିଛି କାଳିଆର । କାଳିଆ ସତେ ପୁରା ଜୋର ଲଗାଇ ଟାଣୁଛି ସୁଧାକରଙ୍କୁ ।

ହୋସ ନାହିଁ ସେ କେମିତି ଭାବେ ପୁରୀ ପହଞ୍ଚି ଗଲେ । ପାର୍କିଂରେ କାରଟାକୁ ଛାଡି, ମନ୍ଦିର ଆଡକୁ ମୁହଁକରି ଉର୍ଦ୍ଧବାହୁ ହୋଇ କହିଉଠିଲେ, ହେ କାଳିଆ ସାଆନ୍ତେ, ଶେଷରେ ଏ ଅକିଞ୍ଚନକୁ ଟାଣି ଆଣିଲୁନା' ତୋ ପାଖକୁ ! ବହୁତ କଥା ଅଛି ତୋତେ କହିବାକୁ, ଅନେକ ପ୍ରଶ୍ନ ରହିଯାଇଛି ଏଇ ମନରେ, ଜବାବ ଦେବୁନା' ମୋତେ ? ସେମିତି ଦୁଇହାତ ଉପରକୁ ଉଠାଇ ଅଧା ଖୋଲା ଅଧା ବୁଜା ଆଖିରେ ଏକ ମୁହାଁହୋଇ ଚାଲିଛନ୍ତି ବଡଦେଉଳ ଆଡକୁ । ସେ ଏକ ତନ୍ମୟର ଭାବ, ଏକପ୍ରକାରର ପାଗଳାମୀ କହିଲେ ଅତ୍ୟୁକ୍ତ ହେବନି । ବିଜ୍ଞାନର ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ, ଏପରି ଭକ୍ତିରସରେ ବୁଡିଯାଇଛି ଯେ ତାର ହୋସ ନାହିଁ କଣ ଦେଖୁଛି, କଣ ଭାବୁଛି, କେଉଁ ଆଡକୁ ଯାଉଛି କିଛି ଜ୍ଞାନ ନାହିଁ । ବୋଧହୁଏ ଚୈତନଦେବ ବି ଏମିତି ନାମାମୃତ ଭିତରେ ଭାବ ବିହ୍ୱଳ ହେଇଯାଇଥିଲେ । ଦିବାନୀ ମୀରା ବୋଧହୁଏ କୃଷ୍ଣ ପ୍ରେମରେ ଏମିତି ରଚିବସି ଯାଇଥିଲେ । ସେ ଅବସ୍ଥାଟା କଣ, କେବଳ ସିଏହିଁ ଜାଣେ, ଯିଏ ସେ ଅମୃତ ପାନ କରିଛି । ଯିଏ ସେଇ ତନ୍ମୟତା ଭିତରେ ବୁଡିପାରିଛି

Magazine Downloaded from www.aahwaan.com

। ସେମିତି ଅବଚେତନ ଅବସ୍ଥାରେ ବଡମନ୍ଦିର ଭିତରେ ପହଞ୍ଚିଗଲେ ।

ଆଖିରୁ ତାଙ୍କର ଧାରଧାର ହୋଇ ଲୁହ ବୋହି ଯାଉଥାଏ, ବାଷ୍ପାରୁଦ୍ଧ କଣ୍ଠ, କିଛି ବୁଝିହେଉନି ସେ କଣ କହି ଯାଉଛନ୍ତି, ସେ ଯେପରି ପାଗଳାମୀର ଚରମରେ ପହଞ୍ଚି ଯାଇଛନ୍ତି । ଏଇ ପାଗଳାମୀକୁ ବୋଧହୁଏ ଭକ୍ତିଭାବର ଅନ୍ତିମ ଚରଣ କୁହାଯାଏ । ଖାଲି ଏତିକି ଶୁଭୁଥାଏ, ତୁ ଡାକିଲୁ ମୋତେ, ତୁ ନେଇ ଆସିଲୁ ମୋତେ, ଶେଷରେ ତୋଅରି ପାଖକୁ ଟାଣି ଆଣିଲୁନା' ମୋତେ ତୋ ପାଖକୁ । ମୋତେ ଆଉ ଯିବାକୁ କହିବୁନିରେ କାଳିଆ ସାଆନ୍ତ, ମୋତେ ତୋରି ପାଦତଳେ ରଖିନେ ଦାସଟିଏ କରି । ମୋତେ ତୋରି ପାଦ ତଳେ ଟିକେ ଜାଗା ଦେଇଦେରେ କାଳିଆ । ଗରୁଡଖମ୍ବ ଉପରକୁ ଆଉଜିପଡି ସେଇଠି ବସିଗଲେ । ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ, ଗଦ ଗଦ ବାସ୍ପରୁଦ୍ଧ କଣ୍ଠ, ଏକ ଦୈନ ନିଶ୍ୱତାର ଭାବ, ତାଙ୍କର ଧ୍ୟାନ ନାହିଁ ମନ୍ଦିରରେ ଆଉ କେହି ଅଛି ନା ନାହିଁ । ତାଙ୍କୁ ଚତୁର୍ଦ୍ଦିଗ କେବଳ ଜଗନ୍ନାଥ ମୟ ଲାଗୁଥାଏ, ଯେଉଁ ଆଡକୁ ଚାହିଁଲେ କେବଳ ସେଇ ଚକା ଚକା ଆଖି ସେଇ ରଙ୍ଗା ଅଧରର ମଧୁର ହସ ଦିଶିଯାଉଥାଏ । କାନରେ କେବଳ ବାଜୁଥାଏ ମୁରଲୀର ମଧୁର ଝଙ୍କାର, ସେହି ମୋହନ ବଂଶି, କଦମ୍ବ ମୂଳରେ ତ୍ରୀଭଙ୍ଗୀ ଠାଣୀରେ ସେଇ ବାଙ୍କବିହାରୀ ରାଧାମନୋହାରୀ ରୂପ ସେହି ମଧୁର ମୁରଲୀର ସୁର । ସେଇ ସୁର ରାଧାରାଣୀଙ୍କୁ ବାତୁଳୀସମ କରିଦେଇଥିଲା, ମୀରାକୁ ଦିବାନୀ କରିଦେଇଥିଲା, ଆଉ ଆଜି ସୁଧାକର ସତେ ଉନ୍ମତ୍ତ ପାଗଳ ପ୍ରାୟ । କେମିତି ସେ ପ୍ରଭୁ, କେମିତି ସେ ଭାବ, ନିଜେ ଅଙ୍ଗେ ନନିଭେଇଲେ ବୁଝିହୁଏନା ସେ ଅନୁଭବଟା କଣ । ଅଶ୍ରୁଳ ନୟନରେ ସୁଧାକର ଜଗନ୍ନାଥଙ୍କ ପାଖରେ ବିନତି କଲେ, ହେ ପ୍ରଭୁ, ହେ ଜଗତର ନାଥ, ହେ କରୁଣାର ସାଗର, ମୋତେ ଏ ଭବ ସଂସାରର ମାୟାରୁ ମୁକ୍ତ କରିଦିଅ ପ୍ରଭୁ ! ମୁଁ ଆଜି ତୁମ ଶରଣରେ ଆସିଛି, ତୁମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଦାରବିନ୍ଦରେ ମୋତେ ଜାଗା ଟିକିଏ ଦିଅ ପ୍ରଭୁ !

ସେଇ ତନ୍ମୟତାର ଆବେଶରେ ସୁଧାକର ଦେଖିଲେ ଜଗନ୍ନାଥେ ତାଙ୍କ ପାଖକୁ ଆସିଲେ, ବସିପଡିଲେ ସୁଧାକରଙ୍କ ସାମ୍ନାରେ, ସେଇ ବଡ ବଡ ଚକା ଆଖି, ସେଇ ରଙ୍ଗା ଅଧରରେ ସେମିତି ସ୍ମିତ ହସ । ସୁଧାକରଙ୍କ କାନ୍ଧରେ ହାତ ପକାଇ ପାଖକୁ ଆଉଜାଇ ନେଲେ । ଆଖିରୁ ଲୁହ ପୋଛିଦେଲେ । ଟିକିଏ ହସି କହିଲେ, ଆରେ, ମାୟାରୁ ମୁକ୍ତି ଦେଇ ପାରୁଥିଲେ, ମୁଁ ନିଜେ ପ୍ରଥମେ ମୋ ନିଜକୁ ଏ ମାୟା ଜଞ୍ଜାଳରୁ ମୁକ୍ତ କରି ଦିଅନ୍ତିନି ? ମୁଁ ନିଜେ ତ ଏ ମାୟା ଜଞ୍ଜାଳରେ ଫଶି ଶେଷରେ ଦାରୁଭୂତ ମୁରାରୀ ହୋଇ ଏଇଠି ବସିଛି । ଭକ୍ତେ ମୋତେ ନିଦାବିଷ୍ଣୁ କହୁଛନ୍ତି । ତୁ କଣ ଜାଣିନୁ ବଡଭାଇ ବଳରାମଙ୍କୁ ? ତାଙ୍କ କଥାମାନି ଲକ୍ଷ୍ମୀ ଠାକୁରାଣୀଙ୍କୁ କଣ ପଦେ ଟାଣ କରି କହିଦେଲି ଯେ ମହାମାୟା ଘରଛାଡି ଚାଲି ଯାଇଥିଲେ । ଚାଲିଗଲେ ତ ଚାଲିଗଲେ, ଗଲାବେଳେ ଏଇ ଶ୍ରୀମନ୍ଦିରର ଶୀରି ବି ନେଇଗଲେ ନିଜ ସାଥିରେ, ଆଉ ଆମକୁ କାଙ୍ଗାଳ କରି ବାରଦୁଆର ଚେରପିଣ୍ଡା ବୁଲେଇ ଦେଲେ । ଶେଷରେ ନାକ କାନ ମୋଡେଇ ସେଇ ଚଣ୍ଡାଳୁଣୀ ଘରେ ଅର୍ଣ୍ଣ ଭୋଜନ କରାଇଲା ପରେ ଯାଇ ତାଙ୍କର କ୍ରୋଦ୍ଧ ଶାନ୍ତହେଲା । ଇଏ ସଂସାରର ମାୟା ନୁହେଁତ ଆଉ କଣ ?

ମୁଁ ଭକ୍ତଙ୍କ ମାୟାରେ ଏମିତି ବାନ୍ଧିହୋଇ ଯାଇଛି ଯେ, ଯିଏ ଯାହା କହିଲେ ଶୁଣୁଛି । କିଏ ମୋତେ କଳା ଠାକୁର କହୁଛି ତ କିଏ ମୋର ବଡବଡ ଚକା ଆଖିକୁ ଆକ୍ଷେପ କରୁଛି । କିଏ ମୋତେ କାଲା କହୁଛି, କିଏ କହୁଛି ମୁଁ ଖଣ୍ଡିଆ ଦିଅଁ । ବର୍ଷକୁ ଥରେ ରଥ ଯାତ୍ରାରେ ବୁଲି ବାହାରୁଛି ଯେ ଭକ୍ତ ମୋ ଅଣ୍ଟାରେ ଦଉଡି ବାନ୍ଧି ଝୁଲେଇ ଝୁଲେଇ ଟାଣି ଟାଣି ନେଇ ଯାଉଛନ୍ତି । କିଏ ମୋ ଦୟଣା ମାଳ ଛିଣ୍ଡେଇ ନେଉଛି ତ କିଏ ମୋ ଟାହିଆ ଛିଣ୍ଡେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଉଛି । ମାଉସୀ ମାଆର ପୋଡପିଠା ଖାଇବାର ଲୋଭ ଛାଡି ପାରୁନି । ବର୍ଷରେ ଥରେ ବୁଲି ଆସୁଛି ତାଙ୍କ ମନ୍ଦିର ଆଡୁ । ଏସବୁ ମାୟା ନୁହେଁତ ଆଉ କଣ ?

କହିଲୁ ଦେଖି କିଏ କାହାକୁ ଧରିଛି ? ମାୟା ମୋତେ ନା ମୁଁ ମାୟାକୁ ? ମୁଁ ତ ଏ ଯାଏ ଜାଣି ପାରୁନି ! ତୁମେ ପ୍ରଥମେ ଏକଥା ବୁଝିବାକୁ ଚେଷ୍ଟାକର, କିଏ କାହାକୁ ଧରିଛି ! ଯଦି ତୁମେ ମାୟାକୁ ଧରିଥାଅ, ତେବେ ନିଜେ ମାୟାକୁ ଛାଡିଦିଅ କିମ୍ବା ତାକୁ ଛାଡି ଯିବାକୁ କହିଦିଅ । ଏଥିରେ ମୁଁ ବା କଣ କରି ପାରିବି ? ଯଦି ମାୟା ତୁମକୁ ଧରିଥାଏ ତେବେ ମାୟାକୁ କୁହ, ସେ ତୁମକୁ ଛାଡିଦେବ ।

ମାୟା କିଛି ନୁହେଁ, ସେଇଟା ମନର ଏକ ଭ୍ରମ । ଘର, ପରିବାର, ବାପା ମାଆ ଭାଇ ଭଉଣୀ ପୁଅ ଝିଅ ଏସବୁକୁ ତୁ ମାୟା କହୁଛୁ ନା ? ଏମାନଙ୍କ ବିନା ବଞ୍ଚି ପାରିବୁ ? ମାୟାତ ଠିକ ଅଛି, କିନ୍ତୁ ତୋର ଅତିମାୟା, ତୋର ଲୋଭ କାରଣ ହିଁ ତୋତେ ଦୁଃଖି କରୁଛି । ସନ୍ତାନ ମାୟାରେ ତୁମେ ସ୍ୱମାୟା ଭୂଲି ଯାଉଛ । ପ୍ରଥମେ ନିଜ ପ୍ରତି ମାୟାରଖ । ଯିଏ ନିଜକୁ ଭଲପାଇ ନପାରୁଛି, ସେ ଅନ୍ୟକୁ କିପରି ଭଲପାଇ ପାରିବ ? ଯିଏ ନିଜକୁ ସମ୍ମାନ ଦେଇ ଶିଖିନି, ସେ ଅନ୍ୟକୁ କିପରି ସମ୍ମାନ ଦେବ ? ନିଜକୁ ପ୍ରେମ କରିବା କିଛି ଅପରାଧ ନୁହେଁ । ନିଜର ଭବିଷ୍ୟତ କଥା ନଭାବି ଅନ୍ୟର ଭବିଷ୍ୟତ ପାଇଁ ସବୁ ଢାଳିଦେଲେ କଙ୍ଗାଳ ହେବହିଁ ହେବ । ମୁଁ ସ୍ୱାର୍ଥପର ହେବା କିମ୍ବା ଆତ୍ମ କୈନ୍ଦ୍ରୀକ ହେବାକଥା କହୁନି । କିନ୍ତୁ ନିଜେ ବଞ୍ଚିଲେ ସିନା ଆଉ କାହାକୁ ବଞ୍ଚେଇ ପାରିବ ! ସେଥିପାଇଁ ଆତ୍ମରକ୍ଷା, ନିଜ ଭବିଷ୍ୟତର ସୁରକ୍ଷା ବିଷୟ ତୁମର ପ୍ରଥମେ କାର୍ଯ୍ୟ । ତାଛଡା ମଣିଷ ମନରେ ଆଜି ସନ୍ତୁଷ୍ଟି କାଇଁ ? ଯେତେ ପାଇଲେ ବି କମ୍ ଲାଗୁଛି । ଆହୁରି ଲୋଡା, ଆହୁରି ଅଧିକ ଲୋଡା, ସେଇ କାମନାର ଅପୂର୍ତ୍ତୀ ତୋର ଅଶାନ୍ତିର କାରଣ, ସେଇ ଅଶାନ୍ତି ମଣିଷକୁ ଦୁଃଖ ଦିଏ ଏବଂ ଏହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସହିଷ୍ଣୁତା ଭାବ, ଏହି ଅପ୍ରାପ୍ତିର ଦୁଃଖ ମାୟା ଜଞ୍ଜାଳ ଲାଗେ ।

ଅଳ୍ପ ଧନରେ ମଣିଷର ମନ ଭରୁନାହିଁ, ଯେତେ ପାଇଲେବି ଅଧିକ ପାଇବାର ଲାଳସା । ଧନର ମାୟାରେ ମଣିଷ ନିଜକୁ ବାନ୍ଧିଦେଇଛି । ମଣିଷ ନିଜେ ମାୟାରେ ଉବୁଟୁବୁ ହେଉଛି । ଧନ ମଣିଷକୁ ଚାହେଁନା, କିନ୍ତୁ ମଣିଷ ଧନକୁ ଚାହେଁ । ଧନ ମଣିଷର ମାୟାରେ ନୁହେଁ ବରଂ ମଣିଷ ଧନର ମାୟାରେ ଫଶି ଯାଉଛି । ମଣିଷ ପତି ବା ପତ୍ନୀର କାମନା କରୁଛି, ପତି ଅବା ପତ୍ନୀ ମିଳିଗଲା ପରେ ପତି/ପତ୍ନୀ ସେମାନଙ୍କର ପରସ୍ପର ପ୍ରତି ଆଶକ୍ତି ସେମାନଙ୍କୁ ପରସ୍ପରର ମାୟାରେ ବାନ୍ଧି ଦେଉଛି । ମଣିଷ ସନ୍ତାନର କାମନା କରୁଛି, ସନ୍ତାନ ଲାଭ କଲାପରେ, ସନ୍ତାନପ୍ରତି ତାର ସ୍ନେହ, ପ୍ରେମ, ମଣିଷକୁ ସନ୍ତାନର ମାୟା ଆଡକୁ ଟାଣି ନେଉଛି । ମାଛ ଯଦି ନିଜ ଇଚ୍ଛାରେ କେଉଟର ଜାଲରେ ନିଜେ ନିଜେ ଛନ୍ଦି ହେବାକୁ ଆସିବ, ବିଚରା କେଉଟ କାହିଁକି ମନା କରିବ ମାଛକୁ ? ବରଂ କେଉଟ ତ ଖୁସି ହେବ । ଭାବିକି ଦେଖ୍, କିଏ କାହାକୁ ଧରିଛି ? ମାୟା ତୁମକୁ ନା' ତୁମେ ମାୟାକୁ ? ଆ ବଳଦ ମୋତେ ମାର, କହି ମାୟାକୁ ଡାକି ଆଣିଲ, ଶେଷରେ ମୋତେ କହୁଛ ମାୟାକୁ ଭଗାଅ । ତୁମେ ନିଜେ ତ ମାୟାର ଜନକ, ଏବଂ ତାରି ଅଠାକାଠିରେ ନିଜେ ପାଦପକାଇ ଦେଲ, ସେଇ ଅଠାକାଠିରୁ ମୁକୁଳିବା ପାଇଁ ଏବେ ମୋତେ ସହାୟତା ମାଗୁଛ ? ବଡ ବିଚିତ୍ର କଥା । ମାୟାକୁ ନିଜ ହାତ ମୁଠାରେ ନିଜେ ଜାବୁଡି ଧରିଛ । ମୁଁ କେମିତି ମାୟାକୁ ତୁମ ହାତ ମୁଠାରୁ ଛଡାଇ ଆଣିବି ? ନିଜେ ଟିକେ ଚେଷ୍ଟାକର, ମୁଠା ଟିକେ ଢିଲା ଛାଡିଦିଅ, ମାୟା ଆପେ ଆପେ ତଳେ ଖସିପଡିବ ।

ଆଚ୍ଛା କହିଲୁ, ମନେକର ତୋତେ ମୁଁ ମାୟାରୁ ମୁକ୍ତି ଦେଇଦେବି, ହେଲେ ତୁ ମାୟାକୁ ତ୍ୟାଗ କରି ପାରିବୁତ ? ମାୟାତ ଚାଖଣ୍ଡେ ଦଉଡି ନୁହେଁ, ସେଇଟା ଗୋଟିଏ ବିରାଟ ଜାଲ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁ ତାକୁ ତୋର ଚାରିଟଟେ ନିଜେ ଗୁଡେଇ ଧରି ରଖିଛୁ । ଶିତଦିନରେ ଚାଦରପରି ନୁହେଁ, ବରଂ ମାୟାକୁ ତୁ ତୋର ଦେହର ଚମଡାପରି ନିଜକୁ ମାୟାରେ ଢାଙ୍କିରଖିଛୁ ତୋର ଚାରିପାଖରେ । ମାୟା ତୋ ନିଜଠାରୁ ଆରମ୍ଭ, ତୋର ନିଜ ଦେହପ୍ରତି ମାୟା, ନିଜ ଦେହକୁ ପରିଷ୍କାର ରଖିବା, ସଜେଇକି ରଖିବା, ସୁନ୍ଦର ଦିଶିବା, ସବୁ କଷ୍ଟରୁ ବଞ୍ଚେଇକି ରଖିବା ଏସବୁତ ତୋର ନିଜ ଶରୀର ପ୍ରତି ମାୟାନା' ? ତ୍ୟାଗ କରି ପାରିବୁ ନିଜ ଶରୀରର ମାୟା ? ନିଜ ଶରୀରକୁ ଅନାଥ ପରି ଛାଡିଦେଇ ପାରିବୁ ? କହି ପାରିବୁ, ମୁଁ ଏକ ଆତ୍ମା, ମୁଁ ଏଇ ଶରୀରର ଅଧିନ ନୁହେଁ କିମ୍ବା ଏ ଶରୀର ମୋର ବାଧକ ନୁହେଁ ! ନିଜ ଶରୀର ପ୍ରତି ଉଦାସୀନ ରହି ପାରିବୁ ?? ଶରୀରକୁ ଯେତେବେଳେ କଷ୍ଟ ହେବ, ନିର୍ମାୟା ନିରୁତ୍ତର, ନିର୍ମୋହୀ, ନିରାଶକ୍ତ ରହିପାରିବୁ ଶରୀର ପ୍ରତି ? ଶରୀର ଯେତେବେଳେ କଷ୍ଟ ଜନ୍ତ୍ରଣାରେ ଅତିଷ୍ଟ ହୋଇପଡିବ, ଉଦାସୀନ ରହିପାରିବୁ ତୋର ନିଜ ଶରୀର ପୀଡା ପ୍ରତି ?? ନାହିଁ ନା !

ମାୟା ଅଛି ବୋଲିତ ତୁ କାହାର ପୁଅ, କାହାର ଭାଇ, କାହାର ସ୍ୱାମୀ, କାହାର ବାପା । ଯେଉଁ ଦିନ ମାୟାରୁ ମୁକ୍ତି ମିଳିଯିବ ସେତେବେଳ ନା' ତୁ କାହାର ରହିବୁ, ନା' ଆଉ କେହି ତୋର ହୋଇ ରହିବ । କାହା ପାଇଁ କିଛି କରିଲା ବେଳେ, କାହାକୁ କିଛି ଦେଲା ବେଳକୁ କିମ୍ବା କାହାଠାରୁ କିଛି ଆଶାକରି କିଛି ନପାଇବା ବେଳେ ତୋତେ ମାୟାଟା ବାଧୁଛି, ମାୟାଟା ଜଞ୍ଜାଳ ଲାଗୁଛି । କିନ୍ତୁ ଭାବିଲୁ, ମାୟାମୁକ୍ତି ପରେ ଯେତେବେଳେ କେହି ତୁମକୁ ପଚାରିବେନି, ଖାଇଛ କି ନାହିଁ, ଦେହ କେମିତି ଅଛି ଅଥବା ତୁମ ଯନ୍ତ୍ରଣାରେ କେହି ତୁମ ସାଥିରେ ନଥିବେ, ସହିପାରିବୁ ସେ କଷ୍ଟ ? ତୁମପ୍ରତି ସେମାନଙ୍କର ପ୍ରେମ କେବଳ ସେମାନଙ୍କର ନିଜର ମାୟା ଆଶକ୍ତି ଯୋଗୁ, ତୁମ ମାୟା କଟିଗଲା ପରେ ସେମାନଙ୍କ ମାୟା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଧ୍ୟ କଟିଯିବ ।

ସବୁ ମାୟା କଟିଗଲା ପରେ ପୁଣି କାହା ସହିତ ମାୟା ଯୋଡିବ ? ଭଗବାନଙ୍କ ସାଥିରେ ? ଯାହାକୁ କେବେ ଦେଖିନ, ଶୁଣିନ, ଭଲ ଭାବେ ଜାଣିନ ତାଙ୍କ ସାଙ୍ଗେ ମାୟା ଲଗାଇବା କଥା ଭାବୁଛ । ଯାହାକୁ ଦେଖୁଛ, ଶୁଣୁଛ ତା ମାୟାରୁ ମୁକ୍ତି ଚାହୁଁଛ ? ବତ୍ସ 'ଜୀବନରେ ପ୍ରାପ୍ତିର ଆଶା' ହିଁ ତୁମକୁ କଷ୍ଟ ଦେଉଛି, ମାୟା କଷ୍ଟ ଦିଏନା । ପ୍ରଭୁ ମାୟାବି ତ ମାୟା । ମାୟାରୁ ପୁଣି ମୁକ୍ତି କାହିଁ ? ଜୀବ ମାଛଟିଏ ପରି ମାୟାର ଅଗାଧ ଜଳରେ ଜୀବନ ଧାରଣ କରିରହିଛି । ଯେଉଁଦିନ ମାୟାରୁ ମୁକ୍ତି ମିଳିଯିବ, ସେଦିନ ଜୀବନରୁ ମୁକ୍ତି ମିଳିଯିବ, ଜଳ ବିନା ମୀନ ସଦୃଶ । ଏବେ କୁହ, ମାୟାରୁ ମୁକ୍ତି ଚାହୁଁଛ ?

ସବୁ ଶୁଣିସାରିଲା ପରେ ସୁଧାକରବାବୁ ନିର୍ବାକ୍ ହୋଇଯାଇଥିଲେ, ତାଙ୍କ କଣ୍ଠରୁ କେବଳ ଏତିକି ବାହାରିଲା, ହେ ମାୟାଧର, ତୁ ହିଁ ଜାଣୁ ତୋ ମାୟା ।

ନନ୍ଦନ ବିହାର, ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଜଣା ଝଡ଼



ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ

ପ୍ରଚଣ୍ଡ ରୌଦ୍ର ତାପରୁ ବସୁମତୀ କ୍ରମେ ମୁକ୍ତି ହୋଇଛି । ଶ୍ରାବଣର ଧାରାରେ ଧରଣୀ ରାଣୀ ସାନ୍ତ୍ୱନା ଅନୁଭବ କରୁଛି.। ଓଦାମାଟିର ଗନ୍ଧରେ ମନ ପୁଲକିତ ଆଜି ସୁଷମାର ବହୁତ ଖୁସି ସେ ଆଜି କାରଣ ତାର ବହୁତ ଦିନର ସ୍ୱପ୍ନ ଆଜି ସାକାର ହେଉଛି । ଆ.ଏ(+୨) ପରେ ଘରେ ଚାହୁଁଥିଲେ ତାକୁ ବିବାହ କରିଦେବା ପାଇଁ କିନ୍ତୁ ତାର ସହପାଠୀ ପିଙ୍କୁ ପାଇଁ ଆଜି ସେ ତାର ଅଧୁରା ସ୍ୱପ୍ନ ପୁରା କରିପାରିବ । ପିଙ୍କୁର ତାର ଗୋଟିଏ ଭଲ କଲେଜରେ ନାମ ଲେଖାଇଲେ । ପିଙ୍କୁ ଆଉ ସୁଷମା ବହୁତ ଭଲ ସାଙ୍ଗ । ଦୁଇଜଣ ହଷ୍ଟେଲରେ ରହିକି ପାଠ ପଢିଲେ । ସେ ଦୁଇଜଣଙ୍କ ଭିତରେ ବନ୍ଧୁତା ଛଡା ଆଉ କୌଣସି ସମ୍ପର୍କ ଦେଖାଯାଉନଥିଲା । କିନ୍ତୁ ଉଭୟଙ୍କର ବାପା ମା ଭାବିନେଇଥିଲେ ଦୁଇଜଣଙ୍କର ବିବାହ କରିବା ପାଇଁ । ଦୁଇ ପରିବାର ସେ ଦୁଇଜଣଙ୍କ ଅଜଣାତରେ ପରସ୍ପର ସମୁଦୁଣୀ ସମୁଦୀ ହୋଇଯାଇଥିଲେ । ପିଲାମାନଙ୍କର ପାଠ ପଢାରେ ବ୍ୟାଘାତ ହେବ ବୋଲି ଏସବୁ ବିଷୟରେ ତାଙ୍କୁ କିଛିବି ଜଣାଇ ନଥିଲେ ।

କେତେଦିନ ପରେ ସୁଷମା ଦେଖିଲା ପିଙ୍କୁ ଆଉ ତା ସହିତ ଭଲରେ ମିଶୁନି । କଲେଜରେ ନଷ୍ଟ ଓ ନିଶାଗ୍ରସ୍ତ ପିଲାମାନଙ୍କ ସହିତ ମିଳାମିଶା କରୁଛି । କେତେ ନଷ୍ଟ ଚରିତ୍ର ଝିଅଙ୍କ ସହ ବନ୍ଧୁତା ସ୍ଥାପନ କରିଛି । ଏସବୁ ଦେଖି ସୁଷମା ଜମାରୁ ସାହିପାରିଲା ନାହିଁ କାରଣ ସେ ଦୁଇଜଣ ଥିଲେ ଅନ୍ତରଙ୍ଗ ବନ୍ଧୁ । ଜଣକୁ କଷ୍ଟ ହେଲେ ସାଙ୍ଗେ ସାଙ୍ଗେ ଅନ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣକୁ କଷ୍ଟ ହୁଏ । ସୁଷମା ବହୁତ ବୁଝାଇଲା ପିଙ୍କୁକୁ ତୁ ଏମାନଙ୍କ ସହ ବନ୍ଧୁତା ସ୍ଥାପନ କରେନି ତୋର ଜୀବନ ବରବାଦ ହୋଇଯିବ । ମଉସା ଓ ମାଉସୀ ତୋତେ ନେଇ କେତେ ସ୍ୱପ୍ନ ଦେଖିଛନ୍ତି ପୁଅ ମୋର ଚାକିରୀ କରିବ, ବୃଦ୍ଧା ସମୟରେ ଆମର ଆଶାବାଡି ହେବ କିନ୍ତୁ ତୁ ଆଜି ଏମିତି କାହିଁକି ହେଉଛୁ । ଏସବୁ ଶୁଣିଲା ପରେ ପିଙ୍କୁ ସୁଷମାର ସବୁ କଥାକୁ ପ୍ରତ୍ୟାଖାନ କରିଦେଇ ଚାଲିଗଲା । ସୁଷମା ଯେତେ ପଛରୁ ଡାକିଲା ସେ ଆଉ ଶୁଣିଲାନି । ଏହାପରେ ସୁଷମା ଦେଖିଲା ସେ ରାତିରେ ସବୁଦିନ ଝିଅମାନଙ୍କୁ ନେଇ କ୍ଲବ ଯାଉଛି, ମଦ୍ୟପାନ କରୁଛି ଓ ଠିକରେ କଲେଜରେ କ୍ଲାସ କରୁନି । ଏସବୁ ଦେଖି ସୁଷମା ବହୁତ କାନ୍ଦିଲା ପୁଣି ତାକୁ ବୁଝାଇବାକୁ ଚେଷ୍ଟା କଲା । ଶେଷରେ ପିଙ୍କୁ ନିଶାରୂପୀ ରାକ୍ଷସର ଶିକାର ହୋଇ କ୍ଷଣକ ମଧ୍ୟରେ ସୁଷମା ଜୀବନରେ ଅଜଣା ଝଡ଼ ସୃଷ୍ଟି କରିଦେଲା ।

ସେଦିନ ଶ୍ରାବଣର ଭିଜା ଭିଜା ରାତିରେ ପିଙ୍କୁ ମଦ୍ୟପାନ କରି ହଷ୍ଟେଲ ରାସ୍ତାରେ ପଡିଗଲା ସୁଷମା ସେ ସମୟରେ ଟିଉସନ ସାରି ତାର ରୁମକୁ ଫେରୁଥିଲା ସେ ଏସବୁ ଦେଖି ସହିପରିଲାନି ସେ ତାକୁ ନିଶା ଅବସ୍ଥାରେ ତାର ରୁମରେ ଛାଡିଲା କିନ୍ତୁ ସେଦିନ ମିତା ଜୀବନରେ ଏକ ଅଜଣା ଝଡ଼ ଆସି ତାର କୋମଳ ଜୀବନ ଆଉ ସବୁ ସ୍ୱପ୍ନକୁ ଧୂଳିସାତ କରିଦେଇଥିଲା । ହଠାତ ପିଙ୍କୁ ମଦ ନିଶାରେ ମାତାଲ ହୋଇ ରାକ୍ଷସ ସାଜି ମିତା ଜୀବନରେ ଅଜଣା ଝଡ଼ ସୃଷ୍ଟି କରିଦେଲା । ସେଦିନ ନିଜର ହିତାହିତ ଜ୍ଞାନ ସେ ହଜାଇ ଦେଇଥିଲା । ଶ୍ରାବଣ ଭିଜା ଅନ୍ଧକାର ରାତ୍ରିରେ ଏକାକୀନୀ ମିତାର ଆର୍ତ୍ତ ଚିତ୍କାର ଶୁଣିବାକୁ ସେଠି କିଏ ବି ନଥିଲେ । କାହାକୁ କହିବ କାହା ବିଷୟରେ ଯାହାକୁ ବନ୍ଧୁତ୍ୱ ବନ୍ଧନରେ ବାନ୍ଧିଥିଲା ଓ ଯାହା ସହିତ ପବିତ୍ର ସମ୍ପର୍କର ପାହାଡ଼ ଗଢ଼ିଉଠିଥିଲା । ସେ ଆଜି ସ୍ତବ୍ଧ ଅଜଣା ଶ୍ରାବଣଧାରା ହଠାତ ତାର ଜଳ ବିନ୍ଦୁକୁ ରୋକିଦେଲା କାରଣ ସୁଷମା ଅଶ୍ରୁରେ ବର୍ଷାର ଧାରା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରୋକିଗଲା । ସକାଳର ପ୍ରଥମ ସୂର୍ଯ୍ୟ କିରଣରେ ସୁଷମା ନିଜକୁ ନୂଆ କରି ଗଢିବା ପାଇଁ ସ୍ଥିର କଲା । ଅତୀତର ସବୁ ଘଟଣା ଭୁଲିଯିବା ପାଇଁ ସ୍ଥିର କଲା ।

ସେହିଦିନ ଠାରୁ ଆଉ ସେ ପିଙ୍କୁକୁ ମୁହଁ ଦେଖାଇନି । ସେ ଏକ ପ୍ରାଇଭେଟ ଚାକିରୀ ଟିଏ କରିଛି ନିଜେ ସ୍ୱାଭାବଲମ୍ବୀ ହୋଇପାରିଛି । ପିଙ୍କୁ ଦିନକୁ ଦିନ ବିଗିଡି ଯାଇଛି ଆଉ ରାଜନୀତିରେ ପାଦ ଦେଇ ନିଜକୁ ଏକ କୁଜିନେତା ସଜାଇ ଦେଇଛି । ସର୍ବଦା ମଦପାନ କରି ଜୀବନ ବିତାଉଛି ।

ପିଙ୍କୁର ମଦ୍ୟପାନ ବିଷୟରେ ଦୁଇ ପରିବାର ଜାଣି ନଥିଲେ । କାରଣ ପିଙ୍କୁ ଉପରେ ସୁନା ପୁଅ ଭଳି ଆଚରଣ ଦେଖାଇଥାଏ । ରାତିରେ ଲୁଚାଇ ମଦ୍ୟପାନ କରିଥାଏ । ସୁଷମା ଆଉ ପିଙ୍କୁ ପରିବାର ଚିନ୍ତା କଲେ ଆଉ ଡେରି କରିବାନି ଦୁଇଜଣଙ୍କର ବିବାହ କରିଦେବା । ଖାଲି ଦୁଇଜଣଙ୍କର ମତାମତ ନେଇଯିବା କଥା । ପିଙ୍କୁକୁ ବିବାହ ବିଷୟରେ ପଚାରିଲେ ତାର ମା । ପିଙ୍କୁ ନିଜେ ଜାଣିଚି ସୁଷମା ପ୍ରତି ସେ କି ଅନ୍ୟାୟ କରିଛି ସେଥିପାଇଁ ସେ ବିବାହ ପାଇଁ ରାଜି ହୋଇଗଲା । ସୁଷମା ଏହି ବିବାହ ବିଷୟରେ ଯେତେବେଳେ ଜାଣିଲା ତାର ମୁଣ୍ଡ ଉପରେ ଆକାଶ ଛିଡିପଡିଲା, ପାଦତଳୁ ମାଟି ଖସିଗଲା କାରଣ ଯିଏ ତାର ଜୀବନକୁ ବରବାଦ କରିଦେଇଛି ନିଶାଗ୍ରସ୍ତ ହୋଇ ପୁଣି ସେ ତାର ହାତ ଧରି ଜୀବନ ସାରା ରହିବ । ଏମିତି ଅନେକ ପ୍ରଶ୍ନ ତାର ମାନସିକ ପଟରେ ଉଙ୍କି ମାରିଥିଲା । ଶେଷରେ ସେ ନିଷ୍ପତି ନେଲା ହଁ ସେ ପିଙ୍କୁକୁ ବିବାହ କରିବ । ସେ କଣ ତାର ସ୍ନେହ ଶ୍ରଦ୍ଧା ଆଉ ସଂସ୍କାରରୂପୀ ଅସ୍ତ୍ର ଦ୍ୱାରା ପିଙ୍କୁକୁ ବଦଳାଇ ଦେଇପାରିବ ନାହିଁ । ଅନ୍ୟ ଝିଅମାନେ ମଦୁଆ ସ୍ୱାମୀକୁ ବିବାହ କରିବା ପାଇଁ ମନା କରିଦିଅନ୍ତି କିନ୍ତୁ ଅନ୍ୟଠୁ ଅଭିନ୍ନ ହୋଇପାରିବ ନାହିଁ.. ସମାଜରେ ରାକ୍ଷସ ରୂପୀ ନିଶାକୁ ସେ ଦୂରକରିପାରିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଇଜଣଙ୍କର ବିବାହ ଯଥା ରୀତି ଅନୁସାରେ ସମ୍ପର୍ଣ୍ଣ ହେଲା । ନବବଧୂ ସାଜି ସୁଷମା ପିଙ୍କୁର ଘରକୁ ଗଲା । ବିବାହ ଦିନ ରାତ୍ରିରେ ଯେତେବେଳେ ପିଙ୍କୁ ସୁଷମାକୁ ମଦ ଆଣି ଆସିବା ପାଇଁ କହିଥିଲା ସେ ତାକୁ ଦେଇନଥିଲା । ସବୁବେଳେ ତାକୁ ମଦକୁ ଛାଡି ଆଉ କିଛି ମାଗିବା ପାଇଁ କହୁଥିଲା ସୁଷମା । ଏସବୁ କଥା ପିଙ୍କୁ ମାନୁନଥିଲା ବାହାରେ ସାଙ୍ଗ ସାଥିରେ ମଦ୍ୟପାନ କରି ଆସୁଥିଲା ସୁଷମାକୁ ବହୁତ ଅଶ୍ଳୀଳ ଗାଳି କରୁଥିଲା । ତଥାପି କେବେ ଭାଙ୍ଗି ପଡ଼ିନଥିଲା ସ୍ୱାମୀର କଟୁ ବଚନରେ ସେ ଦୃଢ଼ ନିଷ୍ପତି ନେଇଥିଲା ପିଙ୍କୁକୁ ସେ ବଦଳାଇ ଦେବ । ଥରେ ପିଙ୍କୁ ମଦ୍ୟପାନ କରି ଆସୁଥିଲା । ନିଶାରେ କୌଣସି ଗାଡ଼ିରେ ନିଜ ବାଇକିକୁ ପିଟିଦେଲା ଫଳରେ ତାର ଆକ୍ସିଡେଣ୍ଟ ହୋଇଗଲା ସେ ନିଜର ଚକ୍ଷୁ ଦୁଇଟି ହରାଇଦେଲା । ସୁଷମା ତାର ବହୁତ ସେବା କଲା ଶେଷରେ ଜଣେ ବୈଦାନ୍ୟ ବ୍ୟକ୍ତି ନିଜ ସ୍ତ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ଚକ୍ଷୁ ଦୁଇଟି ପିଙ୍କୁକୁ ପ୍ରଦାନ କଲେ । ପିଙ୍କୁ ପୁଣି ଥରେ ନିଜ ଜୀବନର ସୂର୍ଯ୍ୟ କିରଣ ଦେଖିପାରିଲା । ସୁଷମା ସବୁବେଳେ ତାକୁ ସ୍ନେହପୂର୍ଣ୍ଣ କଥାବାର୍ତ୍ତା କରୁଥିଲା । ଯେପରି ସେ ପିଙ୍କୁର ମା'ଟିଏ । ଧୀରେ ଧୀରେ ପିଙ୍କୁ ଭିତରେ କିଛି ଅଲଗା ଆଚରଣ ଦୃଶ୍ୟମାନ ହେଲା । ସେ ମଧ୍ୟ ସୁଷମାକୁ ଧୀରେ ଧୀରେ ନିଜ ସ୍ତ୍ରୀର ମର୍ଯ୍ୟାଦା ଦେଲା ଏବଂ ନିଜର ଭୂଲକୁ ବୁଝିପାରିଲା । ସୁଷମା ସହିତ ନିଜର ସୁଖୀ ପରିବାରରେ ବହୁତ ଆନନ୍ଦରେ ରହିଲା । ଶୀତ ପାହାନ୍ତିର କୁହୁଡି ପରି ଅଜଣା ଝଡ଼ଟି ଦୁଇଜଣଙ୍କ ଜୀବନରୁ କୁଆଡେ ଉଭାଇ ଗଲା । ସୁଷମା ମଧ୍ୟ ସ୍ତ୍ରୀ ଲୋକ ଆଉ ବିଦ୍ୟାଳୟ ପିଲାମାନଙ୍କୁ ନେଇ ଚାରିଆଡେ ନିଶା ନିବାରଣ ଜନମତ ସୃଷ୍ଟି କଲା । ସୁଷମାର ପ୍ରଚେଷ୍ଟା ଫଳରେ ମଦରୂପୀ ରାକ୍ଷସର ଅନ୍ତ ହୋଇପାରିଲା ଓ ତାର ଜୀବନରେ ଖୁସିର ଜୁଆର ପ୍ରବାହିତ ହେଲା ।

କିଏ କହିଲା ମଦ ଯିଏ ପିଏ ସେ ଆଉ ତାର କରାଳ କବଳରୁ ମୁକ୍ତି ପାଇନଥାଏ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏସବୁ ମନର ଭ୍ରାନ୍ତ ଧାରଣା ନିଜ ହୃଦୟକୁ ଜଣେ ମଣିଷ ଦୃଢ଼ କରିପାରିଲେ ସବୁ କିଛି ସମ୍ଭବ ହୋଇପାରିବ । ଗୋଟିଏ ନାରୀ ପୁରୁଷ ମଦ ପିଇଲେ ସେ ନିଜକୁ ଦୁର୍ବଳ କରିଦେଉଛି ଶେଷରେ ଦୁଇଜଣଙ୍କ ଭିତରେ ବିଭିନ୍ନ କନ୍ଦଳ ସୃଷ୍ଟି ହୋଇ ଛାଡପତ୍ରର ରୂପ ନେଉଛି । କେବେ ବିଚଳିତ ନହୋଇ ନିଜେ ଜଣେ ନାରୀ ନିଜକୁ ସୁଦୃଢ କରି ନିଶା ରୂପୀ ରାକ୍ଷସକୁ ନିଜର ଉପସ୍ଥିତ ବୁଦ୍ଧିରୂପୀ ଅସ୍ତ୍ର ଦ୍ୱାରା ବଧ କରିପାରିବ, ଅମଣିଷକୁ ମଣିଷ କରି ସମାଜରେ ତାର ପଶୁତ୍ୱକୁ ନିପାତ କରି ଏକ ସରଳ ମଣିଷଟିଏ ସୃଷ୍ଟି କରିପାରିବ ଏବଂ ସମାଜକୁ ଆସନ୍ନ ବିପଦରୁ ରକ୍ଷା କରିପାରିବ ।

ଶିକ୍ଷୟିତ୍ରୀ, ବେଦପୁର, ବାଙ୍କୀ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଲିଘର



ଇଂ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ

ପାଣିଫୋଟକା । ଦେଖିବାକୁ ଭାରୀ ସୁନ୍ଦର । ହେଲେ ସ୍ପର୍ଶମାତ୍ରେ ତାର ଅସ୍ତିତ୍ୱ ଲୋପପାଇଯାଏ । ତମେ ବି ପାଣିଫୋଟକା ସାଜିଲ ଗୀତା । ଭୁଲିଗଲ ଦୀର୍ଘ ୧୭ ବର୍ଷର ଅନାବିଳ ସମ୍ପର୍କ । ମୋ ପ୍ରେମ ତ ପାଣିଫୋଟକା ନଥିଲା କି ଆଜିର ତୈଳ ପରି ଭେଜାଲ ନଥିଲା । ମନେ ପକାଅ ଗୀତା, ଗାଆଁ ପାଖର ସମୁଦ୍ରକୂଳର ବାଲିଘର, ଘରୁ ଆଣିଥିବା ଛୋଟଚଦରରେ ତୁ କନିଆ ସାଜୁଥିଲୁ ଆଉ ମୁଁ ବର । କୁନିକୁନି ହାତରେ ମୋ ହାତକୁ ଜାବୁଡିଧରି କହୁଥିଲୁ ଏ ଗୁରୁ ତତେ ମୋର କରିଦେଲି । ମୁଁ ବାଲିରୁ ସୁନ୍ଦର ସାମୁକା ସାଉଁଟି ତୋ ହାତରେ ଦେଇ କହୁଥିଲି ଗୀତା ମତେ ପର କରିଦେବୁନି ତ ? ଆରେ, ଏ କ'ଣ ଲହଡିଟାଏ ମାଡିଆସି ଭାଙ୍ଗିଦେଲା ବାଲିଘର । ଆଉ ତୁ ଗାଉଁଲିଝିଅ କାନ୍ଦିକାନ୍ଦି କହୁଥିଲୁ ଅଶୁଭ ଲକ୍ଷଣ ଆଉ ମୁଁ ହସିହସି କହୁଥିଲି ପାଗଳିଟା ଅନ୍ଧବିଶ୍ୱାସ । କୋମଳ ମସ୍ତିଷ୍କରେ ତୋର ଅନେକ ପ୍ରଶ୍ନ । ମୁଁ ଜର୍ଜରିତ ତୋ ପ୍ରଶ୍ନବାଣରେ । ତୁ କହୁ, ଗୁରୁ ତୁ ଧନୀ, ମୁଁ ଗରୀବଘରର ଝିଅ । ମୋତେ ନିଜର କରିପାରିବୁ ତ ? ଜାଣିନି ୫ ବର୍ଷର କୋମଳମତି ଝିଅଟି ଏତେ କଥା କେମିତି ଭାବିପାରେ ? ବେପରୁଆ ଉତ୍ତର ଥିଲା ମୋର ପ୍ରତିଜ୍ଞା କରୁଛିଲୋ ଗୀତା ମୋଠାରୁ କେହି ତତେ ଅଲଗା କରି ପାରିବେନି । ସ୍କୁଲ ପଢା ସାରି ତୁ ଚାଲିଗଲୁ ସହର ଆଉ ମୁଁ ଗଲି ଅନ୍ୟ ସହରକୁ । ହଠାତ ବାପାମାଆ ଆରପାରିକୁ ଚାଲିଗଲେ ଆଉ ମୋ ପାଠପଢାରେ ଡୋରି ବନ୍ଧାହେଲା । ମୁଁ ଗାଆଁ ଛାଡିଲି । ଗୀତା ଲୋ ! ତୋ ବିରହରେ ଲେଖୁଲେଖୁ ନାମୀ ଲେଖକ ବନିଗଲି ହେଲେ ମୋ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିଚୟ ଗୋପନ ଥିଲା । ନେଡିଗୁଡ କହୁଣିକୁ ବହି ସାରିଛି । ବସି ଖାଇଲେ ନଇବାଲି ସରେ । ସେମିତି ମୁଁ ଆଜି କପର୍ଦ୍ଦକ ଶୂନ୍ୟ । ଏତିକି ଲେଖିବା ଭିତରେ ହଠାତ୍ ଦାମୀ କାରଟିଏ ବିକଟାଳ ଶବ୍ଦକରି ଘର ଆଗରେ ଅଟକିଲା । ଗାଇ ଜଗୁଆଳ ନଟୁଆ ଡାକପକାଇଲା, ଗୁରୁବାବୁ କିଏ ଜଣେ ଆପଣଙ୍କୁ ଭେଟିବାକୁ ଚାହୁଛନ୍ତି । ଆଶ୍ଚର୍ଯ୍ୟଚକିତ ହୋଇ ଭାବୁଥିଲା ଗୁରୁ । ଆଜିଯାଏ ସମ୍ପର୍କ କାହା ସାଙ୍ଗରେ ନାହିଁ, କିଏ ତାକୁ ଭେଟିବାକୁ ଚାହୁଁଛି ? ହଠାତ୍ ଘର ଭିତରକୁ ପଶିଆସିଲେ ତରୁଣୀଜଣକ । ଅନ୍ଧାରରେ ଝୁଣ୍ଟି ପଡୁପଡୁ ନିଜକୁ ସମ୍ଭାଳି ନେଲେ । କଷ୍ଟରେ ମୁଣ୍ଡଟାକୁ ଆଉଁଶୁଥିଲେ । ଅଧାଛପର ଘର । ଭଙ୍ଗାକାନ୍ଥର ବଖରିଆ ଘର । ଦଉଡିଆ ଖଟ ଉପରେ ଛିଣ୍ଡାଲୁଗା ପିନ୍ଧି ବସିଥିବା ବ୍ୟକ୍ତିଜଣକୁ ଦେଖି ଭାବୁଥିଲେ ଭୁଲ ଠିକଣାରେ ଆସିଗଲି ବୋଧେ । ତଥାପି ସାହସ ସଞ୍ଚୟ କରି କହିଲେ ଆଜ୍ଞା, ମୁ ଅପର୍ଣ୍ଣା । ପୁସ୍ତକ ପ୍ରକାଶିକା । ଆପଣଙ୍କ ଗୁପ୍ତପରିଚୟ ଖୋଜି ପହଞ୍ଚିଯାଇଛି । ଆପଣଙ୍କ ଲେଖା ଦିଅନ୍ତୁ ମୁଁ ପ୍ରକାଶ କରିବି । ମୋର ଲାଭ ଓ ଆପଣଙ୍କର ବି । କଣ୍ଠ ଚିହ୍ନାଚିହ୍ନା ଲାଗିଲା । ମୁଣ୍ଡଟେକି ଅନାଇଲା ଗୁରୁ । ଦ୍ୱନ୍ଦରେ ପଚାରିଲା, ମ୍ୟାଡମ୍ ଆପଣଙ୍କ ନାଆଁ କ'ଣ ? ମହିଳା ଉତ୍ତର ଦେଲେ କହିଲି ପରା ଅପର୍ଣ୍ଣା । ନେଞ୍ଜରା ଆଖି ମଳିମଳି, ଅସଜଡା କେଶ ସଜାଡୁ ସଜାଡୁ କହି ଉଠିଲା ଗୁରୁ, ନା ନା ମୋତେ ଗୀତାର କଣ୍ଠ ସ୍ୱର ପରି ଜଣାଗଲା ତ । ଛାଡନ୍ତୁ ମ୍ୟାଡମ୍ । ଚମକି ଉଠିଲେ ତରୁଣୀ ଜଣକ । ଆପଣ ଗୀତାକୁ କେମିତି ଜାଣିଲେ ? ରାଗରେ ଖଟର କାଠକୁ ଶକ୍ତ ଆଘାତ ଦେଇ ଗୁରୁ କହିଲା ଛାଡନ୍ତୁ ମ୍ୟାଡମ୍ । ମୋ ନାଆ ଗୁରୁ । ନିରିଖେଇ ଅନେଇଲେ ତରୁଣୀ । ଗୁରୁ ! ମୁଁ ପରା ଗୀତା । ଗୁରୁ କହିଲା, ଚାଲିଯାଅ ଏଠାରୁ । ବାଃ ରେ ନାରୀ ! ମୋର ହରେଇବା ପାଇଁ ଆଉ କିଛି ନାହିଁ । ନିଜ ନାଆଁ ବି ପରିବର୍ତ୍ତନ କରିଦେଲୁ ମାୟାବିନୀ । ଆଖିରେ ଆଖିଏ ଲୁହ

Magazine Downloaded from www.aahwaan.com

ଗୀତାର । ନା ରେ ଗୁରୁ । ମୁଁ ତତେ ବହୁତ ଖୋଜିଛି । ଏ ସମାଜରେ ଗରୀବଟିଏ ଭଲରେ ବଞ୍ଚିବାକୁ ହେଲେ ନିଜକୁ ବିକ୍ରି କରିବାକୁ ହୁଏ । କେତେକ ନିଜକୁ ବିକ୍ରିକରି ପଚାଶଢା ପରିବା ପରି ବନିଯାଆନ୍ତି ଆଉ କିଛି ମୋ ପରି ପ୍ରଖ୍ୟାତ । ମୁଁ ବିବାହ କରିନାହିଁ । ଶଂଖା, ସିନ୍ଦୁର ପିନ୍ଧିନାହିଁ, ଶାହାନାଇ ବାଜିନାହିଁ, ହେଲେ ସାଜିସାରିଛି ବାରଙ୍ଗନା । ଆଉ ପହଞ୍ଚି ସାରିଛି ସଫଳତାର ଶୀର୍ଷରେ । ଦୁହିଁଙ୍କ ଆଖିରେ ଅଶ୍ରୁର ପ୍ଳାବନ । ଏ ଗୁରୁ ! ଚାଲନା ସମୁଦ୍ର କୂଳକୁ ଯିବା । ବାଲିଘର କରିବା । ତୋର ଛିଣ୍ଡାଧୋତିରେ ମୋତେ କନିଆ କରିଦେ ଆଉ ତୁ ମୋ ବର । ଛୁଆବେଳର ସ୍ୱପ୍ନକୁ ସତ କରି ଦେ । ଶକ୍ତ ଆଲିଙ୍ଗନ କରି ଥରଥର ହାତରେ ଗୁରୁ ଭିଡି ଧରିଥିଲା ଗୀତାକୁ ଆଉ ଗୀତା ସଜାଡୁ ଥିଲା ଗୁରୁର କେଶ । । ।

କନିଷ୍ଠଯନ୍ତ୍ରୀ, ଗଜପତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋତେ ବି ଖୁସିରେ ବଞ୍ଚିବାକୁ ଦିଅ



କୃଷ୍ଣଚନ୍ଦ୍ର ଡାକୁଆ

ସତରେ ଭଗବାନଙ୍କ ସୃଷ୍ଟିରେ ନାରୀ ସମାଜର ଭୂମିକା ଅତୁଳନୀୟ । ସେ କେତେବେଳେ ମାଆ' ତ ପୁଣି କେତେ ବେଳେ ଭଗିନୀ ପୁଣି କେତେ ବେଳେ ପାପ ପୁଣ୍ୟର ସହ ଧର୍ମିଣୀ ସ୍ତ୍ରୀ । ସମାଜରେ ନାରୀଙ୍କ ଭୂମିକା ଅବର୍ଣ୍ଣନୀୟ, ମନେ ହୁଏ ସେମାନଙ୍କ ପାଇଁ ତ ଆମେ ଅର୍ଥାତ ଏ ମନୁଷ୍ୟ ସମାଜ । ଯେମିତିକି ବୃକ୍ଷ ବିନା ଫୁଲଫଳ ସୃଷ୍ଟି ଅସମ୍ଭବ ଠିକ୍ ସେମିତି ମନୁଷ୍ୟ । କିନ୍ତୁ ଜଣେ ନାରୀ ଘର ଏରୁଣ୍ଡିବନ୍ଧ ତଳର ଅବହେଳିତ ନିଷ୍ପେସିତ ପାପୀଟିଏ ଭଳି ଜୀବନ କାଟେ । କାହିଁକି ଭାବୁଛନ୍ତି ? ଆମ ସମାଜ ବୋଧହୁଏ ସେମାନଙ୍କୁ ସଦ୍ୟ ଜନ୍ମିତ ଫୁଲଟିଏ ଭଳି ଫୁଟି ବାସିବାକୁ ଦିଏ ନାହିଁ । କଣ ସତରେ ସେ ପାପୀଟିଏ ? ନା କାହିଁ ଜମା ବିଶ୍ୱାସ ହେଉନି ତଥାପି ସେ ଅବହେଳିତ, ନିଷ୍ପେସିତ । ପାପ ପୂଣ୍ୟ ଜୀବନ ଦୋ'ଛକିରେ ଯେମିତି ଥକି ପଡ଼ିଛି ତା ସମସ୍ତ ଅଧିକାର ! ଫୁଲଟି ଫୁଟିଚି ସତ ହେଲେ ଏ ପରିବେଶରେ ଯେମିତିକି ପ୍ରସ୍ଫୁଟିତ ହେବାର ଅଧିକାର ନାହିଁ ତାର । ଯାହା ହେଉନା କାହିଁକି ଜଣେ ନାରୀ ସର୍ବଦା ଏ ଜନମାନସରେ ନମସ୍ୟ ହୋଇ ରହିବା ଉଚିତ ।

ଏକଦା ଗୋଟଏ ଗ୍ରାମରେ ଏକ ମଧ୍ୟବିତ ପରିବାର ବେସ୍ ହସ ଖୁସିରେ ବସବାସ କରୁଥିଲେ । ପରିବାର କହିଲେ ସ୍ୱାମୀ,ସ୍ତ୍ରୀ ଦୁଇ ପୁଅ ଓ ତିନି ଝିଅକୁ ନେଇ ପରିବାର ଗଢ଼ା । ସମୟାନୁ କ୍ରମେ ପୁଅ ଝିଅଙ୍କ ପାଠ ପଢା ବୟସ ଆସିଲା ଓ ପାଠ ପଢିଲେ ମଧ୍ୟ,ଗୋଟଏ ଶ୍ରେଣୀ ପରେ ଗୋଟଏ ଶ୍ରେଣୀ ଉଭୟ ପୁଅ ଝିଅ ଶିକ୍ଷା ଗ୍ରହଣ କରି ଚାଲନ୍ତି । କୌଣସି କାରଣ ବଶତଃ ପ୍ରଥମେ ବଡ଼ ଝିଅ ପାଠ ପଢା ଠାରୁ ଧୀରେ ଧୀରେ ମୁହଁ ବୁଲେଇବାରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲାଗିଲା ।ସେତେବେଳେକୁ ଝିଅଟି ପଞ୍ଚମ ଶ୍ରେଣୀରେ ପଢୁଥାଏ । ଏମିତି ଦିନେ ଦୁଇ ଦିନ ବିଦ୍ୟାଳୟ ଯିବା ଆସିବା ଶେଷକରି ସମ୍ପୁର୍ଣ୍ଣ ପାଠ ଛାଡ଼ି ଦେଲା । ଏ କାହାଣୀ ଆଜି କିମ୍ବା କାଲିର ନୁହେଁ ଏ ତ ଦୀର୍ଘଦିନର କଥା । ଯଦିଓ କାହାଣୀଟି ବ୍ୟାସକବି ଫକୀରମୋହନଙ୍କ ଓଡିଆ ରଚିତ ଗଳ୍ପ"ରେବତୀ"ଭଳି ନଥିଲା ଅର୍ଥାତ ନାରୀ ଶିକ୍ଷାକୁ ପ୍ରୋତ୍ସାହନ ମିଳୁନଥିବା ବିଷୟବସ୍ତୁ ନଥିଲା କିନ୍ତୁ ଏଠି ପ୍ରୋତ୍ସାହନ ଥିଲା ହେଲେ ଶିକ୍ଷାର ବିକାଶ ଦିଗରେ ସଚେତନତା ନଥିଲା । ବଡ଼ ଭଉଣୀର ଚାଲୀ ଚଳଣିକୁ ସାନ ଭଉଣୀ ଅନୁସରଣ କରେ ଓ ସର୍ବଦା ତା'ନିତ୍ୟ ଜୀବନରେ ନିୟୋଜନ କରେ ହେଲେ ଏଠି ପାଠ ପଢା ଠାରୁ ଦୂରେଇ ରହିବାକୁ ମଧ୍ୟ ସାନ ଭଉଣୀ ଆପଣାଇ ନେଇଥାଏ ।ସେତେବେଳକୁ ସେ ସପ୍ତମ ଶ୍ରେଣୀ ପଢୁ ଥାଏ । ଅନ୍ୟପଟେ ତିନି ଭଉଣୀଙ୍କ ମଧ୍ୟରୁ ସାନ ଭଉଣୀ ସମ୍ପୁର୍ଣ୍ଣ ଭିର୍ନ୍ନ,ସେ ନିଜେ ନିଜ ଇଚ୍ଛାନୁସାରେ ନିଜ ଭାଗ୍ୟ ତିଆରି କରିବାକୁ ପସନ୍ଦ କରେ । ସାନ ଭଉଣୀଟି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ନିଜର ପାଠ ପଢା ଅନବରତ ଚାଲୁ ରଖିଥାଏ ହେଲେ ସେ ପ୍ରି ଟେଷ୍ଟ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ପାଠ ପଢା ଠାରୁ ଦୂରେଇ ରହେ । ଇଏ ତ ଗଲା ତିନି ଝିଅଙ୍କ ଶିକ୍ଷା ଜୀବନୀ କଥା ଏବେ ଆମେ ଆଲୋଚନା କରିବା ଦୁଇ ପୁଅଙ୍କ କଥା । ପ୍ରଥମ ପୁଅଟି ଘରର ସମସ୍ତ ପୁଅ ଝିଅଙ୍କ ମଧ୍ୟରେ ବଡ଼ ଥିଲା ହେଲେ ସେ ଦ୍ୱିତୀୟ ଶ୍ରେଣୀରୁ ପାଠ ପଢା ଛାଡିଦେଇଥିଲା ଓ ସାନ ପୁଅଟି ବହୁତ ବାପ ମା ଙ୍କ ଗେଲ୍ଲା ଥିଲା ହେଲେ ସେ ମାତ୍ର ଅଷ୍ଟମ ଶ୍ରେଣୀରୁ ହିଁ ପାଠ ପଢା ଜୀବନରୁ ଓହରି ଯାଇଥିଲା । ଏହିଭଳି ଭାବେ ସେହି ମଧ୍ୟବିତ ପରିବାରର ସମସ୍ତ ପୁଅ ଝିଅଙ୍କ ପାଠ ପଢା ଥିଲା ।

ପାଠ ପଢା ଶେଷକରି ଦୁଇ ପୁଅ ବେକାର ଏଣେ ଘରେ ଝିଅ ମାନଙ୍କୁ ବାହା ଦେବାର ଚିନ୍ତା କାରଣ ସେମାନେ ପାଠ ଛାଡିବାର ବହୁ ବର୍ଷ ବିତି ଯାଇଥାଏ,ଏହି ଭଳି ଅନେକ କଥା ଭାବି ଭାବି ବାପ ମା ଦୁହେଁ ମାନସିକ ସ୍ତରରେ ଭାଙ୍ଗି ପଡ଼ନ୍ତି ହେଲେ କରିବେ କଣ ?

 Magazine Downloaded from www.aahwaan.com

ଚାଷବାସ ଅବା ଫସଲ ବାଡ଼ି କରି ବାପା ମାଙ୍କୁ ପରିବାର ଚଳାଇବାକୁ ପଡ଼ିଥାଏ । ଏ ସବୁ ଯେମିତି ସମସ୍ତ ଆବଶ୍ୟକତା ପୂରଣ କରିବାରେ ସମୁଦ୍ରକୁ ସଙ୍ଖେ ! ଏଣେ ଦୁଇ ପୁଅ ଚିନ୍ତା କରନ୍ତି ପରିବାର ଚଳାଇବା ସମ୍ପର୍କରେ ଓ ବିଦେଶ ଗସ୍ତ କରନ୍ତି ଟଙ୍କା ଉପାର୍ଜନ କରିବା ପାଇଁ । ବିଦେଶରେ ଶ୍ରମ ପଡ଼ି ଘରକୁ ମାସେ ଦୁଇ ମାସ ବ୍ୟବଧାନରେ ଥରେ ଦୁଇ ଥର ଟଙ୍କା ପଠନ୍ତି । ଦୁଇ ପୁଅଙ୍କ ଏହିଭଳି କାର୍ଯ୍ୟରେ ବାପା ମା କିଂଚିତ ଖୁସୁ ହୋଇଯାନ୍ତି କାରଣ ଯଦିଓ ଘର ଚଳଣି ପାଇଁ ଅସୁବିଧା କମିଲା ହେଲେ ସେମାନଙ୍କ ଭବିଷ୍ୟତ ବିଷୟରେ ଭାବିଲେ ବାପା ମାଙ୍କୁ ଅନ୍ଧାର ଦିଶେ ।ଯାହାବି ହେଉ ଏବେ କିଛି ଉପାୟ ନାହିଁ ବର୍ତ୍ତମାନ ନିଜେ ନିଜର ଭବିଷ୍ୟତ ସରଳ ସୁଗମ କରିବା ଦାୟିତ୍ୱ ନିଜ ହାତରେ । ଦୁଇ ବର୍ଷ ବିଦେଶରେ ରହି ପୁଅ ଦୁହେଁ ଘରକୁ ଆସନ୍ତି । ଆସିବାର କିଛିଦିନ ପରେ ବଡ଼ ଭଉଣୀଙ୍କୁ ଶାଶୁଘର ଦିଅନ୍ତି ଓ ପୁଣି କାମଧାମ ଶେଷ କରି ବିଦେଶ ଚାଲି ଯାଆନ୍ତି । ପୂର୍ବ ଭଳି କିଛି ଦିନ ବିଦେଶରେ ରହି ଗୋଟଏ ପରେ ଗୋଟଏ ଭଉଣୀଙ୍କୁ ଶାଶୁଘର ଦେଇ ଏବେ ଦୁଇ ପୁଅ ଏବଂ ବାପ ମାଆ ନିଶ୍ଚିନ୍ତରେ,ବର୍ତମାନ ବାପା ମାଆଙ୍କୁ କେବେଳ ଗୋଟଏ ଚିନ୍ତା ଦୁଇ ପୁଅଙ୍କୁ ହାତରୁ ଦୁଇ ହାତ କରିବା ।

ତିନି ଝିଅଙ୍କୁ ଶାଶୁଘର ପଠାଇବା ଯଦିଓ କଷ୍ଟକର ବ୍ୟାପାର ତଥାପି ଭଲରେ ଭଲରେ ବିବାହ ଉତ୍ସବ ଏବଂ ପରବର୍ତୀ କାର୍ଯ୍ୟ ସମାପନ କରି ପ୍ରସ୍ତୁତ ହୁଅନ୍ତି ଦୁଇ ପୁଅ ପୁଣି ବିଦେଶ ଗସ୍ତ ପାଇଁ । ଦିନେ ଦୁଇ ଦିନ ଗାଁରେ ରହି ଦୁହେଁ ଠିକ୍ ପୂର୍ବ ସ୍ଥାନକୁ ଫେରନ୍ତି ଏବଂ ଶ୍ରମ କାର୍ଯ୍ୟରେ ନିୟୋଜନ ହୁଅନ୍ତି । ପୁଅ ଦୁହେଁ ଘରର ସମସ୍ତ ଭଲ ମନ୍ଦ କାର୍ଯ୍ୟରେ ନିୟମିତ ଭାଗିଦାର ହୋଇ ଘର ଚାଳିବାରେ ବେସ୍ ପାରଙ୍ଗମ ହୋଇଥାନ୍ତି । ଏଣେ ବାପା ମାଆ ଚିନ୍ତା କରନ୍ତି ଏଥର ପୁଅ ମାନଙ୍କ କଥା ବୁଝିବା ଓ ହାତରୁ ଦୁଇ ହାତ କରାଇବା ।କିଛି ବର୍ଷ ବିଦେଶରେ ରହି ପୁଅ ମାନେ ଘରକୁ ଆସିବା ମାତ୍ରେ ବାପା ମାଆଙ୍କ ଗୋଟିଏ କଥା ତୁମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଇ ଭାଇଙ୍କୁ ହାତରୁ ଦୁଇ ହାତ କରିଦେଲେ ଆମ ଚିନ୍ତା ଯିବ,ଏହି କଥାରେ ବଡ଼ ପୁଅ ରାଜି ହେବା ବେଳେ ସାନ ପୁଅ ନାରାଜ । ସାନ ପୁଅ କୁହେ ମୋ ବୟସ କମ ଏବେ ମୁଁ ବାହା ହେବିନି । କିଛି ଦିନ ବିତିବା ପରେ ପୁଅ ପାଇଁ ବୋହୂ ଖୋଜିବା ଆରମ୍ଭ ହେଲା ଓ ପୁଅର ବାହାଘର ମଧ୍ୟ ହେଲା ।କିଛି ବର୍ଷର ବ୍ୟବଧାନ ପରେ ଏହି ଦମ୍ପତ୍ତିଙ୍କ ଗୋଟଏ ପୁଅ ଓ ଝିଅ ମାତୃ କୋଳରେ ଜନ୍ମ ନେଲା ।ପ୍ରଥମେ ଝିଅ ଓ ପରେ ପୁଅ । ପୁଅ ଝିଅଙ୍କ ବୟସ ବଢ଼ିଲା ଏଥର ବାପା ମାଙ୍କ ଚିନ୍ତା ଆମ ପୁଅ ଝିଅଙ୍କୁ ପାଠ ପଢ଼ାଇବା ।

ସତରେ ଝିଅ ଜନ୍ମ କଣ ପାପ ? ଝିଅ ଟିଏ ସମାଜ ଏରୁଣ୍ଡିବନ୍ଧ ତଳର ଅବହେଳିତ ନିଷ୍ପେସିତ ଯିବ ଟିଏ ? ସମାଜରେ ପୂର୍ଣ୍ଣ ଅଧିକାର ନଥିବା ଜୀବନ ଟିଏ ? ଏମିତି କେତେ କଣ ପ୍ରଶ୍ନ ମନରେ ପ୍ରଶ୍ନବାଚୀ ସୃଷ୍ଟି କରେ,କାରଣ କଣ ଭାବୁଛନ୍ତି ? ମାଆର କଥାନୁସାରେ ବାପା ଝିଅଟିକୁ ନିଜ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ପାଠପଢା ଆରମ୍ଭ କଲା ଏବଂ ଦୁଇ ବର୍ଷର ବ୍ୟବଧାନ ପରେ ପୁଅଟି ଝିଅ ଭଳି ଗ୍ରାମ ବିଦ୍ୟାଳୟରେ ନାମ ଲେଖାଇ ପାଠପଢା ଆରମ୍ଭ କଲା । ହଁ ପୁଅଟି ପାଠପଢା ଆରମ୍ଭ କରିଲା ସତ କିନ୍ତୁ ଏକ ଘରେଇ ବିଦ୍ୟାଳୟରେ ! ତେବେ ଏଠାରେ ଝିଅ କଣ ଅବହେଳିତ ସମାଜ ଏରୁଣ୍ଡିବନ୍ଧ ତଳର ଅବହେଳିତ ନିଷ୍ପେସିତ ଯିବ ଟିଏ ? ହଁ ହଁ ସେ ଅବହେଳିତ ଯିବ ଟିଏ, କାରଣ ନିଜ ସମାଜ ତ ନିଜର ଅଧିକାର ଛଡାଇ ନିଏ । ଏଠାରେ ଏହି ଉକ୍ତି କହିବାର ଉଦେଶ୍ୟ ପୁଅ ଝିଅଙ୍କ ପାଠ ପଢା ସମ୍ପର୍କରେ ମାଆ ନିଷ୍ପତି ନେଇଥିଲା । ଝିଅଟି ଯଦି କେବେ କେବେ ଅଭିମାନ କରି ନିରବ ହୋଇ ବସେ ତେବେ ଠିକ୍ ସେତିକିବେଳେ ମାଆ ନାନା କଥା କହି ବୁଝେଇ ଦିଏ ଓ ଝିଅଟି ବୁଝି ଜାଏ । ଝିଅଟି ମାଆର ଗେଲ୍ଲା ଥିଲା ସତ କିନ୍ତୁ ପୁଅ ତୁଳନାରେ ବହୁତ କମ୍ ଏବଂ ଅବହେଳିତ । ପୁଅଟି ବିଦ୍ୟାଳୟ ଯିବା ବେଳେ ଘରର ଯେକୌଣସି ସଭ୍ୟ ବିଦ୍ୟାଳୟ ପ୍ରଯ୍ୟନ୍ତ ଯାଆନ୍ତି ଓ ପାଠ ପଢା ସମ୍ପର୍କରେ ବୁଝା ସୁଝା କରନ୍ତି

 Magazine Downloaded from www.aahwaan.com

। ଝିଅଟି କିନ୍ତୁ ବିଦ୍ୟାଳୟ ଏକା ଜାଏ କେହି ବିଦ୍ୟାଳୟ ପ୍ରଯ୍ୟନ୍ତ ଛାଡିବା ପାଇଁ ଯାଆନ୍ତି ନାହିଁ ।ସାଙ୍ଗ ସାଥୀଙ୍କ ବାପା ମାଆ କିମ୍ବା ଘରର ଯେକୌଣସି ସଭ୍ୟ ବିଦ୍ୟାଳୟ ପ୍ରଯ୍ୟନ୍ତ ଛାଡିବା ପାଇଁ ଆସନ୍ତି ଓ ଭଲ ମନ୍ଦ ବୁଝି ଯାଆନ୍ତି ।ଝିଅଟି ଏସବୁ ଦେଖି ବେଳେ ବେଳେ ଦୁଃଖରେ ଭାଙ୍ଗି ପଡ଼େ ଓ ମନେ ମନେ କାନ୍ଦିପକାଏ ।ନିଜେ ନିଜକୁ କାନ୍ଦି କାନ୍ଦି ବୁଝାଇ ଦିଏ ନାରୀ ଜନମ ସମାଜରେ ଏକ ଅଦରକାରୀ ଅବହେଳିତ ଜୀବନ ଟିଏ ।ଦୁଃଖରେ ଝିଅଟି ଭାଙ୍ଗି ପଡ଼େ ସତ ହେଲେ ତା ସାନ ଭାଇପ୍ରତି ସ୍ନେହ ଶ୍ରଦ୍ଧା ଆଦର ଓ ଭଲପାଇବା କୌଣସିମତେ କମ୍ କରିନଥାଏ, ସମୟେ ସମୟେ ସାନ ଭାଇକୁ ବିଦ୍ୟାଳୟକୁ ଛାଡିବାକୁ ଝିଅଟି ଯାଇ ନିଜ ମନକୁ ବୁଝାଇ ଦିଏ ଏବଂ ସେ ତା ବିଦ୍ୟାଳୟକୁ ପାଠ ପଢିବା ପାଇଁ ଚାଲିଯାଇଥାଏ ।

ଦିନକର କଥା ଗାଁରେ ବର୍ଷା ଝିପ୍ ଝିପ୍ ଲାଗିଥାଏ । ବିଦ୍ୟାଳୟ ଯିବା ପାଇଁ ଉଭୟ ଭାଇ ଭଉଣୀ ପ୍ରସ୍ତୁତ ହୁଅନ୍ତି ହେଲେ ସେତିକି ବେଳକୁ ପୁଅଟି ମାଆକୁ କହେ ମାଆ ଚାଲ ମୋତେ ଆଜି ତୁମେ ମୋ ବିଦ୍ୟାଳୟରେ ଛାଡ଼ି ଆସିବ କିନ୍ତୁ ମାଆ କହେ ଦେଖ ଧନ ମୋର ଅନେକ ଘର କାମଅଛି ତୁ ବଡ଼ ଭଉଣୀ ସହ ବିଦ୍ୟାଳୟ ଯାଆ ।ସେହି ସମୟରେ ମାଆଙ୍କ କଥା ମାନି ଭଉଣୀ ହଁ କରିଦିଏ ବିଦ୍ୟାଳୟ ଛାଡ଼ି ଯିବା ପାଇଁ ଓ ଜାଏ ।ସାନ ଭାଇ ଘରେଇ ବିଦ୍ୟାଳୟର ଛାତ୍ର ହୋଇଥିବାରୁ ବିଦ୍ୟାଳୟ ନିୟମନୁସାରେ ତା'ପାଇଁ ଏକ ପଲଥିନ୍ ତିଆରି ବର୍ଷା ନିରୋଧକ ଆବରଣ ଦରକାର ହେଲେ ଘରେ ବଜାରରୁ କିଣା ହୋଇ ନଥାଏ ।ଗୋଟଏ ଛତା ଦେଇ ଉଭୟ ପୁଅ ଝିଅଙ୍କୁ ମାଆ ବିଦ୍ୟାଳୟ ପଠାଇ ଦିଏ । ଝିଅ ତୁ ଭାଇକୁ ତା ବିଦ୍ୟାଳୟରେ ଛାଡ଼ି ତୋ ବିଦ୍ୟାଳୟ ଜିବୁ । ଝିଅ ଭାଇକୁ ଛାଡିବା ପାଇଁ ଯିବା ସମୟରେ ବର୍ଷା ଜୋରରେ ହୁଏ ହେଲେ ସେତେବୋଳେ ଉଉଣୀଟି ବର୍ଷା ପାଣିରେ ଓଦା ହୋଇ ଭାଇକୁ ନିରାପଦରେ ଛାଡ଼ି ସେ ବିଦ୍ୟାଳୟ ଚାଲିଯାଏ । ଝିଅଟିର ଏହି ଗୁଣ ଦେଖି ଗ୍ରାମର ଲୋକମାନେ ବେସ୍ ପ୍ରଶଂସାର ଝିଅକୁ ପୋତି ପକାନ୍ତି ଓ ବାପା ମାଆର ଗୁଣକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଭିଏଁ ନିନ୍ଦନ୍ତି । ଦିନେ ଝିଅର ବିଦ୍ୟାଳୟ ଶ୍ରେଣୀ ଗୃହରେ ଶ୍ରେଣୀ ଶିକ୍ଷକ "ଭୃଣ ହତ୍ୟା" ସମ୍ପର୍କରେ ଏକ ଗଳ୍ପ କହିଲେ ଓ ସମସ୍ତ ଛାତ୍ରଛାତ୍ରୀଙ୍କୁ ବୁଝାଇ ଦେଲେ ସମସ୍ତ ଜୀବର ଆବଶ୍ୟକତା ସମ୍ପର୍କରେ । ସେହି ଦିନ ଏହି ଝିଅର ଗୁଣକୁ ଶିକ୍ଷକ ବେସ୍ ପ୍ରଶଂସା କଲେ କାରଣ ଝିଅଟି ଅବହେଳିତ ହୋଇ ତା'ଭାଇକୁ ସେ ବହୁତ ଭଲ ପାଉଥିଲା ଏବଂ ସମସ୍ତଙ୍କୁ କହିଲେ ମୋ ସହ ସମସ୍ତେ ସ୍ୱର ମିଶାଇ କୁହ "କନ୍ୟା ରତ୍ନ, କର ଯତ୍ନ" । ଆଜି ଠାରୁ ଆମ୍ଭେ ସଭିଏଁ ପୂର୍ଣ୍ଣ ଅଧିକାର ନେଇ ସମାଜରେ ବଞ୍ଚିବା ସହ ଭାଇ ଭଉଣୀ ପ୍ରେମ ଏକତାର ବାନ୍ଧି ହେବା । ଶିକ୍ଷକଙ୍କ କଥାକୁ ସଭିଏଁ ଆଦରି ନେଲେ ଓ ଜନସଚେତନତା କରିବାରେ ଲାଗିଲେ ।

ଛାତ୍ର ଛାତ୍ରୀଙ୍କ ଏହି ମହତ କାର୍ଯ୍ୟ ଦେଖି ସଭିଏଁ ବିଦ୍ୟାଳୟର କୁନି କୁନି ପିଲାମାନଙ୍କୁ ପ୍ରଶଂସା କରିଲେ ଓ ଲୋକମାନେ ଚିନ୍ତା କରିଲେ ବାସ୍ତବରେ ଛାତ୍ର ଛାତ୍ରୀଙ୍କ ଏହି ଉକ୍ତି ଠିକ୍ "କନ୍ୟା ରତ୍ନ, କର ଯତ୍ନ" । କୁନି କୁନି ଝିଅ ମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ତଥା ଜନ୍ମରୁ ମାରି ଦେଉଥିବା ହିଂସ୍ର ମଣିଷ ମାନଙ୍କୁ କଠୋର ଦଣ୍ଡ ଦେବା ଆବଶ୍ୟକତା ରହିଅଛି । ଏହାର ସମାଧାନ ପାଇଁ ଆମ ଗ୍ରହଣରେ ପୁଣି ଥରେ ମହିଷା ମର୍ଦ୍ଦିନି ଦୁର୍ଗତି ନାଶିନୀ ମା ଦୂର୍ଗାଙ୍କ ଭଳି ଜଣେ ସତସାହସୀ ନାରୀ ଜନ୍ମ ନେବା ଆବଶ୍ୟକତା ରହିଛି କାରଣ ଏଠି ତ ଜଣେ ନାରୀ ଆଉ ଜଣେ ନାରୀର ଶତୃ କିଏବା କଣ କରିବ ? ତେଣୁ ଆଜି ଠାରୁ ଆମେ ବି ସେହି କୁନି କୁନି ପିଲାଙ୍କ ସହ ସ୍ୱର ମିଳାଇ କହିବା "କନ୍ୟା ରତ୍ନ, କର ଯତ୍ନ" ।।

କରଚୁଲି(ବୁଗୁଡ଼ା) ଗଞ୍ଜାମ
ପିନ୍ : ୭୬୧୧୪୩, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପୂର୍ଣ୍ଣ ମିଥ୍ୟାଘଟଣା ଉପରେ ଆଧାରିତ



ମଧୁସୂଦନ ମିଶ୍ର

କେମିତି କେଜାଣି ସିଂହସାହେବଙ୍କ ସହ ମୋର ଅନ୍ତରଂଗ ବଢ଼ି ଯାଇଥିଲା । ସେ ଗାଁକୁ ଯୋଉ ମାସେ ଦିମାସ ପାଇଁ ଆସନ୍ତି ମୋର ତାଙ୍କ ସହ ଦଶ ପନ୍ଦର ଥର ସାକ୍ଷାତ ହବ ।

ଶିକ୍ଷା ସଂସ୍କୃତି ସାହିତ୍ୟଠାରୁ ଧର୍ମ ସବୁ ବିଷୟରେ ଆଲୋଚନା ହୁଏ । ମୋ ଲେଖା ଲେଖିରେ ତାଙ୍କର ପ୍ରଭାବ ଅବଶ୍ୟ ଅଛି । ନୂଆ ଦିଗ ଦବାକୁ ପ୍ରୟାସ କରେ ତାଙ୍କ ପ୍ରେରଣାରେ ।

ସିଂହ ସାହେବ ଆମ ଅଞ୍ଚଳରେ ଏକ ପରିଚିତ ନାମ । ଗାଁମଝିରେ ତାଙ୍କର ରାଜମହଲ । ତାଙ୍କର ପୂର୍ବପୁରୁଷ ଜମିଦାର ଥିଲେ । କିନ୍ତୁ ଜମିଦାରି ଉଚ୍ଛେଦକୁ ତାଙ୍କ ପିତା ସହଜରେ ଗ୍ରହଣ କରିଥିଲେ । ଶିକ୍ଷା ସଂସ୍କୃତି ତଥା ବ୍ୟକ୍ତିତ୍ୱ ଗଠନରେ ନିଜ ପରିବାରକୁ ନିୟୋଜିତ କରିଥିଲେ ।

ସିଂହ ସାହେବ ବି ଏଲ ଡିଗ୍ରୀ ହାସଲ କରିବା ପରେ ଦିଲ୍ଲୀରେ କିଛି ଦିନ ପ୍ରାକ୍ଟିସ କରି ଗାଁକୁ ଫେରିଥିଲେ । ପିଲାମାନେ ତାଙ୍କର ବିଦେଶରେ ।

ବାହାର ପୋର୍ଟିକୋରେ ଦୁହେଁ ବସିଥିଲୁ ।

ସେ କହୁଥିଲେ, "ଆପଣ ଯୋଉ କାହାଣୀ ଲେଖୁଛନ୍ତି ମୋ ଚିନ୍ତାଧାରା ତା ଭିତରେ ଭର୍ତ୍ତି କରନ୍ତୁ । ମୁଁ ତାଙ୍କ ମୁହଁକୁ ଚାହିଁଲି । କହିଲେ, 'ପରୀକ୍ଷା ମୂଳକ' ଏତିକି ବେଳେ ରବି ନାରାୟଣ ଆମ ଦୁହିଁଙ୍କୁ ନମସ୍କାର କରି ଚାଲିଯାଉଥିଲେ । ଗାଁରେ ଥିବା ସଂପତ୍ତି ଦେଖାଦେଖି

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

କରେ । ସେଦିନ ଏକ ଭୟାତୁର ଭାବ ରବି ମୁହଁରେ ଲକ୍ଷ୍ୟ କରି ସିଂହ ସାହେବ ଡାକିଲେ, "ରବି, କିଛି ଅସଂଗତ ଘଟଣା କି ?"

ରବି ପାଟିରୁ ବାହାରି ପଡିଲା, "ଆଜ୍ଞା, ବାଘ ମାତିଛି ପରା । ସେ ଯୋଉଁ; କାଳିସ୍ୱାଇଁ ଗାଁ ଉପକଣ୍ଠର ମୋର ଦି ଏକର ଜମି କିଣିବ ବୋଲି ମୋ ଘରେ ଟଙ୍କା ଫିଙ୍ଗିଂଦେଇ ଯାଇଥିଲା । ମୁଁ ବିକିବାକୁ ମନା କଲାରୁ ମୋତେ ମାରଧର କରୁଛି ।"

ରବି ବୋଧହୁଏ କହିବାକୁ ଚାହୁଁ ନଥିଲା କିନ୍ତୁ ତା ମୁହଁରୁ ଆପେ ବାହାରି ଆସିଲା ।

ରବି ଫଣଫଣ କରି ଚାଲିଗଲା ।

ରବି ଗଲା ପରେ ଘଟଣାରେ ଅନୁସନ୍ଧାନ କଲେ ।

କାଳିସ୍ୱାଇଁ ରବିର ଜମି କଳେ ବଳେ ଅକ୍ତିଆର କରିବା ଚାହୁଁଛି । ଏଥିପାଇଁ ରବିକୁ ଅନେକ ଥର ମାରଧର କଲାଣି । ରବି ପୋଲିସର ସାହାଯ୍ୟ ଚାହୁଁଛି ଲାଭ ମିଳିଲା ପରି ଲାଗୁନି । କାଳିସ୍ୱାଇଁ ଏ ଅଞ୍ଚଳର ଡନ୍ କି ଗବରସିଂଥିଲା । ବଳିଷ୍ଠ ଚେହେରାର ମଣିଷଟା । ବାଦଶାହା ଜୀବନ । ଖୋଲା ଦାମୀ ଜିପ୍ ରେ ବୁଲେ । ପଛରେ ଦୁଇଟି ଆଲ୍ସେସିଅନ କୁକୁରକୁ ଧରି ଭୀମକାୟ ବ୍ୟକ୍ତି ଦୁଇଜଣ ଅଗଂରକ୍ଷୀ ପରି ତା ସହିତ ରୁହନ୍ତି । ପୋଲିସ, ଅଫିସର, ରାଜନୈତିକ ନେତା ଯୋଉ ଦଳର ହୁଅନ୍ତୁ କାଳିସ୍ୱାଇଁ ହିଁ ହାଇକମାଣ୍ଡ । ପଇସାରେ କିଣି ପକାଏ । କଣ୍ଟ୍ରାକ୍ଟରୀ ହଉ ଜମି କିଣାବିକା ସରକାରୀ ବେସରକାରୀର ସବୁ ଡିଲ ତା ଇଶାରାରେ ହୁଏ । ତାର ଗୁଣ୍ଡାଗିରି ଏବେ ରାଜ୍ୟ ବାହାରକୁ ବି ବ୍ୟାପିଲାଣି । କାଳିସ୍ୱାଇଁ ଏବେ ସବୁଠୁ ବଡ ବିଲ୍ଡର ।

ସେ ଦିନ ତାଙ୍କ ଦରବାର ମହଲରେ (ଏବେ ବି କୁହାଯାଏ) ସିଂହସାହେବ ମୁଁ ବସିଛୁ । ତାଙ୍କ ପୂର୍ବ ପୁରୁଷଙ୍କ ବଡ ବଡ ଅଏଲପେଣ୍ଟିଂ ସବୁ କାନ୍ଥରେ ଏବେବି ଟଙ୍ଗା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୋଇଛି । ତଳେ ଶିକାର କରିଥିବା ବାଘର ଚିତ୍ର । ସିଂହସାହେବ ପଚାରିଲେ, "ଆପଣ ଜିମ କାରବେଟଙ୍କ ଶୀକାର ଗପ ପଢ଼ିଛନ୍ତି ?"

ମୁଁ କହିଲି, "ହଁ, ଗୋଟେ ଦି'ଟା ପଢ଼ିଛି । କୋର୍ସରେ ବି ଥିଲା ।"

ସିଂହସାହେବ କହିଲେ, "ପୂର୍ବପୁରୁଷଙ୍କ ଡାଏରୀ ପଢ଼ିଛି । ସେମାନେ ଶୀକାର ପ୍ରିୟ । ମଣିଷ ଖିଆ ବାଘ ଶିକାର । ଜିମ କାରବେଟଙ୍କ ଗପ ପରି ସତ ଏବଂ ଆଡଭେଞ୍ଚର ବି । ମୋ ଜୀବନରେ ବାଘ ଶିକାର କରିନି ଏପ୍ରକାର ଆଡଭେଞ୍ଚର ପଢେ ।"

ଠିକ୍ ଏତିକି ବେଳେ କାଳିସ୍ୱାଇଁ ରାଜମହଲ ହତା ମଧ୍ୟକୁ ପ୍ରବେଶ କରିଥିଲା । ଅବଶ୍ୟ ଗ୍ରେହାଉଣ୍ଡ କୁକୁର କାଳିସ୍ୱାଇଁର ଜିପ୍ ଅଙ୍ଗରକ୍ଷୀ ଏବଂ କୁକୁରକୁ ହତା ଭିତରକୁ ଛାଡିଲାନି । ବେପାରୁଆ ଚାଲିରେ ଭିତରକୁ ଆସି ନମସ୍କାରଟେ ଫିଙ୍ଗିଦେଇ ବିନା ଅନୁମତିରେ ସୋଫା ଉପରେ ବସି ପଡିଲା । ସିଂହସାହେବ ତା ଆଡ଼କୁ ଅନାଇ ଥିଲେ । ଯଦିଓ ତାଙ୍କର ମାର୍ଜିତ ବ୍ୟବହାର କିଛି କହିବାକୁ ଦେଲାନି ତଥାପି ଚାହାଣିରେ ସ୍ୱଷ୍ଟ କହୁଥିଲା ।

ବିନା ଉପକ୍ରମରେ କାଳି କହିଲା, "ଆପଣଙ୍କ ଉଆସର ପେଣ୍ଟିଂ ଦାୟିତ୍ୱ ଆମକୁ ଦଉ ନାହାଁନ୍ତି ସାର୍ ? ବର୍ଗଫୁଟ ପିଛା ଆପଣ ଯେତେ ଦେଉଛନ୍ତି, ଆମେ ଅଧାମୂଲ୍ୟ ନବୁ । ଲାଭକ୍ଷତି ଅପେକ୍ଷା ଏ କଣ୍ଟ୍ରାକ୍ଟ ମହତ୍ତ୍ୱପୂର୍ଣ୍ଣ ।"

କାଳିସ୍ୱାଇଁର ଉଦ୍ଦେଶ୍ୟ ଯେ ଅନ୍ୟକିଛି ସିଂହସାହେବ ବୁଝିଗଲେ । କହିଲେ, "ବର୍ଗଫୁଟ ହିସାବରେ ଏ ଛାତ କାନ୍ଥ ହୋଇଯିବ କିନ୍ତୁ ଏ ପିଲର ଡିଜାଇନ ଏସବୁ ମାପି ପାରିବ ?"

କିଛି କହିବାକୁ ଯାଉଥିଲା -ମୁହଁଟା ଲାଲ ଦେଖାଯାଉଥିଲା କାଳି ସ୍ୱାଇଁର-କଳା ସାମ୍ରାଜ୍ୟର ବାଦଶାହା  ସିଂହସାହେବଙ୍କ କଥାରେ ଚଟକଣିଟିଏ ଖାଇଲା ପରି ଅନୁଭବ କଲା । ସିଂହସାହେବ କହିଲେ, "ଦେଖ, ପୁରା ମହଲାର ମରାମତି ଏବଂ ରକ୍ଷଣାବେକ୍ଷଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଡିଏ ବର୍ଷ ପାଇଁ ଦିଲ୍ଲୀ ଗୋଟିଏ କମ୍ପାନୀ ସହ ଚୁକ୍ତି ହେଇଛି । କୋଉଟା ପ୍ରତି ବର୍ଷ ରଙ୍ଗ ହବ ଏବଂ ରଙ୍ଗ ଛଡାଯିବ, ସେମାନେ ଜାଣନ୍ତି ।"

କାଳିସ୍ୱାଇଁ ହୁଏ ତ ହିତାହିତ ଜ୍ଞାନ ଶୂନ୍ୟ ହୋଇଯାଆନ୍ତା । ସିଂହସାହେବ ସତୁରି ବର୍ଷ ପାରି କରିଥିଲେ ବି ଏକ ବଳିଷ୍ଠ ଚେହେରା ଆଗରେ ସାହସ କଲାନି । କହିଲା, "କାଳିସ୍ୱାଇଁର ପରୀକ୍ଷା ଖାତା ଯେ ଦେଖେ ସେ ହିଁ ଲେଖେ । ଆଉଥରେ ପରୀକ୍ଷା ବି ହେଇପାରେ ।"

କାଳିସ୍ୱାଇଁ ଫଁ ଫଁ କରି ଚାଲିଗଲା ।

ଆଉ ଦିନେ ସିଂହସାହେବଙ୍କ ପାଖକୁ ଖବର ଆସିଲା ସେ ରଙ୍ଗ ଦେବାକୁ ଆସିଥିବା ଲୋକ ସବୁ ଫେରିଗଲେ । ଆମ ଆଲୋଚନା ବାଘ ଶିକାର ଉପରେ ହିଁ ଚାଲିଥିଲା । ବାଘ ଶିକାରର ଗୋଟିଏ ବିଶେଷତା ହେଲା, ଶିକାର ପୂର୍ବରୁ । ମୋଟେ ଜାଣି ପାରେନି । ଶିକାର ପରେ ଶିକାରୀ ମୋଟେ ସୁରାକ ଛାଡେନି । ଜିମ କାରବେଟ ବି ତାଙ୍କ ଶିକାର କାହାଣୀରେ ଲେଖିଛନ୍ତି । ମଣିଷ ଖିଆ ବାଘ ମାରିଲା ପରେ ବି ସେ ନ କହିବା ପର୍ଯ୍ୟନ୍ତ କେହି ଜାଣନ୍ତି ନାହିଁ ବାଘ ମରିଛି ବୋଲି । ଉଦାହରଣ ଅଛି ବାଘ ଶିକାର ପରେ ବାଜାବଜାଇ ବାଘର ମଢାଧରି ଗାଁକୁ ଗାଁ ବୁଲାଯାଏ । ଦେଢବର୍ଷ ଦିବର୍ଷ ହବ ଗାଁର କେହି କାଳିସ୍ୱାଇଁକୁ କି ତା ଜିପ୍ ତା ଅଗଂରକ୍ଷୀ କି ତା କୁକୁରକୁ କେହି ଦେଖି ନାହାନ୍ତି ।

ଅବଶ୍ୟ କାଳିସ୍ୱାଇଁ କ୍ଷେତ୍ରରେ ଏହା ନୂଆ ନୁହଁ । ତା ନାମରେ ଅନେକ ମକଦ୍ଦମା । ମର୍ଡର କେସ୍ ବି ଅନେକ ଥିଲା । ତଥାପି ତା ନିଜ ଲୋକ ବି କିଛି କହିପାରୁ ନଥିଲେ ।

ତା ଜିପ୍ କୁକୁର ତା ଅଗଂରକ୍ଷୀ ହତା ଭିତରେ ଥିଲେ । ଭୟଟା ଏବେବି ସତେଜ ଅଛି ଗାଁରେ । ଏଇ କେଇଦିନ ହବ ଅପନ୍ତରା ପାଖରୁ କେହି କେହି କାଳିସ୍ୱାଇଁ ବ୍ୟବହାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୁଥିବା ସୁନାଚେନ୍ ଲକେଟ୍ ବ୍ରାସଲେଟ ମୁଦି ପାଇଥିବା ଗୁଜବ ଉଠିଛି । ପ୍ରାୟ ଦି'ବର୍ଷ ତଳେ ପୋଲିସ ସେ ପାଖାପାଖି ରେ ଗୋଟେ ମଣିଷ କଂକାଳ ପାଇଥିଲେ । ସେଥର ପ୍ରାୟ ଅଢେଇ ବର୍ଷ ପରେ ସିଂହସାହେବ ବୋଧହୁଏ ଗାଁକୁ ଆସିଲେ । ମୋତେ ଡକାଇଲେ । ମୁଁ ଗଲି । ଏଥର ଦରବାର ହଲରେ ନୂଆଁ ପେଣ୍ଟିଂଟିଏ ଲାଗିଥିଲା । ବହୁତ ସୁନ୍ଦର ଏବଂ ଜୀବନ୍ତ । ଦେଖିଲେ ଭୟ ଆସୁଥିଲେ ବି ସେଥିରେ ଲେଖା 'ବାଘ ମାତିଥିଲା' ମନକୁ ଆଶ୍ୱସ୍ତ ଦଉଥିଲା ।

ସିଂସାହେବ କହିଲେ, "ଇଂଲଣ୍ଡରେ ଚିତ୍ରଟି ବରାଦ ଦେଇଥିଲି ।"

ପଚାରିଲେ, "ଆପଣ ନୂଆ ଏବଂ ଭିନ୍ନ ଧାରାର କାହାଣୀଟେ ଲେଖିବା କହୁଥିଲେ ?"

"ସତ ଉପରେ ଆଧାରିତ ନା କାଳ୍ପନିକ ?"

"ସମ୍ପୂର୍ଣ୍ଣ ମିଛ ଏବଂ ଉଦ୍ଭଟ ।"

ମୁଁ ପଚାରିଲି, "ଏ କାହାଣୀଟି ନୁହଁ ତ ?"

"ଶୀର୍ଷକ କଣ ରଖିବା"

"ବାଘ ମାତିଥିଲା"

ସେ ମନାକଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି ଅର୍ଘ୍ୟ



ହୃଷିକେଶ ସ୍ୱାଇଁ

ଆଜି ଏଗାର ଦିନ । ଘର ଭର୍ତ୍ତି ପୂଜା ଧୂପ ଆଉ ଫୁଲର ବାସ୍ନା । ଜଣ ଜଣ କରି ସମସ୍ତେ ପୁରହିତଙ୍କ ସମ୍ନାକୁ ଆସି ତାର ଆସନରେ ରଖା ତା'ର ଫୋଟୋକୁ ପ୍ରଣାମକରି ଯାଉଥାନ୍ତି । ଧୀରେ ସେଠୁ ଉଠିଆସି ପଛପଟ ପିଣ୍ଡା ଦେଇ ରୋଷେଇଘର ଆଗରେ କାଠ ଚଉକିରେ ବସି ପଡିଲି । ପୁରହିତଙ୍କ ମନ୍ତ୍ର ଧୀରେ ଧୀରେ ଅସ୍ପଷ୍ଟ ହୋଇ ଆସୁଥିଲା । ହେଲେ ପାଖରେ ଡେରା ହେଇଥିବା ଶିଳଟା ସତେ ଯେମିତି ସକ୍ରିୟ ହେଇ ଉଠୁଥିଲା । କାଲିଭଳି ବିଗତ ଦିନର କଥାସବୁ ଜୀବନ୍ତ ହେଇ ଉଠୁଥିଲେ । ବଡ଼ମା'ର ଆକଟ, "ଚଉକିରୁ ଓହ୍ଲାଇବୁ ନାହିଁ କହିଦେଉଛି ।" ତା'ର ହାତ ଶିଳପୁଆ ଉପରେ ଆହୁରି ବେଗରେ ଚାଲେ - "ତୁ ଆସିବୁ ବୋଲି କାଲିଠୁ ବିରି ବତୁରେଇଛି ରଖିଛି ।" ମତେ ଆଗେ ତୁ ସବୁ ଖବର ଗୋଟି ଗୋଟି କରି କହ, ଯେମିତି ପିଲାଦିନେ ସ୍କୁଲରୁ ଫେରି ସବୁ ଖବର, ନିଜେନିଜେ ଟିକି ନିଖ ବଖାଣୁଥିଲୁ - "ମନେ ଅଛିନା ?" "ହଉ ଶୀଘ୍ର କର...." ବୋଲି ମୋ ପାଟିରୁ ହଠାତ ବାହାରି ପଡିଲା । ଚକୁଳି ପିଠାର ବାସ୍ନା ସାଙ୍ଗରେ ତା ହାତର କାଚର ଝଣଝଣ ଶବ୍ଦ ବହୁତ ପାଖରୁ ଶୁଣିପାରୁଥିଲି ।

ଜୀବନରେ ଏପର୍ଯ୍ୟନ୍ତ ତାକୁ ଏତେ ପାଖରେ କେବେ ବି ଅନୁଭବ କରି ନଥିଲି ।

କଲିକତା, ଭ୍ରାମ୍ୟଭାଷ : ୯୮୮୩୩୨୫୪୦୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂଣ୍ୟତିଥିର ନିଃସ୍ୱ ଅତିଥି



ଯାଜ୍ଞସେନୀ ହୋତା

ସକାଳୁ ସକାଳୁ କାଉର ରାଉ ରାଉ ଶବ୍ଦଟା ଆଜି କାହିଁକି ଖୁବ୍ ମିଠାମିଠା ଲାଗୁଥିଲା ମୋତେ । ରାସ୍ତା ସେପଟେ ଇଲେକ୍ଟ୍ରିକ୍ ଖୁଣ୍ଟରେ ରାବୁଥିବା କାଉଟି ଆଜିମୋ ଫାଟକ ପାଖ କାନ୍ଥରେ ଲାଇଟ୍ ପାଖେ ବସି ଭାରି ସୁଆଗିଆ କଣ୍ଠରେ ରାବୁଛି ।

ଅଣ୍ଡାଳିଲି ହଟ୍ କେଶ, ନଥିଲା ବି ବାସିରୁଟି ଖଣ୍ଡେ । ଡବାରୁ ମେରିଗୋଲ୍ଡ ବିସ୍କିଟ୍ ଦିଟା ନେଇ ତଳେ ଥୋଇଲି.. ମୋ ମାଆ ଯେମିତି କହୁଥିଲା...କହିଲି କାଉରେ ଖିରି ଖା ପୁରି ..ଖା ଶୁଭ ବାର୍ତ୍ତା ଦେଇ ଉଡିଯା.... ।

କାଆ..କାଆ..

ବିସ୍କିଟ୍ ଟା ପାଟିରେ ଧରି ଉଡିଗଲା... କାଉଟି ।

କାଉ ରାବିଲେ ଅତିଥି ଆସନ୍ତି ଘରକୁ.

ଆଜିଯାଏ ମୋର ଏ ବିଶ୍ୱାସ । ହେଲେ ଆଜିକାଲିର ଏ ବ୍ୟସ୍ତତା ଭିତରେ କେହି ଏମିତି ଅତିଥି ଆସୁନାହାନ୍ତି ଘରକୁ ଯିଏ ଦିନେ ଦି ଦିନ ରହିବେ ।

ଗାଆଁ ରେ ଥିଲା ବେଳେ ବାଡିପଟେ ସଜନା ଡାଳେ କାଉ ରାବିଲେ ଶାଶୁ କହନ୍ତି ଦେଖ ଆଜି ତୋ ବାପା ଆସୁଥିବେ ।..ଧାଇଁ ଯାଏ ବାଡିପଟେ । କାଉର କର୍କଶ ସ୍ୱର ଖୁବ୍ ମିଠା ଲାଗେ ସେଦିନ । ବଡ ପରିବାର । କେହିନା କେହି ତ ଆସନ୍ତି ଘରକୁ । ପ୍ରତିଦିନ ଦି ମୁଠା ଚାଉଳ ଅଧିକ ପଡେ ହାଣ୍ଡିରେ । କାଉ ଘରଛାତରେ କି ଦୁଆରେ ରାବିଲେ ଆଉ ମୁଠେ

Magazine Downloaded from www.aahwaan.com

ଅଧିକ ପଡେ । । ।

ନୂଆଁ ନୂଆଁ.. ହଠାତ୍ ପହଞ୍ଚି ଯାଆନ୍ତି ବାପା । ଲମ୍ବା ଟାୱାର୍ ବାଲା ଲେଣ୍ଡ ଫୋନ୍ ଟା ଅବଶ୍ୟ ଥିଲା ...ହେଲେ ସବୁବେଳେ ଧରେନା । । ବାପା ବି ଫୋନ୍ କରିବା ଆବଶ୍ୟକ ମନେକରନ୍ତିନି,, ସେ ଆମ ଘରେ ଖାଆନ୍ତିନି .. କନ୍ୟାଦାନ କରିଥିଲେ ବୋଲି. । ।ଘରୁ ଖାଇକି ଆସନ୍ତି । ମୋଟର୍ ସାଇକେଲ୍ ରେ ଦାଦାପୁଅ ନହେଲେ ସାଇ ପଡିଶା ଭାଇ ଦାଇ ଜଣଙ୍କୁ ନେଇ ଆସନ୍ତି ସାଙ୍ଗରେ..। ଜଣକ ପାଇଁ ଆମଘରେ ସବୁବେଳେ ଗୋଟେ ମିଲ୍ ହେଇଯାଏ । ।  ।

ଆମ ରୋଷେଇ ଘର ଝରକାରୁ ଦେଖାଯାଏ , ତୃତୀୟ ଶ୍ରେଣୀର ଚିତ୍ର ପୁସ୍ତିକା ରେ ଥିବାଭଳି ଗାଆଁସେ ମୁଣ୍ଡର ଆମ୍ବତୋଟା, । ସେଠୁ ଲମ୍ବିଥାଏ କଚା ରାସ୍ତାଟିଏ ଆମ ବାଡି ଯାଏ । । ଦୁଇକଡେ ଧାନବିଲ, ସେତେ ଦୁରରୁ ଦେଖାଯାଏ ବାପାଙ୍କ ମୋଟର ସାଇକଲ୍ । ପୁରୁଣା ମୋଡେଲ୍ ରାଜଦୂତ ଗାଡି । ।

ବାଡି ପଟୁ ଆସନ୍ତି ବାପା । ଗେଲ୍ହି..ଝିଅ ମୁଁ ତାଙ୍କର । । ବେଶି ବ୍ୟବଧାନ ରହିବନି ବୋଲି ଶାଶୁଘର ବାଛିଛନ୍ତି ପାଖରେ  । ଆପଦ ବିପଦରେ ଯେମିତି ପହଞ୍ଚି ପାରିବେ ସାଙ୍ଗେ ସାଙ୍ଗେ । ।ତାଙ୍କ ହସହସ ମୁହଁ ପୁରା ନାଲି ପଡିଯାଏ ମୋତେ ଦେଖୁଦେଖୁ । । କଣ୍ଠ ରୁଦ୍ଧ ହେଇଯାଏ ତାଙ୍କର ..  । ମୁ ଚାହିଁ ପାରେନା ତାଙ୍କ ମୁହଁକୁ ।  । । ଆମ ବାପଝିଅଙ୍କ ମିଳନ ପର୍ବ ଟା ଲୁହରେ ଆରମ୍ଭ ହୁଏ । । ଯାହା ଅନ୍ୟମାନଙ୍କୁ ପାଇଁ ଥଟ୍ଟା ର ଖୋରାକ୍ ଯୋଗାଏ । ।

ଶଶୁର ଖୁ' ହସନ୍ତି..ବାପାଙ୍କୁ ଦେଖି ଖୁସି ହେବା କଥା ନା କାନ୍ଦିବା.. କଥା ? ? ?ହେ ହେ.. ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପା ପିଅନ୍ତି ଚା' କପେ.. । ସାଙ୍ଗରେ ଆସିଥିବା ପିଲା..ଆମଘରର ହାଲ୍ ଚାଲ୍ ଆଦବ୍ କାଇଦା ,ଖାଇବାପିଇବା, ଚାକର ବାକର ଦେଖି ହତବିମ୍ବ ହେଉଥିବା ବେଳେ ଅବଶ୍ୟ ବାପାଙ୍କ ମନଟା କୁଣ୍ଢେମୋଟ ହେଇଯାଏ..ହେଲେ ସେ ଏକ ନିରିହ ଦୃଷ୍ଟିରେ ଚାହିଁ ରହନ୍ତି ମୋତେ ଆଉ ପଚାରନ୍ତି ଖାଇଲୁଣି ମାଆ ? ? ?

ଖାଇବି । ।

ଏତିକିରେ ମୁହଁ ତାଙ୍କର ମଳିନ ପଡିଯାଏ । । ଦି ବର୍ଷର ହେବାଯାଏ ଚାଲିବା.. ଶିଖିବା କୁ ଦେଇନଥିବା, ମୋର ବିରାମହୀନ ଚଳଚଞ୍ଚଳ ପାଦ ଦେଖି ବୋଧେ ଭାରି କଷ୍ଟ ପାଆନ୍ତି ସେ । ଟିକେ ଫାଙ୍କ ଦେଖିଲେ ଚାଲିଆସନ୍ତି ମୋ ପାଖକୁ । । ଆଉଁଷି ଆଣନ୍ତି ମୁଣ୍ଡରୁ ।

ନାନା ଅଭିଯୋଗ ଥାଏ ତାଙ୍କର ମୋ ଉପରେ..

କଳା ପଡିଯାଉଛୁ ।

ଝଡି ଗଲୁଣି ଭାରି

ବାଳ ସବୁ ଝଡିଯାଉଛି ? ?

ଦେହ ପା ଟିକେ ଯତ୍ନ ନେଉନୁ ? ?ଗୋଇଠି ଫାଟ ଧରିଲାଣି । ।

ହସ ମାଡେ..ସବୁ ବାପାଙ୍କ ଆଖିରେ ଝିଅମାନେ ଶାଶୁ ଘରେ କଣ ଏମିତି ଦେଖା ଯାଆନ୍ତି ? ?

ନା ...ମୋ ବାପା ମୋତେ ଏତେ ଭଲ ପାଆନ୍ତି ବୋଲି ? ?

ମୁଁ କେବେ ପତଳା ହୁଏନା..ଯେତେ ଚାହିଁଲେବି ।ମୁଳରୁ ତ ଗୋଲ୍ ।

କେବେ ଗୋରୀ ଥିଲିକିମୁଁ ? ?

ନାତ ! !ବାଳ ମୋର ସେମିତି ଅଛି । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କହେ...

ନା ବାପା ମୁଁ ଠିକ୍ ଅଛି । ।

ବାରମ୍ବାର ହାତ ବୁଲେଇ ଆଣନ୍ତି ମୁହଁରେ ହାତରେ ।

ସେଇ ସ୍ୱର୍ଶ ଆଜି ବି ମନେପଡିଲେ.. ଦେହରେ ଜୀବନୀ ଶକ୍ତି ଖେଳେଇଦିଏ । । ଆଖି ଜକେଇ ଆସେ । ।

ମାଆଟା ଭାରି ଜଞ୍ଜାଳି ,, ସଂସାର ଯାକର ବୋଝ ମୁଣ୍ଡେଇ ଥିବ । ।ଆସି ପାରେନା ବେଶୀ ।

**

ମନ ଟା ଗୋଳେଇ ଘାଣ୍ଟି ହେଉଛି  । ।

ଆସିନ୍ତେ କି ବାପା...ମାଆକୁ ସାଙ୍ଗରେ ଧରି ?ଏବେ ସହରରେ ଘରମୋର । । ସମ୍ପୂର୍ଣ୍ଣ ସ୍ୱାଧିନ...

ଜଞ୍ଜାଳ ମୁକ୍ତ ମୁଁ ଆଜି । । ତାଙ୍କ ମନମୁତାବକ ରାନ୍ଧି ପାଖରେ ବସେଇ ପରଷି ଦିଅନ୍ତି । ।ଧନ୍ୟ ହେଇଯାଆନ୍ତା ଘର ମୋର । ।

ହେଲେ..ଏ କଥା ତ ଚରମ ସତ୍ୟ ..ସେମାନେ କେବେ ଆସିବେନି । ଜଣେ ଦଶ ବର୍ଷ ଆଉ ଜଣେ ଛଅ ବର୍ଷ ହେଲା ଆମ ମୁଣ୍ଡ ଉପରୁ ତାଙ୍କର ଅଭୟ ହାତ ଉଠେଇନେଲେଣି । । ଅନେକ ଦିନ ହେଲା ଆମେ ନିଃସ୍ୱ ହେଇଗଲୁଣି । ।

ଯେତେ ସମ୍ପତ୍ତି ଥିଲେ ବି ମାଆ ବାପାଙ୍କ ଆଶିଷ ବିନା ପୁଅଝିଅ ସତରେ ..ନିଃସ୍ୱ । ।

ତେବେ ମୋର ଆସିବେକି ଏମିତି ନିଜର କେହି  ? ? ? ପକେଇ ଥିବି କି ଚାଉଳ ମୁଠେ ହାଣ୍ଡିରେ ? ? ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଲିଂ ବେଲ୍ ଟା ବାଜିଉଠିଲା । ଉଦ୍ୱିଗ୍ନ ହୋଇଉଠିଲା ମନମୋର । । ଧାଇଁଲି ଅତର୍ଚ୍ଛା । । ଏକ ଦେବୀ ମୂର୍ତ୍ତି ଛିଡା ମୋ ଦୁଆରେ । । ହଠାତ୍ ଚିହ୍ନି ନପାରିଲେବି ଏ

ଗୋଟେ ଅତିଆପଣାର ମୁହଁ ନିଶ୍ଚୟ । ଆଶ୍ଚର୍ଯ୍ୟ ହେଲି । ।

ଏତ ହିମାଦ୍ରୀ ଦିଦି । ।

! ! !ଦିଦି

ପାଦ ଛୁଇଁଲି । ।କୋଳେଇ ନେଲେ ମୋତେ । । କି ଭାଗ୍ୟ ଆଜିମୋର.. ? ? ଖୁସିରେ ତଳେ ପାଦ ଲାଗୁନି ।ହିମାଦ୍ରୀ ଦିଦି ! ! ! ପୁଣି ଏକା । । କଣ ବସ୍ ରେ ଆସିଥିବେ ? ? କି କାମ ବା ତାଙ୍କର ମୋଠି ? ? ନା ନା କିଛି ପଚାରିବା ଅସଜୌନ୍ୟତା ହେବ । ସୋଫାରେ ବସେଇ ଚା' ଜଳଖିଆ ନେଇ ଆସିଲି । ମୁଣ୍ଡ ହଲେଇ ଦେଲେ । ।

! ଥାଉ ...କିଛି ଆବଶ୍ୟକତା ନାହିଁ ୟାର..

ଖାଇ ନେଇଛି ମୁଁ । ତୁ ଖୁବ୍ ମନେ ପଡିଲୁତ....ଚାଲି ଆସିଲି । ।

କୋଡିଏ ବର୍ଷ ତଳେ ହାଇସ୍କୁଲ୍ ଛାଡିଥିଲି ।

ତାଙ୍କର ବି ବଦଳି ହେଇଯାଇଥିଲା କୁଆଡେ..

ଦେଖିବାର ସୁଯୋଗ ମିଳିନଥିଲା ସେଇଦିନୁ । ।ଆଉ ଆଜି ମୁଁ ,ଆଉ ମୋ ଠିକଣା , ଏତେ କଥା ହିମାଦ୍ରୀ ଦିଦିଙ୍କ ମନେ ପଡିବା କଥା... କେମିତି ଅଡୁଆ ଲାଗୁଥିଲେ ବି.. ଏତ ସେ ହିଁ ଅଟନ୍ତିନା ? ?

ତାଙ୍କ ମୁହଁକୁ ଅନେଇଲି..ସେଇ ପଦ୍ମପାଖୁଡା ପରି ମୁହଁ ଆଜିବି ଝଟକୁଛି, ମୁଣ୍ଡରେ କେତେ କେରା ଧଳାବାଳ ଅସ୍ତ ବ୍ୟସ୍ତ । ଦେହରେ କେତେ କାଳର ସେଇ ପିଓର୍ସିଲ୍କ ଶାଢ଼ୀ, ହାତରେ ଦିପଟ ଶଙ୍ଖା, ମୁଣ୍ଡରେ ଦାଉଦାଉ କରୁଛି ସିନ୍ଦୁର ଟୋପା । ।

Magazine Downloaded from www.aahwaan.com

ଶୈଳବାଳା ମହିଳା ମହାବିଦ୍ୟାଳୟରୁ ଗଣିତରେ ସ୍ନାତକୋତ୍ତର ସାରି ଆସି ଆସିଥିବା ଏଇ ହିମାଦ୍ରୀ ଦିଦିଙ୍କୁ...

ଦାମୀ ଶାଢୀ,ମୋଟା ମୋଟାମୋଟା ସୁନା ଚୁଡି, ଗାଢ ଲିପଷ୍ଟିକ୍ ରେ ସର୍ବଦା ଚକ୍ ଚକ୍ କରୁଥିବା ଓଠ ଆଉ ସିଲ୍କି ବାଳ ର ଲୁକ୍ ନେଇ.. ପରିମିତି ର ଫର୍ମୁଲା ସମାଧାନ କରିବା ଦୃଶ୍ୟ ଯିଏ ଦେଖିଛି, ତାଙ୍କ ସହ କଥା ହେବାର ସାହସ କରିପାରେନା । । ଯେତେ ବେଳେ ତାଙ୍କ ପୁଅଝିଅଙ୍କ ଇଂରେଜୀ ପାଠ ଆଉ ଟେଲେଣ୍ଟ କଥା ବଖାଣନ୍ତି , ପୁରା ଗବ ପାଲଟି ଯାଉ ଆମେ ସବୁ । ।

ମୋ ସବୁ ସାଙ୍ଗଙ୍କ ପାଇଁ ସେ ଥିଲେ ଚଣ୍ଡୀ , ଗର୍ବୀ ଦିଦି । ।ମୁ ଟା ଗଣିତ ଟିକେ ଭଲ କରେ ବୋଲି ତାଙ୍କ ହୃଦୟରେ ଯାଗାଟିଏ ପାଇଥାଏ । ।

ବେଳେ ବେଳେ ତାଙ୍କ ଘରକୁ ବୁଲି ଯିବାକୁ, ତାଙ୍କ ପିଲାଙ୍କ ସହ ଖେଳିବାର ସୌଭାଗ୍ୟ ଟା ଯୋଗାଡିନିଏ । । । । । ତାଙ୍କ ଝିଅ ମୋଠୁ ସାନ ହେଲେବି ତାଙ୍କ ଘରକୁ ଟାଣିହେଇ ଯିବାର କାରଣ ଟା ତାଙ୍କ ଲେଣ୍ଡଫୋନ ଆଉ ରଙ୍ଗୀନ ଟିଭି । । ସେମାନେ ତାଙ୍କ ସମ୍ପର୍କୀୟ ଙ୍କ ସହ କଥାହେଲେ..ମୋତେ ବି ଟିକେ ସୁଯୋଗ ମିଳେ । ।

ହେଲୋ ହେଲୋ କରିବାରେ..କି ମଜା ସତେ ଫୋନ୍ ରେ ? ? ? ?

ଗାଆଁ ରୁ ଆସି ସହରରେ ପାଠ ପଢୁଥିଲି । । ଶିଖିଛି ଅନେକ କିଛି ତାଙ୍କ ପରିବାରରୁ । । କିଛି ବଞ୍ଚିବାର କଳା ଆଉ ସହରୀ ସଭ୍ୟତା ସହ ତାଳଦେଇ ଚାଲିବାର..କୌଶଳ । ସେଥିପାଇଁ ଆଜିଯାଏ ମୁଁ ଋଣି ତାଙ୍କଠି । ।

ବୋତଲ୍ ରୁ ପାଣି କାଢି ଢକ୍ ଢକ୍ ପିଇଲେ । । ମୋ ଘରେ କଣ କିଛି ଖାଇବେନି ଦିଦି ? ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂକୋଚରେ କିଛି ପଚାରିପାରୁନ ଥାଏ ମୁଁ ।

ନିଜେ ପାଟି ଖୋଲିଲେ..

ମାଆରେ ମୋ ପାଇଁ ଛତୁ ତରକାରୀ ଟିକେ କରିପାରିବୁ ? ?

ଆଉ ଗଣ୍ଡେ ପଖାଳ,, ବାସ୍ । ଅନେକ ଦିନରୁ ପଖାଳ ଖାଇନି । ।

ଏତକ । । ଏତକ ପାରିବିନି ଦିଦି ? ବଜାରରୁ ମଗେଇଲି ଛତୁ । ଯତ୍ନ ରେ ରୋଷେଇକଲି । ପଖାଳ , ଭଜା ଆଉ ଦହିବାଇଗଣ । ।

ମିଶିକି ଖାଇଲୁ । । ଗପ ସପ କରି,, ଅତୀତ ର ପୃଷ୍ଠା ଖୋଲି ଖୋଲି । । କେତେ ବେଳେ ଅନ୍ୟ ମନସ୍କ ହେଇପଡୁଥାନ୍ତି ତ କେତେବେଳେ ଭାବ ପ୍ରବଣ । ହେଲେ କାହିଁକି କେଜାଣି..ଏତେ ବଡବଡ ପାହ୍ୟାରେ ଥିବା ପୁଅଝିଅ ନାତି ନାତୁଣି ଙ୍କ କଥା କହିଲେ ନିତ ଥରେବି ? ?

ପଚାରିଲି ବି ନି ଆଗତୁରା କିଛି ପ୍ରଶ୍ନ..।

ଗଡୁ ଗଡୁ ଶୋଇ ପଡିଲେ ଶାନ୍ତିରେ । । ଟିକେ ତାଙ୍କ ମୁଣ୍ଡ କୁ ଆଉଁଷି ଦେଲି,, ମୋ କୁନୀ ଝିଅକୁ ଆଉଁଷି ଦେଲାପରି । ।

ତାଙ୍କ ମୋବାଇଲ୍ ଟା ହଠାତ୍ ରିଂ ହେଲା , ପର୍ସ ଭିତରୁ । ଅନ୍ୟର ପର୍ସ ଛୁଇଁବା ଅଭଦ୍ରାମୀ ଜାଣି ସୁଦ୍ଧା ଦେଖିଲି ଖୋଲିକି, ତାଙ୍କ ଆଗମନର ରହସ୍ୟ କାଳେ ଜାଣିହବ ବୋଲି, କଲ୍ ଟା ଥିଲା ତାଙ୍କ ଝିଅ ଏଲିଜା ର ।

ହେଲୋ..ମମି । । .....

ଏଲିଜା..ମୁଁ ସିମି ଅପାଲୋ । ।

ମନେ ରଖିଛୁଟି ମୋତେ ? ? ଟାଉନ୍ ହାଇସ୍କୁଲ୍ ପଢିଲା ବେଳେ ଯିଏ ତୋ ସବୁ ଡ୍ରଇଂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲା..

ଓଃ ସିମି ଅପା , ନମସ୍କାର ମମି ଆଜି ତୁମଘରେ ? ?

ହଁ ରେ...

ଦିଦି ମୋ ଠିକଣା କୁଠୁ ପାଇଲେ କେଜାଣି

ଭାରି ଖୁସି ଲାଗୁଛି ରେ..ମୋତେ । ।

କଣ କହିବି ଅପା, ମାଆର ମୁଣ୍ଡ ଠିକ୍ କାମ କରୁନି.. ।

ଭାଇ ତ ତା ସ୍ତ୍ରୀକୁ ନେଇ ଆମେରିକାରେ ।

ବାପା ଶଯ୍ୟାଶାୟୀ । । ପାରାଲିସିସ୍ ରୋଗୀ । ମୋ କଥାତ ଜାଣିଛ..ଟିକେ ଫୁରୁସତ୍ ନାହିଁ । ଏଥର ନୂଆଁ କମ୍ପାନି ଜଏନ୍ କଲି ବାଙ୍ଗାଲୁର୍ ରେ । ତମ ଭାଇ ଜଣେ ସାଇନ୍‌ଟିଷ୍ଟ ଖାଇବା ପିଇବାରେ ବି ଥାଏ କିଛି ବଳକା ସମୟ ସେମାନଙ୍କ ପାଇ ? ?

ଘରେ ତ ଚାକର ବାକର..ପୁଜାରୀ ଡ୍ରାଇଭର୍ । ।

ଈଶ୍ୱରଙ୍କ ନାଆ ନେଇ ବାପାଙ୍କ ସେବା କରି ରୁହନ୍ତା ସିନା..ଆଜି ଏ ଘରେ କାଲି ସେଘରେ ।

ପ୍ଲିଜ୍ ଅପା ..ତାକୁ ନେଇ ଘରେ ଛାଡିଆସ । । ଏଲିଜା କଣ୍ଠରେ ଥିଲା କିଛି ଅନୁନୟ ଆଉ ବିରକ୍ତି ମିଶା ଅନୁରୋଧ ଟିଏ ମାତ୍ର । ଏତିକିରେ ସାରିଦେଲା..ତା କର୍ତ୍ତବ୍ୟ ବୋଧେ । ।

ଯନ୍ତ୍ରବତ୍ ..ଏ ଯୁଗର ଜୀବନ ଯାତ୍ରା । ଦୌଡ, ଆଉ ଦୌଡ । ହିସାବ୍ ଏଠି ପଇସାର, ବ୍ୟସ୍ତତାର.. । ।ମୂଲ ବି ମିଳେ ନା ସମ୍ପର୍କର.. ନା କର୍ତ୍ତବ୍ୟ ର । । ।

ମଲିଟାରି ଅଫିସର୍ ସ୍ୱାମୀଙ୍କ ଅନୁପସ୍ଥିତି ରେ ନିଜ ଜୀବନ ଢାଳି ପୁଅଝିଅଙ୍କୁ ମଣିଷ କରିବାରେ ପ୍ରାଣ ପଣେ ଲାଗି ପଡିଥିବା , ପୁଅ ଝିଅଙ୍କୁ ନେଇ ସର୍ବଦା ଗର୍ବ କରୁଥିବା ,

Magazine Downloaded from www.aahwaan.com

ପ୍ରାଚୁର୍ଯ୍ୟ ରେ ଟଳମଳ, ପୁଅ ବୋହୂ ନାତି ନାତୁଣୀ ଝିଅ ଜ୍ୱାଇଁ ରେ ଭର ପୁର ସଂସାର

ଯାର..ଆଜି କଣ ନିଃସ୍ୱ ହେଇଯାଇଛନ୍ତି ସତରେ ?

ପରିଣତ ବୟସ ରେ ପୁଅଝିଅଙ୍କ ସ୍ନେହ ବୋଳା କଥା, ଟିକେ ଆଶ୍ୱାସନା, ଟିକେ ଗହଳ ଚହଳ ବ୍ୟତିରେକେ ନିଃସ୍ୱ ନୁହେଁକି ମଣିଷ ? ?

କେତେଟା ଚାକର ବାକର ଗାଡି ମଟର ସହ ଉପଭୋଗ କରିହୁଏକି ଜୀବନର ଅପରାହ୍ନ କୁ ? ?

କାର୍ ରେ ନିତି ସ୍କୁଲ୍ ଆସୁଥିବା କୋମଳାଙ୍ଗୀ ଦିଦି

ଶହେ କିମି..ବସ୍ ରେ କି ଆଶାନେଇ ଆସିଛନ୍ତି ମୋ ଠିକଣା ଖୋଜି ? ତାଙ୍କ ଶୂନ୍ୟ ଭିକ୍ଷାଥାଳରେ କି ଦକ୍ଷିଣା ଅଡାଜି ଦେଇପାରିବି ଯେ ମୁଁ ? ?

ତାଙ୍କ ଘରେ ନେଇ ଛାଡିଦେଇ ଫେରିଆସି ପାରିବି ମୁଁ...

ହେଲେ ମୋ ମନ କହୁଛି...ନା ରଖିନିଅନ୍ତି ସବୁଦିନ ପାଇଁ । । ଶୁଝି ହେଇଯାଆନ୍ତା ମାତୃଋଣ ପିତୃଋଣ..ଗୁରୁ ଦକ୍ଷିଣା..ଅର୍ଜନ କରିନିଅନ୍ତି ଅନେକ ପୂଣ୍ୟ ଜୀବନର ।

ଫୋନ୍ ଟା ଧରିଲି ..ଏଲିଜା କୁ କହିଦିଏ..ତୁ ମଉସାଙ୍କ ବ୍ୟବସ୍ଥା ଟା କରିନେ.. । ମୁଁ ଦିଦିଙ୍କ ସମ୍ପୂର୍ଣ୍ଣ ମାନସିକ ଅବସ୍ଥା ଭଲ ହେବାପରେ ଦେଖିବା । ଏବେ ଥାଆନ୍ତୁ ମୋ ପାଖରେ । ।

ତତବତେଇ ଉଠିପଡିଲେ ହିମାଦ୍ରୀ ଦିଦି । ।

ସିମିଲୋ ! ! ଦେଖତ ଏଇ ଲାଞ୍ଜିଗଡ ବସ୍ ଥିବନା ଏଇନେ ? ?

କୁଆଡେ ଯିବେ ଦିଦି ? ?

ମୋ ଭଉଣୀ ଝିଅ ସେ ନବୋଦୟ ରେ ଅଧ୍ୟାପିକା ଅଛି । ତା ପାଖକୁ ଯିବି..ଟିକେ । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏଠି ଭଲ ଲାଗୁନି ଆପଣଙ୍କୁ ? ?

ନା..ନା ବହୁତ୍ ଭଲ ଲାଗୁଛି । ।

ତେବେ ? ? ? ରୁହନ୍ତୁ ମୁଁ ଆପଣଙ୍କ ବ୍ୟବସ୍ଥା କରୁଛି । ।

ହିମାଦ୍ରୀ ଦିଦି ଏକ ବିକଳିଆ ଦୃଷ୍ଟି ରେ..ଚାହିଁ ରହିଛନ୍ତି

ମୋ ମୁହଁକୁ॥ ସେ ଦୃଷ୍ଟି , ବିଶ୍ୱାସର କି ଅବିଶ୍ୱାସର ସେକଥା ପରଖିବାର ବେଳ ନୁହେଁ ଏବେ...

ଆଜିତ ମୋ ପାଇଁ ପୂଣ୍ୟତିଥି ଟିଏ....॥

ଆସ୍ଥା ପବ୍ଲିକ୍ ସ୍କୁଲ୍

ବେଲପଡା । ୯୧୭୮୮୬୬୩୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତି ପ୍ରିୟଦର୍ଶିନୀ



ପ୍ରଶାନ୍ତ ନାୟକ

"କୈକାନୂର" ରାଜ୍ୟଟି ଆରବସାଗରର ନିକଟରେ ପଶ୍ଚିମଘାଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ. ପ୍ରାକୃତିକ ପରିବେଶର ଗନ୍ତାଘର ଓ ଶୁଦ୍ଧ ବାୟୁମଣ୍ଡଳ ସେହି ରାଜ୍ୟର ସୁନ୍ଦରତାକୁ ବର୍ଣ୍ଣନା କରିଥାଏ. ରାଜ୍ୟର ରାଜଧାନୀ ମହାନଗରୀ "ହେର୍ମାବ୍ୟାସ" କିନ୍ତୁ ସମ୍ପୂର୍ଣ ବିପରୀତ. ଜୀବନନିର୍ବାହ କରିବାକୁ ରୋଜଗାର କରିବାପାଇଁ ସେହି ରାଜ୍ୟ, କେବଳ ରାଜ୍ୟ ନୁହେଁ ସମ୍ପୂର୍ଣ ଦେଶରୁ, ଅଧିକାଂଶ ଲୋକମାନେ ସେହି ମହାନଗରୀ ଅଭିମୁଖେ ଯାତ୍ରା କରନ୍ତି. ତେଣୁ ସେହି ମହାନଗରୀଟି ଜନଗହଳିର ଏକ ଜ୍ୱଳନ୍ତ ଉଦାହରଣ. ସେଠିକାର ଲୋକମାନେ ପ୍ରତ୍ୟେକଦିନ ବଞ୍ଚିରହିବାପାଇଁ ଜୀବନ ସହିତ ସଂଘର୍ଷକରନ୍ତି. କାହାପାଖରେ ସମୟ ନଥାଏ କ୍ଷଣକ ପାଇଁ ଅଟକିଯାଇ ଜୀବନକୁ ଉପଭୋଗ କରିବାକୁ, ଏମିତିକି ବିଶ୍ଲେଷଣ କରିବାକୁ. ସମସ୍ତେ ଗତିମାନ, କେହି ଅଟକିବାକୁ ଭଲ ପାଆନ୍ତିନାହିଁ.

ରାଜଧାନୀଠୁ ଦୁରେଇଗଲେ, ପ୍ରାୟ ୫୦୦କିଲୋମିଟର ଦୂରତାରେ ପ୍ରକୃତୀର ପ୍ରକୃତ ରୂପ ଦେଖିବାକୁ ମିଳେ. ଛୋଟସହର "ଗ୍ରେତାଞ୍ଜେଲ'. ସୌନ୍ଦର୍ଯ୍ୟରେ ଭରପୁର. ଖୁବ ଉନ୍ନତ, ଏଠିକାର ଲୋକମାନେ ଏପର୍ଯ୍ୟନ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସମ୍ଭାଳି ରଖିଥିଲେ. ଗ୍ରେତାଞ୍ଜେଲ ସହରରେ ରାଜ୍ୟର ଜଣେ ଲୋକପ୍ରିୟ ସାହିତ୍ୟିକ "ଶ୍ରୀମାନ ଅଦ୍ୱୈତ କର୍ମାକର" ବାସକରୁଥିଲେ. ସେ ନାରୀମାନଙ୍କୁ ସମାଜର ଭିତ୍ତିଭୂମି ରୂପେ ବର୍ଣ୍ଣନା କରୁଥିଲେ ଏବଂ ସର୍ବଦା ନାରୀଜାତିର ଅଗ୍ରଗତି ପାଇଁ ପ୍ରୋତ୍ସାହକ କବିତା ଓ ଗଳ୍ପ ରଚନା କରୁଥିଲେ. ସେହି ମହାନୁଭବଙ୍କର ପୁତ୍ର "ନିଖିଲ" ଓ ବୋହୂ "ଖ୍ୟାତି" ପ୍ରଥମଥର ପାଇଁ ପିତାମାତା ହେବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଥିଲେ. ଜେଜେ ହେବାର ଖୁସିରେ "ଶ୍ରୀମାନ ଅଦ୍ୱୈତ କର୍ମାକର" ଈଶ୍ୱରଙ୍କୁ ଧନ୍ୟବାଦ କରୁଥିଲେ ଏବଂ ପ୍ରାର୍ଥନା କରୁଥିଲେକି ତାଙ୍କର ଗୃହରେ "ପ୍ରକୃତୀ ଦେବୀ" କନ୍ୟା ରୂପରେ ଜନ୍ମନିଅନ୍ତୁ. ନାତୁଣୀର ଆଶାରଖି ନାରୀଜାତିର ସନମାନରେ ସେ ଲେଖିଥିଲେ କେତୋଟି ପଦ:

ଆଖି ଦୁଇଟିରେ କଜଳ ଗାର,    ଓଠରେ ଲାଲୀ ପସନ୍ଦ
ସତେକି ଆଜି ସରଗରାଇଜୁ,    ଓହ୍ଲେଇ ଆସିଲେ ଚାନ୍ଦ
କଳାକେଶ କଳାବାଦଲ ପରି,    ରୋକିଦିଏ ଆଲୋକକୁ
ବିଜୁଳି ପରିକି ଓଠର ହସଯେ,    ହର୍ଷିତ କରେ ନୟନକୁ
କଥା କହିଯାଏ ସେଦୁଇ ନୟନ,    ନା ବିନା କିଛି ଶବ୍ଦକରି
ପ୍ରତିମୁହୂର୍ତ୍ତରେ ଗଢେ ନୂଆବନ୍ଧୁ,    ସ୍ନେହେ ଆଲିଙ୍ଗନ କରି
ପବନ ବେଗରେ ସେ ଆସିଥାଏ, ଚାଲିଯାଏ ସେ ଗତିରେ
ଖିଲି ଖିଲି ହସ ବାଣ୍ଟି ଦେଇଯାଏ, ଅଜଣା ସମ୍ପର୍କ ମଧ୍ୟରେ
ଦୁଃଖ ଦିଏନାହିଁ କାହା ମନରେ,    ସଦା ଦେଇଚାଲେ ଖୁସି
ଜୀବନର କଷ୍ଟ ଲୁଚେଇ ଦିଏସ,    କ୍ଷଣକେ ମଧୁର ଭାଷୀ
ପରୀରାଇଜର ପରୀଟିଏ ସେତ,    ବିଶାଳ ହୃଦୟ ଧାରୀ
ସମସ୍ତଙ୍କ ପ୍ରିୟ ହୋଇଥାଏ ସେ,    ବଡ଼ ଛୋଟ ନବିଚାରି
ଲୁଚାଇ ବେଦନା ଅନ୍ତର ମଧ୍ୟରେ,    ବିଭାସିତ ମୂଖମଣ୍ଡଳ
ସହିଯାଏ ସେ ଯେ ଭାବ ଅଭାବ,    ନଧରି ଆଖିରେ ଜଳ
ପୂଣ୍ୟ ଶକ୍ତି ତାର ସତ୍ୟ ଯେ ପଥ, ସଦା ଚାଲିଥାଏ ଆଗେ
ପୁଷ୍ପ ବର୍ଷିଥାଏ ତାର ପାଦ ତଳେ, ଉଡିଉଡି ଯାଏ ବେଗେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଅନୁଭୂତୀ ଜ୍ଞାନର ସ୍ୱରୂପ, ସେ ପ୍ରକୃତୀର ରୂପଧାରୀ

ସମ୍ବେଦନାସହ ସନମାନ ଚାହେଁ, ନଯାଉ କେବେତହାରୀ

ସେହିଁ ଆରମ୍ଭ ସେହିଁ ଶେଷ, ନାଁଟି ସୁନ୍ଦର ସେଯେ ନାରୀ

ଅଜ୍ଞାନ ଏହି ମାନବ ସମାଜ, ଯୁଗନ୍ତ ମହତ୍ୱ ନବୁଝିପାରି

ସେଯେ ସୀତା ସେଯେ ପାର୍ବତୀ, ସେଧର୍ଯ୍ୟ ସାହାସମୂରତି

ସେହିଁ ସୌନ୍ଦର୍ଯ୍ୟ ସେହିଁ ଆଦର୍ଶ, ତାବିନା ନାହିଁ ତ ପୀରତି

ପ୍ରକୃତୀ ପ୍ରିୟଦର୍ଶିନୀ...ଖୁବ ଚଞ୍ଚଳ ଓ ଚୁଲବୁଲି ଝିଅଟି, ବୟସ ପ୍ରାୟ ୨୦ରୁ ୨୨ବର୍ଷ ମଧ୍ୟରେ. କଲେଜରେ ପାଠ ପଢିବା ସହିତ ତାଙ୍କର ଅନ୍ୟଏକ ମହତ୍ୱପୂର୍ଣ୍ଣ ଦାଇତ୍ୱ ଥିଲା ଜେଜେ ଅର୍ଥାତ "ଶ୍ରୀମାନ ଅଦ୍ୱୈତ କର୍ମାକର"ଙ୍କର ସବୁ ଭଲମନ୍ଦ ଖବର ବୁଝିବା. ଏକଥା ସେ ବାଧ୍ୟବାଧକତାରେ କରୁନଥିଲେ ବରଂ ଜେଜେମାଙ୍କୁ ଦେଇଥିବା ପ୍ରତିଜ୍ଞାକୁ ମନଧ୍ୟାନ ଦେଇ ପାଳନକରୁଥିଲେ. ପ୍ରାୟ ୩ବର୍ଷ ହେଲାଣି, ଜେଜେମା ସୃଷ୍ଟିର ଆରପାରିକୁ ଚାଲିଗଲେଣି; କିନ୍ତୁ ଯିବା ସମୟରେ ସେ ଜେଜେଙ୍କର ସବୁଦାଇତ୍ୱ "ପ୍ରକୃତୀ" ମୁଣ୍ଡରେ ଲଦିଦେଇଥିଲେ. ସେହି ସମୟରୁ ଜେଜେଙ୍କର ଖାଇବା, ପିଇବା, ଔଷଧ ଇତ୍ୟାଦିର ସବୁ ଦେଖାରେଖା "ପ୍ରକୃତୀ" କରୁଥିଲେ. ପ୍ରତ୍ୟେକଦିନ କଲେଜରୁ ଫେରିବାପରେ ସନ୍ଧ୍ୟା ସମୟରେ ଜେଜେଙ୍କୁ ପାର୍କରେ ବୁଲାଇନେବା ସହିତ ନିଜ ଘରପଛରେ ଥିବା ଫୁଲବଗିଚାରେ ବହୁତ ସମୟ ବିତାଉଥିଲେ. ସେ ଜେଜେଙ୍କଠାରୁ କୁହୁକବିଦ୍ୟା ଶିଖୁଥିଲେ, ତାହାଥିଲାଯେ ଗଛଲତା ଓ ଫୁଲସହିତ କଥାହେବାର କୁହୁକ. ତେଣୁ ପ୍ରକୃତୀ ଯଦି ଫୁଲବଗିଚାରେ ସମୟ ବିତାଇ ନପାରିଲେ, ଦିନଟିର ସବୁକାର୍ଯ୍ୟ ତାଙ୍କର ସମ୍ପୂର୍ଣ୍ଣ ହେଉନଥିଲା. ତେଣୁ ଏମିତିବି ସମୟଥିଲାଯେ ସନ୍ଧ୍ୟାର ଅନ୍ଧକାର ମଧ୍ୟରେ ସେ ଟର୍ଚ୍ଚ ଧରି ଫୁଲବଗିଚାରେ ଫୁଲଗୁଡିକୁ ଦେଖିଆସୁଥିଲେ ଏବଂ ଦୁଇପଦ କଥାବି ହୋଇପାରୁଥିଲେ. ସେ କଣଯେ କଥା ହେଉଥିଲେ, ତାହା କେବଳ

Magazine Downloaded from www.aahwaan.com

ଜେଜେହିଁ ବୁଝିପାରୁଥିଲେ. ଖାଲି ସେତିକି ନୁହେଁ, ଜେଜେ ନିଜଜୀବନର ଅଭିଜ୍ଞତାରୁ ମହତ୍‌ତ୍ୱପୁର୍ଣ ଶିକ୍ଷାଗୁଡିକ ପ୍ରକୃତୀଙ୍କୁ ଶିଖାଉଥିଲେ; ସେଗୁଡିକ ମଧ୍ୟରୁ ସବୁଠୁ ଉଚ୍ଚତମ ଶିକ୍ଷାଟି ଥିଲା "ପ୍ରତ୍ୟେକ ପରିସ୍ଥିତିରେ ନିଜର ଆତ୍ମସନମାନ ରକ୍ଷାକରିବା ନିଜର ହିଁ ଦାଇତ୍ୱ ଏବଂ ଏଥିପାଇଁ ଅନ୍ୟଉପରେ ନିର୍ଭରଶୀଳ ହେବା ଆଦୌ ଉଚିତ ନୁହେଁ". ଜେଜେ ସବୁବେଳେ ଚାହୁଁଥିଲେକି ପ୍ରକୃତୀ ଆତ୍ମନିର୍ଭରଶୀଳ ହୋଇପାରନ୍ତୁ, ନିଜ ଜୀବନର ବିଚାର ନିଜେ କରିପାରନ୍ତୁ ଏବଂ ସ୍ୱାଭିମାନର ସହିତ ନିଜର ଜୀବନକୁ ବଞ୍ଚନ୍ତୁ. ଜେଜେଙ୍କ ସହିତ ଏହି ଗତ ୩ବର୍ଷର ସାଥ ଈଶ୍ୱରଙ୍କ ଇଚ୍ଛା ଅନୁସାରେ ଶେଷ ହୋଇଥିଲା. ସେହି କାଳରାତ୍ରୀର ଅନ୍ଧକାର ମଧ୍ୟରେ ହୃଦରୋଗର ଶୀକାରହୋଇ ଜେଜେ ଆରପାରିରେ ଅପେକ୍ଷାରତ ଜେଜେମାଙ୍କ ନିକଟକୁ ଚାଲିଗଲେ. ସେବେଠୁ ପ୍ରକୃତୀ ଖୁବ ଏକା ହୋଇଗଲେ. ଏହା ଦେଖି ମା "ଖ୍ୟାତି" ବହୁତ ଚିନ୍ତିତ ଥିଲେ; ତେଣୁ ସେ ପ୍ରକୃତୀ'କୁ ସାଙ୍ଗମାନଙ୍କ ଘରେ ବୁଲିଆସିବାକୁ ବାଧ୍ୟକରି ପଠାଉଥିଲେ. କିନ୍ତୁ ପ୍ରକୃତୀର ମନଯେ କେଉଁଠିବି ଲାଗୁନଥିଲା. ମନ ଯଦି କେଉଁସ୍ଥାନରେ ଶାନ୍ତରହୁଥିଲା, ତାହାଥିଲା ଘରପଛରେ ଥିବା ଫୁଲବଗିଚାରେ. ସେଥିପାଇଁ ସେ ଆଗଠୁ ଅଧିକସମୟ ସେହି ବଗିଚାରେ ବିତାଉଥିଲେ. ନିଜର ଜେଜେ ଓ ଜେଜେମାଙ୍କୁ ଖୁବ ମନେପକାଇ ସେହି ଫୁଲମାନଙ୍କ ମଧ୍ୟରେ ପାଗିଳୀପରି କେତେଯେ କଥା ହେଉଥିଲେ. ଫୁଲଗଛଗୁଡିକର ନାମକରଣ ସେ ଜେଜେଙ୍କର ପସନ୍ଦ ହିସାବରେ କରିଥିଲେ; ଗଛର ମୂଳରେ ନାମଫଳକ ଲଗାଇଥିଲେ. ଗୋଟିଏ ଗୋଲାପଗଛ "ଇନ୍ଦିରା ପ୍ରିୟଦର୍ଶିନୀ" ନାମରେ ନାମିତ କରିଥିଲେ କାରଣ "ଇନ୍ଦିରା ଗାନ୍ଧୀ" ଜେଜେଙ୍କର ପସନ୍ଦିତା ରାଜନୀତିଜ୍ଞ ଥିଲେ. ବଗିଚାର ସବୁଠୁ ମହକଦାର ଚମ୍ପାଫୁଲର ନାମ ଥିଲା "ଜାହିଦା" କାରଣ ସେ ଜେଜେଙ୍କର ମନପସନ୍ଦ ଚଳଚିତ୍ର ଅଭିନେତ୍ରୀ ଥିଲେ. ବାସ, ଏହିପରିଭାବରେ ନିଜର ଅସଲି ପରିବାର ସହିତ ବହୁତ ଜଡ ସଦସ୍ୟମାନେ ପ୍ରକୃତୀର ପରିବାରକୁ ଗଢ଼ିଥିଲେ. ଆଧୁନିକ ରୂପଧାରୀ,

Magazine Downloaded from www.aahwaan.com

ବେଶଭୂଷା ସବୁ ଆଧୁନିକ କିନ୍ତୁ ଫୁଲବଗିଚାଟି ତାଙ୍କୁ ପୁରାତନ ସମୟର ଜେଜେ ଓ ଜେଜେମାଙ୍କ ସହିତ ଯୋଡି ରଖିଥିଲା.

ବୟସର ଚିନ୍ହ ଶରୀରରେ ଦିଶିବାପୂର୍ବରୁ ପିତାମାତା କନ୍ୟାର ଋଣରୁ ମୁକ୍ତିପାଇବାକୁ ଚାହାନ୍ତି. ସେ ଅମୁଲ୍ୟ ରତ୍ନଟିକୁ କେଉଁ ମହାନ ଯୁବକଙ୍କର ମଥାରମଣୀ ରୂପରେ ସଜାଇଦେଲେ ସେମାନଙ୍କର ଦାଇତ୍ୱ ଶେଷ. ତେଣୁ ଏହି ଆଧୁନିକ ସମୟରେ ମଧ୍ୟ କନ୍ୟାକୁ ପୂର୍ଣ ସ୍ୱାଧୀନତା ନଦେଇ, ପ୍ରକୃତୀ'ର ମାତାପିତା ତାଙ୍କର ବିବାହପାଇଁ ବର ଖୋଜିବା ଆରମ୍ଭ କରିଥିଲେ. କଲେଜ ପାଠପଢା ସରିଗଲା, "ଏମକମ ଡିଗ୍ରୀ ଅର୍ଥାତ ମାଷ୍ଟର-ଇନ-କମର୍ସ" ହାସିଲ କରିଥିଲେ; ପ୍ରକୃତୀ ଚାକିରୀ କରିବାକୁ ଖୁବଇଛୁକ ଥିଲେ. ମାତାପିତା ଏହି ଯୁକ୍ତି ଦର୍ଶାଇଥିଲେଯେ ବିବାହପରେ ମଧ୍ୟ ସେ ଚାକିରୀ କରିପାରିବେ. କିନ୍ତୁ ସେମାନେ ଏହା ଭୁଲିଯାଇଥିଲେଯେ ନିଜର ଜନ୍ମଦାତ୍ରୀ ମାତାପିତାଙ୍କ ସାଥିରେରହି ଯଦି ସେ ନିଜର ସ୍ୱପ୍ନକୁ ପୂର୍ଣକରିବାର ସ୍ୱାଧୀନତା ପାଇପାରୁନାହାନ୍ତି, ତେବେ ସେ ଏକଅଜଣା ପରିବାରରେ ଅଜଣାବ୍ୟକ୍ତିର ସାଥିରେ କିପରି ସେହି ସ୍ୱାଧୀନତା ପାଇପାରିବେ. ପ୍ରକୃତୀ ଜେଜେଙ୍କୁ ଖୁବ ମନେପକାଉଥିଲେ କାରଣ ସେଥିଲେ ମାତାପିତାଙ୍କର ବିଚାରକୁ ଖାରଜ କରିବାଟା ବହୁତ ସହଜ ଥିଲା. ଏହିପରି ଭାବରେ ଆରମ୍ଭ ହେଲା ତାଙ୍କର ବରଖୋଜା. ପ୍ରାୟ ପ୍ରତି ସପ୍ତାହରେ ଭାରତୀୟ ନାରୀ ରୂପରେ ଶାଢ଼ୀପିନ୍ଧି ହାତରେ ଚାହା ଓ ସର୍ବତର ଟ୍ରେଟି ଧରି ଆଧୁନିକ ସମୟର ଶିକ୍ଷିତା ଯୁବତୀ ନିଜର ରୂପଗୁଣର ପରୀକ୍ଷା ଦେଇଚାଲିଲେ. ସୌନ୍ଦର୍ଯ୍ୟ ତ ତାଙ୍କର ନାମ ସହିତ ସମ୍ପୃକ୍ତ. ଏହି ଦୁନିଆରେ "ପ୍ରକୃତୀ"ଠାରୁ କଣ କେହି ଅଧିକ ସୁନ୍ଦର ହୋଇପାରେ. ଜେଜେ ଏହି କୁନି ପ୍ରକୃତୀଙ୍କର ନାମ ସେହି ବିଶାଳ ପ୍ରକୃତୀକୁ ଅନୁସରଣ କରି ରଖିଥିଲେ. ପିତାଙ୍କର ସମ୍ପର୍କୀୟ ବ୍ୟକ୍ତିମାନଙ୍କର ସୂଚନା ହିସାବରେ ବହୁତଗୁଡିକ ପ୍ରସ୍ତାବ ଆସିଥିଲା. ସେମାନଙ୍କୁ ସଠିକଭାବରେ ଚର୍ଚ୍ଚାକରିବାପରେ ଝିଅ ଦେଖିବାପାଇଁ ଘରକୁ ନିମନ୍ତ୍ରଣ

Magazine Downloaded from www.aahwaan.com

କରାଯାଉଥିଲା. ମାତାପିତା ପ୍ରକୃତୀର ମତାମତ ନେବାଟା ଉଚିତ ଭାବିଥିଲେ. ପ୍ରକୃତୀ ନିଜର ଜୀବନସାଥୀରେ କିପ୍ରକାର ଗୁଣ ଓ ବ୍ୟବହାରର ଆଶା ରଖନ୍ତି, ତାହା ସ୍ପଷ୍ଟକରିଦେବା ଉଚିତବୋଲି ସେମାନେ କହିଥିଲେ. ନିଜର ଆଶା ଅନୁସାରେ ସେ ଜଣେ ବୁଦ୍ଧିମାନ, ବିଚାରଯୁକ୍ତ, ସାହାଯ୍ୟକାରୀ ଓ ପ୍ରେମୀକ ପତିର କାମନା କରୁଥିଲେ. ସେ ଏହାମଧ୍ୟ କହିଥିଲେକି ସେ ବଡ଼ସହରର ଜନଗହଳୀମଧ୍ୟରେ ବଞ୍ଚିପାରିବେ ନାହିଁ. ସତରେ ସେ ନିଜର ନାମ ହିସାବରେ ନିଜର ଗୁଣକୁ ଢାଳିଥିଲେ. ସେ ସେହି ସ୍ଥାନରେ ଖୁସି ପାଉଥିଲେ ଯେଉଁଠି ସେ ଖୋଲା ଆକାଶକୁ ଦେଖିପାରୁଥିଲେ; ସେ ଫୁଲବଗିଚାଟି ଦେଖିପାରୁଥିଲେ. ମାତାପିତା ତାଙ୍କର ଏହିପ୍ରକାର ବିଚାରକୁ ପିଲାଳିଆ ବୁଦ୍ଧି କହି ଅଧିକ ମହତ୍ୱ ଦେଇନଥିଲେ. ଧୀରେ ଧୀରେ ସବୁପ୍ରକାର ପରିସ୍ଥିତିରେ ମଣିଷ ବଞ୍ଚିବାର ଅଭ୍ୟାସ କରିପାରେ. ତେଣୁ ପ୍ରକୃତୀ ମଧ୍ୟ ପରିସ୍ଥିତି ସହିତ ନିଜକୁ ସମ୍ଭାଳିନେବେ ବୋଲି ସେମାନଙ୍କର ସମ୍ପୂର୍ଣ୍ଣ ଭରଷା ଥିଲା. ବର ଖୋଜା ଅଭିଯାନରେ ସଫଳତା ମିଳିଥିଲା ଏବଂ ରାଜ୍ୟର ମହାନଗରୀ "ହେର୍ମାବ୍ୟାସ"ରେ କାର୍ଯ୍ୟରତ ଶିକ୍ଷିତ ବିଚାରଯୁକ୍ତ ଯୁବକ "ସୁଧୀର ଆମୋନକର" ବର ରୂପରେ ଚୟନ କରାଯାଇଥିଲେ. ପ୍ରକୃତୀ ଏବଂ ସୁଧୀର ପରସ୍ପରକୁ ଭେଟକରିଥିଲେ ଏବଂ ପସନ୍ଦ କରିଥିଲେ. କିନ୍ତୁ ପ୍ରକୃତୀର ମନମଧ୍ୟରେ ମହାନଗରୀର ଗହଳୀ ମଧ୍ୟରେ ରୁନ୍ଧିହୋଇ ବଞ୍ଚିବାର ଭୟ ଛୁପିରହିଥିଲା. ତାସହିତ ଆଉ ଗୋଟିଏ ଭୟ ଯୋଡି ହୋଇଥିଲା; ଖୁବ କମସମୟ ଭେଟକରିଥିଲେ ମଧ୍ୟ ପ୍ରକୃତୀ ଅନୁଭବ କରିଥିଲେଯେ ସୁଧୀର ବୁଦ୍ଧିମାନ, ବିଚାରଯୁକ୍ତ ଓ ପ୍ରେମୀକ ପତି ହୋଇପାରନ୍ତି କିନ୍ତୁ ସେ ସାହାଯ୍ୟକାରୀ ନୁହନ୍ତି. ପିତାମାତାଙ୍କର ଉତ୍ସାହ ପ୍ରକୃତୀଙ୍କୁ ଭୟଭୀତ କରିଥିଲା. ସେ ଯେତେ କହିଲେ ମଧ୍ୟ ସେମାନଙ୍କର ଉତ୍ତର ଥିଲା "ଏତେ ଛୋଟକଥାକୁ ଧରିଲେ ବିଭାଘର ହୋଇପାରିବ ନାହିଁ". ତେଣୁ ପ୍ରକୃତୀ ନିଜର ଭାଗ୍ୟକୁ ଆଦରିନେଇ "ପ୍ରକୃତୀ ପ୍ରିୟଦର୍ଶିନୀ ଆମୋନକର"ରେ

 Magazine Downloaded from www.aahwaan.com

ପରିବର୍ତ୍ତନ ହୋଇଯାଇଥିଲେ. ବିଭାଘରଦିନ କନ୍ୟା ବେଶରେ ସୁସଜ୍ଜିତ "ପ୍ରକୃତୀ" ଏତେ ସୁନ୍ଦର ଦିଶୁଥିଲେ ଯେ ଆକାଶରେ ତାରା ରୂପରେ ଜେଜେ ଓ ଜେଜେମା ତାଙ୍କୁ ଦେଖି ଖୁବ ଖୁସିହୋଇଥିଲେ କାରଣ ସେହିସନ୍ଧ୍ୟାରେ ଆକାଶରୁ ତାରାବର୍ଷଣ ଲାଗିରହିଥିଲା. ବିବାହ ସୁରୁଖୁରୁରେ ସମାପ୍ତ ହେଲା. ପ୍ରକୃତୀ'ଙ୍କୁ ନିଜ ଜୀବନରୁ ଦୁରେଇ ଦେବା ସମୟରେ ମାତାପିତା ଖୁବ କାନ୍ଦିଥିଲେ; କିନ୍ତୁ ଝିଅର ଉଜ୍ଜ୍ୱଳ ଭବିଷ୍ୟତକୁ ଆଖିରେ ରଖି ଏହି ଦୁଃଖକୁ ପିଇଯାଇଥିଲେ. ଘର ଖାଲି ହୋଇଗଲା; ପ୍ରକୃତୀ ବିଦାୟ ନେବାପରେ ତାଙ୍କର ଅନୁପସ୍ଥିତି ଏତେ ଦୁଃଖଦାୟକ, ତାହା ସେମାନେ ଅନୁଭବ କରିପାରିଥିଲେ.

ବିବାହର କିଛିଦିନ ପରେ ପ୍ରକୃତୀ ନିଜର ପତି ସୁଧୀର ସହିତ ଆସି ପହଞ୍ଚିଥିଲେ ସେହି ଜନଗହଳି ମହାନଗରୀ "ହେର୍ମାବ୍ୟାସ". ରେଲୱେଷ୍ଟେସନରେ ଓଲ୍ହାଇବା ମାତ୍ରକେ ପ୍ରକୃତୀ ଜନଗହଳି ଦେଖି ଖୁବ ଡରିଯାଇ ସୁଧୀରଙ୍କୁ କୁଣ୍ଢାଇ ପକାଇଥିଲେ. ତାଙ୍କର ଭୟଥିଲାକି କାଳେ ସେ ଏହି ଜନସମୁଦ୍ର ମଧ୍ୟରେ ହଜିଯିବେ. ସୁଧୀର ତାଙ୍କୁ ସାହାସ ଦେଉଥିଲେକି ଧୀରେ ଧୀରେ ସବୁ ଠିକ ଲାଗିବ ଏବଂ ଏହି ମହାନଗରୀ ସମସ୍ତଙ୍କୁ ନିଜର କରିନିଏ, ପ୍ରକୃତୀକୁ ମଧ୍ୟ ଖୁବ କମଦିନରେ ଆପଣାର କରିନେବ. ଟାକ୍ସିରେ ବସି ଦୁହେଁ ନିଜର ବସା ଅଭିମୁଖେ ଯାତ୍ରା ଆରମ୍ଭ କଲେ. ପ୍ରକୃତୀ ଏହି "ବସା" ଶବ୍ଦଟି ଶୁଣି ଖୁବ ଚକିତ ଥିଲେ; ରହିବାର ସ୍ଥାନକୁ ଘର ନକହି ଏଠିକାର ଲୋକମାନେ "ବସା" କାହିଁକି କହୁଥିଲେ; ସତେକଣ ଏମାନେ ଚଡେଇବସା ଭଳି ଛୋଟ ସ୍ଥାନରେ ରୁହନ୍ତି. ଟାକ୍ସିଟି ଆସି ପହଞ୍ଚିଥିଲା "ହେର୍ମାବ୍ୟାସ" ନଗରର ଏକ ଜନବହୁଳ ଅଞ୍ଚଳ "କର୍ମେଲକୃଜ". ଟାକ୍ସିରୁ ଓଲ୍ହାଇ ବଡ଼ବଡ଼ ବ୍ୟାଗ ଓ ସୁଟ୍‌କେଶକୁ ଉଠାଇ ସୁଧୀର ଓ ପ୍ରକୃତୀ ପ୍ରବେଶକଲେ ଏକ ଉଚ୍ଚା ବିଲଡିଂ ମଧ୍ୟକୁ; ସେହି ବିଲଡିଂର ପଞ୍ଚମ ମହଲାରେ ଥିବା ୬ଟି ବସାମଧ୍ୟରୁ ଲିଫ୍ଟନିକଟସ୍ଥ ବସାଟି ସୁଧୀରଙ୍କର. ଚଟାପଟ କବାଟ ଖୋଲି ସୁଧୀର ବସାମଧ୍ୟକୁ ପ୍ରବେଶ କଲେ; ପ୍ରକୃତୀ ସେହି

Magazine Downloaded from www.aahwaan.com

ମୂଖ୍ୟଦ୍ୱାର ନିକଟରେ ଅପେକ୍ଷା କରିରହିଲେ. ବ୍ୟାଗ ଓ ସୁଟ୍‌କେଶଗୁଡିକୁ ବସାମଧ୍ୟରେ ରଖିସାରି ସୁଧୀର ଗୋଟିଏ କ୍ୟାଣ୍ଡେଲ ଜଳାଇଆଣି ପ୍ରକୃତୀଙ୍କର ବନ୍ଦାପନା କରି ଗୃହପ୍ରବେଶ କରାଇଲେ. ଏହି ସମୟରେ ପଡୋଶୀମାନେ ବାହାରକୁ ଆସିଗଲେ ଏବଂ ପ୍ରକୃତୀକୁ ସ୍ୱାଗତ କରିବା ସାଥେସାଥେ ସବୁପ୍ରକାର ସାହାଯ୍ୟ ଯୋଗାଇଦେବାକୁ ଆଶ୍ୱାସନ ଦେଇଗଲେ. ବସାଟି ମହାନଗରୀର ଭାଷାରେ "୧-ବେଡରୁମକିଚେନ" ଥିଲା; ସେହି ବସାର ମାସିକଭଡା ଖୁବ ଅଧିକ. ପ୍ରକୃତୀ ମନେମନେ ଭାବୁଥିଲେକି ଏହି ଛୋଟବସାଟି ମଧ୍ୟରେ ସେ କଣ ବଞ୍ଚିପାରିବେ. ସେହି ବିଲଡିଂଟି ଚାରିଦିଗରୁ ଅନ୍ୟ ନଭଶ୍ଚୁମ୍ବି ବିଲଡିଂଗୁଡିକ ଦ୍ୱାରା ଘେରିହୋଇ ରହିଥିଲା. ତେଣୁ କେଉଁଦିଗରୁ ତାଙ୍କୁ ମୁକ୍ତ ଆକାଶ ଦେଖାଯାଉନଥିଲା. ତାଙ୍କର ଶ୍ୱାସରୁଦ୍ଧ ହେଉଥିଲା. ବିବାହପୂର୍ବରୁ ତାଙ୍କମନରେ ଥିବା ୨ଟି ଭୟରୁ ପ୍ରଥମଟି ଯେ ସତ୍ୟ ପ୍ରମାଣିତ ହୋଇଥିଲା.

ଝରକାର କେଉଁ କୋଣରୁ ପ୍ରକୃତୀ ଦେଖିପାରିଲେକି ଏହି ମହାନଗରୀଟି ସତରେ ବିଚିତ୍ର; ଏଠି ଦିନ ଓ ରାତ୍ରୀ ମଧ୍ୟରେ ଖୁବକମ ପାର୍ଥକ୍ୟ, ସମାନ ଜନଗହଳୀ. କିଛିଦିନ ବ୍ୟବଧାନରେ ସୁଧୀର ନିଜର ଅଫିସକୁ ଯିବା ଆରମ୍ଭକଲେ. ସେହି ବସାରେ ଦିନଭରି ଏକଲା ରହୁଥିଲେ ପ୍ରକୃତୀ. ସେ ନିଜକୁ ଏକ ବନ୍ଦୀନୀ ବୋଲି ଭାବୁଥିଲେ. ନା ସେ ଖୋଲା ଆକାଶକୁ ଦେଖିପାରୁଥିଲେ ନା ଫୁଲବଗିଚାଟିକୁ. ମାତାପିତା ଫୋନକରି ବୁଝାଉଥିଲେକି ଧୀରେଧୀରେ ସମୟସହିତ ସବୁକିଛି ସମନ୍ୱୟ ଆସିଯିବ. କିଛିଦିନ ବିତିଗଲା, ତାଙ୍କୁ ଖୁବ ବ୍ୟସ୍ତ ଲାଗୁଥିଲା, ସେ ସୁଧୀରଙ୍କୁ କିଛି କହିପାରୁନଥିଲେ ଏବଂ ସୁଧୀର ବି କିଛି ବୁଝିପାରୁନଥିଲେ. ଏହି ଘଡିସନ୍ଧି ମୁହୂର୍ତ୍ତରେ ତାଙ୍କୁ ଜେଜେ ଖୁବ ମନେପଡୁଥିଲେ. ସେ ଦିନରେ ଏକାଥିବା ସମୟରେ ଖୁବ କାନ୍ଦୁଥିଲେ. ସତରେ, ବିସ୍ତାର ପ୍ରକୃତୀକୁ ଯଦି ସେହି ଛୋଟିଆ ବସାମଧ୍ୟରେ ବନ୍ଦକରାଯାଏ, ତେବେ ପରିଣାମ ସେହିଭଳି ହେବ ଯେମିତିକି ମୁକ୍ତ

 Magazine Downloaded from www.aahwaan.com

ଆକାଶରେ ଉଡୁଥିବା ପକ୍ଷୀକୁ ପଞ୍ଜୁରୀରେ ବନ୍ଦକଲେ ହୋଇଥାଏ. ସେ ଜୀବିତ ଥିଲେ କିନ୍ତୁ ତାଙ୍କର ସେହି ଚଞ୍ଚଳ ଓ ଚୁଲବୁଲି ବ୍ୟବହାର କୁଆଡେ ହଜିଯାଇଥିଲା. ତାଛଡା ତାଙ୍କର ଦ୍ୱିତୀୟ ଭୟଟି ମଧ୍ୟ ସତ୍ୟରେ ପରିଣତ ହେଉଥିଲା. ସୁଧୀର ଖୁବ ଭଲ ପିଲା ଥିଲେ; କିନ୍ତୁ ସେ ସାହାଯ୍ୟକାରୀ ନଥିଲେ. ଅର୍ଥାତ ଗୃହସ୍ଥିର ସବୁକାର୍ଯ୍ୟଗୁଡିକ କେବଳ ପ୍ରକୃତୀର. ସକାଳୁ ରାତ୍ରୀଯାଏ ରୋଷେଇବାସ, ଘରସଫା, କପଡାସଫା, ଗ୍ରୋସରୀ ମାର୍କେଟିଙ୍ଗ ଇତ୍ୟାଦି ସବୁକିଛି ପ୍ରକୃତୀଙ୍କୁ କରିବାକୁ ପଡୁଥିଲା. ମା "ଖ୍ୟାତି" ଫୋନରେ ବୁଝାଉଥିଲେକି ନାରୀମାନଙ୍କୁ ଏସବୁ କରିବାକୁ ପଡେ ଏବଂ ଧୀରେଧୀରେ ଏହାବି ଏକ ଅଭ୍ୟାସରେ ପରିଣତ ହୋଇଯିବ, ସେଥିଲାଗି ଅଧିକ ଚିନ୍ତାକରିବା ଉଚିତ ନୁହେଁ. ସେ ବି ତ ଘରେ ସବୁକାମ ନିଜେହିଁ କରୁଥିଲେ. ପ୍ରକୃତୀ ମନେପକାଉଥିଲେକି ତାଙ୍କର ମା ସକାଳୁ ରାତ୍ରୀଯାଏ ଘରର ସବୁ କାମ ଏକାହିଁ କରୁଥିଲେ; ସେଥିରେ ପିତା ନିଖିଲ କେବେବି ସାହାଯ୍ୟ କରୁନଥିଲେ. ମା ଏକା ସମ୍ପୂର୍ଣ ପରିବାରର ଗୃହସ୍ଥିଭାର ନିଜକାନ୍ଧରେ ଉଠାଉଥିଲେ. ତାଙ୍କୁତ ବହୁତ କଷ୍ଟ ହେଉଥିଲା କିନ୍ତୁ ସେ ସବୁ ଚୁପଚାପ ସହିଯାଉଥିଲେ. ଏପରିକି ବିବାହ ପୂର୍ବରୁ ପ୍ରକୃତୀ ମଧ୍ୟ କେବେ ନିଜ ମା'ଙ୍କୁ ଘର କାମରେ ସାହାଯ୍ୟ କରୁନଥିଲେ. ପ୍ରକୃତୀ ଘରର କାମ କେବେ କରିନଥିଲେ. ସେ କିପରି ସବୁ ସମ୍ଭାଳିବେ, ଏହା ଭାବିଭାବି ଭୟଭୀତ ହୋଇଯାଉଥିଲେ. ସୁଧୀର ଅଫିସରୁ ଫେରିବାପରେ ବେଡ଼ରୁମରେ ବସି ଟିଭି ଦେଖୁଥିଲେ କିମ୍ବା ନିଜର ଲାପ୍ଟପରେ ବ୍ୟସ୍ତ. ପ୍ରକୃତୀ ଦିନରେ କଣକଲେ, କିପରି ସମୟ ବିତାଇଲେ, ଏସବୁ ଜାଣିବାକୁ ସେ ଇଚ୍ଛୁକ ନଥିଲେ. ବହୁତ କଷ୍ଟକରି ଭୋଜନ ତିଆରିକଲେ ମଧ୍ୟ କିଛି ନା କିଛି ତ୍ରୁଟି ରହିଯାଉଥିଲା; ସେ ତ୍ରୁଟିକୁ ସୁଧାରିବା ନିହାତି ଦରକାର ବୋଲି ସୁଧୀର କହୁଥିଲେ କିନ୍ତୁ କେବେବି ସାହାଯ୍ୟ କରୁନଥିଲେ. ମହାନଗରୀକୁ ଆସିବାର ୨ମାସ ବିତିଗଲା.

ଦ୍ୱିପ୍ରହର ସମୟରେ ବସାମଧ୍ୟରେ ଏକା ବସି ଟିଭି ଦେଖୁଥିବା ସମୟରେ ସେ

 Magazine Downloaded from www.aahwaan.com

ଶୋଇପଡ଼ିଥିଲେ. ତାଙ୍କୁ ଅନୁଭୂତୀ ହୋଇଥିଲାକି ସତେ ଯେପରି ଜେଜେ ତାଙ୍କ ମଥାରେ ହାତରଖି ତାଙ୍କୁ କହୁଥିଲେ "ମା ପ୍ରକୃତୀ, ତୋର ନାଁ ଯେମିତି ବିସ୍ତାର, ତୋର ଗୁଣ ମଧ୍ୟ ସେହିପରି. ଏହି ଛୋଟିଆ ସ୍ଥାନରୁ ମୁକୁଳି ବଡ଼ବସାକୁ ଅର୍ଥାତ ବଡ଼ ଫ୍ଲାଟକୁ ଚାଲିଗଲେ ହୁଏତ ତୋତେ ମାନସିକ ଶାନ୍ତି ମିଳିପାରେ. ସେଠିକାର ବଗିଚାରେ ବୁଲିଲେ ତୋର ମନ ପ୍ରଫୁଲ୍ଲିତ ରହିପାରେ. ତୋତେ ଏହି ମହାନଗରୀରେ ବାସକରିବାକୁ ହେବ କାରଣ ତୋର ପତି ତୋର ଜୀବନ ଏବଂ ତାଙ୍କରି ନିକଟରେ ତୋର ପ୍ରକୃତ ଘର. ତାଛଡା ନିଜର ଆତ୍ମସନମାନ ସର୍ବଦା ବଜାୟ ରଖିବାକୁ ଚେଷ୍ଟାକର". ହଠାତ ନିଦରୁ ଉଠିପଡ଼ିଲେ ସେ ଭୟଭୀତ ଅବସ୍ଥାରେ. ସନ୍ଧ୍ୟାସମୟରେ ସୁଧୀର ଅଫିସରୁ ଫେରିବାପରେ ପ୍ରକୃତୀ ଠିକ ସମୟ ଦେଖି ତାଙ୍କର ଦୁର୍ଦ୍ଦଶା ବର୍ଣ୍ଣନାକଲେ ଏବଂ ବଡ଼ବସା ଅର୍ଥାତ ୨-ବେଡରୁମ ଫ୍ଲାଟକୁ ଚାଲିଗଲେ ହୁଏତ ତାଙ୍କୁ ଠିକ ଲାଗିପାରେ ବୋଲି ପ୍ରସ୍ତାବ ଦେଲେ. ସବୁ ଶୁଣିବାପରେ ସୁଧୀର ଓଲଟା ବୁଝାଇଲେକି "ପ୍ରକୃତୀ, ଏହି ମହାନଗରୀରେ ଘରଟି ମିଳିବା ଖୁବ କଷ୍ଟକର ବ୍ୟାପାର, ତାଛଡା ଘରଭଡା ଖୁବଅଧିକ ଏବଂ ୨-ବେଡରୁମ ଫ୍ଲାଟଟି ଭଡାନେଲେ ତାଙ୍କର ମାସିକ ରୋଜଗାରର ଅଧାତ ଘରଭଡାରେ ଚାଲିଯିବ, ଅନ୍ୟସବୁ ଖର୍ଚ୍ଚ, ଭବିଷ୍ୟତ ପାଇଁ ସଞ୍ଚୟ ଇତ୍ୟାଦି କିପରି ହେବ. କିଛିଦିନ ମଧ୍ୟରେ ସବୁ ଠିକ ହୋଇଯିବ". ଏସବୁ ତର୍କକୁ ପ୍ରକୃତୀ ବୁଝିପାରୁଥିଲେ ଏବଂ ସୁଧୀରଙ୍କର ବିବଶତାକୁ ମଧ୍ୟ ବୁଝିପାରୁଥିଲେ. ଏହିଭଳି କିଛିଦିନ ଜୀବନ ଚାଲିଲା. ସେ ଭାବିବାରେ ଲାଗିଥିଲେକି ଏହିପ୍ରକାର ପରିସ୍ଥିତିରେ ସେ କିପରି ନିଜର ଆତ୍ମସନମାନ ରକ୍ଷାକରିପାରିବେ. ବିବ୍ରତ ଅବସ୍ଥାରେ ସେ ନିଜର ପଡ଼ୋଶୀଙ୍କ ଘରେ କିଛି ସମୟ ବିତାଇବାକୁ ଚାଲିଗଲେ. ପଡୋଶୀବସାର ବୟସ୍କମହିଳା ପ୍ରକୃତୀଙ୍କୁ ନିଜ ଝିଅ ଭଳି ଭାବୁଥିଲେ; କାହିଁ କେଜାଣି ପ୍ରଥମଦେଖାରେ ସେ ପ୍ରକୃତୀଙ୍କୁ ଖୁବ ପସନ୍ଦ କରିନେଇଥିଲେ. ସେ ପଚାରିଲେକି କଣ କିଛି ସାହାଯ୍ୟ ଦରକାର, ପ୍ରକୃତୀ "ନା" କହି ତାଙ୍କୁ

 Magazine Downloaded from www.aahwaan.com

ଧନ୍ୟବାଦ ଦେଲେ. ସେ ମହିଳାଙ୍କୁ ଲାଗିଲା ଯେପରିକି ପ୍ରକୃତୀ କିଛି କହିବାକୁ ଚାହୁଁଥିଲେ କିନ୍ତୁ ଅଟକିଗଲେ. ପୁନର୍ବାର ପ୍ରଶ୍ନକଲେ ସେ ମହିଳା. ପ୍ରକୃତୀ ନିଜକୁ ରୋକିନପାରି ନିଜର ସବୁ ଦୁଃଖକୁ ବାଖ୍ୟାନ କରିଦେଲେ. ଘଟଣାଟି ଶୁଣିବାପରେ ସେ ବୟସ୍କମହିଳା ଉତ୍ତରଦେଲେକି ସୁଧୀର କରୁଥିବା ତର୍କ ପୂର୍ଣ୍ଣମାତ୍ରାରେ ଠିକ; କିନ୍ତୁ ଅପରପକ୍ଷରେ ଯଦି ଜୀବନରେ ଖୁସିନରୁହେ ତେବେ ରୁନ୍ଧିହୋଇ ଜୀବନ ବଞ୍ଚିବା ଖୁବକଷ୍ଟଦାୟକ. ସେ ମହିଳା ପେଶାରେ ଜଣେ ଶିକ୍ଷୟତ୍ରୀ. ସେ ପ୍ରସ୍ତାବଦେଲେକି ମହାନଗରୀରେ ଆରାମରେ ଜୀବନ ବିତାଇବାକୁହେଲେ ଘରର ପ୍ରତ୍ୟେକ ସଦସ୍ୟ ଆମଦାନୀ କରିବା ଉଚିତ. ଯେହେତୁ ପ୍ରକୃତୀର ଶିକ୍ଷାଗତ ଯୋଗ୍ୟତା ଖୁବ ଭଲ, ସେ ଆଧୁନିକ ଓ ସ୍ମାର୍ଟ, ତାଙ୍କୁ ବହୁତ ସହଜରେ ପ୍ରାଇଭେଟ ସଂସ୍ଥାରେ ଚାକିରୀ ମିଳିପାରିବ. ଏହାହିଁ ହେଉଛି ଏହିପରି ବଡ଼ ବଡ଼ ମହାନଗରୀର ମହାନତା. ସେଥିଯୋଗୁ ଏହି ନଗରୀକୁ ପ୍ରତ୍ୟେକଦିନ ହଜାରହଜାର ସଂଖ୍ୟାରେ ଲୋକମାନେ ରୋଜଗାର ସନ୍ଧାନରେ ଆସିଥାନ୍ତି. ସେ ଏହାମଧ୍ୟ କହିଲେକି ଯେହେତୁ ପ୍ରକୃତୀ "ଏମକମ ଡିଗ୍ରୀ" ହାସିଲ କରିଛନ୍ତି, ଏହି ନିକଟରେ ଥିବା "ହରକିଶନଦାସ ଗୁଞ୍ଜନଦାସ ଚାଟାର୍ଡ ଫାର୍ମ"କୁ ଯାଇ ଭେଟକରିବାରେ କିଛି ଅସୁବିଧା ନାହିଁ. ସେହି ରାତ୍ରୀରେ ପ୍ରକୃତୀ ଏହିବିଷୟରେ ସୁଧୀର ସହିତ ଆଲୋଚନା କଲେ. ସୁଧୀର କୌଣସି ଆପତ୍ତି ଜଣାଇନଥିଲେ ଏବଂ ଖୁବ ଭଲଭାବରେ ପ୍ରକୃତୀର "ବାଇଓଡାଟା" ତିଆରି କରିଦେଲେ. ପରଦିନ ୧୧ଟା ସମୟରେ ସେ ବିବାହ ପୂର୍ବ ସମୟର "ପ୍ରକୃତୀ ପ୍ରିୟଦର୍ଶିନୀ" ରୂପରେ ଘରୁବାହାରି ପହଞ୍ଚିଥିଲେ ସେହି ଚାଟାର୍ଡଫାର୍ମରେ. ଅନୁରୋଧ କଲେ କି ସେ ଫାର୍ମର ମ୍ୟାନେଜର ସହିତ ଦେଖାକରିବାକୁ ଚାହୁଁଛନ୍ତି ଏବଂ ଅପେକ୍ଷାକରି ବସିରହିଲେ. ଫାର୍ମରେ ତତ୍କାଳ ଆବଶ୍ୟକତା ନଥିଲା; କିନ୍ତୁ ପ୍ରକୃତୀର ଉଚ୍ଚକୋଟିର ବାଇଓଡାଟା ଦେଖିବାପରେ ସେଠିକାର ଜଣେ ବରିଷ୍ଠ ଚାଟାର୍ଡ ଆକାଉଣ୍ଟାଣ୍ଟ ତାଙ୍କର ଇଣ୍ଟରଭିୟୁ ନେବାକୁ ଭାବିଲେ.

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

ତାଙ୍କର ଅନୁଭୂତୀ ହେଲାକି ପ୍ରକୃତୀ ଜଣେ ଖୁବ ପ୍ରତିଭାବାନ ଛାତ୍ରୀ ଏବଂ ସେ ଏହି ଚାଟାର୍ଡ ଫାର୍ମର ବହୁତ କିଛି ସାହାଯ୍ୟ କରିପାରିବେ, ତେଣୁ ସେ ରେକମେଣ୍ଡେସନ ଦେଲେକି ତତ୍କାଳ ଆବଶ୍ୟକତା ନଥିଲେମଧ୍ୟ ତାଙ୍କୁ ଆପଏଣ୍ଟ କରିବାଟା ଭୁଲ ହେବନାହିଁ. କିଛି ଦୁରଦୃଷ୍ଟିଯୁକ୍ତ ବ୍ୟକ୍ତିମାନେ ସୁଦୂର ଭବିଷ୍ୟତର ଲାଭକ୍ଷତି ସହଜରେ ଦେଖିପାରନ୍ତି. ତିନିଘଣ୍ଟା ସମୟ ମଧ୍ୟରେ ପ୍ରକୃତୀ ହାତରେ "ଆପଏଣ୍ଟମେଣ୍ଟ ଲେଟର" ଥିଲା. ଏହି ମହାନଗରୀର ଏହା ପ୍ରଥମ ଅବଦାନ ଥିଲା ଯାହାକି ପ୍ରକୃତୀକୁ ଖୁସି ଓ ହସି ଫେରାଇଦେଇଥିଲା. ସେ ବୁଝିପାରିଥିଲେକି କେଉଁଥିପାଇଁ ଏହି ମହାନଗରୀର ଜନଗହଳି ଏତେ ଅଧିକ. ମିଠା ଡବାଟି ହାତରେଧରି ସେ ପଡ଼ୋଶୀ ମହିଳାଙ୍କ ଡୋରବେଲ ବଜାଇଦେଲେ; କବାଟ ଖୋଲିଲାପରେ ଖୁସି ଖବରଟି ଶୁଣାଇ ସେହି ମହିଳାଙ୍କର ପାଦ ଛୁଇଁଦେଲେ ଏବଂ ମିଠା ଡ଼ବାଟି ବଢ଼େଇଦେଲେ. କିଏ କହିଲାକି ମହାନଗରୀର ଲୋକମାନେ ପରସ୍ପରକୁ ସାହାଯ୍ୟ କରନ୍ତିନାହିଁ, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଆଜି ପ୍ରକୃତୀ ଜାଣିପାରିଲେ. ସନ୍ଧ୍ୟା ସମୟରେ ସୁଧୀର ଘରେ ପହଞ୍ଚି ଏହି ଖୁସି ଖବରଟି ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ. ସେ ଖୁବ ଖୁସିର ସହିତ କହିଲେ "ଦେଖିଲ ପ୍ରକୃତୀ, ଏହି ମହାନଗରୀ ତୁମକୁ କେତେଶୀଘ୍ର ନିଜର କରିନେଲା, ଗୋଟିଏ ଦିନରେ ଚାକିରୀ ପାଇବାଟା ଏକ ମହାନ କାର୍ଯ୍ୟ, ସେଥିଲାଗି ଆଜି ପାର୍ଟି କରିବାଟା ନିହାତି ଆବଶ୍ୟକ". ପାର୍ଟିର ଆୟୋଜନ କରିବାରେ ଲାଗିଗଲେ ପ୍ରକୃତୀ, ତାଙ୍କୁ ଅନୁଭୂତୀ ହେଉଥିଲାକି ସେ ନିଜର ଆତ୍ମସନମାନ ରକ୍ଷାକରିପାରିଥିଲେ. ପ୍ରକୃତୀଙ୍କ ତରଫରୁ ନିମନ୍ତ୍ରିତ ହୋଇଥିଲେ ସେହି ପଡ଼ୋଶୀ ବୟସ୍କମହିଳା ଏବଂ ତାଙ୍କର ପରିବାର.

ମାତାପିତା ଓ ଶାଶୁଶଶୁର ପ୍ରକୃତୀର ସଫଳତା ବିଷୟରେ ଶୁଣି ଖୁବ ଖୁସି. ଚାକିରୀ ଯୋଗଦେବାପରେ ପ୍ରକୃତୀଙ୍କର ଜୀବନରେ ବହୁତ ସକାରାତ୍ମକ ପରିବର୍ତ୍ତନ ଆସିଥିଲା. ସେ ଦିନସାରା ଅଫିସରେ ବ୍ୟସ୍ତରହୁଥିଲେ, ତେଣୁ ତାଙ୍କୁ ଏକା ଲାଗୁନଥିଲା. ସେ ଅର୍ଥ

Magazine Downloaded from www.aahwaan.com

ରୋଜଗାର କରିପାରିବାରୁ ନିଜେ ସ୍ୱୟଂସମ୍ବଳ ହୋଇପାରିଲେ. ସବୁଠୁ ବିଶେଷ କଥାଥିଲାକି ସେ ସୁଧୀରଙ୍କୁ ୨-ବେଡରୁମଫ୍ଲାଟ ଭଡାରେ ନେବାକୁ ରାଜି କରିପାରିଲେ. ବଳକାଭଡା ସେ ନିଜେ ବହନ କରିପାରିଲେ. ନିଜର ଚେଷ୍ଟାହେତୁ ସେ ନିଜ ପସନ୍ଦିତା ସ୍ଥାନରେ ରହିପାରିଲେ. ନୂଆହାଉସିଂ ସୋସାଇଟିରେ ଏକ ବଡ଼ବଗିଚା ଥିଲା. ସନ୍ଧ୍ୟାକାଳରେ ଅଫିସରୁ ଫେରି ସେ ଏକା କିମ୍ବା ସୁଧୀର ସହିତ ସୋସାଇଟିର ବଡ଼ବଗିଚାଟିରେ କିଛି ସମୟ ବିତାଉଥିଲେ. ଜୀବନରେ କିଛିମାତ୍ରାରେ ଭଲ ପରିବର୍ତ୍ତନ ଆସିଥିବାରୁ ସେ ଖୁସିଥିଲେ. ନିଜ ଜୀବନକୁ ସୁଧାରିବାକୁ ଅନ୍ୟଉପରେ ସମ୍ପୂର୍ଣ ନିର୍ଭରଶୀଳ ହେବା ଠିକ ନୁହେଁ, ଏହା ସେ ଭଲଭାବରେ ବୁଝିପାରିଥିଲେ.

ବିବାହର ପ୍ରାୟ ୧୧ମାସ ବିତିଗଲାଣି. ମାତାପିତା କିମ୍ବା ଶାଶୁଶଶୁର ତାଙ୍କୁ ଭେଟକରିବାକୁ ଥରେବି ଆସିନଥିଲେ. ପ୍ରକୃତୀ ସେମାନଙ୍କୁ ଆସିବାପାଇଁ ବହୁତବାର ଅନୁରୋଧ କରୁଥିଲେ. ତେଣୁ ଶାଶୁଶଶୁର ପୁଅବୋହୂଙ୍କର ବିବାହ ବାର୍ଷିକ ଉତ୍ସବରେ ଯୋଗଦେବାପାଇଁ ନିର୍ଣ୍ଣୟ ନେଇଥିଲେ. ଏହି ଖବର ପାଇ ପ୍ରକୃତୀ ଖୁବ ଖୁସି. ବିଗତ ୨ଟି ସପ୍ତାହମଧ୍ୟରେ ସୁଧୀରଙ୍କୁ ଏହିବିଷୟରେ ପ୍ରାୟ ଅନେକଥର କହିସାରିଥିଲେ. ସେ ଶଶୁରଙ୍କୁ ବାରମ୍ବାର କହିଥିଲେକି ଏହି ମହାନଗରୀରେ ଖୁବ ଜନଗହଳୀ, ଟ୍ରେନରୁ ଓଲ୍‌ହାଇବାପରେ ଟାକ୍ସି ଧରିବାକୁ ଷ୍ଟେସନର ବାମଦିଗକୁ ଯିବାକୁ ହେବ. ଟାକ୍ସିଡ୍ରାଇଭରକୁ ଠିକଣାଟି ଦେଖାଇ ବୁଝିନେବେକି "କର୍ମେଲକୃଜ" ସ୍ଥାନକୁ ସେ ଠିକରେ ଜାଣିଛନ୍ତି କି ନାହିଁ ଇତ୍ୟାଦି ଇତ୍ୟାଦି. ସୁଧୀର ସେମାନଙ୍କୁ ପାଛୋଟି ଆଣିବାପାଇଁ ଷ୍ଟେସନକୁ ଯିବା ଉଚିତ ବୋଲି ପ୍ରକୃତୀ ଯୁକ୍ତି କରୁଥିଲେ. କିନ୍ତୁ ସୁଧୀର କହୁଥିଲେଯେ ସେଦୁହେଁ ଟାକ୍ସି ଧରି ଆରାମରେ ଆସିପାରିବେ, ସମ୍ପର୍କ କରିବାକୁ ମୋବାଇଲଫୋନ ଅଛି, ତାଙ୍କର ଷ୍ଟେସନ ଯିବା ମୂଲ୍ୟହୀନ. ତାଛଡ଼ା ବାପା ତାଙ୍କର ଚାକିରୀ ଜୀବନରେ କେତେଥର ଏହି ମହାନଗରୀକୁ ଅଫିସ କାମରେ ଆସିଥିଲେ,

 Magazine Downloaded from www.aahwaan.com

ତେଣୁ ତାଙ୍କୁ ସବୁ ଜଣା. ଏହି ଯୁକ୍ତିତର୍କରୁ ପ୍ରକୃତୀ କଳନା କରିପାରୁଥିଲେଯେ ସୁଧୀର ଖୁବ ବାସ୍ତବବାଦୀ ଏବଂ ତାଙ୍କର ସ୍ୱଭାବ ବିଲକୁଲ ଭାବୁକ ଚିନ୍ତାଧାରାଯୁକ୍ତ ନଥିଲା. ଯାହାବି ହେଉ, ପ୍ରକୃତୀ ସେମାନଙ୍କର ଆସିବାର ବାଟକୁ ଚାତକପରି ଅପେକ୍ଷା କରିଥିଲେ.

ସକାଳ ୭ଟା ସମୟ. ଘରର କଲିଙ୍ଗବେଲଟି ବାଜିବାପୂର୍ବରୁ ପ୍ରକୃତୀ ନିତ୍ୟକର୍ମ ସାରି ଶାଢ଼ୀଟି ପିନ୍ଧି ପୁରା ସାଧବବୋହୂ ପରି ସୁନ୍ଦର ଲାଗୁଥିଲେ. ବେଲଟି ବାଜିଲା ଏବଂ ପୂଜାଥାଳିଟି ହାତରେ ଧରି ସେ ଦଉଡିଯାଇ କବାଟଟି ଖୋଲିଦେଲେ. ସମ୍ମୁଖରେ ଶାଶୁଶଶୁର. ସେଦୁହିଁଙ୍କୁ ବନ୍ଦାପନା କରି ଘରକୁ ପାଛୋଟି ଆଣିଲେ. ବୋହୂର ଏହିପ୍ରକାର ସୁନ୍ଦର ସ୍ୱାଗତରେ ବହୁତ ଖୁସିହୋଇ ସେଦୁହେଁ ଆଶୀର୍ବାଦର ବର୍ଷା କରିଚାଲିଲେ. ସେଦୁହେଁ ଡାଇନିଂଟେବୁଲର କୁରସି ଉପରେ ବସିଗଲେ ଏବଂ ପ୍ରକୃତୀ ସେମାନଙ୍କ ପାଇଁ ୨କପ ଗରମ ଚାହା ଆଣିଦେଲେ. ବୋହୂ ହାତତିଆରି ଚାହା ପିଇ ଶାଶୁଶଶୁର ତାରିଫ କଲେ "ଆରେ ମା ପ୍ରକୃତୀ, ତୋର ହାତରେତ ମା ଅନ୍ନପୁର୍ନ୍ନା ବାସକରନ୍ତି". ଏହି ସମୟରେ ସୁଧୀର ବିଛଣାରୁ ଉଠିଆସିଲେ ଏବଂ କହିଲେକି ମାବାପା ଆସିଗଲେଣି. ବାପା ଏହାଶୁଣି ଭାବିଲେକି ଏକି କଥା, ସବୁ ଜାଣି ମଧ୍ୟ ସୁଧୀର ଶୋଇରହିଥିଲେ. ଚଟାପଟ ସୁଧୀର ମା ସହିତ ଗପ କରିବାକୁ ଲାଗିଲେ. ଏହିସମୟରେ ବାପା ଚୁପଚାପ ବସି ଲକ୍ଷ୍ୟକରୁଥିଲେକି ପ୍ରକୃତୀ ସକାଳର ସବୁ ଜଳଖିଆ ତିଆରି କରିବାରେ ବ୍ୟସ୍ତ. ସବୁକାମ ଠିକରେ କରିବାପାଇଁ ଖୁବ ଚେଷ୍ଟା କରୁଥିଲେ. ତାଙ୍କୁ ସାହାଯ୍ୟ କରିବାପାଇଁ ଶାଶୁମା କିଚେନକୁ ଚାଲିଗଲେ; ପ୍ରକୃତୀ କହିଲେ "ମା ଆପଣ ବସନ୍ତୁ, ମୁଁ କରିଦେବି". ଏହାଶୁଣି ସୁଧୀର ମା'ଙ୍କୁ ଡାକିଲେ ଓ କହିଲେ "ମା ତୁମେ ବସ, ପ୍ରକୃତୀ ସବୁ କରିଦେବେ". ଦିନେ ଦୁଇଦିନ ମଧ୍ୟରେ ସୁଧୀରର ବାପା ଅନୁଭବ କଲେକି ବୋହୂ ଘରର ସବୁକାମ ନିଜେ କରୁଥିଲେ, ତାସହିତ ଦିନଭରି ଅଫିସରେ କାମ କରୁଥିଲେ ଏବଂ ପୁଣି ସନ୍ଧ୍ୟାରେ ଘରକୁ ଫେରି ରାତ୍ରୀ ଭୋଜନ ରାନ୍ଧୁଥିଲେ. ଏସବୁ

Magazine Downloaded from www.aahwaan.com

କାର୍ଯ୍ୟକରି ବୋହୂ ଖୁବ ଥକି ଯାଉଥିଲେ କିନ୍ତୁ କିଛି କହୁନଥିଲେ. ଅପରପକ୍ଷରେ ସୁଧୀର କୌଣସି ଘରକାମରେ ପ୍ରକୃତୀଙ୍କୁ କିଛି ସାହାଯ୍ୟ କରୁନଥିଲେ; ଅର୍ଥାତ କୁଟା ଖଣ୍ଡେ ଦୁଇଖଣ୍ଡ କରୁନଥିଲେ. ରାତ୍ରୀରେ ଶୋଇବା ସମୟରେ ସେହିକଥା ଭାବିଭାବି ତାଙ୍କୁ ନିଦ ହେଉନଥିଲା. ସେ ବାରମ୍ବାର କଡ ଲେଉଟାଉଥିଲେ. ଏହାଦେଖି ପତ୍ନୀ ପଚାରିଲେ "ଦେହ ଭଲ ଲାଗୁନାହିଁକି, କଣ ଗୋଡ଼ହାତ ମୋଡି ଦେବିକି". କିନ୍ତୁ କଥାଟି କିଛି ଅଲଗା ଥିଲା. ଗତ ଚାଳିଶି ବର୍ଷର ବିବାହିତ ଜୀବନରେ ସେ ଏକ ପତି ହିସାବରେ ନିଜ ପତ୍ନୀଙ୍କୁ କୌଣସି ଗୃହସ୍ଥ କାମରେ କିଛିବି ସାହାଯ୍ୟ କରିନଥିଲେ. ପତ୍ନୀ ଏକାଏକା ସବୁ କଷ୍ଟ ସହିଯାଇଥିଲେ କିନ୍ତୁ ମୁହଁଖୋଲି ପ୍ରତିବାଦ କରିନଥିଲେ. ଗୃହସ୍ଥକାମ ସବୁଠୁ କଠିନ କାମ; ଘରର ରକ୍ଷଣାବେକ୍ଷଣଠୁ ଆରମ୍ଭକରି ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ଯେ ଅଫିସର କାମଠୁ ଅଧିକ କଷ୍ଟଦାୟକ. ଆଜି ପତି ହିସାବରେ ସେ ନିଜର ପତ୍ନୀଙ୍କର ଦୁଇହାତକୁ ଧରି ମନରେ ଭାବୁଥିବା ସବୁ କଥା କହିଗଲେ ଏବଂ ନିଜର ଜୀବନଭରି କରିଥିବା ଭୁଲପାଇଁ କ୍ଷମା ମାଗିଲେ. ପତ୍ନୀତ ଉଦାର ଚିତ୍ତ, ଆଖିରୁ ଲୁହ ଗଡେଇ ପତିଙ୍କୁ କ୍ଷଣକେ କ୍ଷମା କରିଦେଲେ. ଆଜି ନିଜର ବୋହୂ ଏତେ କଷ୍ଟ କରୁଥିବାର ଦେଖି ଶଶୁରଙ୍କୁ ବୁଝାପଡିଲା ଯେ ସେ ନିଜ ପତ୍ନୀ ପ୍ରତି କେତେ ଅନ୍ୟାୟ କରିଥିଲେ. ତାଙ୍କରି ସୁପୁତ୍ର ମଧ୍ୟ ତାଙ୍କରି ବାଟରେ ଚାଲୁଥିଲେ. ସେ ମନେ ମନେ ବିଚାରକଲେକି ଏବେବି ସମୟ ଅଛି, ଭୁଲ ସୁଧାରିବାକୁ. ପରଦିନ ରବିବାର ଥିଲା. ଦ୍ୱିପ୍ରହର ସମୟରେ ପ୍ରକୃତୀ ନିଜ ଶାଶୁମାଙ୍କୁ ସଙ୍ଗରେ ନେଇ ନିକଟରେ ଥିବା ସପିଙ୍ଗମଲକୁ ଯାଇଥିଲେ. ଘରେ ସୁଧୀର ଓ ତାଙ୍କର ବାପା ଥିଲେ. ବାପା ପଚାରିଲେ "ସୁଧୀର, ଚାହା ପିଇବ", ଏହାକହି ସେ କିଚେନକୁ ଯାଇ ଗ୍ୟାସଉପରେ ପାଣି ଗରମ କଲେ. ସୁଧୀର ଏହା ଦେଖି କହିଲେ "ଥାଉ ବାପା, ପ୍ରକୃତୀ ଆସିଲେ ଚାହା କରିଦେବେ". ବାପା ସୁଧୀରଙ୍କୁ ପାଖକୁ ଡାକିଲେ; କହିଲେ "ଆଛା ପୁଅ, ତୁମକୁ କିଛି କଥା କହିବାର ଥିଲା, ଯଦି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ କିଛି ଖରାପ ନଭାବିବ, ତେବେହିଁ କହିବାକୁ ସାହାସ କରିବି". ଏହାଶୁଣି ସୁଧୀର କହିଲେ "ହଁ ବାପା କୁହନ୍ତୁ, ମୁଁ କିଛି ଖରାପ ଭାବିବିନାହିଁ".

ବାପା ଆରମ୍ଭ କଲେ ନିଜ ଜୀବନରେ କରିଥିବା ଭୁଲ ଠାରୁ. ସେ ଏକ ପରିବାରର ଅଲିଅଳି କନ୍ୟାକୁ ବିବାହ କରିଥିଲେ, ଶିକ୍ଷିତା, ସୁନ୍ଦର, ସବୁ ଗୁଣରେ ସମ୍ପନ୍ନ. କିନ୍ତୁ ନିଜର ପତ୍ନୀଙ୍କୁ ଜୀବନରେ ଅନ୍ୟ କୌଣସି କାମରେ ଆଗକୁ ବଢିବାକୁ ଦେଇନଥିଲେ ବରଂ ରୋଷେଇଘର ଓ ଗୃହସ୍ଥି ମଧ୍ୟରେ ସମ୍ପୂର୍ଣ୍ଣ ଜୀବନଟି ବିତାଇଦେବାକୁ ବାଧ୍ୟ କରିଥିଲେ. ଆହୁରି ବଡ଼ ଭୁଲ ଥିଲାକି ସେ ନିଜର ପତ୍ନୀଙ୍କୁ ଗୃହସ୍ଥିକାମରେ କେବେବି ସାହାଯ୍ୟ କରିନଥିଲେ. ତାଙ୍କୁ ଦେଖିଦେଖି ବଡ଼ ହୋଇଥିଲେ ସୁଧୀର ଏବଂ ସେ ଠିକ ସେହିପରି ବ୍ୟବହାର କରୁଥିଲେ. ପ୍ରକୃତୀ ବୟସରେ ସୁଧୀରଠୁ ସାନ. ତଥାପି ସେ ଗୃହସ୍ଥି, ଅଫିସ ସବୁକାମକୁ ଠିକରେ କରିବାକୁ ଅପାର ଚେଷ୍ଟା କରୁଥିଲେ, ସେ ଥକିଯାଉଥିଲେ, କେବେବି ପ୍ରତିବାଦ କରୁନଥିଲେ. ବାପା କରିଥିବା ଭୁଲକୁ ପୁଅ ନିଜ ଜୀବନରେ ଦୋହରାଇବା ଉଚିତ ନୁହେଁ ବରଂ ତାକୁ ସୁଧାରିବା ଉଚିତ. ତୁମର ନାଁ ତ ସୁଧୀର, ତୁମେ ନିଶ୍ଚୟ ସୁଧାରି ପାରିବ. ବାପାଙ୍କ ଆଖିରେ ଅଶ୍ରୁ, ଏହାଦେଖି ସୁଧୀର ବ୍ୟସ୍ତ ହୋଇଗଲେ; ବାପାଙ୍କୁ କୁଣ୍ଢାଇ ଧରି କହିଲେ "ବାପା, ମୋ ଭୁଲକୁ ମୁଁ ନିଶ୍ଚିତ ଭାବରେ ସୁଧାରି ଦେବି".

ଏହି ସମୟ ମଧ୍ୟରେ ବାପା ଓ ପୁଅ ଘରକୁ ସଫାକରି ଚକାଚକ କରିଦେଇଥିଲେ. ସବୁ ଜିନିଷ ତାର ନିର୍ଦ୍ଧିଷ୍ଟ ସ୍ଥାନରେ ରଖିଥିଲେ. ଏସବୁ ସାରିବାପରେ ଦୁହେଁ କିଚେନ କୁ ପ୍ରବେଶ କଲେ ଏବଂ ମନଧ୍ୟାନ ଦେଇ ରାତ୍ରୀଭୋଜନ ପ୍ରସ୍ତୁତ କଲେ. ରୁଟିଗୁଡିକର ଆକାର କିଛି ଅଲଗାଥିଲା, ଆଳୁଗୋଭି-ମଟର ସବଜିଟି ପ୍ରାୟ ଠିକ ବନିଥିଲା. ଡିନରଟେବୁଲ ଉପରେ ଚାରୋଟି ପ୍ଲେଟ, ଚାରିଗ୍ଲାସ ପାଣି, ଖାଦ୍ୟ ସବୁ ଘୋଡାଇ ଠିକରେ ରଖାଯାଇଥିଲା. ବାପା ଓ ପୁଅ ବସି ଟିଭିରେ ଚଳଚିତ୍ର ଦେଖୁଥିଲେ. କଲିଙ୍ଗବେଲଟି ବାଜିଲା. ସୁଧୀର ଯାଇ କବାଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖୋଲିଲେ. ପ୍ରକୃତୀ ଓ ମା ହାତରେ ବହୁତଗୁଡିଏ ପ୍ଲାଷ୍ଟିକ ଥଳି ଧରି ଛିଡାହୋଇଥିଲେ. ଘରେ ପ୍ରବେଶ କରିବାପରେ ସବଜିର ମହକ ସେଦୁହିଁଙ୍କୁ ସ୍ୱାଗତ କରିଥିଲା. ଘର ଓ ତାହା ସହିତ ବାପା ଓ ପୁଅଙ୍କର ମାନସିକ ପରିବର୍ତ୍ତନ ପ୍ରତେକ୍ଷଦର୍ଶୀ ଥିଲା. ପ୍ରଥମଥର ପାଇଁ ବାପା ନିଜେ ମା'ଙ୍କର ହାତରୁ ଥଳିଗୁଡିକ ନେଇଥିଲେ ଏବଂ ଏହାଦେଖି ସୁଧୀର ମଧ୍ୟ ପ୍ରକୃତୀ'ଙ୍କ ହାତରୁ. ଉଭୟ ଶାଶୁ ଓ ବୋହୂ ଚମକି ପଡିଥିଲେ; ଭାବୁଥିଲେ କଣ ଆଜି ସୂର୍ଯ୍ୟଦେବ ପଶ୍ଚିମରୁ ଉଦୟ ହୋଇଥିଲେ କି. ଡିନରଟେବୁଲ ଉପରେ ରଖାହୋଇଥିବା ଖାଦ୍ୟକୁ ଦେଖି ପ୍ରକୃତୀ ପଚାରିଲେ "ବାପା, ଏସବୁ ଆପଣ ପ୍ରସ୍ତୁତ କରିଛନ୍ତି". ବାପା ଉତ୍ତର ଦେବା ପୂର୍ବରୁ ସୁଧୀର ବାପାଙ୍କ କାନ୍ଧରେ ହାତରଖି କହିଲେ "ଆମେଦୁହେଁ ପ୍ରସ୍ତୁତ କରିଛୁ". ଉଭୟ ଶାଶୁମା ଓ ପ୍ରକୃତୀଙ୍କର ଆଖିରେ ଲୁହ. ଏହି ପରିବର୍ତ୍ତନକୁ ଅପେକ୍ଷା କରିକରି ଚାଳିଶିବର୍ଷ ବିତିଯାଇଥିଲା ଶାଶୁମାଙ୍କର ବିବାହିତ ଜୀବନରେ ଏବଂ ଏକବର୍ଷ ବିତିବାକୁ ଲାଗିଥିଲା ପ୍ରକୃତୀଙ୍କର ଜୀବନରେ. ସେହି ଆଖିର ମୂଲ୍ୟବାନ ଲୁହଟୋପାର ଜରିଆରେ ସେଦୁହେଁ କହୁଥିଲେ "ଧନ୍ୟବାଦ". ପ୍ରକୃତୀ ଶଶୁରଙ୍କର ପାଦଛୁଇଁ ପ୍ରଣାମ କରିଥିଲେ ଏବଂ ବେଳ ଥାଉ ଥାଉ ସୁଧୀରଙ୍କୁ ଠିକ ରାସ୍ତାକୁ ଆଣିବାପାଇଁ  କୃତଜ୍ଞତା ଜଣାଇଥିଲେ. ଶଶୁର ବୋହୂଙ୍କୁ ଆଶୀର୍ବାଦ ହିଁ ଆଶୀର୍ବାଦ ଦେଇଚାଲିଲେ. ପ୍ରକୃତୀ ଅନୁଭବ କରୁଥିଲେକି ତାଙ୍କର ଦ୍ୱିତୀୟ ଭୟଟି ସତ୍ୟ ପ୍ରମାଣିତ ହୋଇଥିଲା କିନ୍ତୁ ଶଶୁରଙ୍କର ସାହାଯ୍ୟରେ ସୁଧୀର ଏବେ ସାହାଯ୍ୟକାରୀ ହେବାକୁ ଲାଗିଲେଣି. ସନ୍ଧ୍ୟାରେ ଅଫିସରୁ ଫେରିଲେ ତାଙ୍କୁଯେ ସୁଧୀରଙ୍କ ଦ୍ୱାରା ପ୍ରସ୍ତୁତ ଗରମ ଚାହା ପିଇବାକୁ ମିଳୁଥିଲା. ଭୋଜନ ପ୍ରସ୍ତୁତି ହେଉ କି ଘରର ଅନ୍ୟ କୌଣସି କାମ ହେଉ, ସୁଧୀର ଏବେ ପ୍ରକୃତୀଙ୍କୁ ସବୁକାର୍ଯ୍ୟରେ ସାହାଯ୍ୟ କରୁଥିଲେ. ଏହି ପରିସ୍ଥିତିରେ ପ୍ରକୃତୀ ନିଜର ଆତ୍ମସନମାନ ରକ୍ଷାକରିପାରିଥିଲେ. ନିଦ୍ରାଶକ୍ତ ସମୟରେ ପୁଣି ଜେଜେ କହିଥିଲେ "ମା ପ୍ରକୃତୀ, ନିଜର ସ୍ୱାଭିମାନ ସେହିପରି ବଜାୟ ରଖିଥିବୁ, ଏହାପରେ ହୁଏତ ତୁମର ଜେଜେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମପାଖକୁ ଆଉ  ଆସିନପାରନ୍ତି କାରଣ ତାଙ୍କର ପୁନର୍ବାର ମନୁଷ୍ୟ ଜନ୍ମ ନେବାର ସମୟ ଆସିଗଲାଣି, ତାହାପୁଣି ପ୍ରକୃତୀ'ର ପୁତ୍ର ହିସାବରେ". ଏହି ଖୁସିର ଖବର ଗ୍ରେତାଞ୍ଜେଲରେ ପହଞ୍ଛିଥିଲା. ପ୍ରକୃତୀର ପିତା "ନିଖିଲ" ଓ ମାତା "ଖ୍ୟାତି" ଖୁସିରେ ପାଗଳ ହେବାକୁ ଲାଗିଥିଲେ. ନାତିଟୋକାର ଜନ୍ମ ସମୟରେ ସେ ଦୁହେଁ ସେହି ମହାନଗରୀ "ହେର୍ମୋବ୍ୟାସ"କୁ ଆସିବାପାଇଁ ଏବଠୁ ଟ୍ରେନରେ ଟିକେଟ କାଟିସାରିଲେଣି ଏବଂ ଏହା ଆଗରୁ ନିର୍ଦ୍ଧାରିତ ହୋଇସାରିଲାଣି ଯେ ସେଦୁହିଁଙ୍କୁ ସ୍ୱାଗତକରିବାପାଇଁ ଜ୍ୱାଇଁ ସୁଧୀର ଷ୍ଟେସନରେ ନିଶ୍ଚୟ ଅପେକ୍ଷା କରିଥିବେ.

ବ୍ରୁନେଇ

Magazine Downloaded from www.aahwaan.com

# ଭୁଲି ହୁଏନା



ନାରାୟଣ ଚନ୍ଦ୍ର ସେନାପତି

ସେଦିନ ମଞ୍ଚରୁ ଛୁଟି ଆସୁଥାଏ ଏକ ସୁମଧୁର ପ୍ରୀତିଭରା ରାଗିଣୀ, .. *"ମନରେ ମନ ମିଶିଲେ ଆଉ ଭୁଲି ହୁଏନା"* । ଯାତ୍ରା ସମ୍ରାଟ ତାରିଣୀ ଗଣନାଟ୍ୟର ଅନୁସନ୍ଧାନ ମୂଳକ ନାଟକ "ଭୁଲି ହୁଏନା"ର ଥିଲା ଏକ ରୋମାଣ୍ଟିକ ଲଭ ସିନ୍ ର ଅଭିନୟ ସଂଗୀତ । ରଙ୍ଗମଞ୍ଚରେ ଷ୍ଟାଇଲିଷ୍ଟ ନାୟକ ଓ ଚୁଲବୁଲି ନାୟିକାଙ୍କ...ନିଖୁଣ ଅଭିନୟ । ଆଲୋକର ତରଙ୍ଗ ସହ ପ୍ରେମର ତରଙ୍ଗରେ ଦର୍ଶକ ଦର୍ଶିକାଙ୍କର ହୃଦୟର ତରଙ୍ଗ ତରଙ୍ଗାୟିତ ହେଉଛି । ସଭିଙ୍କ ଆବେଗ ଭରା ଆକର୍ଷଣ ଥିଲା ସେହି ନାୟକ ନାୟିକାଙ୍କର ପ୍ରେମ ପ୍ରଣୟର ଉତ୍ତାଙ୍ଗ ଜୁଆରକୁ । ହଠାତ୍ ଧଳା ରଙ୍ଗର ଗ୍ଲୋବ ଲାଇଟ ଫୋକସ କରିଛି ଦୁହିଁଙ୍କୁ । ଦୁହେଁ ଦୁହିଁଙ୍କୁ ଚାହିଁଛନ୍ତି ଆବେଗଭରା ଠାଣିରେ ।ଚାରି ଆଖିର ମିଳନ ସତେ ଯେମିତି କନ୍ୟାକୁମାରୀରେ ପୂର୍ଣ୍ଣିମାର ଅପୁର୍ବ ସଙ୍ଗମ ।କ୍ଲାଇମାକ୍ସ ସିନ୍, ଦର୍ଶକ ସ୍ତବ୍ଧ, ପ୍ରେମର ମତୁଆଲା ଠାଣି ଅତି ଚମତ୍କାର ।ସେହି ଧଳା ଲାଇଟରେ ଝଲମଲ ହେଉଥାନ୍ତି ଦୁଇ ବିପରୀତ ପାର୍ଶ୍ୱରେ ବସି ରସ ଆସ୍ୱାଦନ କରୁଥିବା ଦୁଇ ପ୍ରେମ ପିପାସୁ ପ୍ରୀତି ଓ ପ୍ରଣୟ ।ମଞ୍ଚ ନିକଟରେ *ଏ* ବ୍ଲକର ଫାଷ୍ଟ ଲାଇନରେ ବସିଥାନ୍ତି ପ୍ରୀତିପୁରର ଅପରୂପ ସୁନ୍ଦରୀ ରାଜକୁମାରୀ ପ୍ରୀତିଛନ୍ଦା ଓ ସମ୍ମୁଖରେ *ଇ* ବ୍ଲକ୍ର ଫ୍ରମଣ୍ଟ ଲାଇନରେ ବସିଥିବା ପ୍ରଣୟପୁରର ସୁମନୋହର ଯୁବରାଜ ପ୍ରଣୟକୁମାର ।ଦୁହିଙ୍କର ପିନ୍ଧା ଶୁଭ୍ରବସ୍ତ୍ର ଝିଲମିଲ କରୁଥାଏ ସେ ପରିବେଷ୍ଟନୀକୁ ।ସତେ ଯେମିତି ଇନ୍ଦ୍ରଭୁବନର ଇନ୍ଦ୍ରଙ୍କ ସହ  ରମ୍ଭାଙ୍କ ଅପୂର୍ବ ଆକର୍ଷଣ ।ପ୍ରଣୟର ଆଖିପଲକରେ

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

ପ୍ରୀତି ଲାଜେଇ ମୁଣ୍ଡ ତଳକୁ କରିଦେଲା,ଠିକ୍ ସେହିପରି ପ୍ରୀତିର ଆଖି ଚମକରେ ପ୍ରଣୟର ମୁହଁ ଝାଉଁଳି ଗଲା ।ପ୍ରୀତିର ସୁନା ଝରା ମୁହଁକୁ ଦେଖି ପ୍ରଣୟ ସତେ ଯେମିତି ସପନ ରାଇଜରେ ହଜି ଗଲା, ଆଉ ପ୍ରଣୟର ସୁନ୍ଦର ଚେହେରା ପ୍ରୀତିକୁ ପ୍ରେମ ବନ୍ଧନରେ ବାନ୍ଧିଦେଲା ।ସୁନ୍ଦରୀ ତରୁଣୀକୁ ଦେଖିଲେ କାହା ଆଖି ଫେରିଯିବ ଯେ ,ପ୍ରଣୟ ଫେରାଇଦେବନ୍ତ ତା ମୁହଁ ।ଠିକ୍ ସେହିପରି ସୁନ୍ଦର ରାଜକୁମାରକୁ ଦେଖିଲେ ରାଜକୁମାରୀ ପ୍ରଣୟ ନିଶାରେ ହଜିଯିବ ହିଁ ହଜିଯିବ ।ଦୁହେଁ ଚାହୁଁଥାନ୍ତି କେମିତି ପରସ୍ପର ସହ କଥା ହୁଅନ୍ତେ କି,ପରସ୍ପର କଥା ଜାଣନ୍ତେ ।ଲଭ ସିନ୍ ସିନା ସରିଗଲା ହେଲେ ପ୍ରୀତି ପ୍ରଣୟକୁ ସତେ ଯେମିତି ସ୍ୱାଗତ ଜଣାଇ ଆହ୍ୱାନ କଲା ପ୍ରେମର ଦରିଆ ଭିତରକୁ ।

ହଠାତ୍ ପ୍ରଣୟ ବାହାରକୁ ବାହାରିଲା କିଛି ବାଦାମ କି ମଟର ଆଣିବାକୁ ।ମନେ ମନେ ଭାବୁଥାଏ ସିଏ ଆସନ୍ତା କି, ପାଖରୁ ଆଖି ପୁରେଇ ଦେଖନ୍ତା ।କିଣୁ କିଣୁ ଭାବିଲା ତା ପାଇଁ ଆଉ ଗୋଟିଏ ପୁଡ଼ିଆ ହେଲେ ନିଅନ୍ତି ।ଧେତ୍, କଣ ଭାବିବ ସିଏ ।ଏପଟେ ପ୍ରୀତି ପ୍ରାଣୟକୁ ନ ଦେଖି ଭାବିଲା,ଏ ବୋଧେ ଚାଲିଗଲେ ନାଚ ନ ଦେଖି ।ମୋ କଥା ଟିକିଏ ବି ଭାବିଲେ ନାହିଁ ।କି ଅଦ୍ଭୁତ ଲୋକ ମ,ପୁରା ବୁଦ୍ଧୁଟାଏ ।ମୋ ହସ ମୋ ଲାଜର କଥା କ'ଣ ବୁଝି ପାରିଲେ ନାହିଁ ।ସାଙ୍ଗ ସୁମତିକୁ ନେଇ ଚାଲିଲା ବାହାରକୁ ।ଯାଡେ ସିଆଡେ ଖୋଜୁଥାଏ ତାଙ୍କୁ,ଏସବୁ ଦେଖି ସାଙ୍ଗ କହୁଥାଏ,ଆରେ କାହାକୁ ଖୋଜୁଛୁ ?ପ୍ରୀତି କହୁଥାଏ କାହିଁ ନାଇଁତ ? ଆରେ ସୁମତି, କିଛି ବାଦାମ ଆଉ ମଟର ମୁଁ ଆଣୁଛି,ତୁ ଛିଡା ହୋଇଥା, କହି ଗଲା ସେଇ ଦୋକାନରୁ ।ପ୍ରଣୟ ଧରି ମୁହଁ ବୁଲାଇଲା ବେଳକୁ ସେଇ ସୁନ୍ଦରୀର ମୁହଁ ଦେଖି ଆଶ୍ଚର୍ଯ୍ୟ ଓ ବିଭୋର ହୋଇଗଲା ।ଦୁହିଙ୍କ ଆଖି କଣ କଣ କହି ପକାଇଲା କେଜାଣି,ଆସ ମୁଁ ଆଗରେ... କହି କିଛି ବାଟ ଚାଲିଆସିଲା ପ୍ରଣୟ ।ସଅଳ ସଅଳ ପବନ ବେଗରେ ଛୁଟି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଲା ପ୍ରୀତି ।ତା ପାଖରେ କହିଲା,ବହୁତ ଖୁସି ଲାଗିଲା ତୁମକୁ ଦେଖି,ତୁମେ ବହୁତ ସୁନ୍ଦର ।ପ୍ରଣୟ ବି କହିଲା ତୁମେ ତ ସାକ୍ଷାତ ପରୀ ।ହୁଁ...ଦୁଷ୍ଟ,ସାଙ୍ଗ ଅଛି ।ଆସ ଆଗକୁ ।ପ୍ରୀତି ଓ ସୁମତୀ ଦୁହେଁ ଆଗକୁ ଯାଉଥାନ୍ତି ।ଫେରି ଫେରି ପଛକୁ ଚାହୁଁଥାଏ ପ୍ରଣୟକୁ ।ପ୍ରଣୟ ଚାହୁଁଥାଏ,ଭାବୁଥାଏ . ସେ ରହିଯାନ୍ତା କି ?କେତେ କଥା ହୁଅନ୍ତା ।ପ୍ରୀତି ରହିଗଲା...ସୁମତି କିନ୍ତୁ କିଛି ଦୂରରେ ।ପାଖରେ ନ ଦେଖି ପଛକୁ ଚାହିଁ କହିଲା,ଆରେ ରହିଗଲୁ ଯେ ?ପ୍ରୀତି ବାହାନାରେ କହୁଥାଏ,ଗୋଡ଼ ଝିମ୍ ଝିମ୍ ହୋଇଗଲା ତ ?ପ୍ରଣୟ ପହଁଚିଗଲା ପାଖରେ,ଆଉ କହିଲା ପ୍ଲିଜ୍ ଏକ୍ସ କ୍ୟୁଜ୍ ମି, ଆପଣଙ୍କ ଫୋନ୍ ଟିକେ ଦେବେ କି ?ମୋର ଚାର୍ଜ ସାରିଯାଇଛି ତ,ଟିକେ ଅର୍ଜେଂଟ କଲ ଟେ କରିଥାନ୍ତି ।ଆଗ୍ରହରେ ପ୍ରୀତି ବଢ଼େଇ ନେଲା,ଆଉ ତା ନିଜ ନମ୍ବରକୁ ମିସ୍ କଲ୍ ଟେ କରି ଲାଗୁନାହିଁ କହି ମୋବାଇଲ ବଢ଼େଇ ଦେଲା ।ଥ୍ୟାଙ୍କ ୟୁ କହି welcome ଶୁଣିବାକୁ ଭୁଲିଲା ନାହିଁ ।

ପୁଣି ଚାଲିଲା ଦୁହିଙ୍କ ଅସଲ ନାଟକ ।ଆଉ କେହି ବି ଦୁହିଙ୍କ ଭିତରୁ ମଞ୍ଚର ନାଟକ ଦେଖୁ ନ ଥାନ୍ତି ।ନାଟକ ସରିଲା ହେଲେ ଦୁହିଙ୍କ ଜୀବନ୍ତ ନାଟକର ଅଙ୍କ ସତେ ଯେମିତି ଧାରାବାହିକ ପରି ଚାଲି ରହିଯାଇଥାଏ ।ଆଖି ପିଛୁଳାକେ ଲୋକାରଣ୍ୟ ଭିତରେ କେହି କାହାରିକୁ ନ ପାଇ ମନ ଦୁଃଖରେ ଘରକୁ ଫେରିଲେ ।

ଦୁହିଙ୍କ ଆଖିକୁ କଣ ନିଦ ଅଛି ।ପ୍ରଣୟ ଚାଲାକିରେ ନେଇଥିବା ନମ୍ବରକୁ ଖୋଜି ଲଗାଇଲା ଫୋନ୍ ।କି ମଧୁର କଣ୍ଠସ୍ୱରର କଥା ।ଆରେ ଯାହା କହୁଛ ଶୀଘ୍ର, ମାଆ ଉଠିଲେ ରାଗିଯିବ ?କେତେ କୈଫିୟତ ଦେବାକୁ ହେବ ।

ତୁମ ନାଆଁ ?

ପ୍ରଣୟ ।

Magazine Downloaded from www.aahwaan.com

ଆଉ ତୁମ ?

ପ୍ରୀତି ।

କଣ ପଢୁଛ ?

ଏଥର ମାଟ୍ରିକ ପରୀକ୍ଷା ଦେଇଛି ?

ତୁମେ ?

+୨ ୨ୟ ବର୍ଷ ବିଜ୍ଞାନ,ଏଇ ଧରଣୀ ଧର ମହାବିଦ୍ୟାଳୟ ରେ ପଢେ ।

ଘର ପ୍ରଣୟପୁର,ଏଠାରୁ ୫୦କି. ମି.ଦୂର,ହଷ୍ଟେଲ ରେ ରହି ପଢୁଛି ।

ତୁମେ ଆମ କଲେଜରେ ପଢିବ ?

ଘରେ ଯେଉଁଠି ପଢ଼ାଇବେ ।

ହେଲେ ମୁଁ ଚାହୁଁଚି ଏଇଠି ପଢ଼,ପଢିବ ନା ?

ହଉ ରେଜଲ୍ଟ ବାହାରୁ ।

ମୁଁ କିନ୍ତୁ ରେଜଲ୍ଟ ତୁମକୁ ପ୍ରଥମେ ଜଣାଇବି ।ତୁମ ଘର ?

ଏଇ ପ୍ରୀତିପୁର ଯେଉଁଠି ଯାତ୍ରା ହେଉଥିଲା,ପାଖ ବର ଗଛ ପାଖର ଏକୁଟିଆ ଘରଟା ।

ହଉ ମୁଁ ଯିବି... ।

ନାଁ ବାବା ନାଁ ।ରଖ ।

ପରୀକ୍ଷା ଫଳ ବାହାରିବା ପୂର୍ବ ଦିନ ରାତିରେ ନିଦ ନ ଥାଏ ପ୍ରଣୟକୁ ।ସକାଳୁ ବଗ ପରି ବସି ଶୁଣୁଥାଏ ଖବର ।ସକାଳ ନଅଟା ।ବାହାରିଲା ରେଜଲ୍ଟ ।ଚାଲିଲା ପ୍ରୀତିଘର ,ବରଗଛ ମୂଳେ ରେଜଲ୍ଟ କଥା ଫୋନରେ ବଡ ପାଟିରେ କହି ଚାଲିଲା ସାଙ୍ଗକୁ ମାର୍କ ବିଷୟରେ ।ଏସବୁ ଶୁଣି ପାନ ଦୋକାନୀ ରଘୁଆ କହିଲା,ଆଜ୍ଞା ଏଇଠି ମଲ୍ଲୀ ମାଉସୀଙ୍କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଝିଅ ପରୀକ୍ଷା ଦେଇଛି ତ ?

ରଘୁଆ ନାନୀ ନାନୀ କହି ଡୁହାଇ ପକାଇଲା ଓ ଡାକି ଆଣିଲା ତାଙ୍କୁ ।ପ୍ରଣୟ ପ୍ରଣାମ କଲା ଓ ରୋଲ ନମ୍ବର ମାଗିଲା ।ହେଲେ ସେସବୁ ଘରେ ଅଛି ପୁଅ, କିଛି ନ ଭାବିଲେ ଆସନ୍ତୁ ଘରକୁ, କହିବାରୁ ଆଗ୍ରହରେ ଚାଲିଲା ସେଇ ଘରକୁ ଯେଉଁଠି ଅଛି ତା ପ୍ରାଣ ସ୍ପନ୍ଦନ ।ଲୁଚା ଲୁଚା ଦେହର ଲାଜ ଲାଜ ହସକୁରା ମୁହଁ ସତରେ ମନଲୋଭା ଥିଲା ।ଆଉ ପ୍ରୀତି ଯେତେବେଳେ ଫାଷ୍ଟ କ୍ଳାସ ଫାଷ୍ଟ ଜାଣିପାରିଲା ତା ପାଦ ଆଉ ତଳେ ଲାଗିଲା ନାହିଁ ।ରହ ବାପା ମିଠା ଖାଇ ଯିବ, ଆଉ ଏ କେଉଁଠି ପଢିବ କେମିତି ପଢିବ ମୋତେ ଚିନ୍ତା କରିବାକୁ ପଡ଼ିବ,କହିଲା ।ମାଉସୀ ସେ ଧରଣୀଧର ମହାବିଦ୍ୟାଳୟ ରେ ପଢନ୍ତୁ ଭଲ ହେବ କହି ବିଦାୟ ନେଲା ।ଫର୍ମ ପକାଇଲା ।ଇଣ୍ଟିମେସନ ଲେଟର ଧରି ଆସି ହାଜର ।ଆଡ୍ମିସନ ଦିନ ସେ ଆଉ ପ୍ରୀତି ମିଶି ଆଡମିଶନ କରିଦେଲେ,ସମସ୍ତଙ୍କ ନଜର ଏ ଦୁଇ ଖଣ୍ଡିଉଡା ଦେଉଥିବା ପ୍ରେମୀଯୁଗଳଙ୍କ ଉପରେ ।ଚାଲିଲା କଲେଜ ରେ ଦେଖା ସାକ୍ଷାତ,ହସ ଖୁସି ।ହେଲେ ପାଣି ପବନ ବୃକ୍ଷଲତା ବି ସହି ପାରୁନାହାନ୍ତି ଏ ଆନନ୍ଦର ପୁଲକ ।

ଦିନେ କଥା ହେଉ ହେଉ ପ୍ରଣୟ ପଚାରିଲା ପ୍ରୀତିକୁ ତା ବାପା ବିଷୟରେ ।ଆଖିରୁ ବହି ଗଲା ଧାର ଧାର ଅଶ୍ରୁ ଯେତେବେଳେ ଶୁଣିଲା ସେ ବାପଛେଉଣ୍ଡ,ଜନ୍ମ ହେବା ପୂର୍ବରୁ ତା ବାପା ତା ମାଆକୁ ଛାଡି ଚାଲିଯାଇଛନ୍ତି ।ବୁଝାଇଲା କେତେ,ବୋଧ ବି କଲା ।ସରି ବି କହିଲା, ପ୍ରୀତି ଆଖିରୁ ଲୁହ ପୋଛିଦେଲା ।ଆରେ ମୁଁ ଥାଉ ଥାଉ ତୁମେ କାନ୍ଦିବ,ମୁଁ କେମିତି ସହି ପାରିବି ଯେ ?ହେଲେ ମୁଁ ପରା ଗରିବ,ଏ ଦୁନିଆଁରେ ଗରିବର ଆୟତନ କମ୍ କିବା ଆଦୌ ନ ଥାଏ ।କିଏ କହିଲା ପ୍ରୀତି, ଗରିବଙ୍କ ସ୍ଥାନ ନାହିଁ,ଧନୀ ଗରିବ ସମସ୍ତେ ପରା ସମାନ ।ଏସବୁ ପରା ମଣିଷର ମନ୍ଦ ଭାବନା ।ହେଲେ ପ୍ରଣୟ ଭାଇ,ତୁମେ ବଦଳିଯିବ ନି

Magazine Downloaded from www.aahwaan.com

ତ ?ମୋତେ ଭାରି ଡର ଲାଗୁଛି ।

ଛି ପାଗଳି ଟା, ଆରେ ଜହ୍ନଠୁ ଜୋଛନା କଣ ଦୁରେଇ ରହେ ।ସୁର୍ଯ୍ୟ ପଶ୍ଚିମରେ ଉଦୟ ହୋଇପାରେ ହେଲେ ..ପ୍ରଣୟ କଣ କେବେ ପ୍ରୀତିଠୁ ଦୁରେଇ ଯିବ,ପ୍ରାଣୟର ଥିଲା ହୃଦୟସ୍ପର୍ଶୀ ଉତ୍ତର ।

ଇତି ମଧ୍ୟରେ ବିଦ୍ୱେଷ ନାମରେ ସେହି କଲେଜର ଯୁବକ ପ୍ରୀତି ପଛରେ ପଡିଯାଇଥାଏ ।ମନ୍ତ୍ରୀଙ୍କ ପୁଅ,ସମ୍ଭ୍ରାନ୍ତ ଘରର ପିଲା ।ହେଲେ ଅସଭ୍ୟଙ୍କ ସମ୍ରାଟ ଥିଲା ସେ ।ସମ୍ମାନ ତ ତାଙ୍କୁ ଛୁଇଁ ନ ଥିଲା ।ଖଳନାୟକ ହୋଇ ଚଳାଇଲା ରାଜନୀତି ।ମାଆ ଟି ତାଙ୍କ ଅଫିସରେ ଛୋଟ ଚାକିରୀଟିଏ କରୁଥାଏ ।ତାଙ୍କୁ ଡାକିବା କି ଖବର ଦେବା ବାହାନାରେ ପ୍ରୀତି ପ୍ରତି ଖରାପ ନଜର ବି ପକେଇଛି ।ଖରାପ ଇଂଗୀତ ଦେଇଛି ।ପ୍ରଣୟ ଓ ପ୍ରୀତିର ମିଳାମିଶା ସମ୍ପର୍କକୁ କଦାକାର କରି କହିଛି ।ତାକୁ ପ୍ରଣୟ ସହ ମିଶା କରେଇଲେ ତା ଚାକିରୀ ଯିବ ବୋଲି ବି ଧମକ ଦେଇଛି ।ପ୍ରାଣୟକୁ ବି ପ୍ରୀତି ସାଙ୍ଗରେ ମିଶିଲେ ଜୀବନରେ ମାରିଦେଞ୍ଚ ବୋଲି ଧମକ ଦେଇଛି ।ପ୍ରୀତିକୁ ପ୍ରଣୟ ସହ ମିଳାମିଶା ପାଇଁ ଆକଟ ବି କରିଛି ସେ ।ସେଇ ସୁଯୋଗ ନେଇ ବିଦ୍ୱେଷ ଚାହିଁଛି କରିବାକୁ ମିଳାମିଶା ।ଆଉ ଜିଦ୍ ଧରିଛି ବିବାହ କରିବାକୁ ।ଆଉ ଯୋଜନା କରିଛି ବିବାହ ପରେ ତା ସହ ଦୈହିକ ସମ୍ପର୍କ ପରେ ବାହାର କରିଦେବ କିମ୍ବା ଜୀବନରୁ ମାରିଦେଞ୍ଚ ।ଏପଟେ ମାଆ ରାଣ ପକାଇ କହିଛନ୍ତି ପ୍ରଣୟକୁ ପ୍ରୀତି ସହ ନ ମିଶିବାକୁ ।ଦୁହେଁ ଦୁହିଁଙ୍କ ବିନା ଝୁରୁଛନ୍ତି ମାରୀଚିକାର ବାଲି ପରି ।ହୋଇଛି ବିବାହ ଦିନ ଉପନୀତ ।ହେଲେ ଆଖିର ଲୁହ ହିଁ ସାଥି ହୋଇଛି ପ୍ରୀତିର ।ପ୍ରଣୟର ଆଖିରେ ନିଦ ନାହିଁ,ମନରେ ଫୁର୍ତ୍ତି ନାହିଁ କି ସ୍ପନ୍ଦନରେ ପ୍ରୀତି ନାହିଁ ।ତଥାପି ମନରେ ଆଶା,ତା ଆଶା ପୂରଣ ହେବ ।ହଠାତ୍ ମନେ ପଡ଼ିଲା ସ୍କୁଲ ସାଙ୍ଗ

Magazine Downloaded from www.aahwaan.com

ବିବେକ କଥା । ସେ ପରା ସିବିଆଇ ଅଫିସର ।ଯେତେ ଅପରାଧ ର ପ୍ରମାଣ ରଖିଥିଲା ବିଦ୍ୱେଷର, ତା ପାଖକୁ ପଠାଇ ସବୁ କଥା ଜଣାଇଲା ।ଶୀଘ୍ର ବ୍ୟବସ୍ଥା କରିବାକୁ କହିଲା ।ସଂଗେ ସଂଗେ ବିବେକ ଦଳ ବଳ ଧରି ବେଦୀ ଉପରେ ଆରେଷ୍ଟ କଲା ବିଦ୍ୱେଷକୁ ।ମାତ୍ର ମଙ୍ଗୁଳା କନ୍ୟା ଅବିହାଡ଼ି ରହିଯିବ ଭାବି କାନ୍ଦି ପକାଇଲେ ପ୍ରୀତିର ମାଆ ।ପୁଣି ଭାବି ଜ୍ୱାଇଁ ଏକ ଅପରାଧୀ ଜାଣି ଦୁଃଖରେ ମ୍ରିୟମାଣ ହୋଇଗଲେ ।ପ୍ରୀତି ଆଉ ତାଙ୍କ ମାଆ, ଏଦୁହେଁ ଆଖିର ଲୁହକୁ ସାଥିକଲା ପରି କାନ୍ଦୁଥାନ୍ତି ।ହଠାତ୍ ପ୍ରଣୟର ହାତଧରି ବିବେକ ପହଁଚିଲା ବେଦୀ ପାଖରେ ଆଉ ସାଥିରେ ବରବେଶ ।ପ୍ରୀତିର କାନ୍ଦ ଦ୍ୱିଗୁଣିତ ହେଉଥାଏ ।କେତେ ଆଶା କରିଥିଲା ପ୍ରଣୟ ସହ ପ୍ରଣୟ କରିବାକୁ ହେଲେ ଏମିତି ଭାଗ୍ୟ ନା ବିଦ୍ୱେଷ ନା ପ୍ରଣୟ ।ପ୍ରଣୟ ସେଇ ବେଦୀରେ ବସିଲାରୁ ସମସ୍ତେ ଆଶ୍ଚର୍ଯ୍ୟ ହେଉଥାନ୍ତି ।ବିବେକ ପ୍ରୀତିର ହାତ ଧରି ନେଇ ବେଦୀରେ ବସାଇ ବ୍ରାହ୍ମଣଙ୍କୁ ମନ୍ତ୍ର ପଢିବାକୁ କହିଲେ ।ତା ପରେ ସେଇ ସଙ୍ଗୀତର ମୂର୍ଚ୍ଛନା ଛୁଟି ଆସିଲା ସତେ ଯେମିତି ସେ ମଞ୍ଚ ଉପରୁ ।ସମସ୍ତେ ଆନନ୍ଦରେ ଦୋହରାଇ ଗାଇ ଉଠିଲେ, ମନରେ ମନ ମିଶିଲେ ଆଉ ଭୁଲିହୁଏନା ।

ଜମ୍ବରା,କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁକୁର ଭାରି ବିଶ୍ୱସ୍ତ



ମହେଶ୍ୱର ସାହୁ

ଲୋକଟିଏ ଦୁଇଟି କୁକୁର ପାଳିଥାଏ । ହେଲେ ସେମାନଙ୍କର ଚର୍ଚ୍ଚା ଠିକ ଭାବରେ କରୁନଥାଏ । ଯାହା ହେଲେବି ସେମାନେ ଯ୍ୟା ଘର ତା ଘର ହୋଇ ନିଜର ପେଟ ପୋଷି ଜୀବନ ନିର୍ବାହ କରନ୍ତି । ଥରେ ନିଜ ଘରେ ବଡ଼ ଭୋଜିର ଆୟୋଜନ ହୋଇଥାଏ । କୁକୁର ଦୁଇଟିର ଖୁସିର ସୀମା ନ ଥାଏ । ମନ ଭରି ସୁସ୍ୱାଦୁ ବ୍ୟଞ୍ଜନ ଖାଇବେ । ରୋଷେଇ ଠାରୁ ଏପଟ ସେପଟ ହେଉଥାନ୍ତି । ଆଃ କି ବାସ୍ନା । ଭାତ, ଖିରି, ପୁରୀ ଆଦି ନାନା ବ୍ୟଞ୍ଜନ ରୋଷେଇ ଚାଲିଥାଏ । ରୋଷେଇ ସରି ସରି ଆସୁଥାଏ କୁକୁର ଦୁଇଟିର ଖାଇବାର ଆଶା ଆହୁରି ବଢ଼ି ବଢି ଚାଲିଥାଏ । ଭୋକରେ ଆଉଟୁ ପାଉଟୁ ହେଉଥାନ୍ତି ଓ ରୋଷେଇ ଶାଳ ପାଖକୁ ଯାଇ ବୁଲି ଆସୁଥାନ୍ତି । କୁକୁର ଦୁଇଟିର ରୋଷେଇ ଶାଳା ପାଖକୁ ବାରମ୍ବାର ଯିବାରେ କ୍ରୋଧାନ୍ୱିତ ହୋଇଯାଇଥିଲେ ଭୋଜି କରୁଥିବା ଲୋକର ପଡୋଶୀ ଜଣେ । ପାକଲା ବାଉଁସର ବାଡ଼ି ଆଣି କୁକୁର ଦୁଇଟିର ସର୍ବାଙ୍ଗ ଶରୀରକୁ ବାଡେଇ ଦେଇଥିଲେ । ପଡୋଶୀ ଜଣଙ୍କ ଭାରି ଚୋର ପ୍ରକୃତିର । ସେ ଯେତେବେଳେ ଲୋକଟିର ବାଡିରୁ କିଛି ଚୋରାଇ ନେବାକୁ ଇଛା କରେ କୁକୁର ଦୁଇଟି ବହୁତ ବାଧା ଦେଇଥାନ୍ତି । ସେଇ ରାଗ ସୁଜେଇବାକୁ ଯାଇ ପଡୋଶୀ ଜଣଙ୍କ କୁକୁର ଦୁଇଟିକୁ ବେଶ ବାଡେଇ ଦେଇଥିଲା । କାରଣ କୁକୁର ରୋଷେଇ ଘରକୁ ପଶିଗଲେ ଭୋଜନ ଅପବିତ୍ର ହେଇଯିବାର ଆଖ୍ୟା ଅଛି ପୁରାଣ ମାନଙ୍କରେ ।

ପଡୋଶୀ ଜଣଙ୍କ ବହୁତ ଖୁସି ହୋଇ ଯାଇଥିଲା କାରଣ କୁକୁର ଦୁଇଟି ମାଡ଼ ଖାଇ

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

ବାଡ଼ ମୂଳରେ ନିଜ କର୍ମ କୁ ଆଦରି ବସି ରହିଲେ । ଅଷ୍ଟାଙ୍ଗ ଶରୀର ଜଳି ଯାଉଥାଏ ଯନ୍ତ୍ରଣାରେ । ବିଚରା କୁକୁର ଜାତି ବୁଝୁଛି କିଏ । ମଣିଷ ହେଇଛି ଯେ ନିଜ ସାଙ୍ଗ ସାଥି ଓ ବନ୍ଧୁ ବାନ୍ଧବ ମାନଙ୍କୁ ଡାକି ଲଢେଇ କରିବ । ପେଟ ପୋଡି ଯାଉଥାଏ ଏଣେ ଦେହର ଯନ୍ତ୍ରଣା ହେଲେ ବିଶ୍ୱାସ ଥାଏ ସୁସ୍ୱାଦୁ ଖାଦ୍ୟ ଖାଇବ ଏତେ ନ ହେଲେ ଅଇଁଠା କଇଁଠା ପତ୍ରରେ ଛାଡିଥିବା ଖାଦ୍ୟକୁ ଚାଟି ଖାଇ ନିଜର କ୍ଷୁଦା ମେଣ୍ଟେଇବାର ଆଶା ରଖିଥାନ୍ତି । ଏମିତି ଭାବି ହେଉଥାନ୍ତି ଓ ଯନ୍ତ୍ରଣାକୁ ନିଜ ହୃଦୟରେ ଚାପି ଧରି ଭୋଜନ ଖାଇବାର ଆଶା ଓ ଆକାଂକ୍ଷା ବାନ୍ଧି ଧରିଥାନ୍ତି ହୃଦୟରେ । କୁକୁର ଜାତି ତାଙ୍କୁ ବାଦ ହିଂଶା କଣ ଜଣା ଯେ ସେ କାହାର ଚାଟୁ କଥା କି ଇର୍ଷା ଚୋରି ମନ ବୃତ୍ତିକୁ ବୁଝି ପାରିବେ ।

ପଡୋଶୀ ଜଣଙ୍କ କୁକୁର ଦୁଇଟିକୁ ଭଲ ଭାବରେ ଉତ୍ତମ ମାଧ୍ୟମ ଦେଇ ସେଠାରୁ ତଡି ଦେଲେ । ଏବେ ତାଙ୍କୁ ସମ୍ପୂର୍ଣ ସୁଯୋଗ ମିଳିଯାଇଥିଲା ଯେ କିଛି ନା କିଛି ସାମଗ୍ରୀ ନିଜ ଘରକୁ ବୋହି ନେବାର । ତେଣୁ ସେ ଲୁଚେଇ ଚୋରେଇ ମସଲା ଓ ଅନ୍ୟାନ୍ୟ ସାମଗ୍ରୀ ଘରକୁ ବୋହି ନେବାରେ ଲାଗିଲା । ରୋଷେଇ ତେଲ, ଚାଉଳ, ପରିବା ଓ ଅନ୍ୟ ଦାମୀ ମସଲା ଘରକୁ ନେବାରେ ଲାଗିଲା । ଭୋଜିର କର୍ତ୍ତା ଶୁଣିବାକୁ ପାଇଲେ ଯେ ତା କୁକୁର ଦୁଇଜଣ ରୋଷେଇ ଶାଳ ପାଖରେ ଅନିଷ୍ଟ କରୁଛନ୍ତି । ଲୋକ ଜଣଙ୍କ ଏହି କଥା ଶୁଣି ବହୁତ ରାଗି ଗଲେ । ଏହି କୁକୁର ଦୁଇ ଜଣ ବହୁତ ମୁହଁ ବଢା ହେଇ ଗଲେଣି । ଏମାନଙ୍କୁ ଦାନା ଦେଇ ପୋଷିବାର ଅର୍ଥ ଅନର୍ଥର କାରଣ ଅଟେ । ଏଣୁ କର୍ତ୍ତା ଜଣଙ୍କ କୁକୁର ଦୁଇଟି କୁ ଖୋଜିବାରେ ଲାଗିଲେ । ବହୁତ ଡାକିଲେ ତପୁ ସିପୁ ଖାଇବ ଆସ । କୁକୁର ଦୁଇଟି ଶୁଣି ପାରିଲେ । ଚାଲିବାକୁ ବଳ ନ ଥାଏ ତଥାପି ଘୁଷୁରୀ ଘୁଷୁରୀ ଯିବାକୁ ଚେଷ୍ଟା କଲେ । କୁକୁର ଦୁଇଟିର ଗୋଡ଼ ଭିତରେ ଥିବା ହାଡରେ ମାଡ଼ ବାଜି ପୁରା ଫୁଲି ଯାଇଥାଏ । ଶରୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଦନା କାହାକୁ କହିବେ ବିଚରା ନିରୀହ ପଶୁ ଦୁଇଟି । ତଥାପି ଘୁଷୁରୀ ଘୁଷୁରୀ ଭୋ ଭୋ ହେଇ ବାଡ଼ ମୂଳରୁ ବାହାରି ଚାଲିଲେ ନିଜ ମାଲିକ ପାଖକୁ । ମନରେ ଆଶା ଓ ଭରଷା ଥାଏ ମାଲିକ ଆଜି ଭୋଜି ଦେଉଛନ୍ତି ନିଶ୍ଚୟ ଆମ ଭୋକା ପେଟରେ କିଛି ଦାନା ପଡିବ । ଏମିତି ଭାବି ସେମାନେ ପହଁଚିଲେ ମାଲିକ ପାଖରେ ।

ଲୋକ ଜଣଙ୍କ ଆଗରୁତ କୁକୁରକୁ ଦାନା ଦେଇ ପୋଷିବାରେ କୁଣ୍ଠିତ ଥିଲେ । ହଠାତ କହି ପକେଇଲେ ବୁଲାଟିଆ କୁକୁରଙ୍କୁ ଦାନା ଦେଇ ରଖିଲେ ତାର ଫଳ ଏମିତି ମିଳେ । ଏମିତି କହି ହାତରେ ଗୋଟେ ମଜବୁତ ଲାଠି ଧରି ଦଉଡି ଆସିଲେ କୁକୁର ଦୁଇଟି ପାଖକୁ । ତାଙ୍କୁ ଏଇ କୁକୁର ଦୁଇ ଜଣଙ୍କ ଅବସ୍ଥା ଦେଖିବାର ସମୟ ନ ଥିଲା କାରଣ ପ୍ରଥମରୁ ଲୋକଙ୍କ କଥା ଶୁଣିଥିଲେ ଯେ ଏମାନେ ରୋଷେଇ ଶାଳା ପାଖରେ ନଟର ପଟର ହେଉଥିଲେ । ତେଣୁ ବିଚରା କୁକୁର ଦୁଇଟାଙ୍କୁ ରାଗ ଶାନ୍ତି ହେବା ଯାଏ ପିଟି ଚାଲିଲେ । କାଉଁ କାଉଁ ହେଇ ଗଡି ଯାଉଥାନ୍ତି । ଇଆଡ଼େ ନିସ୍ତୁକ ମାଡ଼ । ପେଟରେ ଭୋକ କୁ ଦେହରେ ମାଡ଼ । କିଏ ବା ସହିବ !ବେହୋସ ହୋଇ ଯାଇଥିଲେ କୁକୁର ଦୁଇଟି । ଲୋକ ଜଣଙ୍କ କୁକୁର ଦୁଇଟି ମରିଗଲେ ଭାବି ଆଉ ନ ପିଟି ଦୁଇଜଣ ଲୋକଙ୍କୁ କହିଲେ ଏଇ ଦୁଇଟାକୁ ନେଇ ପଡ଼ିଆରେ ଫିଙ୍ଗି ଦିଅ । କିଛି ଲୋକ ମିଶି କୁକୁର ଦୁଇଟାକୁ ନେଇ ପଡ଼ିଆରେ ଫିଙ୍ଗି ଦେଲେ ।

ରୋଷେଇ ସରିଲା । ଆମନ୍ତ୍ରିତ ଲୋକ ମାନେ ଆସିଥାନ୍ତି ଭୋଜନ କରିବାକୁ । ଚାରିଆଡେ ଆଲୋକର ସଜାଣି ହୋଇଥାଏ । ପଡୋଶୀ ଜଣଙ୍କ ତାଙ୍କ କାମରେ ଲାଗିଥାନ୍ତି । ରୋଷେଇ ସମୟରେ ମସଲା ଓ ଅନ୍ୟ ସାମଗ୍ରୀ ବୋହି ନେଇଥିଲେ ଏବେ ରନ୍ଧା ଯାଇଥିବା ଖାଦ୍ୟ ବୋହିବା ଆରମ୍ଭ ହେଲା । ସେ ତ ପ୍ରଥମେ କୁକୁରକୁ ତାର ରସ୍ଥାର କଣ୍ଟା ଭାବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜେ ଉତ୍ତମ ମାଧ୍ୟମ ଦେଇଥିଲା । ପରେ କୁକୁରର ମାଲିକଙ୍କୁ ଏଆଡୁ ସିଆଡୁ କହି ପୁଣି ମରଣାତ୍ମକ ମାଡ଼ ଦେଇ ବେହୋସ କରେଇ ଦେଇଥିଲା । ଏବେ ତାର କଣ୍ଟା ବୋଲି କେହି ନାହାନ୍ତି । ଯାହା ଚାହିଁବ ନେଇ ପାରିବ ।

ଏଣେ କୁକୁର ଦୁଇଟି ପଡ଼ିଆରେ ପଡ଼ିଥାନ୍ତି । ରକ୍ତାକ୍ତ ଶରୀର । ତପୁର ହୋସ ଫେରିଲା ଆଉ ସେ ଦେଖିଲା ସିପୁ ମଧ୍ୟ ତା ପାଖରେ ପଡିଛି । ସେ ଧୀରେ ଧୀରେ ଉଠିବାକୁ ଚେଷ୍ଟା କଲା । ସିପୁ ତାର ପିଲା ଦିନର ସାଙ୍ଗ । ସେ ମରିଗଲେ ତପୁ ବଞ୍ଚି ପାରିବ ନାହିଁ । ଘୁଷୁରୀ ଘୁଷୁରୀ ଯାଇ ସିପୁ ପାଖରେ ପହଞ୍ଚିଲା । ସିପୁର କାନ ପାଖରେ ଭୋ ଭୋ ହୋଇ କିଛି କହିବାକୁ ଲାଗିଲା । ଭଗବାନ ତପୁର ଡାକ ଶୁଣିଲେ ଆଉ ସିପୁର ହୋସ ହୋସ ଟିକେ ଆସିଲା । ସିପୁର ହୋସ ଆସିଲା ପରେ ଦୁହେଁ ଟିକେ ଦେହ ଲଗା ଲଗି ହେଲେ । ମୁହଁ ଲଗା ଲଗି ହେଲେ । କାମୁଡ଼ା କାମୁଡି ମଧ୍ୟ ହେଲେ । କିଛି ସମୟ ପରେ ଦୁଇଜଣଙ୍କ ଦେହରେ ଟିକେ ବଳ ଆସିଲା । ଦୁହେଁ ମନେ ପକେଇଲେ ତାଙ୍କ ମାଲିକର ଆଜି ଭୋଜି ହେଉଥିଲା । ହଁ ଯେ ହେଲେ ରାତି ଏତେ ହେଲାଣି କାଳେ ସରି ଯାଇଥିବ । ହଉ ସରିଲେ ସାରିଯାଉ ହେଲେ ଅଇଁଠା ପତ୍ର ଯାକ ଚାଟି ଦେଲେ ପେଟ ପୁରିଯିବ । ଯାହା ହେଉ ଦୁଇଜଣ ନିଜ ହୃଦୟରେ ଦମ୍ଭ ଓ ଶରୀରରେ ବଳ ହାସଲ କରି ଉଠି ପଡିଲେ । ଏକ ମୁହଁରେ ଧୀରେ ଧୀରେ ଚାଲିଲେ ମାଲିକ ଘର ପାଖକୁ । ଏଁ ମାଲିକ ଘରତ ସବୁ ଶୋଇଲେଣି ବୋଧେ । କେହି ବି ଲୋକ ଦେଖା ଯାଉ ନାଁହାନ୍ତି । ଖାଇବା ପତ୍ର ଗଦା ପାଖକୁ ଯାଇ ଦେଖିଲେ ଦଶ ବାରଟା ବୁଲା କୁକୁର ପତ୍ର ଗୁଡାକୁ ଚାଟି ଚାଟି ସବୁ ଖାଲି କରି ସାରିଛନ୍ତି । ଖାଇବେ କଣ ? ଅଥଚ ତପୁ ସିପୁ ଦୁଇଜଣ ବହୁତ ସାହସୀ । ଏମାନଙ୍କୁ ଦେଖି ବୁଲା କୁକୁର କିଏ କୁଆଡେ ଦଉଡି ପଳାଇ ଗଲେ । କାରଣ କୁକୁର ନିଜ ଗଳିରେ ସିଂହ ଭଳି

Magazine Downloaded from www.aahwaan.com

ହୋଇଥାଏ । ତପୁ ଆଉ ସିପୁର ଗର୍ଜନ ଦେଖି ଅନ୍ୟ କୁକୁର ମାନେ ମଧ୍ୟ ଭୟ କରି ଜାଗା ଛାଡି ଚାଲି ଯାଇଥିଲେ ।

ତପୁ ଓ ସିପୁ ମନ ଦୁଃଖରେ ଧୀରେ ଧୀରେ ଚାଲିଲେ ରୋଷେଇ ଶାଳ ପାଖକୁ ଯଉଁଠି ରୋଷେଇ ହେଉଥିଲା ଭୋଜି ପାଇଁ । କାରଣ ସେଇ ଜାଗାରେ ଥରେ ମାଡ଼ ଖାଇଛନ୍ତି । ପୁଣି ଥରେ ଯିବା ପାଇଁ ଛାଡି ଥରୁଥାଏ । ସବୁ ତ ସୋଇ ଯାଇଛନ୍ତି ଏବେ ଦେଖିବାକୁ କିଏ ଅଛି ଯେ ଭାବି ଆଗକୁ ଆଗକୁ ଧୀରେ ଧୀରେ ଚାଲିବାକୁ ଲାଗିଲେ । କିଛି ବାଟ ଯାଇଛନ୍ତି କିଛି ଖଡ଼ ଖାଡ଼ ଶବ୍ଦ ଶୁଣା ଗଲା । ଦୁହେଁ ଅଟକି ଯାଇଥିଲେ ଆଉ ଦେଖିବାକୁ ପାଇଲେ ସେଇ ପଡୋଶୀ ଜଣଙ୍କ କିଛି ଗୋଟେଇବାରେ ଲାଗିଛନ୍ତି । କୁକୁର ଜାତି ଯାହା ଠାରୁ ଥରେ ମାଡ଼ ଖାଆନ୍ତି ସେମାନେ ମରିବା ଯାଏ ଆଉ ତା ପାଖରୁ ମାଡ଼ ଖାଇବା ଭଳି କାର୍ଯ୍ୟ କରନ୍ତି ନାହିଁ । ଅର୍ଥାତ ଦୁରେଇ ରୁହନ୍ତି ସେଇ ଲୋକଙ୍କ ଠାରୁ । ଏମାନେତ ଭୋକା ପେଟ । ତଥାପି ପଡୋଶୀ ଠାରୁ ଦୂରେଇ ରହିଭୋକିବାରେ ଲାଗିଲେ ନିଜ ବଳ ମୁତାବକ । କୁକୁର ଦୁଇଜଣଙ୍କ ଭୋକିବା ଶବ୍ଦ ଶୁଣି ଲୋକ ଜଣଙ୍କ ବାହାରକୁ ଉଠି ଦେଖିଲେ କୁକୁର ଦୁଇଟା ମରି ନାଁହାନ୍ତି । ଏଥର ଆହୁରି ରାଗରେ ଜଳି ଯାଇଥିଲେ ଲୋକ ଜଣଙ୍କ । ୟେ କୁକୁର ଦୁଇଟା ପାଗଳ ହେଇଗଲେଣି । ଏମାନଙ୍କୁ ଏମିତି ମାରିଲେ ହେବ ନାହିଁ । ଖାଦ୍ୟରେ ବିଷ ଦେଇ ମାରିଦେଲେ ଯିବ । ଏମିତି ଭାବି ବଳକା ଖାଦ୍ୟରୁ କିଛି ଆଣି ସେଥିରେ ବିଷ ମିଶେଇ ଦେଇ ଦେବାକୁ ଚିନ୍ତା କଲେ । ସାଧାରଣତଃ କୌଣସି ଲୋକ ବିଷ ହେଉକି ଜହର ବିଲ ବାଡ଼ିରେ ଦେବାକୁ ବ୍ୟବହାର କରନ୍ତି । ଆଉ ସେଇ ବିଷକୁ ସେମାନେ ବାଡ଼ି ପାଖରେ ସାଇତି ରଖନ୍ତି । ଯେମିତି ଛୋଟ ପିଲା ନ ଧରନ୍ତୁ କି ଛୁଅନ୍ତୁ । ଲୋକଟି ମଧ୍ୟ ସେମିତି କରିଥିଲା । ସେ ବିଷ ବୋଟଲ ଟା ବାଡ଼ି ପାଖରୁ ଆଣିବାକୁ ଗଲା ବେଳକୁ ପଡୋଶୀ ଜଣଙ୍କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେଇ ବାଡ଼ି ପାଖରେ ଲୁଚି ରହିଥିଲା । ଧରା ପଡିଯିବା ଭୟରେ ଦେଲା ଗୋଟେ ପାହାର ମୁଣ୍ଡକୁ । ଏହି ସୁଯୋଗରେ ପଡୋଶୀ ଜଣଙ୍କ ଉପରେ କୁକୁର ଦୁଇଟା ନିଜ ଜୀବନକୁ ପଛରେ ପକାଇ ଝାମ୍ପି ପଡ଼ିଥିଲେ । ସେତେବେଳେ କୁକୁର ଦୁଇଟିର ଜୀବନ ମାଲିକ ଜୀବନ ସାମ୍ନାରେ ତୁଚ୍ଛ ହେୟ ଥିଲା । ରାମ୍ପୁଡି କାମ୍ପୁଡି କ୍ଷତ ବିକ୍ଷତ କରି ପକେଇଥିଲେ ଦେହ ସାରା । ଲୋକ ଜଣକ ଚିତ୍କାର ଶବ୍ଦ ପାଇ ନିଜ ଘର ଲୋକ ସହିତ ଅନ୍ୟ ପଡୋଶୀ ମାନେ ଆସି ହାଜର ହୋଇ ଯାଇଥିଲେ । ସେମାନେ ଦେଖିଲେ ଯେ ଲୋକଟିର ମୁଣ୍ଡ ଫାଟି ଯାଇ ରକ୍ତାକ୍ତ ଅବସ୍ଥାରେ ଛାଟି ପିଟି ହେଉଛି । କୁକୁର ଦୁଇଟି ଚୋରକୁ ଗଡେଇ ପଡ଼େଇ କାମୁଡିବାରେ ଲାଗିଛନ୍ତି । ଚୋରକୁ ଧରିବାକୁ ଯାଇ ଲୋକେ ଜାଣିଲେ ଯେ ସେ ଚୋର ହେଉଛି ନିଜ ପଡୋଶୀ । ଯିଏକି ରାତିରେ ବାଡ଼ିରେ ପଶି ଚୋରି କରୁଥିଲା । ଲୋକ ଜଣକୁ ଡାକ୍ତର ଖାନା ନିଆ ଯାଇଥିଲା । ଆଉ ସେ ଭଲ ହେଇ ଆସିଲା ପରେ ଚୋର ଯିଏ କି ନିଜ ପଡୋଶୀ ପାଖରୁ ସତ୍ୟ ଘଟଣା ଶୁଣିବାକୁ ପାଇଲେ ଯେ କୁକୁର ଦୁଇଟି ଲୋକଟିର କେମିତି ଉପକାର କରିବାକୁ ଚାଁହୁଥିଲେ । ଆଉ ସେ କେମିତି କୁକୁରକୁ ନିଜ ବାଟର କଣ୍ଟା ଭାବି ହଟେଇବାକୁ ଚାହିଁଥିଲା ସବୁ ଜଣେଇ ନିଜ ଦୋଷ ସ୍ୱୀକାର କରିଥିଲା ।

ଲୋକଟି ଏବେ ଜାଣି ପାରିଲା ଯଦି ଗୋଟେ କୁକୁରକୁ ଆମେ ଥରେ ମାତ୍ର ଖାଇବାକୁ ଦେଇଥିବା ତେବେ ସେ ଜୀବନ ସାରା ନିଜ ଜୀବନର ସୁରକ୍ଷା ପାଇଁ ଚେଷ୍ଟା କରିବ ହେଲେ ଜଣେ ମଣିଷକୁ ଯଦି ବର୍ଷ ବର୍ଷ ଖାଇବାକୁ ଦେବା ତେବେ ସେ ବେଳ ପଡିଲେ ଗୋଟେ ଦିନରେ ଭୁଲି ଯାଇ ନିଜ ରକ୍ତ ବୁହାଇବାକୁ ପଛେଇବ ନାହିଁ ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତିଥି ଦେବୋଭବଃ



ଅଙ୍କିତା ପାତ୍ରୀ

ଅତିଥିଙ୍କୁ ଆମ ସଂସ୍କୃତିରେ ଦେବତାର ସ୍ଥାନରେ ରଖାଯାଇଛି । ଏହି ଭାରତୀୟ ସଂସ୍କୃତି ବହୁତ ବିଚିତ୍ର ଓ ସଂସ୍କାରପୁର୍ଣ ହୋଇଥାଏ ମଧ୍ୟ । ଦେବତା କହିଲେ ଆମେ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ଅନ୍ୟ କେତେକ ପ୍ରାକୃତିକ ବସ୍ତୁକୁ ମଧ୍ୟ ମାନିଥାନ୍ତି ଯେପରି ପବନ, ଅଗ୍ନି, ଭୂମି ଆଦି ଅନ୍ୟତମ । ଏହି ଦେବା ଦେବୀ ରୂପରେ ଆମେ ମଧ୍ୟ ସର୍ପ, ହସ୍ତୀ, ମତ୍ସ୍ୟ, ଆଦି ପଶୁ ଓ ମୟୁର, ହଂସ, ଆଦି ପକ୍ଷୀ ମାନଙ୍କୁ ମଧ୍ୟ ପୂଜା କରିଥାନ୍ତି । ଆମେ ପୂଜା କରୁଥିବା ପଶୁ ହୁଅନ୍ତୁ କି ପକ୍ଷୀ ସମସ୍ତ ଜୀଵ ଏହି ସୃଷ୍ଟିରେ ବଞ୍ଚିବାର ଅଧିକାର ପାଇ ଥାନ୍ତି । ହେଲେ ଏହି ମାନଙ୍କ ମଧ୍ୟରେ ଦେବତ୍ୱର ସତ୍ତା ମଣିଷ ଅନୁଭବ କରିପାରେ ଯେତେବେଳେ ଏଇ ମାନଙ୍କ ଠାରୁ ସ୍ୱାର୍ଥ ହାସଲ କରିଥାଏ କିମ୍ବା ଏଇ ମାନଙ୍କୁ ମଧ୍ୟରୁ କିଛି ପ୍ରଳୟର କାରଣ ହୋଇ ଥାନ୍ତି ମଧ୍ୟ, ଆଉ କିଛି ଘାତକ ହୋଇଥାନ୍ତି ମଧ୍ୟ ତେଣୁ ମଣିଷ ଏମାନଙ୍କୁ ଦେବତାର ଆସନ ଦେଇ ଉଚ୍ଚ ପରିଧିର ଆଖ୍ୟା ଦେଇ ପୂଜ୍ୟର କାରଣ କରିଥାଏ ।

ଅତିଥି ମଣିଷ ପାଇଁ ବା ତାର ପରିବାର ପାଇଁ ଦେବତାର ଆସନରେ ଅଳଙ୍କୃତ ହୋଇ ନିଜକୁ ଧନ୍ୟ ମଣିଥାଏ । ପୁରାଣରେ ଆଖ୍ୟା ଅନୁସାରେ ଜଣେ ଅତିଥି ଭୋଜନ ସମୟରେ ଘରୁ ଫେରିଗଲେ ପାପ ହୋଇଥାଏ । ତେବେ ଏହି ପାପ ଶବ୍ଦକୁ ଜଣେ ସାଧାରଣ ମଣିଷ ମାନି ନେଇଥାଏ । ଭାବିଥାଏ ତାର ଅନର୍ଥ ହେବ, ସେ ନିର୍ଦ୍ଧନ ହେଇଯିବ, ତା ଘରକୁ ଲକ୍ଷ୍ମୀ ଛଡା ଦଶା ପଡିଯିବ । ସତରେ କଣ ଲକ୍ଷ୍ମୀ ଛଡା, ନିର୍ଦ୍ଧନ ଓ ଅନର୍ଥ ହେବା ପାଇଁ ଆମେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅତିଥି ସତ୍କାର କରିଥାନ୍ତି । ପ୍ରକୃତରେ ଅନାହାରରେ ଥିବା ଲୋକ ଯେତେବେଳେ ଖାଦ୍ୟ ପାଇଁ ବିକଳ ହୋଇଥାଏ ସେମାନଙ୍କର ଚର୍ଚ୍ଚା ହିଁ ପ୍ରକୃତ ଅତିଥି ସତ୍କାର ।

ଆଜି କାଲି ଦେଖା ଯାଏ ଯିଏ ଭଲ ପୋଷାକ ପରିଛଦ ଓ ବେଶ ଭୁଷା ରେ ଥାଏ ଓ ବଡ଼ ଲୋକି ଲୋକ ହେଇଥିବ ଗାଡ଼ି ଘୁଡା ଚଳାଉଥିବା, କୋଠା ବାଡ଼ି ଥିବ ସେଇ ଲୋକକୁ ମଧ୍ୟ ଅତିଥି ବା ବଡ଼ ଅତିଥି କହି ଆଦର ଚର୍ଚ୍ଚା କରିଥାନ୍ତି । କିଛି ଲୋକ ମଧ୍ୟ ରାଜନୀତିରେ ଥିବା ଲୋକଙ୍କୁ ଆତିଥ୍ୟ ପ୍ରାପ୍ତିର ଯୋଗ୍ୟ ବିବେଚିତ କରିଥାନ୍ତି । ସତରେ ଏଇ ଅତିଥି ସତ୍କାର ଭୟରେ ନା ଲାଳସା ରେ ?

ଦିନେ ଏକ ଲୋକର ଘରୋଇ ଭୋଜିରେ ଯାଇଥିଲି । ସେଠି ବହୁତ ଲୋକଙ୍କର ସମାଗମ ହେଉଥାଏ । ମୁଁ ମଧ୍ୟ ଗହଳି ମଧ୍ୟରେ ଭୋଜନ କଲି । କିଛି ସମୟ ଅନ୍ତରେ କିଛି ଲୋକ ଆସି ପହଁଚିଲେ । ସମସ୍ତେ ମୋଟର ଗାଡ଼ିରେ ଆସିଥାନ୍ତି । ଭୋଜି ଦେଉଥିବା ଲୋକଟି ଅତ୍ୟନ୍ତ ଆନନ୍ଦିତ ହୋଇ ଯାଇଥିଲା । ସଙ୍ଗେ ସଙ୍ଗେ ସେମାନଙ୍କର ଗୋଡ଼ ହାତ ଧୋଇ ଦେଇ ଘରେ ପଙ୍ଖାରେ ବସାଇ ବହୁତ ସ୍ୱଦ୍‌ସ୍ୱାଦୁ ଭୋଜନ ଦେଇଥିଲା । ସେମାନେ ଖାଇ ସାରିବା ପରେ ସେମାନଙ୍କୁ ନେଇ ଅଧା ରାସ୍ତାରେ ଛାଡି ଆସିଲେ । ମୁଁ ଖାଇ ସାରି ସେଇ ଠାରେ ବିଶ୍ରାମ ନେଉଥାଏ । ଜାଣିଲି କୁଆଡେ ସେମାନେ ନେତା ଶ୍ରେଣୀୟ ଲୋକ । ଆଉ କିଛି କହିବାର ନ ଥିଲା ପଳେଇ ଆସିଲି । ତା ପରେ ସେଇ ଭୋଜନ ସଭାକୁ ଜଣେ ରୁଗ୍ଣ, ଜୀର୍ଣ୍ଣଶୀର୍ଣ୍ଣ ଓ ମଇଳା ଛିଣ୍ଡା ଗୁନ୍ଥା କପଡା ପିନ୍ଧିଥିବା ଲୋକ ଆସି ପହଁଚିଲେ ! ଓ କହିଲେ ବାବୁ ଗଣ୍ଡେ ଖାଇବାକୁ ମିଳିବ ? ଭୋଜି ଦେଉଥିବା ଲୋକ ସଙ୍ଗେ ସଙ୍ଗେ କହି ପକେଇଲେ କୁଆଡୁ କୁଆଡୁ ଆସିଯାଉଛନ୍ତି କେ ଜାଣି । ଅପରିଷ୍କାର ମ୍ଲେଚ୍ଛ ଲୋକ ଗୁଡାକ କହିଦେଇ ଭିତରକୁ ଚାଲି ଯାଇଥିଲେ । ମୁଁ ଦେଖି ଦେଇ ଏହି ଦୃଶ୍ୟ ମୋ ଆଖିରୁ ଦୁଇ

Magazine Downloaded from www.aahwaan.com

ଟୋପା ଲୁହ ଝରି ପଡିଲା । ମୋ ମନରେ ପ୍ରଶ୍ନ ଆସିଲା ଏହି ବୈଶାଖ ମାସର ଝାଞ୍ଜିର ବୁକୁଚିରି ଆସିଥିବା ଏହି ଭୋକିଲା, ରୁଗ୍ଣା ଓ ଅକ୍ଷମ ବୟସ୍କ ଲୋକଟା କଣ ଜଣେ ଅତିଥି ନୁହେଁ ? କେମିତି ଦୁନିଆ ! ଏମାନେ ବି ମଣିଷ, ଏମାନଙ୍କର ବି ବଞ୍ଚିବାର ଅଧିକାର ଅଛି, ଏମାନଙ୍କର ମଧ୍ୟ ଆମ ଭଳି ରକ୍ତ ମାଂଶର ଶରୀର । ଏତିକି ଫରକ ଏମାନଙ୍କର ଅର୍ଥର ଅଭାବ । ଆମ ଭଳି ସାବୁନ ତେଲ କିଣି ଦେହକୁ ଚିକ୍କଣ କରିବାର ସାମର୍ଥ୍ୟ ନାହିଁ । ଭଲ ପୋଷାକଟିଏ ପିନ୍ଧିବାର ମଧ୍ୟ ସାମର୍ଥ୍ୟର ଅଭାବ ତେଣୁ ଆମକୁ ବୋଧହୁଏ ଅତିଥିର ତୁଳନାରେ ଯୋଗ୍ୟ ବିବେଚିତ କରିହୁଏ ନାହିଁ !

ବହୁତ ବାର ଦେଖିଛି ମାଗି ଖାଉଥିବା ଲୋକଟିଏ ଯେତେବେଳେ ଧନାଢ୍ୟ ହୋଇଯାଏ ସେତେବେଳେ ସେ ପଛକୁ ଚାହେଁ ନାହିଁ । କାହାରିକୁ ଦେଖିଲେ ଅଜଣା ଲୋକ ପରି ବ୍ୟବହାର କରିଥାଏ । ସତରେ ଏହି ଦୁନିଆ ବଡ଼ ବିଚିତ୍ର ଲୋକ ସଜ ମାଛରେ ପୋକ ପକେଇବା ଜାଣନ୍ତି ହେଲେ ଲୁଚେଇ ଲୁଚେଇ ମାଛଟିକୁ ଖାଇବାର ବାହାନା କରନ୍ତି । ଦୁଃଖକୁ ଆଦରି ସୁଖକୁ ଆହ୍ୱାନ କରୁଥିବା ଲୋକଟି ଦୁନିଆରେ ସୁଖୀର ଆସନ ନେଇଥାଏ । ଅତିଥି ସତ୍କାର ପୁଣ୍ୟ ଅଟେ ଏହି ମନ୍ତବ୍ୟ ଆମେ ପୁରାଣ, ଗୀତା ଓ ଭାଗବତରୁ ଶିକ୍ଷା ଲାଭ କରିଥାନ୍ତି ହେଲେ ଏହି ମନ୍ତବ୍ୟ ଓ ଦିଗ୍ଦର୍ଶନ ଦେଇ ଥିବା ଲୋକଟି ମହାନ ଓ ଦେବ ଯୋଗ୍ୟ ।

ଆମେ ସାଧାରଣତଃ ବ୍ରାହ୍ମଣ ଅତିଥି କହି ଚର୍ଚ୍ଚା କରନ୍ତି । ବ୍ରାହ୍ମଣ ଘରକୁ ଆସିଲେ ଭାଗବନର ଦର୍ଜା ଦେଇ ଅତିଥି ସତ୍କାରରେ ନିଜକୁ ଅର୍ପଣ କରିଥାନ୍ତି । ସେମାନଙ୍କର ଭୋଜନରେ କୌଣସି ତୃଟି ନ ହେଉ ସେଥି ପ୍ରତି ସଦା ସର୍ବଦା ତତ୍ପର ରୁହନ୍ତି । ହେଲେ ସେଇ ବ୍ରାହ୍ମଣ ପୂଜାରୀ ଘରକୁ ଅନ୍ୟ କେହି ନିଚ ଜାତିର ଲୋକ ଗଲେ ସେମାନେ କାହିଁକି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାତେ ନାକ ଟେକନ୍ତି । ଅଛୁଆଁ ଅଜାତି କହି କାହିଁକି ପଶୁ ବ୍ୟବହାର କରନ୍ତି । ସେମାନେ ତ କୁହନ୍ତି ଅତିଥି ଦେବତା ହେଲେ କଣ ଜଣେ ନିଚ ଜାତିର ଲୋକ ବ୍ରହ୍ମଣ ଘରରେ ଅତିଥି ନୁହେଁ ? ସେ କଣ ଚର୍ଚ୍ଚାର ଯୋଗ୍ୟ ନୁହେଁ । ସତ କହିବାକୁ ଗଲେ ପରମ୍ପରା ବନେଇଥିବା ଲୋକ ନିଜେ ପରମ୍ପରା କୁ ଭାଙ୍ଗିଦେଇ ଆଧିପତ୍ୟ ବିସ୍ତାର କରିଥାନ୍ତି ଅତିଥି ଦେବତା ବୋଲି କହି । ତେବେ କଣ ଅତିଥି ଦେବତା ନୁହେଁ ? ଯଦି ଜଣେ ବଡ ଜାତିର ଘରକୁ ଜଣେ ସାନ ଜାତିର ଲୋକ ଭୋକ ବିକଳରେ ଛିଣ୍ଡା ଓ ଗୁଣ୍ଡା ପିନ୍ଧି ଯାଏ ତେବେ କଣ ସାନ ଜାତିର ଲୋକଟି ଅତିଥି ଦେବତାର ଆସନ ମିଳି ପାରିବ ? ? ?

ବାପା: ରଞ୍ଜନ ପାଢ଼ୀ
ଲେଖିକା : ଅଙ୍କିତା ପାଢ଼ୀ
ସପ୍ତମ ଶ୍ରେଣୀ
ଗଗନ ବାବୁ ଛକ, ଏଡ଼ତାଳ ଭଦ୍ରକ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରୀକ୍ଷାର୍ଥୀ



ସ୍ନିଗ୍ଧା ଶୁଭ୍ରଜ୍ୟୋତି ରାଉତ

"ଦୁହିତା ଦୁଇ କୂଳକୁ ହିତା" କଥାଟା ଢଗଢ଼ମାଳିରେ ଭାରି ପ୍ରସିଦ୍ଧ । ହେଲେ ଦୁହିତା ଯେ ଅନ୍ୟ ମାନଙ୍କ ହିତ କରୁ କରୁ ନିଜେ କେବେ ଭୁଲିଯାଏ ତା ଅସ୍ତିତ୍ୱ ଜାଣିହୁଏନା । ମଧ୍ୟବିତ୍ତ ପରିବାରର ଏ ତ ସାଧାରଣ କଥା । ସେ ସ୍କୁଲରେ ଏତେ ଭଲ ଛାତ୍ରୀ ନଥିଲା । ହେଲେ ଭାଷଣ, ରଚନା ଲେଖାରେ ଥିଲା ଖୁବ୍ ଆଗ୍ରହୀ । ନବମ ଶ୍ରେଣୀରେ ଯେବେ ପ୍ରଥମକରି ରଚନା ଲେଖାରେ ସେ ତୃତୀୟ ସ୍ଥାନ ଲାଭକଲା, ତା ଆତ୍ମବିଶ୍ୱାସ ବୋଧେ ଟିକେ ସୁଦୃଢ଼ ହୋଇଥିଲା । କଲେଜରେ ପଢ଼ିବାକୁ ନାମ ଲେଖାଇଲା ବେଳେ ସେ ଭାବିଲା ସବୁ ସହପାଠୀ ଯୋଉଠି ପଢ଼ିବେ ମୁଁ ସେଠି ପଢ଼ିଲେ ବୋଧେ ମୋର ଯାହା କରିବାକୁ ଇଚ୍ଛା ହେବ ଯେମିତିକି ନାଟକରେ ଭାଗ ନେବା, ଗୀତ ଗାଇବା ଇତ୍ୟାଦି କରି ପାରିବିନି । କାରଣ ସମସ୍ତେ ଚିହ୍ନା ମୁହଁ ମୋତେ ଲାଜ ଲାଗିବ । ସେଥିପାଇଁ ବୋଧେ ତା ଇଚ୍ଛାକୁ ଭଗବାନ ବି ସମର୍ଥନ ଦେଲେ ତା ସବୁ ସହପାଠୀ ଗୋଟେ ସରକାରୀ କଲେଜରେ ରହିଗଲେ ସେ ଚାଲିଗଲା ଘରଠୁ ଦୂର ଗୋଟେ ସରକାରୀ କଲେଜକୁ ଯେଉଁଠି ନା ତାକୁ କେହି ଚିହ୍ନିଥିଲା ନା ଜାଣିଥିଲେ ।

ନୂଆ ବନ୍ଧୁମାନଙ୍କ ମେଳରେ ତାକୁ ଭାରି ଭଲ ଲାଗୁଥିଲା, ସମସ୍ତେ ବି ତାକୁ ଭଲ ପାଉଥିଲେ । ସ୍କୁଲ ସମୟରେ ସାହିତ୍ୟ ପ୍ରତି ଥିଲା ଅହେତୁକ ଦୁର୍ବଳତା ଓ ଗଣିତରେ ଡର, ଭାବୁଥିଲା ଏମିତି କିଛି ପାଠ ନଥାନ୍ତା କି ଯେଉଁଠି ଖାଲି ସାହିତ୍ୟ ଥାଆନ୍ତା ? ସତକୁ ସତ ସାହିତ୍ୟ ଅଧ୍ୟାପକଙ୍କ ମାଧ୍ୟମରେ ସେ ଜାଣିବାକୁ ପାଇଲା ସେ ସମ୍ବନ୍ଧରେ ।

କଲେଜର ବିଭିନ୍ନ ଉତ୍ସବ ଯଥା ସ୍ୱାଧୀନତା ଦିବସ, ଗୁରୁ ଦିବସ, ବାର୍ଷିକୋତ୍ସବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇତ୍ୟାଦି ପାଇଁ ହେଉଥିବା ଛୋଟ ଛୋଟ ନାଟକରେ ସେ ଅଭିନୟ କଲା । ଆଗରୁ କେବେ ମଞ୍ଚ ଉପରକୁ ନ ଯାଇଥିଲେ ବି ହଠାତ୍ କୁଆଡୁ କେଜାଣି ତା ପାଖରେ ସାହାସ ଆସିଥିଲା । ବୋଧେ ଯେହେତୁ ସେ ସମସ୍ତଙ୍କ ପାଖରେ ଅପରିଚିତ ବେଶି ହେଉ ହେଉ କଣ ହେବ, ହସିବେ ତ ହସନ୍ତୁ । ସାହିତ୍ୟ ଅଧ୍ୟାପକ ତାକୁ ରଚନା, ଭାଷଣରେ ଭାଗ ନେବାକୁ ପ୍ରୋତ୍ସାହିତ କଲେ, ଧିରେ ଧିରେ ସେ ପିଲାଙ୍କ ଭିତରେ ସୁପରିଚିତା ହୋଇଗଲା । ତା ବ୍ୟବହାର ଖୁବ୍ ଭଲ ଥିଲା ତେଣୁ ସମସ୍ତେ ତା ସହ ମିଶିବାକୁ ଚାହୁଁଥିଲେ । ଏମିତିରେ ଯୁକ୍ତ ଦୁଇ ସରି ଯୁକ୍ତ ତିନିରେ ପହଞ୍ଚିଲା । ଯୁକ୍ତି ତିନିରେ ଓଡ଼ିଆ ସମ୍ମାନ ସହିତ ସେ କଳା ବିଭାଗରେ ପଢ଼ିଲା । ବିଭାଗରେ ତାର ସବୁଠୁ ଭଲ ନମ୍ବର ରହୁଥିଲା । ଏମିତିକି ସହପାଠୀମାନେ ତାଠୁ ପଚାରି କିଛି ଅବୁଝା ରହିଲେ ବୁଝି ନେଉଥିଲେ । ଭାବିଥିଲା ଯୁକ୍ତ ତିନିପରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରିବ । ହେଲେ ବାପାଙ୍କ ବଦଳି ହୁଏ ଗଞ୍ଜାମ ଜିଲ୍ଲାର ଏକ ନିପଟ ମଫସଲ ଜାଗାକୁ । ମଧ୍ୟବିତ୍ତ ପରିବାରରେ ଟଙ୍କା ପଇସା ଯେ କେତେ କସାକଷି ଭୁକ୍ତଭୋଗୀ ହିଁ ଜାଣେ । ଆଗକୁ ପାଠପଢ଼ାଇବାକୁ ବାପା ରୋକଠୋକ୍ ମନା କରିଦେଲେ । ଆଗରୁ କିଛି ଟଙ୍କା ସଞ୍ଚୟ କରି ରଖିଥିଲା । ସେ ଟଙ୍କା ନେଇ ଫର୍ମ୍ ପୂରଣ କରି ଯଥା ସମୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ଦେଲା ଓ ଚୟନ ମଧ୍ୟ ହେଇଗଲା । ହେଲେ କୁହନ୍ତି ନା, ବିଡ଼ମ୍ବନା ଯାହା ଭାଗ୍ୟରେ ନଥାଏ ମିଳେନା, ସତଚେଷ୍ଟା କରିବା ପରେ ବି । ତା ସାଙ୍ଗରେ ବି ସେଇୟା ହିଁ ହେଲା । ସେତେବେଳେ ନୂଆ ନୂଆ କଂପ୍ୟୁଟରରେ ଅନଲାଇନ୍ ଆବେଦନ କରିଥିଲା ହେଲେ ଯେ ଫଳ ପ୍ରକାଶନର ପାଞ୍ଚଦିନ ମଧ୍ୟରେ ଆଡ଼ମିସନ ହୁଏ ବୋଲି ଜାଣିପାରିନଥିଲା । ଜାଣିବା ବେଳକୁ ଘରୁ ବାହାରି କଟକ ଯାଇ ଆଡ଼ମିସନ୍ କରିବା ଅବସ୍ଥାରେ ସେ ନଥିଲା । ଭାଗ୍ୟକୁ ଦୋଷ ଦେଇ କାନ୍ଦିଲା, ହେଲେ ତା କଥା ଶୁଣିବାକୁ କେହିନଥିଲେ । ଓଲଟା ମା କହିଥିଲେ ବାପାମା'ଙ୍କ

Magazine Downloaded from www.aahwaan.com

କଥା ନ ଶୁଣିଲେ ଏମିତି ହୁଏ । ଏ କଥା ପଦିକ ସତେ ଯେମିତି ତା କଟାଘା'ରେ ଚୁନ ଦେବାଭଳି ଲାଗୁଥିଲା । ଘର ଲୋକଙ୍କ ଇଚ୍ଛା ବିରୁଦ୍ଧରେ ପାଠ ପଢ଼ିବାକୁ ଚାହିଁ ବିଫଳ ହେଲା । ସେ ସମୟରେ  ଗୋଟେ କଂପ୍ୟୁଟର ସଂସ୍ଥାରେ ଯୋଗ ଦେଇ ଶିକ୍ଷକତା କଲା । ସମୟ ବିତିଚାଲିଥାଏ ତା ସହ କିଛି କରିବାର ଝୁଙ୍କ୍ ଯୋଗୁଁ ନାନା ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରି ଚାଲିଥାଏ ହେଲେ ସବୁଠି ବିଫଳତା ହିଁ ମିଳୁଥାଏ । ଘରେ ତା'ପାଇଁ ବାହାଘର ଦେଖିବା ଆରମ୍ଭ କରିଦେଇଥିଲେ । ସେ ଠାକୁରଙ୍କୁ ଡାକେ ନା ଏ ବାହାଘର ନ ହେଉ । ଏମିତି ଅନେକ ପ୍ରସ୍ତାବ ଭାଙ୍ଗି ଚାଲିଥାଏ । ଝିଅକୁ ବୟସ ହେବାରୁ ଘରଲୋକଙ୍କ ଚିନ୍ତା ବଢୁଥାଏ । କାରଣ ଝିଅଟି ଦେଖିବାକୁ ଚଳନ୍ତି ପକ୍ଷ । ମା କହୁଥାନ୍ତି କାହିଁକି ଏତେ ଟଙ୍କା ଖର୍ଚ୍ଚ କରୁଛୁ ନାନା ପରୀକ୍ଷା ପାଇଁ । ଝିଅଟା ଚାକିରୀ କରି କଣ କରିବୁ, ଭଲ ସ୍ୱାମୀଟେ ମିଳିଲେ ଜୀବନ କଟିଯିବ ସୁରୁଖୁରୁରେ । ଭାବେ ସତରେ କଣ ମୋର ମନ ଆଉ ଇଚ୍ଛା ବୋଲି କିଛି ନାହିଁ ? ନିଜ ଗୋଡ଼ରେ ଠିଆ ହେବାଟା କଣ ଭୁଲ ? ବେଶୀ ଦୁଃଖ ଲାଗେ ସେବେ ଯେବେ ତା ମା ବି ତା ମନକଥା ବୁଝି ପାରନ୍ତି ନାହିଁ । ଓଲଟା ଦିପଦ ଏଣୁ ତେଣୁ ଶୁଣାନ୍ତି, ମନ ବିଦ୍ରୋହ କରେ, କାନ୍ଦେ ସାରା ଦୁନିଆ ଏକା ଏକା ଲାଗେ ।

ଏମିତି ଏମିତି ହୋଇ କଟିଯାଏ ସମୟ । ବାହାଘର ପ୍ରସ୍ତାବ ଦେଖି ଦେଖି ଘରଲୋକ ହାଲିଆ, କୋଉଠି ହେଲେ ଠିକ୍ ହୋଇପାରୁନି । ଆଜିକାଲିକା ବାହାଘର ବଜାର ଯେମିତି ସରଗରମ୍ ବାହା ହେଉଥିବା ଝିଅ ଓ ତା ଘର ଲୋକଙ୍କର ସେ ସବୁ ପ୍ରକ୍ରିୟା ଦେଇ ଗଲାବେଳେ ଯେ କେତେ ଯନ୍ତ୍ରଣାପାଇ କ୍ଷତାକ୍ତ ହୁଅନ୍ତି ନ କହିବା ଭଲ ।

ଗୋଟେ ପ୍ରସ୍ତାବ ଆସେ, ଶାଶୁ ଶଶୁର ଦେଖିଯାଆନ୍ତି, ପୁଅ ଆସିବ ବୋଲି କହନ୍ତି ଦେଖିବାକୁ । ଯଥା ସମୟରେ ପୁଅ ଆସେ, ତାକୁ ପୁଅର ପ୍ରଥମ ପ୍ରଶ୍ନ ତମେ କଂପ୍ୟୁଟର ଶିକ୍ଷକ, ହେଲେ ମୁଁ ଚାହେଁନା ମୋ ସ୍ତ୍ରୀ ଚାକିରୀ କରୁ । ତା ଉତ୍ତର ଥିଲା ଜଣେ ରୋଜଗାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ଘର ଚଳାଇବା ଅପେକ୍ଷା ଦିଜଣ ରୋଜଗାର କଲେ ଘର ଭଲରେ ଚଳିବ । ତା'ଛଡ଼ା ଏ ତ ପର କଥା ଅବସ୍ଥାକୁ ଦେଖି ବ୍ୟବସ୍ଥା କରାଯିବ । ବୋଧେ ଏ ଉତ୍ତର ପୁଅଟିକୁ ସନ୍ତୁଷ୍ଟ କରିପାରିଲା । ତେଣୁ ଯଥା ସମୟରେ ବାହାଘର କରିବାକୁ ଘରଲୋକ ପ୍ରସ୍ତୁତ ହେଉଥିଲେ ହେଲେ ସେ ମନାକଲା । ନା ମୁଁ ଚାକିରୀ କରିବି ତା'ପରେ ଯାଇ ଯାହା । ମଧ୍ୟବିତ୍ତ ପରିବାରରେ ଝିଅକୁ ସମସ୍ତେ ବୋଝ ବୋଲି ଭାବନ୍ତି ତେଣୁ ବାପା କୁହନ୍ତି, "ତୁ ବାହା ନ ହେଲେ ମୁଁ ଆତ୍ମହତ୍ୟା କରିବି । ମୁଁ କଥା ଦେଇଛି । ମୋ କଥା ଫେରେଇ ପାରିବିନି ।" ମା କୁହେ ବାପା ମରିଗଲେ ଆମେ ମା ପୁଅ କଣ କରିବୁ ? ପରିବାର ଯାକ ତାକୁ ବୁଝେଇଶୁଝେଇ ବାହା କରି ଦିଅନ୍ତି । ଏକ ରକମ ଚାପ ପକେଇ ।

ସ୍ୱାମୀ ଥିଲେ ଖୁବ୍ ଭଲ । ବୁଝିବା ଭଳି ମଣିଷ ଜଣେ । ତେଣୁ ସେ ଭାବୁଥାଏ ସ୍ୱାମୀଙ୍କୁ ମନ କଥା କହିବ କି ତାର ଅଧ୍ୟାପକ ହେବାପାଇଁ ଭାରି ଇଛା । ହେଲେ ପ୍ରସ୍ତାବିତ ବିବାହରେ ସ୍ୱାମୀ ସ୍ତ୍ରୀ ଜଣେ ଜଣଙ୍କୁ ବୁଝୁ ବୁଝୁ ଗୁଡ଼େ ସମୟ ବିତିଯାଏ, ହେଲେ ମନ କଥା ମନରେ ରହିଯାଏ । ସ୍ୱାମୀ ଜଣେ ବେସରକାରୀ କମ୍ପାନୀ ଚାକିରୀଆ । ସ୍ୱଳ୍ପ ଦରମା ଯଦି ନ ପଢ଼େଇ ପାରିବେ ମନ କଷ୍ଟ କରିବେନି ତ ? ଏମିତି ଅନେକ ପ୍ରଶ୍ନ ମନ ଭିତରେ ଘାଣ୍ଟି ହେଉଥାଏ । ଏମିତି ଏମିତିରେ ଜାଣେ ସେ ମା ହେବାକୁ ଯାଉଛି । ସ୍ୱାମୀଙ୍କ ଭଲପାଇବା, ସ୍ନେହ ଓ ମାଆ ହେବାର ଅନୁଭୂତି ସବୁ ସ୍ତ୍ରୀ ମାନଙ୍କ ଆକାଂକ୍ଷିତ । ସେ ବା ସେଥିରୁ ବର୍ଜ୍ଜିଯାଇଥାନ୍ତା କିପରି ? ଝିଅଟିଏ ଜନ୍ମଦିଏ ଯଥା ସମୟରେ । ସ୍ୱାମୀ ତାର ଖୁବ୍ ଖୁସି । କାରଣ ତାଙ୍କର ଭଉଣୀ ନାହିଁ । ହେଲେ ସେ ମନେ ମନେ କାନ୍ଦେ ମୁଁ ଯେମିତି ମୋ ଇଛାର ସମାଧି ଦେଇ ଆସିଲି, ମୋ ଛୁଆବି ଭବିଷ୍ୟତରେ ପରିସ୍ଥିତିର ଚାପରେ ତା ଇଛାର ସମାଧି ନ ଦେଉ ।

ସମୟ ବିତିଚାଲେ, ଝିଅର ଲାଳନପାଳନରେ ସମୟ ଜଣାପଡ଼େନି । ସାଙ୍ଗ ସାଥିଙ୍କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସହ କଥା ହେଇ ଜାଣେ ଯେଉଁମାନେ ତା'ଠୁ ପାଠରେ ଖୁବ୍ ଖରାପ ଥିଲେ ସେମାନେ ଅଧିକ ପାଠପଢ଼ି ଅଧ୍ୟାପକ ହୋଇଗଲେଣି । ତା'ର ମନକଷ୍ଟ ହୁଏ ଭାଗ୍ୟର ବିଡ଼ମ୍ବନା ଭାବେ । ସ୍ୱାମୀ ବି ତାକୁ ବୁଝିପାରୁଥାନ୍ତି ଧିରେ ଧିରେ ତା'ର ଆଗ୍ରହ ବାବଦରେ । ତେଣୁ ସ୍ୱାମୀଙ୍କ ପ୍ରୋତ୍ସାହନରେ ପୁଣି ସଜବାଜ ହୁଏ ପରୀକ୍ଷା ଦେଇ ସରକାରୀ ଚାକିରୀ କରିବା ପାଇଁ କିମ୍ବା ପିଜି ପଢ଼ିବା ପାଇଁ । ହେଲେ ସବୁଠି ବିଫଳତା ମିଳେ । ହଠାତ୍ ଜାଣେ ସେ ଲିଖିତ ପରୀକ୍ଷାରେ ଚୟନ କରାଯାଇଛି, ଖାଲି ଯାହା ସାକ୍ଷାତକାର ବାକି ଅଛି । ସେଥିପାଇଁ ଖୁବ୍ ପ୍ରସ୍ତୁତ ହୁଏ ହେଲେ ଶେଷରେ ଜାଣେ ସରକାରୀ ଦଫ୍ତରରେ ବି ହାତଗୁଞ୍ଜା ଚାଲେ ।

ମନ ଖଟା ହୋଇଯାଏ । ଏତେଦିନର ପରିଶ୍ରମ କରି ଛୁଆକୁ ଧରି ପାଠପଢ଼ା ବେକାର ହୁଏ । ଗୋଟେ ନିରାଶା ମଣିଷକୁ ବହୁତ କିଛି ଭାବିବାକୁ ସୁଯୋଗ ଦିଏ, ଭାବେ ସତରେ କଣ, ଚାକିରୀ କରିବାପାଇଁ ତା ପଛରେ ଗୋଡ଼େଇ ମୁଁ ମୋ ଛୁଆ ଓ ସ୍ୱାମୀଙ୍କୁ ଅବହେଳା କରିନି ତ ? ଚାକିରୀ କଲେ ଯେ ଜଣେ ଖୁସିରେ ରହିବ ଏକଥା କଣ ଜରୁରୀ ? ବାରମ୍ବାର ଅସଫଳତା ମଣିଷର ମାନସିକ ସ୍ତରକୁ ଯେ କେତେ ଦୁର୍ବଳ କରେ ଏକଥା ବିଫଳତା ପାଇବା ଲୋକ ଜାଣେ । ହେଲେ ସ୍ୱାମୀ ବୁଝାନ୍ତି ମଣିଷ ଜୀବନ ସବୁ ମୁହୂର୍ତ୍ତ ସଂଘର୍ଷ, ଗୋଟେ ଗୋଟେ ପରୀକ୍ଷା । ଏ ପରୀକ୍ଷାରେ ଯେ ଜିତେ ସେ ବିଜୟୀ । ଯେଉଁ ପରିସ୍ଥିତିରେ ଅଛ ସେ ପରିସ୍ଥିତିରେ ଖୁସି ଖୋଜ ତୁମକୁ ଜୀବନ ନୁଆ ଲାଗିବ । ପଛକଥା ଭାବି ଅବଶୋଷ କରନା । ସବୁ ଅନ୍ଧାର ପରେ ଆଲୁଅ ଦିଶେ । ପ୍ରଚେଷ୍ଟା ଜାରିରଖ । ସଫଳ ଆଜି ନ ହେଲେ କାଲି ହେବ । ସ୍ୱାମୀଙ୍କ କଥା ବୁଝି ପୁଣି ପ୍ରସ୍ତୁତ ହୁଏ ଆଉ ଗୋଟେ ପରୀକ୍ଷା ପାଇଁ, ପ୍ରସ୍ତୁତି ଆରମ୍ଭ କରିବାକୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନ



ମିତା ବ୍ରହ୍ମା

ପିଲାଦିନରୁ ହିଁ ଆରମ୍ଭ ହୋଇଯାଏ ଜହ୍ନ ସହ ଭାବାତ୍ମକ ସମ୍ପର୍କଟିଏ, ମାଆର ସେଇ "ଆ ଜହ୍ନମାମୁଁ ଶରଗଶଶୀ, ମୋ ଧନ ହାତରେ ପଡ଼ରେ ଖସି" ଗୀତରୁ । ଆଉ ଯୋଡ଼ି ହୋଇଯାଏ ସାରା ଜୀବନପାଇଁ, ଆଉ ପିଲାଦିନର ସେ ଜହ୍ନ ପାଲଟିଯାଏ କୈଶୋରର ଆକାଂକ୍ଷା ତ କେବେ ଯୌବନର ପ୍ରଥମ ପ୍ରେମର ଭାବାବେଗ କେବେ ପୁଣି ବିରହର ବେଦନା ତ କେବେ ମଧୁର ମୂର୍ଚ୍ଛନା । କିନ୍ତୁ ସବୁବେଳେ ଖୁବ୍ ଆପଣାର ଲାଗେ ଯାହାକୁ ହୃଦୟର ସବୁ ପୃଷ୍ଠାକୁ ଖୋଲି ଦେଖେଇ ହୁଏ । ଆଜିର ଏହି ବିଜ୍ଞାନ ଯୁଗରେ ମଣିଷ ଚନ୍ଦ୍ର ପୃଷ୍ଠରେ ପାଦ ଥାପିଲେଣି କିନ୍ତୁ ଏବେ ବି ଜହ୍ନଭରା ଆକାଶକୁ ଚାହିଁଲେ କୋଉଠି ନା କୋଉଠି ପିଲା ଦିନର ସେ ନିରୀହ ମନଟା ଜାଗିଉଠେ ଜହ୍ନ ସହ ମନଖୋଲା କଥା ହେବାକୁ, ବୋଉର ସେଇ "ଆ ଜହ୍ନମାମୁଁ... " ଗୀତଟି ମନେ ମନେ ଆପେ ଆପେ ଦୋହରେଇ ହେଇଯାଏ । ସମୁଦ୍ରରେ ଗୋଟିକ ପରେ ଗୋଟିକ ଢେଉ କୂଳରେ ଆସି ଲହଡ଼ି ଭାଙ୍ଗିଲାପରି କେତେ ପ୍ରଶ୍ନ ମନରେ ଉଙ୍କିମାରେ କିନ୍ତୁ ଉତ୍ତର ନ ପାଇ କୋଉଆଡ଼େ ହଜିଯାଏ । ଇଚ୍ଛା ହୁଏ ସତରେ ଫେରି ଆସନ୍ତା କି ସେ ପିଲାଦିନ, ମା'ର କୋଳ ଆଉ ଆ ଜହ୍ନମାମୁଁ... ଗୀତ ଖରାଛୁଟି ବେଳର ଜହ୍ନ ଆଲୁଅରେ ସାଙ୍ଗସାଥି ସହ ଖେଳକୁଦ, ହସଖୁସି, ନାଚଗୀତ । କଲେଜ ସମୟର ହଷ୍ଟେଲ ଛାତରେ ସାଙ୍ଗମାନଙ୍କ ସହ ମସ୍ତି ଖୋଲା ଆକାଶ ତଳେ ଜହ୍ନ ଆଲୁଅ ଆଉ ସୁଲୁସୁଲିଆ ପବନ, କେବେ ସେମିଷ୍ଟାର ଟାଇମର ସେ ଲେଟ୍ ନାଇଟ୍ ଷ୍ଟଡ଼ି ଆଉ ଝରକା ବାହାରେ ଦିଶୁଥିବା

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

ଜହ୍ନକୁ ଚାହିଁ ପଢ଼ିଥିବା ପାଠ ମନେ ପକେଇବା । ଆଜି ବି କାଲି ପରି ଲାଗେ ଏସବୁ କିନ୍ତୁ ଜୀବନ ତ ବହୁତ ବାଟ ଆଗେଇ ଆସିଲାଣି । ହେଲେ ଜହ୍ନ ସେମିତି ଅଛି ।
ଜୀବନର ଗୋଟେ ଗୋଟେ ସିଡ଼ି ଚଢ଼ି ଆଜି ମାତୃତ୍ୱରେ ପଦାର୍ପଣ ପରେ ନିଜ ଧନକୁ କୋଳେଇ ନେଇ ଆକାଶର ସେଇ ଜହ୍ନମାମୁଁଙ୍କୁ ଦେଖେଇ ଦେଲାବେଳେ ପାଟିରୁ ଆପେ ଆପେ ବାହାରି ଆସେ, "ଆ ଜହ୍ନମାମୁଁ ଶରଗଶଶୀ, ମୋ ଧନ ହାତରେ ପଡ଼ୁ ଖସି ।"

ବାରିପଦା, ମୟୁରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଣୁଭୌତିକ କାହାଣୀ



ଦୀପକ ଷଡ଼ଙ୍ଗୀ

ହରିଶର ପିଲା ବେଳୁ ଇଛା ଥିଲା ସେ ଗୋଟେ ଭଲ ସାମ୍ବାଦିକ ହେବ । ସେଥିଯୋଗୁଁ ସେ ପ୍ରସ୍ତୁତି ବି ଆରମ୍ଭ କରି ସାରିଥିଲା । ଭାଗ୍ୟକୁ ଗୋଟେ ଛୋଟ ମାସିକ ପତ୍ରିକାର ସାମ୍ବାଦିକ ଭାବେ ସେ କଟକ ରେ ହିଁ ନିଯୁକ୍ତି ପାଇଲା । ଦିନେ ପତ୍ରିକାର ଏଡିଟର ତାକୁ ଗୋଟେ ସତ୍ୟ ଭୌତିକ ଘଟଣା ଉପରେ ଗଳ୍ପ ଲେଖିବାକୁ କହିଲେ ଯୋଉଟାକି କି ସେ ନିଜେ ଅଙ୍ଗେ ନିଭେଇ ଥିବ । ଯଦିଓ ହରିଶର ସେମିତି କିଛି ଭୁତ ପ୍ରେତ ଉପରେ ବିଶ୍ୱାସ କରେନି; ତଥାପି ଏଡିଟର ଙ୍କୁ କିଛି ସମୟ ମାଗି ଲେଖି କି ଦବା ପାଇଁ ସମ୍ମତି ଜଣାଇଲା । କଟକର ରାଜବଗିଚାରେ ସେ ଖଣ୍ଡେ ଭଡା ଘର ନେଇ ରହିଥିଲା । ଏକଦମ ଗଳି ଏରିଆ । ସେଦିନ ରାତିରେ ଝିପଝିପ ବର୍ଷା ହେଉଥାଏ । ଅଫିସରୁ ଆସୁଆସୁ ରାତି ୧୧ଟା ବାଜି ଯାଇଥାଏ । ଛତା ଯେହେତୁ ନେଇ ନଥିଲା ସେ ଅଧାଅଧି ଓଦା ହୋଇ ଯାଇଥିଲା । ଜୋରଜୋରରେ ଚାଲୁଥାଏ । ଘରେ ପହଞ୍ଚି ଗଲେ ହେଲା । ହଠାତ୍ ତାକୁ ଲାଗିଲା ଯେପରି ତାକୁ ଜଣେ କିଏ ପଛରୁ ଅନୁସରଣ କରୁଛି । ଟିକେ ରହି କି ପଛକୁ ଅନାଇଲା କେହି କୁଆଡେ ନାହାଁନ୍ତି । ବୁଲା କୁକୁର ଗୁଡା ଖାଲି ଯାହା ଭୁକୁ ଥାଆନ୍ତି । ସେ ପୁଣି ଆଗ କୁ ଚାଲିଲା । ଏଥର ତାକୁ ଅନୁସରଣ କରୁଥିବା ପାଦର ଶବ୍ଦକୁ ସେ ଠିକ ବାରି ପାରିଲା । ପଛକୁ ଚାହିଁ କହିଲା "କିଏ ସେଠି" ? ଗୋଟେ ଭଙ୍ଗା କେବିନ ପଛପଟୁ ବାହାରି ଆସିଲା ଗୋଟେ ଜିର୍ଣକାୟ ବୃଦ୍ଧ । ଷ୍ଟ୍ରୀଟଲାଇଟ୍ ରେ ତା'ର ମୁହଁ ଟା ସ୍ୱଷ୍ଟ ଜଣା ପଡୁନଥିଲା । କିନ୍ତୁ ଲାଗୁଥିଲା ଦାଢ଼ି ଓ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଲରା ଚୁଟିରେ ଭର୍ତି ଗୋଟେ ପାଗଳ ଭଳି । ଦଉଡି ଆସି ହରିଶର ଗୋଡକୁ ମାଡି ବସି କହିଲା "ବାବୁ ମୋତେ ୧୦୦ ଟଙ୍କା ଦିଅ ୪ ଦିନ ହେଲାଣି ମୋ ଘରେ ଚୁଲି ଲାଗିନି ଘରେ ରୋଗିଣା ସ୍ତ୍ରୀ ଆଉ ୫ ବର୍ଷ ର ପୁଅ" । କାନ୍ଦି କାନ୍ଦି ସେ ନୟାନ୍ତ ହେଇ ଯାଉଥାଏ । ହରିଶ ପୁରା ଡରି ଯାଇଥାଏ । ସେ ରାସ୍ତାରେ ଏକୁଟିଆ କେହି କୁଆଡେ ନାହାଁନ୍ତି । ପଇସା ନ ଦେଲେ ହୁଏ ତ ଲୋକଟା କିଛି ବି କରିଦେଇ ପାରେ । ସେ ତାକୁ କହିଲା "ହଉ ଉଠ ମୋ ଦେଖୁଛି ମୋ ପାଖରେ କେତେ ପଇସା ଅଛି" ପର୍ସ ଅଣ୍ଡାଳି ଦେଖିଲା ଦୁଇ ଖଣ୍ଡ ୧୦୦ ଟଙ୍କିଆ ନୋଟ୍ ଅଛି ସେ ସେଥିରୁ କାଢି ତା'କୁ ଖଣ୍ଡେ ଶହେ ଟଙ୍କା ଦେଲା । ଟଙ୍କା ହରିଶ ହାତରୁ ଝାମ୍ପି ନେଇ ଆଖି ପିଛୁଳାକେ ସେଠାରୁ ଉଭାନ ହେଇ ଗଲା ଲୋକଟା । ହରିଶ ଘରେ ପହଞ୍ଚି ମୁହଁହାତ ଧୋଇ ଯାଇ ଶୋଇ ପଡିଲା । ରାତିସାରା ଲୋକଟାର ସେ କଦର୍ଯ୍ୟ ଚେହେରା ତା ଆଖି ଆଗରେ ନାଚି ଉଠୁଥିଲା । ସକାଳୁ ଉଠି ନିତ୍ୟକର୍ମ ସାରି ଅଫିସ୍ ଯିବା ବେଳେ ସେଇ କେବିନ ପାଖରେ ଟିକେ ଅଟକି ଗଲା ଦେଖିଲା ସେ ଦେଇଥିବା ୧୦୦ ଟଙ୍କା ସେ କ୍ୟାବିନ ତଳେ ପଡିଛି । ଆରେ ଏ ସେ କଣ ଦେଖୁଛି ଏ ତ ବୋଧ ହୁଏ ସେଇ ଲୋକର ଫୋଟୋ । କିନ୍ତୁ ଫୋଟୋ ତଳେ ଏ କଣ ଲେଖା ଅଛି ୧୫ ଦିନ ହେଲାଣି ନିଖୋଜ ବୋଲି । ଟିକେ ପାଖକୁ ଯାଇ ଭଲକରି ପଢିବାକୁ ଚେଷ୍ଟା କରିବାକୁ ଗଲା ବେଳକୁ କ୍ୟାବିନ୍ ର ମାଲିକ ଗୋଟେ ପାନ ଦୋକାନୀ ଆସି ତାକୁ ପଛରୁ ଡାକିବାରୁ ସେ ଚମକି ପଡିଲା । କଣ ହେଲା ଭାଇ ? କଣ ଦରକାର ? ହରିଶ କହିଲା ଏ ଫୋଟୋ ଟା ? ଦୋକାନୀ ପୁଣି କହିଲା "ଓଃ ଏ ଫୋଟୋ ଏ ହଉଛି ପରା ଆମ କଲୋନୀର ନିଧି ମଉସାଙ୍କର ବିଚରା ବୁଢାର ସ୍ତ୍ରୀ ମରିଯିବା ପରେ ସେ ପାଗଳ ହୋଇଗଲା । ପୁଅ ତା'ର ତାକୁ ଖାଇବାକୁ ପିଇବାକୁ ନ ଦେଇ ଘରୁ ବାହାର କରିଦେଲା । କାଳେ କିଏ ସନ୍ଦେହ

Magazine Downloaded from www.aahwaan.com

କରିବ ବୋଲି ଭାବି କି ଏମିତିଆ ସବୁ ଫୋଟୋ ସାହି ସାରା ମାରିଛି ଯେ ନିଧି ମଉସା କୁଆଡେ ଘର ଛାଡି ପଳେଇଛନ୍ତି ବୋଲି । କିନ୍ତୁ ଦୁଇ ଦିନ ତଳେ ନିଧି ମଉସା ଙ୍କ ଶବ ଟ୍ରେନ ଲାଇନ୍ କଡ ରୁ ମିଳିଛି ସେ ବୋଧେ ଆତ୍ମହତ୍ୟା କରି ଦେଇଛନ୍ତି" । କଣ ଆତ୍ମହତ୍ୟା ? ହରିଶ ର ପାଦ ତଳୁ ମାଟି ଖସିଗଲା ପରି ଲାଗିଲା । ଆଉ ତା'କୁ ମିଳି ଯାଇଥିଲା ତା'ର ପତ୍ରିକା ପାଇଁ ଗୋଟେ ସତ ସତିକା ଭୌତିକ କାହାଣୀ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁମାରପୂର୍ଣ୍ଣମୀ ରାତି



ଅନସୂୟା ପଣ୍ଡା

ଏତେ ଦିନପରେ କୁମାର ପୂର୍ଣ୍ଣମୀ ବେଳକୁ ମୁଁ ଗାଁକୁ ଆସିଛି । ବେଙ୍ଗାଲୁରୁର ସେ ବିରକ୍ତ ଜୀବନର ଶୂନ୍ୟତାରୁ ମୁକ୍ତି ମିଳିଛି ପନ୍ଦର ଦିନପାଇଁ ।

ବାପାଙ୍କ ବଦଳି ଅନୁସାରେ ଆମେ ବାହାରେ ରହିଲେ ବି ଗାଁ ସହ ମୋର ସଂପର୍କ ବହୁତ ନିବିଡ଼, ଖୁବ୍ ଆପଣାର । ମୁଁ ଏଠି ଜନ୍ମ ନେଇଥିଲି । ସମୟ ସହ ସବୁ ଧିରେ ଧିରେ ବଦଳି ହୋଇଯାଉଥିଲେ ବି ମୋତେ ଲାଗେ ମୋ ସହ ମୋ ଗାଁର ସମ୍ପର୍କ ସେମିତି ମଧୁର ହୋଇ ରହିବ ।

ସଫ୍‌ଟୱେର୍ ଇଂଜିନିୟର ଜୀବନ କେବଳ କମ୍ପାନୀର ଚାରିକାନ୍ଥ ଭିତରେ ହିଁ ବନ୍ଧା । ଟଙ୍କାପାଇଁ ଜୀବନ ଏଠି । ସେ ଯାହାହେଉ ଏତେଦିନର ବ୍ୟବଧାନ ପରେ ଗାଁକୁ ଆସିବା ଓ କୁମାରପୂର୍ଣ୍ଣିମା ପୂର୍ବଦିନ ପହଞ୍ଚିବାର ମଜା ଅଲଗା ଥିଲା ।

ଛୋଟବେଳେ ଦୁର୍ଗାପୂଜା ଛୁଟି ହେଉ ହେଉ ଆମେ ରୁବି ଓ ମୁଁ ବାହାରି ପଡୁ ଗାଁକୁ । ବାପା ନେଇ ଛାଡ଼ିଦେଇ ଆସନ୍ତି । ଆଉ କେତେବେଳେ ଆମେ ବାପା, ବୋଉ, ରୁବି, ମୋ ସାନଭଉଣୀ ଓ ମୁଁ ଯାଉ ଗାଁକୁ ଦୁର୍ଗାପୂଜା ଛୁଟିରେ । ସେତେବେଳେ ଗାଁରେ ମାଟିଘର ଥିଲା । ଅଧା କାନ୍ଥ ଡେଇଁ ଆମେ ଅନାଦି ବାପାଙ୍କ ବାରି କବାଟ ଦେଇ ଲେଙ୍କା ଘରଠି ଉଠୁ ।

ଖୁଣ୍ଟିଆ ଘର ଦାଣ୍ଡରେ କୁମାରପୁନେଇଁ ଜହ୍ନଗୋ ଫୁଲ ବଉଳବେଣୀ ଗୀତ ବୋଲା ହୋଇ ହୋଇ ଖେଳ ହେଉଥାଏ । ଗାଁର ଝିଅମାନେ ଖେଳରେ ମାତି ଯାଇଥାନ୍ତି । ପୁଚିଖେଳ, ବାଗୁଡ଼ି ଖେଳ ଓ ଶେଷରେ ଲୁଚକାଳି ଖେଳ । କୁମାର ପୂର୍ଣ୍ଣମୀ ଗୀତ ଗାଇ ଗାଇ ତଣ୍ଟି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡ଼ିଗଲେ ଆରମ୍ଭ ହୁଏ ପୁଚିଖେଳ । ତା'ପରେ ବାଗୁଡ଼ି ଖେଳ । ସଞ୍ଜୁ ମା'ର ଦରଭଙ୍ଗା ଘରେ ଲୁଚିରହି ଧରା ନପଡ଼ି ଶେଷରେ ଚୋରକୁ ପୁଣିଥରେ ଚୋର କରିବାର ଯେଉଁ ଦିଗବିଜୟ ଥିଲା ତାହା କହି ହେବନି ।

ଏତେ ଦିନପରେ ଗାଁକୁ ଆସିଛି ବୋଲି ମୋ ବୁଢ଼ୀ ମା ବହୁତ ଖୁସି ହୋଇଗଲା । କିଛି ଖାଇଦେଇ ମା ମୁଁ ଟିକେ ବଡ଼ ମା ଘରୁ ଆସୁଛି କହି ମୁଁ ବାହାରିଲି । ବଡ଼ ମା'କୁ ମୁଣ୍ଡିଆ ମାରି ସାରି ଟିକେ ଗପସପ ହେବାକୁ ବସିପଡ଼ିଲି ତାଙ୍କ ପିଣ୍ଡାରେ । ବଡ଼ମା'ର ଆଖିକୁ ଆଉ ଦିଶୁନି, ଅଣ୍ଡାଳି ଅଣ୍ଡାଳି ମୋତେ ଚିହ୍ନିଲା । ପଚାରିଲି ଏବେ ଆଉ କୁମାରପୂର୍ଣ୍ଣମୀ ଜହ୍ନଗୋ ଫୁଲ ବଉଳବେଣୀ କେହି ଖେଳୁ ନାହାନ୍ତି କିଲୋ ମା ?

ବଡ଼ ମା କହିଲା ତୁମେ ମାନେ ତ ସବୁ ଯାଇ ଯିଏ ଯୁଆଡ଼େ ବାହାରେ ରହିଲ । ଅନ୍ୟ ଝିଅମାନେ ସବୁ ବାହାସାହା ହୋଇ ଯିଏ ଯୁଆଡ଼େ ଗଲେ । ଆଉ ଖେଳିବ କିଏ ?

କେଜାଣି କିଛି ଭଲ ଲାଗୁନଥିଲା । ଘରକୁ ଫେରିଆସିବା ବଦଳରେ ମୁଁ ସିଧା ସିଧା ରାସ୍ତାରେ ଗାଁ ଭିତରକୁ ଚାଲିବାକୁ ଲାଗିଲି । ଗାଁ ଭିତରକୁ ଲମ୍ବିଯାଇଥିବା ମାଟି ରାସ୍ତା ଆଉ ନାହିଁ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପିଚୁ ରାସ୍ତା ହୋଇଯାଇଛି । ଯେଉଁଠି ଛୋଟବେଳେ ଖେଳୁ ସେଠି ଯାଇ ମୋ ପାଦ ଆପେ ଅଟକି ଗଲା । ସେଠି ଆଉ ଦାଣ୍ଡ ନଥିଲା । ସମସ୍ତଙ୍କର କୋଠାଘର । ଅଧିକ ଜାଗା ମାଡ଼ିବସିବେ ବୋଲି ରାସ୍ତାଯାଏ ପାହାଚ ମଡ଼ାଇ ଆଣିଛନ୍ତି ପ୍ରାୟ ସମସ୍ତେ । ଆଉ ବାକି ତକରେ ଗୋରୁ ବନ୍ଧା ହୋଇଛନ୍ତି ।

ଟିକେ ଆଗକୁ ଗଲାବେଳକୁ ଛୋଟ ଛୋଟ ଝିଅ କେତୋଟି କୁମାରପୂର୍ଣ୍ଣିମା ଗୀତ ଆଧୁନିକ ଓଡ଼ିଆ ଆଲବମ୍ ସ୍ୱରରେ ଗାଉଛନ୍ତି । ମୁଁ ସେଠି ଠିଆହୋଇ ରହିଲି । ଯାହା ହେଉପଛେ ପରମ୍ପରାକୁ ବଜାୟ ରଖିଛନ୍ତି ଏମାନେ ।

ସବୁକିଛି ବଦଳି ଯାଇଛି । ଗାଁର ସରଳ ଜୀବନଯାପନ ଆଉ ନାହିଁ । ବର୍ତ୍ତମାନର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନରେ ସମସ୍ତେ ଅସନ୍ତୁଷ୍ଟ । ସମସ୍ତେ ଛାଟିପିଟି ହେଉଛନ୍ତି । ଆହୁରି ଅଧିକ ଆଶାରେ ସମସ୍ତେ ବର୍ହିମୁଖୀ । ହଠାତ୍ କୁମାରପୂର୍ଣ୍ଣିମା ଜହ୍ନଟା ମେଘ ଭିତରେ ଲୁଚିଗଲା । ମୁଁ ସେଇଠି ସେମିତି ଠିଆ ହୋଇ ଭାବୁଥାଏ, ମୁଁ ବାହାରେ ରହି ଛଟପଟ ହେଉଛି କେମିତି ନିଜ ଲୋକଙ୍କୁ ଟିକେ ଦେଖିବି । କେତେ ଯେ ଏକୁଟିଆ ଜୀବନ ସେ ସହରରେ । ସବୁ ଅବାସ୍ତବ, ଛଳନାମୟ । ସତରେ କେଉଁଠି ସ୍ଥିରତା ନାହିଁ ।

ସବୁଠି ବଞ୍ଚିବାର ପ୍ରବଳ ନିଶା । କୁଢ଼ କୁଢ଼ ଦୁଃଖର ସ୍ତୁପ ଉପରେ ଠିଆ ହୋଇ ସମସ୍ତେ ସୁଖ ଆଡ଼କୁ ହାତ ବଢ଼ାଉଛନ୍ତି ।

କିଏ ବା ସେଠି ଛିଡ଼ା ହୋଇଛି ? ଓଃ ମୁକ୍ତା ମା । ଭୀମା ଜେଜେବାପାଙ୍କ ସ୍ତ୍ରୀ । ଏଇ ଭୀମା ଜେଜେବାପା ପିଲାବେଳେ କେତେ ଆମକୁ ଡରାନ୍ତି । ବାହା ହେବି, ବାହା ହେବି କହି ଚିଡ଼ାନ୍ତି । ଆମେ ଦଉଡ଼ି ଦଉଡ଼ି ଆସି ଘରେ କବାଟ ବନ୍ଦ କରି ରହୁ । ମୁଁ ତ ଭୀଷଣ ଶୋଧେ । ଏବେ ଆଉ ଭୀମାଜେଜେ ଦେଖିଲେ କିଛି କୁହନ୍ତିନି ।

ସମୟ ସହିତ ଚିନ୍ତାର ଶୀକାର ହୋଇ ସେ କୌତୁକ ସବୁ ପାଶୋରି ଗଲେ ନା ମୁଁ ବଡ଼ ହୋଇଗଲି ବୋଲି ସଂଭ୍ରମରେ ସେ ସବୁ ବନ୍ଦ କରିବା ଉଚିତ ମନେ କଲେ ମୁଁ ବୁଝିପାରେନା । ମୁଁ କିନ୍ତୁ ଏବେ ଭାବୁଛି ପୁଣି ସେ ସମୟ ଫେରି ଆସନ୍ତା କି ?

ମୁଁ ବନ୍ଦନା । ଆଲୋ ବନ୍ଦନା କିଲୋ ? କେବେ ଆସିଛୁ ବା ? କେତେଦିନ ରହିବୁ ? ହଁ, ତୁ ବଡ଼ ପାଠ ପଢ଼ିଲୁ । ଚାକିରୀ କରି ବାହରେ ରହିଲୁ, ଆମକୁ କାହିଁକି ମନେ ରଖିବୁ ? ମୁଁ ପଚାରିଲି ଜେଜେ କେମିତି ଅଛନ୍ତି ? ଭଲ ଅଛନ୍ତି ତ ? ଆଉ ଭଲ କଣ ଲୋ ଝିଅ ! ବୟସ ହେଲା, ଶ୍ୱାସ ରୋଗଟା ମାଡ଼ି ବସୁଛି । ଆଖିଟା ଅପରେସନ ହେବ । ଯାହା ହେଉ ଝିଅ ପୁଅଙ୍କ ବାହାଘର କାମ ସରିଯାଇଛି ।

ଏଇ ରୀତା ନାନୀର ଝିଅଟା ଏଇଠି ଖେଳୁଛି ଯେ ନେବାକୁ ଆସିଥିଲି । ଝିଅମାନେ ଯିଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାହାଘରେ ସୁଖଦୁଃଖରେ ରହିଲେ, ଆଉ ସେଇଥିରେ ଆମର ଖୁସି ।

ସତରେ କିଏ କୁଆଡ଼େ ନିଜ ଘର ସଂସାରରେ ବ୍ୟସ୍ତ । ଚାରୁ ନାନି, ଅରୁଣା ନାନୀ, ମିତାନାନୀ, ମଧୁ ନାନୀ, ଗୀତା ନାନୀ... କାହିଁ କେତେଦିନୁ ବିବାହ କରି ତାଙ୍କ ଝିଅମାନେ ଏବେ ବିବାହ ଯୋଗ୍ୟା ହେଲେଣି ।

କାହାର ବା ଆଉ ସମୟ ଅଛି ଯେ ସେ ଆସି ଏଠି ରହିବ । ମୁଁ ସିନା ଏ ବୟସରେ ଏକୁଟିଆ ଅଛି ବୋଲି ସେ ପୁରୁଣା କଥାକୁ ମନେ ପକାଉଛି ।

ଆଲୋ ତୋ ବାହାଘର କେବେ ହେଉଛି ବା ? ଆଉ ଡେରି କରନି, ଗୋଟେ ଭଲ ସାଥି ଦେଖି ବାହା ହେଇଯା । ଯେତିକି ପାଠ, ଚାକିରୀ ହେଲା ହେଲା, କହୁଥିଲେ ମୁକ୍ତା ମା । ଏତିକି ବେଳେ ସୂର୍ଯ୍ୟ ବାପାଙ୍କ ବୋଉ, ଯାହାକୁ ମୁଁ ଗଜାମୁଗ ବୋଲି ଡାକେ ସେ ବାହାରି ଆସିଲେ ଘରୁ । ଆଲୋ ବନ୍ଦନା କିଲୋ ! ମୋ ଧନ, ମୋ ସୁନା, କେତେଦିନ ହେଲା ତୋତେ ଦେଖିନଥିଲି । ପୁଣି ସେଇ ବାହାଘର କଥା ପଚାରିବେ ମୁକ୍ତା ମା । ପଚାରିବାକୁ ଇଚ୍ଛା ହେଉଥିଲା ଜେଜେ କେମିତି ଅଛନ୍ତି । କେମିତି ଅଛନ୍ତି ସିନା ନାନୀ, ମିନା ନାନୀ, ତାଙ୍କ ଶାଶୁଘରେ । ଏମାନେ ସବୁ ମୋର ପିଉସୀ ହିସାବରେ ହେବେ ।

ଆଉ ସୂର୍ଯ୍ୟବାପାଙ୍କ ପିଲାମାନେ କେମିତି ପଢୁଛନ୍ତି ? ସୂର୍ଯ୍ୟ ବାପା ହେଲେ ମୁକ୍ତା ଜେଜେମା'ର ଗୋଟିଏ ବୋଲି ପୁଅ । ବାହାଘର ପରେ ଚଳିବାକୁ ଅସୁବିଧା ହେଉଛି ବୋଲି ମୁକ୍ତା ଜେଜେମା' ଓ ଜେଜେକୁ ଅଲଗା କରିଦେଇଥିଲେ । ଏମିତି ବୋଧେ ଜୀବନ ଗଡ଼ି ଚାଲେ ଗାଁରେ । ଭାଗ ବଣ୍ଟା ବଣ୍ଟିରେ ବି ସ୍ନେହ ମମତାର କ୍ଷୀଣ ଧାରଟିଏ ସବୁଦିନ ସେମିତି ଅମର ରହିଥାଏ । ନନ୍ଦ ଘରର ସିମି ଆସି ମୁଣ୍ଡିଆ ମାରିଲା । ହିସାବରେ ମୁଁ ତାର ବଡ଼ ଭଉଣୀ ହେବି । ତା ଝିଅଟିକୁ ଚାରିବର୍ଷ ହେଲାଣି । ଆଉ ଗୋଟିଏ ପିଲାପିଲି ହେବାର ଅଛି । କଥା ହେବାକୁ ଇଚ୍ଛା ହେଉଥିଲା । କେତେ ଛୋଟ ଛୋଟ ଝିଅମାନେ, ବାହା ହୋଇ ଘର

Magazine Downloaded from www.aahwaan.com

ସଂସାର କରି କେତେ ନିପୁଣ ହୋଇଗଲେଣି, କେମିତି କେଉଁଠି ଶିଖନ୍ତି ଏତେ ଘରକରଣା ଏତେ ଛୋଟ ବୟସରୁ କେଜାଣି । ସତରେ କଣ ତୁ ଖୁସି ଅଛୁ ବାହାଘର ପରେ ? ଗୋଟେ ଅଜଣା ଅଶୁଣା ଲୋକଟିର ହାତଧରି ବାହାହୋଇ ତାକୁ ଆପଣାର କରି ପାରିଛୁ ? ହେଲେ ନା, ମୁଁ ପଚାରି ପାରିଲିନି । ଧିରେ ଧିରେ ସମସ୍ତେ ଆସିବେ । ପୁଣି ସେଇ ବାହାଘର ପ୍ରଶ୍ନ ପଚରାଯିବ ।

ମୁଁ ପଳାଇ ଆସିବାକୁ ବାହାରିଲି । ହଉ ମାଁ ମୁଁ ବହୁତ ବେଳୁ ଆସିଲିଣି । ଏଇ କୁମାରପୂର୍ଣ୍ଣମୀ ଖେଳ ଦେଖିବାକୁ ଆସିଥିଲି । ମୋ ମା ସିଆଡ଼େ ଖୋଜୁଥିବ କହି ଆସିଲି ।

ଗୋଟେ ଗମ୍ଭୀର ମନ ନେଇ ଆସିଲି । ସତରେ ଯେତେ ପଢ଼, ଯାହା କର, ଯେତେ ବଡ଼ ଚାକିରୀ କରି ରୋଜଗାର କର, ବାହାଘର ଟା ଯେମିତି ସମାଜରେ ବଞ୍ଚି ରହିବା ପାଇଁ ନିହାତି ଦରକାର । ମୋର ବି କେବେ ଇଚ୍ଛା ଥିଲା, କାହାପାଇଁ ମଙ୍ଗଳସୁତ୍ର ପିନ୍ଧିଥାନ୍ତି, ଗୋଡ଼ ମୁଦି ଲଗାଇଥାନ୍ତି । ଏମିତି ଜଣେ ଲୋକ ଯିଏ ମୋତେ ବୁଝିପାରୁଥିବ । ମୋର ସବୁ ଦୁର୍ବଳତା ଜାଣି ବି ମୋତେ ଖୁବ୍ ଭଲ ପାଇ ପାରୁଥିବ । ଯାହାପାଇଁ ମଥାରେ ସିନ୍ଦୁର ଦେଇ ମୁଁ ଗର୍ବ ଅନୁଭବ କରି ପାରିଥାନ୍ତି । ହେଲେ ଏବେ ମନରେ ନା ପାର୍ଥଙ୍କ ସ୍ୱପ୍ନ ଅଛି ନା ପ୍ରଭାତର କିରଣ । କେଜାଣି କେତେବେଳେ ସବୁ ହାତମୁଠାରୁ ଖସି ଚାଲିଗଲା ।

ସମୟ ବହୁତ ଆଗକୁ ମାଡ଼ିଗଲା । ମୁଁ ପଛରେ ପଡ଼ିଗଲି । ବହୁତ ପଛରେ । ଗୋଟେ ଅଜଣା ଅଶୁଣା ଲୋକକୁ ବିବାହ... ଏ କଥା ବି ଭାବି ପାରେନା ।  ସମର୍ଥନ କରୁନଥିଲେ ବି ବାପାଙ୍କ କଥା ମୁଁ ପୂର୍ଣ୍ଣରୂପେ ବିରୋଧ କରିପାରେନି ।

ଘରକୁ ଆସି ଖାଇସାରି ଉଠିଲି । ଚୁପ୍ ଚାପ୍ ବସି ରହିଲି । ଜେଜେ ମା ପଚାରିଲା କଣ ହେଲା, କାହିଁକି ଗୁମ୍ ମାରି ବସିଛୁ ? ଯା ଶୀଘ୍ର ଶୋଇପଡ଼, କାଲି ପରା କୁମାର ପୂର୍ଣ୍ଣିମା । ସଅଳ ଉଠିଲେ ଆଞ୍ଜୁଳି ଟେକିବୁନି କି ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଁ, ରାତି ପାହିଲେ କୁମାର ପୂର୍ଣ୍ଣିମା । ସୂର୍ଯ୍ୟ ଉଦୟ ହେବାପୂର୍ବରୁ ଲିଆ ଆଞ୍ଜୁଳି ଟେକିଲେ ଭଲ ବର ମିଳେ । ମନ ଲାଖି ବର । ସୂର୍ଯ୍ୟ ଆସିଗଲେ ବୁଢ଼ା ବର ହିଁ ମିଳିବ । ହେ ଛାଡ଼ । ଏଇଆ ତ ପିଲାବେଳୁ ହୋଇ ଆସୁଛି । ଆଉ ସୁନ୍ଦର ଯୁବକ ବର ପାଇବାର ଆଗ୍ରହ ନାହିଁ ।

ପଚାରିଲି ମା ସେ ନନ୍ଦ ଘର ସିମି କେତେ ଛୋଟ ପିଲାଟିଏ ତାର ପୁଣି ଚାରିବର୍ଷର ଝିଅ, ଆଉ ଗୋଟିଏ ପିଲା ହେବ ! ତା ବର କଣ କରୁଛି ? ତା ବରଟା ମଦୁଆଟିଏ । ଆଉ ଗୋଟେ ସ୍ତ୍ରୀ ବି ଭୁବନେଶ୍ୱରରେ ରଖିଛି । ବଡ଼ ହନ୍ତସନ୍ତ କରୁଛି ଯାଙ୍କୁ । ତଥାପି ସିମି ଆଖିରେ ମୁଁ କେତେ ନ୍ୟୁନ ଦେଖା ଯାଉଥିଲି । ସ୍ୱାମୀ ତାର ମଦ୍ୟପ ହେଉ ପଛେ, ରକ୍ଷିତା ରଖୁ ପଛେ, ତା ପାଇଁ ତ ସିମି ସିନ୍ଦୁର ପିନ୍ଧି ସମାଜ ଆଗରେ ଦେଖାଇ ପାରୁଛି ସେ ସୁରକ୍ଷିତ । ଆଜି କାହିଁ ତ ଜୀବନ ପରି ନାନା ଲୋକଙ୍କ ଲୋଲୁପ ଦୃଷ୍ଟି, ବିଚିତ୍ର ପ୍ରଶ୍ନର ଉତ୍ତର ଦେବାକୁ ତ ତାକୁ ପଡୁନଥିବ ।

ସକାଳ ଆଞ୍ଜୁଳି ଟେକା ସରିଲା । ଭାବିଲି ସନ୍ଧ୍ୟାବେଳେ ଯେତେବେଳେ ଚାନ୍ଦପୂଜା ପାଇଁ ଗାଁର ଝିଅମାନେ ସିଦ୍ଧେଶ୍ୱରମନ୍ଦିର ପାଖରେ ଥିବା ଚଉରା ମୂଳକୁ ଆସିବେ ସେତେବେଳେ ସେମାନଙ୍କୁ ଆଜି ରାତିରେ କୁମାର ପୂର୍ଣ୍ଣମୀ ଜହ୍ନଗୋ ଖେଳ ଖେଳିବା ବୋଲି କହିବି । ଏତେ ଦିନ ପରେ ଗାଁରେ କୁମାର ପୂର୍ଣ୍ଣମୀ ଦିନ ରହିବାର ପୁରା ମଜା ନେବା ଉଚିତ ।

ବାପା ଫୋନ୍ କଲେ । କିଛି ଜରୁରୀ କାମ ଅଛି ମୋତେ ଭୁବନେଶ୍ୱର ଫେରି ଆସିବାକୁ ହେବ । ଯେତେବେଳେ ମୁଁ ଜୀବନରେ କିଛି ଉପଭୋଗ କରିବାକୁ ଆଗରୁ ପ୍ରସ୍ତୁତ କରିଛି ସେ କେବେ ବି ସମ୍ଭବ ହୋଇନି । ଇଚ୍ଛା ନଥିଲେ ବି ଆସିଲି ।

ସଂଧ୍ୟାରେ କିଏ ଦେଖିବାକୁ ଆସିବେ ମୋତେ । ବିରକ୍ତ ଲାଗୁଥିଲେ ବି କେତେଦିନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏମିତି ଚାଲିବ । ସବୁ ଜିନିଷ ଖୋଜା ହେବ ଗୋଟିଏ ଝିଅ ପାଖରେ । ସୁନ୍ଦର ହୋଇଥିବ, ଘର ସମ୍ଭାଳି ପାରୁଥିବ, ଆଧୁନିକା ବି ହୋଇଥିବ ଇତ୍ୟାଦି ଇତ୍ୟାଦି । କେମିତି ସବୁ ଗୁଣ ମିଳିବ ଗୋଟେ ଝିଅ ପାଖରେ ?

ବିନୟ, ତାଙ୍କ ବାପା ମା, ଭଉଣୀ ଭିଣୋଇଙ୍କ ସହ ଆସିଥିଲେ । ସମୟ କମ ଯୋଗୁଁ ଗୋଟିଏ ଥରରେ ଝିଅ ଦେଖା ସରିବାର ପ୍ରବନ୍ଧ ଥିଲା । ବିନୟ ଶ୍ରୀହରିକୋଟା ଆଣବିକ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଅଛନ୍ତି । ମୋର ସେ ସବୁ ଶୁଣିବାକୁ ବା ଜାଣିବାକୁ ଇଚ୍ଛା ନଥିଲା । ଏମାନେ ଆସିବେ ଯିବେ । ଯେମିତି ବଜାରରୁ ଜିନିଷ କିଣା ହେବ, ସବୁ ଭଲ ଦେଖି କିଣିବେ । ଭାବିଲି ଏ ସୌମ୍ୟଦର୍ଶୀ ଯୁବ ବୈଜ୍ଞାନିକ ଜଣକ ନିଶ୍ଚୟ ଫେରିଯିବେ ଆଉ କେଉଁ ସୁନ୍ଦରୀର ସନ୍ଧାନରେ ।

କିଛି ସମୟ କଥାବାର୍ତ୍ତା ପରେ ତାଙ୍କ ମା ମୋତେ ମୁଦି ପିନ୍ଧାଇ ଦେଲେ । ବିନୟ କହୁଥିଲେ, ତୁମର ମନେ ଅଛି ଆମେ ଦୁହେଁ ରେଭେନ୍‌ସା କଲେଜରେ ଯୁକ୍ତ ଦୁଇ ପଢୁଥିଲେ ? ତୁମେ ଥରେ ପଛ ବେଞ୍ଚରେ ଚୁଇଂଗମ୍ ଉପରେ ବସି ପଡ଼ିଥିଲ । ଉପସ୍ଥାନ ପକାଇବା ବେଳେ ତୁମ ଡ୍ରେସ୍ ଲାଗି ଯାଇଥିବାରୁ ଉଠି ପାରୁନଥିଲ । ସେ ଚୁଇଂଗମ୍ ମୁଁ ଲଗାଇଥିଲି । ଓଃ ତୁମେ... । ମୁଁ କହିଲି । ମନା କରନି, ମୋତେ ବାହା ହେବାକୁ, ସେଥିପାଇଁ ମୁଁ ଆଗରୁ କ୍ଷମା ମାଗି ନେଇଛି । କହିଥିଲେ ବିନୟ । ବନ୍ଦନା ଭାବୁଥିଲା, ସତରେ ଆଜିର କୁମାର ପୂର୍ଣ୍ଣିମା ରାତି ତା ଜୀବନରେ ପୂର୍ଣ୍ଣତା ଆଣି ଦେଇଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପେନ୍



ଲଳିତ ମୋହନ ମିଶ୍ର

ଜୀବନ ଯାତ୍ରାର ଲମ୍ବା ଗତିପଥରେ କେଉଁଠି ରାସ୍ତା ସିଧା ତ କେଉଠି ବଙ୍କା । କିଏ ନିର୍ଭୟରେ ପାଦ ଆଗକୁ ବଢାଏ ତ କାହା ମନରେ ଶଙ୍କା ଥାଏ, କିଏ ଧାଉଁଥାଏ ତ କିଏ ବାରମ୍ବାର ଝୁଣ୍ଟୁଥାଏ । ଏହି ଜୀବନ ରୁପକ ରାସ୍ତାରେ କେତେ ଯେ ଘଟଣ ଅବା କେତେ ଦୂର୍ଘଟଣ । ଭାଗ୍ୟର ରାସ୍ତାରେ କିଏ ଜିତିଯାଏ ତ ପୁଣି କିଏ ସବୁଦିନ ପାଇଁ ହାରିଯାଏ । ହାରିବା ଓ ଜିତିବା ଜୀବନର ବାସ୍ତବତାକୁ ଅନୁଭବ କରିବା । ଆରୋହ ଅବରୋହ ସମସ୍ତଙ୍କ ଜୀବନରେ ପ୍ରାପ୍ତ ହୁଏ । ଜୀବନ କେବେ ପୂର୍ଣ୍ଣାଙ୍ଗ ତ କେବେ ଭଗ୍ନାଂଶ । ଜୀବନଟି କେତେବେଳେ ପୂର୍ଣ୍ଣଗଳ୍ପ ତ କେତେବେଳେ ଗଳ୍ପାଂଶ । ଜୀବନ ଏମିତି ଏକ ରଙ୍ଗମଞ୍ଚ ଯେଉଁଠି କଳାକାରଙ୍କୁ ଜଣା ନ ଥାଏ ଆଗାମୀ ଦୃଶ୍ୟ କଣ ହେବ ? ? ? ଜୀବନର ପରିସୀମା ବଢାଏ ଆମର ଚେତନଶକ୍ତି । ଯଦି ପଥ ହୁଡିଯାଉ ତାହାହେଲେ ଜୀବନ ଉଜୁଡେ ଏବଂ ଜୀବନ ପୂର୍ଣ୍ଣରୂପ ନ ପାଇ ହୋଇଯାଏ ଅଳ୍ପାଂଶ । ସମସ୍ତଙ୍କ ଜୀବନରେ ଘାତ ପ୍ରତିଘାତ ଆସିଥାଏ କିନ୍ତୁ ଯେ ଘାତ ପ୍ରତିଘାତକୁ ଆଡେଇ ଆଗକୁ ବଢିଥାଏ, ତାର ଜୀବନ ହୁଏ ସରସ ସୁନ୍ଦର ମନୋଜ୍ଞ ।

ଜୀବନକୁ ନୂତନତ୍ୱ ଭାବରେ ଗଢି ତୋଳିବା ପାଇଁ ଆମେ ଆବିଷ୍କାର କରିବା, ଅସହାୟତା ଓ ନିରାଶରେ ଭାଙ୍ଗି ନ ପଡି, ଜୀବନ ପଥରେ ଥକି ନ ପଡି ଆଗକୁ ବଢିବା କାରଣ ଜୀବନ ଅନେକ ସମ୍ଭାବନାର ସମ୍ମୋହିତ ଆହ୍ୱାନ, ଅନେକ ସ୍ୱପ୍ନର ଅନ୍ତହୀନ ସୃଜନ । ଜୀବନ ଅନେକ ଖଟା ମିଠାର ସୁନ୍ଦର ରୂପାୟନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରେମ ଜୀବନର ଶେଷ ନା ଆରମ୍ଭ ? ? ? ପ୍ରେମରେ ପ୍ରତୀକ୍ଷାର ପୀଡା ଆଉ ଅଦୃଷ୍ଟର ଚିନ୍ତା । ଭଲପାଇବାର କୋମଳ ଉର୍ବର ମାଟିରେ ପ୍ରେମର ଅଧିକାର ବୋଧର ଚେର ମାଡିବାକୁ ବହୁ ସମୟ ଲାଗେ । କାହା ଭାଗ୍ୟରେ ପ୍ରେମର ଚେର ଅଧିକାର ବୋଧ ସାବ୍ୟସ୍ତ କରେ ତ କାହା ଭାଗ୍ୟରେ ନୁହେଁ ।

ବ୍ୟତିବ୍ୟସ୍ତ ଥାଆନ୍ତି ସୁଲତା କାରଣ ଆଜି କଲେଜରେ ବାର୍ଷିକୋତ୍ସବ । ଆଜିର ଉତ୍ସବଟି କେମିତି ସୁରୁଖୁରୁରେ ହେବ ସେଥିପାଇଁ ଚିନ୍ତା । ଅତିଥି ଆସିବା ସମୟ ପ୍ରାୟ ହୋଇଗଲାଣି ସେଇଥିପାଇଁ ଗେଟ୍ ପାଖକୁ ଯାଉଥାନ୍ତି ଫେରୁଥାନ୍ତି । ଆଜିର ଅତିଥି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ।

ଅତିଥି କିଛି ସମୟ ପରେ ଗେଟ୍ ପାଖରେ ଆସି ପହଞ୍ଚିଗଲେ , ମଞ୍ଚ ଉପରକୁ ସମସ୍ତେ ପାଛୋଟି ଆଣିଲେ....

କିନ୍ତୁ..... ! ! !

ହଠାତ୍ ଅତିଥିଙ୍କୁ ଦେଖି ସୁଲତା ଆଶ୍ଚର୍ଯ୍ୟଚକିତ ହୋଇଗଲେ...... ! ! !

ମନ ଭିତରେ ଅନେକ ଅସମାହିତ ପ୍ରଶ୍ନ ? ? ?

ସତରେ କ'ଣ ଏ ଅବିନାଶ ? ? ? ନା ମୋର ଦୃଷ୍ଟି ପଥ ହ୍ରାସ ହୋଇଗଲାଣି ।

ମନ ଭିତରେ ଅନେକ ପ୍ରଶ୍ନ, ଅନେକ ଜିଜ୍ଞାସା, ଅସରନ୍ତି କୌତୁହଳ, ଆଶା ଓ ଆଶଙ୍କା ।

ସଭାକାର୍ଯ୍ୟ ଆରମ୍ଭ ହେଲା । ଅତିରିକ୍ତ ଜିଲ୍ଲାପାଳ ଅବିନାଶଙ୍କ କିଛି ଦୂରରେ ବସିଥାନ୍ତି ଓଡ଼ିଆ ଅଧ୍ୟାପିକା ସୁଲତା ମ୍ୟାଡାମ୍ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୀର୍ଘଦିନ ପରେ ସୁଲତାଙ୍କୁ ଦେଖି ଅବିନାଶ ହତବତେଇ ଯାଇଥିଲେ ନିଜକୁ ପ୍ରକୃତିସ୍ଥ କରି ସଭାରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅତୀତର ବ୍ୟଥା ଦୁଇଜଣଙ୍କର ମୁଖମଣ୍ଡଳକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଥିଲା । ବର୍ତ୍ତମାନ ଦୁଇଜଣ ପଦ ପଦବୀ ଦୃଷ୍ଟିରୁ ଅଚିହ୍ନାର ଅଭିନୟ କରୁଥିଲେ ମଧ୍ୟ ଚିହ୍ନାଚିହ୍ନାର ହୃଦୟ , ଦୁଇଜଣଯାକ ଅନୁଭବ କରିପାରୁଥିଲେ.□

ମଞ୍ଚ ଉପରେ ବସିଥିବା ଅତିଥି ଯେ ନିଜ ନିଜର ବକ୍ତବ୍ୟ ପ୍ରଦାନ କଲେ କିନ୍ତୁ ଓଡ଼ିଆ ଅଧ୍ୟାପିକା ସୁଲତା ମ୍ୟାଡାମଙ୍କର ଭାଷଣ ଛାତ୍ରଛାତ୍ରୀଙ୍କ ପାଇଁ କିଛି ନିଆରା ଥିଲା - ନାରୀକୁ ଧରିତ୍ରୀ ସହିତ ତୁଳନା କରି କହିଥିଲେ "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ" । ନାରୀ ଜାୟା, ଭଗିନୀ ଓ ଜନନୀର ସୁନ୍ଦର ଉପସ୍ଥାପନା କରିଥିଲେ । ସମସ୍ତେ ତାଙ୍କ ବକ୍ତବ୍ୟରେ ମଜ୍ଜି ଯାଇଥିଲେ ।

ଅବିନାଶ ଇଚ୍ଛା କରୁଥିଲେ କେତେବେଳେ ଟିକେ ସୁଯୋଗ ପାଇଲେ ଦୀର୍ଘ ଦିନ ପରେ ଦେଖା ହୋଇଥିବା ସୁଲତାଙ୍କୁ ଦିପଦ କହିବେ ! ! !

ସଭାକାର୍ଯ୍ୟ ସରିଲା , ସମସ୍ତ ଅତିଥି ଯିବା ପାଇଁ ବ୍ୟଗ୍ର । ମନ ଭିତରେ କିନ୍ତୁ ଅବିନାଶ ସୁଲତାଙ୍କୁ ଖୋଜୁଥାନ୍ତି । ସଭାସ୍ଥଳ ଛାଡିବା ପୂର୍ବରୁ ସୁଲତାଙ୍କୁ ମଞ୍ଚ ଉପରେ ଦେଇଥିବା ଭାଷଣର ପ୍ରଶଂସା କରିବାକୁ ଯାଇ କହିଥିଲେ - ଆପଣଙ୍କ ଭାଷଣ ହୃଦୟସ୍ପର୍ଶୀ । ଆପଣ କେମିତି ଅଛନ୍ତି ? ? ?

ସୁଲତା କିଛି କହିବା ପୂର୍ବରୁ ଅବିନାଶ ନିଜେ କହିଥିଲେ - ମୁଁ ଏଠାକୁ ଏଇ ଅଳ୍ପ ଦିନ ହେଲା ଆସିଛି ! ! !

ସମୟ ବାହାର କରି ମୋ ଅଫିସ୍ ଆଡେ ଥରେ ଆସନ୍ତୁ ! ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଳଚ୍ଚିତ୍ରର ରିଲ୍ ଭଳି ସୁଲତାଙ୍କ ସ୍ମୃତିପଟଳରେ ବିତିଯାଇଥିବା ଘଟଣା ଗୁଡିକ ସ୍ମରଣ କରାଇଦେଲା........

+3 ରେ ଓଡ଼ିଆ ଅନର୍ସ ନେଇ ପଢୁଥାନ୍ତି ସୁଲତା । ସେହି କଲେଜରେ ଇଂଗ୍ରାଜୀ ଅନର୍ସ ନେଇ ପଢୁଥିଲେ ଅବିନାଶ । ଦିନେ ଅଫିସ୍ ପାଖରେ ଫର୍ମ ପୂରଣ କରୁଥିଲେ ସୁଲତାଙ୍କର ହଠାତ୍ ପେନ୍ ଟି ଚାଲିଲା ନାହିଁ ପାଖରେ ଠିଆ ହୋଇଥିବା ଅବିନାଶଙ୍କୁ ପେନ୍ ଟି ମାଗିଥିଲେ । ନିଜର କାମ ସାରି ପେନ୍ ଟି ଫେରାଇବା ପାଇଁ ଦେଖିଲା ବେଳକୁ ଅବିନାଶ ଆଉ ପାଖରେ ନଥିଲେ କିନ୍ତୁ ସୁଲତାଙ୍କ ପାଖରେ ସଦାବେଳ ପାଇଁ ରହିଯାଇଥିଲା ଅବିନାଶଙ୍କର ସେହି ପେନ୍ ଟି ।

ଏହି ପେନ୍ ଦେବା ନବା ଠାରୁ ଆରମ୍ଭ ହେଲା ଦୁଇଜଣଙ୍କ ମଧ୍ୟରେ ପ୍ରେମ ସମ୍ପର୍କ । ଦୁଇଜଣ ଦୁଇଜଣଙ୍କୁ ନ ଦେଖିଲେ ଆଉ ରହି ପାରିଲେ ନାହିଁ । ଦିନେ କଲେଜ ଲାଇବ୍ରେରୀରେ ପାଖାପାଖି ହୋଇ ବହୁତ ଗପି ଥିଲେ ।

ଅବନାଶ ସୁଲତାଙ୍କୁ କହିଥିଲେ -

ସୁଲତା ତୁମେ ମୋ ଭାବନା ଠାରୁ ବହୁ ଉର୍ଦ୍ଧ୍ୱରେ......

ତୁମେ ମୋ ଶବ୍ଦ ଭଣ୍ଡାରର ଉର୍ଦ୍ଧ୍ୱରେ......

ତୁମର ରୂପଲାବଣ୍ୟକୁ କେଉଁ ଭାଷାରେ ବର୍ଣ୍ଣନା କରିବି ଭାବି ପାରୁ ନାହିଁ ? ? ?

ସତରେ ତୁମେ ହୃଦୟ ଗଲିଚାର ଅସରନ୍ତି ଗୋଲାପ ଫୁଲ........

ତୁମେ କେମିତିକା ସ୍ୱରବର୍ଣ୍ଣ ଲେଖି ହେଉ ନାହିଁ ମୋ ମନର ରଫ୍ ଖାତାରେ......

ତୁମର ଅପରୂପ ସୌନ୍ଦର୍ଯ୍ୟ ମୋତେ ଜଡେଇ ଦେଇଛି । ତୁମ ବିନା ମୁଁ ଗୋଟିଏ ମୁହୂର୍ତ୍ତ ରହି ହେଲା ଭଳି ଲାଗୁନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏହା ଭିତରେ ଦୁଇଜଣ ଗପି ଗପି ନିଜର ନିରୋଳା ଅନର୍ସ କ୍ଲାସ ରୁମ୍ ଆଡେ ପଳାଇ ଯାଇଥିଲେ ।

ଗାଈ ମାନେ ଗୋଠ ଫେରନ୍ତା ହେଲେଣି, ପକ୍ଷୀମାନେ କିଚିରି ମିଚିରି ଶବ୍ଦରେ ନିଜ ବସାକୁ ଫେରି ଲେଣି । ସନ୍ଧ୍ୟା ଯେତିକି ଯେତିକି ପାଖେଇ ଆସୁଥାଏ - ଅବିନାଶ ଓ ସୁଲତାଙ୍କର ପ୍ରେମ ସେତିକି ନିକଟତର ହେଉଥାଏ । ଦୁଇଟି ମଶାଧୂପ କଏଲ୍ ପରି ଅବିନାଶ ଓ ସୁଲତା ଢେର ସମୟ ଦୁଇଜଣଙ୍କ ଭିତରେ ବାନ୍ଧି ହୋଇଯାଇଥିଲେ । ସୁଲତାଙ୍କର ମିଠା ମିଠା କଥା ଗୁଡ଼ିକ ଅବିନାଶଙ୍କର ବିସ୍ତୃତ ହୃଦୟରେ ସ୍ଥାନ ଦେଉଥିଲା ସେ ସନ୍ଧ୍ୟା ଅନ୍ଧକାରରେ । ଦୁଇଜଣ ଏଭଳି ଦୈହିକ ସଂପର୍କରେ ବୁଡି ରହି ଯାଇଥିଲେ ଯେ ସମୟ ଜାଣିପାରି ନ ଥିଲେ ।

ଘଡି ଦେଖିଲା ବେଳକୁ ସାତଟା ଉପରେ ହେଲାଣି । କଲେଜର ଚାରିଆଡ଼େ ଜଳୁଥିଲା ଆଲୋକ । ସେଦିନ ସୁଲତାଙ୍କୁ ଗାଡି ନ ମିଳିବାରୁ ବଡ କଷ୍ଟରେ ଘରକୁ ଫେରିଥିଲେ ।

ତା ପରେ ଆଉ ଦେଖା ହୋଇ ନ ଥିଲା ଅବିନାଶଙ୍କୁ, କାରଣ ରେଜଲ୍ଟ ବାହାରି ପୂର୍ବରୁ ଅବିନାଶ ବାପାଙ୍କର ଟ୍ରାନ୍ସଫର୍ ହୋଇଯାଇଥିଲା ଦିଲ୍ଲୀ । ଅବିନାଶଙ୍କୁ ବହୁତ ଖୋଜୁଛି ସୁଲତା କିନ୍ତୁ କେଉଁଠି ହେଲେ ଖୋଜ ଖବର ପାଇ ପାରିନାହିଁ କି ସେତେବେଳେ ମଧ୍ୟ ମୋବାଇଲ ବ୍ୟବସ୍ଥା ନ ଥିଲା ।

ସୁଲତାଙ୍କ ପାଇଁ ବହୁତ ଭଲ ପ୍ରସ୍ତାବ ଆସିଛି, ପାଠପଢିବାର ଆଳ ଦେଖାଇ ସମସ୍ତ ପ୍ରସ୍ତାବକୁ ଅଣଦେଖା କରିଛନ୍ତି । ସୁଲତାଙ୍କର ବାପା ମଧ୍ୟ ଝିଅକୁ ବାଧ୍ୟ କରିପାରିନାହାଁନ୍ତି ।

ଏହା ଭିତରେ ବିତିଯାଇଛି ଅଠର ବର୍ଷ..........

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବିନାଶ ଓଡିଶା ପ୍ରଶାସନିକ ସେବାରେ ଯୋଗ ଦେଇ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇଛନ୍ତି । ଏବେ ବୟସର ଅପରାହ୍ଣରେ । ଅବିନାଶଙ୍କର ଗୋଟିଏ ବୋଲି ଝିଅ ଆଇ. ଆଇ. ଟିରେ ପଢୁଛି । ଘରେ ଶିକ୍ଷିତା ସ୍ତ୍ରୀ ସୁନିପୁଣା ଗୃହିଣୀ ।

ହଠାତ୍ ଅଫିସ୍ ର ଚପରାସି ଆସି ପଚାରିଛି ଆପଣଙ୍କୁ ଜଣେ ମ୍ୟାଡାମ୍ ଦେଖା କରିବାକୁ ଚାହୁଁଛନ୍ତି ? ? ? ? ?

ଅବିନାଶ ଅନୁମତି ଦେଇଛନ୍ତି .......

ସୁଲତା ଚାମ୍ବର ଭିତରକୁ ପ୍ରବେଶ କରି ଅବିନାଶଙ୍କୁ ଅଭିବାଦନ ଜଣାଇଥିଲେ......

ଅବିନାଶ - ସୁଲତା କେମିତି ଅଛ. ....... ତୁମ ଖବର କ'ଣ ? ? ?

ସୁଲତା - ଖବର କ'ଣ କହିବି ! ! ! ଗୋଟିଏ ସମୟ ଥିଲା.......

ଜୀବନର ଏମିତି ଏକ ମୋଡରେ ମୁଁ ଠିଆ ହୋଇଥିଲି ନା ତୁମକୁ ଭୁଲି ପାରିଥିଲି ନା ନିଜର କରିପାରିଥିଲି ! ! ! ପ୍ରତିମୁହୂର୍ତ୍ତରେ ତିଳ ତିଳ ଖାଲି ଦଗ୍ଧୀଭୂତ ହେଉଥିଲି । ଜୀବନ ରାସ୍ତାରେ ଅନେକ ବାଟ ଚାଲିଛି କିନ୍ତୁ ସୁଖର....... ପାଇନି ଦେଖା. ...... ଏବେ ମୁଁ ରହୁଛି ଶାନ୍ତ ନଦୀରେ, ଆଉ ବହୁଛି ଏକା ଏକା.....

ଅବିନାଶ - ମୋତେ ଭୁଲ ବୁଝନି ସୁଲତା.........

ମୁଁ ଇଛା କରି ବି କଛି ତୁମ ପାଇଁ କରି ପାରି ନାହଁ........ ନାଚାର......

ସୁଲତା - ଯେମିତି ଗଛଟିଏ ମରିଗଲା ପରେ ଯେତେ ପାଣି ଦେଲେ ମଧ୍ୟ ସେ ବଞ୍ଚି ନ ଥାଏ ସେମିତି ସମ୍ପର୍କରୁ ଆନ୍ତରିକତା ଏବଂ ନିଜକୁ ଦୂରେଇ ରଖିଲେ ଭଲପାଇବାର ମୂଲ୍ୟ ନ ଥାଏ ? ? ?

ଆପଣ ଏବଂ ଆପଣଙ୍କର ପରିବାର ଖୁସିରେ ଅଛନ୍ତି ଜାଣି ଖୁସି ଲାଗିଲା । ଆଜି ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଛି ଦୀର୍ଘ ଦିନରୁ ମୋତେ ହନ୍ତସନ୍ତ କରୁଥିବା ଗୋଟିଏ ଜିନିଷ ଫେରାଇ ବାକୁ.......

ଅବିନାଶ - କୁହନ୍ତୁ କ ଅ ଣ ସେତା ! ! !

ସୁଲତା - ସେଦିନ ଦେଇ ଥିବା ଏ ପେନ୍ ( Pen ) ଟି । ଏହି ପେନ୍ ଟି ମୋ ଜୀବନରେ ବହୁତ ( Pain) ବା କଷ୍ଟ ଦେଲାଣି । ଆଜି ପର୍ଯ୍ୟନ୍ତ ମୁଁ ତୁମର ଦୁଇଟି ଜିନିଷ ଅକ୍ଷୁର୍ଣ୍ଣ ରଖିଛି ଏହି ପେନ୍ (Pen ) ଟି ଆଉ ମୋର ମନଟି ।

ବୟସର ଅପରାହ୍ନରେ ପଦାର୍ପଣ କରୁଥିବା ସୁଲତାଙ୍କୁ ଦେଖି ଅବିନାଶଙ୍କର ଆଖି ଛଳ ଛଳ ହୋଇଗଲା । ଜୀବନରେ ଉଚିତ୍ ନିଷ୍ପତ୍ତି ନେବା ପୂର୍ବରୁ ମନ ଥରେ କିପରି ସୁଲତାଙ୍କୁ ପଚାରିଲାନି କି ତାଙ୍କର ବିଷୟ ବୁଝିଲା ନାହିଁ ସେଥିରେ ଅନୁତପ୍ତ ଥିଲେ. .....

ଛାଡ....... ବହିଯାଇଥିବା ପାଣି , ଛିଣ୍ଡି ପଡିଥିବା ଡାଳର କଥା ମନେ ପକାଇ ଦୁଃଖିତ ହେବା ବ୍ୟତୀତ କ'ଣ ବା ଥାଇପାରେ ? ? ?

ଅବିନାଶ କହିଥିଲେ..... ଯଦି ଆଜି ପର୍ଯ୍ୟନ୍ତ ତୁମ ପାଖରେ ପେନ୍ ଟି ଥିଲା ଏବେ ବି ଥାଉ ତୁମେ ସେ ପ୍ରେମରେ କାହିଁକି ଜଉମୁଦ ଦେବାକୁ ଚାହୁଁଛ ? ? ?

ସୁଲତା - ଯେମିତି ସେଫାଳୀ କହୁଥିଲା....... ଝରିବା , ମରିବା, ମଉଳିବା ମୁଁ ଜାଣେନା ! ! !

କାହିଁକିନା ନିଜ ପାଇଁ କିଛି ରଖୁ ନ ଥିବା ପବନକୁ ମୁଁ ସବୁ ଦେଇ ଦେଇଛି ସୁଗନ୍ଧ........

ନିଜ ପାଇଁ ଶ୍ରମ କରୁ ନ ଥିବା ଆଲୋକକୁ ମୁଁ ଦେଇ ଦେଇଛି ସବୁ ସୌନ୍ଦର୍ଯ୍ୟ........

ନିଜ ପାଇଁ କେବେ ବଞ୍ଚି ନ ଥିବା ମାଟିକୁ ମୁଁ ଦେଇ ଦେଇଛି ମୋର ଶରୀର..........

ମୋର ଆଉକିଛି ନାହିଁ - ନା ଅଛି ବୟସ ? ନା ଅଛି ମନ ? ନା ଅଛି ସୌନ୍ଦର୍ଯ୍ୟ ? ନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛି ସେ ସମୟ ?

ଅବିନାଶ - ମୁଁ ତୁମ ଠାରୁ କିଛି ଆଶା କରୁନାହିଁ ସୁଲତା......... ବା ଅଧିକ କହି ମୋତେ ଲଜ୍ଜିତ କରନି............ ଯାହାକୁ ତୁମେ ଆଜି ପର୍ଯ୍ୟନ୍ତ ପ୍ରେମିକ ଭାବି ରଖିଥିଲ ତାହା ତୁମ ପାଖରେ ସେମିତି ଥାଉ । ତୁମେ ଆଜି ତାର ପରିସମାପ୍ତି କରିବାକୁ କାହିଁକି ଚାହୁଁଛ ? ? ?

ସମୟ ବିତି ଯାଇଛି ......... ଆଜି ଆମର ଆଉ ସେ ପରିବେଶ ନାହିଁ । ମୁଁ ଦୁଃଖିତ ଅନୁତପ୍ତ ସୁଲତା.............

ସୁଲତାଙ୍କର ଆଖିରୁ ଲୁହ ଝରି ଆସୁଥାଏ । ଅବିନାଶଙ୍କର ବିନା ଅନୁମତିରେ ପେନ୍ ଟି ନେଇ ସୁଲତା ବାହାରକୁ ପଳାଇଯାଇଥିଲେ ।

ଅବିନାଶ ପଛରେ ପଛରେ ଯାଇ ସୁଲତାଙ୍କୁ ଗାଡିରେ ନେଇ ତାଙ୍କ ଘରେ ଛାଡିଦେଇଥିଲେ......

ସତରେ ଜୀବନଟା ଏମିତି ଏକ ଅକୁହା କଥା ଯାହାକୁ ଓଠ ତଳେ ଚାପିରଖି ମିଛି ମିଛିକା ହସ ହସି ଆଗକୁ ବଢି ଥାଉ...........

ଲଳିତ ମୋହନ ମିଶ୍ର

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ଚନ୍ଦ୍ରଗିରି, ଗଜପତି, ଓଡିଶା 9437985866

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଭାଜନର ଚିଠି



କୁନା ସୁନା

ବିଭାଜନ ସଦାବେଳେ ଦେଶବାସୀଙ୍କ ହୃଦୟରେ ଏକ କରୁଣ ବେଦନା ସୃଷ୍ଟି କରିଛି । ବିଭାଜନର କାରଣ ଯାହା ହେଉ କିନ୍ତୁ ଉଭୟ ଭାରତ ଓ ପାକିସ୍ତାନ ପାଇଁ ସେହି ଭୟାନକ ମୁହୂର୍ତ୍ତ ଅନେକ ଅଭୁଲା, ଅଲିଭା ସ୍ମୃତି ଛାଡ଼ି ଦେଇଗଲା । ଭାରତ ଓ ପାକିସ୍ତାନର ବିଭାଜନର କରୁଣ କାହାଣୀ ଶୁଣି ଶୁଣି ଯୌବନାବସ୍ଥାକୁ ପହଞ୍ଚିଛି ନଗ୍ମା । ସେ ସଦାବେଳେ ବିଭାଜନର କଥା ଓ ବ୍ୟଥାରେ ନିଜକୁ ଏପରି ଭାବେ ହଜାଇ ଦେଇଥାଏ ଯେ, ସେଥିରୁ ସେ ମୁକୁଳିବା ପାଇଁ ବାଟ ପାଏ ନାହିଁ । ସେଥିପାଇଁ ସେ ବାରମ୍ବାର ଖୋଜିବାକୁ ଲାଗେ ଦୁଇ ଦେଶର ବିଭାଜନର କାରଣ । ନିଜର ଏହି ଜିଜ୍ଞାସା ହେତୁ 'ଲାହୋର୍ ବିଶ୍ୱବିଦ୍ୟାଳୟ'ରେ ଗବେଷଣା କରିବା ପାଇଁ ସୁଯୋଗ ପାଇ ଭାରତ ଓ ପାକିସ୍ତାନର ବିଭାଜନର କାରଣ ଉପରେ ଗବେଷଣା କରିବା ପାଇଁ ସେ ନିଷ୍ପତ୍ତି  ନେଇଥିଲା । ହେଲେ କେବଳ ପାକିସ୍ତାନରେ ରହି ଏହି ଗବେଷଣାକୁ ରୂପରେଖ ଦେବା ସମ୍ଭବ ନୁହେଁ, ସେଥିପାଇଁ ସେ ଭାରତର ମ୍ୟୁଜିୟମଗୁଡ଼ିକରେ ବିଭାଜନର କାରଣ ଖୋଜିବାକୁ ଯୋଜନା କରିଲା । ନଗ୍ମାର ଭାରତ ଆସିବା ସେତେ ସହଜ ନଥିଲା ଭାରତକୁ ଆସିବା ପାଇଁ ସେ ପାକିସ୍ତାନ ସରକାରଙ୍କୁ ତିନିଥର ଥର ଦରଖାସ୍ତ ଦେଇ ବିଫଳ ହୋଇଛି । କିନ୍ତୁ ଚତୁର୍ଥ ଥର ତା'ର ଆବେଦନ ସ୍ୱୀକାର ହୋଇଛି ଏବଂ ତାହା ମଧ୍ୟ ଅନ୍ୟ ଝିଅର ଦରଖାସ୍ତକୁ ମଞ୍ଜୁରୀ ମିଳିଥିଲା ହେଲେ ସେ ଝିଅଟି କୌଣସି କାରଣରୁ ଆସି ପାରି ନଥିଲା, ସେଥିପାଇଁ ନଗ୍ମାକୁ ପାଞ୍ଚଦିନ ପାଇଁ ଭାରତ ଆସିବାକୁ ଅନୁମତି ମିଳିଗଲା । ସେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଥମଥର ଭାରତ ଆସୁଛି ସେଥିପାଇଁ ସେ ବେଶ୍ ଖୁସିଥିଲା, ମନରେ ଅନେକ ଉତ୍ସାହ ଓ ଉତ୍କଣ୍ଠା ନେଇ ସେ ଅମ୍ରିତସର ପହଞ୍ଚିଲା । ସେଠାରେ ପହଞ୍ଚି ନଗ୍ମା ସର୍ବପ୍ରଥମେ ନିଜ ଆମ୍ମିକୁ ଫୋନ କରି କହିଲା "ଆମ୍ମି ତମେ ଏଠାକୁ ଫୋନ କରି ପାରିବ ନାହିଁ, ସେଥିପାଇଁ ମୁଁ ଫୋନ୍ କରିବି, ମୁଁ ଭଲ ସେ ପହଞ୍ଚି ଗଲି, ମୋର ଚିନ୍ତା କର ନାହିଁ ମୁଁ ପୁରା ଠିକ୍ ଅଛି ।" ଏତିକି କହି ନଗ୍ମା ଗେଷ୍ଟହାଉସର ରିସିଭର ରଖିଦେଲା ।

ସକାଳ ୮ଟା ବେଳୁ ମ୍ୟୁଜିୟମ୍ ଯିବା ପାଇଁ ନଗ୍ମା ପ୍ରସ୍ତୁତ ହୋଇଛି । ଧଳା ରଙ୍ଗର ସାଲ୍ୱାର ସୁଟ୍, ସେଥିରେ ହଳଦି ରଙ୍ଗର ଓଢ଼ଣୀ, କାନରେ ବଡ଼ ବଡ଼ ଝୁମ୍କା, ଖୋଲା କେଶ, ନଗ୍ମା ଜହ୍ନ ଭଳି ସୁନ୍ଦର ଦେଖାଯାଉଥିଲା । ନଗ୍ମା ପେନ୍, ଡାଏରୀ ଓ ସବୁ ଡକ୍ୟୁମେଣ୍ଟ ବ୍ୟାଗ୍ରେ ଭରିବାକୁ ଯାଉଥିଲା, ଠିକ୍ ସେତିକିବେଳେ ଡର୍ ବେଲ୍ ବାଜି ଉଠିଲା । ନଗ୍ମା କବାଟ ଖୋଲିବା କ୍ଷଣି ଯୁବକ ଜଣକ କହିଲା, "ଗୁଡ୍ ମର୍ଣ୍ଣିଂ ମ୍ୟାଡାମ୍ ମୁଁ ଆଗାମୀ ପାଞ୍ଚଦିନ ପାଇଁ ଆପଣଙ୍କ ଗାଇଡ୍, ମୋ ନାଁ ଅଜୟ ଆପଣ ମୋତେ ସ୍ନେହରେ ଅଜୁ ବୋଲି ଡାକି ପାରିବେ ।" କିନ୍ତୁ ନଗ୍ମା ସେଭଳି ଝିଅ ନ ଥିଲା ସେ ତାକୁ କେବଳ ଅଜୟ ବୋଲି ହିଁ ଡାକିଲା । ଦୁଇ ଜଣ ଚାଲିଗଲେ ମ୍ୟୁଜିୟମ୍ ବୁଲିବା ପାଇଁ, ଆଜି ପ୍ରଥମ ଦିନ ଥିଲା, ସେଥିପାଇଁ ନଗ୍ମା ବିଶେଷ ନୋଟ୍ସ ବନାଇ ପାରି ନଥିଲା, କେବଳ ଦେଖିକି ଚାଲି ଆସିଥିଲା । କାଲିକୁ ଠିକ୍ ୯:୩୦ରେ ଆସିବା ପାଇଁ ଅଜୟକୁ କହି ନଗ୍ମା ଗେଷ୍ଟ ହାଉସକୁ ଫେରି ଆସିଲା । ଦ୍ୱିତୀୟ ଦିନ ପୁଣି ନଗ୍ମା ଠିକ୍ ୯:୩୦ ସୁଦ୍ଧା ପ୍ରସ୍ତୁତ ହୋଇଯାଇଛି, ଆଜି ସେ ମେରୁନ୍ ରଙ୍ଗର ସାଲ୍ୱାର ଓ ସେଥିରେ ଗୋଲ୍ଡେନ୍ ରଙ୍ଗର ଏମ୍ବ୍ରୋୟଡ଼େରୀ ହୋଇଥିବା ଓଢ଼ଣୀ, କାନର ବି ପୁରା ମ୍ୟାଚିଙ୍ଗ୍ କରି ପିନ୍ଧିଛି । ଅଜୟ ଓ ନଗ୍ମା ଆଜି ଟିକେ ଏପଟ-ସେପଟ ଅନାବନା କଥାବାର୍ତ୍ତା ହୋଇ ମ୍ୟୁଜିୟମ୍ ପହଞ୍ଚିଗଲେ । ଆଜି ନଗ୍ମା ଅନେକ କାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରିଲା ଓ ଢ଼େର୍ ସାରା ନୋଟସ୍ ବି ଲେଖିଲା । ସଂନ୍ଧ୍ୟାରେ ଗେଷ୍ଟ ହାଉସ୍‌କୁ ଫେରିବା ସମୟରେ ନଗ୍ମା, ଅଜୟକୁ ଆସନ୍ତାକାଲି ନିଜର ସହର ବୁଲାଇବା ପାଇଁ କହିଲା ନଗ୍ମାର ଏ କଥାଶୁଣି ଅଜୟ ବେଶ୍ ଖୁସି ହୋଇଗଲା, ଆଉ ନିଶ୍ଚୟ ବୁଲାଇବ ବୋଲି କହି ସେଠାରୁ ଚାଲିଗଲା । ତୃତୀୟ ଦିନ ନଗ୍ମାର ଗବେଷଣା କାମ ଶୀଘ୍ର ଶେଷ ହୋଇଗଲା, ସେଥିପାଇଁ ସେମାନେ ସହରର ବିଭିନ୍ନ ସ୍ଥାନ ବୁଲିଲେ, ଚାଟ୍ ଖାଇଲେ, ଲସି ପିଇଲେ ଓ ନଗ୍ମାର ଅତିପ୍ରିୟ ଗୁପ୍‌ଚୁପ୍ ମଧ୍ୟ ଖାଇଲେ । ଏମିତି ବୁଲାବୁଲିରେ ସେମାନଙ୍କ ଦିନ କେମିତି ବିତିଗଲା ସେମାନେ ମଧ୍ୟ ଜାଣିପାରିଲେ ନାହିଁ, ଦିନର ଶେଷରେ ସେମାନେ ନିର୍ଦ୍ଧାରଣ କରିଲେ ଯେ, ଯେଉଁଦିନ ନଗ୍ମାର ଗବେଷଣା ଶେଷ ହେବ ସେ ଦିନ ସେମାନେ ସାଥିରେ ସମୟ ଅତିବାହିତ କରିବେ, ଖୁବ୍ ବୁଲିବେ, ସାଥିରେ ଖାଇବେ ଓ ସାଥିରେ ଗୁଡାଏ ଫୋଟ ମଧ୍ୟ ଉଠାଇ ନିଜ ନିଜର ସୋସିଆଲ୍ ମିଡ଼ିଆରେ ଅପ୍ଲୋଡ୍ ମଧ୍ୟ କରିବେ । ଚତୁର୍ଥ ଦିନ ବି ସେହିଭଳି ନଗ୍ମା ଅନେକ ମ୍ୟୁଜିୟମ ବୁଲି ଓ ଢ଼େର୍ ସାରା ତଥ୍ୟ ସଂଗ୍ରହ କରି ବଜାରରୁ ନିଜ ପାଇଁ କିଛି ଭାରତୀୟ ପୋଷାକ ଖରିଦ୍ କରି ଗେଷ୍ଟହାଉସ୍‌କୁ ଫେରି ଆସିଲା । ଦେଖୁ ଦେଖୁ କେମିତି ଭାରତରେ ନଗ୍ମାର ଚାରିଦିନ ବିତିଗଲା, ସେ ମଧ୍ୟ ଜାଣିପାରିଲା ନାହିଁ । ଭାରତରେ ନଗ୍ମାର ପଞ୍ଚମ ଓ ଶେଷ ଦିନ ଆସି ପହଞ୍ଚିଗଲା । ନିଜ ଗବେଷଣା ପାଇଁ ଯେଉଁ ସବୁ ତଥ୍ୟ ସଂଗ୍ରହ କରିବାର ଆକାଂକ୍ଷା ନେଇ ନଗ୍ମା ଭାରତକୁ ଆସିଥିଲା, ସେ ସବୁ ତଥ୍ୟ ପ୍ରାୟ ସେ ସଂଗ୍ରହ କରି ସାରିଥିଲା । ତଥାପି ତାକୁ କିଛି ଅଧୁରା ଅଧୁରା ଲାଗୁଥିଲା । ସେ ବାରମ୍ବାର କିଛି ଗୋଟେ ଛାଡ଼ିଦେଉଛି ଯାହା ତା’ ପାଇଁ ଓ ତା’ର ଗବେଷଣା ପାଇଁ ବେଶ୍ ଆବଶ୍ୟକ, ଏଭଳି ଏକ ଅଜଣା ଭାବରେ ମାନସିକ ସ୍ତରରେ ବ୍ୟଥିତ ହୋଇ ନଗ୍ମା ପଞ୍ଚମ ଦିନ ମ୍ୟୁଜିୟମକୁ ପହଞ୍ଚିଲା । ଆଜି ଭାରତରେ ନଗ୍ମାର ଶେଷ ଦିନ ଥିଲା ଓ ମ୍ୟୁଜିୟମ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିଜିଟ୍ କରିବାର ମଧ୍ୟ ଶେଷ ଦିନ ଥିଲା । ନଗ୍ମା ଆଜି ଅଜୟ ସହ ସମୟ ବିତାଇବା ପାଇଁ କହିଥିଲା । କିନ୍ତୁ ସେମିତି କିଛି ହେଲା ନାହିଁ, କାରଣ ମ୍ୟୁଜିୟମରୁ ବାହାରକୁ ଆସିବା ସମୟରେ ନଗ୍ମାକୁ ମ୍ୟୁଜିୟମ୍ କୋଣରେ ପଡ଼ିଥିବା ଏକ ବାକ୍ସ ଦେଖାଗଲା । ନଗ୍ମା ସେ ବାକ୍ସକୁ କେମିତି ଛାଡ଼ନ୍ତା, ହୋଇପାରେ ସେ ଯେଉଁ ତଥ୍ୟ ସଂଗ୍ରହ କରିବାକୁ ଆସିଛି ତାହା ସେ ବାକ୍ସ ମଧ୍ୟରେ ଥାଇପାରେ । କିନ୍ତୁ ସେ ବାକ୍ସରେ କିଛି ନାହିଁ, ତାକୁ କେହି ଦେଖନ୍ତି ମଧ୍ୟ ନାହିଁ ଏକଥା କହି ଅଜୟ, ନଗ୍ମାକୁ ସେ ବାକ୍ସକୁ ଦେଖିବା ପାଇଁ ମନା କରିଲା । କାରଣ ଆଜି ଶେଷଦିନରେ ସେମାନେ ସାଥିରେ ବୁଲିବା ପାଇଁ ନିଷ୍ପତ୍ତି ନେଇଥିଲେ, ସେଥିପାଇଁ ସେ ନଗ୍ମା ସହ ଅଧିକ ସମୟ ଅତିବାହିତ କରିବା ପାଇଁ ତାକୁ ସେ ପୁରୁଣା ବାକ୍ସରେ ସମୟ ନଷ୍ଟ ନ କରିବା ପାଇଁ କହିଥିଲା । ହେଲେ ନଗ୍ମା ନିଜ ଜିଦ୍‌ରେ ଅଟଳ ରହି ସେଇ ବାକ୍ସ ଉଠାଇ ତାକୁ ଖୋଲି ଦେଖିଲା ଯେ, ସେଥିରେ ଗୋଟିଏ ଛୋଟ ଡାଏରୀ ଥିଲା, ବୋଧ ହୁଏ କିଏ ସେଥିରେ ନିଜର ସ୍ମୃତି ଲୁଚାଇ ରଖିଛି । ନଗ୍ମା, ଅଜୟକୁ କହିଲା ଚାଲ କୋଉଠି ବସି ଏହି ଡାଏରୀକୁ ପଢ଼ିବା । ଅଜୟ, ନଗ୍ମାକୁ ମନା କରିପାରିଲା ନାହିଁ, କିନ୍ତୁ ସେ ଖୁସି ମଧ୍ୟ ନ ଥିଲା, କାରଣ ଆଜି ତ ସେମାନେ ଏକାସାଥିରେ ବୁଲିବାକୁ ନିଷ୍ପତ୍ତି ନେଇଥିଲେ, ହେଲେ ନଗ୍ମା ଏ ବରିଂ ଡାଏରୀ ପଢ଼ିବାକୁ ଇଚ୍ଛା କରୁଛି ।

ଡାଏରୀର ପ୍ରଥମ ପୃଷ୍ଠାରେ ଲେଖା ହୋଇଥିଲା 'For Noori and Sameer' । ନୁରୀ ସେଦିନ ବହୁତ ଖୁସି ଥିଲା, କାରଣ ସେ ଇଦ୍ର ପ୍ରସ୍ତୁତି କରୁଥିଲା । କିନ୍ତୁ ସେ ସମସ୍ତଙ୍କ ସହ ଝଗଡ଼ା ମଧ୍ୟ କରୁଥିଲା । ବଜାରରେ ଇଦ୍ ପାଇଁ ଜିନିଷ ପତ୍ର କିଣିଲା ବେଳେ ବି ଦରଦାମକୁ ନେଇ ଦୋକାନୀମାନଙ୍କ ସହ ଝଗଡ଼ା କରୁଛି । ସମସ୍ତଙ୍କ ସହ ତର୍କବିତର୍କ କରି ନୁରୀ, ସଂଗୀତା ସହ ଆଗକୁ ବଢ଼ିବା ବେଳେ ତା'ର ଓଢ଼ଣୀ ସମୀରର ସାଇକେଲର

Magazine Downloaded from www.aahwaan.com

କ୍ୟାରିଅରରେ ଯାଇ ଫସିଗଲା । ସମୀର ସେ ସାଇକେଲ୍ରେ ବସିଥିଲା, ସେଥିପାଇଁ ସେ ନୁରୀର ଓଢ଼ଣୀକୁ ସାଇକେଲରୁ ଛଡାଇବା ପାଇଁ ଚେଷ୍ଟା କରୁଥିଲା । ନୁରୀ ଆଗପଛ କିଛି ନ ବିଚାରୀ ବର୍ଷି ପଡ଼ିଲା ସମୀର ଉପରେ 'ବଦ୍‌ମାସ ଲାଜ ଲାଗୁନି ଭରା ବଜାରରେ ଜଣେ ଝିଅ ସହ ଅପବ୍ୟବହାର କରୁଛ' । ନୁରୀର ଏଭଳି ବ୍ୟବହାର ଦେଖି ସମୀର ନମ୍ର ସହ କହିଲା- 'ମ୍ୟାଡାମ୍ ଆପଣଙ୍କ ଓଢ଼ଣୀ ମୋ ସାଇକେଲରେ ଫସିଯାଇଛି, ମୁଁ ତାକୁ ଛଡ଼ାଇବା ପାଇଁ ଚେଷ୍ଟା କରୁଛି' । ହେଲେ ନୁରୀ, ସମୀରର କଥା ନ ଶୁଣି ତା' ଗାଲରେ ଗୋଟିଏ ଜାବୁଡା ବସାଇଦେଲା । ସମୀର ବି କିଛି କମ୍ ନ ଥିଲା ସେ ମଧ୍ୟ କହିଦେଲା ଯେ- 'ମ୍ୟାଡାମ୍ ଚାହିଁଲେ ମୁଁ ବି ମାରି ପାରିବି କିନ୍ତୁ ଆପଣ ଜଣେ ଝିଅ, ସେଥିପାଇଁ ଆପଣଙ୍କୁ ଛାଡ଼ି ଦେଉଛି ।' ଏହା ଶୁଣି ନୁରୀ ଅଧିକ ରାଗିଗଲା ହେଲେ ଚୁପ୍‌ଚାପ୍ ସଂଗୀତା ସହ ନିଜ ଘରକୁ ଚାଲିଗଲା । ଏଭଳି ଝଗଡ଼ା ନୁରୀ ପାଇଁ କୌଣସି ନୂଆଁ ଘଟଣା ନ ଥିଲା, କାରଣ ସେ ଏତେ ସୁନ୍ଦର ଥିଲା ଯେ ତା' ପଛରେ ଅନେକ ପିଲା ପଡ଼ିଥିଲେ । କିନ୍ତୁ ସେ କାହାକୁ ଆଗକୁ ଆସିବାକୁ ଦେଇନି । ନୁରୀ ଆଜି କିଛି ଉଦାସ୍ ମନେ ହେଉଛି, କାହିଁକି ନା ଆଜି ସମୀର ସହ ସେ ଯାହା ବ୍ୟବହାର କରିଲା ତାହା ତାକୁ ଠିକ୍ ଲାଗୁ ନଥିଲା । ଇଦ୍‌ର ପ୍ରସ୍ତୁତି ଭିତରେ ସେ ସଂଗୀତା ଘରକୁ ଗଲା, ସେଠାରେ ସେ ଭେଟିଲା ସଂଗୀତାର ମାମୁଁର ପୁଅଙ୍କୁ, ସେଇ ମାମୁଁର ପୁଅ ଆଉ କେହି ନାହିଁ ସେ ହେଉଛି ସମୀର, ଯିଏ ସାଇକେଲରୁ ନୁରୀର ଓଢ଼ଣୀ ଛଡାଇବାକୁ ଯାଇ ତା'ର ଜାବୁଡା ଖାଇଥିଲା । ନୁରୀ ପୁଣି ସଂଗୀତା ସହ ଝଗଡ଼ା କରିବାକୁ ଲାଗିଲା ଯେ, ସେଦିନ ତୁ ମୋତେ କାହିଁକି କିଛି କହିଲୁ ନାହିଁ ଯେ ସମୀର ତ ମାମୁଙ୍କ ପୁଅ । ପ୍ରତିଉତ୍ତରରେ ସଂଗୀତା କହିଲା ଯେ, ତୁମେ ମୋତେ କିଛି କହିବାକୁ ସୁଯୋଗ ହିଁ ଦେଲ ନାହିଁ । ଏଥର ନୁରୀ ବୁଝି ପାରିଥିଲା ଯେ, ପ୍ରକୃତରେ ସେଦିନ ତା'ଦ୍ୱାରା ଭୁଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଇଥିଲା । ପରେ ନୁରୀ ସମୟ ନଷ୍ଟ ନ କରି ସମୀରକୁ କ୍ଷମା ମାଗିଥିଲା ଓ ସେହି କ୍ଷମା ମାଗିବା ଠାରୁ ଆରମ୍ଭ କରି ସେମାନଙ୍କ ସଂପର୍କ କୋଉଠି ଯାଇ ପହଞ୍ଚିଗଲା, ତାହା ସେମାନେ ମଧ୍ୟ ଜାଣି ପାରିଲେ ନାହିଁ । ସେମାନଙ୍କ ମିଳାମିଶା, ଭେଟ-ଘାଟ ଆରମ୍ଭ ହୋଇଯାଇଥିଲା, ଛାତରୁ ଆରମ୍ଭ କରି ସହରର ସମସ୍ତ ଗଳିରେ ସେମାନଙ୍କ ଭେଟ-ଘାଟ ଚାଲିଥିଲା । ଏବେ ସାରା ସହର ସେମାନଙ୍କୁ ଖୁବ୍ ଭଲଭାବେ ଚିହ୍ନିଥିଲା ଓ ସେମାନେ ମଧ୍ୟ ପୁରା ସହର ସହ ପରିଚିତ ଥିଲେ । ସେଥିପାଇଁ ତ କୁହାଯାଏ ଯେ, ମଣିଷ ପ୍ରେମରେ ଥିବା ବେଳେ ହିଁ ସହରକୁ ଭଲ ଭାବେ ବୁଝିପାରିବ । ନୁରୀ ଓ ସମୀର ବର୍ତ୍ତମାନ ଏକ ହୋଇଯାଇଥିଲେ । କିନ୍ତୁ ଏହି ଏକହୋଇ ରହିବା ସଦାବେଳେ ନଥାଏ । ସମୀରକୁ ନିଜ ସହରକୁ ଫେରିବାର ଥିଲା, ସମୀର ଓ ନୁରୀ ଦୁହେଁ ଉଦାସ ଥିଲେ, ଦୁଇ ଜଣଙ୍କ ଦେଖା ମଧ୍ୟ ହୋଇଥିଲା, ସେଇ ବ୍ରିଜ୍ ପାଖରେ, ଯୋଉଠି ସେମାନେ ସବୁବେଳେ ମିଶନ୍ତି । ହେଲେ ସମୀର, ନୁରୀକୁ କହିଥିଲା, 'ମୁଁ ତୁମକୁ ସବୁଦିନ ଚିଠି ଲେଖିବି ଆଉ ଖୁବ୍ ଶୀଘ୍ର ଆମ ବିବାହ ସମ୍ବନ୍ଧରେ ମଧ୍ୟ କଥା ହେବି, ତୁମେ ବିଲ୍କୁଲ୍ ଚିନ୍ତା କର ନାହିଁ ।'

ଆଜି ସମୀରର ପ୍ରଥମ ଚିଠି ଆସିଥିଲା ସେଥିରେ ଲେଖା ହୋଇଥିଲା- 'ମୋର ଓ କେବଳ ମୋର ନୁରୀ, ମୁଁ ପୁରା ଠିକ୍ ଅଛି କିନ୍ତୁ ତୁମକୁ ମୁଁ ବହୁତ ମନେ ପକାଉଛି, ତୁମେ ଚିନ୍ତା କର ନାହିଁ, ତୁମକୁ ଦେଖା କରିବାକୁ ନିଶ୍ଚୟ ଆସିବି ଓ ଆମର ବାହାଘର ବିଷୟରେ ମଧ୍ୟ କଥା ହେବି ।' ଚିଠି ପଢ଼ି ନୁରୀର ଖୁସିର ଠିକଣା ଆଉ ରହିଲା ନାହିଁ, ନୁରୀର ଖୁସି ଦେଖି ତା'ର ଆମ୍ମି ମଧ୍ୟ ତା'ର ଖୁସିର କାରଣ ପଚାରିଲେ, କିନ୍ତୁ ସେ କିଛି ଉତ୍ତର ନ ଦେଇ ନିଜ ରୁମ୍‌କୁ ଆସି ସେଇ ଲାଲ୍ ରଙ୍ଗର ଲେଟର୍ ହେଡ୍‌କୁ ବାହାର କରିଲା, ଯାହା ସେ ଇଦ୍ର ଇନାମ୍ ବା ଇଦିର ପଇସାରେ ସମୀରକୁ ଚିଠି ଲେଖିବା ପାଇଁ କିଣିଥିଲା । ନୁରୀ କଲମ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠାଇ ଲେଖିଲା- 'ମୋର ଓ କେବଳ ମୋର ସମୀର, ମୁଁ ତୁମକୁ ବହୁତ ମନେ ପାକଉଛି, କିନ୍ତୁ ତୁମ ଚିଠି ପାଇବା ମାତ୍ରେ ମୁଁ ଖୁସି ହୋଇ ଯାଉଛି । ତମେ ଶୀଘ୍ର ମୋତେ ଦେଖା କରିବାକୁ ଆସ, ଆଉ ଆମର ବିବାହ କଥା ତୁମେ ହିଁ କହିବ, କାରଣ ମୁଁ ଆମ୍ମିକୁ ଆମର ବାହାଘର କଥା କହି ପାରିବି ନାହିଁ । ତୁମେ ମୋତେ ମନେ ପକାଉଥାଅ ଓ ମୁଁ ବି ତମକୁ ମନେ ପକାଉଥିବି । ଚିଠିର ଉତ୍ତର ନିଶ୍ଚୟ ଦେବ । ଇତି, ତୁମର ଓ କେବଳ ତୁମର ନୁରୀ' । ଏମିତି ହିଁ ଦୁଇ ଜଣଙ୍କ ମଧ୍ୟରେ ଚିଠି ଦିଆ-ନିଆ ବଢ଼ି ଚାଲିଲା । ଦୁଇଜଣ ଏତେ ଚିଠି ଦିଆ-ନିଆ ହେବାକୁ ଲାଗିଲେ ଯେ, ଚିଠି ଚିଠିରେ ହିଁ ସେମାନେ ସାରା ଦୁନିଆ ବୁଲି ଆସନ୍ତି । କିନ୍ତୁ ସବୁ ରାତିର ଗୋଟିଏ ସକାଳ ଥାଏ, ସେହିପରି ସକାଳ ମଧ୍ୟ ଅଧିକା ସମୟ ପର୍ଯ୍ୟନ୍ତ ରହେ ନାହିଁ । ସେଦିନର ରାତି ସମସ୍ତଙ୍କ ଜୀବନକୁ ବଦଳାଇ ଦେଇଥିଲା । ସେଇ ରାତି କେବଳ ଦୁଇ ପ୍ରେମି ନୁହେଁ ବରଂ ସେଇ ଲୋକମାନେ ଯେଉଁମାନେ ନିଜର ଦେଶକୁ ବହୁତ ପ୍ରେମ କରୁଥିଲେ ସେମାନେ ମଧ୍ୟ ଅଲଗା ହେଉଥିଲେ । ଲୋକମାନେ ନିଜର ଘରଦ୍ୱାର ମଧ୍ୟ ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ଏବଂ ସେମାନଙ୍କ ମଧ୍ୟରେ ଥିଲେ ନୁରୀ ଓ ସମୀର । ସେମାନଙ୍କୁ ଜଣା ନଥିଲା ଯେ ସେମାନେ ଆଉ କେବେ ମିଶି ପାରିବେ କି ନାହିଁ, ଆଜି ନୁରୀ ବହୁତ ଉଦାସ୍ ଥିଲା ସେ ସମୀରକୁ ଚିଠି ଲେଖିଲା, "ସମୀର ମୁଁ ତମକୁ ବହୁତ ମନେ ପକାଉଛି ଓ ବହୁତ ଡରୁଛି ମଧ୍ୟ, କ'ଣ ଆମେ କେବେ ମିଶି ପାରିବା ? ସମସ୍ତେ ଏଠାରୁ ଚାଲି ଯାଉଛନ୍ତି, ବୋଧ ହୁଏ ଆମେ ମଧ୍ୟ କୋଉଠି ଚାଲିଯିବୁ ! ତୁମେ କେମିତି ଅଛ ? ତମେ ମୋର ଏହି ଚିଠିର ଉତ୍ତର ତ ଦେବ ନା ? ଆମେ କେବେ ମିଶି ପାରିବା ତ ସମୀର ?" ଏହି ସମସ୍ତ ପ୍ରଶ୍ନ ସହ ନୁରୀ ନିଜର ଚିଠି ସମାପ୍ତ କରିଲା । ନୁରୀର ଚିଠିର ଉତ୍ତରରେ ସମୀର ମଧ୍ୟ ଲେଖିଲା, "ନୁରୀ ତୁମେ ବିଲ୍-କୁଲ ଚିନ୍ତା କରନାହିଁ । ଏ ବିଭାଜନ ଆମର

Magazine Downloaded from www.aahwaan.com

ଶରୀରକୁ ଅଲଗା କରି ପାରିବ କିନ୍ତୁ ଆମର ଆତ୍ମା ତ ଏକ । ଆମେ ସଦାବେଳେ ସାଥିରେ ରହିବା, ଆଉ ହୋଇପାରେ କେବେ ଏମିତି ବି ଦିନ ଆସିପାରେ ଆମେ ଦୁହେଁ ସାଥିରେ ବସି ଏ ସବୁ ଚିଠି ପଢୁଥିବା । ଆମର ପ୍ରେମ ତ ଅମର ହିଁ ରହିବ ନା !" ନଗ୍ମା ବହୁତ ଭାରି ମନରେ ଓ ଆଖିରେ ଲୁହ ସହ ଏହି ଡାଏରୀକୁ ବନ୍ଦ କରିଲା, ତାକୁ ବାକ୍ସରେ ରଖି, ନିରବରେ ଅଜୟକୁ ଦେଖିବାକୁ ଲାଗିଲା ଓ ଅଜୟ ନଗ୍ମାକୁ ।

ଗବେଷକ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଧ ଅବତାର



ବିଦ୍ୟାଧର ପଣ୍ଡା

ମହାମହିମ ମନ୍ତ୍ରୀଙ୍କ ଓଠରୁ ଝରୁଥିଲା ମକରନ୍ଦ ଭଳି ମୁରୁକୁନ୍ଦିଆ ହସ । ସଭା ସରି ଆସୁଥିଲା । ଲୋକ କମି ଯାଇଥିଲେ । ଧନ୍ୟବାଦ ଅର୍ପଣ ପର୍ବ ସମାପ୍ତ ହେବା ପରେ ମନ୍ତ୍ରୀ ମଂଚରୁ ଓହ୍ଲାଇବାର ଉପକ୍ରମ କରୁଥିଲେ । ଠିକ୍ ସେଇ ସମୟରେ ଅଭିନୀତ ହେଲା ସେଇ ଦୃଶ୍ୟ ।

କିଛି ସମୟ ତଳେ ମନ୍ତ୍ରୀ ତାଙ୍କର କଥାର ଚଟୁଳତାରେ ଜନମନକୁ ମୁଗ୍ଧ କରୁଥିଲେ । ଆଗକୁ ନିର୍ବାଚନ । ବଚନରେ ମାଲିସ୍ କରିବାର କଳାରେ ପ୍ରବୀଣ ପୁରୁଖା ମନ୍ତ୍ରୀ । ଗାଁଗଣ୍ଡାର ନିପଟ ମୁର୍ଖ, ଅଶିକ୍ଷିତଙ୍କୁ ସମ୍ବୋଧନ କରି କହୁଥିଲେ - ଆପଣମାନେ ସମସ୍ତେ ପଣ୍ଡିତ, ବିଜ୍ଞ । ମୋର ଗୁରୁଜନ । ଆପଣମାନଙ୍କ କଥା କହିବା ପାଇଁ ମତେ ଏଠାରୁ ଭୁବନେଶ୍ୱର ପଠାଇଛନ୍ତି । ମୁଁ ସେଠାରେ କେବଳ ସେତିକି ମାତ୍ର କରୁଛି । ମୁଁ ଆପଣଙ୍କ ବୋଲକରା ପ୍ରତିନିଧି । ଆପଣମାନେ ମୋର ଦେବତା । ଆପଣ ମୋର ଭୋଟର, ମୋର ଇଶ୍ୱର । ଆପଣମାନେ ଇଚ୍ଛା କଲା ମାତ୍ରେ ଏ ଅଧମକୁ ଚଉକିରୁ ତଳକୁ ଗଡ଼ାଇ ଦେଇ ପାରିବେ ।

ଲୋକମାନେ ଏଭଳି ତରଳ ପ୍ରଶଂସାରେ ପୋତି ହୋଇ ନିଜକୁ ଧନ୍ୟ ଧନ୍ୟ ମଣୁଥିଲେ । ସଭା ସରି ଆସୁଥିଲା । ମନ୍ତ୍ରୀ ମଂଚରୁ ତଳକୁ ଯିବା ପାଇଁ ପାଦ ବଢ଼ାଉଥିଲେ । ଜଣେ ବୃଦ୍ଧ ଆସି ତାଙ୍କର ବାଟ ଓଗାଳିଲେ । ବୃଦ୍ଧଙ୍କ ହାତରେ ଥିଲା ଗୋଟିଏ ଅଭିଯୋଗଭରା ଦାବିପତ୍ର । କୃଷ୍ଣବର୍ଣ୍ଣ ପୋଷାକରେ ଆଚ୍ଛାଦିତ ସୁରକ୍ଷାକର୍ମୀ ତାଙ୍କ ବାଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଓଗାଳିଲେ । ହେଲେ ଦୟାରେ ଆର୍ଦ୍ର, କରୁଣାରେ ବିଗଳିତ ମଣିଷ ଭଳି ଦିଶୁଥିବା ମନ୍ତ୍ରୀ କହିଲେ - ଆରେ ତାଙ୍କୁ ଛାଡ଼ । ଆସ ମଉସା । ଆଣ ତମ କାଗଜ । ଏତିକି କହି ମନ୍ତ୍ରୀ ବି ତଳକୁ ଓହ୍ଲାଇଗଲେ । ଦରଖାସ୍ତଟି ବଢାଇ ଦେଇ ଆଶାଭରା ନୟନରେ ଚାହିଁ ରହିଲେ ବୃଦ୍ଧଜଣକ । ପୁରା ନଇଁ ଯାଇଥିବା ବୃଦ୍ଧଙ୍କର ଆଖି ଦୁଇଟି ଜଳି ଉଠୁଥିଲା କିଛି ଗୋଟିଏ ଭଲ ସୁପାରିଶର କଳ୍ପନାରେ । ମନ୍ତ୍ରୀ ସେ ପର୍ଯ୍ୟନ୍ତ ଦରଖାସ୍ତକୁ ଭଲରେ ଦେଖି ନଥିଲେ କି ସେଥିରେ କିଛି ଲେଖି ନଥିଲେ ।

ମନ୍ତ୍ରୀ କାହାକୁ ଡାକିଲେ - ଆରେ 'ଗଧ' ଅସିଲୁ । ସତସତିକା କେହି ଜଣେ ଚାଲି ଆସିଲେ ଆଉ ନଇଁ ପଡ଼ି ପିଠିକୁ ଧନୁ ଭଳି ବଙ୍କାଇ ଦେଲେ । ମନ୍ତ୍ରୀ ସେଇ ମଣିଷର ପିଠି ଉପରେ ଦରଖାସ୍ତକୁ ପକାଇ ସୁପାରିଶ କାମ ସାରିଦେଲେ । ହାତଗଣତି ବୋଲକରାଙ୍କୁ କହିଲେ - ଆମେ ପଢିବାବେଳେ ଯାକୁ ଗଧ ବୋଲି ଡାକୁଥିଲୁ । ବିଜୟ ତା'ର ନାଁ । ହେଲେ ଗଧ ଡ଼ାକ ଭିତରେ ଅସଲ ନାଁଟାକୁ ସମସ୍ତେ ଭୁଲି ଯାଇଥିଲେ । ମନ୍ତ୍ରୀଙ୍କ ଏମନ୍ତ ସ୍ମୃତିଚାଳରଣ ଭିତରେ ସୁପାରିଶ ଲିଖନ ପର୍ବଟି ସରି ଯାଇଥିଲା । ନେତାଙ୍କ ସଂଳାପ, ନାଟ୍ୟରୂପରେ ଜନତା ହଜି ଯାଇଥିଲେ । କେହି ଜମା ଧରି ପାରି ନଥିଲେ ଯେ, ମନ୍ତ୍ରୀଙ୍କୁ ତ ପଚାଶ ବର୍ଷ ଆଉ 'ଗଧ'କୁ ଷାଠିଏ ବର୍ଷ ହେଲା କେମିତି ? ସେମାନେ ପୁଣି ଏକା କ୍ଲାସ୍‌ରେ ପାଠ ପଢିଲେ କେମିତି ? ମଲା, ଇଏ ଗୋଟେ କଥା !

ହଠାତ ଜଣେ ସାମ୍ବାଦିକ ପଛରୁ ପଚାରିଦେଲେ, ସାର୍ ଆପଣ କ'ଣ ଏକା କ୍ଲାସ୍‌ରେ ପଢୁଥିଲେ । ଏବେ ଆପଣଙ୍କୁ କ'ଣ ଷାଠିଏ ଛୁଇଁ ଗଲାଣି ? ମନ୍ତ୍ରୀ ଭାଷିଲେ ମହାଭରତରେ କୃଷ୍ଣ ଚରିତ୍ର ସୁଲଭ ଅର୍ଥମୟ ହସ । ଯୁବ ସାମ୍ବାଦିକଜଣକ ଅବୁଝା ଆଖିରେ ଚାହିଁ ରହିଥାନ୍ତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ୍ତ୍ରୀ କହିଲେ ଏଠି ସଭାରେ ମୁଁ ସମସ୍ତଙ୍କୁ ପଣ୍ଡିତ ଓ ବିଜ୍ଞ ବୋଲି କହିଲି । ହେଲେ ସମସ୍ତେ କ'ଣ ସତରେ ପଣ୍ଡିତ ? ସେମିତି ସେ ବିଜୟଙ୍କୁ ମୁଁ ଗଧ କହିଲି । ସେ କ'ଣ ଏଇ କଥା ପଦକରେ ସତରେ ଗଧ ହୋଇଗଲା ? ଅବଶ୍ୟ ଆମ ସହ ଜଣେ ବିଜୟ ପଢୁଥିଲା । ତା'ର ପାଠଶାଠ ହେଉ ନଥିଲା । ତାକୁ ମୁଁ ଓ ମୋର ସମସ୍ତ ସହପାଠୀ ସ୍ନେହରେ ଗଧ ଡାକୁଥିଲୁ । ହେଲେ ସେ ବିଜୟ ଆଉ ଏ ବିଜୟ ଅଲଗା । ଅବଶ୍ୟ ଉଭୟ ଗଧ । ନହେଲେ କିଏ କ'ଣ ପିଠି ଦେଖାଇ ଗଧ ହେବାକୁ ରାଜି ହୁଅନ୍ତା ।

ଆମେ ବି ହାଇକମାଣ୍ଡଙ୍କ ଆଗରେ ଗଧ ସାଜୁଛୁ । ଆମ ସମସ୍ତଙ୍କୁ ଗଧର ଭିନ୍ନ ଭିନ୍ନ ଅବତାର ବୋଲି କହି ପାରନ୍ତି । ଆଗେ କୁହା ଯାଉଥିଲା ଅନ୍ନଚିନ୍ତା ଚମତ୍କାର । ଏବେ ଚୌକି ଚିନ୍ତା ଆହୁରି ଚମତ୍କାର । ମୋଟାମୋଟି ଭାବେ ଆମେ ସମସ୍ତେ ଗୋଟିଏ ଗୋଟିଏ ଗଧ ! କିଏ କେତେବେଳେ କ'ଣ ପାଇଁ ଗଧ ସାଜୁଛି ସେଇଟା ବଡ଼ କଥା ନୁହେଁ । ବୁଝି ନିଅ ଗଧର ଭିନ୍ନ ଭିନ୍ନ ଅବତାର । ଆବଶ୍ୟକତା ଅନୁଯାୟୀ ଏସବୁ କେବଳ ରୂପାନ୍ତର ମାତ୍ର ।

ଗଧ ଅବତାରର ଏହି ଚମତ୍କାର ଉପାଖ୍ୟାନ ବା ବ୍ୟାଖ୍ୟା ଭିତରେ ସାମ୍ବାଦିକର ମଗଜରେ ଗୋଟିଏ ପ୍ରଶ୍ନ ଖୁଜୁବୁଜୁ ହୋଇଥିଲା । ମନ୍ତ୍ରୀ 'ଗଧ' ବୋଲି ସମ୍ବୋଧନ କଲେ ସୁହାଇବ । ହେଲେ ଯଦି ସଭା ଗିତରୁ ସତସତିକା ଜଣେ ପଣ୍ଡିତ ମନ୍ତ୍ରୀଙ୍କୁ 'ଗଧ' ବୋଲି ସମ୍ବୋଧନ କରନ୍ତି ବା ମହାଗଧ ସମ୍ମାନରେ ଭୂଷିତ କରିବାକୁ ଆମନ୍ତ୍ରଣ କରନ୍ତି ମନ୍ତ୍ରୀ ସେଇ ଅବତାରରେ ମଂଚକୁ ଯିବାକୁ ମନ କରିବେ ତ !

ଅଢେଇଗୁଣ୍ଡି, କାନପୁର, କଟକ, ପିନ୍-୭୫୪୦୩୭, ମୋ-୯୩୪୮୦୪୨୦୬୬

ଇମେଲ୍ : bidyapctc@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେବୀ



ପୁଷ୍ପାଞ୍ଜଳୀ ପଣ୍ଡା

ତୁମେ ମହାମାୟା,

ତୁମ ମାୟାରେ ହି  ସବୁକିଛି ଘଟେ

ତୁମେ ଦେବୀ ସାଜ ...... ।

ନିଜକୁ ବାରମ୍ବାର ବିବସନା କର

କେବେ  ମହିଷାସୁର  ପାଇଁ  ତ  କେବେ  ଚଣ୍ଡ

ମୁଣ୍ଡ ପାଇଁ ।

ପୃଥିବୀରୁ ଅନ୍ଧକାର ଦୂର ପାଇଁ

ତୁମେ ସବୁ ପାର

କାରଣ ତୁମେ ଦେବୀ  । ।

ସବୁ ତୁମ ମାୟା ।

ଅଥଚ ଏଠି ଶହ ଶହ ମହିଷାସୁରର,

ନିର୍ଯ୍ୟାତନାର  ହିସାବ ନାହିଁ  ।

ଦେବୀ କେତେବେଳେ ହେବଯେ,

ଯେତେଥର ଦେବୀ ହେବ

ସେତେଥର ବିବସ୍ତ୍ରା ହେବା ତୟ  ।

ସକଳ ଆୟୁଧ୍ୟ ନେଇ

ରଣ ହୁଙ୍କାର ଦେବ ନିଶ୍ଚୟ ।

କେବଳ ତୁମେ ପାରିବ ।

ତୁମେ ସବୁପାର

କାରଣ ତୁମେ ଦେବୀ । ।

ମାତ୍ର "ନାରୀ"ତୁମ ମାୟା ର

ଛୋଟିଆ ଝଲକ  ।

ଯିଏ ନିଜକୁ ସମର୍ପି ଦେଇଛି

କାହିଁ କେଉଁ କାଳୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତଥାପି,ସେହି ସମର୍ପିତା ଆଜି ନିର୍ଯ୍ୟାତିତା, ବିବସନା,ଭୂଲୁଣ୍ଠିତା ।

ଶେଷ ପ୍ରଚେଷ୍ଟା ଚଳାଇଛି ତାର ।।

ଦେବୀ ସାଜିବାର ।

କାରଣ ସାଜିବାକୁ

ମହିଷା ର ଶେଷ ସମୟ ର ।।

ତୁମେ ଦେବୀ,

ତୁମେ ସବୁପାର ।।

(ପୁଷ୍ପାଞ୍ଜଳି ପଣ୍ଡା)

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ ଅଫିସର

ଯାଜପୁର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ମାଗୋ କାଳରାତ୍ରୀ



ଜଗବନ୍ଧୁ ସାହୁ

ଉଗ୍ର ରୂପ ଧାରୀ ମାଗୋ କାଳରାତ୍ରୀ
ଘେନ ମୋର ପୁଷ୍ପାଞ୍ଜଳି
କୃପା ଦୃଷ୍ଟିରେ ଚାହିଁ ଦିଅ ମାଗୋ
ଏତିକି କରୁଛି ଅଳି
ତୁମେ ତ ଭବାନୀ ତୁମେ ଶିବାଙ୍ଗିନୀ
ତୁମେ ମାଗୋ ଯୋଗମାୟା
ତୁମେ ତ ତାରିଣୀ ଦୁର୍ଗତୀ ନାଶିନୀ
ତୁମେ ମାଗୋ ହରପ୍ରିୟା
ସପ୍ତମ ଦିବସେ ଚର୍ତୁଭୁଜା ରୂପେ
ଆସ ମାଗୋ ଅବତାରୀ
ଗଧ ବାହିନୀରେ ବୁଲୁ ଅଛ ମାଗୋ
ଖଣ୍ଡା ଖର୍ପୁରକୁ ଧରି
ମୁକୁଳା ତୋ କେଶ ଅଗ୍ନି ସମ ନେତ୍ର
ହିଂସା କ୍ରୋଧ ଦେଇ ଜାଳି

କରୁଣାମୟୀ ତୁ ଜଗତର ମାତା
ଦେ ତୋ କରୁଣା ଢାଳି
ଅଟେ ଦିନ ହୀନ ମୁଁ ତୁମ ସନ୍ତାନ
ଅଟେ ମୋର ଅଳ୍ପ ଜ୍ଞାନ
କର ମା ସୁଦୟା ମାଗୋ ମହାମାୟା
ଦିଅ ମୋତେ ଦିବ୍ୟ ଜ୍ଞାନ
ଦୋଷା ଦୋଷ ମୋର ନଧରିବୁ ମାଗୋ
ଦେବୁ ତୋ କରୁଣା ଢାଳି
ଭକ୍ତି ପୁଷ୍ପାଞ୍ଜଳି ଘେନ ମୋର ମାଗୋ
ଏତିକି କରୁଛି ଅଳି

[ ପ୍ରେମ୍ କବି ଜଗବନ୍ଧୁ ସାହୁ ]
[ ଛତ୍ରାଣିଆ ପଲ୍ଲୀ ( ଗଞ୍ଜାମ ) ]

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ମାଁ ଆସ ତୁମେ



ଲକ୍ଷ୍ମୀନାରାୟଣ ପଣ୍ଡା

ମାଁ ଗୋ
ଗୁହାରି କରିବା ପାଇଁ
ଆସିଛୁ ଗୋ ଧାଇଁ
ମନରେ ଆଶା ଭରସା
ସାହା ହେବୁ ତୁଇ ।

ତୋର ସନ୍ତାନ ସନ୍ତତି
ହେଉଛୁ ମାଁ ହିନିମାନ ଆଜ
ଅଧର୍ମୀ ପାପୀଙ୍କ ମାଗୋ
ଚାଲୁଅଛି ରାଜ

ଧରିଛୁ ମା ହଥିଆର
ଚମକି ଉଠୁ ତା ଧାର
ଉଡୁ ମାଗୋ ଫରଫର
ଧର୍ମ ନ୍ୟାୟ ଧ୍ୱଜ ।

ତୁ ନ ଶୁଣିଲେ କିଏ ମାଆ
ହେବ ଆମ ସାହା
ଅପେକ୍ଷାରେ ଅଛୁ ମାଗୋ
ଦେଖି ତୋର ରାହା ।

ଧନକଉଡ଼ା , ସମ୍ବଲପୁର ୭୬୮୦୦୬
ମୋବାଇଲ ୯୯୩୭୪୮୭୨୮୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଆମ ମାଆ



ଖୁଲଣା ନାୟକ

ତୁମେ ଜଡ

ନା ଜୀବନ୍ତ !

ତୁମେ କ'ଣ

ଶିଳ୍ପୀ ହାତତିଆରି

କେବଳ ମୃଣ୍ମୟୀ ମୂର୍ତ୍ତି !!

ତୁମେ ଜନ୍ମଦାତ୍ରୀ ମାଆ

ନା ସ୍ୱର୍ଗ ରାଇଜର ଦେବୀ !

ତୁମେ ଆସିବ ବୋଲି

ଚଳଚଞ୍ଚଳ ହେଉଚି ଜୀବଜଗତ

ନିଜକୁ ସଜଉଚି ଅନେକ ।

ତୁମେ ଆସିବ କ'ଣ ?

ତୁମେ ତ' ଅଛ ପ୍ରତି ଘରେଘରେ

ପ୍ରତି ମାତୃ ହୃଦୟରେ ।

କ'ଣ ଫରକ ଅଛି

ମାଆ ଆଉ ଦେବୀ ଭିତରେ ....

ସେଇ ମାତୃତ୍ୱକୁ

ପଦାଘାତ କରି

ମୂର୍ତ୍ତି ଭିତରେ ଆବାହନ କଲେ

ସତରେ କ'ଣ ପ୍ରସନ୍ନ ହୋଇ

ବର ପ୍ରଦାନ କରିଥାଅ ,,,

ତଥାପି ହୃଦୟରୁ

ଭକ୍ତିର ସୁମନ ବାଢି

ତୁମକୁ ସ୍ୱାଗତ କରୁଛୁ

ଅବତରଣ କର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ଧରାପୃଷ୍ଠେ

ବୋଳିଦିଅ ଜନମାନସେ

ଶାନ୍ତିର ବାର୍ତ୍ତା,

ମହକି ଉଠୁ ପ୍ରତିଟି ଜୀବନ,

ସ୍ନେହମୟୀ ଜନନୀର

ମାତୃତ୍ୱପଣରେ

ପୋଛିଦିଅ ଦୁଃଖୀର ଲୁହ

ଆଉ

ଯେତେ ଯେତେ ସବୁ

ହିଁସାବାଦ ।

ତୁମେ ମୂର୍ତ୍ତିରେ ନୁହଁ

ତୁମେ ଅନ୍ତର୍ମନରେ

ତୁମେ ଆମ ହୃଦୟରେ ....

ତୁମେ କେବଳ ଦେବୀ ନୁହଁ

ତୁମେ ଆମ ମାଆ

ଆମ ସଭିଙ୍କର ମାଆ ।

ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଦୀପଶିଖା, ଏନ୍ ଟିପିସି, କଣିହାଁ

ଫୋନ୍ ନମ୍ବର : ୯୪୩୭୬୪୩୦୯୫

ଆହ୍ଵାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଗତଜନନୀ



ଗୌରୀ ପଣ୍ଡା

ମାଆ ଗୋ ମମତାମୟୀ
ଜଗତଜନନୀ ।
ତୁମେ ମାଆ ଅଷ୍ଟଭୁଜା
ଶିବଙ୍କ ଘରଣୀ ।
ଦୁଷ୍ଟ ନିବାରିଣୀ ମାଆ
ଶିବାଙ୍ଗୀ,ଶିବାନୀ ।
ଶିବ ଅର୍ଦ୍ଧାଙ୍ଗୀନି ମାଆ
ଗଣେଶ ଜନନୀ ।
ପ୍ରଳୟ କାରଣୀ ମାଆ
ଶକ୍ତି ପ୍ରଦାୟିନୀ ।

ମାଆ ତୁମେ ଷଡଭୂଜା
ସିନ୍ଦୂର ମଣ୍ଡିନୀ ।
ଖଣ୍ଡା, ଖର୍ପର ଧାରିଣୀ
ମା, ସିଂହବାହିନୀ ।
ନର ମୁଣ୍ଡ ମାଳିନୀ ଗୋ
ଶତ୍ରୁ ବିନାସିନୀ
ଶତ୍ରୁ ଶିରଛେଦିନୀ ଗୋ
ମନ୍ଦର ବାସିନୀ ।
ମାତୃ ରୂପିଣୀ ମାଆ ଗୋ
ଜଗତଜନନୀ ।
ଜଗତପାଳିନୀ ମାଆ
ଜଗନ୍ମୋହିନୀ ।
ଶିବପ୍ରିୟା, ହରପ୍ରିୟା
ମାଆ ଗୋ ଭବାନୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁହି ମାଆ ବାଗଦେବୀ

ତୁହି ଯାଜ୍ଞସେନୀ ।

ଯୁଗେ, ଯୁଗେ ତୁହି ମାଆ

ଉଦ୍ଧାର କାରିଣୀ ।

ଜଗତ ମୋହିନୀ ମାଆ

ସ୍ନେହ ପ୍ରଦାୟିନୀ ।

ତୁମ ପାଦେ ଜୁହାର ଗୋ

ନହୁଁ ଆମେ ଜ୍ଞାନୀ ।

ସଦା ତୁମ କୃପା ରହୁ

ଏତିକି ମାଗୁଣି ।

ଗୌରୀ ପଣ୍ଡା, ଜୟପୁର

କୋରାପୁଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ଗତିନାଶିନୀ



ଅପର୍ଣ୍ଣା ମିଶ୍ର

ମା ଲୋତୁ କେତେ ସୁନ୍ଦର
ସନ୍ତୋଷି ତୃପତି ଶାନ୍ତିର
ମନ ମୁଗ୍ଧକର ଯୁଗଳ ପୟର
ଜଗତର ଶ୍ରେଷ୍ଠ ଶୋଭା ଉତ୍ପଳ ।
ଶରତରେ ମର୍ତ୍ତ୍ୟକୁ ଆସୁ
ଶୋଭାଶିରୀ ପରି ପ୍ରକାଶୁ
ଶିଶିର ବିନ୍ଦୁ ଆଶୀର୍ବାଦ ପରଶି
ପ୍ରବେଶୁ ଭକତ ହୃଦ କନ୍ଦର ।
ଦଶଭୁଜେ ଦଶ ତୀକ୍ଷ୍ଣାସ୍ତ୍ର
ନାଶେ ମନ ମହିଷା ଦୈତ୍ୟ
ଅଯୋନି ସମ୍ଭୂତା ବ୍ରହ୍ମାନଳ ସୁତା
ବିକ୍ରମ କେଶରୀ ବାହାନ ତୋର ।
ଶାରଦୀୟ ଚନ୍ଦ୍ର ଶ୍ରୀମୁଖ
ବାତ୍ସଲ୍ୟ ବିଭୋର ତୋ ବକ୍ଷ
ଅଭୟ ଆଶ୍ୱାସନାରେ ବିଶ୍ୱତୋଷୁ
ଚୁଆ ଚନ୍ଦନିଆ ବାସ ମଧୁର ।
ବିଜୟ କୃପାଣ ତୁ ଧରୁ
ବିଶ୍ୱଜୟୀ ଉଦ୍ୟମ କରୁ
ପ୍ରତି ପୁରେ ସ୍ନେହ ସଦ୍ ଭାବନା ଭରି
ପୃଥିବୀକୁ କରୁ ହର୍ଷ ମୁଖର ।
ଦୁର୍ଗା ନାମ ଦୁର୍ଗତି ନାଶି
ମୋ ଦୂର୍ଭାଗ୍ୟ ଦିଅ ମା ଧ୍ୱଂସି
ଶ୍ରୀ ଚରଣ ତଳେ ଶରଣ ପଶୁଛି
ଦି ଟୋପା ଲୁହରେ ପାଦ ପଖାଳି

ଶ୍ୟାମପୁର, ତୁଳସୀପୁର, ବରୁଣ୍ଡାଇ, ଯାଜପୁର
୭୦୬୪୫୫୯୪୨୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାରଦୀୟ ସ୍ୱର



ହାସ୍ୟମୟୀ ରାଜ

ଉଲ୍ଲସିତ ଶରତର
ନିବିଡ ଆଶ୍ଲେଷେ
ଅନାବିଳ ନୀରବ ପ୍ରକୃତି
ପରିଭାଷା ତୋଳେ
ଶାରଦୀୟ ପାର୍ବଣର,
ତାର ରସମୟ ଛନ୍ଦରେ
ପ୍ରତିକ୍ଷାର ପୁଲକିତ ବାସ୍ନାରେ
ଅବତରି ଆସନ୍ତି
ମା ଦଶଭୁଜା
ଅଯୁତ ଅମୃତ ସ୍ୱର୍ଶରେ ।

ଗ୍ଲାନି ଘଟେଇ
ସବୁ ପାପ ତାପର
ପୂର୍ଣ୍ଣଛେଦ ଟାଣି
ସକଳ ଆର୍ତ୍ତନାଦ
ହଳାହଳ ଅଶାନ୍ତିର
ମହିଷମର୍ଦ୍ଦିନୀ ମା
ସ୍ୱର ତୋଳୁଥାନ୍ତି
ନୂଆ ଏକ ପୃଥିବୀର ।
ଜାଳିଦେଇ ଈର୍ଷା, ଦ୍ୱନ୍ଦ
କାମନାର ବହ୍ନି
ନିନାଦିତ ହୁଏ
ମନର ମାର୍ଜିତ ଲୟ
ସ୍ୱପ୍ନରେଣୁ ବୁଣି ।
ପ୍ରକୃତି ଉତ୍ଫୁଲ୍ଲିତ ହୁଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମୟର ବିବର୍ଣ୍ଣ ତୁଳିରେ

ରଙ୍ଗ ଭରିଦେଇ

ପ୍ରୀତିର ପ୍ରଜାପତି ଉଡିବୁଲେ

ଫୁଲ ହସେ

ପାଖୁଡା ମେଲେଇ ।

ତାର ମନ୍ଦ ମନ୍ଦ ହସରେ

ଶାରଦୀୟ ମୁଗ୍ଧ ବେଶରେ

ପାର୍ବଣ ଆସୁଥାଉ

କାଶତଣ୍ଡୀ ହସରେ

ବିଭୋର ପଣରେ

ହରୁଥାଉ ଲୁହନଈ

ଭରୁଥାଉ ଶକ୍ତି ନିଶ୍ୱାସରେ ।

ହାସ୍ୟମୟୀ ରାଜ୍ (ଶିକ୍ଷୟିତ୍ରୀ)

ଓରାଳି, ହାଟଡିହି, କେନ୍ଦୁଝର ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହିଷାମର୍ଦ୍ଦିନୀ



ସୁଜାତା ମହାପାତ୍ର

ବାପା ! !

କେତେ କୋମଳ ମମତା ର ପୁଟ ଦେଇ

ବଢ଼ାଇଥିଲ ମୋତେ ! !

ହେଲେ ରଗଡା ମରୁବାଲିରୁ ଶିଖିଗଲି ମୁଁ

ସଂଘର୍ଷ ସ୍ୱାଭିମାନ ର  ! !

ନିରିଖେଇ ଦେଖ ବାପା  ! !

ଏବେ ଆଉ ମୁଁ ତୁମର ସେ' ଲାଲଟୁକ୍ ଟୁକ୍

ସାଧବ ବୋହୂ ଟେ ହୋଇ ନାହିଁ ,

ବରଂ ଲାଲ ଟହ ଟହ ଅଙ୍ଗାର ଖଣ୍ଡ ଟେ' ବନିଗଲିଣି ଯେ'  ! !

ତୁମେ କିନ୍ତୁ ଭୁଲ ଥିଲ ବାପା ! !

ଲହୁଣୀ ଟେ ପରି ପାଳିବାର ନ ଥିଲା ମୋତେ ,

ଦେଖୁଛ ତ' !

ଚାରିଆଡେ ଲହୁଣୀଖିଆ ଙ୍କ ତୀକ୍ଷ୍ଣ ଆଖି ର ଜାଲ...

ହେଲେ ତୁମଠୁ ନ' ହେଲା ନାହିଁ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜ ଉଦଯୋଗରୁ କିନ୍ତୁ ମୁଁ ଶିଖିସାରିଲିଣି,
ନିଜକୁ ବଞ୍ଚାଇ ସ୍ୱାଧୀନତା ଭୋଗିବାର କୌଶଳ...
ସେଇଥିପାଇଁ ତ' ମୁଁ ଯୋଗମାୟା...

ଆଉ ଭୟ ନାହିଁ ବାପା !
ଆସୁ  ! ! ଯିଏ ,ଯେତେ, ଯେଉଁଠି, ଅଛନ୍ତି
ଛଦ୍ମବେଶୀ ମହିଷାସୁର...
ସେମାନେ ବି' ଚିହ୍ନିବେ,
ସୁରା ଆଉ ସାକୀ ର ମୋହ ରେ
ସୁନ୍ଦରୀ ଦିଶୁଥିବା ସବୁ ନାରୀ ଙ୍କ ଓଢଣା ତଳେ ଛକି ରହିଥାଏ
ଊର୍ଦ୍ଧ୍ୱମୁଖୀ ଜଣେ ମହିଷାମର୍ଦ୍ଦିନୀ...

ସୁଜାତା ମହାପାତ୍ର
ଭୁବନେଶ୍ୱର
୯୪୩୭୩୬୦୯୬୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା' ଆସୁଛନ୍ତି



ନିତ୍ୟରଞ୍ଜନ ନନ୍ଦ

ମା'ଆସୁଛନ୍ତି ମହୀମଣ୍ଡଳେ,

ଫୁଲଦୁବଦେଇ ପୂଜସକଳେ ।

ବରଷକେ ଥରେ ମା' ଆସନ୍ତି,

ବିଭିନ୍ନ ମଣ୍ଡପେ ପୂଜାପାଆନ୍ତି ।

ପୂଜାମଣ୍ଡପରେ ମା'ଙ୍କ ବେଶ,

ଦେଖିଣଭକତ ମନେ ହରଷ ।

ବାଣରୋଷଣୀରେ କମ୍ପିଲାମହୀ,

ନାଚିନାଚି ସର୍ବେ ହୁଅନ୍ତି ବାଇ ।

ନୂଆପୋଷାକକୁଦେହରେ ନାଇ,

ଆସନ୍ତି ମାଆଙ୍କ ଦର୍ଶନ ପାଇଁ ।

ଶାରଦୀୟ ପୂଜା ଏହାରି ନାଁଆ,

ମର୍ତ୍ତ୍ୟପୁରେ ବିଜେ ହୁଅନ୍ତି ମାଆ ।

ଏଠାରେ ରଖୁଛି ମୋର ଲିଖନୀ,

ଆଶୀଷ ଦିଅନ୍ତୁ ଜଗଜ୍ଜନନୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାର୍ବଣର ପୂର୍ବକଥା



ପ୍ରଦୀପ ବନ୍ଧ

ପାର୍ବଣର ନୂଆ ସକାଳ

ବୋଧହୁଏ କାଲି,

ଯେମିତି ଗତ ସନ

ମାଧିଆ ପୁଅର ହାତ ତିଆରି

କୁଟା ନଡା କାଦର

ମୂର୍ତ୍ତିଟିଏ ଆଣି

ପୂଜା କରିଥିଲେ

ଏଥର ବି ସେମିତି କରିବେ, । ।

ପୂଜା ପରଦିନ

ସେଦିନ ଯାହା ଘଟିଥିଲା

ଆଜି ଠିକ୍ ସବୁ

ସେଇଆ ବି ଘଟିବ,

କାରଣ ?

କାଶତଣ୍ଡିର କାଇଁଶିଆ

ଗଛଟା ପରା

ଆପଣାଛାଏଁ

ନିରବରେ ଶୋଇ ଗଲାଣି,

ଦକ୍ଷିଣା ପବନର ଗର୍ଜନ

ଆଉ କାହିଁ କାନରେ ବାଜୁନି । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏଠି ଋତୁ ବଦଳିଛି

ମଣିଷ ବି ବଦଳିଛନ୍ତି

ବଦଳି ଯାଇଛି

ଶରତ ଋତୁର

ସେହି ବୁଢା ଶେଉଳର ଘର

ଚୁପୁକେ ଚୁପୁକେ ପାଣିରେ ଶେଉଳଟା

ଶିରା ଦେଖେଇ ଭାସିଲା ଭଳି

ମାନବ ସମାଜ

ଆଜି ଅବିକଳ

ନିଜର ଚାଲାକ ପଣିଆକୁ

ଟିକେ ନିଆରା ଢଙ୍ଗରେ

ଦର୍ଶେଇ ଦେଉଛନ୍ତି ।।

ସୁତରାଂ

ପାର୍ବଣରେ

ମା'ଙ୍କୁ ପୂଜିଲା ବେଳେ

ମହିଷାସୁର ବି ପୂଜା ପାଇଥାଏ,

ସେଥିପାଇଁ ତ

ଏ ପିଶାଚୁ ଗଣ ଯେତେକ

ନିଜେ ପୂଜା ପାଇବା ପାଇଁ

ମାତୃ ଜାତିକୁ

ନିଜ ହାତ ମୁଠାରେ ମୁଠେଇ

କାଦ ପେଣ୍ଡୁଳା କରି

ମୂର୍ତ୍ତିଟିଏ କରିଥାନ୍ତି

ନିଜର ତ୍ରୁଟିକୁ

ତା ହାତରେ

ଧରେଇ ଦେଇଥାନ୍ତି

କେବଳ ପୂଜା ପାଇବା ପାଇଁ ।।

ପ୍ରଦୀପ ବନ୍ଧ, ଭଦ୍ରକ, ବାସୁଦେବପୁର
ସାନମଛୁଆଘାଇ, ରାଜଘରପୋଖରୀ
ଭ୍ରାମ୍ୟଭାଷା:–୮୦୭୨୭୮୩୨୨୦ ।।

Magazine Downloaded from www.aahwaan.com

# ଦଶହରା



ସୁପ୍ରିୟା ମିଶ୍ର

ନାନା  ରଙ୍ଗର ପସରା ମେଲି
        ଦଶରା ଆସିଛି
ସିଂହ ବାହାନରେ ବସି ମା ଦୁର୍ଗା
        ମୁରୁକି ହସୁଛି   ।
ଆଶିଷ ଦେବଲୋ ବୁଣି
        ଭକ୍ତଙ୍କ ମନକୁ ଜାଣି
ରତ୍ନ ଗିରି ବାସିନୀ ମା
        ପାପ ତାପ ଧ୍ୱଂସିନି ।
ଗରବ ମାରି ସବୁରି ପ୍ରାଣେ
        ପ୍ରୀତି ଭରୁଛି ।

ଆମ ଗାଁ ମଣ୍ଡପ ଶୋଭା
        କି ଅବା ଉପମା ଦେବା
ଅପୂର୍ବ ରୂପସୀ ମୋ ଗାଆଁ
        ଯତନେ ମଣ୍ଡିଛି ଗଭା ।
ତା ପରିବାର ଏକତ୍ର ଏଠି
        କୋଳ  ପୁରିଛି   ।
ଗଙ୍ଗ ଶିଉଳିର ସୁବାସ
        ବିତରୁଛି ପବନ
ଚାନ୍ଦ ଶୁଭ୍ର ଜୋଛନାରେ
        ଭରା ଧରା ଅଙ୍ଗନ ।
ନାଚ ଗୀତ ମଉଛବେ
        ଭାବ ଲାଭ ବଢୁଛି  । । । । ।

ଶ୍ୟାମପୁର, ତୁଳସୀପୁର, ବରୁଣ୍ଡାଇ, ଯାଜପୁର,
୮୩୪୨୦୩୪୯୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ଗତିନାଶିନୀ ଦେବୀଦୁର୍ଗେ



ସିଦ୍ଧେଶ୍ୱର ତ୍ରିପାଠୀ

ସରିଛି ବେଲ ବରଣ
ଶକ୍ତି ଶିବ ଆବାହନ
ପୀଠ ମଣ୍ଡପରେ ବାଜେ
ଘଣ୍ଟ କାହାଳି
ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ
ଦିଅ ଦିଅ କରୁଣା ଢାଳି  । - - - -(0)

ଯୋଗମାୟା ଭଗବତୀ
ହରପ୍ରିୟା ଜଗଧାତ୍ରୀ
ଶାକମ୍ବରି ସନାତନୀ
ଘେନ ଆରତୀ  ।

ଗୁହାରି କରୁଛୁ ମାତ ପ୍ରଦୀପ ଜାଳି
ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ
ଦିଅଦିଅ କରୁଣା ଢାଳି  ।- - - -(1)

ଅଶିଣ ସାଥିରେ ଧରି
ଶରତ ଆସିଛି ଫେରି
କାଶତଣ୍ଡି  ହସ ଦେଖି
ସବୁ ମନ ଯାଏ ପୁରି  ।

ଦଶଭୁଜାଙ୍କ ଦର୍ଶନେ
ଖୁସିଭରେ ସବୁ ମନେ
ଦୁଷ୍ଟ ଅହଙ୍କାରୀ ପାପୀ
ଯାଆନ୍ତି ଜଳି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ

ଦିଅଦିଅ କରୁଣା ଢାଳି - - - -(2)

ତୁମେ ମାତ ମହାକାଳୀ

ତୁମେ ମାତ ମହାଲକ୍ଷ୍ମୀ

ମହା ସରସ୍ୱତୀ ମାଗୋ

ଘେନ ପ୍ରଣତୀ

ଜଗଦମ୍ବା ଦଶ ଭୁଜା

ଏଇ ଦଶହରା ପୂଜା

ତୁମକୁ ପାଇ ଜଗତ ପଡେ ଉଛୁଳି

ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ

ଦିଅ ଦିଅ କରୁଣା ଢାଳି ....(3)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯାଦେବୀ ସର୍ବଭୂତେଷୁ



ବିଶ୍ୱେଶ୍ୱର ମାଝୀ

ବାସନ୍ତିକ ହେଉ ଅବା ଶାରଦୀୟ ନବରାତ୍ର ବିଧି ଦୁର୍ଗାପୂଜା
ନୌକା ବାହନ ବା ଗଜ ବାହନରେ ଆସ ମାତ ଦଶଭୂଜା
ଭରିଯାଏ ଚତୁର୍ଦ୍ଦିଗେ ଶାନ୍ତ ସ୍ନିଗ୍ଧ ପବିତ୍ରତା.....
ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ୧

ମହାଳୟା ଠାରୁ ନବରାତ୍ର ପାଳୁ ଗଉରୀ କନ୍ୟା ପୂଜନ
ତୁଷ୍ଟ ହୁଅ ମାତା କନ୍ୟାକୁ ମିଳିଲେ ଦେବୀର ମହା ଆସନ
ମାଟି ମୁଠେ ଲୋଡା ପଡ଼େ ଯେଜନ ପତିତା....
ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା ୨

ଷଷ୍ଠୀ ତିଥିରେ ବିଲ୍ୱବରଣ ସପ୍ତମୀରେ ପାଅ ଚକ୍ଷୁଦାନ
ଅଷ୍ଟମୀର ସନ୍ଧିକାଳେ ସନ୍ଧିପୂଜା ନବମୀରେ ଘେନ ବଳୀଦାନ
ଦଶମୀରେ ଘେନାକର ମାତ ବିସର୍ଜନ ଚିତା.....
ଯା ଦେବୀ ସର୍ବ ଭୂତେଷୁ ଜ୍ଞାନ ରୂପେଣ ସଂସ୍ଥିତା ୩

ହୋମ ଯଜ୍ଞ ଧୂପ ଦୀପ ପୁଷ୍ପାଂଜଳି ସନ୍ଧ୍ୟା ଆଳତୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶପ୍ତସତୀ ଚଣ୍ଡୀ ପାଠ ପରିବେଶ କରଇ ଗମ୍ଭୀର ।
ଦଶ ମହାବିଦ୍ୟା ବରାଭୟ ଦେଲ ତୁମେ ମାତା.....
ଯା ଦେବୀ ସର୍ବ ଭୂତେଷୁ ଦୟା ରୂପେଣ ସଂସ୍ଥିତା ।୬।

ଉଗ୍ରରୂପେ କାଳୀ ନରମୁଣ୍ଡମାଳି ସଂହାରରେ ହେଲ ରତ
ଦେବଗଣ କରି ନପାରିଲେ ଶାନ୍ତ ହେଲେ ସବୁ ଭୀତତ୍ରସ୍ତ ।
ସଦାଶିବ ପଥରୋଧୀ କ୍ଷାନ୍ତ କଲେ ଶାନ୍ତ ଜଗନ୍ମାତା....
ଯା ଦେବୀ ସର୍ବ ଭୂତେଷୁ ଶ୍ରଦ୍ଧା ରୂପେଣ ସଂସ୍ଥିତା ।୭।

ମେଧା ଋଷି ପରାମର୍ଶ କ୍ରମେ ଚୈତ୍ରବଂଶୀ ସୁରଥଂକ ଦୁଃଖ
ଫେଡିଲ ମା ବାସନ୍ତିକ ଦୁର୍ଗା ସଂସାରରେ ଭରିଦିଅ ସୁଖ ।
ଅନାଥର ସଂସାରରେ ସାହା ତୁମେ ଏକା ମାତା.....
ଯା ଦେବୀ ସର୍ବ ଭୂତେଷୁ ଶାନ୍ତି ରୂପେଣ ସଂସ୍ଥିତା ।୮।

ଅଳକାପୁରୀ, ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ: ୯୧୭୮୪୬୬୧୬୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାମାୟା କର ଦୟା



ତୁଷାରକାନ୍ତ ପ୍ରସାଦ

ଘନ ଘୋର ନାଦ, ପଡିଛି ପ୍ରମାଦ,
ବଢିଛି ସଂସାରେ ପାପ ଧାରା ।
ଜଗତ ଜନନୀ, ଦୁଃଖ ବିନାଶିନୀ,
ଆଗୋ ମହାମାୟା ଆସ ଧରା ।।

ଦେଖୁ ଏ ସଂସାର, ତୋ ଦୁଷ୍ଟ ସଂହାର,
ପାପୀ ଙ୍କ ହୃଦୟେ ଖେଳୁ ଭୟ ।
ହେ ମା ନାରାୟଣୀ, ଭୁବନ ମୋହିନୀ,
ସଂସାରୁ କର ମା' ପାପ କ୍ଷୟ ।।

ହେ ଅଗ୍ନି ସମ୍ଭୂତା, ଦେବଗଣ ସୂତା,
ପାପୀ ଙ୍କୁ ଦେଖା ତୋ ଉଗ୍ରରୂପ ।
ଜଗତ କଲ୍ୟାଣୀ, ହସୁ ଏ ଧରଣୀ,
ମା' ଦୂର କର ଦୁଃଖ, ସନ୍ତାପ ।।

ମାତା ମୁକ୍ତକେଶୀ, ଦେଖ ଥରେ ଆସି,
ଏ କେମିତି ଚାଲିଛି ସଂସାର ।
ପାପୀ, ବଳାତ୍କାରୀ, ହରୁଛନ୍ତି ନାରୀ,
ମା' ଶୁଣ ବାରେ ନାରୀ ଚିତ୍କାର ।।

ମାତା ମନ୍ଦାକିନୀ, ହେ ବିନ୍ଧ୍ୟବାସିନୀ,
ନାଶି ଅଛୁ ଦୈତ୍ୟ ରକ୍ତବୀଜ ।
ଶକ୍ତି, ଭଗବତୀ, ମାତା ସରସ୍ୱତୀ,
ସଂସାର ହିତରେ ତୋର କାର୍ଯ୍ୟ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୟ ମା ଚାମୁଣ୍ଡା,          ମା' ଲୋ ଚନ୍ଦ୍ରଘଣ୍ଟା,
ଦୈତ୍ୟ ଚଣ୍ଡ ମୁଣ୍ଡ ବିନାଶିନି ।
ତୁ ସତୀ, ସାବିତ୍ରୀ,          ତୁହି କାଳରାତ୍ରୀ,
ଜୟ ଦୁର୍ଗା ମହିଷାମର୍ଦ୍ଦିନୀ ।।

ନାମ ବିଷ୍ଣୁମାୟା,          ବିସ୍ତାରିଲେ କାୟା,
ପୃଥିବୀ ହୁଅଇ ଥର ହର ।
ରୂପେ ତେଜସ୍ୱିନୀ,          ସୌଭାଗ୍ୟ ଦାୟିନୀ,
ତିନି ପୁରେ ଶୁଭେ ଜୟକାର ।।

ମାତା ହରିପ୍ରିୟା,          କର ମା ସୁଦୟା,
ଜଗତ୍ତୁ କଳୁଷ ନିଅ ହରି ।
ସତ୍ୟ ସନାତନୀ,          ପାତାଳ ବାସିନୀ,
ଶୁଣ ମା' ଭକ୍ତର ଏ ଗୁହାରି ।।

ହେ ମାତା ଭାରତୀ,          ଘେନ ମା ପ୍ରଣତି,
କାମନା, ବାସନା କର ନାଶ ।
ସର୍ବ ଅସ୍ତ୍ର ଯୁକ୍ତା,          ହେ ମା ବଜ୍ରହସ୍ତା,
ଜୀବନରୁ ହର ଦୁଃଖ, କ୍ଲେଶ ।।

ତ୍ରିଶୁଳ ଧାରିଣୀ     ସଂକଟ ତାରିଣୀ,
କଳିର ମହିଷା କର ନାଶ ।
ହେ ସୁରବନ୍ଦିତା,          ମାତା ଶୁକହସ୍ତା,
ନାରୀ ମୁଖେ ଶୋଭାପାଉ ହସ ।।

ବରୀ, ଯାଜପୁର
ମୋ - ୯୮୫୩୦୯୨୬୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାରଦୀୟ ପୂଜା



ସଂଯୁକ୍ତା ସାହୁ

ଭୋଦୁଅ ଗଲାଣି ଅପସରି
ଶୀରାବଣ ଆସେ ଥିରିଥିରି
ଆଗମନ ଶୁଭ୍ରରଙ୍ଗ ଶରତ ଋତୁର
ମେଘମାଳାର ଅପୂର୍ବ ସମ୍ଭାର
କାଶତଣ୍ଡୀଫୁଲ ଦୋଳାୟିତ ମଳୟରେ
କିସୁନ୍ଦର ଚିତ୍ରିତ ପ୍ରକୃତି କୋଳରେ
ତୁମେ ଛାଇଯାଅ କବିର କଳ୍ପନାରେ
ମାଗୋ ଦୁର୍ଗା ତୁମେ ଆସ ଅବତରି
ଏ ଧରା ବକ୍ଷକୁ ପୁଲକିତ କରି
ଚୌଦିଗେ ମା ତୁମ ମଣ୍ଡପମାନ
କିସୁନ୍ଦର ଦିଶୁଛି ତୋରଣମାନ
ଆଖି ଝଲସାଉଛି ରୂପ ତୋହର
ଅଳଙ୍କାରେ ଆଭୁଷଣ ହୋଇବ ବେଶ
ଚୌଦିଗେ ଚହଟିବ ଚନ୍ଦନ କର୍ପୁର ବାସ
ଆସ ଜଗତଜନନୀ ଦେବୀ କାତ୍ୟାୟିନୀ
ଦୁଃଖ ଦୂର ହେଉ ମାଲୋ ବିପତ୍ତିତାରିଣୀ
ଏମିତି ମାଆ ସର୍ବଦା ବିରାଜୁଥାଅ
ଦୁଃଖ ଯାଉ ଅପସରି ମା ପ୍ରସନ୍ନ ହୁଅ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତା ସ୍ୱାଗତଂ



ସରୋଜିନୀ ମିଶ୍ର

ସ୍ୱାଗତଂ, ମାତା ସ୍ୱାଗତଂ, ସୁସ୍ୱାଗତଂ
ଦୁର୍ଗେ ଦୁର୍ଗତି ନାଶିନୀ
ଦୁଃଖବିନାଶିନୀ
କଳୁଷନାଶିନୀ
ମହିଷମର୍ଦ୍ଦିନୀ
ସିଂହବାହିନୀ
ସ୍ୱାଗତଂ, ମାତା ସ୍ୱାଗତଂ, ସୁସ୍ୱାଗତଂ

ପୂତ, ପବିତ୍ର, ପାବନ, ପାର୍ବଣେ
ମୃଦୁ ମଳୟର ମହ୍ଲାର ତାନେ
ଗଙ୍ଗଶିଉଳୀର ସୁଗନ୍ଧ ସମୀରେ
କାଶତଣ୍ଡୀ ପୁଷ୍ପ ଆଲଟ ଚାମରେ
ଉଦୟ ଭାନୁର ଆଲୋକିତ ପଥେ

ଚାରୁ ଚନ୍ଦ୍ରମାର ଦୋଳାୟିତ ରଥେ
ସର୍ବ ଶକ୍ତିମୟୀ ମାତା କର ଆଗମନ
ରୁଣୁଝୁଣୁ ଶବ୍ଦେ ପୁରୁ ହୃଦୟ କାନନ

ଆଲୋକର ମୋତିମାଳ ଘେନିଣ ଧରିତ୍ରୀ
ବନ୍ଦାପନା କରି କହେ ରକ୍ଷାକର କ୍ଷିତି
ସର୍ବଜନ ହୃଦ କରି ମହିଷ ମର୍ଦ୍ଦନ
ପାପର ପାହାଡ ଭାଙ୍ଗିକର ମା ନିଶ୍ଚିହ୍ନ
ଏକତା ଓ ସହିଷ୍ଣୁତା ହୃଦ ଦେଶେ ବସି
ମିତ୍ରାଳାପ କରୁଥାନ୍ତୁ ସୁମଧୁରେ ଭାଷି
ଶାନ୍ତି, ମୈତ୍ରୀ, ମନ୍ତ୍ରେ ଷଡରିପୁ ହେଉକ୍ଷୟ
ଚରାଚର ବିଶ୍ୱ ହେଉ ଶାନ୍ତିର ନିଳୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ଧରା ଧାମକୁ ମାତ ଆସ ଅବତରି

ଭାଇଚାରା ବୀଜେ ବାନ୍ଧିଦିଅ ଭାବଡୋରୀ

ବରଷି ଦିଅ ମା ଆଶିଷର ବାରିଧାର

ସୁଧାମୟ ହେଉ  ମାଗୋ ଏ ସାରା ସଂସାର

ଦୁର୍ଗେ ଦୁର୍ଗତିନାଶିନୀ ମାତା କାର୍ତ୍ତାୟିନୀ

ଅଭୟଦାୟିନୀ ମାଗୋ ଦୁଃଖ ବିନାଶିନୀ

ସ୍ୱାଗତଂ, ମାତା ସ୍ୱାଗତଂ, ସୁସ୍ୱାଗତଂ

ସ୍ୱାଗତଂ ମାତା ସ୍ୱାଗତଂ

ସରୋଜିନୀ ମିଶ୍ର

ଶିକ୍ଷୟିତ୍ରୀ

ଗୋପୀନାଥପୁର ନୂଆସାହି

ବାଲୁଗାଁ ,ଖୋର୍ଦ୍ଧା

୯୯୩୮୪୬୫୨୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ମାଆ ଦୁର୍ଗାଦେବୀ



ନୂତନ କୁମାର ବେହେରା

ହେ ମାଆ ଦୁର୍ଗା ଦେବୀ
ଦୁର୍ଗତିନାଶିନୀ ଦଶଭୁଜା,
ଆସିଲା ଆଶ୍ୱିନ
ଷୋଡ଼ ଉପଚାରେ ହେବ
ତୋର ମୂର୍ତ୍ତିପୂଜା ।
ଆୟୋଜନ ଚାଲେ
କରିବାକୁ ଭାରି ଆଡମ୍ବର,
କେତେ କେତେ ସାଜସଜ୍ଜା
ଟଙ୍କା ଖର୍ଚ୍ଚ ହୁଏ ପ୍ରଚୁର ।
ଚାରିଆଡେ ଜାକଜମକ
ଆନନ୍ଦ ଉଲ୍ଲାସର ମୁହୂର୍ତ୍ତ,
କାହାର କେତେ ମାନସିକ
ପାଇବାକୁ ସୁଖ ସ୍ୱାଚ୍ଛନ୍ଦ
କରନ୍ତି ପୂଜା ବ୍ରତ ।
ଆଚରଣେ ଉଚ୍ଚାରଣେ
ଅନେକଙ୍କ ଆସୁରିକ ପ୍ରକୃତି,
ଚରିତ୍ର ନିଜର ସୁଧାରନ୍ତି ନାହିଁ
ଆସିଲେ ବି ବାରମ୍ବାର ବିପତ୍ତି ।
ଶିକ୍ଷା ଦୀକ୍ଷା ଗୁରୁ ନୀତିବାଣୀ
ବଦଲାଇ ପାରେ ନାହିଁ ସ୍ୱଭାବ,
ପ୍ରତିକ୍ଷେତ୍ରେ ଲୋଭ ମୋହ
ପରସ୍ପର ମଧ୍ୟେ ସୁସମ୍ପର୍କର ଅଭାବ ।
ହେ ମାଆ ଦୁର୍ଗା ଜଗତଜନନୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିଅ ସମସ୍ତଙ୍କୁ ଶୁଭବୁଦ୍ଧି,

ଅଜ୍ଞାନତା ଦୂର ହେଉ

ଧର୍ମେ କର୍ମେ ହେଉ ଆତ୍ମା ଶୁଦ୍ଧି ।

ଏ ବିଶ୍ୱ ବ୍ରହ୍ମାଣ୍ଡ ସାରା

ହେଉ ଏକ ପରିବାର ପରି,

ସଭିଙ୍କ ହୃଦେ ରହୁ ଭାତୃଭାବ

ସଂସାର ଦୁଃଖ ଯାଉ ଅପସରି ।

ସୂର୍ଯ୍ୟ ସମ ଢାଳିଦିଅ

ଆଶୀର୍ବାଦର ଆଲୋକ,

ହସ ଖୁସି ଆନନ୍ଦମୟ ହେଉ

ସମଗ୍ର ଏ ଭୂଲୋକ ।

ଶ୍ରଦ୍ଧା ଭକ୍ତି ଭଲ ପାଇବାରେ

ନ ରହୁ କିଛି ଛଳନା ପ୍ରତାରଣା,

ଶାନ୍ତ ସରଳ ଉଦାର

ହୁଅନ୍ତୁ ସର୍ବେ ପାଇ ତୁମ କରୁଣା ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ଗତିନାଶିନୀ



ଦୁଷ୍ମନ୍ତ କୁମାର ମିଶ୍ର (ଟୁକୁ)

(ଦ '-ଅନୁପ୍ରାସ)

ଦୁର୍ଗତି ତାରିଣୀ ମାତ     ସର୍ବଶକ୍ତିରେ ସୁଭଗା
ଦୁର୍ଗମେ ଦୁଃଖ ବିନାଶୁ     ଦୁର୍ଗ ଦୈତ୍ୟନାଶି ଦୁର୍ଗା  ।୦ ।
ଦୁରିତ ଦେଖିଲେ ତୋତେ     ପଳାଇ ଯାଏ ତୁରିତେ
ଦୁଷ୍ଟ ସ୍ୱଭାବିଙ୍କି ଭିତେ ଯେସନେ     ଆହବେ ଠେଙ୍ଗା ।୧ ।
ଦୀପ୍ତିବନ୍ତ ଦେଖି ତୋର     ଦୂରରୁ ହୁଏ ଅନ୍ତର
ଦାୟିକାଳଗଣ  ଘୋର     ବୋଲନ୍ତି ଆମ୍ଭର ମଙ୍ଗା ।୨ ।
ଦର ଭୟରେ ଶମନ     କରଇ ତୋତେ ପ୍ରଣାମ
ଦୀର୍ଘନେତ୍ର  ଛଟା ମାନ     ଭାବସାଗରକୁ ଡ଼ଙ୍ଗା  ।୩ ।
ଦିବ୍ୟନାମ ଧରି ତୁଣ୍ଡ     ଦୁଃଖ ହୃଦରୁ ପ୍ରଚଣ୍ଡ
ଦଣ୍ଡ ନ ରଖଇ ଚାଣ୍ଡ     ଦ୍ରବ କେଳି ଶିବସଙ୍ଗ   ।୪ ।
ଦୁକା ଆଦ୍ୟରେ ବିଖ୍ୟାତ     ଗାକାର  ପଛେ ବିଦିତ
ଦ୍ୱିଜ ଦୁକୁମାର ଚିତ୍ତ     ତାପ ବିନାଶ ମା ଗଙ୍ଗା  ।୫ ।

ପ୍ରଧାନ ଶିକ୍ଷକ, ବାଲି ସାହି, ମଠକରଗୋଳା
ଢେଙ୍କାନାଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ଡା ମାୟାଧର ସାହୁ

ତୁ ଆସୁ ପାର୍ବଣରେ
ଯେବେ କୋଟି କୋଟି ଦୁର୍ଗା
ଲୁଣ୍ଠିତା, ଧର୍ଷିତା, ନିର୍ଯାତିତା
ମହିଷାସୁର ରୂପୀ
ନର ହାତରେ ।
କଂସ ଏଠି
ବଳିୟାନ ତା ବାହୁ ବଳରେ
ତ୍ରାହି ତ୍ରାହି ଡାକନ୍ତି ସର୍ବେ
ରାବଣ ଶାସନ ଗାଦିରେ ।
ଆଶ୍ଚର୍ଯ୍ୟ
ସେ ପୁଣି ପୂଜାକରେ
ବର ପାଇବା ଆଶାରେ
ପାଏ କି ନ ପାଏ ଜାଣେନା
ସାରାଦିନ ରହିଯାଏ
ଶାସନର ଡୋରି
ପୁଣି ତାଆରି ହାତରେ ।
ବଦଳିଯାଏ ବେଳ
ବଦଳେ କାନୁନ
ତା ଇଙ୍ଗିତରେ
ତୁ ବି କଣ ବଦଳିଯାଉ
ପରିସ୍ଥିତିର ଚାପରେ ।
ବଞ୍ଚିବାର ରାହା ନେଇ
ସମସ୍ତେ ଶରଣ ତା’ଠାରେ
କାରଣ ତୋର ଅଭାବ ଏଠି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାର୍ବଣରୁ ପାର୍ବଣ ଭିତରେ ।

କହ ଥରେ କେବେ

ପାର୍ବଣ ହେବ ସବୁ ଋତୁରେ

ଭୟରେ ଥରିବ ମେଦିନି

ନାରୀ ହେବ ସ୍ୱୟଂସହା

ହଟିବ କଳିକାଳର ଛାୟା

ପାର୍ବଣରେ ପ୍ଲାବିତ ହେବ

ଦୈବିକ ମୂଲ୍ୟବୋଧ

ବସୁଧୈବ କୁଟୁମ୍ବକମ୍

ଏ ଧରା ଧାମରେ ।

ଭ୍ରାମ୍ୟଭାଷ : ୮୨୪୯୭୪୦୧୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେବୀ ମାଁ



ପ୍ରେମଶିଳା ରାଉତ

ଧନ ଲୋଡା ହେଲେ ପୁଜନ୍ତି ସଭିଏଁ
ମହାଲକ୍ଷ୍ମୀ ନାମ ସୁମରି
କର୍ମ  ଅନୁସାରେ ଦିଅନ୍ତି ଯେ ଫଳ
ସଭିଙ୍କୁ  ଆପଣା କରି       ।
ଦୁଃଖି ରଙ୍କି ତଥା ସମସ୍ତଙ୍କୁ ସିଏ
କରନ୍ତି ଆଦର ଅତି
ଧନ ଦେଇ ସତେ ଲକ୍ଷ୍ମୀ ଠାକୁରାଣୀ
ଦିଅନ୍ତି ଅମାପ ଶାନ୍ତି      ।
ବିଦ୍ୟାର ଦେବୀ ଯେ ଅଟନ୍ତି ମାତା
ସରସ୍ୱତୀ ମହାମାୟୀ
ସମସ୍ତଙ୍କ  କଣ୍ଠେ ସଦା ବିରାଜିତ
ସବୁରି ହୃଦୟେ ରହି      ।
ଆଲୋକର ପଥ ଦେଖାନ୍ତି ଯେ ମାତା
ଜ୍ଞାନର ଭଣ୍ଡାର ଭରି
ସତ୍ ମାର୍ଗେ ସତେ  ନିଅନ୍ତି କୋଲେଇ
ସଭିଙ୍କର ହାତ ଧରି      ।
ଶକ୍ତି ପ୍ରଦାୟିନୀ ଦୁର୍ଗତିନାଶିନୀ
ଅଟନ୍ତି ତ ଦୁର୍ଗା ମାତା
ତାଙ୍କରି ଦୟାରୁ ପାଉ ଆମେ ଶକ୍ତି
ସିଏ ତ ଜଗତେ କର୍ତ୍ତା       ।
ଦେହରେ ଆମର ବିଞ୍ଚି ଦେଇଛନ୍ତି
କରିବାର ସବୁ ଶକ୍ତି
ସହିବାକୁ ଦୁଃଖ କଷ୍ଟ ଓ ଯନ୍ତ୍ରଣା
ଦିଅନ୍ତି ଯେ ପୁଣି ମୁକ୍ତି       ।


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶ୍ୱର ମଙ୍ଗଳ କାମନା କରନ୍ତି

ମାଆ ତ ସର୍ବମଙ୍ଗଳା

ବିପଦେ ଆପଦେ ସାହା ହୋଇ ସଦା

ଢାଳନ୍ତି ଶାନ୍ତି ଶୃଙ୍ଖଳା ।

ମନ୍ଦାର ମାଳିନୀ ଘଟଗାଁ ବାସିନୀ

ମାଁ ଦେବୀ ତାରା ତାରିଣୀ

ଚିରଦିନ ତାଙ୍କ ନାମ ଜପୁ ଥିଲେ

ଦୁଃଖ ଜମା ରହେ ନାହିଁ ।

ନାମ- ପ୍ରେମଶିଳା ରାଉତ

ଗ୍ରାମ- ବୃନ୍ଦାବାହାଲ

ବ୍ଲକ-ଗୋଲାମୁଣ୍ଡା

ଜିଲ୍ଲା-କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂର୍ବାଭାଷ



ମଧୁସୂଦନ ମିଶ୍ର

ରବି ଘର ଆଗରେ ବୋର୍ଡ ଟା ଲଗେଇ ଲେଖିଦେଲା,

"କେବଳ ଖରାପ ଲୋକଙ୍କ ପାଇଁ"

ପ୍ରକାଶ ଘର ଭିତରକୁ ପଶୁପଶୁ ଲେଖିଦେଲା,

"ଯେଉଁମାନେ ତୁମର ଭଲଲୋକ ତାଲିକାରେ ନାହାଁନ୍ତି ।"

ପ୍ରଭାତ ଟିପ୍ପଣୀ କଲା,

"କାରଣ, ସେମାନେ ତମର ଗରାଖ ନୁହନ୍ତି ।"

ସ୍ୱାଧୀନ କହିଲା, "ତୁମ ବିଚାରଧାରାରେ ସେମାନେ ବିକ୍ରି ହବାକୁ ଚାହାଁନ୍ତି ନି"

କହୁଥିଲେ, "ଆମେ ସଭ୍ୟ ଶିକ୍ଷିତ ଶୃଙ୍ଖଳିତ ସ୍ୱାଧୀନ,

କିନ୍ତୁ ଆମେ ପରିଚାଳିତ ନୋହୁ,

ଆମେ ଅନୁସରିତ ନୋହୁ, ବିକ୍ରୀ ହୋଇପାରିବୁ ନାହିଁ ।

ଆମେ ସୀମା ଭିତରେ ରହି ପାରିବୁନି,

ଆମର ପରିଧି ପରିବ୍ୟାପ୍ତ ।

ଅନ୍ଧାର ଇଲାକାରେ ପହଁଞ୍ଚିବା ଶକ୍ତି ଅଛି ।

ଆମେ ବିପ୍ଳବ ଆଣିପାରୁ । ସ୍ୱାଧୀନ ଏବଂ ଶୃଙ୍ଖଳିତ ।

ଆମେ ନୂଆ ସକାଳର ଆହ୍ୱାନ, ରକ୍ତରେ ଉନ୍ମାଦନା,

ସାମ୍ନା କରିବାର କ୍ଷମତା । ସମର୍ପିତ କି ଅନୁଧାବିତ ନୋହୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଖିର ପଟିକା ଫିଙ୍ଗିଂ ଦେବାର ସମୟ ।

ଖୋଳପା ଭିତରୁ ବାହାରି ଆସିବାର ବେଳ ।

ଚେତନାକୁ ଜାଗ୍ରତ କରିବା ସମୟ ।

ଉଦ୍ଦେଶ୍ୟକୁ ପରଖିବା ମୂହୁର୍ତ୍ତ ।

ସ୍ୱରୂପଟା ଦେଖିବା ଦରକାର ।

କାପୁରୁଷ ନା ବଧିର ମୂକ ନା ଜୀଅନ୍ତା ଭୂତ ।

ଏକ ବିପ୍ଳବର ନୂତନ ସକାଳ

ଆଲୋକର ବର୍ତିକା ।

ଅସ୍ତ୍ରର ଝଙ୍କାଂର

କାଳପରିବର୍ତନର ବାର୍ତ୍ତା ।

ବଜାରର ଫୁଲ ତୋଡ଼ା କି

ଫୁଲର ଗଜରା ନୋହୁ ।

ଅନ୍ଧାରରେ ହୁଏତ ନିରୁଦ୍ଦିଷ୍ଟ କିମ୍ବା ଦିଗଭ୍ରଷ୍ଟ ଲଗାମହୀନ ଥିଲୁ ।

ଏବେ ନିଆଁଭିତରକୁ ଲମ୍ଫଦବାର, ଅନ୍ଧକାରର ବୁକୁ ଚିରି

ଦବାର ସମୟ । ଝଡ଼ପରି ଅନ୍ୟାୟ ଅତ୍ୟାଚାରକୁ ଉଡେଇ ଦବାର ସମୟ ।

ଅଗ୍ରପୂଜ୍ୟର ସମୟ ।

ଆମେ ଏଠାରେ ଏକତ୍ରୀତ

ମନ୍ତ୍ରଣା କରିବାକୁ

ମନ୍ତ୍ର ଉଚ୍ଚାରଣ କରିବା ପାଇଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏକ ଯଜ୍ଞର ଆୟୋଜନ ନିମନ୍ତେ ।

ଆମ ଆହୁତିକୁ ତୁମେ ସ୍ୱୀକାର କର

ତୁମକୁ ଆବାହନ କରୁଛୁ ।

ତମେ ଆବିର୍ଭାବ ହୁଅ

ଆମକୁ ପରିତ୍ରାଣ କର ।

ଦେଖ ପୂର୍ବଦିଗରୁ ସେ ଶିଖା ଉପରରୁ ଆହୁରି ଉପରକୁ ଉଠୁଛି ।

ତେଜିଆନ ସେ ଶିଖା ମଧ୍ୟରେ ଅମୃତ କଳସ ହସ୍ତରେ ଆବିର୍ଭୂତା ।

ଆସନ୍ତୁ ତାଙ୍କର ସ୍ୱାଗତ କରିବା -

ଯାଃ ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା

ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।

ମଧୁସୂଦନ ମିଶ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ସଂଗୀତା ବାରିକ

ମାଆର ଜଠର ପ୍ରତିଟି ଜୀବର
ଅଟଇ ପ୍ରଥମ ବାସ,
ତା ବୁକୁ ଅମୃତ ପହିଲି ଆଧାର
ସତେ ସଞ୍ଜୀବନି ରସ ।
ପରଶ ତାହାର ଶୀତଳତା ସୁଧା
ବଞ୍ଚିବାକୁ ରାହା ଦିଏ,
କୋଳରେ, ପଣତେ ଆଲିଙ୍ଗନେ ଅବା
ବୈକୁଣ୍ଠର ସୁଖ ଥାଏ ।
ଜୀବନ ଯାତ୍ରାରେ ପ୍ରଥମ ଗୁରୁ ସେ
ତୋଳେ ସଂସ୍କାରିତ କରି,
କେବେ ସେନେହରେ କେବେ ଆକଟରେ
ଦିଏ ପ୍ରେମ ସୁଧା ଭରି ।
ମାଆ ଓ ସନ୍ତାନ ସମ୍ବନ୍ଧଟି ସଦା
ସବୁଠାରୁ ଶକ୍ତିଶାଳୀ,
ପ୍ରତି ବାଧାବିଘ୍ନ ଆଶିଷେ ତାହାର
ଯାଏ ନିର୍ବିଘ୍ନରେ ଜଳି ।
ଈଶ୍ୱରଙ୍କ ପାଶେ ନତମସ୍ତକ ସେ
ସନ୍ତାନ ମଙ୍ଗଳ ପାଇଁ,
ସରଳପଣ ତା ପାରେନାହିଁ ବୁଝି
ପିଲାର ଈଶ୍ୱରୀ ସେହି ।

ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହିଷାମର୍ଦ୍ଦିନୀ



ବିକାଶ ଚନ୍ଦ୍ର
ଧୁଙ୍ଗିଆ

ଆଶ୍ୱିନର ଏଇ ଶୁଭ୍ର ଶରତେ,
ଧରାରେ ଆସିଲ ପଡି ।
ଭକ୍ତ ଜନ ସଦା ବିଭୋର ନୟନେ,
ଚାହିଁଛନ୍ତି ଆଖିମେଲି ।।

ଦୁର୍ଗତିନାଶିନୀ ଜୟ ମା' ଭବାନୀ,
ବନ୍ଦେ ପାଦ ପଦ୍ମେ ତୋର ।
ହତଭାଗ୍ୟ ଭକ୍ତ ପାମର ବିକାଶ,
କରେ ଆଜି ନମ ନମ ।।

ପାପ ଅତ୍ୟାଚାର କର ମା' ବିନାଶ,
ଧରାବତରଣ କରି ।
ଆଉଥରେ ଦେଖୁ ଏ ସାରା ସଂସାର,
ରୂପ ମହିଷାମର୍ଦ୍ଦିନୀ ।।

କେବେ ଆସ ତୁମେ ନଉକା ବିହାରେ,
କେବେ ଆସ ଅଶ୍ୱପୋରେ ।
ମୋହିନୀ ସ୍ୱରୂପା ଦେଖି ଏ ଜଗତ,
ହୁଏ କୋଟିନେତ୍ର ଭୋଳେ ।।

ସର୍ବଶ୍ରେଷ୍ଠ ମାତା ବୋଲାଅ ଜଗତେ,
ରହିଛି ସଂସାର ସାକ୍ଷୀ ।
ରାବଣର ବଧ ପାଇଁ ରାମଚନ୍ଦ୍ର,
କରିଲେ ପୂଜା ତୁମରି ।।

ତୁମେ କାତ୍ୟାୟିନୀ ଅଭୟ ଦାୟିନୀ,
ଦେବ କୋପାନଳେ ଜନ୍ମି ।
ଦାବତା କୁଳକୁ ସୁରକ୍ଷିତ କଲ,
ମହିଷାସୁରକୁ ମାରି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ତନ ଯଉବନ କରି ପ୍ରଦର୍ଶନ,
ପୁରୁଷ ଆଗରେ ତୁମେ ।
ନିନ୍ଦା ଅପବାଦ କେତେଯେ ସହିଲ,
ଦୁନିଆ ଦାଣ୍ଡରେ ନିଜେ ।।
ଯୁଗେ ଯୁଗେ ନାରୀ ସହି ସହି ଅଛି,
ନିନ୍ଦା ଅପବାଦ କେତେ ।
ନପାରଇ ଦେଖି ପୁରୁଷ ସମାଜ,
ନାରୀର ମହତ୍ତ୍ୱ ଯେତେ ।।
ନିର୍ଭୟା, ଇତିଶ୍ରୀ କେତେ କେତେ ନାରୀ,
ବଳିତ ପଡୁଛି ଆଜି ।
ଛାର ଏ ପୁରୁଷ ବୁଝିପାରୁନାହିଁ,
ସିଏ ପରା ଜନ୍ମ ଦାତ୍ରୀ ।।

ଧର ମାଆ ପୁଣି ଆଉଥରେ ତୁମେ,
ମହିଷାମର୍ଦ୍ଦିନୀ ରୂପ ।
ଅତ୍ୟାଚାରୀ ପାପୀ ପୁରୁଷମାନଙ୍କୁ,
ସମୂଳେ ବିନାଶ କର ।।
ଜୟ ଜୟ ମାଆ ଜୟ ଦଶଭୂଜା,
ଘେନମ ପ୍ରଣାମ କର ।
ଅଭୟ ପ୍ରଦାନ କର ମାତା ତୁମେ,
ପାଇଁ ତ ସଂସାର ଜନ ।।

ବିକାଶ ଚନ୍ଦ୍ର ଧୁଙ୍ଗିଆ ।
ଶୁଳିଆପଦା, ମୟୂରଭଞ୍ଜ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସିଂହବାହିନୀ



ହୀରାବତୀ ପାତ୍ର

ଅଜ୍ଞାନ ତିମିର ନାଶ ଦୟାମୟୀ
　　ଅଭୟଦାୟିନୀ ଦୁର୍ଗା,
ତୋ ପାଦ ପଦ୍ମେ ପୂଜଇ ମୁହିଁ
　　ଲଵେ ମାତ୍ର କର ଦୟା ।।୧ ।।

ଦୁଃଖ କ୍ଲେଶ ପାରାବାରରେ ଭାସଇ
　　ନାହିଁ ମୋର କେହି ସାହା,
ଦୁର୍ଗତିନାଶିନୀ ବିପଦହାରିଣୀ
　　ଉଦ୍ଧାର କର ହେ ମାତା ।।୨ ।।

ଦେବତାର କୋପାନଳେ ଜାତ ହେଲୁ
　　ଆଦ୍ୟାଶକ୍ତି ମହାମାୟା,
ଦଶ ମହାବିଦ୍ୟା ରୂପ ଧରି ମାତ
　　ପ୍ରକାଶିଛ ଭିନ୍ନ କାୟା ।।୩ ।।

ମହିଷାସୁରକୁ ନିଧନ କରିଲ
　　ସ୍ତନ ଯୌବନ ପ୍ରଲଭେ
ତୁମରି ଚରଣେ ଶରଣ ପଶିଲେ
　　ଦେବ ମାନବ ଗଣେ ।।୪ ।।

କଳି କଳୁଷ ଏ ହୀନ ଜଗତରେ
　　ଅବହେଳା ଆଜି ନାରୀ,
କନ୍ୟାଭ୍ରୁଣ ହତ୍ୟା କରି ଚାଲିଛି
　　ବୁଝେନା  ମାୟା ତୋହରି ।।୫ ।।

ହେ ସିଂହବାହିନୀ ମହିଷାମର୍ଦ୍ଦିନୀ
　　ନାରୀ ରୂପିଣୀ ସଂସ୍ଥିତା ,
ହିଂସା, ଦ୍ୱେଷ, ଗର୍ବ, ଅହଂକାର ଯେତେ
　　କରିଦିଅ ଗୋ ଶୂନ୍ୟତା ।।୬ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଭ୍ର ଶରତର ଆଶ୍ୱିନ ମାସରେ
କାଶତଣ୍ଡି ଫୁଲ ହସେ,
ପ୍ରତି ହୃଦୟର ସ୍ପନ୍ଦନେ ସ୍ପନ୍ଦନେ
ମାଆ ମାଆ ଡାକ ଶୁଭେ ।।୭।।
ସତ୍ୟ ନ୍ୟାୟ ପଥେ ଚଲାଅ ଆମକୁ
ତୁମରି ଆଶିଷ ଢ଼ାଳି,
କୃପା କର ମାଆ କରୁଣାମୟୀ ଗୋ
ପାର୍ବଣେ ଏଇ ମୋ ଅଳି ।।୮।।

ହୀରାବତୀ ପାତ୍ର
ନଳଗଜା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସୁଛନ୍ତି ମା’



ସମ୍ବେଦନା ମିଶ୍ର

ଆସୁଛନ୍ତି ମା’ ଜଗତଜନନୀ
ଜଗଦମ୍ବା ସେ ଦୁର୍ଗତିନାଶିନୀ
ହସ୍ତରେ ଖଡ୍‌ଗ ତ୍ରିଶୁଳଧାରିଣୀ
ଅପରୂପା ମା’ ସିଂହବାହିନୀ ।

ହେ ମା ମହିଷାସୁରମର୍ଦ୍ଦିନୀ
ତୁମେ ହିଁ ଶୁମ୍ଭନିଶୁମ୍ଭ ସଂହାରିଣୀ
ସର୍ବେ ଡାକନ୍ତି ହେ ନାରାୟଣୀ
ଗୁହାରି ଘେନ ହେ ବିନ୍ଧ୍ୟବାସିନୀ ।

ଦର୍ଶନ ଦିଅ ହେ ମହାମାୟୀ
କରୁଣା କର ହେ କାତ୍ୟାୟନୀ
ତୁମେ ହିଁ ମଙ୍ଗଳା ତୁମେ ହିଁ ଚଣ୍ଡୀ
ତୁମେ ହିଁ ତ ଅଭୟବରଦାୟିନୀ ।

ଆଶିଷ ଦିଅ ମା’ ଭଗବତୀ
ଶୁଣିଦିଅ ଥରେ ଆମ ବିନତି
ଦୟାକରି ଦିଅ ହେ ମାହେଶ୍ୱରୀ
ଚରଣେ ତୁମର  ଏହି ପ୍ରଣତି ।

ସମ୍ବିତ୍ ଭିଲ୍ଲା, ଘାଟିକିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳିଯୁଗ ଦୁର୍ଗା



ରୋଜା ପଣ୍ଡା

ଭାବିଛି କିଛିକ୍ଷଣ ପାଇଁ ସାଜିବି ମୁଁ ସେଇ ଦଶଭୂଜା ଦୁର୍ଗା
ନାଶିବାକୁ କ୍ରୁରତାର ଅତ୍ୟାଚାର,
ସଂହାର କରିବାକୁ ଅସତ୍ୟ, ଅଧର୍ମ, ଅନ୍ୟାୟ
ଭାବିଛି ମୁଁ ନେବି ସେଇ ଶକ୍ତି ସ୍ୱରୂପିଣୀ ଅବତାର ।

ଧର୍ମକୁ ଢାଲ କରି ବାହାରିଥିବା ଶହ ଶହ
ମହିଷାସୁରଙ୍କର କରିବାକୁ ସର୍ବନାଶ,
ବାହାରିବି ହସ୍ତେ ଧରି ଧନୁ, ତୀର ଆୟୁଦ୍ଧ, କମଳ,
କମଣ୍ଡଳୁ ସାଥେ ଅମୃତ କଳସ ।

ଚନ୍ଦ୍ରଘଣ୍ଟା ବେଶ ଧରି
ଲଲାଟରେ ଆଙ୍କି ଅର୍ଦ୍ଧଚନ୍ଦ୍ର,
ଦସହସ୍ତେ ନାଶିବି ମୁଁ ଅଧର୍ମ ,ଅସତ୍ୟ
କରେ ଘେନି ସେଇ ଦିବ୍ୟ ଦଶାସ୍ତ୍ର ।

କାତ୍ୟାୟିନୀ ରୂପ ନେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁଣ୍ୟାତ୍ମାଙ୍କୁ କରିବି ଉଦ୍ଧାର,

ଭୟଙ୍କରୀ କାଳୀ ରୂପେ

ଦୈତ୍ୟରୁପି ମାନବଙ୍କୁ କରିବି ସଂହାର ।

ପାପଭାରା ବଢ଼ିବଢି ଯାଉଛି ଏ ମହୀରେ

ଦୁଷ୍କର୍ମ, ଭ୍ରଷ୍ଟାଚାରେ ଜଗତ ଉଛୁଳେ,

କଳିର କଳଙ୍କ ନାଶିବାପାଇଁ କାହାକୁ ତ ସାଜିବାକୁ ହେବ

କଳିଯୁଗର ଦୁର୍ଗତିନାଶିନୀ ଦୁର୍ଗା କେବେଥରେ ।

ତେବେ ଆଉ ଡେରି କାହିଁ

ସ୍ୱୟଂକୁ ସେଇ ମହାଗୌରୀ ରୂପ ଦେଇ,

ବାହାରିବି ଏହିକ୍ଷଣି, ଏହି ପାର୍ବଣ ଋତୁରେ

ଶୁଭ ଅନୁକୂଳେ ନାଶିବାକୁ

କଳିଯୁଗରର ଅଧର୍ମୀଙ୍କୁ ମୁହିଁ ।

ବଧୂହତ୍ୟା, ଶିଶୁହତ୍ୟା, ନାବାଳିକା ଦୁଷ୍କର୍ମର ପରିଣାମ

ହେବ କେତେ ଭୟଙ୍କର, ଦେଖିବ ଏ କଳିଯୁଗର ନର ରୂପୀ ଅସୁର ,

ମିଥ୍ୟା, ବ୍ୟଭିଚାର, ଅନ୍ୟାୟ ନାଶି

ଜଳାଇବି ସଂସାରେ ମୁଁ ଆଲୋକ ସତ୍ୟର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖଡ୍ଗ ଧରି ହସ୍ତେ ମୋର ବାହାରିବି ଏହିକ୍ଷଣି

ଏହି ପାର୍ବଣ ଋତୁରେ, ଶୁଭ ଅନୁକୂଳେ ,

ନାଶିବାକୁ ଧରଣୀରୁ ପାପଭାର, ମିଥ୍ୟାର ଅଗଭୀର ସାଗର ବକ୍ଷରୁ

କରିବାକୁ ସତ୍ୟର ଉଦ୍ଧାର ।

ଏଠି ଘରେ ଘରେ ମିଥ୍ୟାର ମାୟା ମରୀଚିକା

ଆତ୍ମଗର୍ବ, ଅହଂକାର, ଅବିଚାର,

ଦେଖି ଦେଖି ନିଜ ପର ଭେଦବିଚାର,

ଅସ୍ଥିର ହେଇଗଲାଣି ହୃଦୟ ମୋର ।

ଆଉ ଡେରି ନାହିଁ ,ଆଜିହିଁ ଏହି ପାର୍ବଣ ଋତୁରେ

ନେବି ମୁଁ ଏକ ଦୃଢ ପ୍ରତିଶ୍ରୁତି

ବାହାରିବି ଏହିକ୍ଷଣି ହାତେ ଧରି ସତ୍ୟ, ଧର୍ମ, ନ୍ୟାୟର ବଳିଷ୍ଠ ଅସ୍ତ୍ରଶସ୍ତ୍ର,

ସାଜି ଏକ ଭୟଙ୍କର ଅଗ୍ନିଶିଖା

ନିଜ ପର ସବୁ ଭୁଲି କରିଚାଲିବି

କେବଳ ଆଉ କେବଳ ଧର୍ମର ରକ୍ଷା ।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର,ମଧୁପାଟଣା

କଟକ-୭୫୩୦୧୦, ଇମେଲ୍ : roja.saumya@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେବୀ



ଲକ୍ଷ୍ମୀପ୍ରିୟା ଓଝା

ଦିନିକିଆ ମଜୁରିଆ ହାତର
ଚକଟା ମାଟି,
ବର୍ଷାରେ ଓଦା ହୋଇ
ଗୋରୁ ପାକୁଳିକୁ ଛୁଇଁ ନଥିବା
ଅରଖ ନୂଆ ପୁଳାଏ କୁଟା,
ବାଉଁଶ ବୁଦାରେ ତୁମକୁ ଅପେକ୍ଷାରତ
ଦି'ଖଣ୍ଡ ପୋକଖିଆ ବାଉଁଶରେ
ଗଢ଼ା ଶରୀର ତୁମର ।
କେମିକାଲ୍ ରଙ୍ଗ, ନକଲି ଗହଣା
ଶସ୍ତା ପାଟ, ସୋଲର ମୁକୁଟ
କାଗଜର ଖଣ୍ଡା, ଢାଲ, ବର୍ଚ୍ଛା

ଦେବୀ,
ମାଟି ଘଟର ଈଶ୍ୱରୀ !
କେତେ ବିଧିବିଧାନ
ନୀତି ନିୟମରେ
ଆବାହନ, ସଂସ୍ଥାପନ, ବିସର୍ଜନ
ମଣିଷ ହାତରେ ଗଢ଼ା ଭଙ୍ଗା
ମଣିଷ ହାତରେ ଜାତକ ତୁମର ।
ତଥାପି ତୁମ ପାଦତଳେ
ମଥାନତ ଏ ସାରା ସଂସାର ।

ବି-୪୦୧, ଦି ଆଟ୍‌ଲାଣ୍ଟିକ୍
ନିୟର୍ ଏସ୍‌ଆର୍‌ପି ଗ୍ରାଉଣ୍ଡ - ୯
ମକରପୁରା ରୋଡ୍, ବରୋଦା
ଗୁଜୁରାତ - ୩୯୦୦୧୦, ଓଡ଼ିଶା
ଭ୍ରାମ୍ୟଭାଷ : ୭୪୯୦୯୯୬୮୭୫
ଇମେଲ୍ : laxmipriyaojha70@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଗତ କରିବା ଆସ



ରବୀନ୍ଦ୍ରନାଥ
ମହାରଣା

ମାଆ ଆସିଅଛି ଶରତ ଆଭାରେ
ଧରି କାଶତଣ୍ଡି ହସ
ପାର୍ବଣ ଋତୁରେ ସଜବାଜ ହୋଇ
ସ୍ୱାଗତ କରିବା ଆସ । ୧

ଚତୁର୍ଦ୍ଦିଗ ଦେଖ ଝଲସି ଉଠୁଛି
ମାଆର ଏ ନବ ବେଶେ
ପାପ ବିନାଶିନୀ ସଙ୍କଟହାରିଣୀ
ମାଆ ମୋର ଧିରେ ହସେ । ୨

ସନ୍ତାନର ଅଳି ସହି ନ ପାରି ସେ
ଧରାକୁ ଆସିଛି ଧାଇଁ
ହରି ସର୍ବଦୁଃଖ ସନ୍ତାନ ମନରେ
ଖୁସିଟିକେ ଦେବାପାଇଁ । ୩

ନବ ଉନ୍ମାଦନା ଖେଳୁଅଛି ମନେ
ମାଆକୁ ନିକଟେ ପାଇ
କହିବାକୁ ଭକ୍ତ ମନକଥା ତାର
ଆନନ୍ଦେ ଆସିଛି ଧାଇଁ । ୪

ଭିନ୍ନ ଭିନ୍ନ ବେଶେ ମାଆ ମୋ ଆସିଛି
ଶୁଣିବାକୁ ଆମ ଦୁଃଖ
ଦୁଃଖ ଓ ଯାତନା ଦୂର ହୋଇଯାଏ
ଦେଖିଦେଲେ ମାଆ ମୁଖ । ୫

ଜଗତ ଜନଙ୍କୁ ଉଦ୍ଧାରିବା ପାଇଁ
କେବେ ଧରେ କାଳୀ ବେଶ
ଆସିଅଛି ମାଆ ଶୁଣି ଆମ ଦୁଃଖ
ସ୍ୱାଗତ କରିବା ଆସ । ୬

ଭାଲିଆଝର, ସୁମଣ୍ଡଳ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ଦଶଭୂଜା



କାହ୍ନୁଚରଣ ସାହୁ

ଜୟ ଦଶଭୂଜା ଜଗତଜନନୀ
ଅଭୟଦାୟିନୀ ମାଆ
ଶକ୍ତି ସ୍ୱରୂପିଣୀ ମହିଷାମର୍ଦ୍ଦିନୀ
ହୁଅବାରେ ତୁ ଗୋ ସାହା ।

ପଲ୍ଲୀରୁ ନଗର ଉତ୍ସବ ମୁଖର
ତୁମ ଆସିବା ଖୁସିରେ
ସବୁଜ ସହରେ କାଶତଣ୍ଡି ହସି
ତୁମକୁ ସ୍ୱାଗତ କରେ ।

ବାଜେ ଘଣ୍ଟ ଶଙ୍ଖ ମୃଦଙ୍ଗ ମହୁରୀ
ମହକେ ଧୂପର ବାସ
ସିଂହବାହିନୀ ଗୋ ସଂହାର ସକାଶେ
ବିବିଧ ରୂପରେ ଆସ ।

ଜୟ ଜଗଦମ୍ବା ଭବାନୀ ଶିବାନୀ
ଭଗବତୀ ଭୟହାରୀ
ଧରଣୀ ବୁକୁରେ ପାପୀ ଅତ୍ୟାଚାରେ
ନାରୀ ନିତି ଜିଏ ମରି ।

ଖଡ୍‌ଗରେ ତୁମ୍ଭରି ଛେଦି ଅତ୍ୟାଚାରୀ
ଉଦ୍ଧର ସକଳ ଧରା
ନାଶି ଗୋ ଅଧର୍ମୀ ଧର୍ମମୟ କର
ପୃଥୀ ଗୋ କୁକର୍ମେ ଭରା ।

ସମ୍ପାଦକ, ସୃଷ୍ଟି ସମ୍ଭାର
ପଣ୍ଡ୍ରକାମାଳ, ମ.ରାମପୁର, କଳାହାଣ୍ଡି
ଭ୍ରାମ୍ୟଭାଷ : ୯୫୫୬୮୭୭୪୪୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଶତଣ୍ଡୀର କୋହ



ଶ୍ରୀବଳରାମ ପୂଜାରୀ

ଶାରଦୀୟ ପର୍ବାଣୀର ଅଭିନନ୍ଦନ ବାର୍ତ୍ତା

ପବନରେ ଦୋଳାୟିତ ଶୁଭ୍ର କାଶତଣ୍ଡି,

ଅନ୍ତରରେ ଚାପି ରଖିଛି ଅକୁହା ବେଦନା

ଶରଦର ଉଲ୍ଲାସରେ ସେ କିନ୍ତୁ ଖୁସି ନୁହେଁ...

ମୃଣ୍ମୟୀ ପ୍ରତିମାର ଜାକଜମକରେ ପୂଜା ?

ଆଦ୍ୟାଶକ୍ତିର ଆବାହନୀରେ ଅନେକ ଦରଦ...

ଏପଟେ ମାତୃଶକ୍ତି ଅବହେଳିତ...

ଗର୍ଭ ନିରୁପଣତାରେ...

କତୁରୀ ଚଳାଏ ବିଶ୍ୱାସର ଗର୍ଭାଶୟରେ,

ମୂଳପୋଛ କରିବ ନାରୀ ସତ୍ତାକୁ,

ଜନନୀ ଆଶ୍ରୟ ଖୋଜୁଛି... ଜରାଶ୍ରମରେ,

ଜାୟା ମାଗୁଛି ସମାନନାଗରିକତାର ସମ୍ମାନ,

ଭଗ୍ନୀର ଇଜ୍ଜତର ହେଉଛି ନିଲାମ

ଅମାନବିକତାର ଅନ୍ଧଗଳିରେ...

'ବେଟି ବଚାଓ ବେଟି ପଢ଼ାଓ' ନାରାରେ

ସୀମିତ ସରକାର...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ମହିଳା କମିସନ୍'ରେ ବନ୍ଧା ପଡ଼ିଛି

ନାରୀ ଜାତିର ଭାଗ୍ୟ...

ଏତେ ପରେ ବି କ'ଣ ସତରେ ମାଁ ଆସନ୍ତି

ଏ ଶାରଦୀୟ ନବରାତ୍ରରେ... ଯୋଗମାୟାଙ୍କ

ଧରାବତରଣରେ, ବିଦ୍ରୋହ କରିଛି...

'କାଶ ତଣ୍ଡିର କୋହ'...

କୁଡୁମୁଲୁଗୁମ୍ମା, ମାଲକାନଗିରି

ଭ୍ରାମ୍ୟଭାଷ : ୯୬୬୮୬୮୮୪୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା ଦୁର୍ଗା



ପ୍ରକାଶ ଚନ୍ଦ୍ର ପଣ୍ଡା

ଧରାପୃଷ୍ଠେ ମା ଆସଗୋ ତୁମକୁ
ଚାହୁଁଛୁ ଏ ମର୍ତ୍ତ୍ୟବାସୀ
ତୁମରି ବାଟକୁ ଚାହିଁଛୁ ସଭିଏଁ
ଶୁଭ ମଙ୍ଗଳ ମନାସୀ ।
ମନରେ ଆମରି ଅସୁମାରୀ ଆଶା
ତୁମରି ପାଖେ କରୁଣା
ଆଶିଷ ଦିଅ ମା ବିଜେ କର ମର୍ତ୍ତ୍ୟେ
ପୂରଣ ହେଉ କାମନା
ନାନା ତୋରଣରେ ସୁସଜ୍ଜିତ ପୀଠ
ଦିଶେ କେଡ଼େ ମନୋହର
ସେ ପୀଠରେ ଆସି ବିଜେ କର ମାଆ
ଏତିକି କାମନା ମୋର ।
ପ୍ରତିବର୍ଷ ପରି ଏହି ବରଷରେ
ଚାହିଁଛୁ ତୁମକୁ ସର୍ବେ
ତୁମ ଆଗମନେ ଧରଣୀ ହସିବ
କମ୍ପିବ ଆନନ୍ଦ ରବେ ।
କାଶତଣ୍ଡି ଫୁଲେ ଚଉଦିଗ ଦିଶେ
ସତେକି ଅପୂର୍ବ ଶୋଭା
ଧରଣୀ ସାଜିଛି ନବ ବସନରେ
ଆହା କେଡ଼େ ମନ ଲୋଭା ।
ସବୁ ଫିକା ଲାଗେ ତୁମ ଦୟାବିନା
ତିତଲୀ ପରି ଦୁର୍ଗତୀ
ତୁମାଶିଷ ଥିଲେ ଏହି ମର୍ତ୍ତ୍ୟପୁରେ
ସବୁ ଦୁଃଖ ଯିବ କଟି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଆଲୋ ତୋ ପଦେ ପଶିଲୁ ଶରଣ

ଆବାଳ ବୃଦ୍ଧବନିତା

ସବୁ ତୋର ଦାନ ଆମ ଏ ଜୀବନ

ତୋ ଆଶିଷ ବିନା ବୃଥା ।

କି ଲେଖିବି ମାଆ ତୁମରି ମହିମା

ଧୃଷ୍ଟତା ମାର୍ଜନା କର

ଅଧମ ଅକ୍ଷମ ଦୋଷ ମୋର କ୍ଷମ

ତୋ ପାଦେ କୋଟି ଜୁହାର ।

ବିଜ୍ଞାନ ଶିକ୍ଷକ

କଲ୍ୟାଣପୁର, ଭୁଇଁପୁର, ଯାଜପୁର

ଭ୍ରାମ୍ୟଭାଷ : ୮୭୬୩୫୨୫୫୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା’ର ଆଗମନ



ପବିତ୍ର ଦାସ

ଆକାଶର ଶୁଭ୍ର ନୀଳିମାରେ
ଖଣ୍ଡ ଖଣ୍ଡ ବାଦଲମାନଙ୍କର ପଟୁଆର
ଭାସୁଛନ୍ତି ଦଳଦଳ ହୋଇ
ଆକାଶର ହ୍ରଦରେ ।।

ଏଇ ତ ମନେହେଉଛି ସତେ
ଭୋଦୁଅର ଉପହାର
ମା’ ଆସିବାର ବେଳ ହେଲାଣି ସନିକଟ
ନଦୀ ତଟରେ ହସରୋଳ
ଲାଗିଛି ଦେଖ କାଶତଣ୍ଡୀଙ୍କର ଗହଳ
ସବୁଠି ଚଳଚଞ୍ଚଳ ଦିଶେ
ଗାଁ, ସହର, ବଜାର ଅବା ସାହି ମଣ୍ଡପ
ଦେବୀ ଆରାଧନା ପାଇଁ
ଲାଗିଲାଣି ମେଳ ।।

ଶୁଭ୍ର ସ୍ୱଚ୍ଛ ପରିଧାନରେ
ମା’ ହେବେ ବିରାଜିତ
ଧରଣୀରେ ଲାଗିଯିବ ଆନନ୍ଦ
ହସି ଉଠିବେ ସଂସାରର ମନ
ଗଜ ବେଶରେ ସଂସ୍ଥିତା ସାଜି
ବିନାଶିବେ ମହିଷାସୁରର ପ୍ରାଣ ।।

କଳୁଷ କାଳିମାଭରା ଆଜି ଏ ସଂସାର
ଦୁଃଖ ଦୁର୍ଦ୍ଦଶାରେ ବୁଡିଛନ୍ତି ଜନ
ନିବାରଣ ପାଇଁ ଆଜି ଜନତାର ଦୁଃଖ
ପୃଥିବୀରେ ଦୁର୍ଗା ମା ହୁଅନ୍ତି ପ୍ରକାଶ ।।

ଭୋଦୁଅର ଧୁଃ ଧୁଃ ଖରା
ମା’ର ଜ୍ୱଳାମୁଖୀ ଚେହେରା
ସାଜି ସେ ଦୁଃଖ ବିନାଶିନୀ
ଧରା କରନ୍ତି ଶ୍ୟାମଳା ।।

ଗବେଷକ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋ- ୯୮୫୩୯୭୬୬୭୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଳି



ସଚ୍ଚିଦାନନ୍ଦ ବାରିକ

ମା' ଆସିଛନ୍ତି
ବରଷକୁ ଥରେ
ଭକ୍ତ ବିଭୋର
ମା'ଙ୍କୁ ପାଖରେ ପାଇ
ଗାଁଠୁ ସହର ଉତ୍ସବମୁଖର
ଦେବୀ ଆଗମନ ପାଇଁ...

ଗହ ଗହ ଶୁଭୁଛି ଦେବୀ ପୀଠ
ପୁଣିଥରେ ରକ୍ତମୁଖା ହେବ ବଳିପୀଠ
ବଳି ପଡ଼ିବେ ନିରୀହ ନିର୍ବାକ ପଶୁ
ଫି ବର୍ଷ ପରି ଏ ବର୍ଷ
ମାନସିକ ପୂରଣପାଇଁ...

ଅଜବ ଯୁକ୍ତି
ବଳିପାଇ ମା ଲଭିବେ ଶାନ୍ତି
କାଳେ ଦୂର ହେବ
ଏ ଧରାରୁ,
ଭକ୍ତମନରୁ
ରାକ୍ଷସ ପ୍ରବୃତ୍ତି...
ହେଲେ କେମିତି ! !
ନବରାତ୍ରର ଆଗମନେ
ନିଜକୁ ଭକ୍ତିରସରେ ବୁଡ଼ାଇ ରଖିଥିବା ଭକ୍ତ
ମା'ଙ୍କୁ ମେଲାଣି ଦେଉ ଦେଉ
ବରିନିଏ ରାକ୍ଷସ ପ୍ରବୃତ୍ତି
ପୂଜକ ବି ଭୁଲିଯାଏ
ଭକ୍ତି ଭକ୍ତି
ନିଜ ବେଉସା ଆଉ ବୃତ୍ତି...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭକ୍ତି ଏଠି ଆଖି ବୁଜେ
ଏତେ ଦିନ ଶୋଇଥିବା ସଇତାନ ପୁଣି ଜାଗେ
ଖୋଳପା ପିନ୍ଧା ମଣିଷ
ହୋଇଉଠେ ରକ୍ତମୁଖା
ଖୋଜେ କଞ୍ଚାମାଂସ
ସେ ନିରୀହ ମଣିଷ ହେଉ କି ପଶୁର
ନିଛାଟିଆ ଜାଗାଟିଏ ଖୋଜେ
ଦେଖାଇବାକୁ ନିଜ ପାରିବାପଣିଆ
କିଛି ଫରକ ପଡ଼େନି
କାହାକୁ ତଣ୍ଟିଚିପି ହତ୍ୟାକରେ
ଆଉ କେଉଁଠି ବୁହେଇଦିଏ
ରକ୍ତର ଧାର
ଅକାଳରେ ଝଡ଼ିଯାଏ
ଜୀବନଟିଏ ନିରୀହ ନିଷ୍ପାପ ପ୍ରାଣୀର...

ମା'ଙ୍କ ପୀଠରେ ଦିଆଯାଉ ବଳି
ଇଜ୍ଜତ ଲୁଟୁଥିବା ଶଇତାନର...
ଖଡ୍‌ଗ ହସ୍ତା ହେଉ ପ୍ରତ୍ୟେକ ନାରୀ
ସଂହାର କରୁ ନିଜେ ପାପୀମାନଙ୍କର
ବନ୍ଦ ହେଉ ପ୍ରହସନ
ବନ୍ଦ ହେଉ ବଳି ନିରୀହ ପଶୁର
ସର୍ବସମ୍ମୁଖରେ ବଳିପୀଠରେ
ଫାଶୀ ବଦଳରେ ଦିଆଯାଉ ବଳି ଖୁନି ଶୈତାନର...

ମା' ବି ଲଭୁ ଶାନ୍ତି
ମଣିଷ ରକ୍ତପାଇ
ଆଶୀର୍ବାଦ କରୁ
ଅଭୟ ଜାଗୁ ଭକ୍ତମନରେ
ପ୍ରତ୍ୟେକ ଅବଳା ଦୁର୍ବଳା ପ୍ରାଣରେ
ଆସ୍ଥା ଜାଗୁ ସର୍ବକାଳ
ମା'ଙ୍କ ଭକ୍ତିରେ...

ଗ୍ରା/ପୋ : ଝୁମ୍ପୁରା, କେନ୍ଦୁଝର, ୭୫୮୦୩୧, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୬୩୫୦୫୮୦
ଇମେଲ୍ : sachikjr@gmail.com

Magazine Downloaded from www.aahwaan.com

# ଜୀବନର ଉଦ୍ଦେଶ୍ୟ ପାଉନି



ଅନନ୍ୟା ଅନୁଷ୍କା

ଛୋଟ ବଡ ଅନେକ ଆଶା ନେଇ,
ସ୍ୱପ୍ନର ଚାଦର ଘୋଡେଇ ହୋଇ,
କିଛି ଅପ୍ରାକୃତିକ ମଣିଷର ସମ୍ପର୍କ ଘେରରେ,
ଏକା ପ୍ରକୃତିସ୍ଥ ହୋଇ ଛିଡାହୋଇଥିଲା,
ସଦ୍ୟ ଉତ୍ପନ୍ନ ସେ ଛୋଟ ଗଛଟି ।
ମାଟିର ଗଭୀରତା ପରଖିନଥିଲା,
ଆକାଶର ବିଶାଳତା ତା'କୁ ଅଜଣା ଥିଲା,
ଚତୁଃପାଶ୍ୱରେ କଟାକ୍ଷ ଦୃଷ୍ଟିର ପରିଚୟ ନ ପାଇ
ପୂର୍ବଜଙ୍କ ମହାନତାର ଉଦାହରଣ ଦେଇ,
ଜିଇଁଥିଲା ସେଦିନ ଏକାକି ।

ଲୋକଦେଖାଣିଆ ଆଶ୍ରା ତ ଅନେକ ଥିଲା,
ହେଲେ, ସୌର ତାପ ରୁ ବଞ୍ଚିବାର ରାହା ନ ଥିଲା,
ଚାହୁଁ ଚାହୁଁ ତା' ଆଖି ସାମନାରେ,
ଗୋଟେ ପରେ ଗୋଟେ, ସବୁ ପତ୍ର ଝଡିଗଲା ।
ତଥାପି, ସେ ତା' ଥୁଣ୍ଟା ପିଣ୍ଡରେ ପ୍ରାଣକୁ ଜାବୁଡି ଧରିଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୋଧେ, ବର୍ଷାର ଅପେକ୍ଷାରେ

ହେଲେ ପତ୍ରହୀନ ଶିଶୁ ବୃକ୍ଷକୁ କିଏ ପଚାରେ ?

ବର୍ଷା ଆସିଲା, ଚାଲିଗଲା, ଶୀତ ବି ଆସିଲା,

ଅଜଣା ବାଟୋଇ ପରି ଦେଖି ନ ଦେଖିଲା ।

ଆଜନ୍ମରୁ ଥିବା ଛତ୍ରଟି ଯେବେ ନଷ୍ଟ ହୋଇଗଲା

ଏ ଖରା, ବର୍ଷା, ଶୀତ ସବୁ ତା' ପାଇଁ ଅସହ୍ୟ ହେଲା ।

ସେଦିନ ସେ ଜଳ ସନ୍ଧାନରେ ଥିଲା,

ଅଜଣା ମରୁଭୂମିରେ ମରୀଚିକା ଖୋଜୁଥିଲା

ବସନ୍ତ ଅପେକ୍ଷାରେ ଅନେଇ ରହିଥିଲା

ବସନ୍ତ ଆସିଲେ, ଆଶାର ଫୁଲ ଫୁଟିବ,

ସ୍ୱପ୍ନର ଫଳ ଫଳିବ,

ଦୂର ଆକାଶରେ ହଜିଯାଇଥିବା ଖୁସି ସବୁ,

ହାତ ପାହାନ୍ତାକୁ ଆସିବ ।

ସ୍ୱପ୍ନରେ ପୁଣି ତା ସହର ତୋଳିବ ।

କିଣିଥିବା ଅଚିହ୍ନା ସମ୍ପର୍କକୁ ଦୂରେଇ ଦେଇ,

ବାଦଲରେ ଲୁଚିଥିବା ଦୁର୍ଲଭ ସାଥିଙ୍କୁ ଖୋଜିବ ।

ହଁ, ସେ ଦିନ ଆସିଲା, ସାଥେ ବସନ୍ତର ଲହରୀ ଆଣିଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫୁଲ ଫୁଟିଲା, ଫଳ ବି ଫଳିଲା,

ହେଲେ ସେ ଫୁଲରେ ମହକ ନ ଥିଲା

ଫଳ କେବେଠୁ ସ୍ୱାଦହୀନ ହୋଇସାରିଥିଲା ।

ଆଞ୍ଜୁଳିରେ ଆଞ୍ଜୁଳାଏ ଖୁସିକୁ ଧରି,

ଲକ୍ଷ୍ୟ ପ୍ରାପ୍ତି କରିବା ପୂର୍ବରୁ,

ତା' ଲକ୍ଷ୍ୟ ସ୍ଥଳର ଠିକଣାଟା ବଦଳିଯାଇଥିଲା ।

ଏବେ ସେ ଆଉ ପ୍ରାପ୍ତିର ଆଶା ରଖୁନି,

ଗନ୍ତବ୍ୟ ସ୍ଥଳର ରାସ୍ତା ବି ଖୋଜୁନି,

କେବଳ ଜୀବନର ଉଦ୍ଦେଶ୍ୟ ବୁଝିବାକୁ ଚେଷ୍ଟା କରୁଛି,

ଯାହା ସେ ଆଜି ଯାଏଁ ପାଉନି ।

କଳାରାହାଂଗ, ପଟିଆ, ଭୁବନେଶ୍ୱର

ମୋ: ୯୪୩୭୪୮୬୮୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂଘର୍ଷମୟ ଏଇତ ଜୀବନ



ଅଜୟ କୁମାର ବେହେରା

ମୁଠାଏ ଅନ୍ନ ପାଇବା ପାଇଁ କି
ଏଠି କିଏ କରେ କେତେ ସଂଘର୍ଷ
ସୁଖରେ ଟିକିଏ ରହିବା ପାଇଁ କି
ଏଠି କିଏ କରେ କେତେ ସଂଘର୍ଷ ।୧ ।

ଖଣ୍ଡିଏ ବସ୍ତ୍ର ପାଇବା ପାଇଁ କି
ଏଠି କିଏ କରେ କେତେ ସଂଘର୍ଷ
ମୁଣ୍ଡଟିକିଏ ଗୁଞ୍ଜିବା ପାଇଁ କି
ଏଠି କିଏ କରେ କେତେ ସଂଘର୍ଷ ।୨ ।

ମୁନ୍ଦାଏ ଜଳ ପାଇବା ପାଇଁ କି
ଏଠି କିଏ କରେ କେତେ ସଂଘର୍ଷ
ଜୀବନ ନା' ପାରି ହେବା ପାଇଁ କି
ଏଠି କିଏ କରେ କେତେ ସଂଘର୍ଷ ।୩ ।

ସଂଘର୍ଷମୟ ଏଇ ତ ଜୀବନ
ପ୍ରତି ମୁହୂର୍ତ୍ତରେ କରୁ ସଂଘର୍ଷ
ସୁଖେ ଦୁଃଖେ ଅବା ସବୁ ସ୍ଥିତିରେ
କରିବାକୁ ପଡେ ଏଠି ସଂଘର୍ଷ ।୪ ।

ମରିବା,ବଞ୍ଚିବା ସବୁ ସମାନ
ନ ମିଳିଲେ ଟିକେ ମାନ ସମ୍ମାନ
କି ଲାଭ ହୋଇବ କରି ସଂଘର୍ଷ
ଚଢି ନ ପାରିଲେ କିଛି ସୋପାନ ।୫ ।

ଅଜୟ କୁମାର ବେହେରା
ମୋରଡ଼ା,ମୟୂରଭଞ୍ଜ । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସହାୟତା



ସୁନିତା ବାରିକ

ଅସହାୟ ଗୋଟେ କ'ଣ ?

ଶବ୍ଦ ନା ଇଶ୍ୱର !

ନା ବେଳ ଅବେଳରେ

ମଣିଷ ମାନଙ୍କ ଦ୍ୱାରା ଉପେକ୍ଷିତ

ହେଉଥିବା କିଛି ନିରୁଦ୍ଧିଷ୍ଟ ସ୍ୱର ।

ଯଦି ଜାଣିବାର ଅଛି

ବିଷଦ ଭାବରେ ତାହାଲେ

ପଚାର ଯାଇ ସେ କଅଁଳ କୁମାରୀ କନ୍ୟାକୁ

ଯିଏ ଜୀବନ ଅବା ଯୌବନ ବାବଦରେ

କିଛି ବୁଝିବା ଆଗରୁ ହରେଇ ଦିଏ

ତାର ସର୍ବସ୍ୱ ତା କୋମଳମତି ବୟସରେ

ତାହାଲେ ସେଇଟା କଣ ତାର ଅସହାୟତା !

ନା ସେ କାମାନ୍ଧ ପୁରୁଷର ବର୍ବର ମାନସିକତା

ଯଦି ସେତିକିରେ ଅସନ୍ତୁଷ୍ଟ

ତେବେ ଯାଇ ଦେଖ ଅକାଳରେ ବିଧବତ୍ୱ

ଭୋଗୁଥିବା ସେହି ଦୁଃଖିନୀ ନାରୀକୁ

ଯେଉଁଠି ତାକୁ ସହ୍ୟ କରିବାକୁ ସମାଜର

ଲାଞ୍ଛନା କୁତ୍ସାରଟନା

ଆଉ ଛଡେଇ ନିଜ ଦାଣ୍ଡରେ ମୁଣ୍ଡ ଟେକି

ବାଟ ଚାଲିବାର ସମସ୍ତ ଅଧିକାର

ତେବେ ତାହା କ'ଣ ତାର ଅସହାୟତା ନା

ଆଜି ବି ଆମ ସମାଜରେ ଭରି ରହିଛି

ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ମାନସିକତା

ତଥାପି ଯଦି ଅସହାୟତାକୁ ଭେଟିବାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇଚ୍ଛା ଅଛି ଆହୁରି ନିକଟରୁ
ତେବେ କେବେ ଥରେ କିଛି ସମୟ ବାହାର
କରି ଦେଖିଆସ ଜରାନିବାସ ଅବା ବୃଦ୍ଧାଶ୍ରମ
ଆଡେ
ଜୀବନର ଶେଷ ବିନ୍ଦୁ ରକ୍ତଥିବା ଯାଏଁ
ସାରା ଜୀବନର ଜମା ପୁଞ୍ଜିକୁ ପିଲାମାନଙ୍କ
ପାଇଁ ସାରିଦେଲା ପରେ ବି
ଯେବେ ପିଲାଙ୍କର ଆଶ୍ରୟ ଲୋଡା
ସେତେବେଳେ
ସେମାନେ ଆଶ୍ରୟହୀନ ହୋଇ ନିଜ ପରିବାର
ବଦଳରେ ଅନ୍ୟ ମାନଙ୍କ ସହ ବାଣ୍ଟିବାକୁ
ପଡେ ତାଙ୍କର ବାକି ଜୀବନ

ତାହାଲେ ସେଇଟା କଣ ତାଙ୍କର ଅସହାୟତା
ନାଁ ପିଲାମାନଙ୍କର ଅଯୋଗ୍ୟପଣର
ଏକ ନିଷ୍ଠୁର ବିଡ଼ମ୍ବନା
ସେଥିପାଇଁ କହୁଛି ଏ ଅସହାୟତାର
ମୋହରୁ ମୁକୁଳି ଜୀବନର ବାସ୍ତବତାକୁ
ସାମ୍ନା କରିବା ଶିଖ
ନଚେତ୍ ସ୍ୱାର୍ଥଲୋଭୀମାନେ
ଅସହାୟତାର ବେଡିରେ
ବାନ୍ଧି ରଖିଥିବେ ଚିରକାଳ...........

ସୁନିତା ବାରିକ
ଦକ୍ଷିଣ କାଳୀ ରୋଡ଼,ଢେଙ୍କାନାଳ
୭୫୯୦୦୧
sunisony1987@gmail.com

Magazine Downloaded from www.aahwaan.com

# ପ୍ରକୃତିରାଣୀ



ସୁମିତ୍ରା ପୃଷ୍ଟି

ଅପରୂପ ସୌନ୍ଦର୍ଯ୍ୟ ବହି
ପ୍ରକୃତିରାଣୀ ସେ କୋଟି ଲାବଣ୍ୟମୟୀ
ଅପୂର୍ବ ଆହ୍ଲାଦ ଦାୟିନୀ
ମାତୃରୂପା ଶକ୍ତିମୟୀ ।
ନୀଳବସ୍ତ୍ର ପରିଧାନେ
ଦିଶେ ସେ ସୁନ୍ଦର
କୃପାମୟୀ କୋଳେତାର
ଅଶେଷ ମମତାର ଭଣ୍ଡାର ।
ଲକ୍ଷ ଲକ୍ଷ ପ୍ରାଣୀଙ୍କୁ ସେ ବକ୍ଷେଧରି
ଗୀତଗାଇ ଗୁଣୁ ଗୁଣୁ
ଶୁଆଏ ତା କୋଳେ
ଢାଳିଦେଇ କୃପାତାର ଏ ମର୍ତ୍ତ୍ୟମଣ୍ଡଳେ ।
ଶାନ୍ତସ୍ନିଗ୍ଧ ବାସ୍ନା ତାର ପ୍ରଫୁଲ୍ଲିତ କରେମନ
ଚତୁର୍ଦ୍ଦିଗ ମହକିତ କରେ ତା ସୁମନ
ପବନ ତା ଦେହେ ଛୁଇଁ ଛୁଇଁ ବହେ
ପୁଲକିତ କରେ ଜୀବନ ।

ସବୁଜିମା ତାର କେତେ ମନୋହର
ତା ଅପୂର୍ବ କମନୀୟ କାନ୍ତି ଦେଖି ନର
ଯେତେ ଦୁଃଖକଷ୍ଟ ତାର
ସବୁ ହୋଇଯାଏ ଦୂର ।
ଯୁଗେ ଯୁଗେ ପ୍ରକୃତିରାଣୀ
ଥାଉ ଶୋଭାମଣ୍ଡିତ
ତାର ଶୁଭ ଆଶୀର୍ବାଦ
ପାଉଥାଉ ଏ ସାରା ଜଗତ ।

ସୁମିତ୍ରା ପୃଷ୍ଟି,ପ୍ରାକଗବେଷିକା
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

sumitraprusty09@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ଆର୍ଯ୍ୟରଶ୍ମୀ ଦଳେଇ

ସ୍ୱପ୍ନ ଦେଖିବାଟା ମନା ନୁହେଁ ଭାଇ ଏଠି
ସବୁବେଳେ ସ୍ୱପ୍ନ ଦେଖୁଥାଅ ।
ସତପରି ସ୍ୱପ୍ନତୁମ ହସଖୁସିରେ ଦିନ
କାଟୁଥାଅ ଭାଇ ।
ହସଖୁସିରେ ଦିନ କାଟୁଥାଅ ।
କିଛିସ୍ୱପ୍ନ ସତ ହୁଏ କିଛି ରହିଯାଏ ବାକି
କେହିନଜାଣିଲେ ବି ତୁମ କଥା ଏଠି
ଜଣେ ସେ ଉପରବାଲା ରହିଛି ସାକ୍ଷୀ ।
ସ୍ୱପ୍ନକୁ ବାସ୍ତବରୂପ ଦେବା ଲାଗି
କରିଥିଲି ଯେ ମୁଁ କେତେ ଚେଷ୍ଟା ।
ତୁମ ପରି ସତ ହୋଇନାହିଁ ସ୍ୱପ୍ନ ଯେ ମୋହରି
ରହିଅଛି ହୋଇ ଅଧା ।
ସ୍ୱପ୍ନରେ ସ୍ୱପ୍ନରେ ରାତି କଟିଯାଏ
ଜାଣିତ ନପାରେ ମୁଁ ଜମା ।
ସତେକି ମୋ ସ୍ୱପ୍ନ ପୂରଣ ହୋଇବ
ଭଗବାନ ତୁମ ହାତେ ଦେଲି ଜିମା ।
ସତ ହୋଇନାହିଁ ସ୍ୱପ୍ନ ଯେ ମୋହର
କଷ୍ଟ ହୁଏ ମୋତେ କିପରି ।
ପ୍ରଭୁ ମୋ ପରି ସ୍ୱପ୍ନ କାହାମନେ କେବେ ଯେ
ନଆସୁ ଏପରି ।

ଗବେଷକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।
aryarashmidalai60@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟବିନା ଶ୍ରାବଣ



ସଂଯୁକ୍ତା ମହାପାତ୍ର

ଶ୍ରାବଣର ଏଇ ବରଷା ରାତିରେ
ତୁମ କଥା ଭାବିବାକୁ
ଭାରି ଭଲ ଲାଗେ ।
ଏକା ଏକା ରାତା ଲାଗେ
ଦିନ ଲାଗେ ବରଷ ସମାନ,
ଏକୁଟିଆ ଡର ଡର ଲାଗେ ।
ସାଥୀ ତୁମେ କେତେ ଦୂରେ
ତୁମ ବିନା ଦୁନିଆଟା ଖାଲି ଖାଲି ଲାଗେ
ଥରଟିଏ ଦେଖିବାକୁ ମନେ ଆଶା ଯାଗେ ।

ବରଷାର ବୁନ୍ଦା ଝିରିଝିରି ଝରଇ
ମନ ମୋର ବାହୁନି କାନ୍ଦଇ,
ବିଜୁଳିର ଚମକରେ,
ଘଡ ଘଡି ଶବଦରେ,
ହୃଦୟର ସ୍ପନ୍ଦନ
ସତେ ଅବା ଅଟକି ଯାଏ,
କେଉଁ ଏକ ଅଜଣା ଭୟରେ ।
ଥରି ଉଠେ ଦେହ,
ଥରି ଉଠ ମନ ମୋର,
ଶ୍ରାବଣର ଶିତଳ ପବନେ
ଥରି ଯାଏ ପ୍ରତି ଲୋମ ମୂଳ
ମନ ଖାଲି ଖୋଜୁଥାଏ
ଉଷୁମ ତୁମର ବାହୁର ବନ୍ଧନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମକୁ ଝୁରୁଛି ଶ୍ରାବଣ

ଆଉ ମୋର ତୃଷାତୁର ମନ,

ଆସି ଯାଅ ପ୍ରିୟତମ

ତୁମକୁ ଝୁରୁଛି ଏଠି

ତୁମ ପଥ ଚାହିଁ ରହିଛି ମୁଁ,

ତୁମ ବିନା ସରେନା ମୋ ରାତି,

ସରେନା ମୋ ଦିନ ।

ପଟିଆ, ଭୁବନେଶ୍ୱର, ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାସ୍ତବ ସ୍ୱପ୍ନ



ପ୍ରବୀଣ କୁମାର ଖାଡ଼ଙ୍ଗା

ଯେବେ ଲଙ୍ଘିଯିବି ସେଇ ସ୍ୱପ୍ନ ଦୁନିଆକୁ
ଅବାସ୍ତବ ପ୍ରହେଳିକା ବାସ୍ତବକୁ ଛାଡ଼ି
ହଜିଯିବି ବୋଧେ ସେ ସ୍ୱପ୍ନପୁରି ସହରେ
ପାଇବାକୁ ସେ ଭାନୁମତୀ ପେଢି ।
ଏକ ଅଜଣା ଉନ୍ମାଦନାରେ ମନଟା ଭାରି
ହେବ ଯେବେ ବିଚଳିତ
ସ୍ୱପ୍ନ ରାଇଜରୁ ବାସ୍ତବ ଦୁନିଆ ପ୍ରତି ଏକ
ଗଢିଦେବି ଅଜଣା ଏକ ବାଟ ।

ତୋଳିବି ସପନେ ଅମୁହାଁ ଦେଉଳ
ପୂଜିବି ଅଦୃଶ୍ୟ ଭାବନା ମନକୁ
ଇଚ୍ଛା ଅଭିଳାଷ ଅପରିଚିତା ପୂର୍ଣ୍ଣ
ବାସ୍ତବତାରେ ପୂରଣ କରିବାକୁ ।
ଯଦି ନିଦ ଭାଙ୍ଗେ ଫେରିଆସେ ଦିନେ
ବାସ୍ତବ ଦୁନିଆ ପାଖକୁ
କୁହୁଡ଼ି ପହଁରା ସମ୍ପର୍କରେ କିଛି ସ୍ମୃତି
ବାସ୍ତବ ସ୍ୱପ୍ନେ ସାଇତି ରଖିବାକୁ ।

ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ବେଗୁନିଆପଡ଼ା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁରୁଣା ପ୍ରଶ୍ନ



ଲିପ୍ସା ଆଚାର୍ଯ୍ୟ

କେତେ ମନା କଲାପରେ ବି
ସେ ପୁରୁଣା ପ୍ରଶ୍ନ କୁ ପଚାରୁଛ,
ଉତ୍ତର ଜାଣିବା ପାଇଁ ଏତେ ଆଗ୍ରହ
କାହିଁକି ? ?
ମୋ କଳଙ୍କ ଲଗା ଅତୀତର
କ୍ଷତାକ୍ତ କୁ ବାରମ୍ବାର ସବୁଜ କରୁଛ....
କ'ଣ ଟିକିଏ ବଞ୍ଚିବାକୁ ଦବନି !!
ବୁଝାଇ ବୁଝାଇ ଥକି ଗଲିନି ...
ମୋ ଆତ୍ମ ଚିତ୍କାର ଧ୍ୱନିକୁ
ତମେ ଶୁଣିପାରୁ ନ, ତେଣୁ ତ ପଚାର ।
ତୁମ ଆତ୍ମୀୟ ବୋଲି ସମାଜରେ ପ୍ରଚାର କର,
କେମିତି କା ତମ ଅନ୍ତରର ମୁଖା
ଠିକ୍ ରେ ଜାଣିପାରେ ମୁଁ ।
ନିରବ ମୁହଁ ରେ ଶବ୍ଦ ନ ଥାଏ ।
ଆଖି କଥା କୁହେ ବୋଲି ଶୁଣିଛି
ତାହାହେଲେ ବୁଝିବା କଷ୍ଟକର କେମିତି ତମ
ପାଇଁ...
ଯଦି,
ମୋ ଆଖିର ପରିଭାଷାକୁ ପଢିବାରେ
ଅସୁବିଧା ହଉଛି
ଚୁପ୍ ରହିଯାଅ, ମୁଁ ତ କହୁନି
ମୋ ଅତୀତର ପୃଷ୍ଠା କୁ ଓଲଟାଅ ....
ହେ !! ମୋ ମନର ଆତ୍ମୀୟ
ଆଜି ଗୋଟିଏ ଅନୁରୋଧ କରୁଛି
ପଚାରିବ ନାହିଁ ମୋତେ
ମୋ କଳଙ୍କ ଲଗା ଅତୀତ ବିଷୟ ।
ଏପରି କରିବ ନା ....

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରୀକ୍ଷା



ସତ୍ୟସୁନ୍ଦର ପରିଡ଼ା

ପରୀକ୍ଷା....

ପିଲାଦିନେ ଭୀତିସୃଷ୍ଟି କରୁଥିଲା

ହୃତ୍ ସ୍ପନ୍ଦନକୁ ଦ୍ରୁତ କରୁଥିଲା

କୁନି କୁନି ହାତ, ଅଙ୍କାବଙ୍କା ଲେଖା

ଅନାବନା ଭାବନାରେ

ଆଶା ଆଶଙ୍କାରେ

ଠିକ୍ ଠାକ୍ ଲେଖି ପାରିବିତ

ଚର୍ବିତ ଚର୍ବଣ ବିଷୟ ଗୁଡିକୁ ।।

ପରୀକ୍ଷା....

କେତେ ମଜାଦାର

ଯେବେ ସଫଳତା ଛୁଏଁ

ବାପାଙ୍କର ସ୍ନେହ ଆଉ ମା'ର ଆକଟ

ଆଗକୁ ପଥ ଅନେକ ବାକି

ସାଙ୍ଗମାନଙ୍କର ଥଟ୍ଟା ମଜା

ଏଥର ବାଜି ମାରିନେଲୁ...

ପୁଲକିତ ମନ, ଅଦମ୍ୟ ଉତ୍ସାହ

ହାତମୁଠାରେ ସ୍ୱପ୍ନଙ୍କୁ ଧରିବାର ଇଚ୍ଛା

ସୃଷ୍ଟିକରେ ଅନାଗତ ଭବିଷ୍ୟତର

ଏକ ସ୍ୱପ୍ନିଳ ଛବି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରୀକ୍ଷା....

ଜୀବନର ମାପକାଠି ପାଲଟିଛି
ଯେବେ ମୁଁ ନିଜକୁ ସମୀକ୍ଷା କରିଛି
ସଫଳତା ବିଫଳତାକୁ ସାଉଁଟୁ ସାଉଁଟୁ
ମାର୍ଜିତ କରିବାକୁ ଚେଷ୍ଟା କରି
ଘଷାପଥରରେ ଶାଣିତ କରି
ଅନ୍ତରାତ୍ମାକୁ, ବିବେକ ଓ ଜ୍ଞାନକୁ
କଣ ପାଇବାର ଥିଲା
ଆଉ କଣ ପାଇଛି ।।

ପରୀକ୍ଷା.....

ଅବିରତ ଚାଲିଛି
ପ୍ରତିମୂହୂର୍ତ୍ତରେ ଭିନ୍ନ ଭିନ୍ନ ରୂପରେ
ବିନା ସ୍ୟାହି ଓ କଲମରେ
ବିନା ପ୍ରଶ୍ନରେ ବିନା ପ୍ରତିଯୋଗିତାରେ
ସମୀକଷ ଓ ସମାଲୋଚକଙ୍କ
ତୀକ୍ଷ୍ଣ ଖଣ୍ଡାଧାରରେ ...
ସଫଳତା ବିଫଳତା ଜୀବନଯାତ୍ରାର
ଗୋଟିଏ ଗୋଟିଏ ପାହଚ...
ପଛକୁ ଫେରିଚାହିଁଲେ..
ଦିଶେ କେବଳ ମାଇଲ୍ ଖୁଣ୍ଟସବୁ
ଇଙ୍ଗିତ କରି ସୂଚାଇଦିଅନ୍ତି
ଜୀବନର ନିଷ୍ଠୁର ବାସ୍ତବତା ...
ସମ୍ପର୍କର ଜଟିଳ ଗଣିତ...
ଆତ୍ମବିଶ୍ୱାସ, ଆତ୍ମପ୍ରତ୍ୟୟର ପରାକାଷ୍ଠା ...
ବନ୍ଧୁତ୍ୱ ଆଉ ପ୍ରେମର ପାରିଶୁଦ୍ଧ ସ୍ପର୍ଶ...
ଏଇତ ଜୀବନ...
ପରୀକ୍ଷା ଆଉ ପରୀକ୍ଷାର...
ପରୀକ୍ଷା ଆଉ ପରୀକ୍ଷାର... ।।

ସତ୍ୟସୁନ୍ଦର ପରିଡ଼ା
ଶିକ୍ଷକ, ନିଶାକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ନରସିଂହପୁର, ବନ୍ତ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେଳଥାଉ ହୁଅ ସାବଧାନ



ନରେନ୍ଦ୍ର ପ୍ରସାଦ
ବେହେରା

ଯୌତୁକ ଜୁଇରେ ଜୀବନ ଯାଉଛି
ପାରୁନାହିଁ କେହି ରୋକି
ବଧୂହତ୍ୟା ଠାରୁ ନାରୀ ନିର୍ଯ୍ୟାତନା
ଦୈନିକ ଚାଲେ ବଢିକି ।

କେତେକେତେ ନାରୀ ଆଜିର ସମାଜେ
ଅକାଳେ ପଡନ୍ତି ଝଡି
ନଦେଲେ ଯୌତୁକ ହେବନି ବିବାହ
ନେଲାବାଲା ଛାଡେ ରଡି ।

କନ୍ୟା ପିତାମାତା କରୁଥାନ୍ତି ଚିନ୍ତା
କେମିତି କରିବେ ବାହା
ସମାଜେ ଘୋଟିଛି ବ୍ୟାଧି ଯୌତୁକର
ହୋଇବ କିଏ ସେ ସାହା ।

ଝିଅ ଜନ୍ମହେଲା ଦୁଃଖ ବଢିଗଲା
କରିଲା ଚିନ୍ତା ଦୈନିକ
ସୁଖ ଦୁଃଖର ତ ସଂସାର ଡୁବିଲା
ଦେଖିବ ଜଗତେ ଲୋକ ।

ଦାବି ମୁତାବକ ନଦେଲେ ଯୌତୁକ
ଝିଅର ଜୀବନ ଦୁଃଖ
କେତେବେଳେ ତାକୁ ମାରି ଫିଙ୍ଗିଦେଵେ
ପାଇବା ଆଗରୁ ସୁଖ ।

ଶାଶୁ ଶଶୁରଙ୍କୁ ଯେତେ ସେବାକଲେସୁ
ନ ବୁଝେ ମନ ତାଙ୍କର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁବେଳେ ଥାଏ ସେମାନଙ୍କ ମନ
ବେଶି ଯୌତୁକ ଆଶାର ।

ନାରୀ କେତେଜଣ ମୁଖିଆ ସାଜିଲେଣି
ପୁରୁଷ ଭାବୁଛି ବେକାର
ଭାରିଜା ଭାବୁନି ସ୍ୱାମୀ ମୋ ଠାକୁର
କାହାକୁ ନାହିଁ ତାର ଡର ।

ବିଚରା ଅଭାବି କନ୍ୟା ପିତାମାତା
କର୍ମକୁ ଆଦରି କାନ୍ଦେ
ଭାବି ନ ଥିବ ସେ ଏମିତି ଘଟିବ
ଜୀବନକୁ ବସି ନିନ୍ଦେ ।

ସେଇଥି ପାଇଁ ତ ବଧୂହତ୍ୟା ବଢେ
କେବଳ ମୁଖିଆଙ୍କ ପାଇଁ
ପୁରୁଷ କାତୁଆ ଦିନ ଗଣୁଥାଏ
ଯାହା କରିବେ ଗୋସାଇଁ ।

ଯୌତୁକ ଜନିତ ନାରୀ ନିର୍ଯ୍ୟାତନା
ହୋଇଛି ଠିଆ ସମାଜେ
ଲୋଭକର ନାହିଁ ଯୌତୁକକୁ ଆଉ
ଲୋଭିଙ୍କୁ ପୋଲିସ ଖୋଜେ ।

ବଧୂ ହତ୍ୟାକାରୀ ହୁଅ ସାବଧାନ
ଦିଅ ନାହିଁ ନିର୍ଯ୍ୟାତନା
ତୁମେ ପରା ଦିନେ ଥିଲ କାହା ଝିଅ
ସେକଥା ଭୁଲି ଯାଅନା ।

ହୁଅ ସାବଧାନ ଧନ ଲୋଭି ଜନ
ନାହିଁ ନିସ୍ତାର ତୁମକୁ
ଅନ୍ୟାୟରେ ତୁମେ କେତେ ଜୀବ ନେଲ
ଦୟା ଲାଗୁନି ତୁମକୁ ।

ଆଳଦା, ଖଇରା, ବାଲେଶ୍ୱର
ମୋ--୯୮୫୩୧୯୨୫୧୦*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୂନ୍ୟତାରୁ ପୂର୍ଣ୍ଣତା



ଲକ୍ଷ୍ମୀକାନ୍ତ ମାଝୀ

ମନ ଭିତରେ କାହିଁ କି ଆଜି ଶୂନ୍ୟତା
ବୋଧେ କୋଉଠି ଗୋଟେ ରହିଗଲା କି ଭୁଲ ?
କେବେ ଆସିବ ପୁଣି ପୂର୍ଣ୍ଣତା

ମନୋମୟ ବାସ୍ତବତା ଭିତରେ
ଅନ୍ଧାର କୋଠି କୋଣ ଭିତରେ
ମଳିନ ପଡି ତାର ଚକମକ ସୁନ୍ଦରତା ଆଉ କାହିଁ ରେ ?

ସତେ କିସେ ଅଛପା,ଅଜଣା,ରହିବ
ଆସିବ କେବେ ଦିବ୍ୟ ମୁହୂର୍ତ୍ତ
କହିନୁର ହୀରା ପରି ଯାଜଲ୍ୟମାନ ହୋଇବ

ଅପେକ୍ଷା ଯଦି ଆରମ୍ଭ ହୋଇଛି
ଦିନେ ଶେଷ ହେବ ନିଶ୍ଚୟ
କିନ୍ତୁ ଲୋତକ ପୂର୍ଣ୍ଣ ହୋଇଯାଉଛି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାସ୍ତବତା କଣ, ସତ୍ୟ କଣ
ଖୋଜି ଖୋଜି ଥକି ଯାଉଛି
ଯେତେ ମୁଁ ପରଖି ଚାଲିଛି .....
ଭାବୁଛି କାରଣ କଣ ?

ମୁଁ ଯାହା ତାହା ହୋଇ ଉଠି ବାକୁ ଚାହୁଁଛି
କିନ୍ତୁ, କୋଉଠି ଗୋଟେ ଭୁଲ ଭଟକା ରହିଯାଉଛି
ଭୁଲ,ଠିକ ରେ ଦିନ ଅପସାରି ଚାଲିଛି

ଅନ୍ଧାର କାଳିମା ଘୋର ରାତିରେ
ବ୍ୟସ୍ତତା ସମୁଦ୍ର କୂଳ ମାଡ଼ିଆସୁଛି
ବାଲି ଅଧା ପିଇ, ପାଶାଣ ତ ପୁଣି ବହୁତ ଦୂର ରେ.......

କେବେ ପାଇବ ଜୀବନ
ହୋଇ ଉଠିବ ପୂର୍ଣ୍ଣ  ସମ୍ପୂର୍ଣ୍ଣ
ନଥିବ ଦୁଃଖ,କଷ୍ଟ ଆଉ ଯନ୍ତ୍ରଣା ର କଷଣ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଶା ବାନ୍ଧିଥାଏ ବସା



ନବକୁମାର ଦାସ

ମୋର ମୋର କହି     ହୃଦ ତଳୁ ସେହି
ଆଶା ଅଙ୍କୁରିତ ହୁଏ
ଭରସା ମାଟିରେ     ସପନ ଗଛରେ
ବସାଟିଏ ବାନ୍ଧି ଥାଏ....

ଲୋଭ ମୋହ ଯେତେ     କାଠି କୁଟା ସେତେ
ବସାରେ ଜଡିତ ହେଇ
ପାଇବା ପଣରେ     ବିକଳ ମନରେ
ବସାର ଶୋଭା ବଢ଼ାଇ.....

ଆଶା ପରେ ଆଶା     ବାନ୍ଧିଣ ସହସା
ଇଚ୍ଛା ସଂଚାରିତ ହୁଏ
ଇଚ୍ଛା ସବୁ ଯେତେ     ଅପୂର୍ଣ୍ଣତା   ଗତେ
ବିବେକକୁ ମାରିଦିଏ.....

ତେବେ ସିନା ଜାଣ     କାହିଁ କେତେ କଣ
ମରୀଚିକା ଛାଇ ଦିଶେ
କ୍ଷଣ ପ୍ରତି କ୍ଷଣେ     ବିପତ୍ତି ର ଗୁଣେ
ଆଶା ବସା ଭାଙ୍ଗି ବସେ.....

ବସା ଭାଙ୍ଗି ଗଲେ     ଜୀବନ ମହଲେ
ହୃଦୟରୁ ରକ୍ତ ଝରେ
ବିଚରା ମଣିଷ     ହରାଇ ସାହସ
ଟଳି ପଡେ ମହି ପରେ...

*ନବ କୁମାର ଦାସ*
*ବାଲିଆପାଳ, ବାଲେଶ୍ୱର*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବହି



ପ୍ରୀତିରେଖା ପରିଡ଼ା

ବହିଟି ମୋହର ଅତି ଆପଣାର
ପରମ ବନ୍ଧୁଟି  ସେହି ।
ନିତି ନିତି ମୋତେ କେତେ ଯେ
ଶିଖାଏ
ଆପଣାର ଭାବ ବହି  ।
ତା ପୃଷ୍ଠାକୁ ଥରେ ଆଡ଼େଇ ମୁଁ
ଦେଲେ
ପଡ଼େ ଯେଉଁଠି ନଜର ।
ମୋ ପାଇଁ କି ସିଏ ଆଶୀର୍ବାଦ
ତୁଲ୍ୟ
ତାହା ଜ୍ଞାନର ଭଣ୍ଡାର ।
ଯେତେବେଳେ ମୁଁହିଁ ତା ଲେଖା
ପଢଇ
ସୁଜ୍ଞାନ କିଛି ମିଳାଇ ।
କ୍ରମେ କ୍ରମେ ଏହି ଲେଖାକୁ
ପଢ଼ିଣ
ମଣିଷ ଜ୍ଞାନୀ ହୁଅଇ ।
ଅନ୍ତରର ବନ୍ଧୁ ତୁମେ ପରା
ମୋର
ହେ ଚିର ନିରବ ବନ୍ଧୁ ।
ତୁମରି ସାନିଧ୍ୟ ମୋ ପାଇଁ
ଅମୃତ
ଲେଖା ତ ପିୟୁଷ ବିନ୍ଦୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁହ ଢାଳୁଥାନ୍ତି ନିତି



ପ୍ରଶାନ୍ତ କୁମାର ମିଶ୍ର

କରୁଥିଲା ଖେଳ ସେ ନନ୍ଦର ବାଳ
ଗୋପାଳ ଟୋକାଙ୍କ ମେଳେ ,
ଛାଡି ଗୋପପୁର ଗଲା ମଧୁପୁର
ପକେଇ ଦୁଃଖର କୋଳେ ।।
ଦିନପରେ ଦିନ ଚଳେ ,
ସୁଦାମ ସୁବଳ ଯେତେ ବ୍ରଜ ବାଳ
ଚାହାଁନ୍ତି ଖାଲି ବିକଳେ ।।

ଝୁରୁଛି ଯମୁନା ଝୁରୁଛି କଦମ୍ବ
ନିତି ଝୁରେ କୁଞ୍ଜବନ ,
ଝୁରେ ବ୍ରଜ ଧୂଳି ଝୁରେ ରାସ କେଳି
ଝୁରୁଥାନ୍ତି ତରୁ ତୃଣ ।।
ଶୁଭେ ହଁମା ହଁମା ପୁଣ ,
ଝରାଇ ଲୋତକ କାନ୍ଦନ୍ତି ଯେତକ
ଗୋପ ଧେନୁ ବତ୍ସା ଗଣ ।।

ଲଳିତା ବିଶାଖା ଖୋଜୁଥାନ୍ତି ସଖା
ବିଳପେ ମୀରା ବାୟାଣୀ ,
ଆଖିରୁ ଶୁଖୁନି ଲୁହର ଶ୍ରାବଣୀ
ତୁଣ୍ଡରେ ଦଉନି ପାଣି ।।
ଚନ୍ଦ୍ରଶେନାର ଘରଣୀ ,
ନିରବ ନିଶ୍ଚଳ ନିର୍ବିକାର ପ୍ରାୟ
ପଡିଛନ୍ତି ରାଧାରାଣୀ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାହୁନି କାନ୍ଦନ୍ତି ମାତା ଯଶୋମତି

ବଖାଣି କାହ୍ନୁ କିରତି ,

ସଞ୍ଜ ସକାଳରେ ଦେଖିଥାନ୍ତି ଧୀରେ

ଫେରିବକି ତାଙ୍କ କତି  । ।

ଗୋପାଳଙ୍କ ନରପତି ,

ଲୁଚେଇ ଲୁଚେଇ ନୟନ ଭିଜେଇ

ଲୁହ ଢାଳୁଥାନ୍ତି ନିତି  । ।

ପ୍ରଶାନ୍ତ କୁମାର ମିଶ୍ର ( କୁନୁ )

ତାଳବସ୍ତ,ବାଙ୍କି,କଟକ

ମୋ.୭୦୦୮୨୧୪୩୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ହୃଦୟଟି



ଇପ୍ସିତାରାଣୀ ସାହୁ

ଏଇ ହୃଦୟଟି .......

ଅକୁହା ବେଦନା ତଳେ
ଛପି ଯାଇଥିଲା ,
ଅତଳ ଦୁଃଖ ସାଗରେ
ବୁଡି ରହିଥିଲା ,
ଅତୃପ୍ତ ହୋଇ ବି ସେ
ତୃପ୍ତ ମଣୁଥିଲା ,
ଅକଳିତ ଇଚ୍ଛା ମଧ୍ୟେ
ସାଙ୍କୁଡି ଯେ ଥିଲା ,
ଅଦମ୍ୟ ଅଭିଳାଷର
ଆକାଂକ୍ଷା ବି ଥିଲା ,

ଅସରନ୍ତି ତୃଷ୍ଣା ମଧ୍ୟେ
ତୃଷିତ ନ ହୋଇ ,
ଅଫୁରନ୍ତ ବାରିଧାରେ
ତୋଷ ଲଭୁଥିଲା ।
ଅଶ୍ରୁଠାରୁ ଅଶ୍ରଧାରା
ସ୍ରାବ କରିଦେଇ ,
ଅପ୍ରତ୍ୟକ୍ଷ ଭାବଧାରେ ,
କୃଷ୍ଣ ପ୍ରେମ ପ୍ରତୀକ୍ଷାରେ ,
ଅବଲୀଳା ପ୍ରଚେଷ୍ଟାରେ ,
ଅପ୍ରାକୃତ ପ୍ରେମ ମଧ୍ୟେ
ଲୀନ ହେଉଥିଲା ।

ଗ୍ରା/ ପୋ - ବିଜେପୁର
ଜିଲ୍ଲା- ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଣିଷର ଏଇ ମନ



ନିହାର ରଞ୍ଜନ

ଚେଷ୍ଟା ତ କରିଛି ଅନେକ
ଭୁଲିବାକୁ...
ତୁମ ସାଥେ ସବୁ ହଜିଲା ଦିନ,
କେଜାଣି କାହିଁକି ଭୁଲିବା ଭିତରେ
ପୁଣି ଗଢ଼ିଚାଲେ ହଜାରେ ସ୍ୱପ୍ନ ।

ହଁ... ଚେଷ୍ଟା ତ କରିଛି ଅନେକ
ଚିରିବାକୁ...
ଡାଏରୀର ସେଇ ପ୍ରତିଟି ପୃଷ୍ଠା,
କେଜାଣି କାହିଁକି ପୁଣି ପଢ଼ିଚାଲେ
ଲେଖିବସେ ଏକ ନୂତନ ପୃଷ୍ଠା ।

ହଁ... ଚେଷ୍ଟା ତ କରିଛି ଅନେକ
ଆଙ୍କିବାକୁ...
ଏ ମନେ ଆଉ କାହା ପ୍ରତିଛବି,
କେଜାଣି କାହିଁକି ଅଜାଣତରେ ବି
ଆଙ୍କି ଚାଲେ ତୁମ ଅଳସୀ ଛବି ।

ହଁ... ଚେଷ୍ଟା ବି କରିଛି ଅନେକ
ଜୀଇଁବାକୁ...
ତୁମ ବିନା ଆଉଗୋଟେ ଦିନ,
କେଜାଣି କାହିଁକି ତୁମ ଉପସ୍ଥିତି
ଅଜାଣତେ କିଆଁ ଖୋଜେ ଏ ମନ !

କଟକ, ଓଡ଼ିଶା, ୯୯୩୭୫୦୪୫୬୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁଥାଇ ସିଏ ମାଗୁଛି ଭିକ



ଶିଶିର କୁମାର ପଣ୍ଡା

ଭିକ ମାଗୁଥିବା ବୁଢ଼ୀଟିକୁ ଦିନେ
ପଚାରି ଦେଲି ମୁଁ ଡାକିକି
କାହିଁକି ମାଉସୀ ବୁଲୁଚୁ ଏମିତି
ଭଲ ଦିଶୁନି ତୋ ଆଖିକି ?
ସାରା ମାସଟାରେ ଗୋଟିଏ ଦିନ ତୁ
ଭିକ ମାଗିବାକୁ ଆସୁଚୁ
ଆଉ ସବୁଦିନ କୁଆଡ଼େ କହିଲୁ
ଖିରୀ ପୁରୀରେ ତୁ ଭାସୁଚୁ ?
କାନ୍ଦ କାନ୍ଦ ହୋଇ ବୁଢ଼ୀଟା କହିଲା
ଦୁଇଟା ପୁଅ ମୋ ବାବୁରେ
କେହି ମୋ ନାହାଁନ୍ତି ଏଇ ବୟସରେ
କାହିଁକି ଏମିତି ଭାବୁରେ ?

ଜଣେ ଡାକତର ଭୁବନେଶ୍ୱରରେ
ଇଞ୍ଜିନିୟର ବି ଆରଟା
ବାଣ୍ଟି ନେଇଛନ୍ତି ଶ୍ରଦ୍ଧାରେ ସେମାନେ
ପନ୍ଦର ଦିନ ମୋ ଭାରଟା ।
ଏକତିରିଶିଆ ମାସଟା ଆସିଲେ
ସେଇଠି ହେଉଚି ଝଗଡ଼ା
ଅଧିକ କିଏସେ ଗୋଟେଦିନ ରଖି
ଖାଇବାକୁ ଦେବ ବଗଡ଼ା ?
ସେଇଥିପାଇଁକି ଗୋଟିଏ ଦିନ ମୁଁ
ଭିକ ମାଗିଖାଏ ବୁଲିକି
ଚାକିରୀଆ ପୁଅ ଦୁଇଟା ଅଛନ୍ତି,
ଏଇ କଥାଟିକୁ ଭୁଲିକି ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ-୮୯୮୧୭୩୭୨୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱୀକାରୋକ୍ତି



କାର୍ତ୍ତିକ ପାଣିଗ୍ରାହୀ

ମରି ଯାଇଥିବା ଏକ ମନର ତୁମେ
ମାନସୀ କି ନା ଜାଣେନା
କିନ୍ତୁ ହଁ, ବିଶ୍ୱାସ ନିଶ୍ଚୟ
ଥକି ପଡିଥିବା ଏକ ପଥିକର ତୁମେ
ଲକ୍ଷ କି ନା ଜାଣେନା
କିନ୍ତୁ ହଁ, ଲକ୍ଷର ପଥ ନିଶ୍ଚୟ
ହାରି ଯାଇଥିବା ଏକ କବିର ତୁମେ
କବିତା କି ନା ଜାଣେନା
କିନ୍ତୁ ହଁ, କବିତାର ଶବ୍ଦଗୁଛ ନିଶ୍ଚୟ
ଭାଙ୍ଗି ଯାଇଥିବା ହୃଦୟର ତୁମେ
ସ୍ପନ୍ଦନ କି ନା ଜାଣେନା
କିନ୍ତୁ ହଁ, ସ୍ପନ୍ଦନ ର ଆଧାର ନିଶ୍ଚୟ
ଲିଭି ଲିଭି ଆସୁଥିବା ଦୀପର ତୁମେ
ସଳିତା କି ନା ଜାଣେନା
କିନ୍ତୁ ହଁ, ଇନ୍ଧନ ନିଶ୍ଚୟ
ମୋ କଳଙ୍କିତ କଳାର ତୁମେ
ଆକାର କି ନା ଜାଣେନା
କିନ୍ତୁ ହଁ, କଳାର ସ୍ୱୀକୃତି ନିଶ୍ଚୟ
ତୁମ ମନ ଉଦ୍ୟାନର ମୁଁ
ଭ୍ରମରଟିଏ କି ନା ଜାଣେନା
କିନ୍ତୁ ହଁ, ତୁମ ମନର ଭ୍ରମ ନିଶ୍ଚୟ
ମୁଁ ତୁମର ପ୍ରେମିକ
କି ନା ଜାଣେନା
କିନ୍ତୁ ହଁ ତୁମେ ହିଁ
ମୋ ପ୍ରେମ ନିଶ୍ଚୟ....

ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନହୁଅ ନିର୍ଦ୍ଦୟ



ଅନାମ ଚରଣ ସାହୁ

ନହୁଅ ନିର୍ଦ୍ଦୟ ଜୀବଶ୍ରେଷ୍ଠ ଶୁଣ
ଆତ୍ମଜ ନିଅ ଯତନ
ଶଇଶବ ତା'ର ନକର ହରଣ
ଛୋଟ କୁହା ମୋର ମାନ ।

ଚପଳ ମତି ସେ ବାଳକ ବାଳିକା
ଆଭାଦୀପ୍ତ ଶଶୀ ମୁଖ
ସାଙ୍ଗସାଥୀ ମେଳେ ଖେଳନ୍ତି ଗହଳେ
ନଥାଏ ମନରେ ଦୁଃଖ ।

ହୃଦେ ଭୀତ ହୋଇ ଆସିଥାନ୍ତି ଧାଇଁ
ମାଆର ବାହୁ ବନ୍ଧନେ
ପଣତେ ଲୁଚାଇ ବିଷାଦ ବଦନ
ସୁଖ ଲଭିଥାନ୍ତି ମନେ ।

ହସ୍ତ ପାଦ ତାଙ୍କ ଫୁଲଠୁ କୋମଳ
ବୋହି ନପାରନ୍ତି ବୋଝ
କଠିନ କାମରେ ନକର ନିଯୁକ୍ତ
ଛୋଟ କୁହା ଟିକେ ହେଜ ।

ଏ ସମୟେ ପରା ଶିକ୍ଷାଦାନ ଲୋଡ଼ା
ଚିତ୍ତ ରଖି ଗୁରୁ ପାଦେ
ପଢାଅ ତାହାରେ ସାହା ହୋଇ ବାରେ
ଧନ୍ୟ, ଜ୍ଞାନ ପରସାଦେ ।

ହୋଇଲେ ଶିକ୍ଷିତ ଲଭି ଜ୍ଞାନ ବିତ୍ତ
ଦେଶ, ଜାତି ସେବା କରି
ମହିମା ମଣ୍ଡିତ କରିବେ ଜଗତ
ଗୁରୁଜନେ ଶ୍ରେଷ୍ଠ ବରି ।

ବିଭୂତିପୁର, କାକଟପୁର, ପୁରୀ
ମୋ-୯୯୩୭୨୧୦୨୭୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ନାଁ ବର୍ଷା



ରାଧାକୃଷ୍ଣ ଦଳେଇ

ବର୍ଷା ସହ ବର୍ଷାରେ ଭିଜିଲାପରେ
ଖିଆଲି ଲୋକଟା ହଜିଗଲା
କବି ଭାବେ ଆବିର୍ଭୂତ ହେବାପାଇଁ
ସାର୍ଟିଫିକଟ୍ ରେ ନାଁ ତା'ର ପାଗଳ ଲେଖାଗଲା,

ମତୁଆଲା ଅଚିହ୍ନା ସହର
ଲାଜେଇ ଆଖିରେ ଚାହିଁଥିଲା ବତୀଖୁଣ୍ଟ
ତନୁ ମନେ ଅସମ୍ଭବ ଉଷ୍ଣତା
ଚାରି ନୟନରେ ତୁହାକୁ ତୁହା ଶର ନିକ୍ଷେପଣ
ଅଙ୍ଗେ ଅଙ୍ଗେ ଦଂଶିତ ପାପ ପ୍ରଣୟ ମନନର ଜହର
ଗୋଲାପି ଶେଯଠୁ ଟିକେ ଦୂରରେ,

ନିରବରେ ଡୋଳା ଚାଲିଥିଲା
ନୂଆଁ ଏକ ପୃଥିବୀ
ରଜନୀଗନ୍ଧା ତ ମାଧ୍ୟମ ସାଜୁଥିଲା
ଲାଜ ମୁକୁଳା ପଡିଥିଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେଡ୍ ଲାଇଟ୍ ର କ୍ଷୀଣ ଆଲୁଅ ରେ,

ଅତୀତ ଆଉ ଲକ୍ଷ୍ୟ ଭିତରେ

ପେଶି ହେଉଥିଲା ଅଫେରା ଯୌବନ

ଉଦ୍ଧାର ହେଉ ହେଉ ପାହାନ୍ତିଆ

ଇନ୍ଧନ ଯୋଗାଡିବାକୁ ପଡିବ ପୁଣି ଏକ ରାତି ପାଇଁ

ଏବେ ଏବେ ଯୌବନରେ ବଦ୍ ନାମ ହେବା ଭଲ ଲାଗିଲାଣି,

ବର୍ଷା ର ବାସ୍ନା ମୋ ଶିରା ପ୍ରଶିରାରେ ବନ୍ଦୀ,

ମୌସୁମୀର ବିଭୋରପଣ ନିଆରା

ବାସ୍ ବର୍ଷା ପାଇଁ

ଆଉ ଏ ଅତୃପ୍ତ ଆତ୍ମା ପାଇଁ,,

ଆସ୍କା, ଗଞ୍ଜାମ

ଦୂରାଭାଷ : ୭୯୭୮୫୧୩୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଛି କଥା



ଜଗନ ପାଳ

ଯାହା ଭାବନାରେ ଆଣେ ବାସ୍ତବତା

ସ୍ୱପ୍ନକୁ ଦିଏ ସଫଳତା

ଯେ ଭାଙ୍ଗେ ହୃଦୟର ନିରବତା

ମନେ ଭରିଦେଇ ଚଞ୍ଚଳତା

ଯେ କହୁ କହୁ କହିଦିଏ କେତେକଥା

ଜୀବନରେ ଆଣିଦେଇ ସାର୍ଥକତା

କେହିନୁହେଁ ସିଏ ଆଉ

କେବଳ "କିଛିକଥା","କିଛିକଥା" ।

ଥାଏ ପୁଣି ଆନନ୍ଦର ଆଦରରେ

ଥାଏ ପୁଣି ଦୁଃଖର ଆଶ୍ୱସନାରେ

ଥାଏ ପୁଣି ମାଆର ଦୁଇ ଅଧର ଧାରରେ

ଥାଏ ବାପାଙ୍କ ଆକଟ ଆଳରେ

ଯେ ବୁଝେ ସେ ଗାଉଥାଏ ଗାଥା

ଯେ ନ ବୁଝେ ସେ ପାଉଥାଏ ବ୍ୟଥା

କେହି ନୁହେଁ ସିଏ ଆଉ

କେବଳ "କିଛିକଥା"," କିଛିକଥା" ।

ଏକରୁ ଆରମ୍ଭ ହୋଇ କେତେରେ ସେ ଶେଷ

ନାହିଁ ତା'ର ଆଦିଅନ୍ତ ନାହିଁ ସେଥିରେ କ୍ଳାନ୍ତ

ଯାହା ଥାଏ କର୍ମୀର କର୍ମରେ

ହୋଇ ଅନ୍ତରରେ ଗାର

ପୁଣି ଥାଏ ଧର୍ମୀର ଧର୍ମରେ ହୋଇ ବାର୍ତାର ବୀର

ଯାହା ହୁଏ କର୍ମୀର ସତ୍ତା

ଯେ ସବୁବେଳେ ଅପରାଜିତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେହି ନୁହେଁ ସିଏ ଆଉ "କିଛିକଥା","କିଛିକଥା" ।

ହୋଇପାରେ ମିଠା ସିଏ ହୋଇପାରେ ଖଟା

ସଭିଙ୍କ ସଙ୍ଗେ ଆସେ ପୁଣି କେବେ ଆସେ ଏକା

କେବେ ରହିଯାଏ ହୃଦୟରେ ହୋଇ ଅଭିମାନ

ଆଉ କେବେ ବନିଯାଏ ହୃଦୟର ଅଭିଯାନ

ଯାର ଆଢଟରେ ଥାଏ ସତ୍ୟତା

ଯେ ବୁଝେ ଭାଷାର ଯଥାର୍ଥତା

କେହିନୁହେଁ ସିଏ ଆଉ

କେବଳ "କିଛିକଥା", "କିଛିକଥା" ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ସାଥୀ



ଛବିରାଣୀ ପତି

କେବେ ଯଦି ଶୁଣ ମୃତ୍ୟୁର ଖବର
ବନ୍ଧୁ ଲୁହ ଗଡ଼ାଇବ ନାହିଁ..
ସେ' ପାରିରେ ଥାଇ  ଅପେକ୍ଷା କରିବି
ତୁମରି ବାଟ କୁ ଚାହିଁ.

ଜୀବନ ଯନ୍ତ୍ରଣା ବେଳୁ ବେଳ ବଢେ
ଆଉ ତ'ପାରୁନି ସହି... ! !
ଲହୁ, ଲୁହ ମୂଲ୍ୟ ବୁଝିଲେନି କେହି
କାହାକୁ କହିବି ଯାଇ.

ସେ'ଦିନ ବି ତୁମେ ସାକ୍ଷୀ ଥିଲ ପ୍ରଭୁ
ଭାଗ୍ୟ କୁ କରିଲି ସାଥୀ...  ! !
ଆଜି ଯଦି  ତୁମେ  ଫାଙ୍କି ଚାଲିଯିବ
ଉଡ଼ିବ ମୋ'ପ୍ରାଣ ପକ୍ଷୀ.

ନିର୍ଜନ ରେ ବସି ଭାବନା ପଖାଳେ
ସମୁଦ୍ର ମନ୍ଥନ ପାରି....  ! !
ବିଶ୍ୱାସ ରେ ମଲି ତୁମରି ହାତରୁ
ହଳା ହଳ ପାନ କରି.

ଛବିରାଣୀ ପତି, ମଧ୍ୟଶାସନ
ଜଗତସିଂହପୁର, ମୋ–୯୩୩୭୯୬୦୦୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଶତଣ୍ଡୀ



ଜୟନାରାୟଣ ପରିଡ଼ା

ଶରତ ଋତୁରେ ଧରଣୀ ବକ୍ଷରେ
ଖିଲିଖିଲି ହସୁଥାଏ
କାକର ବିନ୍ଦୁରେ ତା ଦେହ ଭିଜିଲେ
ଆତ୍ମା ତା ର ଶାନ୍ତି ପାଏ ।
ବିଲେ କାଶତଣ୍ଡି ଗ୍ରାମେ ଦୁର୍ଗାଦେବୀ
ହୋଇଛନ୍ତି ସତେ ଉଭା
ଉଷା ଆଗମନେ ରବିର କିରଣେ
ମନ୍ଦିରଟି ଦିଶେ ଶୋଭା ।
ପ୍ରକୃତି ରାଣୀର ଅପ୍ରମିତ କୃପା
ଛୋଟ ଫୁଲଟିକ ପ୍ରତି
ଦେବତା ମୁଣ୍ଡରେ ନ ଚଢ଼ିଲେ ମଧ୍ୟ
କମି ନଥାଏ ତା ପ୍ରୀତି ।
ଜୀବନ ଯୁଦ୍ଧରେ ଲଢ଼ି ଲଢ଼ି ଆଜି
ସ୍ମିତହାସ୍ୟ ସେ ଦେଉଛି
ନିଜ ଜୀବନର ସୁଖଦୁଃଖ ଆଜି
ବିଶ୍ୱ ହାତେ ଲେଖିଦେଇଛି ।
ହତାଶାର ବନେ ଆକାଶର ଶୂନ୍ୟେ
ନିଜ ଅସ୍ତିତ୍ୱ ଆଜି ଖୋଜୁଛି
ପୂର୍ଣ୍ଣିମା ରାତ୍ରିର ଜ୍ୟୋସ୍ନା ଆଲୁଅରେ
ସେତ ସ୍ୱପ୍ନ ସାଗରେ ଭାସୁଛି ।

ଗ୍ରାମ-ନାରାୟଣ ପୁର, ବାଲେଶ୍ୱର, ୭୫୬୦୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗରିବ



ସସ୍ମିତା ମିଶ୍ର

ଗଣ୍ଡୁଥା
ତୋ ଚାଳର କଣା
ତୋ ପାଛୁଡାର   ଛିଦ୍ର
ଅବା ମାଇପ ଅଙ୍ଗୀର
ଛିଡା ବୋତାମ
ମଣିଆ ପିଅଣ୍ଟର ରଫୁ
କାହାର କଣ ଯାଉଛି ଯେ ? ? ? ?

ରଖି ଯିବେ ସାତ ପୁରୁଷ ପାଇଁ
ନାମରେ ବେନାମରେ
ଜମି, ଜାଗା, ଘର
ସୁନା, ଟଙ୍କା

ଅପାରଗ ଗୁଣ୍ଡୁ
ତା ପୁଅ ଲଡ୍ଡୁ
ସଭିଙ୍କ ମଜଲିସର
ସବୁ ଅଧ୍ୟାୟ ପାଇଁ
ମୋର ସବୁ ଯାଉଛି
କହି କହି ବୁଣିବେ ଯୋଜନା
ମିଠା ଫଳ ତାଙ୍କର
ଖଟା ଫଳ ତୋର
ଫଳ ଖା
କେମିତି ଲାଗିଲା
କାହାର କଣ ଯାଉଛି ଯେ ? ? ? ?

ବସିଥା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁନା ଖେତ ଚୁନା କରି
ଗୋଠରୁ ଫେରାନି ସଂଜରେ
ପୋଖରୀରେ ନ ଛାଡେ ବିହନ
ବାଡ଼ିରେ ଡିଆଁ ତୁ ବିଲୁଆ
ଏକ ଟଙ୍କା ଚାଉଳ ମୋହରେ
ପର ରାଇଜ କ୍ଷୀର, ମାଛରେ
ଫଳ, ପରିବାରେ
ଖୁସି ତ ?
ହାତ ବାନ୍ଧି ମୁହଁ ବାନ୍ଧି ତୋର
କୁମ୍ଭୀର କାନ୍ଦଣା କାନ୍ଦି
ଗରୀବି ହଟାଓ ନାରାରେ
ହାତେଇ ନେଇ ଭୋଟ ତକ
ସରିଯିବ ଲୁହ ତାଙ୍କ
ହାତରୁ ତୋ ହଟିବ ବିଶ୍ୱାସ
ପାରିଲାପଣ ତକ
ବନ୍ଧା ଦେଇ
ତୁ ନା ଚଢ଼େଇବୁ
ବିପିଏଲ ,, କାଳିଆ
ହରିଶ୍ଚନ୍ଦ୍ର , ବେକାର
ଆଉ ଆଉ ଭତ୍ତା ତାଲିକାରେ
ଗରିବର ସୀମାରେଖା ତଳେ
ନା ଚଢେଇବାକୁ
ଏତେ ଉତାବୁଲା
କାହିଁ ସୀମାରେଖା ଉପରକୁ ଉଠିଗଲେ
ନା
କାହାକୁ ବିଷୟ କରି
ତେଜୁ ଥିବ ରାଜନୀତି
ହେଉ ଥିବ ସଭା ଓ ସମିତି
କାହାକୁ ଫିଙ୍ଗିବେ ଟଙ୍କା
କରିବାକୁ ମୁହଁ ବଙ୍କା
ତୁସେମିତି
ଗରିବ ଥା
କାହାର କଣ ଯାଉଛି ଯେ ? ? ? ?

ଅଧ୍ୟାପିକା ସସ୍ମିତା ମିଶ୍ର
ମହାନଦୀ ବିହାର ମହିଳା ମହାବିଦ୍ୟାଳୟ, କଟକ
ଦୂରଭାଷ : ୯୦୭୮୫୭୯୭୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇତି



ଚିନ୍ମୟ ବାରିକ

ଇତି

ସେଦିନର ସୁନେଲି ସନ୍ଧ୍ୟା

ତୁମେ ଆଉ ମୁଁ ?

ପକ୍ଷୀ ମାନଙ୍କର ଗୁଞ୍ଜରଣ

ଆଉ ଘର ବାହୁଡା

ଗୋ'ପଲଙ୍କ ହମ୍ବାରଡି

ପଛରୁ କାଁ ଭାଁ ଲୋକଙ୍କ

ଫୁସୁରୁ ଫାସୁରୁ ଶବ୍ଦ ।

ହଁ...

ଏବେବି ସେଇ ନିର୍ଜନ ବେଳା,

ରହିଛି ସାକ୍ଷୀ ।

ବାସ୍ !

ଏତିକି ହିଁ ମୋ ପାଇଁ

ଯଥେଷ୍ଟ ପ୍ରମାଣ

ଆଉ କିଛି ମୁଁ ଚାହେଁନା ?

ହଁ...ହଁ... !

ଆଉ ରହିଗଲା

ତୁମ ଗୋଲାପି ଶାଢ଼ୀର

ଇତିବୃତି,

ତୁମ ପାଉଜିର ରୁଣୁଝୁଣୁ ଝଙ୍କାର ?

ସେବି ଆମ ପ୍ରେମର

ଭୁରୁଭୁରୁ ବାସ୍ନାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆନମନା ହୋଇ ଅମୃତ ଭଳି
ସେଦିନ ବି ପିଇ ଚାଲିଥିଲା ।
ହୁଁ... ?
ତାକୁବି ପଚାରିପାର ?

ଆଉ ଅଜଣାତାରେ
ଭୂମି ଛୁଇଁ ଥିବା ତୁମ,
ଧନିଆ ଫାଳ ହାରକୁ
ଆଜି ବି ମୁଁ ତାକୁ,
ସାଇତି ରଖିଛି
ମୋ ହୃଦୟର,
ଗାମ୍ଭିର୍ଯ୍ୟ ଭିତରେ ?

ବାସ୍ !!!
ଏତିକି ହିଁ... ?
ମୋ ପ୍ରେମର
ଚିରକାଳ ମୂକ ସାକ୍ଷୀ ।

ତୁମଠୁ ଆଉ ବା କଣ ମୁଁ ଚାହେଁ
ନାଁ ଆଉ ବା କଣ ମୁଁ ଆଶାକରେ ?

ଇତି
ତୁମ ଅପେକ୍ଷା ରେ ।।

ତୁମର..... ?

ଚିନ୍ମୟ ବାରିକ ।
ବ୍ରାହ୍ମଣଡ଼ିହି, ବାଲିକୁଦା, ଜଗତସିଂହପୁର ।
ଦୂରଭାଷା : ୭୩୭୦୩୫୨୦୮୫୪ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମାଜରେ ସୁଖ



ଆଶୁତୋଷ ମେହେର

ବଗିଚାରେ ଯେବେ ଲାଗେ ଫୁଲ ଗଛ ଛୋଟ ଚାରା
ପତର ମେଲାଇ ବଢେ ମନେ ଭରି ନୂଆଁ ଆଶା
ସମାଜେ ସେମିତି ହୁଏ ଯେବେ ଭଲ ଭଲ କାମ
ସଭିଁଙ୍କର ମନ ହସେ ଜଗାଏ ନୂତନ ଦିଶା ।।

ନିଜର ମହତ ଗୁଣେ ପଡୋଶୀ ବନିବ ବନ୍ଧୁ
ସହୋଦର ଭାବଭାବେ ପରକୁ କରିବ ନିଜ
ଭାଇ ଭାଇ ମନ ଧରି କରିଲେ ସମାଜେ କାମ
ହସ ଖୁସି ଭରା ହେବ ଜୀବନ ସତେ ସହଜ ।।

ଭଲ କାମେ ଭଲ ଭାବେ ସଭିଏଁ ମିଳିବେ ଯେବେ
ମିଳି ମିଶି ଏକ ହେଲେ ସୁଖରେ ହସିବ ଧରା
ସମାଜ ର ସୁଖ ଶାନ୍ତି ସରଳ ସୁନ୍ଦର ହେବ
ସଭିଙ୍କ ଜୀବନ ହେବ, ହସ ଖୁସି ସୁଖେ ଭରା ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର୭୫୧୦୨୪, ଦୂରଭାଷ ୯୪୩୭୦୮୫୩୯୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସୀ କୁକୁର କଥା



ଧିରେନ୍ଦ୍ର ମଲ୍ଲିକ

ପାଳିଥିଲି ଗୋଟେ କୁକୁର ଛୁଆ ମୁଁ
ବାଘା ଦେଇଥିଲି ନାଆଁ,
ଆଣିଥିଲି ତାକୁ ପଡୋଶୀ ଗାଆଁରୁ
ପାଖେ ନଥିଲା ତା ମାଆ,,
ବରାଟିଏ ଧରି ତୁଉତୁଉ କରି
ପାଖକୁ ଡାକିଲି ତାକୁ,
ଦଉଡ଼ି ଆସିଲା ଲାଞ୍ଜ ହଲେଇକି
ବରାଟିକୁ ଖାଇବାକୁ,,
ଧରିନେଲି ତାକୁ ହାତରେ ଜାବୁଡି
ଘରକୁ ଆସିଲି ନେଇ,

ବହୁ ଧୂଳି ମଳି ହେଇଥିଲା ଦେହ
ସାବୁନୁରେ ଦେଲି ଧୋଇ,,
ଖାଇବାକୁ ଦେଲି ପାର୍ଲେଜି ବିସ୍କୁଟ
ପିଇବାକୁ ଦେଲି କ୍ଷୀର,
କୁକୁର ନୁହେଁ ମୁଁ ମଣିଷ ପରିକା
କଲି ତାକୁ ସ୍ନେହାଦର,,
ଧୀରେ ଧୀରେ ସିଏ ବଡ଼ ହେଇଗଲା
ମାନିଲା ମୋହରି କଥା,
ଡାକିଦେଲା କ୍ଷଣି ଯୋଉଠି ବି ଥାଉ
ଆସେ ଡେଇଁ ବାଡ଼ବତା,,
ଭାତଥାଳି ଯଦି ତା ଆଗରେ ଥାଏ
ମୁହଁ ମାରେ ନାହିଁ ସିଏ,
ଜଗି ରହିଥିବ ସେମିତି ଥାଳିକୁ
ମୁଁ ନ' ଖାଇଲା ଯାଏ,,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମ ଘର ପିଣ୍ଡା ଚେୟାର ଉପରେ

ରାତିସାରା ଶୋଇ ରୁହେ,

ରାତିଅଧେ ଯଦି ଉଠେ ବାହାରକୁ

ମୋ ସାଥିରେ ସିଏ ଯାଏ,,

କୌଣସି ଅଚିହ୍ନା ଲୋକକୁ ଯଦିସେ

ଆମ ଘର ଆଗେ ଦେଖେ,

ଶୁଏନାହିଁ ଜମା ରାତିସାରା ଖାଲି

ଭୋଅ ଭୋଅ କରି ଭୁକେ,,

ବହୁତ ବିଶ୍ୱାସୀ ଥିଲା ମୋର ସିଏ

ଭଲ ପାଉଥିଲି ଭାରି,

ନୀଇତି କାନ୍ଦୁଛି ତା କଥା ଭାବିକି

ଯାଇଛି ଯେବେଠୁ ମରି,

ଧିରେନ୍ଦ୍ର ମଲ୍ଲିକ
ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର
ଫୋନ-୭୯୦୪୩୯୨୬୮୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ ମୋର ସେଇ ମନ୍ଦିର



ବୈଦ୍ୟନାଥ ପଣ୍ଡା

ଯାହାକୁ ଦେଖିଲେ ଏବେବି ମୋହର
ଆପେ ନଇଁ ଯାଏ ଶିର
ଯାହା ସାନିଧ୍ୟରେ ବାଳୁତ ବୟସେ
ନିରକ୍ଷରୁ ହେଲି ସାକ୍ଷର
ଏଇ ମୋର ସେଇ ମନ୍ଦିର.

ଶିଖାଇଲା ମୋତେ ମାନବୀୟ ବୋଧ
ଅସତ୍ୟରୁ ସତ୍ୟ ଯିବା
ଅହିଂସା ଅନୀତି କାଢିନେଇ ସିଏ
ଶିଖାଇଲା ଦେଶସେବା
ତାହାରି ଆଦର୍ଶ ଗୁରୁ ଉପଦେଶ
ବ୍ରତ କରି ଜୀବନର
ମଣିଷରୁ ଦିନେ ସୁମଣିଷ ହେବି
ଲକ୍ଷ ଅଟେ ଏହି ମୋର
ଏଇ ମୋର ସେଇ ମନ୍ଦିର.

ଜୀବ ଚାଲି ଗଲେ ଚାଲିଯାଉ ପଛେ
ସେପାଇଁ ଡର ମୋ ନାହିଁ
ଯେତେ ଉଚେ ଥାଏ ଯେଉଁଠି ବି ରହେ
ତା ଗୁଣ ଗାଇବି ମୁହିଁ
ଏଇ ଜୀବନରେ ଗୁରୁ ମୋ ଦେବତା
ବିଦ୍ୟାଳୟ ମୋ ମନ୍ଦିର
ପୂଜୁଥିବି ନୀତି ପୂଜକଟେ ହୋଇ
ଜୀବ ଥିବାଯାଏ ମୋର
ଏଇ ମୋର ସେଇ ମନ୍ଦିର.

ଅବଦଲ ପୁର. ଯାଜପୁର
ଦୂରଭାଷ : ୯୪୩୯୮୫୪୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କପଟିଆ ଜଗନ୍ନାଥ



ପ୍ରଶାନ୍ତ କୁମାର ପଧାନ

କପଟିଆ ଜଗନ୍ନାଥ
ସର୍ବସ୍ୱାନ୍ତ କରି ରଖିଅଛ କିଆଁ
ନିଶ୍ୱାସ ଟିକକ ବାକି
କେଉଁ ଯଶ ତୁମେ ଲଭିବାକୁ ଆଉ
ଛଳ କର ଚକାଆଖି ।।
ଜୀବନ ଖାତାରେ ଲେଖିଅଛି ଯଦି
ଗର୍ବ ବୋଲି ଗୋଟେ ପଦ
"ବଳି" ପରି ମୋତେ ଚାପିଦିଅ ପ୍ରଭୁ
ନାଭିରୁ ଅଙ୍କୁରି ପାଦ ।।
ସଂକଟରେ ଥରେ ଡାକିଥିଲା ଗଜ
ଶୁଣିଥିଲ କାନଡେରି
ମୋତେ କିଆଁ ଏବେ ଅଣଦେଖା କର
ଗୋବର୍ଦ୍ଧନ ଗିରିଧାରୀ ।।
ଅଭିମନ୍ୟୁ ପରି ଫସେଇ ଦେଇଛ
ଚକ୍ରବ୍ୟୂହ ନାଗଫାଶେ
ଉଦ୍ଧାର କର ଏ ବନ୍ଧନରୁ ମୋତେ
ଆସି ନାଗାର୍ଜୁନ ବେଶେ ।।
ଦ୍ୱାପର ଯୁଗରେ କପଟିଆ ନାମେ
ହୋଇଥିଲ ବୋଲି ଖ୍ୟାତ
ଏ କଳିରେ କିଆଁ କପଟ କରୁଛ
ମହାବାହୁ ଜଗନ୍ନାଥ ।।
ମାଟିର ଦେହକୁ ମାଟିରେ ମିଶାଅ
ପଞ୍ଚଭୂତେ ହେଉ ଲୀନ
ଚରଣେ ତୁମର ଆଶ୍ରିତ କରାଅ
ହେବନାହିଁ ପୁନର୍ଜନ୍ମ ।।

ଗ୍ରାମ-ବୁରୋମୁଣ୍ଡା
ଜିଲ୍ଲା-ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ



ରଙ୍କନିଧି ସେଠୀ

ସମ୍ପର୍କ ଭାଙ୍ଗିବା ଯୋଡିବା
ନିତିଦିନିଆ ଖେଳ
ଆଜି ଯୋଡ଼ିଦେବେ କାଲି କି
ପାଖେ ନ ଥିବ ବେଳ ॥

ସମ୍ପର୍କ ସୁଅରେ  ଭାସୁଛି
ସମ୍ପର୍କର ତରି
କିଏ ଆସି ବସିଯାଉଛି
କିଏ ଯାଏ ଉତୁରି  ॥

ସମ୍ପର୍କ କାତକୁ ହାତରେ
ଧରିଥାଅ ଜାବୁଡି
କେହି କେହି ଅଧା ରାସ୍ତାରେ
ପଥ ଯାଆନ୍ତି ହୁଡ଼ି ॥

ସ୍ୱାର୍ଥପର ଏଠି ଦୁନିଆଁ
ସ୍ୱାର୍ଥପାଇଁ ଯୋଡ଼ିବେ
ସ୍ୱାର୍ଥ ସରିଗଲେ ହାତକୁ
ଛାଡ଼ିକି ଚାଲି ଯିବେ ॥

ସମ୍ପର୍କର ମୂଲ୍ୟ ବୁଝନ୍ତି
ସଦା ପାଳନ କରେ
ସୁଖରେ ଦୁଃଖରେ ସର୍ବଦା
ରହିଥାଏ ସାଥିରେ ॥

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆପଦ ବିପଦ ଯେତେ ବି
ଆସିଲେ ଜୀବନରେ
ହସି ହସି ଲଢ଼ି ଯାଆନ୍ତି
ସମ୍ପର୍କ ଦୃଢ଼କରେ ॥

ସେହି ଏକା ମହାନ ବନ୍ଧୁ
ପଣରେ ଗଣା ହୁଏ
କୋଟି ତପସ୍ୟା କରିଥିଲେ
ଏପରି ବନ୍ଧୁ ମିଳେ ॥

ସେକ୍ଟର-୧୪,
ଘ.ନ-ଏ/୧୨୧
ରାଉରକେଲା
ମୋ.୯୩୩୭୨୫୦୫୭୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷାରେ



ଭାରତୀ ମହାନ୍ତି

ସକାଳର ସୂର୍ଯ୍ୟ ପରି
ତୁମେ ମୋ ଜୀବନରେ ଆସିଥିଲ
ଅସୁମାରୀ ଆଶା ଆଉ
ମିଠା କିରଣ ବିଞ୍ଚି,,,

କିନ୍ତୁ ମୁଁ କଣ ଜାଣିଥିଲି
ତୁମେ ପୁଣି ଅସ୍ତ ହେବ ସନ୍ଧ୍ୟାରେ
ମେଞ୍ଚା ମେଞ୍ଚା କଳା ଅନ୍ଧାର ଦେଇ,

କିନ୍ତୁ ମୋତେ ସେଇ ଅନ୍ଧାର
ଭାରି ଭଲ ଲାଗେ
ଆଉ ଅନ୍ଧାରରେ ନିଜକୁ ଖୋଜିବାକୁ

ତମ ପ୍ରେମ ନ ପାଇଲେ କଣ ହେବ
ଘୃଣା ତ ପାଇଛି
ଅନୁଭବ କରିଛି
ହୃଦୟ ଭାଙ୍ଗିଲେ କେମିତି ଲାଗେ
ସେତିକି ଜିଣିଛି ।

ତୁମସହ ପାଇଥିବା କିଛି ଅନୁଭୁତି
ବିତେଇ ଥିବା କିଛି ମୁହୂର୍ତ୍ତ
ସବୁବେଳେ ମନେ ପଡେ
ଆଉ ପଡୁଥିବ ବି

କିଛି ପାଇବାକୁ ଯାଇ ମୁଁ ଆଉ ତୁମେ
ବହୁତ କିଛି ହରେଇଛେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେମିତି ମୁଁ ମୋର ମୂଲ୍ୟବାନ ସମୟ

ଆଉ ତୁମେ.............

ସେ ଯାହା ହେଉ ତୁମ ପାଇଁ

ମୋ ହୃଦୟ ସବୁବେଳେ ଖୋଲା

ଆସିବ ନିଶ୍ଚିତ

ଅପେକ୍ଷା ରେ ରହିଲି ....

*ଭାରତୀ ମହାନ୍ତି (ମିକି)*

*ଅସୁରାଳି*

*ସା/ପୋ-କୋରୁଆ*

*ଭଦ୍ରକ-୭୫୬୧୩୭.*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏମିତି କାହିଁକି ହୁଏ



କସ୍ତୁରୀ ଚରଣ ରାଉତ

ପହିଲି ଆଷାଢ ବରଷା ଜଳରେ
ଲିଭେନି ଜୁଇର ନିଆଁ
ଫଗୁଣ ସଞ୍ଚର ମହୁଆ ମହକ
ଚୋରା ମଳୟର ଛୁଆଁ
ହାହାକାର ଭରିଦିଏ
ମନ ବନାନୀର ସବୁଜିମା ସବୁ
ଜଳିପୋଡି ନଷ୍ଟ ହୁଏ .... ॥

ଛାତି ତଳ ଦୁଃଖ ସ୍ମୃତିର କୋଣାର୍କ
ହାଡ ଥରା ଦୀର୍ଘଶ୍ୱାସ
ଆଞ୍ଜୁଳା ଆଞ୍ଜୁଳା ବଉଳ ପେଣ୍ଠିର
ଫୁଲ ଫୁଟା ଅବଶୋଷ
ଧୈର୍ଯ୍ୟ ସୀମା ଲଙ୍ଘିଯାଏ
ହଜିବା ଭିତରେ ଖୋଜିବାର ସ୍ୱପ୍ନ
କ୍ଷଣିକେ ମିଳେଇଯାଏ .... ॥

ଅଦିନ ଝଡରେ ଭାଙ୍ଗିରୁଜି ଯାଏ
ଆଶାର ସଉଧ ସବୁ
ମରୁ ମରୀଚିକା ପରି ଦୃଶ୍ୟ ହୁଏ
କାଲି କଥା ଭାବୁଭାବୁ
ଏମିତି କାହିଁକି ହୁଏ
ବୁଢା ବାପ ଥାଇ ଯୁଆନ ପୁଅଟା
ଆର ପାରି ଚାଲିଯାଏ..... ॥

ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ୍,
ଧଣ୍ଡାମାଳ,ଦେଓଗାଁ, ବଲାଙ୍ଗିର
ମୋ.୯୯୩୭୯୮୭୮୪୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ



ଲକ୍ଷ୍ମୀପ୍ରିୟା ଚୌଧୁରୀ

କାହିଁକି କେଜାଣି

ସକାଳୁ ସକାଳୁ

ତମେ ଆଜି ମନେ ପଡୁଛ

ତମ ମନରେ

କଣ ଅଛି ଜାଣିନି

କିନ୍ତୁ,

ମୋ ମନରେ ତମପାଇଁ

ଏମିତି ଭାବନା !

ଅସମ୍ଭବ କଥା...

ତଥାପି,

ମୋ ମନ

ତୁମ ପ୍ରେମ ପାଇଁ

ବ୍ୟାକୁଳିତ

ଏହା କେତେଦୂର ସମ୍ଭବ....

ପ୍ରେମ କିଛି

ବନ୍ଧ ବାଡ ମାନେନା ବୋଲି

ଶୁଣିଥିଲି

ହେଲେ ଆଜି

ଅନୁଭବ କରୁଛି ।

ଡେମୋନଷ୍ଟ୍ରେଟର,
ସୁନାବେଡା ମହିଳା ମହାବିଦ୍ୟାଳୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ସେ ବୁଝିବ ଦୁଃଖୀର ଦୁଃଖ



କୁମାର ଲୋକେଶ

କାହାକୁ କହିବି  ଦୁଃଖର କାହାଣୀ
କିଏ ସେ ବୁଝିବ କୁହ
ଜୀବନଟା ମୋର ଏମିତି ବିତିଲା
ଗଡେଇ ଆଖିରୁ ଲୁହ,
ସୁଖ ବୋଲି ଟିକେ ପାରିଲିନି ଦେଖି
କପାଳରେ ନାହିଁ ବୋଧେ
କାହିଁକି ଦେଇଛ  ଏମିତି କପାଳ
ବଞ୍ଚିବାକୁ ଭାରି ବାଧେ,
ଯାହାକୁ ଜୀବନେ କରିଲି ବିଶ୍ୱାସ
ବିଷ ଦେଲା ବିଶ୍ୱାସରେ

ଭାବି ଭାବି ମୋର  ଦିନ ବିତିଗଲା
ଅଧା ଗଢା ସେଇ ଘରେ,
ବୁଝି ପାରିଲାନି ହୃଦୟକୁ ମୋର
ଧୋକା ଦେଇ  ଚାଲିଗଲା
କହି ପାରୁନାହିଁ ମନ କଥାଟାକୁ
ଲୁହ ହୋଇ ବୋହିଗଲା,
ଶ୍ରାବଣେ ଯେମିତି ଝରୁଛି ବରଷା
ଦେଖିବାକୁ ଲାଗେ ଡର
ସେମିତି ଆଖିରେ ଲୁହର ଶ୍ରାବଣ
ଭାସିଯାଏ ଘର ମୋର   ।

ଢେଙ୍କାନାଳ, ଗୋରଡାପାଳ
୭୯୮୧୩୧୦୭୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନଟା ଲାଗେ ତୁଚ୍ଛ



ଅକ୍ଷୟ କୁମାର
ବେହେରା

ଏନ୍ତୁଲି ଶାଳରୁ ଜୁଇ ଚିତା ଯାଏଁ
ରହିଅଛି ଯେତେ ଦିନ,
ପୁଣ୍ୟ, ଧର୍ମ, କର୍ମ କରିଚାଲ ସଦା
ଅଢେଇ ଦିନ ଜୀବନ ।୧ ।

ଜୀବନର ପଥ ଲମ୍ବ ବହୁଦୂର
ଯିବାକୁ ଅନେକ ବାକି,
ପାଦ ଉଠୁ ନାହିଁ ଯନ୍ତ୍ରଣାରେ କାନ୍ଦି
ଥକି ପଡିଲାଣି ଆଖି ।୨ ।

ଆଖି ସବୁ ସାକ୍ଷୀ କଲା କର୍ମ ପାଇଁ
ପାପ ହେଉ ଅବା ପୁଣ୍ୟ,
ପ୍ରଭୁ ନାମ ବିନା କିଛି ନାହିଁ ଏଠି
ଯୁଆଡେ ଚାହିଁବ ଶୂନ୍ୟ ।୩ ।

ଶୂନ୍ୟ ଏ ଜୀବନ ଖାଲି ହାନିମାନ
ମିଛ ମାୟା ର ସଂସାର,
ସୁଖ ବେଳେ ସବୁ ପାଶେ ପାଶେ ଥାନ୍ତି
ଦୁଃଖରେ ହୁଅନ୍ତି ଦୂର ।୪ ।

ଦୂର ବହୁଦୂର ନିଜ ଲୋକ ଆଜି
ସଂପର୍କ ହେଲାଣି ମିଛ,
ମନ, ହୃଦୟର ଭାବକେ ବୁଝେନା
ଜୀବନଟା ଲାଗେ ତୁଚ୍ଛ ।୫ ।

କେନ୍ଦୁଡିହା ବଡସାହି ମୟୂରଭଞ୍ଜ
ଭ୍ରାମ୍ୟଭାଷ:-୯୩୪୮୮୯୯୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ସଂଜ୍ଞା



ଅନିରୁଦ୍ଧ ସାହୁ

ପ୍ରଥମ ସଂକଳ୍ପ ପ୍ରେମର ତୁମେ ଭୁଲିଯିବନି ପ୍ରିୟେ
ପ୍ରଥମ ପାଦ ପ୍ରେମର ତୁମେ ଭୁଲିଯିବନି ପ୍ରିୟେ...

ଜାଣିଛ ପ୍ରେମ ନାମ ଅଟେ କାହାର
ଆରମ୍ଭ କେଉଁଠୁ ହୁଏ
କରିଛି କିଏ ଏହାର ସୃଷ୍ଟି
ଶେଷ ଯାଇ କେଉଁଠି ହୁଏ.. ?
କାହା ପାଇଁ ହୁଏ ଚିର ସୁନ୍ଦର
କୁତ୍ସିତ ହୁଏ କାହାପାଇଁ
କରେ କିଏ ପ୍ରେମକୁ ମଜବୁତ
ସଫଳ ଯାଇ କେଉଁଠି ହୁଏ.. ?
କାହା ଯୋଗୁଁ ହୁଏ ପ୍ରେମ ମହାନ
ନିନ୍ଦିତ ହୁଏ କାହାପାଇଁ
କେମିତି କଲେ ପ୍ରେମ ରୁହେ ଚିରସବୁଜ
ସଂସାର ସମ୍ମାନ ଦିଏ କାହାକୁ ପୁଣି କଣପାଇଁ.. ?
ପ୍ରେମରେ ଜିତେ କିଏ ଆଉ କିଏ ହାରେ
ସଂସାର ମନେରଖେ କାହାକୁ କଣ ପାଇଁ.. ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରେମ ନାମ ଅଟେ ମନର

ଆରମ୍ଭ ଆଖିରୁ ହୁଏ

ହୃଦୟର କେଉଁ ନିଭୃତ କୋଣରୁ ହୁଏ ତାର ସୃଷ୍ଟି

ନିଶ୍ୱାସ ଠି ଶେଷ ହୁଏ.. ।

ବିଶ୍ୱାସ ପାଇଁ ହୁଏ ଚିର ସୁନ୍ଦର

ସଂଦେହ ପାଇଁ କୁତ୍ସିତ ହୁଏ

ଉତ୍ତମ ବୁଝାମଣା କରେ ପ୍ରେମକୁ କରେ ମଜବୁତ୍

ସଫଳ ଯାଇ ପ୍ରଣୟ ଠି ହୁଏ.. ।

ତ୍ୟାଗ ଯୋଗୁଁ ହୁଏ ପ୍ରେମ ମହାନ

ନିନ୍ଦିତ ହୁଏ କାମନା ବାସନା ଭୋଗଲାଳସା ପାଇଁ

ତ୍ୟାଗପୁତ ହୃଦୟରେ କଲେ ପ୍ରେମ ରୁହେ ଚିରସବୁଜ

ସଂସାର ସମ୍ମାନ ଦିଏ ତାହାକୁ ପ୍ରେମରେ ଯିଏ ନିଜକୁ ବଳିଦାନ ଦିଏ.. ।

ପ୍ରେମରେ ଜିତେ ସିଏ ଯାହାର ପ୍ରେମରେ ଥାଏ ପବିତ୍ରତା

ଆଉ ସିଏ ହାରେ ଅନ୍ତରେ ଯାହାର ଭରିଥାଏ କପଟତା ସ୍ୱାର୍ଥପରତା........

ଅନିରୁଦ୍ଧ ସାହୁ

କୁଚିଣ୍ଡା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଷ୍ଠୁର



ସୌମ୍ୟସୁଚରିତା
ସେଣ

ସକାଳୁ ସକାଳୁ ଛକ ମୁଣ୍ଡରେ
ଭିଡ ବଢ଼ିବାରେ ଲାଗିଛି,
ଲୋକ ମାନଙ୍କର ହାହା କରେ
ମେଦିନୀ ଯେପରି କମ୍ପୁଛି ।

ମାଲିକ ଗର୍ଜନ କରୁଛି ଯିମିତି
ଗୋଲଡ ମେଡ଼ାଲ ପାଇଛି,
ବାର ବରଷର ଛୁଆଟିକୁ ଧରି
ଗଛରେ ବାନ୍ଧି ପିଟୁଛି ।

କଥା ବୁଝିବାକୁ ପଚାରିଲି ଯାଇ
ଘଟଣା କଣ ଘଟିଛି,
ଜହାତ ଶୁଣିଲି କାନରେ ମୋର
ଚଡ଼କ ସଦୃରସ ଲାଗୁଛି ।

ବିଗତ ରାତ୍ରରେ ଦଶ ଟଙ୍କା ଟିଏ
ଉଠେଇ ସେ ନେଇ ଥିଲା,
ଧରା ପଡ଼ିଛିସେ ମାଲିକ ହାତରେ
ସତେକି ତା ଜୀବନ ଗଲା ।

ଅନେକ ମାଡ ଦେଲାପରେ ଯାଇ
ମାଲିକ ଶାନ୍ତ ପଡିଲା,
ଚୋରି ହୋଇଥିବା ଦଶଟଙ୍କା ଟିକୁ
ସତେଅବା ଫେରି ପାଇଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେଝା ଚାଲିଗଲେ ଯେଝା ବାଟରେ
ପିଲାଟି ସେମିତି ରହିଛି,
ସବୁଠୁ ବଡ ପାପ ସେ କରିଛି
ଅଛୁଆଁ ସ୍ୱାଦୁରଶ ପଡିଛି ।

ନିଜକୁ ସମ୍ଭାଳି ନପାରିଲି ଆଉ
ତାହାତରୁ ଖୋଲିଲି ରଶି,
ନିରୀହ ଚାହାଣି ଦେଖିକି ତାର
ହୃଦୟ ହେଲାମୋ ପେଶୀ ।

ମୁଣ୍ଡଟି ତାର ଆଉଁଶି ଆଣିକି
ପଚାରିଲି ଆରେ କହ,
କଣମିଳିଲା ଚୋରି କରି ତତେ
କାମ ଜମା ଭଲନୁହଁ ।

ନିରୀହ ଆଖିର କୋମଳ ଚାହାଣି
କଥାତ ବେଦନା ପରା
ବଖାଣି ବସିଲା ଦୁଃଖର ପେଟରା
ଜୀବନ ଯାତନା ଭରା ।

ବାପା ମା ଛାଡି ଚାଲିଯାଇଛନ୍ତି
ଆରପାରି ତାଙ୍କ ଘର,
ଛାଡି ଯାଇଛନ୍ତି କୁନି ଭଉଣୀଟି
କାଲିଠାରୁ ତାକୁ ଜୋର ।

ଅଖିଆ ଅପିଆ ପଡି ରହିଛିସେ
ଦାନମୁଠେ ନାହିଁ ଘରେ,
ତାବିକଳ ଚାହାଣି ସାହି ନପାରିଲି
ଚୋରି ସେପାଇଁ କରେ ।

ଭାବୁଥିଲି ବସି ଦୋଷ ବା କାହାର
ଏ ନିଷ୍ଠୁର ଭାବ କିପରି !
ମଣିଷ ପଣିଆ ମରିତ ଗଲାଣି
ସର୍ବେ ଧ୍ୱଂସ ହେବେ ଯେପରି ।

ହାଇଦ୍ରାବାଦ.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାବନା ଭୂତ



ହୃଷିକେଶ ସ୍ୱାଇଁ

ଗୋଟେ କଳା ବାବନାଭୁତ
ବୃଥା ଆତ୍ମ ବଡ଼ିମା ଦେଖାଇ
ଅନ୍ଧାରୁଆ କାନ୍ଥରେ ଟଙ୍ଗା
ପୁରୁଣା କ୍ୟାଲେଣ୍ଡର ଉପରେ
ଓହଳି ପଡିଲା
ଯେମିତି କି ଶ୍ମଶାନସ୍ଥ ବୃକ୍ଷଡାଳରେ
ବେତାଳ ଅବା ଝୁଲିଲା

ନଇଁ ପଡିଥିବା ବୟସର
କ୍ଲାନ୍ତ ଆଶାୟୀ
ବୁଭୁକ୍ଷୁ କାନ୍ଧ ଦୁଇଟି ଆଉ
ବିଶେଷତ୍ୱ ବିହୀନ
ଚିରାଚରିତ କଥା ଗୁଡ଼ିକ
ତା ଓଠରୁ ମାଳା ଭଳି
ଆଗ ପଛ ଦୋଳି ଖେଳୁଥିଲା

ତା ଜୀବନର ଭୋକ
ଉପାସିଆ
ମୂଲ୍ୟବାନ ମୁଦ୍ରାଟି
ଠନ୍ କରି ପଡି, ଟିକେ ରହି
ପୁଣି ଗଡି ଗଡି ଚାଲିଗଲା

ଘୁଙ୍ଗୁଳା ରତୁର
ଫୁଙ୍ଗୁଳା ଅଟ୍ଟହାସ୍ୟ ସାଙ୍ଗରେ
ଲମ୍ବା ଲମ୍ବା ପାହୁଣ୍ଡ ପକାଇ
ମୋ ଅଳସୁଆମିର
ଦୃଶ୍ୟଭୂମିର ପ୍ରଚ୍ଛଦପଟ୍ଟରୁ
ଫୁସ୍..ଉଭାନ ହେଇଗଲା

କଲିକତା, ଭ୍ରାମ୍ୟଭାଷ : ୯୮୮୩୩୨୫୪୦୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମ ନାଁ ଗାଁ ଆଉ ଠିକଣା



ଶ୍ରଦ୍ଧା ମିଶ୍ର

ସେଦିନ ର ବର୍ଷା ରାତି
ତୁମେ ଆଉ ମୁଁ
ସେଦିନ ର  ବିଜୁଳି ରେ
ଯେମିତି ଅଲଗା କିଛି ଚମକ ଥିଲା
ଗୋଟେ କିଛି ଇତିହାସ
ଲେଖା ହେବାକୁ ଯାଉଥିଲା ବୋଧେ
ଆମ ଦୁଇ ଜଣଙ୍କ ସାଇକେଲ
ସମାନ୍ତରାଳ ରେ ଗଡୁ ଥିଲା
ହଟାତ ମୋ ସାଇକେଲ ଅଟକିଗଲା
ଆଉ ତମେ ସେ ବର୍ଷା ରେ ଭିଜି ଭିଜି
ମୋ ସାଇକେଲ କୁ ବନେଇଥିଲ
ଆଉ ଦେଇ ଯାଇଥଲ ତମର ସେ
ଧଳା ରୁମାଲ ଟିକୁ
ଆଜି ଯାଏ ରଖିଛି ତାକୁ ସାଇତି
ସମସ୍ତଙ୍କ ନଜର ଆଢୁଆଳୁ ।
ଆଜି  ବି ମନ ରେ ପ୍ରଶ୍ନ ଆସେ
କାହିଁକି ପଚାରିନଥିଲି
ତମ ନା ଗାଁ ଆଉ ଠିକଣା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝିଅପାଇଁ ପଦେ



ମୋନାଲିସା
ପ୍ରିୟଦର୍ଶିନୀ ନନ୍ଦ

କୁନିଝିଅ ମୋର ରୁଷେନି
ମାଲୋ କହୁଛି ତୋତେ
କଳ୍ପବୃକ୍ଷ ପରି ହୋଇବୁ
ଦୁଃଖ ସହିବୁ କେତେ||
ଜୀବନେ ଆସିବ ଅଚିରେ
କେତେ ଝଡ ଯେ ଝଞ୍ଜା
ଭବିଷ୍ୟ ପାଇଁକି କର୍ତ୍ତବ୍ୟ
ତୋର ହୋଇଛି ଖଞ୍ଜା||
ନିନ୍ଦା ଅପନିନ୍ଦା ଶୁଣିବୁ
ଭାଗ୍ୟେ ହୋଇଛି ଲେଖା
ତଥାପି ହାରି ତୁ ଯିବୁନି
ଏ ବାଣୀ ମନେ ରଖିଥା||

କେତେ ଶାଗୁଣା ଛଞ୍ଚାଣ ଉଡିବେ
ଆକାଶେ ତୋର
ବିରଙ୍ଗନା ସାଜି ଝିଅଲୋ
କରିବୁଯେ ସଂହାର ||
ଶାଶୁଘରେ ଯାଇ ସଭିଙ୍କ
ସେବା କରିବୁ ତୁହି
ତଥାପି ଲୋ ନିନ୍ଦା ମିଳିବ
କର୍ମେ ଲେଖିଛି ବିହି||
ବିଧାତା ତୋତେ ଲୋ ଗଢ଼ିଛି
ଅଷ୍ଟଭୁଜା ବନାଇ
ଶକ୍ତି ସ୍ୱରୂପିଣୀ ତୁହିଲୋ
ତୋପରି କିଏ ଯେ ନାହିଁ||

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱାମୀ ସ୍ନେହ ଦେଲେ ଜାଣିବୁ
ଭାଗ୍ୟବତୀ ଯେ ତୁହି
ଆଉ କାହା ନିନ୍ଦା ବାଣୀଲୋ
ତୁହି ଶୁଣିବୁ ନାହିଁ।।
ଲାଜକୁଳି ଲତା ପରି ଲୋ
କେବେ ହୋଇବୁ ନାହିଁ
କଣ୍ଟା କୁ କଣ୍ଟାରେ କାଢ଼ିବୁ
ସତ୍ୟରେ ଚାଲିବୁ ତୁହି।।
ମାଟିକୁ କହିବୁନି ଫାଟିଯା
ମା ସୀତାଙ୍କ ପରି
ଦେବକୀ ପରି ହୋଇବୁ ଲୋ
ଅଷ୍ଟପୁତ୍ର ଜନମ କରି।।
ମହିଷାମର୍ଦ୍ଦିନୀ ହେବୁ
ଦାନଵ ସଂହାର କରି
ମା ଲକ୍ଷ୍ମୀ ପରି ତୁହିଲା
ଦେବୁ ଯେ ଭଣ୍ଡାର ଭରି।।

ନାରୀ ହେଲେ ସ୍ୱାଧୀନତାଲୋ
ଦେଶେ ଉର୍ନତି ହେବ
ଦେଶ ପ୍ରଗତିରେ ନାରୀର
ସଦା ହସ୍ତ ରହିବ।।
ନାରୀ ହେଲେ ଲୋ ପାଠୋଇ
ନିରକ୍ଷର ରହିବେ ନାହିଁ
ସଭିଏଁ ସାକ୍ଷର ହୋଇବେ
ଦେଶ ଯିବ ଆଗେଇ।।
ନାରୀ କୁଯେ ସମ୍ମାନ ଦିଏନି
ତାର ହୁଏ ପତନ
ଯୁଗେ ଯୁଗେ ନିନ୍ଦା ପାଏଲୋ
ଶୁଣୁଥା ଦେଇଯେ ମନ।।
ନିଜକୁ ଅସୁରକ୍ଷିତ କେବେଲୋ
ତୁ ଭାବିବୁ ନାହିଁ
ନାରୀ ସ୍ୱାଧୀନତା ପାଇଁଲୋ
ସ୍ୱର ଉଠାଅ ତୁହି।।

ବେଦପୁର, ବାଙ୍କୀ, କଟକ
ଦୂରଭାଷ : ୭୯୭୮୬୧୬୭୦୧୦

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ପଖାଳ



ଭୂପେଶ ମିଶ୍ର

ଓଡ଼ିଆର ପ୍ରାଣ ଅତି ଆପଣାର
ଅଟଇ ପଖାଳ କଂସା ,
ପାଶେ ଥିଲେ ତାର କଞ୍ଚା ଲଙ୍କା ଲୁଣ
ମନରେ ଆସେ ଭରଷା ।

ବାଡ଼ି ନେଉଟିଆ ଅବା ବଡ଼ିଚୁରା
ଥିଲେ ତ ଆମ୍ବୁଲ ଝୋଳ
ଓଡ଼ିଆ ଜାତିର ସ୍ୱାଭିମାନ ପରା
ଅଟଇ ଆମ ପଖାଳ ।

ତୋରାଣି କଂସାରୁ ଭାତ ଗୁଣ୍ଡେ ଖାଇ
ପିଆଜ ପାଖୁଡେ ସଙ୍ଗେ
ଆତ୍ମା ଭରିଯାଏ ପେଟ ପୁରିଯାଏ
ବଳ ଭରିଯାଏ ଅଙ୍ଗେ ।

ଓଡ଼ିଆର ପ୍ରାଣ କାଳିଆ ଠାକୁର
ଅମୃତ ମଣୋହି କରି,
ମାଟି ତାଡି ତାଡି କୃଷକ ଫେରିଲେ
ଘରଣୀ ପରଷେ ଥିରି ।

ହଜିତ ଗଲାଣି ମହକ ତାହାର
ପରିଚୟ ଏଜାତିର,
ବଞ୍ଚି କି ରହିବ ପଖାଳ ଆମର
ଫାଷ୍ଟ ଫୁଡ୍ ତାଡନାର ।

ସମ୍ପାଦକ ଅନ୍ୱେଷଣ
ମୋ ୯୮୭୪୨୮୭୪୪୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁଚେଇ ଦେଲି



ଗୋଲକ ବିହାରୀ ଗିରି

କାଲେ ଆମ ସ୍ମୃତିକୁ ସୂର୍ଯ୍ୟର ଉତ୍ତାପ ଆଉ

ରାତିର ଅନ୍ଧାର ନଷ୍ଟ କରିଦେବେ

ମୁଁ ଆଜି ତାକୁ ଲୁଚେଇ ଦେଲି

ଜହ୍ନରାଇଜରେ ଏକ ନିର୍ଦ୍ଦିଷ୍ଟ ତାରାର ଦାୟିତ୍ୱ ରେ...

ନା ରହିବ ଇର୍ଷା ନା ନିତିନିୟମ

ବାଧା ଦେବାକୁ ଆମ ଅବାଞ୍ଛିତ ପ୍ରେମକୁ

ନାଁ ତୋତେ ଭୟଥିବ

ନାଁ ଅବିଶ୍ୱାସ

ଦୁନିଆ ଜାଣିବା ଆଗରୁ

ମୁଁ ତାକୁ ମଞ୍ଜୁସାରେ ଭସେଇଦେଲି ମୋ ଲୁହର ନଦୀରେ ପ୍ରେମର ଡଙ୍ଗାରେ

ଜହ୍ନ ରାଇଜକୁ ଏକ ନିର୍ଧିଷ୍ଟ ତାରାର ଦାୟିତ୍ୱରେ...

କାଲେ ତୋତେ ଦେବାକୁ ପଡିପାରେ ଅଗ୍ନିପରୀକ୍ଷା

ଶିକାର ହେବାକୁ ପଡିପାରେ ଅନେକ ସନ୍ଦେଇ ଆଖିକୁ

ମୋ ପାଇଁ ତୁ କାହିଁକି ଲଜ୍ଜିତ ହେବୁ

ମୁଁ ଚାହେଁନା ବଞ୍ଚିବାକୁ କି ବଞ୍ଚାଇବାକୁ

ତୋତେ ଏମିତି ପ୍ରେମରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ଲୁଚେଇ ଦେଲି ଆମ ସ୍ମୃତିକୁ

ଜହ୍ନ ରାଇଜରେ ଏକ ନିର୍ଦ୍ଦିଷ୍ଟ ତାରାର ଦିଯିତ୍ୱରେ...

ଯଦିକେବେ ତୋର ମନେପଡେ

ସେ ନିରୁଳା ମୁହୂର୍ତ୍ତ, ସାଙ୍ଗ ହୋଇ ପକୁଡି ଖାଇବା

ସମସ୍ତଙ୍କ ଆଖିରୁ ଟିକିଏ ଦୂରରେ ସଲ୍ଫି ନେବା

ତୋ କଣ୍ଢେଇକୁ ମାଡ ମାରିବା

ତୋ ଆଖି ସାମ୍ନାରେ ତୋତେ ଲୁଚି ଲୁଚି ଦେଖିବା

ଇତ୍ୟାଦି ଇତ୍ୟାଦି କଥା

ମୁଁ କଥା ଦେଉଛି ଫେରେଇ ଦେବି

ବା ସେ ଠିକଣା ଦେବି

ତୁ ସମର୍ଥ ହେବୁ

ଖୋଜି ପାଇବାରେ ତୋ ଆଖି ଆଇନାରେ

ମୁଁ ଲୁଚେଇ ଦେଇଛି ଆମ ସ୍ମୃତିକୁ

ଜହ୍ନ ରାଇଜରେ ଏକ ନିର୍ଦ୍ଦିଷ୍ଟ ତାରାର ଦାୟିତ୍ୱ ରେ...

ଶିକ୍ଷକ

ଘଣ୍ଟୁଆ, ବାଲିଆପାଳ, ବାଲେଶ୍ୱର

ଦୂରାଭାଷ-୯୪୩୯୯୩୦୩୨୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଥୀ



ଶିବାନୀ ପରିଡ଼ା

ପ୍ରେମ ପ୍ରତିଦାନେ ପ୍ରତାରଣା ପାଇ
ଦୁନିଆରେ ମୋର ହସର ପାତ୍ର,
ଆଉ ଭରସାକୁ ଭରସା ପାଉନି
ପ୍ରେମର ସପନ ଭୁଲିଛି ନେତ୍ର,,,

ଆଖି ଯୋଡ଼ା ଯା'କୁ ଭଲ ଲାଗୁଥିଲା
ଆଜି କା' ଆଖିର ସପନ ସିଏ,,,
ମୋ ସପନ ଋତୁ ବଦଳି ଯାଇଛି
ଦୁଇଟି ଋତୁରେ ବରଷ ପାହେ,,,

ନିଦାଘ ଜଳାଏ ବରଷା ଭିଜାଏ
ବସନ୍ତ ମୋ ପାଇଁ ଆସିବା ମନା,,,
ବିତା ଶରତର ଚିତ୍ରଣ କଳନେ
ଗୁମୁରି କାନ୍ଦୁଛି ମନ ମଇନା,,,

ଦୁଷ୍ମନ୍ତ ଚରିତ୍ର ଭଲ ଲାଗେ ବୋଲି
ଶକୁନ୍ତଳା ମତେ ସଜାଇ ଦେଲ,,,
ସ୍ୱାର୍ଥପର ଏଇ ଦୁନିଆ ଭିତରେ
ତୁମେ ବି ସ୍ୱାର୍ଥର ପୂଜାରୀ ଥିଲ,,,

ଋଷି ଅଭିଶାପେ ଭୁଲିଥିଲେ ସିଏ
କା' ପାଇଁ ଭୁଲିଲ କହିବ ଥରେ,,,
ଅପେକ୍ଷା କରିନି ତଥାପି ଭୁଲିନି
ଏତେ ବର୍ଷ, ମାସ ବିତିବା ପରେ,

ହାତୀବାରି, ସୁକିନ୍ଦା, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁହିଁଙ୍କ ବାର୍ତ୍ତାଲାପ



କୃଷ୍ଣଚନ୍ଦ୍ର ଡାକୁଆ

ପ୍ରଶ୍ନ: ଶିଳ୍ପୀ,

କଣ ସତରେ

ପୁଳେ ବାଲି, ମାଟି, ମୁଠାଏ ନଡା, ବାଉଁଶ ଓ

କେଇଟା ରଙ୍ଗରେ

କେହି ଜଣେ ମୋ ଦ୍ୱାରା

ଏ ଧରା ପୃଷ୍ଠରେ ଜନ୍ମ ନେବ ?

ଉତ୍ତର: ପୁଳେ ବାଲି, ମାଟି ଓ ନଡା,

ହଁ ଏଇ ଦେଖ ମୂର୍ତ୍ତିକାର

ତୁମ ତୀକ୍ଷ୍ଣ କାରୁକାର୍ଯ୍ୟରେ

ମୁଁ ଜଣେ ନାରୀ ଜନ୍ମ ନେଇସାରିଛି କିନ୍ତୁ

ତୁମେ ତୁମ ହାତର ମୋତେ ଏମିତି

ରୂପ ଯୌବନରେ ସୁସଜ୍ଜିତ କରନାହିଁ !

ପ୍ରଶ୍ନ: ଶିଳ୍ପୀ,

କାରଣ କଣ ହୋଇପାରେ ?

ମୁଁ କଣ ପାପି ଟିଏ ?

ମୋର କଣ ସେ ଜ୍ଞାନ ନାହିଁ ?

ତୁମକୁ ସାଜଇବାରେ ଅବା

ତୁମ ରୂପ ଯୌବନ ଆଙ୍କିବାରେ ?

ଉତ୍ତର: ପୁଳେ ବାଲି, ମାଟି ଓ ନଡା,

ଜମା ସେମିତି କିଛି ନୁହଁ ମୂର୍ତ୍ତିକାର

ତୁମ ହାତର ଢେର୍ ସାରା ଦକ୍ଷତା ଅଛି କିନ୍ତୁ

ମୋର ଭୟ ଅଛି ଯଦିଓ

ମୁଁ ତୁମ ହାତର କାରିଗରୀ ଶୈଳୀରେ

ସୁନ୍ଦର ରୂପ ଯୌବନରେ ସୁସଜ୍ଜିତ ହୁଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ଚାରି ଦିଗରେ ଘୁରିବୁଲୁଥିବା
ହିଂସ୍ର ସମାଜର କ୍ରୁର ମଣିଷ ମାନଙ୍କ କାଳେ
ଲୋଲୁପ ଦୃଷ୍ଟି ପଡ଼ିଯାଇପାରେ
ମୋ ଭୟ ଅଛି  !

ପ୍ରଶ୍ନ: ଶିଳ୍ପୀ,
ତୁମକୁବି ଭୟ ଅଛି  ?
ସେମିତି କିଛି ହେବନାହିଁ
ତୁମେ ପରା ମା ଜଗତ ଜନନୀ ଯଗଦମ୍ବା
ଦୁର୍ଗତି ନାଶିନୀ ଦୂର୍ଗା ମା

ଉତ୍ତର: ପୁଳେ ବାଲି,ମାଟି ଓ ନଡା,
ହଁ ହଁ ମୁଁ ଜଗତ ଜନନୀ ଯଗଦମ୍ବା
ଦୁର୍ଗତି ନାଶିନୀ ଦୂର୍ଗା ମା
ମୋର ଭୟ ନାହିଁ ହେଲେ

ମୋର ଭୟ ସେମାନଙ୍କ ଉପରେ
ଯେଉଁମାନେ ବସ୍ତ୍ରକୁ ବିଭସ୍ତ୍ର କରି ପିନ୍ଧିନ୍ତି
ଯେଉଁମାନେ ନାରୀ ଜୀବନର ସଂଜ୍ଞା ଭୁଲିଯାନ୍ତି
ଯେଉଁମାନେ ନାରୀ ଜୀବନର ମହତ ବୁଝନ୍ତିନି
ସେମାନଙ୍କ ଉପରେ ମୋର ଢେର୍ ସାରା ଭୟ

ପ୍ରଶ୍ନ: ଶିଳ୍ପୀ,
ତୁମର ଅବା କଣ ଭୁଲ ଅଛି ମା  ?
ତୁମେ ତ ଏ ନାରୀ ସମାଜର ଆଦର୍ଶ
ନାରୀକୁ ନାରୀ ଜୀବନର ସଂଜ୍ଞା
ସର୍ବଦା ବତାଉଥିବା ଜଣେ ମା
ଏଣେ ସେମାନଙ୍କ ଯାହା ଇଚ୍ଛା  !

ଉତ୍ତର: ପୁଳେ ବାଲି,ମାଟି ଓ ନଡା,
ହଁ ସେୟାତ ନିଶ୍ଚିତ
ତେଣେ ସେମାନଙ୍କ ଯାହା ଇଚ୍ଛା
ମୁଁ ନିମିତ୍ତ ମାତ୍ର  !

ପ୍ରଶ୍ନ: ଶିଳ୍ପୀ,
ମା ତୁମେ ତ ଦିନେ ମହିଷାସୁର ଭଳି
ଜଣେ ବଳବାନ ଅସୁରକୁ
ନିଧନ କରିବାରେ ସଫଳ ହୋଇଥିଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଲେ ଆଜି ବସ୍ତ୍ରକୁ ବିବସ୍ତ୍ର କରୁଥିବା

ଯିବ ମାନଙ୍କ ଜୀବନ

ଲାଲ ରଙ୍ଗର କପଡ଼ା ଗୁଡା ହୋଇଥିବା ନିଶ୍ଚେ ଚେଷ୍ଟା କରିବି !

ଖୋଳପା ମଧ୍ୟରେ !

ହା ହା ସ୍ୱଷ୍ଟ ବୁଝି ଯାଇଥିବ

କିଏ ଦୋଷୀ ଆଉ କିଏ ନିର୍ଦ୍ଦୋସି

ଉତ୍ତର: ପୁଳେ ବାଲି,ମାଟି ଓ ନଡା,

ଏହା ହିଁ ତ ସେମାନଙ୍କ କର୍ମ ଫଳ

କିଏ କଣ କରିବ

ଯାହା ସେମାନଙ୍କ ଇଛା

ପ୍ରଶ୍ନ: ଶିଳ୍ପୀ,

ହେ ମା କୃପାମୟୀ ଅଭୟ ଦାୟିନୀ

ସର୍ବ ମଙ୍ଗଳ କାରିଣୀ ଶକ୍ତିପ୍ରଦାୟିନୀ ମା

ଏ ସମାଜରେ ବସବାସ କରୁଥିବା

ସମସ୍ତଙ୍କୁ ଚେତାଇ ଦିଅ

ମନୁଷ୍ୟ ମନୁଷ୍ୟ ମଧ୍ୟରେ

ରହିଥିବା ସମ୍ପର୍କର ବନ୍ଧନକୁ !

ଉତ୍ତର: ପୁଳେ ବାଲି,ମାଟି ଓ ନଡା,

କରଚୁଲି (ବୁଗୁଡ଼ା), ଗଞ୍ଜାମ
ପିନ୍ ୭୬୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଓ ମୁଁ



କ୍ଷୀରୋଦିନୀ
ବେହେରା

ସ୍ୱପ୍ନର ସୁଗନ୍ଧେ ବଢି ଚାଲୁଥିବା
ମୁଁ ଏକ ଚଞ୍ଚଳ ପାଦ
ଅଜଣା ଠିକଣା ଖୋଜି ବୁଲୁଥିବା
ତୁମେ ନୀରବିତ ଅନୁବାଦ ।

ପ୍ରେମ ଚିଠି ଲେଖି ରାତି କାଟୁଥିବା
ତୁମେ ଶୀତଳ ଦେହର ଦାଗ
ଧୂପପରି ଜଳି ଅସିମ ଆନନ୍ଦେ
ମରି ଚାଲୁଥିବା
ମୁଁ ଶସ୍ତା କିଛି ଅନୁରାଗ ।

ଅକାରଣେ ଆଜି ହସ୍ତଗତ ଥିବା ତୁମେ
ପ୍ରିୟ ସହଚରୀ ପାପ
ଅନ୍ତିମ ଜୁଇରେ ଚିତା ଭସ୍ମପରି ପଡି ରହିଥିବା
ମୁଁ ନିଃସର୍ତ୍ତର ଅନୁତାପ ।

ଅଧ୍ୟାପିକା କ୍ଷୀରୋଦିନୀ ବେହେରା
ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୭୭୭୭୨୯୦୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲିଙ୍ଗିକ ସମାନତା



ହିତେଶ୍ ମହାପାତ୍ର

ବିବାହ ପାଇଁ ଏକ ବେକାର ଯୁବକ ଖୋଜ ନା
ସବୁବେଳେ ସିଏ ହିଁ କାହିଁକି କମେଇବ ବା ଅଧିକ କମେଇବ
ଏଥର ମୁଁ କମେଇବି ଆଉ ପୋଷିବି ସିଏ ଟିକେ ବସୁନା
ମୁଁ ବାହା ହେଇ ଘର ଛାଡିଲି
ତମେ ଭି ତମ ବାପା ମା କୁ ଛାଡି ମୋ ସହ ଆସନା

ବସ ରେ ମୁଁ ପୁଅ ମାନଙ୍କ ଜାଗା ରେ ମୁଁ ବସି ପାରୁଛି
ହେଲେ, ଘଣ୍ଟେ ହେଲାଣି ଝିଅ ମାନଙ୍କ ବସିବା ଜେଗା ଖାଲି ଥିବା ସତ୍ତ୍ୱେ
ଏ ଠିଆ ହୋଇଥବା ପୁଅ ଟା କୁ ଥରେ ବସିବା ପାଇଁ ପଚାର ନା
ଆରକ୍ଷଣ ଖାଲି ମୋ ପାଇଁ ବନେଇଲ
ଏ ପୁଅ ମାନଙ୍କୁ ସମାନତା ରେ ପାଠ ଆଉ ଟିକେ ପଢ଼ାଅନା
ମୋ ପାଇଁ ସବୁ ନିୟମ କାନୁନ ବନେଇଛ
ଛୁଇଁ ଲେ ଜେଲ, କହିଲେ ଜେଲ ଜୋରରେ ଛିଙ୍କିଲେ ଜେଲ
ପୁଅ ମାନଙ୍କ ପାଇଁ କିଛି ନ ହଲେ, ଗୋଟେ ଇଚ୍ଛାମୃତ୍ୟୁ ର ନିୟମ ବନାଅନା
ମିଠୁ, ମାଇ ଚଏସ କରି କରି ସମାନତା ମାଗୁଛି
ଏ ପୁଅ ମାନଙ୍କର ଭି ଲିଙ୍ଗ ବୋଲି କିଛି ଅଛି କି ନାହିଁ ଥରେ ପଚାରନା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉତ୍ପାତ କୁ ଫେମିନିଷ୍ଟ ର ନା ଦେଇ  ବହୁତ କିଛି ପାଇଁ ବାଧ୍ୟ କରେଇଛି
ସେ ପୁଅ ଟା କୁ ତାର ଭି ଇଛା  ଥର ଟିଏ ପାଇଁ ପଚାରନା
ସବୁ ବେଳେ ମୁଁ ଛୁଆ ଜନ୍ମ କରୁଛି, ଏଥର ତମେ ଜନ୍ମ କରନା
ବନେଇବା ବାଲା ବୋଧେ ମୂର୍ଖ ହେଇଥିବ, ଜେ  ଦୁଇଟା ଲିଙ୍ଗ ବନେଇଛି
ମୁଁ ତାକୁ ବିରୋଧ କରୁଛି, ଆଉ ଗୋଟେ କରିବାକୁ ଚାହୁଁଛି  ମୋତେ କିଏ ବୁଝାଅନା

ଦୁଇ ଟୋପା ଲୁହ ଝରେଇ କେତେ ଜଣକୁ ତରାଳେଇଛି
ସେ ପୁଅ ଟା ମନ ଭିତରେ କାନ୍ଦୁଛି
ତାର ଲୁହ ଭି ଟିକେ ପୋଛନା

ମୋ ମା ବୋଧେ ସ୍ତ୍ରୀ ନଥିଲା, କାହିଁକି ନା ତାଠୁ ଏ ଶବ୍ଦ କେବେ ଏ କାନ ଶୁଣି ନଥିଲା
ମାତ୍ର ସିଏ ନଥିଲେ, କିଛି ନଥିଲା ଭଳି ମନେ ହୁଏ..ବୁଝିଲ
କାଳେ  ପ୍ରକୃତି କିଛି କାରଣ ସକାସେ ବନେଇଥିବ
କାଳେ ନିଜ ଭିତରେ କିଛି ଭୁଲ ରହି ଯାଉଥିବ,
ଟିକେ ନିଜ ଭିତରେ ଝାଙ୍କିକି ଦେଖନା

ଲଢ଼ି ଲଢ଼ି ଅବା କିଏ ବା ଜିତିଛି
ଥରେ, ନିଜକୁ ସମର୍ପଣ କରିକି ଦେଖନା

ହିତେଶ୍ ମହାପାତ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଧାର ମୁଁ ଦେଲି ସମାନ କରି



ଦୁଷ୍ମନ୍ତ କୁମାର ମିଶ୍ର (ଟୁକୁ)

ରଙ୍ଗ ମାଟି କଲି ପଞ୍ଜୁରୀ, ତହିଁରେ ଲେଖିଲି ସୁଜାଣ ଶାରୀ
ଦୁଇ ଚଢାଇଙ୍କୁ ପୋଷିବା ନିମନ୍ତେ ଆଧାର ମୁଁ ଦେଲି ସମାନ କରି । ।୦ । ।
ଜଣେ ଖାଇଲା, ଜଣେ ନ ଖାଇଲା, କେଉଁ ଅଭିମାନ ମନରେ ଧରି
ପାଞ୍ଚ ଶିଷ୍ୟ ଯାଇଁ ପଚିଶ ଗୁରୁଙ୍କ ମେଳରେ ଯେ ଶିକ୍ଷା କରି । ।୧ । ।
ଜଣେ ପଢ଼ିଲା ,ଜଣେ ନପଢିଲା ,ପଣ୍ଡିତ ହୋଇଣ ମୂର୍ଖକୁ ହାରି
ପଣ୍ଡିତ ହୋଇଣ ମୁର୍ଖକୁ ହାରିଣ କୁମ୍ଭୀପାକରେ ଦେଲା ଗୁଣା ଗାରି । ।୨ । ।
ମୂର୍ଖ ହୋଇ ଯେବେ ପଣ୍ଡିତ ଜିଣିଲା, କେଉଁ ବିଦ୍ୟାଥିଲା ଆଶ୍ରୟ କରି
ତା ଅନ୍ତରେ ଆସି ଦ୍ରୋଣ ମେଘ ଗ୍ରାସି ବରଷିଲା ବହୁବାରି । ।୩ । ।
ବହୁଜଳ ହୋଇ ଏକ ଠାବେ ରହି ଧ୍ରୁବ ଚକ୍ର ପରେ ମାରେ ଲହରି । ।୪ । ।
ଲହରି  ବାଜନ୍ତେ ପଞ୍ଜୁରୀ ଭାଜନ୍ତେ ଜଳେ ପଡି ଦୁହେଁ ସେ ଧରାଧରି
ଜଣେ ପହଁରିଲା, ଜଣେ ବୁଡିମଲା ଦୁକୁମାର କହେ ମନେ ସୁମରୀ । ।୫ । ।

ପ୍ରଧାନ ଶିକ୍ଷକ, ବାଲି ସାହି, ମଠକରଗୋଳା, ଢେଙ୍କାନାଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଆଉ ତୁମେ



ଚିତ୍ତରଞ୍ଜନ ନାୟକ

କେବେ କେବେ ଇଛା ହୁଏ
ସ୍ୱୟଂ କୁ ପଢିବାକୁ
କେତେ କଷ୍ଟ
କେତେ ଉଦାସରେ ଚାହେଁ
ତୁମକୁ ପାଖରେ ପାଇବାକୁ !

କିଛି କହିବାକୁ
ଆଉ ତୁମକୁ
ମନ ଭରି ଦେଖିବାକୁ !

ଆଉ କେବେ ପଢିନିଏ
ନିଜକୁ
ତୁମ ଚେହେରାରେ
ବାରମ୍ବାର ବଦଳୁଥିବା
ରଙ୍ଗରେ
ତୁମ ଓଠର
ଅଳ୍ପ ଅଳ୍ପ ସ୍ମିତରେ
ଆଉ ଛଳ ଛଳ ଆଖିରେ !

ଇଛା, ଅନିଛା
ଚାହିଁବା, ନଚାହିଁବା
ଭିତରେ କେମିତି
ଢଳିଗଲେ ଆମେ
ଏକ ଅଶ୍ରୁର ଧାରରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏକ ଦୀର୍ଘନିଶ୍ୱାସରେ

ମୁଁ ନିଜକୁ ପାଉଥିଲି

ତୁମ ନୟନରେ

ଆଉ ତୁମେ ନିଜକୁ

ଖୋଜୁଥିଲ

ମୋ ନୟନରେ.... !!!!

ଚିତ୍ତରଞ୍ଜନ ନାୟକ

ଗ୍ରାମ /ପୋଷ୍ଟ - ନଖେଇ

ଜିଲ୍ଲା - ଯାଜପୁର

ପିନ -୭୫୫୦୦୭

ମୋବାଇଲ - ୯୩୨୦୪୧୪୦୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପକ୍ଷୀ (ଚଢ଼େଇ)



ବିଭୁତି

ଆକାଶେ ଉଡଇ ଚଢେଇ

ଡେଣାକୁ ହଲେଇ ହଲେଇ

ବ୍ୟୋମଯାନ ଭଳି ବ୍ୟୋମରେ

କେତେ ସ୍ଥାନ ଘୁରି ଆସଇ ॥

ପକ୍ଷୀ ଶାବକ କୋରଡ଼ ରେ

ରହିଛି ତା ବାଟକୁ ଚାହିଁ

ଥଣ୍ଟରେ ନେଉଛି ଆହାର

ଶିଶୁ ଚଞ୍ଚୁରେ ଦେବ ନେଇ ॥

ସବୁ ସମୟରେ ବିପଦ

ରହିଛି ଶିକାରୀ ଅନେଇ

ବଂଚିବାର ପାଇଁ ସଂଘର୍ଷ

ଶବ୍ଦ ମାତ୍ରେ ଯାଏ ପଳେଇ ॥

ଘାସ କୁଟା ନେଇ ଯତନେ

ବସାଟେ ଦେଉଛି ବନେଇ

ଗଛ ଡାଳ ଶେଷ ମୁଣ୍ଡରେ

ଦେଉଅଛି ତାକୁ ଝୁଲେଇ ॥

ଜାଣିପାରେ ଆଶୁ ବିପଦ

ନୂଆ ବସା ଗୋଟେ କରଇ

ଶାବକକୁ ନିଅଇ ବୋହି

ସନ୍ତର୍ପଣେ ସେଠାରେ ଥୋଇ ॥

ପଶୁ ସରୀସୃପ ମଣିଷ

ଛକିଛନ୍ତି ମାରିବା ପାଇଁ

ଲକ୍ଷ୍ୟ କରଇ ଗତିବିଧି

ବସାରେ ନଜର ରଖଇ ॥

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୂରରୁ ଖାଦ୍ୟକୁ ଦେଖଇ
ପ୍ରଖର ଦୃଷ୍ଟି ଶକ୍ତି ନେଇ
ଦୁଷ୍ଟଠାରୁ ରହେ ଦୂରେଇ
ଭଲ ଜୀବ ପାଖେ ବୁଲଇ ।।
ଶାନ୍ତିପ୍ରିୟ ଜୀବରେ ଗଣା
ଉତ୍ତମ ପରିବେଶ ପାଇଁ
ପକ୍ଷୀ କଳରବ ମଧୁର
ଶୋହେ ବନ ଆକାଶ ଭୂଇଁ ।।
କାହିଁ ଗଲେ ଚିଲ ଶାଗୁଣା
କୁମ୍ଭାଟୁଆ ଆଦି ଚଢେଇ
ଅଗଣାରେ ଘରଚଟିଆ
ଉଡୁନି ଆଉ ଡେଇଁ ଡେଇଁ ।।
ଆମ ରାଜ୍ୟେ ପକ୍ଷୀ ବିହାର
ଚିଲିକା ତା ନାମ ଅଟଇ
ବିଦେଶୀ ପକ୍ଷୀ ଆଗନ୍ତୁକ
ଦର୍ଶନ କର କାଳୀଜାଈ ।।
ପକ୍ଷୀ ଶିକାରକୁ ବିରୋଧ
କର ମୋର ଭଉଣୀ ଭାଇ
ଜାତୀୟ ପକ୍ଷୀ ର ପରଟି
କହ୍ନେଇ ମଥାରେ ଶୋଭଇ ।।
ତ୍ରେତାରେ ଲଢ଼ିଲେ ଜଟାୟୁ
ମାତା ସୀତା ଉଦ୍ଧାର ପାଇଁ
ନାରୀ ରକ୍ଷା କନ୍ୟା ସୁରକ୍ଷା
କଥାଟି ଯୁଗ ଯୁଗ ପାଇଁ ।।
ପେଚା ଲକ୍ଷ୍ମୀଙ୍କର ବାହାନ
ଗରୁଡ଼ ଖମ୍ବେ ବିରାଜଇ
ଗୁଣ ନେଇ ଯୋଗ୍ୟ ଆସନ
ଗୁଣୀ ଜଗତେ ପୂଜା ପାଇ ।।

******* ବିଭୂତି ********


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକାଳବୋଧନ



ନିରୁପମା ନାୟକ

ଅକାଳେ ପୁଜିଲେ ପ୍ରଭୁ ରାମଚନ୍ଦ୍ର
ଦେବୀ ହୋଇଲେ ଉଭା
ଆବିର୍ଭାବ ହେଲେ ମା' ଯୋଗମାୟା
ଆଲୌକିକ ତାଙ୍କ ପ୍ରଭା...
ସୂର୍ଯ୍ୟଦେବ ଥିଲେ ଦକ୍ଷିଣାୟନ ରେ
ସେ ଥିଲା ଦେବରାତ୍ର କାଳ
ରାବଣ ସଂହାର ହୋଇବ କିପରି ?
ବ୍ରହ୍ମାଶିଷ ତାର ଢାଳ...
ଦେବୀଶକ୍ତି ଅନିବାର୍ଯ୍ୟ ଯେ ହୋଇଲା
ତା ଗର୍ବ ଭାଙ୍ଗିବା ପାଇଁ
ପ୍ରଭୁ ଶ୍ରୀରାମ ଆରାଧିଲେ ମା'ଙ୍କୁ
ଷୋଡ଼ଶ ଉପଚାର ନେଇ...
ଚାମୁଣ୍ଡା ଦେବୀଙ୍କ ସହଯୋଗ ଘେନି
କରିଥିଲେ ସନ୍ଧିପୂଜା
ନବମୀ ରେ କନ୍ୟା ରୂପେ ଉଭା ହେଲେ
ଦଶମୀ ରେ ଦଶଭୁଜା...
ସର୍ବନାଶ ହେଲା ରାବଣ ର ଯଶ
ଧର୍ମ ର ହେଲା ବିଜୟ
ଅନ୍ତ କାଳେ ପ୍ରଭୁ ଶରଣେ ପଶିଲା
ଶ୍ରୀ ରାମ ଙ୍କ ହେଲା ଜୟ...
ସେହି ପରି ଏକ ଅକାଳବୋଧନ
ଏ ଯୁଗେ ଘଟିବା କଥା
କନ୍ୟା ହେଉ ଅବା ହେଉ କିଶୋରୀ
ମନେ ରଖ ଏହି ବାର୍ତ୍ତା...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଶା ରଖ ନାହିଁ ଅନ୍ୟ କାହାଠାରୁ

ନିଜ ଶକ୍ତି କୁ କର ଜାଗ୍ରତ

ତୁମ ସୁରକ୍ଷା ଯେ ତୁମରି ହାତରେ

ପରାଜିତ ହେବେ ଦୁର୍ବୃତ୍ତ...

ଆହ୍ୱାନ କରି ଯେ ନିଜ ଶକ୍ତି ମାନ

ଆତ୍ମା କୁ କର ନିର୍ଭୟ

ଅବଳା ସାଜି ଯେ ଦୁର୍ବଳା ହୁଅନି

ନିଜ ବଳେ କର ଜୟ...

ଷଷ୍ଠୀ ରୁ ଦଶମୀ ଯାଏଁ ଯେଉଁ ଗାଥା

ମା' ଙ୍କର ଶୁଣିଥାଅ

ସେହି ଶକ୍ତି ସବୁ ଅକାଳ ବିପଦେ

ନିଜ ଭିତରେ ଜଗାଅ...

ବିପତ୍ତି ଆସିଲେ ମା' ଙ୍କୁ ସୁମରି

ମନେ ଆଣ ତାଙ୍କ ବେଶ

ଆତ୍ମରକ୍ଷା ପାଇଁ ନିଜେ ସଜ୍ଜ ହୁଅ

ପାପିଙ୍କ କର ବିନାଶ ! ! !

ରାଜଗାଙ୍ଗପୁର, ସୁନ୍ଦରଗଡ଼, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା ଅଭିମାନିନୀ



ସରୋଜ ନାୟକ

ହେ ସ୍ୱପ୍ନମୟୀ....
ଆମ ଭିତରରେ ଥିବା
ଦୂରତ୍ୱକୁ ଦେଖ...
ଅମାବାସ୍ୟାର କଳଙ୍କରେ
କଳଙ୍କିତ ମୋର ଅବୟବ
ତୁମେ କିନ୍ତୁ ପ୍ରୀତିରେ ଢଳଢଳ
ନୀଳ ସରସୀରେ
ଶୋଭାର ସୌଷ୍ଠବ
ତୁମେ ଆକାଂକ୍ଷିତ ପ୍ରୀତିଲଗ୍ନା
ପ୍ରଣୟ ପିପାସୀ ଏକ
ଅଜଣା ତିଥିର ଭାବନାରେ ମଗ୍ନା ।

ତୁମ ନିଟୋଳ ପାଦରେ
କଣ୍ଟାର ଆଘାତ ଦେବାକୁ
ମୁଁ ଚାହେଁନାହିଁ .....
ତୁମ ଆୟତ ନୟନରେ
ଲୁହ ଭରିବାକୁ
ମୁଁ ଚାହେଁନାହିଁ......
କେବଳ ମୁଁ ଭଲପାଏ ଭଲପାଏ
ଭଲପାଏ ବୋଲିତ କହୁଛି
ଫେରିଯାଅ ଫେରିଯାଅ ହେ ସୁନୟନା
ସେହି ଦୂର ଦିଗବଳୟକୁ...... ! ! ! !
ଯେଉଁଠି ବହୁଛି ଖାଲି ତୁମପାଇଁ
ପ୍ରୀତିର ଝରଣା.... ! ! ! !

ଭ୍ରାମ୍ୟଭାଷ : ୯୩୩୭୨୬୦୩୬୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ପାରିବ ତ ?



ରାକେଶ ରଞ୍ଜନ ପଣ୍ଡା

ତୁମ ନୀଳ ଆଖିର
ଲାଜୁଆ ଚାହାଣୀକୁ ଚାହିଁ ବସିଥିବା
ଏହି ଚାତକ ପକ୍ଷୀକୁ ଆଜି ସିନା ତୁମ
ପ୍ରେମ ବର୍ଷାରେ ଭିଜାଇ ଦେଲ
କିନ୍ତୁ ସାରା ଜୀବନ ସେ ବର୍ଷାରେ
ମୋତେ ଓଦା କରି ପାରିବ ତ ?

ଅନେକ ଆଶା ଓ ଆଶଙ୍କାରେ
ଅନେଇ ବସିଛି ଏ ବେରଙ୍ଗ ଜୀବନ,
ତୁମ ପ୍ରେମ ଫଗୁର ରଙ୍ଗୀନ ସ୍ପର୍ଶପାଇଁ
କେତେ ଯେ ଆତୁର ଆଜି ଏ ମନ ।
ମୋତେ ରଙ୍ଗେଇ ପାରିବତ ?

ମୋ ମନ ପ୍ରେମର କୋଣାର୍କ ଆଜି
ଅପେକ୍ଷା କରିଛି ଖାଲି ତୁମକୁ
ପହିଲି କିରଣରେ ଝଲସି ଉଠୁଥିବା
ତୁମ ନବବଧୂ ଭୂଆସୁଣୀ ବେଶକୁ
ମୋତେ ଦର୍ଶନ ଦେବ ତ... ?

ଅପେକ୍ଷାରେ ତୁମ
ମୋ ହୃଦୟ ବେଳାର ଶୁଷ୍କ ବାଲୁକା ରାଜି
ତୁମ ପ୍ରେମଭରା ଜୁଆରରେ ସଦା
ରୁହନ୍ତି ମୁଁ ଭିଜି ଭିଜି
ଭିଜେଇ ପାରିବତ ... ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅପେକ୍ଷାରେ ତୁମ
ଏ ଲୌହ ଶରୀର
ତୁମ  ଚୁମ୍ବକୀୟ  ଆକର୍ଷଣେ
ହଜିବାକୁ ଚାହେଁ ତୁମରି ଭିତରେ
ଏକ ପ୍ରୀତି ଭରା ଆଲିଙ୍ଗନେ
ଦୂରେଇ ଦେବନି ତ... ?

ନିବୁଜ ଘରର ଧୂଳିଲଗା ଆଇନା
ତୁମ ଅପେକ୍ଷାରେ ଆଜି
ଓଦା କେଶ ଚନ୍ଦ୍ରବଦନ ଦର୍ଶନେ
ବଢାଇବ ନିଜ ଯଉବନ ରୂପକାନ୍ତି
ଭାଙ୍ଗି ଦେବନି ତ... ?

ମୋ ହୃଦୟ ବଗିଚା ଅପେକ୍ଷା କରିଛି
ତୁମ ପ୍ରେମ ପାରିଜାତ ମହକକୁ,
ମଳୟକୁ ବି ତୁମ ପାଇଁ ଡାକିବି
ମହକାଇବ ସଦା ମୋ ଜୀବନକୁ
ତୁମେ ପାରିବ ତ ... ?

ମୋ ପାଷାଣ ହୃଦୟ ଅପେକ୍ଷା କରିଛି
ତୁମ ମନ ତୂଣୀରର ମଦନଶର କୁ,
ସେ ଶର ଶଜ୍ୟାରେ ଏଇ ମୋ ଜୀବନ
ପାଉ ତୁମ ସାଥେ ମୋକ୍ଷ  ଗତିକୁ  ।
ଏତିକି ତୁମେ ପାରିବ ତ.... ?

ପାଣିକୋଇଲି, ଯାଜପୁର,
ଦୂରଭାଷ-୯୩୪୮୩୮୭୪୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମରତେ ଶରତ



ରୋହିତ ସେଠୀ

ବରଷା ରାଣୀକୁ
ବିଦାୟ ଦେଇ
ମରତେ ଶରତ
ପାଦ ଥାପଇ ।
ସୁନୀଳ ଗଗନେ
ବାଦଲ ଶୋଭା
ଦିଶେ ସତେ କେଡ଼େ
ସେ ମନଲୋଭା ।
ବିଲ ହିଡ଼େ ଗାଆଁ
ନଈ ପଠାରେ
ହାଟ ବସେ କାଶ-
ତଣ୍ଡୀ ଫୁଲରେ ।
ପ୍ରକୃତିର ଶୁଭ୍ର
ନିର୍ମଳ ବେଶ
ସଭିଙ୍କ ମନରେ
ଭରେ ହରଷ ।
ତଡ଼ାଗେ ହସଇ
କଇଁ କମଳ
ନୃତ୍ୟରତ ନାନା
ରଙ୍ଗେ ମରାଳ ।
ଶସ୍ୟ କ୍ଷେତ୍ର ସବୁ-
ଜିମାର ଶାଢ଼ୀ
ଧିର ପବନରେ
ଉଡ଼ାଏ ଧଡ଼ି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏଇ ଦୃଶ୍ୟ ଦେଖି
କୃଷକ ଭାଇ
ଆନନ୍ଦେ ତା' ମନ
ପୁରି ଉଠଇ ।
ପଶ୍ଚିମ ଅଚଳେ
ଆସିଲେ ରବି
କି ସୁନ୍ଦର ଦିଶେ
ଲୋହିତ ଛବି ।
କିଚିରି ମିଚିରି
ଶବଦ କରି
ପକ୍ଷୀଏଁ ଆସନ୍ତି
ବସାକୁ ଫେରି ।
ଦିବସ ଶେଷରେ
ଗଉଡ଼ ଭାଇ
ଗୋରୁ ଛେଳି ମେଣ୍ଢା
ଆଣେ ଚରାଇ ।
ଗ୍ରାମବଧୂ ମୁଣ୍ଡେ
ଓଢଣୀ ଦେଇ
ବୃନ୍ଦାବତୀ ପାଶେ
ଦୀପ ଜାଳଇ ।
ମନ୍ଦିରରୁ ଶୁଭେ
ଘଣ୍ଟ-ଆରତୀ
ବେଦ ମନ୍ତ୍ର ଧ୍ୱନି
ମଙ୍ଗଳ ଗୀତି ।
ନଥାଏ ବରଷା
ଝଡ଼ ବତାସ
ଗ୍ରୀଷ୍ମ ରୌଦ୍ର ଅବା
ଶୀତର ଲେଶ ।
ଅନୁଭୂତ ହୁଏ
ଶାନ୍ତ ଶୀତଳ
ଶରତ ଆଣଇ
କାନ୍ତ-କୋମଳ ।
ମାଳତୀ ଶେଫାଳି
ବାସ ଚହଟେ
କରବୀ ଟଗର
ମନ୍ଦାର ଫୁଟେ ।
ଜହ୍ନି କାକୁଡ଼ିର
ପୁଷ୍ପ ସମ୍ଭାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଲ୍ଲୀ ପରିବେଶ
ଲାଗେ ସୁନ୍ଦର ।
ବିଦ୍ୟାଳୟେ ଗଣ-
ନାଥ ପୂଜନେ
ପିଲାଏ ପାଳନ୍ତି
ହରଷ ମନେ ।
ନାନାବେଶେ ଗ୍ରାମ୍ୟ
କୁମାରୀ ଗଣ
ପାଳନ୍ତି ଖୁଦୁରୁ-
କୁଣୀ ପାର୍ବଣ ।
ଉତ୍ସବ ମୁଖର
ଗ୍ରାମ ସହର
କ୍ଷୀରି ପୂରୀ ପିଠା
ଘରକୁ ଘର ।
ଦେଖୁ ଦେଖୁ ଆସେ
ଦୁରୁଗା ପୂଜା
ରଙ୍ଗୀନ ତୋରଣ
ଆଲୋକେ ସଜ୍ଜା ।

ଦଶହରା ନାମେ
ଅଟଇ ଖ୍ୟାତ
ଆଧ୍ୟାତ୍ମିକ ଭାବ
କରଇ ଜାତ ।
ଆଦିଶକ୍ତି ଦେବୀ
ଦୁରୁଗା ମାଆ
ଦୁଃଖୀ ଜନଙ୍କର
ହୁଅନ୍ତି ସାହା ।
ଗଳି କନ୍ଦି ସାହି
ସବୁ ଜାଗାରେ
ପରବ ମାହୋଲ
ଏଇ ଋତୁରେ ।
ସ୍ୱଚ୍ଛ ଶୁଭ୍ର ନେଇ
ଆସେ ଶରତ
ପୁଲକିତ କରେ
ସାରା ଜଗତ ।

ଦୁତୀମେଣ୍ଡି (ମଲିକ ସାହି)
ଖଜୁରୀପଡା, କନ୍ଧମାଳ
ଦୂରଭାଷ-୯୪୩୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିଶୁ



ଅବିନାଶ ବେହେରା

ଶିଶୁର ଶୈଶବ ମଧୁର ବନ୍ଧନ,
କିଛି ମିଠା ହସ,କିଛି ମୃଦୁ କ୍ରନ୍ଦନ,
ପିତା ମାତାଠାରେ ସଦା ଅଭିମାନ,
ଚପଳାମି କରି ବିତିଯାଏ ତା ଦିନ ।୧

ତାର ବଡ କାମ ଖେଳିବା ବୁଲିବା,
ଶିଶୁ ଯେ ଜାଣେନା କପଟ କରିବା,
ମନ ତାର ସ୍ୱଚ୍ଛ ନଥାଏ ଛଳନା,
ହୃଦୟ ତା' ସରଳ ସତ ମିଛ ଜାଣେନା ।୨

ବହୁକଥା ଶିଶୁ ଦେଖି ଶୁଣି ଶିଖି ଥାଏ,
ତା ଭାବନା ରାଇଜେ ସେ ମଜ୍ଜି ଥାଏ,
ସଦା ଅନୁକରଣ ଅନ୍ୟକୁ କରିଥାଏ,
ସମୟର ଅନ୍ତରାଳେ ଅନୁଭୂତି ପାଏ ।୩

ଶିଶୁର ନାହିଁ ଗର୍ବ କି ଅହଂକାର,
ତା ହୃଦୟ ସଦା ନିର୍ମଳ ନୀର୍ବିକାର,
ପ୍ରସନ୍ନ ସେ ରହେ, ପାଇଲେ ଆହାର,
ଭଲ କି ମନ୍ଦ, ତା ପାଖେ ନାହିଁ ବିଚାର ।୪

ଶିଶୁ ହିଁ ଭବିଷ୍ୟତ ଆମ ଦେଶର,
ତାକୁ ଭଲରୂପେ ଗଢିବା,କରିବା ଆଦର,
ତା ପାଇଁ ଯଶ ଅରଜିବ ଦେଶ ଆମର,
ଦେଇ ଶିଶୁକୁ ପ୍ରାଧାନ୍ୟ ହେବା ଅଗ୍ରସର ।୫

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ,୭୫୭୦୨୩
ଭ୍ରାମ୍ୟଭାଷ:-୯୯୩୮୩୩୪୨୨୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ମହାତ୍ମା



ପ୍ରଜ୍ଞା ପରମିତା
ମହାପାତ୍ର

ହେ ମହାତ୍ମା
ତୁମକୁ ଜାତିର ପିତା ଅଖ୍ୟା ଦେଇ
କଣ ଆମେ ଭୁଲ କରିଥିଲୁ ?
ଅନ୍ଧ ପରି ତୁମ କହୁଥିବା କଥାକୁ ମାନି
କଣ ଆମେ ପାପ କରୁଥିଲୁ ?
ଅହିଂସାରେ ସ୍ୱାଧୀନତା ପାଇବାର ନିଶାରେ
ଜୀବନ ବି ବାଜି ଲଗେଇଥିଲୁ
ଏ ଗାଲେ ଚାପୁଡ଼ା ଖାଇ ଆର ଗାଲ ବି
ହସି ହସି ଦେଖେଇ ଦେଇ ଥିଲୁ
ଅହିଂସାର ଉପଯୁକ୍ତ ମୂଲ୍ୟ ଦିନେ ନା ଦିନେ
ପାଇବୁ ବୋଲି ଭାବି ନେଇ ଥିଲୁ
କିନ୍ତୁ କ'ଣ ହେଲା
ତୁମର ସବୁ ଚେଷ୍ଟା ଖାଲି ଚେଷ୍ଟା ରେ
ଆଉ ସ୍ୱପ୍ନ ହୋଇ ରହିଗଲା
ଦେଶ ବିଭାଜନ ତୁମ ଶବ ଉପରେ
ହେବ କହି
ତୁମେତ ଆର ପାରିରେ ଶାନ୍ତିରେ ରହିଗଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଲେ ଆମେ ଏଠି ସ୍ୱାଧୀନ ହୋଇବି
ପରାଧୀନତାର ଶୃଙ୍ଖଳରେ ବାନ୍ଧି ହୋଇଗଲୁ
ଆଜିବି ଚାଲିଛି ହିଂସାର ନର ସଂହାର
ଗୁଳି ବନ୍ଧୁକର ଖେଳ ସବୁଆଡେ
ଅହିଂସା ତ ଖାଲି ଏକ ମିଛ ଶବ୍ଦ ହୋଇ
ରହିଗଲା ତୁମର ସେ ଭାଷଣ ଭିତରେ
ଯଦି ସେଇଦିନ ଦେଇଥାନ୍ତ ଫୁଲର
ଜବାବ ଆମେ ପଥରରେ ଥରେ
ତାହେଲେ ଆଜି ହେଇନଥାନ୍ତା ଏ
ପଥର ମାଡ ଆମ ଯବାନ ଉପରେ
ଖାଲି ମିଛେ ସିନା ଏତେ ପ୍ରାଣ ଗଲା
ତୁମର ସେ ଅଭୁଲା କଥାରେ
ଆଜି ବି ଆମେ ସ୍ୱର୍ଗରେ ଥାଇ ପ୍ରଶ୍ନ କରୁଛୁ
'ହେ ଗାନ୍ଧୀ' ଉତ୍ତର ତ ଦିଅ ଥରେ
କି ଲାଭ ମିଳିଲା ଦୀର୍ଘ ଏତେ ଦଶନ୍ଧି ଧରି
ଆପଣେଇ ଥିଲୁ ଯେଉଁ ଅହିଂସା ନୀତିକୁ
ଶେଷରେ ସବୁକିଛି ନିଜର କରିବାକୁ ପଡିଲା
ପୁଣି ସେଇ ହିଂସା ଉପାୟରେ ।

ଭଣ୍ଡାରିପୋଖରୀ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପୁ ତୁମେ ମନେପଡ଼



ଜ୍ୟୋତିରଞ୍ଜନ ମହାରଣା

ତୁମ ପ୍ରତିମୂର୍ତ୍ତି ଧୋଇଲା ବେଳକୁ
ମିଡିଆ ବାଲାଙ୍କୁ ଖୋଜା ପଡେ
କ୍ରେନରେ ଚଢି ଫୁଲ ମାଳ ଦେଇ
ହାତ ହଲେଇ ଯିବାକୁ ପଡେ,,
ଆସିଯାଏ ଯେବେ ଅକ୍ଟୋବର ଦୁଇ
ଗାନ୍ଧୀ ତୁମ କଥା ମନେ ପଡେ ।।

ଝାଡ଼ି ଦେଉଥାନ୍ତି ଭାଷଣ ଅନେକ
ସ୍ୱଚ୍ଛ ଭାରତ ର ନାରା ଦେଇ
କର୍ମୀଙ୍କୁ ଏକାଠି କରନ୍ତି ନେତାଏ
ଦଳ କଳେବର ବୃଦ୍ଧି ପାଇଁ,,
ଦେଖେଇ ହୁଅନ୍ତି ଦେଶ ପ୍ରୀତି ଭାବ
ନିରେଖି ଚାହିଁଲେ ଜଣା ପଡେ ....
ଆସିଯାଏ ଯେବେ ଅକ୍ଟୋବର ଦୁଇ
ଗାନ୍ଧୀ ତୁମ କଥା ମନେ ପଡେ ।।

ଆବର୍ଜନା ପୂର୍ଣ୍ଣ ବସ୍ତି ଅଞ୍ଚଳଟା
ସେଥିପାଇଁ କିଛି ନିଘା ନାଇଁ
ରାଜାରାସ୍ତା ବୁଲି ସଫା କରୁଥାନ୍ତି
କିଛି ସୁନ୍ଦରିଆ ଫଟୋ ପାଇଁ,
ଲମ୍ବା ଝାଡୁ ସଂଗେ ଗ୍ଲୋବସ କୁ ପିନ୍ଧି
ମୁହଁରେ ଦିଅନ୍ତି ମାସ୍କ ଭିଡି
ଝାଡୁକୁ ଏମିତି ଯତନେ ଚଳାନ୍ତି
ସତେ ତା'ର ପ୍ରାଣ ଯିବ ଉଡି,
ପାଇଖାନା ମନରେଗା ଯୋଜନାରେ
ତୁମ ନାମ ଯୋଡି ଆନନ୍ଦରେ
ଜୟନ୍ତୀ ଦିବସ ଚାଲି ଗଲା ପରେ
ନେତା ଶୋଇଯାନ୍ତି ତାଙ୍କ ଘରେ,
ପ୍ରତି କାର୍ଯ୍ୟସୂଚୀ ସ୍ତମ୍ଭ ଚଷମାରୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମରି ଯୋଜନା ଜଣାପଡେ....

ଆସିଯାଏ ଯେବେ ଅକ୍ଟୋବର ଦୁଇ

ଗାନ୍ଧୀ ତୁମ କଥା ମନେ ପଡେ ।।।

ଇସ୍କୁଲ କଲେଜ ସଭାକାର୍ଯ୍ୟ ମଧ୍ୟେ

ସଂକଳ୍ପ କରନ୍ତି ତୁମ ନାମେ

ସ୍ୱଦେଶୀ ଗ୍ରହଣ ବିଦେଶୀ ବର୍ଜନ

ବୁଲି କହିଥାନ୍ତି ଗ୍ରାମେ ଗ୍ରାମେ,,

ରଘୁପତି ରାଜାରାମ ଗୀତ ଗାଇ

ଅହିଂସା ମନ୍ତ୍ରର ବାଣ୍ଟୁଥାନ୍ତି

ରାଜନୀତି ରାଜ ଗାଦି ପାଇବାକୁ

ଅହିଂସା ରୁ ଅ କାଟିଦ୍ୟନ୍ତି,,

ଷ୍ଟ୍ରାଇକ ବିରୋଧ ହରତାଳ କାର୍ଯ୍ୟେ

ତୁମ ପ୍ରତି ଛବି ଖୋଜା ପଡେ....

ଆସିଯାଏ ଯେବେ ଅକ୍ଟୋବର ଦୁଇ

ଗାନ୍ଧୀ ତୁମ କଥା ମନେ ପଡେ ।।

ତୁମେ କଣ ବାପୁ କହିଥିଲ ସବୁ

ପାଳିବାକୁ ଏହି ଗୋଟେ ଦିନ

ମଦ ନିବାରଣ ପଲଥିନି ବାରଣ

ଅବା ଯେତେ ସବୁ ଅନଶନ,,

ତୁମ ନାମ ଧରି ହେଉଛନ୍ତି ପାରି

ଯେବେ ଯେବେ ଆବଶ୍ୟକ ପଡେ....

ଆସିଯାଏ ଯେବେ ଅକ୍ଟୋବର ଦୁଇ

ଗାନ୍ଧୀ ତୁମ କଥା ମନେ ପଡେ ।।

କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପୁ ! କଣେ କଣେ ଯାଅ ସୃଜି



ସେଠୀ କାର୍ତ୍ତିକ ଚନ୍ଦ୍ର

ଅରୁଣ ଉଦୟ ଉତ୍ତାରୁ ବାପୁ ହେ
ସ୍ମରୁଛି ତୁମକୁ ଆଜି
ପ୍ରତି ସକାଳକୁ ନୂଆ କରିବାର
ଇଚ୍ଛାଶିଳ୍ପୀ ଟିଏ ସାଜି ।।

ତୁମେ ଗଲାପରେ ଅବହେଳିତ ଏ
ଦୁନିଆ ପଡ଼ିଛି ଭାଜି
'ଅହିଂସା ମନ୍ତ୍ର' 'ଶୁଦ୍ଧ ଶାକାହାର'
ଯାଇଛି ଯେମିତି ହଜି ।।

ରାମଧୁନ୍ ତୁମ ଶୁଣିବାକୁ କିଆଁ
ମନ ବିଡୁଅଛି ଆଜି
ରାମ ଜୟକାର କରେ ବୋଲି କାଳେ
'ସାମ୍ପ୍ରଦାୟିକ' ମୁଁ ଆଜି !!

ତୁମ ଅଭାବରୁ ଦୂରଦୃଷ୍ଟି ଶୂନ୍ୟ
ଅଶାନ୍ତ ଜୀବନ ଆଜି
ସତ୍ୟ ଅହିଂସା ର ଅମୋଘ ମନ୍ତ୍ରର
ସୂତ୍ର କେ ନ ପାଏ ଖୋଜି ।।

ଆସ ଆସ ବାପୁ ସନ୍ଥ ଶିରୋମଣି
ଖୋଜୁ ତୁମ ପଦ ପୂଜି
ହୃଦେ ହୃଦେ ଖେଳୁ ଅମୃତ ଭାବନା
କଣେ କଣେ ଯାଅ ସୃଜି ।।

ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପୁଙ୍କୁ ଖୋଲାଚିଠି



ରାଜେନ୍ଦ୍ର ସାମଲ

ହେ ବାପୁ !

ସେପାରିର ତୁମକୁ

ଲେଖୁଛି ଆଜି ମୁଁ ଏହି ଖୋଲା ଚିଠି,

ତୁମରି ଗୋ' ଦେଢଶହ ବର୍ଷ

ଜନମ ତିଥିରେ ॥

ଏ ଚିଠିକୁ ଯେ ପଢୁଛି ପଢୁ

ଯା ଛାତିରେ କଣ୍ଟା ହେଇ ଫୁଟିଲେବିଫୁଟୁ,

କିଛି ଡର ନାହିଁ କି ପରବାୟ ନାହିଁ ମୋର

କାରଣ,

ତୁମେ ସତ୍ୟର କଷଟି ପଥର,

ଯୀଶୁ-ସକ୍ରେଟିସ୍ ଙ୍କ ନିଷ୍ଠୁର ସତ୍ୟସ୍ୱରୂପ ;

ତେଣୁ,

ତୁମକୁ ଯାହା ଲେଖୁଛି ସବୁ ସତ୍ୟ

ତିଳେ ହେଲେ ମିଥ୍ୟା ନାହିଁ ଏଥି ॥

ପଢିବା ଆଗରୁ ମୋ ଚିଠିକୁ ବାପୁ !

ପଥର କରିନିଅ ଛାତିକୁତୁମର,

କାରଣ

ତୁମ ଗଢା ତ୍ୟାଗ-ତପସ୍ୟାର

ତପୋବନ ଓଜୋଡିଛି ପୁଣି,

ସତ୍ୟ-ଶାନ୍ତି ସବୁ ସ୍ୱପ୍ନ, ହିଂସାର ରାଜୁତି,

ବନ୍ଧନ ବିମୁକ୍ତା ମାତା ପୁନଶ୍ଚ ବନ୍ଦିନୀ

ରକ୍ତମାଂସ ଝୁଣନ୍ତି ତା'ଜନ୍ମିତ ସନ୍ତାନେ;

ବିଚାରୀଟା କେଡେ ଅଭାଗିନୀ ! !

ପରକୃତ ଯାତନା ବରଂ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶ୍ରେୟଃ ଥିଲା ସେଦିନ ତା ପାଇଁ,

ଆଜି କିନ୍ତୁ ରକ୍ତର ତାଡନ

ଦେଇଅଛି ଭାଙ୍ଗି ତାର ପାଷାଣ ଛାତିକୁ,

ଯେଣୁ, ସେ ଅସହ୍ୟ ବେଦନା ଭାରେ

ଛାତିତଳେ ଚାପି ଧରି ସବୁ ଲୁହ-କୋହ

କାନ୍ଦୁଅଛି ଗୁମୁରି ସେ ନିରବେ ନିର୍ଜନେ;

ଅଜାଗା ଘା' ଦେଖାଇବ କା'କୁ ?

ଏଲୁତକ ଢାଳବ ପୁଣି ସେ କାହା ଉପରେ ?

ଜନନୀ ସେ ସର୍ବଂସହା,ସହିବା ହିଁ ସାର ॥

ତୁମ ସ୍ୱପ୍ନ ରାମରାଜ୍ୟେ ବାପୁ !

ନିଲାମ ହୁଅଇ ଆଜି ନାରୀର ଇଜ୍ଜତ,

ନାଁବାଳିକା ଧର୍ଷିତା ହୁଏ ଏଠି ଅହରହ,

ଲମ୍ପଟ ଝୁଣଇ ପୁଣି ଶିଶୁକନ୍ୟାର

ଫୁଲ ପରି କଅଁଳ ଦେହକୁ;

ପୁଣି ଛୁଟେ ସବୁଆଡେ ମଦର ବନିଆ,

ସରକାର ନିଜେ ଘୋଡା ମାତାଲ ସାଜିଛି,

ପୂଜକ ବି ପେଟେ ପିଇ ପୂଜଇ ଦେବତା,

ଧର୍ମ,ନୈତିକତା ଆଉ ଯାହା କୁହପବିତ୍ରତା,

ସବୁତକ ନଷ୍ଟଭ୍ରଷ୍ଟ ଶ୍ମଶାନ ସମାନ ॥

ଅହିଂସାର ମୂର୍ତ୍ତିମନ୍ତ ବିଗ୍ରହ !

ଧୈର୍ଯ୍ୟର୍ ଧର ଶୁଣିବାକୁ ଏବେ

ଅନ୍ୟ ଏକ ଦାରୁଣ ବ୍ୟସନ;

ଶାନ୍ତିର କପୋତୀ ତୁମ ଏଇ ଜନନୀର

ଯେଉଁ ଅଙ୍ଗ ଛିଣ୍ଡିଥିଲା ଦୁର୍ଭାଗ୍ୟଖଣ୍ଡାରେ

ସେ ଆଜି ଦଣ୍ଡାୟମାନ ରାବଣକୁ ବଳି,

ଯା' ହୁଙ୍କାରେ ପ୍ରକମ୍ପିତ ସମଗ୍ର ଭୁବନ,

ଯେ ସାକ୍ଷାତ ଯମ ହୋଇ ମୃତ୍ୟୁବିଭିଷିକା

ରଚୁଅଛି ଇତସ୍ତତଃ ସର୍ବତ୍ର ସର୍ବଦା ॥

ସେ ଦାନବ କରିଅଛି ପଣ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ମାଟିକୁ ଦିନେନା ଦିନେ କରିବଶ୍ମଶାନ

ସେଥିପାଇଁ ବସାଇଛି ମୃତ୍ତ,

ନିଜ ରାଜ୍ୟେ ଆତଙ୍କର ଶିଳ୍ପପ୍ରତିଷ୍ଠାନ ॥

ଗୋଶୃଙ୍ଗ ଭେଦଇ ଯଥା ଧେନୁର ଅଙ୍ଗକୁ

ତଥା ଅହର୍ନିଶ ଦହୁଛି ସେହି ଛିନ୍ନ ଅଙ୍ଗ,

ଯେଣୁ ତୁମ୍ଭ ଏ ମାଟି ମାଆ ଜଳୁଅଛି ଆଜି

ନିଜଗଢା ଜତୁଗୃହେ ଜୀବନଟା ସାରା ॥

ତେଣୁ,

ପୁନର୍ଜନ୍ମ ଯଦି ସତ୍ୟ ବାପୁ !

ଜନନୀର ଏ ଘୋର ଦୁର୍ଦ୍ଦିନେ

ଧର୍ମସଂସ୍ଥାପନା ପାଇଁ ଅବତର ପୁଣି

ବାପୁ ନୁହେଁ,ହୋଇ ତୁମ୍ଭେ ରୁଦ୍ର ବା ନୃସିଂହ,

ଅନ୍ୟଥା ମାଆର ଅଶ୍ରୁ ଝରୁଥିବ

ଏହିପରି ଅବିଶ୍ରାନ୍ତ କାଳ କାଳ ପାଇଁ ॥

(ବାପୁଙ୍କ ୧୫୦ତମ ଜୟନ୍ତୀ ଅବସରରେ:ବାରିପଦା)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ୧୫୦ତମ ଜୟନ୍ତୀ



ଦଣ୍ଡାସୀ ପ୍ରଧାନ

ଉଚ୍ଚ ଚିନ୍ତନର ମହାମାନବ ହେ - ୧
ମୋହନ ମହାତ୍ମା ଗାନ୍ଧୀ,
ବାଣ୍ଟିଛ ବୁଣିଛ ସତ୍ୟ ସ୍ୱଚ୍ଛଧାରା
ଅହିଂସା ବ୍ରତର ବିଧି - ୨
ଜନସେବା ଧର୍ମ-ନିରପେକ୍ଷ ନୀତି
ଅସ୍ପୃଶ୍ୟତା ନିବାରଣେ,
ମାନବବାଦରେ ସମତା ମନ୍ତ୍ରରେ
ଆଚରଣ ଉଚ୍ଚାରଣେ - ୩
ସାବରମତିର ସନ୍ଥ ତୁମେ ହେ
ବିଶ୍ୱ ଜନହିତ ବନ୍ଧୁ,
ନବ ଚେତନର ସଂଗ୍ରାମୀ ବୀର
ସ୍ୱାଧୀନ ସ୍ୱାରାଜ୍ୟ ଇନ୍ଦୁ - ୪

ସ୍ୱାବଲମ୍ବୀ ସ୍ୱାଦୁ  ସ୍ୱଚ୍ଛ ସୁବିଚାରେ
ବାହ୍ୟ ଅଭ୍ୟନ୍ତର କ୍ଷେତ୍ରେ,
ଆଜୀବନ କଷି କଷଟିପଥରେ
ଗୁନ୍ଥିଛ  ଜୀବନୀ ଗ୍ରନ୍ଥେ - ୫
ଖାଦ୍ୟପେୟ ଶ୍ରମ କର୍ମକୁଶଳତା
ମୌଳିକ ଆଦର୍ଶେ ଜ୍ଞାନ
ଆଗ୍ରାମ ସହରେ ଦେଶ ଦରବାରେ
ବୁଣିଛ  ମୈତ୍ରୀମାନ - ୬
ବିଶ୍ୱେ ଅର୍ପି ଶୁଦ୍ଧ ବୈଷ୍ଣବଚେତନା
ନବୀନ ଯୁଗ ସୃଜିଛ,
ଶ୍ରଦ୍ଧାର ଜୟନ୍ତୀ ଶତାର୍ଦ୍ଧେ ଶତାବ୍ଦୀ
ଜଗତେ ବାର୍ତ୍ତା ବହିଛ - ୭

ବେଙ୍ଗାଲୁର, କର୍ଣ୍ଣାଟକ
ଭ୍ରାମ୍ୟଭାଷ : ୮୬୬୦୧୯୪୯୬୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପୁଜୀ



ପିଣ୍ଟୁ ମିଶ୍ର

ଆସ ବାପୁ ବାରେ ଆମ ଭାରତରେ
ହେ ମହାତ୍ମା ହେ ବାପୁଜୀ
ଦିଅ ଆଉଥରେ ଅହିଂସା ବାରତା
ଯାଇଅଛି ଆଜି ହଜି
ଅହିଂସା ନିତୀରେ ଇଂରେଜ ଦଳକୁ
ଦେଇଥିଲ ବାପୁ ତଡି
ମଥାନତ କରି ସେ ବେପାରୀ ଦଳ
ଯାଇଥିଲେ ଦେଶ ଛାଡି
ଆଉଥରେ ଆସି ସେହି ଗୁରୁମନ୍ତ୍ର
ଶିଖାଇ ଦିଅ ହେ ବାପୁ

ଆଉଥରେ ଜଳୁ ଅହିଂସା ଆଲୋକ
ହିଂସା ଅନ୍ଧକାର ହଟୁ
ସଭିଙ୍କ ମନରେ ଭରୁ ସ୍ନେହଶ୍ରଦ୍ଧା
ଶାନ୍ତି ର ବିରାଜ ହେଉ
ତୁମ ଗୁରୁମନ୍ତ୍ର ସଭିଙ୍କ ମନରେ
ଚିରଦିନ ପାଇଁ ଥାଉ

ହଳଦିଆ, ନିଶ୍ଚିନ୍ତକୋଇଲି, କଟକ
୭୭୮୮୮୭୭୬୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନର ମଧୁରାତି



ଶୟନ ନାୟକ

ସତରେ ନ ହେଲେବି
ସପନରେ ତୁମେ
ଆଜି ଆସିଥିଲ ପ୍ରିୟା
ଗଭୀର ନିଦରେ
ତୃପ୍ତି ଦେଇଥିଲ
ଦେଇ ତୁମ ଉଷୁମ ଛୁଆଁ
ପିନ୍ଧିଥିଲ ସେଇ
ନାଲି ଶାଢୀ ଟିଏ
ଯୋଉଟା ମୋ ଦେହେ ମାନେ
କହୁଥିଲ କେତେ
ମିଠା ମିଠା କଥା
ମୋହରି କାନେ କାନେ

ଆଞ୍ଜୁଳାଏ ମଲ୍ଲୀ
ଆଣିଥିଲ ସତେ
ଗଭାରେ ଖୋସିବା ପାଇଁ
ସୁରଭିତ ମୋର
ତନୁ ହେଉଥିଲା
ତୁମରି ପରଶ ପାଇ

ପାଣି କାଚ ତୁମ
ରୁଣୁଝୁଣୁ ଥିଲା
ନୁପୁର ବି
ବାଜୁଥିଲା
ଓଠ ପରେ ଓଠ
ଥାପୁଥିଲ ଯେବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିହରଣ ଜାଗୁଥିଲା

ସକାଳ ପାହିଲା

ନିଦ ବି ଭାଙ୍ଗିଲା

ଥିଲା ତୁମ ମିଠା ବାସ୍ନା

ସଞ୍ଜ ନଇଁ ଗଲେ

ଆଜି ବି ଆସିବ

ଭରିଦେବ ଦେହେ ତୃଷ୍ଣା !

ଶୟନ ନାୟକ
ଭଞ୍ଜନଗର, ଗଞ୍ଜାମ
୯୯୩୮୦୨୭୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିରୁଦ୍ଦିଷ୍ଟ ପ୍ରିୟପ୍ରତି



ଡଃ ସୁବାସ ମିଶ୍ର

ଆହେ ପ୍ରିୟ, ତୁମେ
କାହିଁଗଲ କୁହ,
ତୁମକୁ ନ ପାଏ
ହୃଦୟ ତନ୍ତ୍ରୀକୁ
ଥରାଉଥିଲ ତ କେତେ,
ମନ ଯମୁନାରେ
ଜୁଆର ଉଠାଇ
ଅନ୍ତର ପ୍ରଦେଶ
ବୁଡ଼ାଉଥିଲ ତ ମତେ ।

ମାନ ଅଭିମାନ
ରାଗ ରୁଷା ତୁମେ
ଅଙ୍ଗେ ବହି ଚାଲୁଥିଲ,
ଲୁଚିରହି କେତେ
ନାୟିକା ଶଯ୍ୟାରେ
ବାରବାର ତାକୁ
ପ୍ରେମରେ ବିଭୋର କଲ ।

ତୁମ ଅପେକ୍ଷାରେ
ନାୟିକା ଶରୀରେ
ଜାଗଇ ବେପଥୁ କେତେ,
ମନେ କୋହ ଉଠେ
ତୁମକୁ ନ ଦେଖି
ଅଶ୍ରୁ ଝରାଏ ନିଭୃତେ ।
ତୁମ ପଥ ଚାହିଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିରହୀ ଗୃହିଣୀ
ନୀରବେ ଅଶ୍ରୁ ଢାଳଇ,
ବୃଦ୍ଧ ପିତାମାତା
ଚକ୍ଷୁ ଅନ୍ଧୀଭୂତ
ତୁମ ବିନା ହେଉଥାଇ ।

ସେ ଦିନର ସେଇ
ନାୟିକାର ସାଥେ
ତୁମେ କେଣେ ଗଲ ଚାଲି,
ସେ ଦିନ ଗୃହିଣୀ
ଆଜି ଦିଶୁନାହିଁ
ବୃଦ୍ଧ ପିତାମାତା
କେବେ ବି ତୁମକୁ
ଆଜି ତ ଖୋଜନ୍ତି ନାହିଁ !

ରାଗ ଅଭିମାନେ
ଚାଲିଗଲ କିମ୍ବା
ଦେଖି ଦୁନିଆଁର ରୀତି,
ତୁମରି ରୂପରେ
ତୁମରି ଅନ୍ତରେ
ଯେତେ ଭାବାବେଗ
ବିଲୀନ ହୋଇଛି
ଉର୍ବର କରାଇ
ଆଜି ମାନବର ମତି ।

ତୁମରି ବିରହେ
ଦେଖି ପାରୁନ କି
ଏ ହୃଦୟ ମନର
ନଦୀ ନିର୍ଝର
କିପରି ଶୁଖିଗଲାଣି,
ଆସ ଆହେ ପ୍ରିୟ
ଫେରି ତୁମେ ଥରେ
ସେନେହ ଆବେଗ ପ୍ରେମର
ଉଜାଣି ବନ୍ୟା ଆଣି ।

ଶିମିଳିପଡ଼ା, ଅନୁଗୁଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁମାରୀ ମାତୃତ୍ୱ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ପ୍ରଥମ ଭୁଲ୍ କରି ମୁଁ ସାରିଛି
ଅନୈତିକ ଭାବ ରଖିକି,
ସିନ୍ଥିରେ ସିନ୍ଦୁର ଭରିବା ଆଗରୁ
ମନ ତନ ସବୁ ଦେଇକି.

ପ୍ରାୟଶ୍ଚିତ ପାଇଁ ଦୁନିଆଁର ସବୁ
ରାସ୍ତା ମୋର ବନ୍ଧା ପଡିଛି,
ଗରଭେ ମୋହର ଦ୍ୱିତୀୟ ଜୀବନ
ମରି ନା ମାରି ମୁଁ ପାରୁଛି.

ପ୍ରୀତି ରଚିବାଟା ପାପ ଯଦି ଅଟେ
ସେ ପାପକୁ ମୁଁ କରିଛି,
ନିଷ୍ପାପ ଶିଶୁକୁ ମାରିବି କିମ୍ପାଇଁ
ମାତୃତ୍ୱ ଆନନ୍ଦ ନେଉଛି.

ନିନ୍ଦା କଳଙ୍କକୁ ଚନ୍ଦନ ପରି
ମଥାରେ ମୋହର ବୋଳିଛି,
ମଧୁ ଶୋଷି ନେଇ ଭ୍ରମର ଟି
ଆଉ କି ଫୁଲକୁ ଫେରୁଛି.

ସମାଜଟା ମତେ ଦୋଚାରୁଣୀ କହେ
ହେଲେ ଏ ବିବେକ କହୁଛି,
ଗରଭ ସନ୍ତାନ ଇଶ୍ୱରଙ୍କ ଦାନ
କେମିତି ମାରିବି ଭାବୁଛି.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲିଭ୍ ଇନ୍ ସଂପର୍କକୁ ସଂବିଧାନ ଆମ
ସ୍ୱୀକୃତି ଦେଇ ସାରିଛି,
ସମାଜ ଆମର ଜାତି,ପ୍ରଥା ନାମେ
ସବୁକୁ ବିଭ୍ରାଟ କରୁଛି.

କୁନ୍ତି ସତୀ ନାରୀ ଇତିହାସ ସାକ୍ଷୀ
କୁମାରୀ ମାତୃତ୍ୱ ପାଇକି,
ଆଜି ମୁଁ ସମାଜେ କାହିଁକି ଅବଳା
ଜାଣି ହୁଏ ନି ଏ ନୀତିକି.

ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଦିଆ
ବଙ୍କିଆ,ବୀରମହାରାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାର୍ଥପର



ଅଙ୍କିତା ପାଢ଼ୀ

ନିଜ କାମ ଥିଲେ, ଭାଇ ବନ୍ଧୁ ହୋଇ,
କରନ୍ତି ଯେ ଉପକାର ।
ଭାବ ବିନିମୟ, ଆମୋଦ ପ୍ରମୋଦ,
ହୋଇ ସଖା ସହୋଦର ।।
ନୀଇତି ଆସନ୍ତି, ପାଖରେ ବସନ୍ତି,
ଯେମିତି ରକ୍ତ ସମ୍ପର୍କ ।
ଛଦ୍ମ ବେଶ ସାଜି, ହୁଅନ୍ତି ନିଜର,
ହୃଦୟେ ନ ରଖି ତର୍କ ।।
ସମୟ ସୁଅରେ, କୁଟା ଖଣ୍ଡେ ପରି,
ଭାସୁଥିବେ ଆମେ ନୀତି ।
ସ୍ୱାର୍ଥ ପର ଜନ, ହୋଇ ହୀନ ମନ,
କରନ୍ତି ଅକୁହା ପ୍ରୀତି ।।
ସକାଳେ ଉଠିଲେ,ଦେଖିବେ ତାମୁଖ,
ନିଜ କର୍ମ ଧର୍ମ ପାଇଁ ।
ଅକୁହା ଆସିବେ, ହୋଇ ଆଗଭର,
ବନ୍ଧୁତ୍ୱ ରଖିବା ପାଇଁ ।।
ଭାବୁଥିବେ ସଦା, ନିଜ ଅମଙ୍ଗଳ,
ଉପରେ ଛିଞ୍ଚିବେ ପାଣି ।
ସ୍ୱାର୍ଥପର କେବେ, ହୁଏନି ନିଜର,
ଅକୁହା ସ୍ୱର୍ଥୀ କାହାଣୀ ।।

ସପ୍ତମ: ଶ୍ରେଣୀ
ବାପା: ରଞ୍ଜନ ପାଢ଼ୀ
ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ।
ଗଗନ ବାବୁ ଛକ, ଏଡ଼ତାଳ,ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଜର ହୁଅନ୍ତି ଶତ୍ରୁ



ମହେଶ୍ୱର ସାହୁ

କଳଙ୍କ ଲଗାଇ, ଆନନ୍ଦ ନିଅନ୍ତି,
ଶତ୍ରୁ ସାଜି ରଖି ରାଗ ।
କେଉଁ ଆନନ୍ଦ ସେ, ପାଇଥାନ୍ତି ଅବା,
ଦେଇ ମିଥ୍ୟା ଅଭିଯୋଗ ।।

ହରାଇ ବସନ୍ତି, ହୃଦୟର ସ୍ନେହ,
ଛିଣ୍ଡାଇ ସର୍ବ ବନ୍ଧନ ।
ଆଗ ପଛ କିଆଁ, ବିଚାର ନ କରି,
କରିଦିଅ ହୀନିମାନ ।।

ଦେଇ ଅପବାଦ, କହି କଟୁକଥା,
ସମ୍ପର୍କକୁ ଭାଙ୍ଗି ଦେଲ ।
ଫଟା ମାଠିଆ କି,ଯୋଡି ହେଇଯାଏ,
ଭଙ୍ଗା କାଚରେ କି ମୂଲ ।।

ସତ୍ୟର ପଥିକ, ହାରିଯାଏ ନାହିଁ,
ବୈଶାଖୀ ସମୀର ଭୟେ ।
ହୃଦୟରେ ଦମ୍ଭ, ବାନ୍ଧି ଚାଲିଥାଏ,
ଲକ୍ଷସ୍ଥଳେ ହୃଦ ଥାଏ ।।

ହସ୍ତୀ ଚାଲିଗଲେ, ସ୍ୱାନକୁଳ ରବ,
ବିଧିର ବିଧାନ ଏହି ।
ତିଳେହେଁ ସେଥିକି, ନହୋଇ କାତର,
ହସ୍ତୀ ଚାଲେ ରହି ରହି ।।

ଜ୍ଞାନୀ ଗୁଣି ଜନ, ହସ୍ତୀର ସମାନ,
ଧୀର ସ୍ଥିର ମତି ଧରି ।
ନିଜର କର୍ତ୍ତବ୍ୟ, କରି ଚାଲିଥାନ୍ତି,
ଅନ୍ୟାୟ ଦମନ କରି ।।

ନିଜର ଭାବିଣ, ସ୍ନେହ ପ୍ରେମ ଦେଇ,
ମୁଣ୍ଡରେ ନିଶ୍ଚୟ ବସେ ।
ନିଜ ହୃଦୟକୁ, ଦେଇ କଷ୍ଟ ଶୋକ,
ଖୁସିରେ ମୁରୁକି ହସେ ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅର୍ପଣ



ରାମପ୍ରସାଦ ସିଂହ

ଅର୍ପଣ ଦେଲି ମୋ ଜୀବନ ତମକୁ
ଆଉ ବା ଯିବି ଧାଇଁ,
ନିଃଶ୍ୱାସ ସାଥେ ଭାବନା ଅବିରତେ
ତୁମେ ଆସିବ ମୋ ପାଇଁ ,,
ଦୁରେଇ ଯାଇଛ ଅଦୃଶ୍ୟ କୋଷକୁ
ଡାକିଲେ ତ ଶୁଣ ଥରେ,
ମନେପଡେ ଅନେକ ସ୍ମୃତି ଏମିତି
ଲୁହ ତୁମକୁ ପଚାରେ,,

ମନରେ ଏ ଦେହ ସମର୍ପଣ ରୂପ
ସମ୍ମାନ ଦରଜା ଦେଇ,
ଶିଥିଳତା ଭାବ ତୁମ ଛବି ଦେଖି
ବେଗି ଏଇ ଦେହ ପାଇଁ,,
କି ଅବା ଗଡେଇବି ଲୁହ  ଆଖିରେ
ତୁମେ ତ ମୋର ଜୀବନ,
ଚାହିଁ ରହିଥିବି ତୁମ ଫେରନ୍ତାକୁ
ଭାବି ଆମ ମିଠା ସ୍ୱପ୍ନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚୁଲବୁଲି ଝିଅଟିଏ ତୁ



ନାରାୟଣ ଚନ୍ଦ୍ର ସେନାପତି

ପୂର୍ଣ୍ଣାଙ୍ଗ ନାରୀର କ୍ଷୁଦ୍ର ଅଣୁଟିଏ ତୁ
ମାତୃକୋଳେ ଯେବେ ହେଉ ଆବିର୍ଭାବ
ଧରିତ୍ରୀ ମା'ର ଛାତିଟା ଫାଟିଉଠେ
ହସ ଜୁଆରରେ ଗଗନ ପବନ ପ୍ରକମ୍ପିତ ହୁଏ
ତୁ କାଳେ ଲକ୍ଷ୍ମୀ....ଦୁର୍ଗା...ସରସ୍ୱତୀ
ତୋତେ ପାଇ ଜୀବଜଗତ ପୁଲକିତ ହୁଏ
ସତରେ ତୁ ସ୍ୱର୍ଗର ନନ୍ଦନକାନନରେ ଫୁଟିଥିବା ସଜ ପାରିଜାତ ଟିଏ
କିବା ଆନନ୍ଦ ମହଲରେ ନାଚୁଥିବା
ଚୁଲ ବୁଲି ଝିଅଟିଏ ।

ତୁ ସୃଷ୍ଟି କରୁ ଭାଇ ଭଉଣୀର ଅମୃତ ସମ୍ପର୍କ
ତୁ ବି ପତ୍ନୀ ହୋଇ କେବେ ପତିକୁ କରୁନା ପତିତ
ମା' ହୋଇ ପ୍ରଦର୍ଶିତ କରୁ ବାତ୍ସଲ୍ୟ ମମତାର ଲୀଳା
ହେଲେ ଦୁଃଖ ଲାଗେ
କିଶୋରୀ ବୟସେ ଅମଣିଷ  ଯେବେ କରେ ଶୋଷଣ
ଅଜ୍ଞାନ ମାଦକେ ପ୍ରତିକ୍ଷଣ କରେ ସଂଜ୍ଞାହୀନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତଥାପି ସର୍ବସଂହା ରୂପେ

ସହାସ୍ୟ ବଦନେ କରୁ କଷ୍ଟ ଯନ୍ତ୍ରଣା ପାନ

କାନ୍ଦକୁ ହଜମ କରି କରୁ ଶ୍ରଦ୍ଧା ସୁମନ ଅର୍ପଣ

ସତରେ ତୁ ବୃନ୍ଦାବତୀର ସଞ୍ଜ ସଳିତାଟିଏ

କିବା ମନ୍ଦିରର ସୁଗନ୍ଧି ଧୂପଟିଏ

ଆଉ ଚୁପି ଚୁପି ଖୁସି ବାଣ୍ଟୁଥିବା

ଚୁଲବୁଲି ଝିଅଟିଏ ।

*ନାରାୟଣ ଚନ୍ଦ୍ର ସେନାପତି,ଜମ୍ବରା,କେନ୍ଦୁଝର*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ଧାର



ଅଜୟ କୁମାର ମହାନ୍ତି

ଆଲୁଅ ଲିଭିଲେ
ଦପ୍ ଦପ୍  ଜଳେ
ଅନ୍ଧାର
କିଟି କିଟି କଳା
ଭୀଷଣ ଭୟଙ୍କର  ।

ଚିହ୍ନା ଶବ୍ଦମାନଙ୍କର
ବିକଟ ଚିତ୍କାର
ଭୂମିକମ୍ପ ଉଚ୍ଚ ସ୍କେଲର
ପୃଥିବୀର ଛାତି ଚିରେ
ସ୍ତର ସ୍ତର ଫସିଲ୍ ପଥର ।

ସ୍ମୃତି ସବୁ  ଅଶରିରୀ
ସତ୍ୟ ହୁଏ ଇତିହାସ
ଭୂତ ଗତକାଲିର ଅସ୍ତିତ୍ୱ
ଆଲୁଅର ଅବର୍ତ୍ତମାନରେ
ବିସ୍ମୃତିର ଅବୁଜା ଗଳିରେ ।

ଆଲୁଅ ଲିଭିଲେ
ମଂଚ ଅନ୍ଧାର ହୁଏ
ଓହ୍ଲାଇ ଆସନ୍ତି ଭୂତ
ଚିହ୍ନା ଅତୀତର ସତ୍ୟ
ଅବିକଳ ଧଳାକଳା ଚିତ୍ର  ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ଧାରରେ ନିହାତି ଏକେଲା
ଖୁବ୍ ଅସହଜ ଲାଗେ
ଦୁଘର୍ଟଣାମାନଙ୍କ ଚେହେରା,
ଅପହଞ୍ଚ ନିଜ ଛାଇ
ପାଉଁଶ ତଳେ ଜଳେ ନିଆଁ ।

ଅବଚେତନ ବି କୁରୁକ୍ଷେତ୍ର
ଚାଲିଥାଏ ନିରନ୍ତର ଯୁଦ୍ଧ
ଆତ୍ମା ସାରଥି କୃଷ୍ଣ
ଅନ୍ଧାର ସୀମା ସେପାରେ
ଝଲକୁଥାଏ ଆଲୋକ

ଇଉନାଇଟେଡ୍ ବ୍ୟାଙ୍କ ଅଫ ଇଣ୍ଡିଆ
ମୁଖ୍ୟ କାର୍ଯ୍ୟାଳୟ
୧୧, ହେମନ୍ତ ବହୁ ସରଣୀ, କଲିକତା ୭୦୦୦୧
ମୋବାଇଲ: ୮୯୧୭୩୮୬୮୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱଚ୍ଛ ଭାରତ ମୋ ସୁନା ଭାରତ



ସହଦେବ ପ୍ରଧାନ

ରାଗ: - 'କଳହଂସ କେଦାରଞ୍ଜ'

ଗାନ୍ଧି ଜୟନ୍ତି ଉପଲକ୍ଷ୍ୟେ ସମର୍ପିତ

ପ୍ରାଚୀନ କାଳରୁ ମୋ ଦେଶ ଭାରତ
ସ୍ୱଚ୍ଛ ପଣ ପାଇଁ ଜଗତେ ବିଖ୍ୟାତ ।୧ ।

ସ୍ୱଚ୍ଛ ତା'ର ନଦୀ ନାଳ ବିଲ ବନ
ସ୍ୱଚ୍ଛ ମାଟି ପାଣି ସ୍ୱଚ୍ଛ ତା ପବନ ।୨ ।

ସ୍ୱଚ୍ଛ ତା ଜନତା ସ୍ୱଚ୍ଛ ତାଙ୍କ ଚିନ୍ତା
ସ୍ୱଚ୍ଛ ତନୁ ମନ ନେତା ଅଭିନେତା ।୩ ।

ଯୁଗ ବଦଳିଲା ଚିନ୍ତା ବଦଳିଲା
ପ୍ରକୃତି ସଂସ୍କୃତି ସବୁ ଭିନ୍ନ ହେଲା ।୪ ।

ନୀତି ପରମ୍ପରା ଧରମ କରମ
ବଦଳିଲା ସବୁ କାଳ ଅନୁକ୍ରମ ।୫ ।

ଆଜିର ମଣିଷ ଆପଣା ହସ୍ତରେ
ବିନାଶର ପଥ ପରିଷ୍କାର କରେ ।୬ ।

ବିକାଶ ନାମରେ ବିନାଶ ମାଧ୍ୟମ
ଆପଣାଇ ନିଏ ନ ବୁଝି ଅଧମ ।୭।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରେ ବାୟୁ ଜଳ ଶବ୍ଦ ପ୍ରଦୁଷଣ
ମଦ୍ୟ, ଧୂମପାନ ତମାଖୁ ସେବନ ।୮ ।

ପ୍ଲାଷ୍ଟିକ୍ ବୋତଲ ଜରି ପଲିଥିନ
ଫିଙ୍ଗେ ଏଣେତେଣେ ନୁହେଁ ସଚେତନ ।୯ ।

ଖାଦ୍ୟ ବସ୍ତ୍ର ପାଣି କିରାଣା ପରିବା
ପ୍ଲାଷ୍ଟିକ୍ ମୁଣାରେ ହିଁ ନେବା ଆଣିବା ।୧୦ ।

କରେ ନ ବିଚାରି ଯା'ର ପରିଣାମ
ବାଳ, ବୃଦ୍ଧ, ଯୁବା ସର୍ବେ ମତିଭ୍ରମ ।୧୧ ।

ଭଙ୍ଗା ଟିଣ, କାଚ ଆସବାବ ପତ୍ର
ସଜାଡ଼ି ରଖେନା ଫିଙ୍ଗୁଥାଏ ନିତ୍ୟ ।୧୨ ।

ଏ ସବୁ ଜିନିଷ ବହୁ ଦିନ ଯାଏ
ପଚେ ସଢ଼େ ନାହିଁ ନ ଜାଣ ବା କିଏ ।୧୩ ।

ପ୍ରଧାନ ମନ୍ତ୍ରୀଙ୍କ ନିର୍ମଳ ଯୋଜନା
ସ୍ୱଚ୍ଛତା ନିମନ୍ତେ ଘରେ ପାଇଖାନା ।୧୪ ।

ତଥାପି ସ୍ୱଭାବ ନ ଛାଡ଼େ କେମନ୍ତେ
ବାହାରକୁ ଯାଏ ଶଉଚ ନିମନ୍ତେ ।୧୫ ।

ଆସ ସର୍ବେ ମିଳି ଶପଥ କରିବା
ଦେଶ ପରିବେଶ ନିର୍ମଳ ରଖିବା ।୧୬ ।

ସ୍ୱଚ୍ଛ ରହୁ ଆମ ଏ ଗ୍ରାମ ସହର
କର ହେ ପ୍ରତିଜ୍ଞା ସର୍ବେ ତିନି ବାର ।୧୭ ।

ଏହି ଶ୍ରଦ୍ଧାଞ୍ଜଳି ଗାନ୍ଧିଙ୍କୁ ଆମର
ତାଙ୍କ ସ୍ୱପ୍ନ ନିଶ୍ଚେ ହୋଇବ ସାକାର ।୧୮ ।

ଜରଡ଼ାଗଡ,ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନୁରୋଧ



ସୌମ୍ୟରଞ୍ଜନ ଭୂୟାଁ

ମୂଳ ହିନ୍ଦୀ -ଗୁଲଜାର

ଅନୁସୃଜନ - ସୌମ୍ୟରଂଜନ ଭୂୟାଁ

ତୋର ଦୁଃଖୀ ଉଦାସ ଆଖି ଦୁଇଟିକୁ
ମୁଁ ମୋ ଆଖି ଉପରେ ରଖିଛି
ଯେମିତି ଗୀର୍ଜାରେ ରଖା ନୀରବତା
ବ୍ୟାସନ ରେ ଥୁଆ ପବିତ୍ର - ପୁସ୍ତକ ।

ବୁନ୍ଦାଏ ଲୁହ ଝରେଇଦେ ଆଖିରୁ
ପ୍ରାଥନାରତ ପ୍ରାଣକୁ ପବିତ୍ର ବାକ୍ୟଟିଏ
ପବିତ୍ର ସଙ୍ଗୀତକୁ ଅକ୍ଷରଟିଏ ମିଳୁ ।

ସାଇ ଯମୁନା ପବ୍ଲିକେସନ୍‌ସ
ଝାଞ୍ଜିରି ମଙ୍ଗଳା କଟକ - ୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିଠି



ସୂର୍ଯ୍ୟକାନ୍ତ ବେହେରା

ମନର ଭାବନାକୁ ପ୍ରକାଶ କରେ - ଚିଠି
ଅକୁହା କଥାକୁ କହିଦିଏ - ଚିଠି
ଏହି ଚିଠିକୁ ଅଶ୍ରୁସଜ୍ଜଳ ନୟନରେ
ମା ଅପେକ୍ଷା କରିଥାଏ,
କିନ୍ତୁ ଦିନପରେ ଦିନ ବିତିଯାଏ
ଆଉ ଘର ଠିକଣା ପୁଅ ଭୁଲିଯାଇଥାଏ ।

ଡାକବାଲାର ସାଇକେଲ ଘଣ୍ଟି
ହୃଦ୍‌ସ୍ପନ୍ଦନ ବଢ଼େଇଦିଏ, ସବୁ କାମ
ଛାଡ଼ି ଘରଣୀ ଦାଣ୍ଡ କବାଟ ପାଖେ ଆଉଜି
ଠିଆ ହୁଏ, ନା ସାଇକେଲ୍ ଅଟକେ
ନା ମନର ଜ୍ୱାଳା ମେଣ୍ଟେ ।

ହଷ୍ଟେଲରେ ପଢୁଥିବା ପୁଅ ପାଖକୁ କି
ସର୍‌ହଦ୍‌ରେ ଥିବା ସିପାହୀ ପାଖକୁ ବି
ଘରୁ ଆସେ ଚିଠି, ଯୋଉଥିରେ ଭରି
ହୋଇଥାଏ
ବାପାଙ୍କ ଆଶୀର୍ବାଦ, ବୋଉର ସ୍ନେହ ଆଉ
ଗାଁ ଭିଜା ମାଟିର ବାସ୍ନା, ଯାହାକୁ ସେ
ଗୀତା ଭାଗବତ ଭଳି ସାଇତି ରଖେ
କେବେ ଭୁଲିପାରେନା ।

ଗୋଲାପୀ ରଙ୍ଗର ମୁଦା ଲଫାଫା କହେ
ପ୍ରେମର ଭାଷା, ସେଥିରେ ଥାଏ
ଅସଂଖ୍ୟ ମଧୁର ଆଲେଖ୍ୟ, ଆଉ ତା'ର
ବାସନା ପ୍ରେମିକାକୁ ରୋମାଞ୍ଚିତ କରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁଲକିତ କରେ ।

ପ୍ରେମରେ ପ୍ରତ୍ୟାଖିତ ହୋଇଥିବା ପ୍ରେମିକ ପାଇଁ

ସେଇ ଚିଠି ହିଁ ଥାଏ, ତାର ଭଲପାଇବାର

ମରୁଭୂମିରେ ସବୁଜ ଫସଲର ସୃଷ୍ଟି ।

କିନ୍ତୁ ଆଜି ଏ ବୈଷୟିକ ଯୁଗରେ

ମଣିଷ ମୋବାଇଲ୍, ହ୍ୱାଟ୍ସଆପ୍, ଫେସବୁକ୍

ପଛରେ ଧାଇଁ, ଚିଠିକୁ କେବେଠୁ

ପାସୋରି ସାରିଲାଣି ।

ଯେ ଦିନେ ଥିଲା ସମସ୍ତଙ୍କର ହୃଦୟର ନିକଟତର

ଆଜି ସେ ପାଲଟିଛି ଅଲୋଡ଼ା ଆଉ ଇତର ।

ଜଗତସିଂହପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୮୧୦୧୨୧୦୯୮୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାଁ ତାର ତନ୍ଦ୍ରା



ଡଃ ଆଲୋକ କୁମାର ରାୟ

କେଶବତୀ କନ୍ୟା ନ କରେ କଳାମେଘ ଯା'ରେ ଆସ୍ପର୍ଦ୍ଧା

ନୀଳବର୍ଣ୍ଣ ନୟନ ତରଙ୍ଗିଣୀ ଗଭୀର ସ୍ୱୟଂ ସିଦ୍ଧା

ନାସା ତୀକ୍ଷ୍ଣ ଖଡ୍ଗ ସମ ସଗର୍ବେ ଆହ୍ୱାନେ ପ୍ରତିସ୍ପର୍ଦ୍ଧା

ପ୍ରକାଶ୍ୟ ରକ୍ତଜବା ଓଷ୍ଠ ପଦ୍ମପାଖୁଡା ବିକଶେ ପଦ୍ମଗନ୍ଧା

କପାଳ ଅତୃପ୍ତ ଉପତ୍ୟକା ମଧ୍ୟେ ଅଶେଷ ସ୍ୱପ୍ନ ସୁଧା

ଭୃଲତା ତରଙ୍ଗାୟିତ ଆକର୍ଷଣ ସ୍ୱପ୍ନପୁରୀ ମଧୁଛନ୍ଦା

ଗଣ୍ଡଦେଶ ସପ୍ତମେଘ ବାସସ୍ଥାନ ଷଡରିପୁ ଯହିଁ ବନ୍ଧା

ନାଶାଗ୍ରେ ସ୍ୱର୍ଣ୍ଣ ଅଳଙ୍କାର ଶୋଭିତ ପୁଷ୍ପଧନୁ ବିନ୍ଧା

ଚାହାଣି ଶତକାହାଣୀ ଅପାସୋରା ନିଧନେ ତନ୍ଦ୍ରା

କଳା କୁମକୁମ ମସ୍ତକେ ଶୋଭେ ମନଜିଣା ଚିତ୍ରାଙ୍ଗଦା

ଉପସ୍ଥିତି ବିତରେ ଭୁରୁଭୁରୁ ସୁବାସ ସଜ ରଜନୀଗନ୍ଧା

ଅନୁଢ଼ା କିଶୋରୀ ଆଶା ଅସୁମାରି ନାଁ ତା'ର ଚନ୍ଦ୍ରା

ଡ଼. ଆଲୋକ କୁମାର ରାୟ

କେନ୍ଦ୍ରାପଡା, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୭୦୭୮୦୦୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ



ସାବିତ୍ରୀ ସ୍ୱାଇଁ

ପ୍ରେମ ବୋଲି ଯେଉଁ ଦୁଇଟି ଅକ୍ଷର
ଯାହାର କେବେ ଅନ୍ତ ନାହିଁ,
ତାକୁ ପାଇଥାଏ ଯିଏ
ସେ କେବେ ମରେ ନାହିଁ ।
ହେଲେ ମୋ ଜୀବନ ହେଲା ପ୍ରେମମୟ
କେବଳ ତୁମକୁ ପାଇ,
ତୁମେ ଥିଲେ ମୋ ସାଥିରେ
ଆଉ କିଛି ଲୋଡ଼ା ନାହିଁ ।
ଭାବିଛି ଅଜାଡ଼ି ଦେବି ନିତି ତୁମପାଇଁ
ପ୍ରୀତିର ପରଶ ପୁଲକୁ,
ସ୍ୱପ୍ନବୋଳା ଇଟାମାନଙ୍କରେ
ସଜାଡ଼ିଦେବି ମୁଁ ଉଆସକୁ ।
ଗୋଟି ଗୋଟି କରି ନିତି ମୁହିଁ
ଯୋଡ଼ି ହେଉଥିବି ସବୁ ସ୍ୱପ୍ନ,
ତୁମ ମଧୁବନ କୋଳ କୋରଡ଼େ
ବାହୁବନ୍ଧନେ ହୋଇ ନିମଗ୍ନ ।
ତୁମ ସ୍ମୃତି ଆସି ବିବଶ କରାଏ
ପ୍ରତି ଅଙ୍ଗକୁ ମୋ ଛୁଏଁ,
ସେ ଛୁଆଁର ମଧୁ ପ୍ରେମର ଫଗୁଣ
ତୁମ ଅଧରର କଥା କହେ ।
ତୁମ ଓଠର ସ୍ପର୍ଶରେ ଜର୍ଜରିତ ହୁଏ
ପ୍ରାଣର ଅଗଣା ଡେଇଁ,
ନିରୁତା ପ୍ରେମର ପରିଭାଷା କହେ
ମୋ ଆତ୍ମାର ସାଥି ହେବାପାଇଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଟ ଚାହିଁ ରହିଛି ମୁଁ ଆସିବ କେବେ ତୁମେ

ସାଧବ ବୋହୁଟେ ପରି ରଖିବ ବୋଲି,

ଆଶା କରିଛି ମୋ ମନେ ।

ଏତିକି ଲେଖି ମୁଁ ଶେଷକଲି ମୋ ଲେଖା

ଏକାଠି ବଞ୍ଚିବାପାଇଁ କରିଛି ମୁଁ ଅପେକ୍ଷା ।

ଏବେ କଥା ଦିଅ ମଥା ଛୁଇଁ

ଚିରଦିନ ରହିଥିବ ମୋର,

ଜନ୍ମଜନ୍ମାନ୍ତର ରହିଥିବ ଚିର ସାଥିଟିଏ ହୋଇ ।

ସ୍ନାତକୋତ୍ତର ଓଡ଼ିଆ, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟ



ସିଲୁ ପଧାନ

ଭବାନୀପାଟଣା କଲେଜ ଆମର
ଓଡ଼ିଆ ବିଭାଗ ମୋର
ଚିରଦିନ ପାଇଁ ମନେ ରହିଥିବ
କଲେଜର ସବୁ ଚିତ୍ର ।

କଲେଜ ମିଳନ ଯେତିକି ଆନନ୍ଦ
ବିଦାୟ ସେତିକି ଦୁଃଖ,
ଛାତିରେ ପଥର ରଖି ସହିଗଲେ
ଦୁଃଖପରେ ଆସେ ସୁଖ ।

ଦିନ ପରେ ରାତି ରାତି ପରେ ଦିନ
ଏ ତ ବିଧିର ବିଧାନ,
ମିଳନର ପରେ ବିଦାୟ ହୋଇଲେ
ଜଳିଯାଏ ଏଇ ମନ ।

ଆକାଶ, ବିକାଶ, ଲିପୁନ, ବିନୋଦ
ରୋହିତ ଓ ଦେବାଶିଷ
କେଶରୀ, ରାକେଶ, ବାଳକୃଷ୍ଣ
ଭାଗବତ ଓ ମହେଶ ।

ବାବୁଲି, କରୁଣା, କହ୍ନେଇ, ନଗେନ୍ଦ୍ର
ରବି, କାଶୀ ଓ ଆନନ୍ଦ
ଦେବରାଜ, ମହେଶ୍ୱର, ନିତେଶ, ବେଦ
ଉତ୍ତମ ଓ ବଳଭଦ୍ର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଧୁ, ମିନାକ୍ଷୀ, ସଂଗୀତା, ସରୋଜିନୀ
କୁନି, ରୀନା ଓ ତନୟା
ତା ସାଙ୍ଗକୁ ରୋଜି, ସାଗରିକା ଓ ଝରଣା
ଏ ସମସ୍ତ ଆମ ଅତି ଚିହ୍ନା ।

ଆମେ ଏ ସମସ୍ତ ବିଦା ହୋଇଗଲେ
ମନେ ପଡ଼ିବ ହେଲେ କ୍ଷଣେ
ମନର ବେଦନା ମନେ ରହିଯିବ
ହୃଦୟର ଅଳ୍ପ କୋଣେ ।

ତଥାପି ବିଦାୟ ନିଅ ବନ୍ଧୁଗଣ
ସ୍ମୃତି ସବୁ ରହିଥାଉ
ସେଇ ସ୍ମୃତି ନେଇ ମନେ ଭାବି ଭାବି
ଦିନ ଆମ ବିତିଯାଉ ।

ସ୍ନାତକୋତ୍ତର (ପ୍ରଥମ ବର୍ଷ)
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଜିଛି ଶରତ



ଉର୍ମିଳା ଦାସ

ଭିଜାଅନା ଆଉ ଶ୍ରାବଣୀ ଗୋ ତୁମେ
ଶରତ ଲୁହରେ ଭିଜୁଛି ।
ଆକାଶଟା ଦେଖ ଅଭିମାନେ କଳା
ହାଣ୍ଡିପରି ମୁହଁ କରିଛି ।
ନୀଳ ସରସୀର ନିରୁତା ମନଟା
ଗୋଳିଆ ଗୋଳିଆ ଦିଶୁଛି ।
ଭିଜା ପଣରରେ ନୀଳକଇଁଟା ବି
ଜହ୍ନକୁ ଗୁହାରି କରୁଛି ।
ତୁମ ଇସାରାରେ ସୁନ୍ଦର ଜହ୍ନଟା
ବାଦଲ ଫାଙ୍କାରେ ଲୁଚୁଛି ।
କାଶତଣ୍ଡୀର ସେ ଧବଳ ପଣତ
ଉଡୁନାହିଁ ଲୁହେ ଭିଜୁଛି ।

ଭାଲୁକୁଣୀ ଓଷା ପାଣିରେ ଭାସୁଛି
କୁଆଁରୀଙ୍କ ମନ କାନ୍ଦୁଛି ।
ଫୁଟିବା ଆଗରୁ ଶେଫାଳୀଟା ପରା
ଧରା କୋଳେ ଝରି ପଡୁଛି ।
କେଉଁ ଦୋଷେ ତୁମେ କୁହ ଗୋ ଶ୍ରାବଣୀ
ଶରତକୁ କର ଅଥୟ ।
ମଣିଷର ଦାଉ କେତେ ବା ସହିବ
ବିଭ୍ରାନ୍ତ ହେଲାଣି ସମୟ ।
ବସନ୍ତେ ନିଦାଘ, ଶ୍ରାବଣେ ନିଦାଘ
ଶରତେ ଆସୁଛ ଶ୍ରାବଣୀ ।
ଭାରତର ଛଅ ଋତୁ ଅନୁଭବ
ଧିରେ ଧିରେ ହଜି ଗଲାଣି ।

ଗୋକୁଳପୁର, ଟାଙ୍ଗୀ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତା'ର କବିତା



ଜୟନ୍ତ କୁମାର ସାହୁ

ନୁହେଁ ସେ ପ୍ରେମିକ
ନୁହେଁ ସେ ଲେଖକ
ତଥାପି ଏ ଅକ୍ଷରସଜ୍ଜା
ଆଜି ତା ମନକୁ କରେ ଅଧିର ।

ଯେବେ ହୁଏ ସେ ପଥହରା
ଯେବେ ପାଏନାହିଁ ଅନ୍ୟରାସ୍ତା
ସଙ୍ଗେ ସଙ୍ଗେ ମନେପଡ଼େ
କାଗଜ କଲମ ଆଉ
ଏ ମନର ବିଦ୍ରୋହ ।

ହଜାଇ ଦିଏ ସେ ନିଜକୁ
ଏଇ ସ୍ୱପ୍ନରେ ଆଉ
ଶିଳ୍ପୀ ତୁଳୀରେ ଛବି ଆଙ୍କିଲାପରି
ଆଙ୍କିଚାଲେ ଶବ୍ଦରେ
ଗଢ଼ା ଏ କବିତା ।

କେବେ ହୁଏ ଲୋକହସା
କେବେ ପୁଣି ପ୍ରଶଂସା
ଆଉ ସମୟସାଥେ
କିଛି ସତମିଛର ବାର୍ତ୍ତା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ବି ରେବତୀ କାନ୍ଦୁଛି



ରଶ୍ମିକାନ୍ତ ବାରିକ

ଆଜିବି ରେବତୀ କାନ୍ଦୁଚି...

ତା ଛାତିତଳେ

ଜାବୁଡ଼ି ଧରି,

ଅସୁମାରି ଲୁହ - କୋହ

ଆଉ ପୁଙ୍ଗୁଳା ସ୍ୱପ୍ନମାନଙ୍କୁ ନେଇ ।

ଏ ଯାଏ ବି,

ତା'ର ଅସହାୟ ହାତ ଦୁଇଟାକୁ

ଲମ୍ୱେଇ ଦେଇଛି,

ତା ପଥର ଦେହରେ

ଅନୁଭବ କରୁଥିବା ଦେବୀପଣକୁ

ସେଇ ବାସୁ ମାଷ୍ଟ୍ରେଙ୍କ ଆଡ଼କୁ ।

ସମାଜ ଦୁଆରେ

ତାର ଅସହାୟ ପଣଟା

ବେଶ୍ ବିବସ୍ତ୍ରା ହୋଇ ସାରିଲାଣି ।

ଅନେକ କବି...

ତାକୁ କବିତା ସଜେଇ

ସାଉଁଟି ସାରିଲେଣି

ପୁଳା ପୁଳା ଅଙ୍ଗପୋଛାମାନ ।

ଆଜି ବି ସେ

ମୁକୁଳି ପାରୁନି

ନିଆଁ ଚୁଲି ଡାକମାନଙ୍କ ପାଖରୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାଆ ଭିତରେ,

ଅନେକ ରେବତୀ ଜନ୍ମ ହୋଇ

ବଦଳେଇ ସାରିଲେଣି

ତାଙ୍କ ହାତ ରେଖାର ସରୁ ସରୁ ଗାରକୁ

ମାଟିହାଣ୍ଡି ଆଉ କାଠ ଡଙ୍କା ପାଖରେ ।

କେହି କଣ କେବେ

ଢାଳି ପାରିଛେ

ସମାନତାର ସଞ୍ଜିବନୀ,

ରେବତୀର ଜୀବନ ଉପରେ ? ?

ଆଜିବି ସେ କାନ୍ଦୁଛି...

ଏ ଯାଏ ରେବତୀ କାନ୍ଦୁଛି...

ନାଉଗାଁ, ଜଗତସିଂହପୁର

ଭ୍ରାମ୍ୟଭାଷ : ୯୦୭୮୩୫୦୫୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଗାଁ



ଦୀପାଞ୍ଜଳି ଭଞ୍ଜ

ଏଇ ଆମ ଗାଁ ଶାଳବଣୀ...
ସୂରୁଜ ଉଇଁବା ଅନେକ ଆଗରୁ
କୁଆଁତାରା ଯେବେ ଯାଏ ଫୁଟି
ଜାଙ୍ଗୁଲୁ ପାଙ୍ଗଲୁ ସକାଳଟେ ପାଇଁ
ଗାଁରେ କବାଟ ଫିଟିଯାଏ ।।

ଏଇ ଆମ ଗାଁ ଶାଳବଣୀ...
କିଏ ଯାଏ ବିଲ, କିଏ ଯାଏ ବଣ
କିଏ ଯାଏ ନଈ କିଏ ପୋଖରୀ
ହାତ ଖରଖର ମନ ସରସର
ଯିଏ ଯାର ଯାଏ ପାଇଟି ସାରି ।।

ଏଇ ଆମ ଗାଁ ଶାଳବଣୀ...
ଅମାନିଆ ଲାଗେ ସିନା ଗୁନ୍‌ଫା ନଈ
ଗାଁ ତଳେ ଯାଏ ବହି ବହି
ସାଗରେ ମିଶିବ ବୋଲି
ବାଦା କେବେ ମାନେ ନାହିଁ ।।

ଏଇ ଆମ ଗାଁ ଶାଳବଣୀ...
ଭାଇ ଭାଇ ସାଥେ ଆଜି
ସରବେ ହିଂସାର ପଥରେ ମଜି
ବାପା ମାଆ ଜେଜେ ପୁଣି
ଦିଅନ୍ତି ଆମ ମନୋବଳ ଭାଙ୍ଗି ।।

ଏଇ ଆମ ଗାଁ ଶାଳବଣୀ...
କି ନୁଆଁ ଢଙ୍ଗରେ କି ନୁଆ ରୂପରେ
ହୋଇଛି ପରା ସେ ସଜ
ନୁଆଁ ସକାଳକୁ ମନଲୋଭା ଟିକି ଚାହେଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତା ସାଥେ ଆମ ବଣର ଶୀତଳ ପବନ ।।

ଏଇ ଆମ ଗାଁ ଶାଳବଣୀ...

ହିଂସାକୁ ତେଜି ଅହିଂସା ରଥର

ସାରଥି ସାଜିବା ଆମେ

ପ୍ରଣିିପାତ କରି ଆଶିଷ ନେବା

ଆମ ଗାଁ ଭଦୁଆ ମାଆର ।।

ଏଇ ଆମ ଗାଁ ଶାଳବଣୀ...

ଗାନ୍ଧୀ ଗୋପବନ୍ଧୁ ସୁବାଷ ପରିକା

ହୋଇବା ଆମେ ମହାନାୟକ

ରଖିଯିବା କାଳ କାଳକୁ ଆମରି

ଜନମ ଭୂମିର ଟେକ ।।

ଏଇ ଆମ ଗାଁ ଶାଳବଣୀ...

ଅଧ୍ୟାପିକା, ସଂସ୍କୃତ ବିଭାଗ

ପଞ୍ଚାୟତ ସମିତି ମହାବିଦ୍ୟାଳୟ

ଶୁଳିଆପଦା, ମୟୂରଭଞ୍ଜ, ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚନ୍ଦ୍ରଭାଗା



ମନୋରଞ୍ଜନ ମୁଦୁଲି

ତନ୍ଦ୍ରା ଅପସରି ଆସଇ ବାହାରି
ରକ୍ତିମ ଆଭାରେ ସୁନେଲି ପ୍ରଭା,
ସୁପ୍ତ ଧରଣୀକୁ କରଇ ଜାଗ୍ରତ
ଚଉଦିଗ ହସେ ନୂତନ ଶୋଭା ।

ଦିଗନ୍ତ ବିସ୍ତାରି ସବୁଜିମା କ୍ଷେତ
ପୂରୁବରେ ନୀଳସାଗର ଊର୍ମୀ,
ଲୋହିତ କିରଣ ପ୍ରତିବିମ୍ବ ଶୋଭା
ଦିବ୍ୟ ସମ୍ଭାରରେ ହସେ ଧରଣୀ ।

ଶତାବ୍ଦୀ ପ୍ରାଚୀନ ଗଙ୍ଗାଠାରୁ ପ୍ରାଚୀ
ତ୍ରିବେଣୀ ଘାଟରେ ପିତୃତର୍ପଣ,
ପିତୃପୁରୁଷଙ୍କ ପ୍ରୀତି ପରିଜନେ
ସମର୍ପି ଦିଅନ୍ତି ଶ୍ରାଦ୍ଧ ଭୋଜନ ।

ମହୋଦଧି ଆଉ ପ୍ରାଚୀ ପ୍ରଣୟରେ
ହୋଇଥିଲା ଦିନେ ମହାମିଳନ,
ରଖିଥିଲା ପ୍ରାଚୀ ସୂର୍ଯ୍ୟଦେବ ସାକ୍ଷୀ
ବ୍ରହ୍ମମୁହୂର୍ତ୍ତରେ କରି ବରଣ ।

ଚନ୍ଦନ ଶୀତଳ ଚନ୍ଦ୍ରମା ଜୋଛନା
ତାଳତମାଳରେ ସବୁଜ ଲତା,
ପ୍ରାଚୀ ତଟେ ହସେ ପ୍ରାଚୀନ କୀର୍ତ୍ତି
ଗଙ୍ଗବଂଶ ରାଜ୍ୟ ଗାରିମା କଥା ।

ପ୍ରାଚୀନ ସେ ପ୍ରାଚୀ ଯାଇଆଛି ହଜି
ଚନ୍ଦ୍ରଭାଗା ଥିଲା ମିଳନ ସ୍ଥାନ,
ଗଙ୍ଗବଂଶଧର ଆରାଧ୍ୟ ମାର୍ତ୍ତଣ୍ଡ
ଆସୁଛନ୍ତି ନିତ୍ୟ ଦେଇ ଦର୍ଶନ ।

Magazine Downloaded from www.aahwaan.com

# ଶ୍ରାବଣର ଅପେକ୍ଷାରେ



ଦୁଷ୍ମନ୍ତ ଖଟୁଆ

ଶ୍ରାବଣର ସେଇ ପହିଲି ବର୍ଷାରେ ତୁମ ସାଥେ ହେଲା ଦେଖା,
ମନ ଅନ୍ତରାଳେ ପୁଲକିତ ହେଲା ପ୍ରେମର ଅଲିଭାଶିଖା ।

ମନେପଡେ ଆଜିଭିଜା ଶ୍ରାବଣରେ ସାଧବବୋହୁର ଖେଳ,
ଖେଳରେ ଖେଳରେ ଟିକେ ରାଗିଗଲେ ଆଖିକରୁ ଛଳଛଳ ।

ଛଳଛଳ ସେଇ ଆଖିର ଲୁହରେ ମୋ ମନରେ ଉଠେ କୋହ,
ମନେ ମନେ କେତେ କଥା କହିଯାଏ ତୁମରି ନିରବ ଓଠ ।

ଅଭିମାନି ବର୍ଷା କରିଛି ଯେ ଇର୍ଷା ତୁମରି ରୂପକୁ ଦେଖି,
ସାଧବ ବୋହୁବି ଲାଜେଇ ଯାଇଛି ତୁମରି ପରଷ ପାଇ ।

ସ୍ମୃତି ବାରିଧାରା କରିଛି ଆସରା ଫେରିବା ବାଟକୁ ଚାହିଁ,
ଜାଣିଛି ମୁଁ ପ୍ରିୟା ତୁମେବି ଜଳୁଛ ଶ୍ରାବଣର ବାଟ ଚାହିଁ ।

ଶ୍ରାବଣ ସାଥିରେ ତୁମେ ଚାଲିଗଲ କରିଛି ଅପେକ୍ଷା ତୁମର,
ମନ ଆନମନା ସଖୀ ତୁମବିନା ଜୀବନଟା ବାଲିଚର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିରବରେ



ଲଳିତମୋହନ ମିଶ୍ର

କି ସୁନ୍ଦର ! ! ! !
ସେ ମୁହୂର୍ତ୍ତ ଗୁଡ଼ାକ
ମନରେ ଉଙ୍କି ମାରେ,
ଅସୁମାରୀ ଆଶାକୁ ନେଇ । ।

ସେହି ନିରବ ରାତ୍ରି,
ନିଘୋଡ଼ ସମୟେ;
ନିଦ୍ରିତ ନୟନେ
ମନେ ପଡ ତୁମେ ମୋ ସ୍ୱପ୍ନରେ । ।

ତୁମେ ମନେ ପଡ,
ଶୀତୁଆ ରଜନୀରେ,
ମନେ ମୋର ଭରିଦିଅ ମାଦକତା,
ଉତ୍ତପ୍ତ ଉନ୍ମାଦନା,
ଖେଳିଯାଏ ମନରେ ଅପୂର୍ବ ରୋମାଞ୍ଚ
ହଜିଯାଏ ଚେତନା । ।

ହଜିଯାଏ ମନର ବେଦନା
ଖୋଜେ ତୁମକୁ
ନିରବରେ ନିଶବ୍ଦରେ
ମନରେ ଅନେକ ଆଶା ଆକାଂକ୍ଷା,
କ୍ଷଣିକ ପରଶ
ଲାଭ ପାଇଁ ମନର ବ୍ୟାକୁଳତା । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଙ୍ଗିଯାଏ ନିଦ୍ରା ମୋର,

ସବୁ ସ୍ୱପ୍ନ ହଜିଯାଏ

ବାସ୍ତବଭରା ଜୀବନରେ,

ତଥାପି;ମନେପଡ଼

ତୁମେ ମୋ ନୟନରେ...

ଆଉ ମୁଁ;

ବିମୋହିତ ହୋଇପଡେ,

ତୁମ ସ୍ମୃତିରେ

ଅପେକ୍ଷା କରେ ପୁଣିଥରେ,

ସେହି ନିଃଶବ୍ଦ ରାତ୍ରୀର ସ୍ୱପ୍ନକୁ ।।

ଲଳିତ ମୋହନ ମିଶ୍ର

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ଚନ୍ଦ୍ରଗିରି, ଗଜପତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ କବିତାଫୁଲ



ପ୍ରକାଶଚନ୍ଦ୍ର ମୁଦୁଲି

ଭିନ୍ନ ଏକ କବିତା ନାଁ ତାର ଫୁଲ
କୋମଳ ହୃଦୟ ନେଇ ଫୁଟି ଥାଏ ଅନ୍ୟ ପାଇଁ
ବିତରଇ ଅନ୍ୟ ପାଇଁ ବାସ୍ନା
ସେ ବାସ୍ନାକୁ ନେଇ ଅନ୍ୟ ପାଇଁ ସାଜେ ଉଦାହରଣ
ପୂଜା ପାଇଁ ଲୋଡ଼ା ଫୁଲ ଦୀପ ଧୂପ ଚନ୍ଦନ ସାଥିରେ
କୋମଳ ହୃଦୟ ତାର ଛୁଇଁ ଲାଗେ ପ୍ରଭୁଙ୍କ ହୃଦରେ
ସୁନ୍ଦର ଦିଶନ୍ତି ପ୍ରଭୁ ବସି ରତ୍ନ ସିଂହାସନେ
ପ୍ରଭାତ ହେଇଲେ ମୁଁ ଯେ ମଉଳି ଯାଏ
ଅଲୋଡ଼ା ଏକ ବାସି ଫୁଲ
ତଥାପି ମୁଁ ହୃଦୟ ଦେଇ ସାରି
ପାଏ ଅପୂର୍ବ ଶାନ୍ତି କିଛି ସମୟ ପାଇଁ
ଲଭେ ମୁଁହିଁ ଅପୂର୍ବ ସ୍ୱର୍ଗ ପ୍ରାପ୍ତି
ପ୍ରଭୁ ମାଗେ ନାହିଁ ଧନ ଜନ ମାଗେ ନାହିଁ ସୁଖ
ମାଗେ ଖାଲି ପ୍ରଭୁ ତୁମ ଚରଣରେ ରଖ
କହେ ହେ ମଣିଷ ଜୀଇ ଥିବ ଯେତେ ଦିନ ମର୍ତ୍ତ୍ୟ ମଣ୍ଡଳେ
ପ୍ରଭୁ କୃପା ବିନା ନ ଲଭିବ ସୁଖ ଶାନ୍ତି ଏ ମାୟା ସଂସାରେ

ସହକାରୀ ଶିକ୍ଷକ, ରାୟଗଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ସ୍ମୃତି



ଶେଷଦେବ ପ୍ରଧାନ

ବର୍ଷାଦିନିଆ ତିଥିରେ

ଏକୁଟିଆ ରାତିରେ

ମନେ ପଡ଼େ ପ୍ରିୟାର ଅଭୁଲା ସ୍ମୃତି ।

ପ୍ରିୟା ପାଇଁ ମାଗିଥିଲି ଜ୍ୟୋସ୍ନା ଟିକେ ଜହ୍ନକୁ

ବାସ୍ନାଟିକେ ମାଗିଥିଲି ପ୍ରିୟାପାଇଁ ଫୁଲକୁ

ପ୍ରିୟା ତୁମେ ଆସିଥିଲ ଏହି ମୋ ଜୀବନେ

ଗୋଲାପ କଢ଼ିଟେ ସାଜି

ଗୋଲାପ ଫୁଲ ହୋଇ ମହକେଇ ଦେଲ

ଜୀବନେ ମୋର ସୁଗନ୍ଧିତ ବାସ୍ନା ହୋଇ ।

ଧଳା କାଗଜ ପରି ତମ ଏହି ହୃଦେ

କଳା ବିନ୍ଦୁଟେ ହୋଇ ରହିଯିବ ନିଶ୍ଚେ ।

ଜଳନିଧି ଜଳପରି ତମ ଏହି ମନ

ବାରିଧି ଜଳେ ମିଶିବ ନଈ ରୂପକ ମୋ ମନ ।

ସାଗରରେ ଭାସେ ଲହରୀ ଯେପରି

ମସ୍ତକେ ଶୋଭାପାଏ କେଶ ସେହିପରି ।

କମଳ ବିହୁନେ ବାରି ଦିଶଇ ମଇଳା

ତୁମେ ପରା ଦିଶୁଥାଅ ବ୍ରହ୍ମାଣ୍ଡ ଅପ୍‌ସରା ।

ନିର୍ମଳ ଆକାଶେ ତାରକା ପୁଞ୍ଜ ଭଳି

ତମେ ଦେଇଛ ମୋ ମନେ ପ୍ରେମର ଆଶାଢାଳି ।

ପ୍ରିୟାମୋର ଦୀପ ହୋଇ ଜଳୁଥିବ ଦିନେ

ଦୀପରେ ଯେ, ତେଲ ହୋଇ ଭାସୁଥିବି ନିଜେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହିସାବ



ବିଜୟ କୁମାର ପଣ୍ଡା

କେତେ ମୁଁ ପାଇଛି କେତେ ହରାଇଛି

ସେ ହିସାବ ଆରପାରିରେ

ଏପାରିରେ ଖାଲି କର୍ମ ଆଉ କର୍ମ

ପ୍ରାଣ ଥିବା ଯାଏଁ ପିଣ୍ଡରେ

ସୁଖ ପରେ ଦୁଃଖ ରାତି ପରେ ଦିନ

ବିଶ୍ୱନିୟନ୍ତା ଗଢି ଦେଇଛି

ପାଖେ ଯାହା ଅଛି ତା' ମୂଲ ନବୁଝି ମଣିଷ

ମରୀଚିକା ପଛେ ଧାଇଁଛି ..

ପ୍ରତିଷ୍ଠାତା - ସମ୍ପାଦକ "ବିଜୟଧ୍ୱଜା ଇ-ପତ୍ରିକା"
ସବଙ୍ଗ, ସିମୁଳିଆ, ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁରେ



ବାବୁଲାଲ୍ ପଲେଇ

କହିବକି ଥରେ

ମୁହଁ ଖୋଲି ମୋତେ

ଆଉ କେତେଦିନ

ଅନ୍ଧପୁଟୁଳି ଆଖିରେ ବାନ୍ଧି

ଦିନ ଦ୍ୱିପ୍ରହରରେ

ଅଣ୍ଡାଳି ଅଣ୍ଡାଳି

ବାଟ ଭାଙ୍ଗି ଚାଲୁଥିବ ?

ଆଖି ତ ଅଛି

ତଥାପି ବନ୍ଧୁ

ଅନ୍ଧତ୍ୱର ବାହାନା

କାହିଁକି କର ?

ତେବେ କ'ଣ ଆଉ ଏକ

ମହାଭାରତ ଯୁଦ୍ଧ

ଦୁର୍ଯ୍ୟୋଧନ ଆଉ

ଦୁଃଶାସନର କଳଙ୍କ ଟିକାକୁ

ଅଣ୍ଟିରେ ପୁରେଇ

ନିଜକୁ ଧୃତରାଷ୍ଟ୍ର ବୋଲାଉଥିବ ?

ଆଉ କେତେଦିନ ବନ୍ଧୁ

କଣ୍ଟାବିହୀନ କୋମଳ ମାଂସର

ଲୋଭକୁ ସମ୍ଭାଳିନପାରି

ଗୋଟାଏ ପରେ ଗୋଟାଏ

ଶବ ଉପରେ ଠିଆ ହୋଇ

କୁମ୍ଭୀର କାନ୍ଦଣା କାନ୍ଦୁଥିବ ?

ସଂପାଦକ ସଂଯୋଗୀ ସଜଫୁଲ,

ଘଟଗାଁ, କେନ୍ଦୁଝର,

ଭ୍ରାମ୍ୟଭାଷ : ୯୪୩୭୧୫୭୯୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଛ ଦେବଦାସୀ



ଫାଲଗୁନୀ ଦାସ

ସତକଥା କହିପାରୁନାହିଁ ଜମା, ସତଟା ତା ପାଇଁ କଣ୍ଟା
ସତୀତ୍ୱ ବନ୍ଧନ ଆଜି ମାନହୀନ, ଏଠି ସମ୍ପର୍କ ଟଙ୍କାରେ ବଣ୍ଟା ।

ଅର୍ଥ ହିଁ ଅନର୍ଥ କେହି ବୁଝନ୍ତିନି, ତୌଲନ୍ତି ନିକିତିରେ
ଟଙ୍କା ବନ୍ଧନରେ ସମ୍ପର୍କ ତୋଳନ୍ତି, ଦେହ ମନ ଏକାକାରେ ।

ପ୍ରେମ ହିଁ ବିବାହ ବିବାହ ହିଁ ପ୍ରେମ, ବୁଝନ୍ତିନି କେହି କେବେ
ବିବାହ କରନ୍ତି ସମ୍ପର୍କ ତୁଟାନ୍ତି, କେବଳ ସମ୍ପତ୍ତି ଲୋଭେ ।

ଲୋଭୀର ଲୋଲୁପ ଦୃଷ୍ଟିରେ ଜିଅନ୍ତା, ଜଳେ ନାରୀ ପ୍ରତିକ୍ଷଣ
କେବେ ଯୌତୁକେ କେବେ ପୁତ୍ର ଲୋଭେ, ହୁଏ ତା ପ୍ରତି କଷଣ ।

ସତ କହିବା ସେ ସେବେଠୁ ଭୁଲିଛି, ଯେବେଠୁଁ କଲା ବିବାହ
ମନର ମଣିଷ ମନୁ ଦୂର ହେଲା, ଜୀବନ ତା ପାଇଁ ଦୁର୍ବିସହ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ ମଣିଷକୁ ମନୁ ଭୁଲିଗଲା, ଏମିତି କହିଲା ମିଛ
ନିଜ ଆଖିକୁ ସେ ଚାହିଁ ନ ପାରିଲା, ବନ୍ଧନ ଲାଗିଲା ତୁଚ୍ଛ ।

କେମିତି କହିବ ପତିଦେବ ମୋର, ଭଲ ପାଏନାହିଁ ତୁମକୁ
କାୟାମନ ମୋର ସମର୍ପି ଦେଇଛି, ଭଲ ପାଇଥିଲି ଯାହାକୁ ।

ଯେଉଁ ସତକଥା ମା' ନ ଶୁଣିଲା, ପିତା ପାଇଁ ଅପମାନ
ସ୍ୱାମୀ ଆଗରେ ବା କେମିତି କହିବ, ବୋଧେ ତାର ସ୍ୱାଭିମାନ ।

ସ୍ୱାଭିମାନୀ ଝିଅ ସ୍ୱାଭିମାନ ପାଇଁ, ସାଜିଲା କାଠ କଣ୍ଢେଇ
କଥା ବି ମାନିଲା କାମ ବି କରିଲା, ହୃଦୟ କରି ମିଛେଇ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନରେ ପ୍ରଶ୍ନବାଚୀ



ଶଶାଙ୍କ ଶେଖର
ପଣ୍ଡା

ମନରେ ପ୍ରଶ୍ନବାଚୀ ? ଅନ୍ତରରେ ବ୍ୟଥା
ବିଶ୍ୱାସର ପ୍ରତିବିମ୍ବ ଅସ୍ପଷ୍ଟ ଆଢୁଆଳରେ
ଗୁମୁରି ଉଠୁଛି ରାତିର ଶୋଇବା ସେଜରେ
ପୁଣି ସୁନେଲି ସକାଳର ପହିଲି କିରଣରେ,
ପଶ୍ଚାତାପର ଝଡ଼ ଅଦିନରେ ମାଡ଼ି ଆସି
ଟୁକୁରା ଟୁକୁରା କରିଦେଉଛି ହୃଦୟରେ ଥିବା
ସାଇତା ସପନର କେରା କେରା ଅରୁଣିମାକୁ,
ଅଶ୍ରୁପୁର୍ଣ୍ଣ ଆଖିରେ ଅତୀତର ବିସ୍ତୀର୍ଣ୍ଣ ସ୍ମୃତି
ବିଜୟର ଟୀକା ପିନ୍ଧି ପରାଜୟର ମଞ୍ଚରେ
ଆତିତ୍ୱକୁ ସ୍ୱୀକାର କରିବାର ଅଭିନବ ପ୍ରିତୀ,
କେବେ ଅଧ୍ୟୟନ କରୁଛି କଳଙ୍କିତ ଅଧ୍ୟାୟର
ସେହି ମର୍ମସ୍ପର୍ଶୀ କାହାଣୀକୁ,
ଆଉ କେବେପୁନରାବୃତ୍ତି କରୁଛି ଭୁଲି ଯାଇଥିବା ଅତୀତର ସ୍ୱର୍ଣ୍ଣିମ ଦିବସକୁ,
କେତେଯେ ଯନ୍ତ୍ରଣା ମୁଣ୍ଡ ଟେକୁଛି ଛାତିର ସ୍ପନ୍ଦନରୁ
ଆଉ ସର୍ବ ସମ୍ମୁଖରେ ସ୍ୱାର୍ଥର ଆହୁତି ଜାଳି
ବିଭତ୍ସ ଘଟଣାକୁ ଲୋକାର୍ପଣ କରୁଛି,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶ୍ୱାସର ରୂପରେଖରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି

ସମ୍ପର୍କର ସେହି ଶକ୍ତ ଡୋର ମଧ୍ୟ ଛିଡ଼ିଯାଇଛି,

କେଉଁ ଅପରାଧର ମୂଲ୍ୟ ପରିଶୋଧ ପାଇଁ

ଏଭଳି କୁତ୍ସିତ ଚିନ୍ତାଧାରା ?

ଅନୁତାପର କ୍ରୋଧାଗ୍ନିକୁ ଆଲିଙ୍ଗନ କରିବାର

ଅଭିନବ କର୍ଣ୍ଣଧାରା,

ଭୌତିକର ଅଗ୍ରବର୍ତ୍ତୀ ସାଙ୍ଗକୁ

ପରିକଳ୍ପିତ ଚକ୍ରବ୍ୟୁହରେ ବନ୍ଦୀ କରିବାର ଆହ୍ୱାନ...

ଉତ୍ତରବାଡ଼, ଭଣ୍ଡାରିପୋଖରୀ, ଭଦ୍ରକ

ମୋ :୯୯୩୭୧୨୭୮୦୪

ଇମେଲ୍ : sasanka87@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଳସୀ ଶୀତ



ସୁବାସ ଚନ୍ଦ୍ର ମୁଦୁଲି

ବାଘ ଭଳି ଆସେ ପାହାନ୍ତିଆ ଶୀତ
ସୁଲୁସୁଲିଆ ବାଆରେ
ସୋରିଷ ଫୁଲିଆ ହଳଦୀ ମଖେଇ
ଗାଏ ସେ କେତେ ଗୀତରେ
ତା ସାଥିରେ ବହେ ପାହାଡି ଝରଣା
ମାଦଳର ସୁରେ ସୁରେ
ମହୁଲିଆ ଜାଡ ଅଳସି କନିଆଁ
ସପନର ରାଜା ଝୁରେ
ରାତି ଚାଲିଯାଏ ଦିନ ଆସିଯାଏ
ଲାଜେ ସେ ସରିଯାଏରେ
ପାରେ ନାହିଁ କହିବି ପାରେନା
ଅକୁହା ମନ କଥାରେ

ବରିଷ୍ଠ ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ସମ୍ବଲପୁର
ମୋ - ୯୪୩୭୭୮୯୦୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀରବତା



ରାଜ କିଶୋର ସାହୁ

ସବୁକିଛି କୁହେ ଅଦିନ ବତାସ
ବାଆ ଗଲେ ଅପସରି,
ଦୁଇଆଖିଭିଜେ ମରମ ଲୁହରେ
ସ୍ମୃତିକୁ ଆଧାର କରି ।।

କେତେବେଳେ ଦୁଃଖଅପସରି ଯିବ
ସୁଖର ଆଲୋକ ଫେଇ,
କେଜାଣେ ସେ ଦୁଃଖ ଯେବେ ଲେଉଟିବ
ମନେ ଭରେ କୋହ ନେଇ ।।

ଅନ୍ତର ବେଦନା ଅନ୍ତରେ ଚାପିଲେ
ଅଶ୍ରୁବିଗଳିତ ଚକ୍ଷୁ
ମନର କୋହରେ ମନର ବିଳାପ
ସଂସାରେ କେ ଅବା ଦେଖୁ ।।

ସେଫାଳିର ପରି ସଂସାରେ ବଞ୍ଚିବା
ଜଗତେ ନୁହଁଇ ସାର,
ପ୍ରଭାତ ସୁରୁଜ ଦେଖିବା ଆଗରୁ
ମାଟି କରିଥାଏ କୋଳ ।।

ଆଶା ବୈତରଣୀ ନିରାଶାରେ ବହେ
ଶ୍ୟାମଳିମା ଯାଏ ହଜି,
ସବୁଠାରେ ଖାଲି ନିରାଶର ବହ୍ନି
ନୀରବତା ଖୋଜି ଖୋଜି ।।

ଅନ୍ତରାତ୍ମା ଯେବେ ଦଗ୍ଧ ହେଉଥାଏ
ମନରେ ଆସଇ କୋହ
ତୁନିତୁନି ଦୁଇ ଆଖି କହୁଥାଏ
ନିଗାଡି ଦି'ଟୋପା ଲୁହ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଳପ ସମୟେ ବହୁ କିଛି କୁହେ
ଇଙ୍ଗିତେ ଜାଣଇ ମନ
ସବୁକିଛି ଜାଣି ନିଶ୍ଚଳ ମଉନ
ନୀରବତାର ଏତେ ଗୁଣ ।।

ସବୁ ଯାଏ ଜଳି ମନଠାରୁ ପ୍ରାଣ
କରେ ନାହିଁ କେବେ ମନା,
ଅନ୍ତରେ ଅନନ୍ତ ସୁଖ ଅନୁଭବି
ସ୍ବରେ ଚିରନ୍ତନ ସତ୍ତା ।।

କେତେବେଳେଶୁଣେ ଅସହାୟ ହୋଇ
କେତେବେଳେ ପ୍ରତିରୋଧ,
କେତେବେଳେ ପୁଣି ହୁଏ ଅଭିମାନି
ନକରି କାହା ବିରୋଧ ।।

କେତେବେଳେ ତୋଳେ ଆଞ୍ଜୁଳାରେ ଭରି
ମାନସର ଭସ୍ମ ଚିତା,
କେତେବେଳେ ଭାଳେ ଦାରୁଣ ଦୁଃଖରେ
କୋଟିଜନମର ଚିନ୍ତା ।।

ସମୟ ନିୟମେ ବାଟଚାଲିବାକୁ
ସଂସାର କରିବ ମନା ,
ବାଟତ ଅନେକ ବାଟୋଇ ତୁ ଏକା
ପାଦ ଥିରି ଥିରି ପକା ।।

ପଳାସ କୁସୁମ ସମ ହେବୁ ଯଦି
ସଂସାର ସଖା ସମାନ ,
ବାହାବାହା ପଣେ କରୁଥାଏ ମାନ୍ୟ
ହୃଦୟ ଭିତର ଶୂନ୍ୟ ।।

ଚିର ସଙ୍ଗିକରି ନୀରବ ପଣକୁ
ଜୀବନ ଜୀବିକା ନେଇ ,
ପଥେପଥେ ଭେଟି ଉପଳ ଖଣ୍ଡକୁ
ଅକ୍ଳେଷେ ଯାଅ ଏଡାଇ ।।

(ଶିକ୍ଷକ)
ଦୂରଭାଷ : ୯୩୩୭୩୩୭୪୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସକାଳ ଆସିଲେ



ସୁମନ୍ତ କୁମାର ଶତପଥୀ

ସକାଳ ଆସିଲେ
ପକ୍ଷୀ ରାବେ କବି ଭାବେ
ପାଦରୁ ଅଳତା ଛାଡି ନଥିବା
ନୂଆ ବୋହୂର
ଲୋଡ଼ା ପଡ଼େ ବେଡ୍ ଟି'
ସତୁରୀ ବୟସ୍କା ଶାଶୁବୁଢ଼ୀର
ଅଣ୍ଟା ପିଠି ଲାଗିଯାଏ
ବାସି କାମ ସାରୁସାରୁ ।
ସକାଳ ଆସିଲେ
ଗଞ୍ଜା ଡାକେ କୁତା ଭୁକେ
ଅଳସୁଆ ସୁକୁମାର ବଳଦ ପିଠିରେ
ନୋଳା ଫାଟେ ଚଷା ବାପୁଡାର
ବାଉଁଶ କଣି ଲମ୍ବା ପାଞ୍ଚଣରେ ।
ସକାଳ ଆସିଲେ
ଭାରିଯା ହୁଅଇ କଟକଟ
ସଉତୁଣୀ ଆଖି ରଟମଟ
ଊଣା ପ୍ରେମ ଦେଇଥିବା
ଗେରସ୍ତ ବିଚରା ନିସ୍ତାର ପଡେନି
ନିଆଁଲଗା ଧରମଭାଇର
ଗଲା ସନୁ ଏଯାଏଁ ହେଇନି ଟିକେ ଭେଟ ।
ସକାଳ ଆସିଲେ
ପୋଖରୀତୁଠେ ମାଇପି ଗୋଠେ
ହଳଦୀମଖା, ପାହୁଡ଼ମଜାର ପ୍ରତିଯୋଗୀତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗତ ସଂଧ୍ୟାରେ ଫେରାର୍ ଥିବା ଅନୂଢାର

ଭୀଷଣ ଚର୍ଚ୍ଚା ।

ସକାଳ ଆସିଲେ

ବୁବୁନ୍ ର ଲାଗେ ଅଙ୍କକଷା

ମହାଜନ କରେ ଲୋକହସା

ତିଳକ ଲଗାଇ କେନ୍ଦରା କନ୍ଦାଏ ନାଥ

'ଭଜୁକିନା ରାମ ନାମ'ରେ ଶୁଣାଏ

ବୈରାଗ୍ୟର ଯେତେ ପରିଭାଷା ।

ସକାଳ ଆସିଲେ

ଅସ୍ଥିର କରଇ ବାପ, ମଦୀରା ନିଶାର ଚାପ

ମାଡଗାଳି ଦେଇ ସଂଗ୍ରହ କରଇ ଅର୍ଥ

ପାଷାଣ ହୃଦୟେ ପାଣିଚିଆ ଅନୁତାପ ।

ସକାଳ ଆସିଲେ

ସନ୍ଧ୍ୟା ପାଇଁ ନିଲାମ ହୁଏ

ପେଟବିକଳୀର କଞ୍ଚାମାଂସ

ଗତ ରାତିରେ ଆତ୍ମଗୋପନ କରିଥିବା

ନାଗରର ମୁହଁପୋତା

ଲମ୍ବା ପାହୁଣ୍ଡର ବେଗ ।

ସକାଳ ଆସିଲେ

କେବେ ଓଁକାର ତ କେବେ ଧିକାର

ଦୁଃଖ ଗଣ୍ଠେ ଫୁଟାଇବା ବି କାଠିକର ପାଠ

ଏ ଚିର ଅବୋଧ୍ୟ ସକାଳ

ଦିବସର ଚିତ୍ରଗୁପ୍ତ ହୋଇ

ପରଖୁ ଥାଏ ସକାଳର ଭଲମନ୍ଦ

ଲାଭକ୍ଷତି ହିସାବ ନିକାସ ।

ଆଦର୍ଶ ବିଦ୍ୟାଳୟ, ରାୟଗଡ଼, ଗଜପତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାଜଗାଦି ନୁହେଁ ସବୁଦିନ



ସୁଶାନ୍ତ ଗୌଡ଼

ସର୍କାରୀ କ୍ୱାର୍ଟରେ କାହିଁକି ପଡ଼ିଛ
ଆହେ ଅବସର ନେତା
ତୁମ ଭିଡ଼ପଣ ରାଇଜ ଶୁଣୁଛି
ପଡ଼ିଲାଣି ତୁମ ଅଣ୍ଟା ।

ଶାସନ, ରାସନ ସବୁ କରିଗଲ
ଏଇ ଜନତାଙ୍କ ପାଇଁ
କାହିଁକି ରହିଛ ମାଗଣା କ୍ୱାର୍ଟରେ
ନିଜ ଘର କିଆଁ ନାଇଁ ।

ବାଯିଗଲା ବୋଧେ ସହରୀ ପବନ
ଗାଆଁ ଆଡ଼େ ଚାହୁଁନାହଁ
କେମିତି ଚାହିଁବ ଗାଆଁ ପରିବେଶ
ଧରି ଅବା କେଉଁ ମୁହଁ ।

ଚାଷୀଙ୍କୁ କରିଛ ରାଜଧାନୀ ମନା
ଘୃଣା ମନୋଭାବ ଧରି
ସବୁଠି ମରୁଛି ଲାଞ୍ଛନା ଜୂଇରେ
ସଂସାରରେ ଘର କରି ।

ଦୁଃଖ ପରେ ସୁଖ ଆସଇ ଜୀବନେ
ଜାଣିଥାଅ ବଡ଼ଲୋକେ
ସମୟର ଖେଳେ ସଭିଏଁ ଜଡ଼ିତ
ରଜା ବି ଗରିବ ସାଜେ ।

ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦ୍ରୌପଦୀ



କୁନା ସୁନା

କେଶ ସଜାଡୁଥିଲେ ନିଜ କକ୍ଷରେ ବସି ଦ୍ରୁପଦ କନ୍ୟା ଦ୍ରୌପଦୀ,

ଲଳକାର ଭରି ଆସିଲା ଦୁଃଶାସନ କହିଲା କୋଉଠି ଅଛ ଏ ଦ୍ରୌପଦୀ ।

ତୁମେ ଚାଲ ମୁଁ ତୁମକୁ ନେବାକୁ ଆସିଛି ଆଜି,

ରାଜପାଟ ସବୁ ହାରି ଗଲେଣି ଶେଷରେ ତୁମକୁ ଲଗା ଯାଇଛି ବାଜି ।

ଦ୍ରୌପଦୀ - "ତୁମେ କିଏ ଏ ଦୁଃଶାସନ ଏତେ ସହଜରେ ମୋତେ ନେଇ ଯିବ,

ସ୍ୱୀକାର ନାହିଁ ମୋତେ, ତମର ଏ ଆଜ୍ଞା, କେମିତି ମୋ ଇଚ୍ଛା ବିରୁଦ୍ଧେ ଏ ଦୃଷ୍ଟ କାର୍ଯ୍ୟ କରିପାରିବ ।

କୁରୁ ବଂଶ କୁଳବଧୂ ମୁଁ ତୁମ ଜ୍ୟେଷ୍ଠର ଅର୍ଦ୍ଧାଙ୍ଗିନୀ,

କିଛି ତ ଲଜ୍ୟା କର ଏ ଗାନ୍ଧାରୀ ପୁତ୍ର ଏଭଳି ଅପକର୍ମ ତମକୁ କଦାପି ଶୋଭା ପାଇବନି ।"

ଦୁଃଶାସନ-"ଜ୍ଞାନ ଦିଅନି ହେ ସ୍ତ୍ରୀ ମୋତେ ତମ ଜ୍ଞାନର ଆବଶ୍ୟକତା ନାହିଁ,

ତମେ ଆଉ ଏବେ ରହିଲ ନାହିଁ ମହାରାଣୀ ଆଉ ଦାସୀଙ୍କ କଥା ଶୁଣିବ

ଦୁଃଶାସନର ସେଭଳି ସତ୍ତା ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ତିମ ଆଦେଶ ଦେଉଛି ମୋର ଆଜ୍ଞାର ଉଲଂଘନ କର ନାହିଁ,

ମୋ ସାଥିରେ ସଭାକୁ ଚାଲ ମୁଁ ବଳ ପୂର୍ବକ ତମକୁ ନେବାକୁ ଚାହୁଁ ନାହିଁ ।"

ସ୍ତ୍ରୀ ନାହିଁ ସେ ଦିନ ସ୍ତ୍ରୀର ଆତ୍ମସମ୍ମାନକୁ ଭରା ସଭାରେ ଅପମାନ କରାଗଲା,

ସମ୍ମାନର ପର ଲଗାଇ ସ୍ୱାଭୀମାନକୁ ବଳୀଦାନ ଦିଆଗଲା ।

କ୍ରନ୍ଦନ କରୁଥିବା ପାଞ୍ଚାଳୀର ଅଶ୍ରୁରେ ଥିଲା ଏକ ବିଚିତ୍ର ରୋଷ,

ଏ ଷଡ଼ଯନ୍ତ୍ରର ରଚନା ନିୟତିର ଥିଲା ନା ସେଥିରେ ଥିଲା ପାଣ୍ଡବ ପୁତ୍ରଙ୍କ ଦୋଷ ।

କର୍ଣ୍ଣ କହିଲା ବେଶ୍ୟା ଓ ଦୂର୍ଯ୍ୟୋଧନଙ୍କ ଜଂଘରେ ବସିବା ପାଇଁ ଆଦେଶ ଦିଆଗଲା ।

ନୀରବ ବସିଥିବା ସେହି ସଭାରେ ଧର୍ମର ନାମରେ ସେ ଦିନ ଏକ ସ୍ତ୍ରୀର ଗରୀମାକୁ କଳଙ୍କିତ କରାଗଲା ।

ଦୁର୍ଯ୍ୟୋଧନଙ୍କ ଆଦେଶାନୁସାରେ ଚିରହରଣ ଆରମ୍ଭ ହେଲା,

ଜର୍ ଲଗାଇ ଏକ ଧାରରୁ ଟଣା ଗଲା ପୁଣି ଟଣାଗଲା, କିନ୍ତୁ ବସ୍ତ୍ରର ଅନ୍ତ ନହେଲା,

କୃଷ୍ଣଦ୍ୱାରା ସେ ଦିନ କ୍ରୀଷ୍ଣାର ଲାଜକୁ ତ ବଞ୍ଚାଇ ଦିଆଗଲା,

ବସ୍ତ୍ର ତ ଉତୁରିଲା ନାହିଁ ତନୁ କିନ୍ତୁ ସ୍ତ୍ରୀର ସ୍ୱାଭୀମାନ ନଗ୍ନ ହୋଇଗଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅହଂକୁ ଆଘାତ ପହଞ୍ଚିଥିଲା ଭରା ସଭାରେ ସେ ଦିନ,

ଯୁଦ୍ଧ ତ ଥିଲା ତା'ର କେବଳ ପରିଣାମ, ବାସ୍ତବରେ ବାଜି ଲାଗିଥିଲା ସମ୍ମାନ ।

ମହାଭାରତ ହେବା ବି ଥିଲା ସମୟର ଏକ ଆବେଦନ,

ଅଧିକାର ନେବା ତ ଦ୍ୱିତୀୟ କାରଣ ଥିଲା, ଏହାର ମୂଳରେ ଥିଲା ନାରୀର ଆତ୍ମସମ୍ମାନ ।

ଗବେଷକ,

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏହି ମୋର ଗାଆଁ



ପ୍ରଶାନ୍ତ କୁମାର ନାଥ

ଏହି ମୋର ଗାଆଁ
ସକାଳ ସୁରୁଜ ଯେଉଁଠି ଆସି
ଦେଉଛି ତାର ଛୁଆଁ
ଏହି ମୋର ଗାଆଁ ।

ଓଳିରେ ଏଠି ଲଙ୍ଗଳ ଅଛି
ମନ୍ଦିରର ଦେଖ ନେତ ଉଡୁଛି
କଅଁଳା ବାଛୁରୀ ଡିଆଁ ମାରୁଛି
ଗାଇଆଳ ଟୋକା ଡାକ ଛାଡୁଛି
କୁନି ପିଲାର କାନ୍ଦ ଯେଉଁଠି
ଶୁଭଇ କୁଆଁ କୁଆଁ
ଏହି ମୋର ଗାଆଁ ।

ସୁନାକ୍ଷେତରେ ଧାନ ଫଳୁଛି
ପଖାଳ ଏଠି ମନ କିଣୁଛି
ଜୁଇ ଜାଇର ବାସ ଛୁଟୁଛି
ଜହ୍ନି କାକୁଡି ଲତା ମାଡିଛି
ସକାଳ ହେଇ ଚାଷୀ ଭାଇଟି
ପିଉଛି ନାଲି ଚା
ଏହି ମୋର ଗାଆଁ.........

ସନ୍ଧ୍ୟା ହୋଇଲେ ପକ୍ଷୀ ଫେରୁଛି
ଝୁଣା ଧୂପର ବାସ ଛୁଟୁଛି
ଗୀତା ଭାଗବତ ପାଠ ହେଉଛି
ଆଈ ମା ବି ଗପ କହୁଛି

Magazine Downloaded from www.aahwaan.com

ସକାଳେ ହେଲା ବସ୍ତାନୀ ଖୋଲି

ପଢ଼ନ୍ତି ଅ ଆ

ଏହି ମୋର ଗାଆଁ.........

କାନ୍ଥରେ ଏଠି ଝୋଟି ପଡୁଛି

ନୂଆବୋହୁଟି ଲାଜ କରୁଛି

ସାଙ୍ଗ ସାଥୀଙ୍କର ଖଟି ଜମୁଛି

ଜାଲୁଅ ବି ଏଠି ମାଛ ଧରୁଛି

ସ୍ନେହ ପ୍ରେମରେ ସମସ୍ତେ ବନ୍ଧା

ଜଣେ ତ ଅନ୍ୟର ସାହା

ଏହି ମୋର ଗାଆଁ........

ବାର ମାସରେ ତେର ପରବ

ମୁଣ୍ଡ ଉଙ୍କୁଣୀ ଦେଖା ହେଉଛି

ମାଟି ହାଣ୍ଡିରେ ଭାତ ବସୁଛି

ଗାଆଁ ଜନ୍ତାଳ ଏବେ ବି ଅଛି

ଗାଁଆର ଶୋଭା ମନ ତୋଷୁଛି

ମମତା ଡୋରୀରେ ସେ ବାନ୍ଧି ରଖିଛି

ଗାଆଁଟି ମୋର ମାଆ

ଏହି ଆମରି ଗାଆଁ....

ସୁନ୍ଦରପୁର, ଉତ୍ତର କୂଳହାଟ, ପ୍ରୀତିପୁର, ଯାଜପୁର

ଭ୍ରାମ୍ୟଭାଷ : ୦୮୮୯୨୩୦୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ମୋହିନିଏ !



ଅସୀମା ସାହୁ

ଦିଗବଳୟରେ ଝୁଲି ରହିଥିବା ଧାରେ
ଧୁଆଁ ଗାରପରି
ଅଧିର ଏ ଭାବନାର ଭାବ

ହୃଦୟକୁ ଛୁଇଁଯାଉଥିବା ଭାବ
ତନ୍ମୟତାରେ ଚାତୁରୀ ଢାଳି
ବିଶେଷଣର ଧାଡ଼ିରେ
ଜୁଡ଼ା ବାନ୍ଧେ

ସର୍ବନାମର ସଜଫୁଲ ଗଜରାରେ
ସଜେଇ ହେବାକୁ ଭଲପାଏ

ଶବ୍ଦ ରଙ୍କୁଣୀ ସେ,
ମନରେ ପହଁରି ଚହଲୁଥିବା
ଶବ୍ଦଙ୍କୁ ଇଚ୍ଛା ମୁତାବକ ଛାଣି ଆଣିଲେ
ଉଜ୍ଜ୍ୱଳ ଦିଶେ

ଭାବର କିଛି ଶବ୍ଦ
କେଣ୍ଡାରେ ମୁଣ୍ଡ ହଲେଇ ନାଚୁଥିବା
ଧାନଫୁଲର ଶସ ପରି ମଧୁର,
ଓଠକୁ ଓହ୍ଲାଇ ଆସି ଗହଳିଚହଳି
ଭଲପାଆନ୍ତି

କିଛି ଭାରି ଚୁପ୍ ଚାପ୍
ସମୟର ଅବର୍ତ୍ତମାନରେ
ବିଲୁପ୍ତ ପ୍ରାୟ ଦିଶନ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏଇ ଚୁପ୍ ଚାପ୍ ରହି
ଶବ ହୋଇଯାଉଥିବା ଶବ୍ଦମାନଙ୍କୁ
ନୀତିଶୀତୋଷ୍ଣ ବ୍ୟାଖ୍ୟାରେ
ସଜାଡ଼ିଦେବାକୁ ପଡ଼େ
ସେମାନଙ୍କ ଶୁଖିଲା ମୁହଁରେ
ସୂରୁଜମୁଖୀର ହସ ବୁଣିଦିଆଯାଏ
ତେବେ ଯାଇ
ଭାବ, ବାରମାସୀ ଋତୁପୂର୍ଣ୍ଣା ଲାଗେ

ଇଚ୍ଛାମତୀ ସେ
ମାହେନ୍ଦ୍ରବେଳାରେ
ଅକ୍ଷରଙ୍କ ସବାରିରେ ବୁଲିବାକୁ ଭଲପାଏ
ନିଛାଟିଆ ସାଧନାର ସ୍ତୁପ ପାଖରେ
କେହି ଜଣକୁ ପାଇଲେ
ସମର୍ପିତ ମୁଦ୍ରାରେ ଓହ୍ଲାଇ ଆସେ

ଚନ୍ଦ୍ରମଲ୍ଲିକାର ଚାହାଣୀ ହାଣି
ଆସ୍ତେକିନା ପାଖରେ ବସେ

ପ୍ରଲମ୍ବିତ ଉଦାସ କାଗଜର
ନୁଖୁରା ଛାତିରେ
ଭାଷାର କେଶରୀ ବୋଳିଦେଇ
ତୁଚ୍ଛ କାଗଜର ଓଜନ ବଢ଼ାଇଦିଏ

ହୃଦୟ ଛୁଉଁଥିବା
ଏଇ ଭାବଟି
ଉପମାର କୁଟିକମ ଚିତା ପିନ୍ଧିଦେଲେ
କଥା ବି କବିତା ହୋଇ
ମନ ମୋହିନିଏ !

ମଧୁବନ, ବାରିପଦା, ମୟୁରଭଞ୍ଜ, ୭୫୭୦୦୧
ଭ୍ରାମ୍ୟଭାଷ : ୯୪୩୭୩୮୦୭୭୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ସୁଦର୍ଶନ ସାହୁ

ଜୀବନଟା ନୁହେଁ ତିମିର ଆଲୋକର ଖେଳ
କେବେ ପରିସ୍ଥିତି କରେ ବ୍ୟାକୁଳ ।
ପୁଣି କେବେ ହୁଏ ସ୍ୱାର୍ଥପର ତ ?
ଆଉ କେବେ ସେ ଜଗତ ଆଶ୍ରିତ ?
କେବେ ହୋଇଯାଏ ପର ଅଧିନ ତ ।
ପୁଣି ହୁଅଇ ସ୍ୱାଧୀନ,
ତେଣୁ କହୁଅଛି ଏପରି ସ୍ଥଳେ,
ପ୍ରଭୁଙ୍କୁ ଆଶ୍ରାକର ତରିବ ଟି ହେଲେ ।
ସେହି ପିତା, ଭ୍ରାତା ଅଟନ୍ତି ଆମର,
ତାଙ୍କ ଆଶ୍ରାରେ ସଙ୍କଟ ହୁଅଇ ଦୂର ।
ତାଙ୍କର ଅଧିନ ଅଟେ ଏ ଜଗତ,
ତାଙ୍କ ପାଦପଦ୍ମେ ରହୁ ମୋ ମତି ତ ।
ଜୀବନ ଜଞ୍ଜାଳ ଅଟେ,
ଜ୍ଞାନଦୀପ ଜାଳି ଆଲୋକ ଦିଅ ।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଢେଙ୍କାନାଳ ।
ଜିଲ୍ଲା-ଢେଙ୍କାନାଳ
ପିନ୍ – ୭୫୯୦୨୬
ଯୋଗାଯୋଗ - ୭୦୦୮୫୯୯୮୨୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନ ସନ୍ତକ



ରିଭୁ ଆଭୂଷଣ ପଣ୍ଡା

ଶରତଟା ସବୁବେଳେ ଶରଧାର ପୁଟୁଳି
ଧରି ଛମ୍ ଛମ୍ କରି ପଶିଆସେ
ଫୁଲେଇ ଝିଅଟିଏ କି ?
ତୋଫାକାଶ ମୁହଁ ତା'ର
ଚୁନି ଚୁନି ତାରାଆଙ୍କି
ଜହ୍ନର ଟିକିଲିଟି ଯାଇଥାଏ ଚମକି !
ପରତ ନଥାଏ କି ଏଇ ଗଲା
ନିଦାଘର ଘାତ, ବରଷାବତାସ
କିମ୍ବା ଆସିବ ମାଘର ଶୀତ ହାଡ଼ଭଙ୍ଗା ।

ଶରତଟା ସଦାବେଳେ ସଫା ସଫା
ନୀଳପାଣି ଆଖିରେ ତା'ର
ଅଗଣିତ ମାଛର ଆକାଂକ୍ଷା ।

ଶରତଟା ସଦାବେଳେ ସପନ ସନ୍ତକ
ଫୁର୍ ଫୁର୍ ଝୁଲୁଥିବା କାଶତଣ୍ଡୀଫୁଲ
ତାରି ସଫେଦ ପ୍ରଚେଷ୍ଟା
ମାଁ ପରି ଅସୁମାରୀ ଆଶାର ପ୍ରତୀକ
ଦଶଭୂଜ ଆଡୁଆଳେ ବଞ୍ଚିବାର ନିର୍ଦ୍ଦେଶ
ସୁବର୍ଣ୍ଣ ଫସଲର ଅନ୍ତରଙ୍ଗ ନିଷ୍ଠା ।

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ଟ୍ରେନ୍



ସନାତନ ମହାକୁଡ

ମୂଳ ବଙ୍ଗଳା ରଚନା : ଦୀପଙ୍କର ଗୋସ୍ୱାମୀ

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ଶେଷ ଟ୍ରେନ୍ ଧରିବି ବୋଲି ବସିଛି ।
ଶୁନଶାନ୍ ଷ୍ଟେସନ୍, ଲାଲ ସିଗ୍‌ନାଲ୍,
ମାଇକରେ ବାରମ୍ବାର ଘୋଷଣା -
ଆଜିର ଯାତ୍ରୀଙ୍କ ପାଇଁ ଏଇ ଶେଷ ସୁଯୋଗ ।

ଛାୟା ଛାୟା ମୁହୂର୍ତ୍ତ, ଛାତିର ଧଡ଼ପଡ଼, କ୍ଳାନ୍ତିର ଦୀର୍ଘଶ୍ୱାସ
ହଠାତ୍ ମନେ ନେଇ ଆସିଲା ପ୍ରଶ୍ନ -
ଶେଷ ଟ୍ରେନର ଚାଳକ, ତୁମେ କ'ଣ ଯାତ୍ରୀ ନୁହଁ ?
ଶେଷ ଟ୍ରେନ୍ ଯାତ୍ରା କରିବାର ପ୍ରଥମ ବ୍ୟକ୍ତି ତୁମେ;
ସୁଯୋଗ ଦେବା, ନା ପାଇବା, କେଉଁ ଆନନ୍ଦେ ତୁମେ ବିଭୋର ?

ହର୍ଣ୍ଣ ବଜାଇ ପଶିବା ଆରମ୍ଭ କଲା ଶେଷ ଟ୍ରେନ୍,
ଉଠି ଦେଖିଲି ଜଳି ଉଠିଛି ସବୁଜ ସଂକେତ;

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ଲାଟଫର୍ମରେ ପଡ଼ି ରହିଲା ମୋର ପ୍ରଶ୍ନ ।

ଶେଷ ଟ୍ରେନ୍‌ର ଶେଷ ଯାତ୍ରୀ ଆଉ କିଏ ଅଛି କି ?

ଫେରି ଫେରି ପ୍ରତିଧ୍ୱନିତ ହେଲା ଦୂରରେ କେଉଁଠି !

ଗ୍ରା/ପୋ : ବେରୁଆଁବାରୀ - ୭୫୨୦୮୨,

ନୟାଗଡ଼, ଓଡ଼ିଶା

ଭ୍ରାମ୍ୟଭାଷ : ୦୯୩୩୯୭୧୦୧୬୮

ଇମେଲ୍ : sanmahakud@gmail.com

ୱେବ୍‌ସାଇଟ୍ : www.sanatanmahakud.in

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଙ୍ଗୀନ ସ୍ୱପ୍ନ



ତପନ ସାହୁ

ମୁଠାଏ ସ୍ୱପ୍ନ ମାଗିଥିଲି ରାତିକୁ
ଅବିଶ୍ୱାସ କଲା ବୋଧେ, ଫେରେଇବିକି ନାହିଁ ?
ମେଞ୍ଚାଏ ଅନ୍ଧାରକୁ ଥାପିଦେଲା
ମୋ ପାପୁଲିରେ......... ।

ଆଞ୍ଜୁଳାଏ ରଂଗ ମାଗିଥିଲି ଇନ୍ଦ୍ରଧନୁକୁ
ଫେରେଇବାର ପ୍ରତିଶୃତି ଦେଇ
ଢାଳିଦେଲା ଅଜସ୍ର ରଂଗ
ମୋ ଦେହସାରା, ବେଫିକର୍ ହୋଇ..... ।

ମାଖି ହେଲି ଦେହ ସାରା
ସେ ରଂଗ ସବୁକୁ ଏକ ବିଭୋର୍-ପଣରେ
କିଏ କେତେ ବୋହି ନେଲେ
ବଳକା ରଂଗ, ମୋ ରଂଗ ଝୁଡିରୁ... ।

ଝାଡି ଝୁଡି ,ଦେଇ ଦେଲି ପ୍ରଜାପତିକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ ଯାହା ଟିକେ ଥିଲା,

କୋଉଠୁ କେଜାଣି ମାଡି ଆସିଲା

ସେ କଳା ହାଣ୍ଡିଆ ମେଘ......,

ଧୋଇ ନେଲା ସବୁ ରଂଗ

ଦେହ ଗୋଟାକ ଓଦା କରି...

ମୁଁ "ଥୁ" କରୁଥିଲି ପାଟିରେ ପଶି ଯାଇଥିବା

ରଂଗପାଣିକୁ ,ଆଉ ବିକଳ ହୋଇ

ହାତ ବଢଉ ଥିଲି ରଂଗ ନେଇ

ଉଡି ଯାଉଥିବା ପ୍ରଜାପତିକୁ....... ।

କନିଷ୍ଠ ଶିକ୍ଷକ,

ଗୌଡୁଣୀପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,

ଚାନ୍ଦବାଲି,ଭଦ୍ରକ ।

ତା-୧୮-୦୮-୨୦୧୯ ରିଖ,ରବିବାର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଗାକାଳିଆ



ଶ୍ରୀରାଜଶେଖର
ସି 'ଚିମା'

କଳାଠାକୁର ହେଲେ ଆମର ଜଗାକାଳିଆ,

କଳାଠାକୁର ହେଲେ ଆମର ନୀଳାଚଳିଆ,

କଳାଠାକୁର ହେଲେ ଆମର ଜଗାବଳିଆ,

କଳାଠାକୁର ହେଲେ ଶଙ୍ଖକ୍ଷେତ୍ରର କାଳିଆ ।୧ ।

ଶ୍ରୀକ୍ଷେତ୍ର ହେଉଛି ପତିତପାବନ ଧର୍ମ ପରାୟଣ ଧାମ,

ସର୍ବଦା ଜପହୁଏ ଯେଉଁଠି ଜଗତାଧୀଶଙ୍କ ପ୍ରତି ନାମ,

ଅନୁରକ୍ତି ପ୍ରଦାୟକ ଯେ ଶ୍ରୀଜଗନ୍ନାଥଙ୍କର ସହସ୍ର ନାମ,

ଯାବଜ୍ଜୀବନ କରିବା ମହିମାନ୍ୱିତ ଚକାଆଖିଙ୍କୁ ପ୍ରଣାମ ।୨।

ଶ୍ରୀଜଗନ୍ନାଥ ହେଲେ ପୂଜନୀୟ ପ୍ରତିମା,

ଉତ୍କଳୀୟଙ୍କର ହେଲେ ମନର ମଣିମା,

ଅତୁଳନୀୟ ମହନୀୟ ତାଙ୍କର ମହିମା,

କାଳିଆ ଆମର ପରମ ପୂଜ୍ୟ ପରମାତ୍ମା ।୩।

ଜଗାଙ୍କର ସେବାରେ ଅଛି କେତେ ପ୍ରକାର ରୀତି-ନୀତି,

ଦୈନନ୍ଦିନ ପୂଜାରେ ସୁଚାରୁ ଅଛି ବହୁ ପୁରାତନ ପଦ୍ଧତି,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଗାଙ୍କର ମହାପ୍ରସାଦରେ ଅଛି ଛପନ ଭୋଗର ପ୍ରସ୍ତୁତି ,
ତାଙ୍କର ଅଳଙ୍କାର ଅବଲୋକନ ଦିଏ ଅନୁପମ ଅନୁଭୂତି ।୪।

ଅତ୍ୟନ୍ତ ମନମୋହକ ମନୋହାରୀ ତାଙ୍କର ପ୍ରତି ବେଶ,
ଉତ୍କଳୀୟଙ୍କର ରାଜାଧି ରାଜ ବୋଲି ଜଣାଏ ସୁନା ବେଶ,
ଅତି ଦୁର୍ଲଭ ଯେ କାଳିଆ ଠାକୁରଙ୍କର ନାଗାର୍ଜୁନ ବେଶ,
ଅତ୍ୟନ୍ତ ଅସାମାନ୍ୟ ଯେ ଶ୍ରୀନାଥଙ୍କର ରଘୁନାଥ ବେଶ ।୫।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବାଞ୍ଛିତ



ବନ୍ଦନା ନାୟକ

କେଉଁ ପାପର ସ୍ୱାକ୍ଷର
ବହନ କରି ଭୂମିଷ୍ଠ ହୋଇଥିଏ
ନବଜାତକ ଟି କେଜାଣି !!!
ବର୍ଜ୍ୟବସ୍ତୁ ପରି ଅବିଳମ୍ବେ
ଫିଙ୍ଗି ଦିଆଯାଏ ଡଷ୍ଟବିନ୍ ରେ,
ରେଳ ଧାରଣାରେ କିମ୍ବା କେଉଁ
ଅପନ୍ତରା ବୁଦା ଉହାଡରେ.....
ନିଜ ଭାଗ୍ୟ ସହ ସଙ୍ଘର୍ଷ କରିବାକୁ
କେତେ ନିରିହ,କେତେ ନିର୍ମଳ
ସୂର୍ଯ୍ୟଙ୍କ ପହିଲି କିରଣ ପରି
ଚକ୍ ଚକ୍ ସୁନା ଦେହ
ଶିକାର ହୋଇଯାଏ
କାଉ ଶାଗୁଣାଙ୍କର ତ କେବେ
କୁକୁର ଝୁଣି ଝୁଣି ଟାଣି ଆଣେ
ଲୋକ ଲୋଚନକୁ.....
ମାଆ ତ ସବୁ ବେଳେ ମାଆ
ନିଜ ରକ୍ତର ଅବିକଳ
ପ୍ରତିଲିପି କୁ ନିର୍ମମ ଭାବେ
ଫିଙ୍ଗିଲା ବେଳେ କଣ
କମ୍ପି ଉଠେନି ହାତ ?
ଫାଟି ପଡେନି ହୃଦୟ ?
କେତେ କେତେ ଯନ୍ତ୍ରଣା କୁ
ଆତ୍ମସ୍ଥ କରି ଦଶ ମାସର
ଦୀର୍ଘ ପ୍ରତୀକ୍ଷା ପରେ
ଧରା ପୃଷ୍ଠକୁ ଓହ୍ଲାଇ ଆଣିଥିବା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅମୃତର ସନ୍ତାନ ଟିକୁ ଏଇମିତି
ଅବାଞ୍ଛିତ ଭାବେ ଫିଙ୍ଗିଦେବାକୁ
ମାଆ ଟିଏ ବାଧ୍ୟ ହୁଏ କାହିଁକି ?
ନିର୍ମୟା ଅଜ୍ଞାନ ଶିଶୁଟି କଣ
ଖୋଜିଥାଏ ବାପା ର ସଜ୍ଞା,
ସାନିଧ୍ୟ ନା ପରିଚୟ ?
ତେବେ କଣ ଏଇ ଉଦ୍ଧତ ସମାଜର ସାମାଜିକ ଅଂହଙ୍କାର ପାଖରେ ହାର ମାନେ ମାତୃତ୍ଵ ?
ମାଆ ଟି ବିବଶ ହୁଏ...
ସବୁ ଦୁଃଖ ଆଉ ଲୁହକୁ
ଉଦରସ୍ଥ କରି ସେ ନିଜର କଲିଜା କୁ
ଆଲଗା କରିଦିଏ
କେବେ ଅନାଥ ର କଟୁକ୍ତି ସହେ ଶିଶୁଟି ତ
କେବେ ଜାରଜ ର କଳଙ୍କିତ ନାମକୁ ବୁଜୁଳା କରି ଉପେକ୍ଷିତ ହେଉଥାଏ .....
ହେଲେ ମାଆ ଟିକୁ କଣ
କ୍ଷମା କରିପାରେ ସିଏ ?

ସେଦିନ ଶକୁନ୍ତଳା କଣ କ୍ଷମା କରି ପାରିଥିଲେ
ମାତା ମେନକଙ୍କ
ଅସହାୟତା କୁ
ବ୍ୟାସ କଣ କ୍ଷମା କରି ପାରିଥିଲେ ରାଜମାତା
ସତ୍ୟବତୀ ଙ୍କୁ ?
କର୍ଣ୍ଣ କଣ ବୁଝି ପାରିଥିଲେ
ମାତା କୁନ୍ତୀଙ୍କର ବିବଶତା କୁ ?
ଏଠି ପ୍ରଶ୍ନ ଉଠେ ନାରୀଟିଏ
କଣ ଛାଏଁ ଛାଏଁ ମାଆ ହୋଇଯାଏ ?
ଏଥି ପାଇଁ ଦାୟୀ କିଏ
ଇଏତ ବଡ଼ ଗହନ ପ୍ରଶ୍ନ
ଦୋଷ ସମାଜ ର ଥାଉ କି
ବାପା ର କିମ୍ବା ମାଆ ର
ପରିଣାମ ତ ଭୋଗିଥାଏ ସିଏ
ଯିଏ ନା ପାପରେ ଥାଏ
ନା ପୁଣ୍ୟରେ
ନା ଦୋଷରେ ଥାଏ ନା .......

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ ସିହିନୀଗଡ଼ିଏନ୍



ଶିଶୁପାଲ୍ ସାମ୍ରଥ

ଦୁର୍ଗତି ନାଶିନୀ ତୁଇଁ ବିନ୍ଧ୍ୟାସିନୀ
ତୁଇଁ ଦୁଃଖ ହାରିନୀ
ସିହିନୀଗଡର୍ ମାଁ ସିହିନୀଗଡିଏନ୍
ଶୁନ୍ ଭକ୍ତର୍ ଗୁହାରୀ ।
ଭିନଭିନ୍ ରକମର୍ ଜୀବଜନ୍ତୁଁ ହେଇ
ଚାରିଖାନି ତୋର୍ ଦିହିଁ
ପାଏନ୍ ଖଲ୍ ଖଲ୍ ଝରସି ଝରନା
ଦୁହିପାହାଁକେ ତୋର୍ ଧୁଇ ।
ଗଛ ଠିଆଠିଆ ପତର ହଲି ଝୁଲି
ବିନତୀ କରୁଛେ ତତେ
ଜୀବଜଁତୁ ଆଏଜ୍ ହସି ଖୁସି ରହି
ମୁଡିଆ ମାରୁଛନ୍ କେତେ ।
କଲିଆ ମେଘ ଦେଖି ମୟୁର ଆଏସି
ନାଚସି ଗାଏସି ଅଠିପର୍
ଚେରେଇ ଚିରଗୁନ୍ କରୁଛନ୍ ଜୁହାର୍
ଡେନା ହଲେଇ ଥରଥର

ଝାରର୍ କୁଇଲି ହେଲେ ପହପହ
କୁହୁକୁହୁ ଡାକି କହେସି
ଉଠଗୋ ମାଁ ସିହିନୀଗଡିଏନ୍ କହି
ପରଭାତି ଗୀତ ଗାଏସି ।
ଲୋକ ଠିଆଠିଆ ହୋଇ ଲମେଲମ
ଧରି ହାତେ ଫୁଲଫଲ
ଏକ୍ ମନ୍ ହେଇ କରବେ ଦରଶନ
ମାଗୁଛନ୍ ଭକ୍ତିର ଫଲ
ତୁଇଁ ମାଁ ଜନନୀ ଦୁଃଖ୍ ବିନାଶିନୀ
ପାଦେଁ ପଡୁଛୁଁ ଶରନ୍
ଦୁଃଖେସୁଖେ ରହି ଜନଉଛୁଁ ବିନତୀ
ଛିନବୁ ଆମର ମରନ୍ ।

କୁମ୍ଭୋ, ଭୁକ୍ତା, ଅମ୍ବାଭୋନା
ଜିଲ୍ଲା:-ବରଗଡ଼-୭୬୮୦୪୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଧୀନ୍ ଦିନର



ଦେବାଶିଷ ସାଗର

ମହଁ ମହଁ ଆଏଚ୍ ଗହ ଗହରେ
ଆମର୍ ଭାରତ୍ ଦେଶ୍ ,
ଲାଲ୍ - ଧୁବ୍ଲା – ଶାଗୁଆ ରଂଗେ
ସାଜିଛୁ ତାର୍ ଭେସ୍ ।୧

ମହଁକେ ଚନ୍ଦନ୍ ମହଁକେ ଅଁତର୍
ମହଁକେ ପଦମ୍ ଫୁଲ୍ ,
ମହଁକେ ଆମର୍ ସମ୍କିରର୍ ମନ୍
ଦେଖିକରି ନୂଆଁ ରୂପ୍ ।୨

ମନେ ପକରେ ସେ ଦିନ୍କେ
ଥିଲା ମେନ୍ ଦୁଃଖେ ,
ଗୁରା ଶାସନେ ଭାରତ୍ ଥିଲା
ଦୁଃଖ୍ ମିଲୁଥିଲା ସତେ ।୩

ଆମର୍ ଦେଶେ ଆମ୍କୁ ଶାସନ୍
କରୁଥିଲେ ସେ ପୁହେ ,
ବର୍ଷେ ଅଧେ ନାଇଁ ଦୁଇଶହ ବର୍ଷ
ଦୁଃଖ୍ ଦେଉଥିଲେ ସୁଖେ ।୪

ଆମର୍ ମାଏଟ୍ ବୀର୍ ମାଏଟ୍
ବାହାର୍ଲେ ଆମର୍ ବୀର୍ ,
ଗୁରା ଶାସନକେ ଭାଂଗି ଦେଲେ
ଦେଖାଇ କରି ନିଏ ହିତ୍ ।୫

ଭିନ୍ ଭିନ୍ ଆମର୍ ରକମ୍ରେ
ଭିନ୍ ଭିନ୍ ଆମର୍ ଧରମ୍ ,
ଭିନ୍ ଭିନ୍ ଭିତ୍ରେ ଗୁଟେ ବଲି
ଡାକ୍ ପଡୁଛେ ଆମର୍ କରମ୍ ।୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମେରେ ଦେଶର୍ ଦେଶ୍ ଆମର୍

ଯାଉ ପଛେ ଆମର୍ ଜୀବନ୍ ,

ସୁଆଧୀନ୍ ଦିନେ କିରିଆ ଖାଏମା

ଗଢମା ଗୁଟେ ନୂଆଁ ଜୀବନ୍ ।୭

ସୁଆଧୀନ୍ – ସୁଆଧୀନ୍ – ସୁଆଧୀନ୍ ଆମେରେ

ନାଇଁ ରହୁ କାହାର୍ ଅଧିନ୍ ,

ଅନ୍ଧାର୍ ପଲାଲେ ଉଜାଲା ଆଏସି

ଆଏଚ୍ ସେ ସୁଆଧୀନ୍ ଦିନ୍ ...... ।୮

ବଡ଼ନୂଆଁପାଲି , ( ଡୁଙ୍ଗୁରିପାଲି )

ସୁବର୍ଣ୍ଣପୁର ,

ମୋ.ନଂ - ୯୯୩୮୪୪୯୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଏନା



ପ୍ରସନ୍ନ ପ୍ରୟାସ ଭୁଏ

ଦେଖଲା କୁନା ମହୁଲ୍ ଡାଲେ
ବସିଛେ ଗୁଟେ ମଏନା,
କୁହୁରି ଯାଉଛେ ଦରଦେ ସଥେ
ଭାଂଗି ଯାଇଛେ ଡେନା ।
ମଏନାକେ ଧରି ପିଠି ସୁଆଁରି
କହେଲା ଘରକେ ଯିମା,
ଉସୋକସା କରି ଦେମି ଭାତ ଖିରି
ସାଂଗେ ଦୁହେ ରହେମା ।
ପିଞ୍ଜରା ଭିତରେ ରହି ନି ପାରେ
ମୁଇଁ ତ ବୁଲନ୍ତା ଚରେଇ,
ଖୁଲା ଆକାଶେ ମନ୍ ଭରି ହଁସେ
ସୁଆଧିନ୍ ନି ନେ ଛଡେଇ ।
ମୋର୍ ଭାବେ ମତେ ଛାଡିଦେ କୁନା
ନାଇଁ ହ ତୁଇ ଦୁଖମନା,
ତୋର୍ ଲେଖେ ମୁନୁସ୍ ଗୁଟେ ପଥର୍
ମାରିଛେ ମତେ ଅଛେ ଜନା ।
କେନ୍ ବିଶ୍ୱଆସେ ତମର୍ ପାସେ
ସଁପି ଦେମି ଇ ଜୀବନ୍,
ସୁଆଧିନ୍ ବିନା ଭାବ୍ ପେରେମ୍ କାଣା
ମରନ୍ ସାଂଗେ ସମାନ୍ ।

ପ୍ରସନ୍ନ ପ୍ରୟାସ ଭୁଏ
ପ୍ରଧାନପାଲି, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଜାମର୍



ସୁଭାସ୍ ଚନ୍ଦ୍ର ଭୁଏ

ଗୁଁଚା ମୁସାର୍ ଜଙ୍ଗ ବାହାଁ ନୁ
ନାଇଥାଇ ବିର୍ ତାକତ୍
ଦେଇ ସେତୁ ଥି ଭାବର ଗୁଢି
ହେଇଗଲା ବଡ଼ ଭକତ୍
ବିସଟୁଁ ବିସଟୁଁ ଭଜି ପହଲାଦ୍
ହରୁହରଦମ୍ କରେ ଧିଆନ୍
ନୃସିଙ୍ଗ ପରଭୁ ଆସି ଅବତାରି
ଦେଲେ ବିସ୍ୱାସର୍ ଗିଆନ୍
ଲେଡିଭାବନି ଭାବି ଧନୁଯାତରାର୍ ଛଲେଁ
ଖେଲଲେ ମରନ୍ ଫାନ୍

ନନ୍ଦ ଲାଲା ଆସି କଲେ ଲିଲା
ଉଡ଼ଲା ଅସୁର୍ ଜାନ୍
ସୁଭଦ୍ରାର୍ ପେଟୁଁ ଧରମ୍ ପୋଥି
ଅଭିମନ୍ୟୁ ଥିଲା ସୁନି
ବେଲକର୍ ବଫୁଥି ମହାଭାରତ ସାଫ୍
ଜାନିଥିଲେ ଜ୍ଞାନି ଗୁନି
ଜାତିର୍ ରକ୍ଷା ରଜାର୍ ରାଗୁଁ
କରିଥିଲେ ଧର୍ ମ ପଦ୍
ମାରି ମୁଡି କୋଣାର୍କର୍ ଗୁଡ଼ି ର୍
ଲେଖିଗଲେ କରମ୍ ପଦ୍
ଦେସର୍ ହିତେ ବାଲୁଦ୍ ବାଜିରାଉତ୍
ଛାତିଥି ଖାଏଲା ଗୁଲି
ସୁଆଧିନ୍ ଭାରତେ ବିରପନ୍ ନାମେ
ବିଲକୁଲ ନାଇପାରୁ ଭୁଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଲପ୍ ବଏସେଁ ଅଜାମର୍ ହେଲେ

ପରହିତ୍ କଲେ ପହେଲା

କମ୍ ବାଁ ଚି ଭି ଜିଂଲେ ଜୁଗ୍ ଜୁଗ୍

ସମରପନ୍ ଭାବ୍ ଦିହେଁ ଲହେଲା

ନାଇଲାଗେ ସଥେ ବଡ଼ କି ସାନ୍

କରିଥିଲେ ମହତ୍ କାମ୍

ହୁଁରଗୁନି ହେଇ ସୁରତା ଥି ଦୁନିଆଁ

ଭଜୁଥିବା ତୋର ନାମ୍

ଧାଙ୍ଗେର୍ ,ବରଗଡ

ଡୁଙ୍ଗୁରିପାଲି ମହାବିଦ୍ୟାଳୟ, ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାର ମାସର୍ ତେର୍ ତିହାର୍



ଶିଶୁପାଲ୍ ସାମ୍ରଥ

ଅଷାଢ୍ ମାସର୍ ରଥ୍ ଦୁତିଆ
ରଥକେ ସୁନ୍ଦର୍ ସୁନାର୍ କାଲିଆ ।
ଶରାବନ୍ ମାସର୍ ପେନ୍ ଢଲା
ବୋଲବମକର୍ ଠେଲା ପେଲା ।
ଭୁଦୋ ମାସର୍ ନୂଆଖାଇ
ବୁହେନ୍ ବାନସି ହାତେ ରାକ୍ଷୀ ।
ଦଶରା ମାସର୍ ଦୁର୍ଗାପୂଜା
ଘର୍ ଘର୍ କେ ମଙ୍ଗଳାପୂଜା ।
କାର୍ତ୍ତିକ୍ ମାସର୍ ଦିଆଲି ତିହାର୍
ବଏଠା ସଲତା କର୍ଲେ ବାହାର୍ ।
ମକଶିର୍ ମାସର୍ ଗୁରବାର୍
ଝୁଟୀଥି ସୁନ୍ଦର୍ ଘର୍ ଦୁଆର୍ ।
ପୁଷ୍ ମାସର୍ ପୁଷପୁନି ତିହାର୍
ପିଠାପନା କଲେ କେତନି ତିଆର୍ ।
ମାଘ୍ ମାସର୍ ସରସ୍ୱତୀ ପୂଜା
ପାଠପଢା ଛୁଆର୍ ଇସ୍କୁଲେ ମଜା ।
ଫଗୁନ୍ ମାସର୍ ହୋଲି ବଲି
ରଙ୍ଗ୍ ଖେଲଲେ ହଲିଝୁଲି ।
ଚଇତ୍ ମାସର୍ ରାମ୍ ନଅଁମୀ
ବିହା ବରପନ୍ କର୍ଲେ ଜାନି ।
ବଇଶାଖ୍ ମାସର୍ ପନା ସଁକ୍ରାନ୍ତି
ନୂଆ ବରଷ୍ ତ କିଏ ମାନସି ।
ଜେଠ୍ ମାସର୍ ରଜ ତିହାର୍
ବାରମାସର୍ ଇଟା ତେର ତିହାର୍ ।

କୁମ୍ଭୋ, ଭୁକ୍ତା, ଅମ୍ବାଭୋନା
ବରଗଡ଼-୭୬୮୦୪୫
sishupalsamrath5@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁବାଇଲ୍ ଫୁନ୍



ବେଦବ୍ୟାସ ମାଝୀ

ଶୁନ୍ ଶୁନ୍‌ରେ ଜ୍ଞାନି ମୁନୁଷ
କହୁଛେ ମୁବାଇଲ୍ ଫୁନ୍,
ଗୁଟେ ଗୁଟେ କରି କହେମି ମୁଇଁ
ଯେତେ ଅଛେ ମୋର୍ ଗୁନ୍ ।

ବହି ତୋର୍‌ନୁ ଅଲଗା କରି
ଖେଳାମି ଫେସ୍‌ବୁକ୍
ଟିକ୍‌ଟକ୍ ଆଉ ହ୍ୱାଟ୍‌ସଆପ୍ ଥି
ବଦ୍‌ଲି ଯିବା ଯୁଗ ।

ପିଲା ଥିବା ତ ବନ୍ ଘାଟେକା
ଟୁକେଲ୍ ଟେଟ୍ କନେ
କଲେ କଲେ କରି କଥା ହେବେ
ଇ ମୁବାଇଲ୍ ଫୁନେ ।

ମଲା ଲୁକ୍‌ର ସାଂଗେ ସେଲ୍‌ଫି
ଦେଖ୍‌ବା ଇ ଦୁନିଆ
ଧିରେ ଧିରେ କରି ମାର୍‌ମି
ତୋର୍ ମୁନୁଷପନିଆ ।

ପାଖର୍ ଲୁକ୍‌କେ ଦୁର୍‌କେ ନେମି
ଦୁରେ ବାନ୍ଧ୍‌ବୁ ଭାବ୍
ଗୁଟେ ଛାତ୍ ତଲେ ରହିକରି ଭି
ନାଇ ମିଲେ ତ ଲାବ୍ ।

ମୋର୍ ମାୟାଥି ପଡ୍‌ଲେ ଥରେ
ଖୁଜୁଥିବୁ ନ ମତେ
ଖାନାପିନା ଭୁଲି ଯିବୁ ସାଂଗେ
ଦୁଃଖ୍ ଥିଲେ ବି ଯେତେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାତେ କା ମୁଇଁ ଲଟ୍‌କିଥିମି
ପାଖେ ତ ଥିମି ତୋର୍
ସବୁ କାମ୍‌କେ ପାସ୍‌ରି ଦବୁ
ନାଇ କରୁନ ସୋର ।

ମୁଇଁ ଶୁଇଲେ ତୁଇ ଶୁଇବୁ
ମୁଇଁ ଉଠ୍‌ଲେ ତୁଇ
ସମ୍‌କୁ ମୋର୍ ଫାସେ ବାନ୍ଧ୍‌ମି
ବାବୁ ହେଉ କି ବୁଲି ।

ମୋର ଫାସେ କା ଫସେଇ କରି
କରାମି କେତେ ନାଟ୍
ଫସ୍‌ଲେ ଥରେ ମୋର୍ ଫାସେ ତ
ନାଇ ପାଉନ୍ ବାଟ ।

ଏତ୍‌କି ଥିରେ ନାଇସରି ଯେ
ଆଉ ଭି ଅଛେ ଗୁନ୍
ଅଲଗା ଦିନେ କହେମି ବାକି
ମୁଇଁ ମୁବାଇଲ୍ ଫୁନ୍ ।

କୁଚିପାଲି, ବରଗଡ଼, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଏସାର ଦୁଇଫାଲ୍



ଶଙ୍କସିନ୍ଧୁ ପୁରୋହିତ

କେଡ଼େ ଦୁଃଖେ କଷ୍ଟେଁ ଜନମ୍ କଲା
ପେଟେଧରି ଦଶମାସ୍ ।
ହାତ୍ ଯେନ୍ତା ତୋର୍ ଗିଜ୍‌କେ ପୁହୁଁଚିଲା
ମାଁକେ ମାର୍‌ସୁ ଲାତ୍ ।୧

ନିଜେ ଭୁକେଁ ମରି ତୋତେ ଖୁଆଲା
ନିଜେ କାନ୍ଦି ଯିଏ ତୋତେ ହଁସାଲା
ଆଖିର୍ ହେଇଗଲା ସେ ପର୍‌ହର୍ ।
'ଜରାଶ୍ରମ'କେ କରିଦେଲୁ ତୁହି
ମାଁ'ର ଠିକ୍‌ନା ଘର ? ୨

ଧଏନ୍ ଧଏନ୍ ତୁଇଁ କୁଲ୍‌ପୁଛା ପୁଉ,
ଧଏନ୍ ଧଏନ୍ ତୋର୍ ଜନମ୍ ।
ତରା ଗୁଟେ ଥିଲେ ପଛେଁ କାମ୍‌କେ
କାଏଁ କର୍‌ବୁ ଉଆଁସର୍ ଜନ୍ ? ୩

ଝି'ଗୁଟେ ଥିଲେ ସିନା ବୁଝ୍‌ତା
ଆଏର୍ ଗୁଟେ ଝି'ର୍ (ମାଁର୍) କଥା ।
ପୁଉର ପଛେ ତ ବାଇ ହେଲୁଁ
ଏଭେଁ ପସ୍ତାଲେ ହେବା କେନ୍‌ତା ! ! ୪

ପୁଉ-ଝି ନୁହେଁ କିହେ ବଡ଼ସାନ୍
ଗୁଟେ ପଏସାର୍ ଦୁହିଫାଲ୍ ।
ଫାଲେ ହେଲେ ଖାଲି
ଆର୍ ନାଇଁ ଚାଲେଁ ।
ଇଟା ତା ଦୁନିଆର ଚାଲ୍ । ୫

ବଡ଼ାଲି, ଉଲୁଣ୍ଡା, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ : ୯୯୩୮୭୭୦୧୯୫

Magazine Downloaded from www.aahwaan.com

# ଆରୁ କେଭେ ଆସବ ମାଁ



ପ୍ରସନ୍ନ ପ୍ରୟାସ ଭୁଏ

ଅନିଏ ଅତ୍ୟାଚର ଯାଉଛେ ବଢ଼ି ବଢ଼ି
କେଭେ ଆସବ ଧରାକେ ଉତୁରି
ଅସୁର୍ ପରକୁତିର୍ ଯାହାକେ ଯେତେ
ମୁନୁଷ୍ ଗଲେନ ଖେଚାଖୋଚ୍ ଭରି ।୧

ଝି ବହ ଭୁଆସେନ୍ ବାହାର୍‌ଲେ ଘରୁ
ଫେରଲା ତକ୍ ଦିହେ ଯାଏ ଥରି,
ଖବର୍ ଏନ୍ତା ବାହାରେ ଡେଲି ଡେଲି
କାଣା ରହି ପାର୍‌ବ ଦମ୍ ଧରି ।୨

ହନା କଟା ଲୁଟ୍ ପାଟ୍ ଚୁରି ଡକାଏତି
ଦିନୁ ଦିନକେ ଯାଉଛେ ବଢ଼ି ବଢ଼ି,
ବଲାତ୍କାର୍ ହଉଛେ ଦିନ୍ ଦାହାଡ଼ା
ଫୁଲ୍ ହଇ ଥାଉକି କଁଚା କଢ଼ି ।୩

ଏଛେନ୍ ମୁନୁସର୍ ଦେଖଲେ ପରକୁତି
ଅସୁର୍ ଠାନୁ ଭି ଲାଗେ ହିନ୍,
ସେ ଯୁଗେ ଏନ୍ତା ମୁନୁସ୍ ରହିଥିଲେ
ରାବଣ୍, ମହେସାର୍ ନିଥିତା ଚିହ୍ନ ।୪

ମହେସା ଜିଇଁଥିଲେ କହେତା ସଥେ
ତିରସୁଲ୍ ଭୁସ ହେ ମୁନୁସର୍ ଛାତି,
ପାପ୍ କରୁଛେ ହରମେସା ଲୁକି ଯେ
ନାଇଁ ମାନି କରି କେଭେ ଦିନ୍ ରାତି ।୫

ରାବଣ୍ ହସୁଥିସି ଦଶରା ଦଶମି ଥି
ଦେଖି କରି ମୁନୁସ୍ ଜାଏତ୍,
ମତେ ପୁଡ଼େଇ କରି ମଜା ଦେଖୁଛ
ତମେ ତ ମରନୁ ଖଏତ୍ ।୬

ପ୍ରଧାନପାଲି, ସମ୍ବଲପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୮୬୪୮୨୯୯୭୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାବଣ ପୁଡ଼ି



ଦେବାଶିଷ ସାଗର

ସତର୍ ପୁଓ ସତର ହାତ୍
ଅସତର୍ ନାଇଁ ଠାନ୍ ,
ସତ୍‌କେ ଯେତେ ଅସତ୍ କଲେ
ମାର୍ ମିଲେ ନାଇଁ ଠାନ୍ ।
କିଏ ଦେବ୍‌ତା କିଏ ଅସୁର୍
ସେ କଥା ଦିଅ ପାସ୍‌ରି ,
ଭୁଲ୍ - ଠିକ୍‌କେ ବିଚାର୍ କର
ଉସେ ନାଇଁ ଯ ପହଁରି ।
ନିଜର୍ ମାଆଁ - ବୁହେନ୍ ଦେହେଁ
ହାତ୍ ଯେ ଦେବାରେ ଥୁଇ ,
କେନ୍‌ତା ସହେବା ସେ କଥାକେ
ଜୀବନ୍ ଥିଲେରେ ଭୂଇଁ
କାଏଁ ଦୋଷ୍ କଲା ସୂର୍ପନଖା
ଦେଲା ପ୍ରେମର୍ ବାର୍‌ତା ,
ମନ୍ ନାଇଁ ଥିଲେ କହି ଥିତ
ଧରି ଥିତା ସେ ରାସ୍‌ତା ।
କେତେ ଗୁଲ୍‌ଗୁଲା କଲ ତୁମେ
ଛେଦି ଦେଇ ତାର୍ ନାକ୍ ,
ରାବଣ୍ ରଜାର୍ ବଂଶେ ଦେଲ
ବଢେ କଲଙ୍କର୍ ଦାଗ୍ ।
ନିଏ କାଣା ଜନାବାର୍ ଲାଗି
ସୀତାକେ ଆନ୍‌ଲା ଧରି ,
ଅଶୋକ୍ ବନେ ମାଏଝି ଭିଲେ
ସୀତାକେ ଦେଲାରେ ଭରି ।
ରାବଣ କେତେ ସାଧୁ ଆଏ ଯେ
ଛୁଇଁ ନାଇଁ ଥାଇ ସୀତା ,
ସେନ୍‌ତା ବୀର୍‌କେ ପାପୀ ବଲି
ଦୁନିଆ କହେସି କଥା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମର୍ ରାମ୍ ଯିବେ ସେନ୍‌କେ
ଶୁଭ୍ କରିଥିଲେ ସେତୁ ,
ସେ ସେତୁଥି ପାର୍ ହେଲେ ସଭେ
ବୀର୍ ରାବଣର୍ ହେତୁ ।
ସେନ ଥିଲେ ସେ ରାମ୍ - ରାବଣ୍
ଯିଏ ଜାଣା ହେଇ ଥାଉ ,
ଇନ ଇହାଦେ କିଏ ହେଇଛ
ରାମ୍ କି ରାବଣ୍ ଆଉ ।
ରାବଣ ହେଇକରି ରାମର୍ ଭେଷ୍
ଧର୍‌ସ ଯେନ୍ ତା ' ଲୁକେ ,
ରାମ୍ ଆଏ କି ରାବଣ ତୁମେ
ଜନା ନାଇଁନ କାହାକେ ।
ଲାଏଜ୍ ଲାଗୁରେ ରାମ୍ ତତେ
ଦେଖାଇ ହେଉଛୁ ନିଜେ ,
ରାବଣ ହେଇଛୁ ଆର୍ ଜାଲୁଛୁ
ନିଜର୍ ପୁତୁଲା ନିଜେ ।

ବଡ଼ନୂଆଁପାଲି, ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର, ମୋ.ନଂ - ୯୯୩୮୮୪୪୯୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଶ୍ମୀରର ଇତିହାସ



ମନୋଜ କୁମାର ପଣ୍ଡା

କାଶ୍ମୀରକୁ ପୃଥିବୀର ସ୍ୱର୍ଗ ବୋଲି କୁହାଯାଏ । ଏହାର ସୌନ୍ଦର୍ଯ୍ୟ ଲୋକମାନଙ୍କୁ ନିଜ ଆଡକୁ ଆକର୍ଷିତ କରିଥାଏ । ଏହାର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ବିଶ୍ୱର କୋଣ ଅନୁକୋଣରୁ ଲୋକମାନେ ଏଠାକୁ ଚାଲିଆସିଥାନ୍ତି । କିନ୍ତୁ ଭୂସ୍ୱର୍ଗ ଏବେ ଏକ ପ୍ରକାର ନର୍କ ହୋଇସାରିଲାଣି । ଯେତେବେଳେ ଦେଶ ବିଭାଜନ ହେଲା ସେତେବେଳେ ଜିନ୍ନାଙ୍କ ଭଳି କିଛି ନେତାଙ୍କ ତର୍କ ଥିଲା ଯେ ମୁସଲିମ୍ ବହୁଳ କଶ୍ମୀର ବିନା ପାକିସ୍ତାନ ଅସମ୍ପୂର୍ଣ୍ଣ । ତେଣୁ ପାକ୍ ପ୍ରେରିତ ଉଗ୍ରବାଦୀ ଏବଂ ପାକ୍ ସେନା କଶ୍ମୀରରେ ଏପରି ପରିସ୍ଥିତି ଉପୁଜାଇବାକୁ ଚେଷ୍ଟା କରୁଛନ୍ତି । ଆଜି ପରିସ୍ଥିତି ଏପରି ଯେ ହିନ୍ଦୁ ଶ୍ରୀନଗରର ଲାଲ୍ ଚୌକରେ ଖୁଲମଖୁଲ୍ଲା ତ୍ରିରଙ୍ଗା ଉତ୍ତୋଳନ କରିପାରିବେ ନାହିଁ । ଯେତେବେଳେ କି ହଜାର ବର୍ଷ ଧରି କଶ୍ମୀରରେ ହିନ୍ଦୁ ରହିଆସୁଥିଲେ । ଆଉ ମହାଭାରତ ସମୟରୁ କଶ୍ମୀରରେ ହିନ୍ଦୁ ରାଜା ରାଜତ୍ୱ କରିଆସୁଥିଲେ । ତେବେ ହିନ୍ଦୁ ରାଜ୍ୟରେ କେଉଁଠୁ ଆସିଲେ ମୁସଲମାନ୍ ? ଏହାର ଉତ୍ତର ଜାଣିବା ପାଇଁ ଇତିହାସର ପୃଷ୍ଠା ଲେଉଟାଇବାକୁ ପଡିବ । ଆସନ୍ତୁ ଜାଣିବା କାହିଁକି କଶ୍ମୀରକୁ ବିଶେଷ ଦର୍ଜା ଦିଆଯାଉଛି ।

କାଶ୍ମୀର କେମିତି ହେଲା ଏହା ପଛରେ ତ ଅନେକ କାହାଣୀ ଶୁଣିବାକୁ ମିଳେ । କିନ୍ତୁ ଋଷି କଶ୍ୟପଙ୍କୁ ଯୋଗୁଁ ଏହାର ନାମ କାଶ୍ମୀର ହୋଇଛି । ୧୧୪୮ – ୪୯ ରେ ନିଜର ପ୍ରସିଦ୍ଧ ପୁସ୍ତକ ରାଜତରଙ୍ଗିଣୀରେ କଶ୍ମୀରର ପ୍ରାଚୀନ ଇତିହାସ ଉଲ୍ଲେଖ କରିଛନ୍ତି ମହାକବି କହ୍ଲଣ । ଏହି ପୁସ୍ତକରେ ୮ଟି ତରଙ୍ଗ ଅର୍ଥାତ୍ ଅଧ୍ୟାୟ ଏବଂ ସଂସ୍କୃତରେ ପ୍ରାୟ ୭-୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶ୍ଳୋକ ଅଛି । ଏହି ପୁସ୍ତକ ଅନୁସାରେ କାଶ୍ମୀର ନାଁ କଶ୍ୟପମେରୁ ଥିଲା । ଯିଏ ବ୍ରହ୍ମାଙ୍କ ପୁତ୍ର ଏବଂ ଋଷି ମରୀଚିଙ୍କ ପୁତ୍ର ଥିଲେ । ତେବେ ସେ ସମୟରେ କାଶ୍ମୀର ଖୁବ୍ ଦୁର୍ଗମ ଥିବା ସହ ଏଠାରେ ଉଚ୍ଚ ଉଚ୍ଚ ପର୍ବତ ଥିଲା । ସେଥିପାଇଁ ଋଷି କଶ୍ୟପ ଲୋକଙ୍କ ଯିବା ଆସିବା ପାଇଁ ରାସ୍ତା ନିର୍ମାଣ କରିଥିଲେ । ସେବେଠାରୁ ଏହାର ନାଁ ରହିଥିଲା କଶ୍ୟପମେରୁ । ଯାହା ପରେ ଅପଭ୍ରଂସ ହୋଇ କାଶ୍ମୀର ହୋଇଗଲା । ରାଜତରଙ୍ଗିଣୀର ପ୍ରଥମ ତରଙ୍ଗରେ କହ୍ଲଣ ଋଷି କହିଛନ୍ତି ସର୍ବ ପ୍ରଥମେ କଶ୍ମୀରରେ ରାଜ୍ୟ ସ୍ଥାପନା କରିଥିଲେ ପାଣ୍ଡବଙ୍କ ସାନ ଭାଇ ସହଦେବ । ପରେ ୨୭୩ ଇଶାରେ ବୌଦ୍ଧ ଧର୍ମର ଆଗମନ ହୋଇଥିଲା । ତଥାପି ପିଢି ପରେ ପିଢି ସହଦେବଙ୍କ ବଂଶଜ ୨୩ ପିଢି ଯାଏଁ କଶ୍ମୀରରେ ରାଜତ୍ୱ କରିଥିଲେ । ତେବେ ଏହା ପରେ ପଞ୍ଚମ ଶତାବ୍ଦୀରେ ହୁଣ ରାଜା ମିହିରକୂଳ କଶ୍ମୀରରେ କବଜା କରିଥିଲେ । କିନ୍ତୁ ପରେ ସେ ଶୈବ ଧର୍ମ ଆପଣାଇଥିଲେ ।

କାଶ୍ମୀରରେ ମୁସଲମାନଙ୍କ ପ୍ରବେଶ

ତେବେ କଶ୍ମୀରରେ ବର୍ଷ ୧୦୧୫ରେ ସେତେବେଳେ ଇସଲାମର ପାଦ ପଡିଥିଲା ଯେତେବେଳେ ମହମ୍ମୁଦ ଗଜନବୀ କଶ୍ମୀରରେ ପ୍ରଥମ ଆକ୍ରମଣ କରଥିଲା । କିନ୍ତୁ ତାର ଉଦ୍ଦେଶ୍ୟ କଶ୍ମୀରରେ ଇସଲାମ ଧର୍ମର ପ୍ରଚାର କରିବା ନଥିଲା । ବରଂ ଲୁଟ୍ ପାଟ୍ ପରି ପୁଣି ଥରେ ଗଜନୀ ଫେରିଯାଇଥିଲା ମହମ୍ମୁଦ । ଏହା ପରେ କଶ୍ମୀରରେ ହମଲା କରିଥିଲା ଦୁଲୋଚା ମଙ୍ଗୋଲ୍ । କିନ୍ତୁ ତାକୁ କଶ୍ମୀରର ତତ୍କାଳୀନ ରାଜା ସହଦେବଙ୍କ ମନ୍ତ୍ରୀ ପରାଜିତ କରିଦେଇଥିଲେ । ଏହା ପରେ ୧୩୨୦ରେ ରନଚୀନ ନାମକ ଜଣେ ତିବ୍ବତୀ ଶରଣାର୍ଥୀ ସୈନିକ ରାଜାଙ୍କ ନିକଟକୁ କାମ ପାଇଁ ଆସିଥିଲା । ଆଉ ତାର ବୀରତ୍ୱ ଦେଖି ରାଜା ତାଙ୍କୁ ସେନାପତି ଭାବେ ନିଯୁକ୍ତ କରିଥିଲେ । ତେବେ ରନଚୀନ ହିନ୍ଦୁ ଧର୍ମ ଗ୍ରହଣ କରିବା ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜାଙ୍କୁ ଅନୁରୋଧ କରିଥିଲା । କିନ୍ତୁ ତାର ଅନୁରୋଧକୁ ବିରୋଧ କରିଥିଲେ କଶ୍ମୀର ପଣ୍ଡିତ । କିଛି ଦିନ ପରେ ରାଜାଙ୍କ ଦେହାନ୍ତ ପରେ ତାଙ୍କ ପତ୍ନୀ କୋଟା ରାଣୀ ଶାସନଭାର ସମ୍ଭାଳି ଥିଲେ । ଆଉ ରାମଚନ୍ଦ୍ରଙ୍କୁ ନିଜ ମନ୍ତ୍ରୀ କରିଥିଲେ ।

କିଛି ଦିନ ପରେ କିଛି ମୁସଲମାନ୍ ସୁଫି ହୋଇ କଶ୍ମୀରରେ ପ୍ରବେଶ କରିଥିଲେ । ତେବେ ସେମାନଙ୍କ ମଧ୍ୟରେ ଥିବା ବୁଲବୁଲ୍ ଶାହା ରନଚୀନକୁ ଇସଲାମ୍ ଧର୍ମ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇ ଥିଲା । ଯେଉଁସ୍ଥାନରେ ରନଚୀନ ମୁସଲମାନ୍ ହୋଇଥିଲା ସେ ସ୍ଥାନକୁ ବୁଲବୁଲ ଶାହା କା ଲଙ୍ଗର୍ କୁହାଯାଏ । ଯାହା ଶ୍ରୀନଗରର ପଞ୍ଚମ ପୋଲ ନିକଟରେ । ମୁସଲମାନ୍ ଧର୍ମ ଗ୍ରହଣ କରିବା ପରେ ରନଚୀନ୍ ନିଜ ନାଁ ସଦରୁଦ୍ଦିନ ରଖିଥିଲା । ୭ ଅକ୍ଟୋବର ୧୩୨୦ରେ ଧୋକାରେ ରାମଚନ୍ଦ୍ରଙ୍କୁ ହତ୍ୟା କରିଥିଲା ରନଚୀନ୍ । ଆଉ ତାପରେ ନିଜ ନାଁ ରଖିଥିଲା ସୁଲତାନ୍ ସଦରୁଦ୍ଦିନ୍ । ଧୀରେ ଧୀରେ ସଦରୁଦ୍ଦିନ ଆଫଗାନୀସ୍ତାନରୁ ମୁସଲମାନଙ୍କୁ ଆଣି କଶ୍ମୀରରେ ଆଣି ରଖିବାକୁ ଲାଗିଲା । ପ୍ରାୟ ୧୭ ହଜାର ମୁସଲମାନଙ୍କୁ ନେଇ ନିଜ ସେନା ପ୍ରସ୍ତୁତ କରିଥିଲା ସଦରୁଦ୍ଦିନ୍ । ସଦରୁଦ୍ଦିନର ସୈନିକ ପ୍ରତିଦିନ ହଜାର ହଜାର ହିନ୍ଦୁଙ୍କୁ ହତ୍ୟା କରୁଥିଲେ । ସେଥିପାଇଁ କିଛି ଲୋକ ଭୟରେ ମୁସଲମାନ୍ ହୋଇଯାଇଥିଲେ ଆଉ କିଛି ଜମ୍ମୁ ଚାଲିଯାଇଥିଲେ ।

କାଶ୍ମୀରରେ ହୋଇଥିବା ନରସଂହାର

୧. ଡୋଡା ନରସଂହାର : ୧୪ ଅଗଷ୍ଟ ୧୯୯୩ରେ ଏକ ବସ୍ ଅଟକାଇ ଏଥିରେ ଥିବା ୧୫ ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଥିଲା ।

୨. ସଂଗ୍ରାମପୁର ନରସଂହାର : ୨୧ ମାର୍ଚ୍ଚ ୧୯୯୭ରେ ଘରେ ପଶି ୭ ଜଣ କାଶ୍ମୀର ପଣ୍ଡିତଙ୍କୁ ଅପହରଣ କରି ହତ୍ୟା କରାଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

୩. ବନ୍ଧମା ନରସଂହାର : ୨୫ ଜାନୁଆରୀ, ୧୯୯୮ରେ ଆତଙ୍କବାଦୀ ୪ କାଶ୍ମୀର ପରିବାରର ୨୩ ଲୋକଙ୍କୁ ଗୁଳି କରି ହତ୍ୟା କରଥିଲେ ।

୪. ପ୍ରାନକୋଟ ନରସଂହାର : ୧୭ ଏପ୍ରିଲ୍ ୧୯୯୮ରେ ଏକ କାଶ୍ମୀର ହିନ୍ଦୁ ପରିବାର ୨୭ ଲୋକଙ୍କୁ ହତ୍ୟା କରାଯାଇଥିଲା । ଯେଉଁଥିରେ ଥିଲେ ୧୧ ଜଣ ଶିଶୁ । ଏହି ଘଟଣା ପରେ ଭୟରେ ପୋନି ଏବଂ ରିୟାସୀ ଅଂଚଳରୁ ୧୦୦୦ ଜଣ ହିନ୍ଦୁ ପଳାୟନ କରିଥିଲେ ।

୫. ଅନନ୍ତନାଗ ନରସଂହାର : ସେହପରି ୨୦୦୦ରେ ଅନନ୍ତନାଗଠାରେ ୩୦ ଜଣ ଅମରନାଥ ଯାତ୍ରୀଙ୍କୁ ହତ୍ୟା କରିଥିଲେ ଆତଙ୍କବାଦୀ ।

୬. ୨୦୦୧ରେ ଡୋଡାରେ ୬ ଜଣ ହିନ୍ଦୁଙ୍କୁ ଆତଙ୍କବାଦୀ ଗୁଳି କରି ହତ୍ୟା କରିଥିଲେ ।

୭. ୨୦୦୧ରେ ଜମ୍ମୁ ରେଲୱେ ଷ୍ଟେସନ ନରସଂହାର : ସେନା ବେଶରେ ଆସି ଗୁଳିଚାଳନା କରିଥିଲେ ଆତଙ୍କବାଦୀ । ଯେଉଁଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିଲା ।

୮. କାସିମ୍ ନଗର ନରସଂହାର : ୨୦୦୨ରେ ୨୯ ଜଣ ହିନ୍ଦୁ ଶ୍ରମିକଙ୍କୁ ହତ୍ୟା କରାଯାଇଥିଲା । ଯେଉଁଥିରେ ଥିଲେ ୧୩ ମହିଳା ଏବଂ ଜଣେ ଶିଶୁ ।

୯. ନନ୍ଦୀମାର୍ଗ ନରସଂହାର : ପୁଲୱାମା ଜିଲ୍ଲାର ନନ୍ଦିମାର୍ଗରେ ଆତଙ୍କବାଦୀ ୨୪ ହିନ୍ଦୁଙ୍କୁ କରିଥିଲେ ହତ୍ୟା ।

ଏଭଳି ଆହରୀ ଅନେକ ନରସଂହାର ହୋଇଛି । ଯାହା ଫଳରେ କଶ୍ମୀର ଘାଟିରୁ ଖାଲି ହୋଇଗଲେ ହିନ୍ଦୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାମାୟଣର କଥା



ନରେନ୍ଦ୍ର ପ୍ରସାଦ ବେହେରା

*ବେଦମତୀ ରାବଣଙ୍କୁ କାହିଁକି ଅଭିଶାପ ଦେଲେ, ଇନ୍ଦ୍ର ମେନକାକୁ ଅଭିଶାପ ଦେବାର କାରଣ କ'ଣ ଥିଲା ଓ ଋଷିମାନେ ଶିଶୁ କନ୍ୟାଟିକୁ କେଉଁ ନାମରେ ନାମିତ କଲେ*

ଥରେ ଋଷି କୁଶଧ୍ୱଜ ବେଦଧ୍ୱନୀ କରୁଥିବା ବେଳେ ବେଦଧ୍ୱନିର ଗମ୍ଭୀର ଶବ୍ଦ ମଧ୍ୟରୁ କନ୍ୟାଟିଏ ଜାତ ହେଲା । ଋଷି କୁଶଧ୍ୱଜ ଯୋଗବଳରେ ଜାଣି ପାରିଲେ ଯେ ସ୍ୱୟଂ ମହାଲକ୍ଷ୍ମୀ ଯେ କି ରାଜା ଅମ୍ବରୀଶଙ୍କ କନ୍ୟା ଶ୍ରୀମତୀ ରୂପେ ଜନ୍ମଲାଭ କରିଥିଲେ, ଦେବର୍ଷି ନାରଦଙ୍କ ଅଭିଶାପ ହେତୁ ସେ ବର୍ତ୍ତମାନ ବେଦଧ୍ୱନିରୁ ଜନ୍ମଲାଭ କରିଛି । ତେଣୁ ଋଷି କୁଶଧ୍ୱଜ ସେହି ଶିଶୁଟିକୁ ନିଜର ଝିଅକରି ପାଳିବାରେ ଲାଗିଲେ । ବେଦଧ୍ୱନିରୁ ଜାତ ହୋଇଥିବାରୁ ଏହାର ନାମ *ବେଦମତୀ* ଦେଲେ । ବେଦମତୀ ବୃଦ୍ଧିଲାଭ କରି ଯୌବନରେ ପଦାର୍ପଣ କରନ୍ତେ ତାଙ୍କୁ ମହାବିଷ୍ଣୁଙ୍କ ସହିତ ବିବାହ ଦେବା ପାଇଁ ଋଷି କୁଶଧ୍ୱଜ ନିଷ୍ପତ୍ତି ଗ୍ରହଣ କରିଥିଲେ । ଶମ୍ଭୁନାମକ ଦୈତ୍ୟ କୁଶଧ୍ୱଜଙ୍କ ପାଖକୁ ଆସି ବେଦମତୀଙ୍କି ବିବାହ କରିବାକୁ ପ୍ରସ୍ତାବ ଦେଲା । କିନ୍ତୁ ବେଦମତୀ ମହାବିଷ୍ଣୁଙ୍କୁ ବିବାହ କରିବ ବୋଲି କହି କୁଶଧ୍ୱଜ ଶମ୍ଭୁଦୈତ୍ୟକୁ ନାହିଁ କରିଦେଲା । ଏଥିରେ ଶମ୍ଭୁଦୈତ୍ୟ ନିରାଶ ହୋଇ ଭାରି ରାଗିଗଲା ଓ ନିଶାର୍ଦ୍ଧରେ ଆସି କୁଶଧ୍ୱଜଙ୍କୁ ହତ୍ୟାକଲା । କୁଶଧ୍ୱଜଙ୍କ ପତ୍ନୀ କୁଶଧ୍ୱଜଙ୍କ ଚିତାଗ୍ନିରେ ପ୍ରବେଶ କରି ଦେହତ୍ୟାଗ କଲେ । ତହୁଁ ବେଦମତୀ ମହାବିଷ୍ଣୁଙ୍କୁ ପତିରୂପେ ପାଇବା ପାଇଁ ହିମାଳୟକୁ ଯାଇ ସେଠାରେ ତପସ୍ୟାରେ ବସିଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିନେ ରାବଣ ପୁଷ୍ପକ ବିମାନରେ ଆକାଶ ମାର୍ଗରେ ଗଲାବେଳେ ରାବଣର ଦୃଷ୍ଟି ବେଦମତୀ ଉପରେ ପଡିଲା । ବେଦମତୀଙ୍କର କମନୀୟ ରୂପଲାବଣ୍ୟ ଦେଖି ରାବଣ କାମଜ୍ୱାଳାରେ ଅସ୍ଥିର ହେଲା ଓ ସେଠାରେ ଓହ୍ଲାଇ ବେଦମତୀଙ୍କୁ ବିବାହ କରିବ ବୋଲି କହିଲା । ବେଦମତୀ ମନା କରିବାରୁ ରାବଣ ବଳତ୍କାର କରିବା ଉଦ୍ଦେଶ୍ୟରେ ବେଦମତୀଙ୍କ କେଶ ଆକର୍ଷଣ କରିବାରୁ ବେଦମତୀ ନିଜର କେଶ ଛିଣ୍ଡାଇ ରାବଣ କବଳରୁ ମୁକ୍ତ ହେଲେ ଓ ରାବଣଙ୍କୁ କହିଲେ, “ରେ ଦଶାନନ, ତୋ ସ୍ପର୍ଶରେ ଅପବିତ୍ର ହୋଇଥିବା ମୋ ଦେହକୁ ମୁଁ ବର୍ତ୍ତମାନ ତ୍ୟାଗ କରିବାକୁ ଯାଉଛି । ବର୍ତ୍ତମାନ ମୁଁ ତୋତେ ଏହି ଅଭିଶାପ ଦେଉଛି ଯେ ମୋର ପରବର୍ତ୍ତୀ ଜନ୍ମରେ ମୋ ହେତୁ ତୋର ପ୍ରାଣନାଶ ହେବ । ଦେବର୍ଷି ନାରଦଙ୍କଠାରୁ ପରାମର୍ଶ ପାଇ ରାବଣ ବେଦମତୀଙ୍କ ଶବକୁ ନଷ୍ଟ କରିଦେବା ଉଦ୍ଦେଶ୍ୟରେ ଚର ପଠାଇ ହିମାଳୟ ନିକଟରୁ ଲଙ୍କାଗଡକୁ ଅଣାଇଲା ଓ ଶବଟିକି ରାନ୍ଧି ତାକୁ ଖୁଆଇବା ପାଇଁ ନିଜ ପତ୍ନୀ ମନ୍ଦୋଦରୀଙ୍କି ନିର୍ଦ୍ଦେଶ ଦେଲା । ମନ୍ଦୋଦରୀଙ୍କ ପାଖରେ ନାରଦ ଏକାନ୍ତରେ ପହଞ୍ଚି ସେହି ଶବଟିକୁ ନରାନ୍ଧି ସମୁଦ୍ରରେ ଭସାଇଦେବା ପାଇଁ ପରାମର୍ଶ ଦେଲେ । ତେଣୁ ସେହି ଶବଟିକୁ ଗୋପନରେ ଗୋଟିଏ ସିନ୍ଦୁକ ଭିତରେ ରଖି ମନ୍ଦୋଦରୀ ସେହି ସିନ୍ଦୁକକୁ ସମୁଦ୍ରରେ ଭସାଇଦେଲେ । ସେହି ସିନ୍ଦୁକଟି ସମୁଦ୍ରରେ ଭାସିଆସି କୂଳରେ ଲାଗିଲା ଓ ସମୁଦ୍ର ତଟରେ ଥିବା ବାଲି ମଧ୍ୟରେ ପୋତି ହୋଇ ପଡିଲା ।

ମିଥିଳାର ରାଜା ଜନକଙ୍କର କୌଣସି ସନ୍ତାନ ନ ଥିଲା । ପୁତ୍ରପ୍ରାପ୍ତି ଆଶାରେ ସେ ତପସ୍ୟା ଦ୍ୱାରା ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଇଛାକଲେ । ତେଣୁ ସେ ମନ୍ତ୍ରୀମାନଙ୍କ ହାତରେ ରାଜ୍ୟଭାର ଦେଇ ତପସ୍ୟା କରିବା ପରେ ନିଜେ ଜନକ ତମସା ନଦୀରେ ସ୍ନାନ କରୁଥିବାବେଳେ ଆକାଶକୁ ଚାହିଁଦେଲେ । ସେତେବେଳେ ପରମା ସୁନ୍ଦରୀ ଅପ୍ସରା ମେନକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶାପମୁକ୍ତ ହୋଇ ମର୍ତ୍ତ୍ୟଭୂମିରୁ ସ୍ୱର୍ଗଲୋକକୁ ଆକାଶ ମାର୍ଗରେ ଗମନ କରୁଥିଲା । ମେନକା ଅପ୍ସରାର ସୌନ୍ଦର୍ଯ୍ୟ ଦେଖି ଜନକ ମୋହିତ ହୋଇଗଲେ । ଭାବିଲେ ମୋର ଏହିପରି ଗୋଟିଏ ସୁନ୍ଦରୀ ଝିଅ ଥାନ୍ତା କି !

ଏହି ସମୟରେ ଆକାଶ ପଥରୁ ମେନକା କହିଲା–ହେ ରାଜର୍ଷି ଜନକ ! ମୁଁ ହେଉଛି ସ୍ୱର୍ଗର ଏକ ଅପ୍ସରା । ମୋ ନାଆଁ ମେନକା । ତୁମ ହୃଦୟର ବ୍ୟଥା ମୁଁ ବୁଝିପାରିଛି । ତୁମ ମନକଥା ମୁଁ ଜାଣିପାରିଛି । ଇନ୍ଦ୍ରଙ୍କ ଅଭିଶାପ ହେତୁ ମୁଁ ମର୍ତ୍ତ୍ୟଭୂମିରେ ମାନୁଷୀରୂପେ ରହିଥିଲି । ବର୍ତ୍ତମାନ ମୁଁ ମୁକ୍ତି ପାଇ ସ୍ୱର୍ଗକୁ ଯାଉଛି । ହେ ଜନକ, ତୁମ୍ଭେ ନିଶ୍ଚୟ ଗୋଟିଏ ଝିଅ ପାଇବ ଯେ କି ମୋ'ଠାରୁ ଶହେଗୁଣ ଅଧିକ ସୁନ୍ଦରୀ । ଜନକ ପଚାରିଲେ– ହେ ମେନକା, ଇନ୍ଦ୍ର ତୁମ୍ଭଙ୍କୁ କାହିଁକି ଅଭିଶାପ ଦେଇଥିଲେ । ମେନକା କହିଲା– ଦିନେ ଦେବସଭାରେ ଆମେ ଆଠଜଣ ଅପ୍ସରା ନୃତ୍ୟ କରୁଥିଲୁ । ସେଠାରେ ଗନ୍ଧର୍ବ ଚିତ୍ରସେନ ଉପସ୍ଥିତ ଥିଲା । ଚିତ୍ରସେନର ରୂପରେ ଆକୃଷ୍ଟହୋଇ ମୁଁ କାମଜ୍ୱାଳାରେ ଅସ୍ଥିର ହେବାରୁ ଇନ୍ଦ୍ର ତାହା ଜାଣିପାରି ମୋତେ ଅଭିଶାପ ଦେଲେ– ଲୋ ମେନକା, ତୁ ପୁତ୍ରରୂପ ଦେଖି କାମାର୍ଥୀ ହେଲୁ । ତେଣୁ ମୁଁ ତୋତେ ଏହି ଅଭିଶାପ ଦେଉଛି ଯେ ତୁ ମର୍ତ୍ତ୍ୟଭୂମିରେ ମ୍ଳେଛ ରୂପରେ ଜାତ ହେବୁ । ଏହା ଶୁଣି ମୁଁ ସେଥିରୁ ମୁକ୍ତି ପାଇବା ପାଇଁ ପ୍ରାର୍ଥନା କରିବାରୁ ଇନ୍ଦ୍ର କହିଲେ, ମର୍ତ୍ତ୍ୟରେ ମ୍ଳେଛ ରୂପେ କିଛିକାଳ କଟେଇଲା ପରେ ତୁ ଗିରିରାଜଙ୍କ ଦର୍ଶନ ପାଇଲାମାତ୍ରେ ମୁକ୍ତିଲାଭ କରି ସ୍ୱର୍ଗକୁ ଆସିବୁ । ବର୍ତ୍ତମାନ ମୁଁ ସେଥିରୁ ମୁକ୍ତି ପାଇ ସ୍ୱର୍ଗକୁ ଯାଉଛି । ହେ ରାଜନ, ତୁମ୍ଭେ ନିଶ୍ଚୟ ଗୋଟିଏ ପରମାସୁନ୍ଦରୀ ଝିଅ ପାଇବ । ଜନକ ପଚାରିଲେ– ହେ ମେନକା, ମୁଁ ଝିଅଟିକୁ ପାଇବି ବୋଲି ତୁମ୍ଭେ କିପରି ଜାଣିଲ ?

ମେନକା କହିଲା– ମୁଁ ସ୍ୱର୍ଗରେ ଥିଲାବେଳେ ଦିନେ ନାରଦ ଆସି ଇନ୍ଦ୍ରଙ୍କୁ କହିଲେ ଯେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁଶଧ୍ୱଜମୁନିଙ୍କ ଝିଅ ବେଦମତୀ ଜନକ ରାଜାଙ୍କ ଝିଅ ହେବ । ସମୁଦ୍ରର ଦକ୍ଷିଣ ତୀରରେ ଯେଉଁ ବାଲୁକାରାଶି ବ୍ୟାପିଛି ସେହି ବାଲି ଭିତରେ ବେଦମତୀଙ୍କ ଶବ ରହିଛି । ହେ ଜନକ, ତୁମ୍ଭେ ସୁବର୍ଣ୍ଣ ଲଙ୍ଗଳ ନେଇ ସେହି ବାଲିକି କର୍ଷଣ କର । ସେଥିରୁ ତୁମ୍ଭେ ଝିଅ ପାଇବ । ଏହାକହି ମେନକା ସ୍ୱର୍ଗକୁ ଚାଲିଗଲା । ମେନକା କଥା ଶୁଣି ଜନକ ଭାରି ଆନନ୍ଦିତ ହେଲେ ଓ ସଙ୍ଗେ ସଙ୍ଗେ ସେଠାରୁ ଫେରିଆସି ମିଥିଳାରେ ଥିବା ନିଜ ଉଆସରେ ପହଞ୍ଚିଲେ ଓ ଯଜ୍ଞଦ୍ରବ୍ୟସବୁ ଯୋଗାଡକରି ରଖିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଲେ । ପାତ୍ରମନ୍ତ୍ରୀ ଓ ଋଷିମାନଙ୍କୁ ସଙ୍ଗରେ ନେଇ ଜନକ ରାଜା ମିଥିଳାରୁ ଦକ୍ଷିଣ ସମୁଦ୍ର ତଟକୁ ଯାଇ ଖୁବ ଭଲଭାବରେ ଯଜ୍ଞ ଆରମ୍ଭ କଲେ । ଯଜ୍ଞରେ ପୂର୍ଣ୍ଣାହୁତି ଦେଲାପରେ ଯଜ୍ଞ ସମାପ୍ତ ହେଲା । ସ୍ୱର୍ଣ୍ଣ ଲଙ୍ଗଳକୁ ପୂଜା କରି ରାଜା ଜନକ ସେହି ସ୍ୱର୍ଣ୍ଣ ଲଙ୍ଗଳରେ ଯଜ୍ଞ ସ୍ଥଳକୁ କର୍ଷଣ କଲେ । ଯଜ୍ଞଭୂମି କର୍ଷଣ କରୁ କରୁ ସ୍ୱର୍ଣ୍ଣ ଲଙ୍ଗଳର ମୁନ ମାଟିତଳେ ଗୋଟିଏ ସିନ୍ଦୁକ ଦେହରେ ବାଜିଲା । ସେହି ସିନ୍ଦୁକକୁ ମାଟିତଳୁ ବାହାର କରାଗଲା । ସେହି ସିନ୍ଦୁକକୁ ଖୋଲି ଦେଖିଲା ବେଳକୁ ସିନ୍ଦୁକ ଭିତରେ ଗୋଟିଏ କୁନି ଝିଅଟିଏ । ଭାରି ସୁନ୍ଦରୀ ଝିଅଟିଏ । ଦେହରୁ ସୁନାପରି ଜ୍ୟୋତି ବାହାରୁଛି । ମୁହଁଟି ଆକାଶର ଚାନ୍ଦପରି ସୁନ୍ଦର । ଗୋଟିଏ ଚାଉଳରେ ଗଢା । ଋଷିମାନେ ଝିଅଟିକି ଦେଖି ଭାରି ଆଶ୍ଚର୍ଯ୍ୟ ହେଲେ । ଭାବିଲେ କୌଣସି ଦେବୀ ବୋଧହୁଏ ମର୍ତ୍ତ୍ୟରେ ଜନ୍ମ ନେଇଛନ୍ତି । ଋଷିମାନଙ୍କ ମଧ୍ୟରେ ବାଲ୍ମୀକି ଥିଲେ । ବାଲ୍ମୀକିମୁନି ଝିଅଟିକି ଦେଖି କହିଲେ- ଇଏ ସାଧାରଣ ଝିଅ ନୁହେଁ । ସ୍ୱୟଂ ମହାଲକ୍ଷ୍ମୀ ନରକୁଳରେ ନାରୀରୂପେ ଜନ୍ମଲାଭ କରିଛନ୍ତି । ସେହି ଝିଅଟିକୁ ଜନକରାଜା ସ୍ନେହରେ କୋଳକୁ ନେଲାବେଳେ ଆକାଶରୁ ଦେବତାମାନେ ପୁଷ୍ପବୃଷ୍ଟି କଲେ । ଯଜ୍ଞ ଶେଷପରେ ଋଷିମାନେ ବିଦାୟନେଇ ନିଜ ନିଜ ଆଶ୍ରମକୁ ଫେରିଗଲେ । ପାତ୍ରମନ୍ତ୍ରୀ ପ୍ରଭୃତିଙ୍କୁ ସଙ୍ଗରେ ଘେନି ସେହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କନ୍ୟାଟିକୁ କାଖରେ କାଖେଇ ରାଜା ଜନକ ମିଥିଳାକୁ ଫେରି ଆସି ରାଣୀଙ୍କୁ ସେହି କନ୍ୟାଟିକୁ ଦେଇ କହିଲେ-- ହେ ରାଣୀ, ଏହି କନ୍ୟାଟି ହେଉଛି ଆମ ଦୁହିଁଙ୍କୁ ପରମେଶ୍ୱରଙ୍କର ମହତ ଦାନ । ଏହାକୁ ତୁମ୍ଭେ ଯତ୍ନର ସହିତ ପାଳନ କର । ରାଣୀ ମଧ୍ୟ ଯତ୍ନର ସହିତ ପାଳନ କଲେ । ଟିକି ଝିଅଟିର ଏକୋଇଶ ଦିନ ହେଲା । ଝିଅର ଏକୋଇଶିଆକୁ ରାଜା ଜନକ ସବୁ ଋଷିମାନଙ୍କୁ ନିମନ୍ତ୍ରଣ କଲେ । ଝିଅଟିର ନାମ କରଣ କରିବାକୁ  ଜନକରାଜା ଋଷିମାନଙ୍କୁ ଅନୁରୋଧ କଲେ । ଶିଶୁ କନ୍ୟାଟିକୁ ଦେଖି ସବୁଋଷି ବଡ଼ ଆନନ୍ଦ ଅନୁଭବ କଲେ । ଶିଶୁଟିର ନାମ କ'ଣ ହେବା ଉଚିତ ସେ ବିଷୟରେ ସବୁଯାକ ଋଷି ଆପଣା ମଧ୍ୟରେ ଆଲୋଚନା କଲେ । ଋଷିମାନେ ରାଜା ଜନକଙ୍କୁ କହିଲେ-- ଏହି ଶିଶୁ କନ୍ୟାଟି ବିଦେହ ଦେଶରେ ଜାତ ହୋଇଥିବାରୁ ଏହାର ନାମ *ବୈଦେହୀ* । ବିଦେହ ଦେଶର ଅନ୍ୟନାମ ମିଥିଳା ହୋଇଥିବାରୁ ଏହାର ନାମ *ମୈଥିଳୀ* । ଲଙ୍ଗଳଗାରରୁ ଜାତ ହୋଇଥିବାରୁ ଏହାର ନାମ *ସୀତା* । ଜନକଙ୍କ ଝିଅ ହୋଇଥିବାରୁ ଏହାର ନାମ *ଜାନକୀ* । ପୃଥିବୀ କୋଳରୁ ବାହାରିଥିବାରୁ ଏହାର ନାମ *ପାର୍ଥିବୀ* । ଯୋଜନେ ପର୍ଯ୍ୟନ୍ତ ଏହା ଦେହରୁ ସୁବାସ ବିସ୍ତାର କରୁଥିବାରୁ ଏହାର ନାମ *ଯୋଜନଗନ୍ଧା* । ଉତ୍ସବ ଶେଷରେ ଋଷିମାନେ ବିଦାହୋଇ ନିଜ ନିଜ ଆଶ୍ରମକୁ ଫେରିଗଲେ । ଆନନ୍ଦର ସହିତ ଜନକ ସୀତାଙ୍କୁ ନେଇ ରାଣୀଙ୍କ ହାତକୁ ବଢାଇଦେଲେ ।

ସମୟ ଗଡିଚାଲିଲା । ସୀତା ଧିରେ ଧିରେ ବଡ଼ହୋଇ ଯୌବନରେ ପଦାର୍ପଣ କଲେ । ସୀତାଙ୍କର ଗୁଣାବଳୀ ଓ ରୂପଲାବଣ୍ୟ ଦେଖି ସୀତାଙ୍କ ପାଇଁ ଯଥାଯୋଗ୍ୟ ବରଟିଏ ପାଇବା ପାଇଁ ରାଜା ଜନକ ମନେ ମନେ ନାନା ଉପାୟ ଚିନ୍ତା କରିବାକୁ ଲାଗିଲେ । ଜନକଙ୍କ ରାଜବାଟିରେ ମହାଶକ୍ତିଶାଳୀ ଶିବଧନୁ ଥିଲା । ରାଜା ଜନକ ଶପଥକଲେ ଯେଉଁ ପୁରୁଷ ଏହି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶିବଧନୁରେ ଗୁଣ ଦେଇ ପାରିବ ସୀତାଙ୍କୁ ସେ ତାକୁହିଁ ବିଭାଦେବେ । ସୀତାଙ୍କୁ ପାଇବା ପାଇଁ ମହାମହୀ ବୀରପୁରୁଷମାନେ ଆସି ଜନକଙ୍କୁ ଦେଖାକଲେ । ରାଜା ଜନକଙ୍କର ସେହି ଗୋଟିଏ କଥା । ଯେଉଁ ପୁରୁଷ ଶିବଧନୁରେ ଗୁଣ ଚଢାଇ ପାରିବ ସୀତା ତାକୁହିଁ ବିବାହ କରିବ । ବୀରମାନଙ୍କ ମଧ୍ୟରୁ କେହି ଶିବଧନୁକୁ ଦେଖୁ ଦେଖୁ ଭୟରେ ମୂର୍ଚ୍ଛିତ ହୋଇ ପଡିଲେ । କେହି ମହାବୀର ଧନୁକୁ ଟେକି ନ ପାରି କଚାଡି ହୋଇପଡିଲେ । ଧନୁକୁ ସୂତାଏ ସୁଦ୍ଧା ଟେକି ପାରିଲେ ନାହିଁ । ଗୁଣଦେବା ତ ବହୁତ ଦୂରର କଥା । ଏହା ଦେଖି ଜନକ ବଡ଼ ଚିନ୍ତିତ ହୋଇପଡିଲେ । ଶିବଧନୁରେ ଗୁଣ ଚଢାଇବା ପାଇଁ ଏହି ବିଶାଳ ପୃଥିବୀରେ ଜଣେହେଲେ ବୀର ନାହାନ୍ତି । ତେବେ ସେ ଏପରି ଏକ ଶପଥ କଲେ କାହିଁକି ? ଜନକ ବିମର୍ଶ ହୋଇପଡିଲେ ।

ଆଳଦା, ଖଇରା,ବାଲେଶ୍ୱର, ମୋ–୯୮୫୩୧୪୨୫୧୦*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବଦୁର୍ଗା



ପଙ୍କଜ କୁମାର ମାହାନା

ମା' ଶବ୍ଦଟି କେଉଁ ଆବହମାନ କାଳରୁ ଚାଲିଅସୁଅଛି ତା'ର ମୂକସାକ୍ଷୀ ଏ ସୃଷ୍ଟି । ଏ ସଂସାରକୁ ସମସ୍ତ ପାପ, ତାପ ତଥା ବିପଦରୁ ରକ୍ଷା କରିବା ପାଇଁ ଯୁଗେ ଅବତରି ଆସନ୍ତି ଜଗତ୍ ଜନନୀ ଦୂର୍ଗତିନାସିନୀ ସିଂହବାହିନୀ ମା । ସମସ୍ତଙ୍କୁ ଶକ୍ତିପ୍ରଦାନ କରୁଥିବା ମା' । ତେଣୁ ମାଆଙ୍କୁ ପାର୍ବଣରତୁରେ ପୂଜନ କରିଥାଉ । ସେ ବି ଜଣେ ନାରୀ ରୂପି ଦେବୀ । ତାଙ୍କ ପୂଜନ ପାଇଁ ଭକ୍ତମାନେ ଗାନ କରନ୍ତି -

ଯାଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା ।
ନମୋତସ୍ୟୈ ନମୋତସ୍ୟୈ ନମୋନମଃ । ।

ମାତା ଦୁର୍ଗା ହେଉଛନ୍ତି ସୃଷ୍ଟିର ଆଦିଶକ୍ତି । ତାଙ୍କର ପ୍ରଥମ ସ୍ୱରୂପର ନାମ ହେଉଛି- ଶୈଳପୁତ୍ରୀ ।

ବନ୍ଦେ ବାଞ୍ଛିତଲାଭାୟ ଚନ୍ଦ୍ରାର୍ଦ୍ଧକୃତଶେଖରାମ୍ ।
ବୃଷାରୂଢାଂ ଶୂଳଧରାଂ ଶୈଳପୁତ୍ରୀଂ ଯଶସ୍ୱିନୀମ୍ । ।୧ । ।

ପର୍ବତରାଜ ହିମାଳୟଙ୍କର କନ୍ୟାରୂପେ ତାଙ୍କର ଜନ୍ମ । ନବ ଦୁର୍ଗାଙ୍କ ମଧ୍ୟରେ ସେ ପ୍ରଥମ ଦେବୀ ଭାବରେ ପରିଚିତ । ସେ ବୃଷଭ ବାହିନୀ; ତାଙ୍କର ଡାହାଣ ହାତରେ ତ୍ରିଶୂଳ ଓ ବାମ ହାତରେ ପଦ୍ମ ଶୋଭାପାଏ ।

ନବଦୁର୍ଗାଙ୍କର ଦ୍ୱିତୀୟ ସ୍ୱରୂପ ହେଉଛି -ବ୍ରହ୍ମଚାରିଣୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଧାନା କରପଦ୍ମାଭ୍ୟାମକ୍ଷମାଳାକମଣ୍ଡଳୂ ।

ଦେବୀ ପ୍ରସୀଦତୁ ମୟି ବ୍ରହ୍ମଚାରିଣ୍ୟନୁତ୍ତମା ।।୨।।

"ବ୍ରହ୍ମ" ଶବ୍ଦର ଅର୍ଥ ହେଉଛି ତପସ୍ୟା । ତେଣୁ କୁହାଯାଏ ଯେ, "ଦେବସ୍ତତ୍ତ୍ୱଂ ତପୋ ବ୍ରହ୍ମ" ଅର୍ଥାତ୍ ବ୍ରହ୍ମ ହେଉଛି ବେଦ, ତତ୍ତ୍ୱ ଏବଂ ତପ । ମା'ଙ୍କର ସ୍ୱରୂପ ଅତ୍ୟନ୍ତ ଭବ୍ୟ । ତାଙ୍କର ଡାହାଣ ହାତରେ ଜପମାଳ ଏବଂ ବାମ ହାତରେ କମଣ୍ଡଳ ଶୋଭାପାଏ ।

ମାତା ଦୁର୍ଗାଙ୍କର ତୃତୀୟ ଶକ୍ତିର ନାମ ଚନ୍ଦ୍ରଘଣ୍ଟା ।

ପିଣ୍ଡଜପ୍ରବରାରୂଢା଼ଂ ଚଣ୍ଡକୋପାସ୍ତ୍ରକୈର୍ଯୁତା ।

ପ୍ରସାଦଂ ତନୁତେ ମହ୍ୟଂ ଚନ୍ଦ୍ରଘଣ୍ଟେତି ବିଶ୍ରୁତା ।।୩।।

ପୂଜାର ତୃତୀୟ ଦିବସରେ ତାଙ୍କର ଆରାଧନା କରାଯାଏ । ତାଙ୍କର ସ୍ୱରୂପ ପରମ ଶାନ୍ତିଦାୟକ ତଥା କଲ୍ୟାଣକାରୀ ଅଟେ । ମସ୍ତକରେ ଘଣ୍ଟା ସ୍ୱରୂପ ଅର୍ଦ୍ଧଚନ୍ଦ୍ର ବିରାଜିତ ଥିବାରୁ ତାଙ୍କୁ ଚନ୍ଦ୍ରଘଣ୍ଟା ଦେବୀ ଭାବରେ ପୂଜନ କରାଯାଏ । ତାଙ୍କର ଶରୀର ସୁନାପରି ଉଜ୍ଜ୍ୱଳ ଏବଂ ଦଶ ଭୂଜାରେ ଖଡ୍ଗ ଆଦି ଅସ୍ତ୍ରରେ ବିଭୂଷିତ । ସେ ସିଂହବାହିନୀ ତଥା ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ।

ମାତାଙ୍କର ଚତୁର୍ଥ ସ୍ୱରୂପର ନାମ- କୁଷ୍ମାଣ୍ଡା ।

ସୁରାସମ୍ପୂର୍ଣ୍ଣକଳଶଂ ରୁଧିରାପ୍ଲୁତମେବ ଚ ।

ଦଧାନା ହସ୍ତପଦ୍ମାଭ୍ୟାଂ କୁଷ୍ମାଣ୍ଡା ଶୁଭଦାସ୍ତୁ ମେ ।।୪।।

ନିଜର ମନ୍ଦହାସ ଦ୍ୱାରା ଅଣ୍ଡ ଅର୍ଥାତ୍ ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବାରୁ ମାତାଙ୍କୁ କୁଷ୍ମାଣ୍ଡା ଦେବୀ ବୋଲି କୁହାଯାଏ ।

ଏ ସୃଷ୍ଟି ଯେତେବେଳେ ଅନ୍ଧକାରମୟ ଥିଲା ସେତେବେଳେ ସ୍ୱୟଂ ଦେବୀ ନିଜର ଈଷତ୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାସ୍ୟ ଦ୍ୱାରା ବ୍ରହ୍ମାଣ୍ଡ ରଚନା କରିଥିଲେ । ମା'ଙ୍କର ତେଜ ଓ ପ୍ରଭାବରେ ଦଶଦିଗ ଉଦ୍ ଭାସିତ ହେଉଛି । ମା'ଙ୍କର ଭୂଜ ସଂଖ୍ୟା ଆଠ, ତେଣୁ ମା ଅଷ୍ଟ ଭୂଜାନାମରେ ବିଖ୍ୟାତ । ତାଙ୍କର ସାତଟି ହାତରେ କମଣ୍ଡଳୁ, ଧନୁ, ବାଣ, କମଳପୁଷ୍ପ, ଅମୃତପୂର୍ଣ୍ଣ କଳସ, ଚକ୍ର ତଥା ଗଦା । ଅଷ୍ଟମ ହାତରେ ରହିଛି ସର୍ବସିଦ୍ଧି-ସର୍ବନିଧି ପ୍ରଦାୟକ ଜପମାଳା । ମା'ଙ୍କର ବାହାନ ସିଂହ । ସଂସ୍କୃତରେ ପାଣିକଖାରକୁ କୂଷ୍ମାଣ୍ଡ କୁହନ୍ତି । ଯାହାକି ମା'ଙ୍କର ପ୍ରିୟ ଅଟେ ।

ମା'ଙ୍କର ପଞ୍ଚମ ସ୍ୱରୂପ ନାମ ହେଉଛି - ସ୍କନ୍ଦମାତା ।

ସିଂହାସନାଗତା ନିତ୍ୟଂ ପଦ୍ମାଶ୍ରିତକରଦ୍ୱୟା ।

ଶୁଭଦାସ୍ତୁ ସଦାଦେବୀ ସ୍କନ୍ଦମାତା ଯଶସ୍ୱିନୀ ।।୫□

ନବରାତ୍ରିର ପଞ୍ଚମଦିବସରେ ମାଙ୍କର ଉପାସନା କରାଯାଏ । ମା'ଙ୍କର ବିଗ୍ରହରେ ଭଗବାନ ସ୍କନ୍ଦ (କାର୍ତ୍ତିକେୟ) ବାଳକରୂପରେ କୋଳରେ ବସିଥାନ୍ତି । ମା'ଙ୍କର ଚାରିଭୂଜ । ଡାହାଣପଟ ଉପର ହସ୍ତରେ ସ୍କନ୍ଦଙ୍କୁ କୋଳରେ ବସାଇ ଧରିଥାନ୍ତି । ତଳ ହସ୍ତଟି ଉପରକୁ ଟେକି ସେଥିରେ କମଳ ପୁଷ୍ପଟି ଧରିଥାନ୍ତି । ବାମପଟ ଉପର ହସ୍ତରେ ବରମୁଦ୍ରା ଶୋଭା ପାଉଥାଏ । ତଳ ହସ୍ତଟି ଉପରକୁ ଟେକି ସେଥିରେ ମଧ୍ୟ କମଳ ପୁଷ୍ପ ଶୋଭା ପାଉଥାଏ । ତାଙ୍କର ଅନ୍ୟନାମ ପଦ୍ମାସନା ଅଟେ । ସିଂହ ତାଙ୍କର ବାହାନ ଅଟେ । ସେ ହେଉଛନ୍ତି ଶୁଭ୍ରବର୍ଣ୍ଣା ।

ମା'ଙ୍କର ଷଷ୍ଠ ସ୍ୱରୂପର ନାମ ହେଉଛି - କାତ୍ୟାୟନୀ ।

ଚନ୍ଦ୍ରହାସୋଜ୍ଜ୍ୱଳକରା ଶାର୍ଦ୍ଦୁଳବରବାହନ ।

କାତ୍ୟାୟନୀ ଶୁଭଂ ଦଦ୍ୟାଦ୍ଦେବୀ ଦାନବଘାତିନୀ ।।୬ ।

ଏକ ବୃତ୍ତାନ୍ତରୁ ଜଣାଯାଏ ଯେ"କତ" ନାମରେ ଜଣେ ପ୍ରସିଦ୍ଧ ମହର୍ଷି ଥିଲେ । ତାଙ୍କର


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁତ୍ର ଋଷି କାତ୍ୟା ଥିଲେ । ସେହି କାତ୍ୟାଙ୍କ ଗୋତ୍ରରେ ବିଶ୍ୱପ୍ରସିଦ୍ଧ ମହର୍ଷି କାତ୍ୟାୟନ ଜନ୍ମ ହୋଇଥିଲେ । ପରବର୍ତ୍ତୀ ସମୟରେ ତା'ଙ୍କ ଘରେ ମାତାଙ୍କର ଜନ୍ମ ହୋଇଥିଲା । ଶେଷରେ ଦଶମୀ ଦିନରେ ମହିଷାସୁରକୁ ବଧ କରିଥିଲେ । ମାତାଙ୍କର ସ୍ୱରୂପ ଅତ୍ୟନ୍ତ ଭବ୍ୟ ଓ ଦିବ୍ୟ । ବର୍ଣ୍ଣ ସୁବର୍ଣ୍ଣପରି ଉଜ୍ଜ୍ୱଳ ଓ ଭସ୍ୱର । ମାତା ହେଉଛନ୍ତି ଚତୁର୍ଭୁଜା । ମା'ଙ୍କର ଦକ୍ଷିଣ ପଟର ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ବର ମୁଦ୍ରା; ବାମ ହସ୍ତରେ ତରବାରି ଏବଂ ତଳ ହସ୍ତରେ ପ୍ରସ୍ଫୁଟିତ ପଦ୍ମ ଶୋଭା ପାଏ । ଯାହାଙ୍କର ବାହନ ସିଂହ ।

ମା'ଙ୍କର ସପ୍ତମ ସ୍ୱରୂପର ନାମ ହେଉଛି - କାଳରାତ୍ରି ।

ଏକବେଣୀ ଜପାକର୍ଣ୍ଣୀ ତୈଳାଭ୍ୟକ୍ତଶରୀରିଣୀ ।
ଲମ୍ବୋଷ୍ଠୀ କର୍ଣ୍ଣିକାକର୍ଣ୍ଣୀ ତୈଳାଭ୍ୟକ୍ତଶକରିଣୀ ।।
ବାମପାଦୋଲ୍ଲସଲ୍ଲୋହଲତାକଣ୍ଟକଭୂଷଣା ।
ବର୍ଦ୍ଧନମୂର୍ଧଧ୍ୱଜା କୃଷ୍ଣା କାଳରାତ୍ରିର୍ଭୟଙ୍କରୀ ।।୭।।

ଯାହାଙ୍କର ଶରୀରର ରଙ୍ଗ ଅନ୍ଧକାର ରାତ୍ରିପରି ଗାଢକାଳ । ମସ୍ତକର କେଶ ମୁକୁଳା । କଣ୍ଠରେ ବିଜୁଳିପରି ଉଜ୍ଜ୍ୱଳ ମାଳା ଚହଟୁ ଥାଏ । ମା'ଙ୍କର ନେତ୍ର ତିନୋଟି ବ୍ରହ୍ମାଣ୍ଡ ସଦୃଶ୍ୟ ଗୋଲାକାର । ତାଙ୍କ ନାସିକାରୁ ଅଗ୍ନିର ଜ୍ୱାଳା ବାହାରୁଥାଏ । ତାଙ୍କର ବାହାନ ଗର୍ଦଭ(ଗଧ) । ସେ ଚତୁର୍ଭୂଜା । ଡାହାଣ ପଟର ଉପର ହସ୍ତ ଟେକି ବରମୁଦ୍ରାରେ ବର ପ୍ରଦାନ କରନ୍ତି । ତଳ ହସ୍ତ ଅଭୟ ମୁଦ୍ରା । ବାମ ପଟର ଉପର ହାତରେ ଲୁହାର କଣ୍ଟା ଓ ତଳ ହସ୍ତରେ ଖଡ୍‌ଗ ଶୋଭାପାଏ ।

ମାତାଙ୍କର ଅଷ୍ଟମ ଶକ୍ତିର ନାମ - ମହାଗୌରୀ ।

ଶ୍ୱେତେବୃଷେ ସମାରୂଢା ଶ୍ୱେତାମ୍ବରଧରା ଶୁଚିଃ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମହାଗୌରୀ ଶୁଭଂ ଦଦ୍ୟାନ୍ ମହାଦେବପ୍ରମୋଦଦା ।୮ ।

ଯାହାଙ୍କର ବର୍ଣ୍ଣ ସମ୍ପୂର୍ଣ୍ଣ ଗୌର । ତାଙ୍କର ଆୟୁ ଆଠ ବର୍ଷ ବୋଲି କୁହାଯାଏ । ଯଥା 'ଅଷ୍ଟ ବର୍ଷା ଭବେତ୍ ଗୌରୀ' । ତାଙ୍କର ସମସ୍ତ ବସ୍ତ୍ର ଓ ଆଭୂଷଣ ଶ୍ୱେତ । ମା' ଚତୁର୍ଭୂଜା ଓ ବୃଷବାହିନୀ । ଯାହାଙ୍କର ଡାହାଣ ପଟ ଉପର ହସ୍ତେର ଅଭୟ ମୁଦ୍ରା ଓ ତଳ ହାତରେ ତ୍ରିଶୂଳ ଏବଂ ବାମ ପଟ ଉପର ହାତରେ ଡମ୍ବୁରୁ ଓ ତଳ ହାତରେ ବରମୁଦ୍ରା ଶୋଭାପାଏ । ତାଙ୍କର ମୁଦ୍ରା ଅତ୍ୟନ୍ତ ଶାନ୍ତ ।

ମାତାଙ୍କର ନବମ ଶକ୍ତିଙ୍କର ନାମ ହେଉଛି - ସିଦ୍ଧିଦାତ୍ରୀ ।

ସିଦ୍ଧଗନ୍ଧର୍ବଯକ୍ଷାଦ୍ୟୈରସୁରୈରମରୈରପି ।

ସେବ୍ୟମାନା ସଦା ଭୂୟାତ୍ ସିଦ୍ଧିଦା ସିଦ୍ଧିଦାୟିନୀ । ।୯ । ।

ସେ ଚତୁର୍ଭୁଜା, ସିଂହବାହିନୀ, ପଦ୍ମାସନୀ । ସେ ଡାହାଣ ହସ୍ତରେ ଗଦା, ତଳ ହସ୍ତେ ଚକ୍ର, ବାମହସ୍ତର ଉପର ହସ୍ତରେ ପଦ୍ମ ଏବଂ ତଳ ହସ୍ତରେ ଶଙ୍ଖ ଧରିଥାନ୍ତି ।

ପ୍ରଥମ ରାତ୍ରିଠାରୁ ଆରମ୍ଭ କରି ଯଦି ନବରାତ୍ରି ପର୍ଯ୍ୟନ୍ତ ମା'ଙ୍କର ବିଧିପୂର୍ବକ ଉପାସନା କରାଯାଏ ତେବେ ମା'ଙ୍କର କରୁଣା ପ୍ରାପ୍ତ ହୋଇପାରିବ ।

ଶୋଧଛାତ୍ର, ସଂସ୍କୃତ ବିଭାଗ
ସଂସ୍କୃତବିଭାଗ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
ଦ୍ୱିତୀୟ ପରିସର କେନ୍ଦୁଝର, ଓଡିଶା
ଭ୍ରାମ୍ୟଭାଷ : ୯୫୮୩୫୪୯୨୮
ଇମେଲ୍ : mahana.pankaj@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ ଆଦ୍ୟାଶକ୍ତିଙ୍କ ଆରାଧନା



ସ୍ୱପ୍ନାରାଣୀ ଗୁମାନସିଂହ

ଭାରତୀୟ ଧର୍ମ ପରମ୍ପରାରେ ମହାଶକ୍ତି ମା'ଦୁର୍ଗାଙ୍କର ଉପାସନା ଅତି ପ୍ରାଚୀନ । ମହାଶକ୍ତିଙ୍କର ବିବିଧ କର୍ମ ମଧ୍ୟରେ ଜଗତ ସୃଷ୍ଟି ଅନ୍ୟତମ । ଅବଶ୍ୟ ବେଦାନ୍ତରେ ବ୍ରହ୍ମଙ୍କୁ ଜଗତର କାରଣ ବୋଲି ବ୍ୟକ୍ତ କରାଯାଇଛି । କିନ୍ତୁ ନିଷ୍କ୍ରିୟ ବ୍ରହ୍ମ କୌଣସି ଶକ୍ତିଙ୍କର ସହଯୋଗ ବିନା ଜଗତ ସୃଷ୍ଟି କରିବାରେ ଅସମର୍ଥ । ଶ୍ରୀଠାକୁର ରାମକୃଷ୍ଣ ପରମହଂସ କହିଥିଲେ, "ବେଦରେ ଯାହାକୁ ବ୍ରହ୍ମ କୁହାଯାଇଛି, ତାଙ୍କୁ ମୁଁ ମା' ବୋଲି ଡାକୁଛି । ଯେ ନିର୍ଗୁଣ, ସେ ହିଁ ସଗୁଣ, ଯେ ବ୍ରହ୍ମ, ସେ ଶକ୍ତି । ଯେତେବେଳେ ନିଷ୍କ୍ରିୟ ବୋଲି ବୋଧ ହୁଅନ୍ତି, ସେତେବେଳେ ମୁଁ ତାଙ୍କୁ ବ୍ରହ୍ମ କହେ । ଯେତେବେଳେ ଭାବେ ସୃଷ୍ଟି, ସ୍ଥିତି, ପ୍ରଳୟ କରନ୍ତି ସେତେବେଳେ ତାଙ୍କୁ ଆଦ୍ୟାଶକ୍ତି କହେ, କାଳୀ କହେ ।" ତେଣୁ ବ୍ରହ୍ମ ଓ ଶକ୍ତି ଅଭେଦ । ଗୋଟିକୁ ମାନିଲେ ଆଉ ଗୋଟିକୁ ମାନିବାକୁ ହୁଏ । ଯେପରି ସୂର୍ଯ୍ୟଙ୍କୁ ବାଦ ଦେଇ ସୂର୍ଯ୍ୟଙ୍କର ରଶ୍ମି ଭାବି ହୁଏନାହିଁ ଓ ସୂର୍ଯ୍ୟଙ୍କର ରଶ୍ମିକୁ ଛାଡ଼ି ସୂର୍ଯ୍ୟଙ୍କୁ ମଧ୍ୟ ଭାବି ହୁଏନାହିଁ । ତେଣୁ ବ୍ରହ୍ମକୁ ଛାଡ଼ି ଶକ୍ତିକୁ ବା ଶକ୍ତିକୁ ଛାଡ଼ି ବ୍ରହ୍ମଙ୍କୁ ଭାବି ହୁଏନାହିଁ । ନିତ୍ୟକୁ ଛାଡ଼ି ଲୀଳା ଆଉ ଲୀଳାକୁ ଛାଡ଼ି ନିତ୍ୟ ବି ଭାବି ହୁଏ ନାହିଁ ।

ଏଣୁ ଶିବ ଓ ଶକ୍ତି ନିତ୍ୟ ମିଳିତ ହୋଇ(ଅର୍ଦ୍ଧନାରୀଶ୍ୱର) ଜଗତର ସୃଷ୍ଟି, ସ୍ଥିତି ଓ ଲୟର କାର୍ଯ୍ୟ କରନ୍ତି । ଏହା ହିଁ ବ୍ରହ୍ମ- ଏହା ହିଁ ଶକ୍ତି- ଏହା ହିଁ ମାତୃଭାବ । ବ୍ରହ୍ମ ଆଉ ଶକ୍ତି ଅବିଚ୍ଛିନ୍ନ, ଯେମିତି ଅଗ୍ନି ଆଉ ଦାହିକା ଶକ୍ତି । ଅଗ୍ନି କହିଲେ ଦାହିକା ଶକ୍ତିକୁ ବୁଝାଯାଏ, ଦାହିକା ଶକ୍ତି କହିଲେ ଅଗ୍ନିକୁ ବୁଝାଯାଏ । ଯାହା କିଛି ଦେଖୁଛ ସବୁ ପୁରୁଷ ଓ ପ୍ରକୃତିର ଯୋଗ । ଶିବ-

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଳୀଙ୍କର ମୂର୍ତ୍ତି ! ଶିବଙ୍କ ଉପରେ କାଳୀ ଛିଡ଼ା ହୋଇଛନ୍ତି । ଶିବ ଶବ ହୋଇ ପଡ଼ି ରହିଛନ୍ତି । କାଳୀ ଶିବଙ୍କ ଆଡ଼େ ଚାହିଁ ରହିଛନ୍ତି । ଏସବୁ ପୁରୁଷ-ପ୍ରକୃତିର ଯୋଗ । ପୁରୁଷ ସହିତ ପ୍ରକୃତି ସମସ୍ତ କାର୍ଯ୍ୟ କରୁଛନ୍ତି । ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିର ମାନେ ହିଁ ତାହା ।

ଏହି ଜଗତ ଜଗଦମ୍ବାଙ୍କ ଦ୍ୱାରା ଆଚ୍ଛାଦିତ, "ଈଶାବାସ୍ୟମ୍‌ମିଦଂ ସର୍ବମ୍"- ଏହାର ଅର୍ଥ ହେଲା ମାଆ ଯେପରି ଭ୍ରୁଣକୁ ଉଦରାଭ୍ୟନ୍ତରରେ ରକ୍ଷା କରନ୍ତି ସେହିପରି ପରମେଶ୍ୱରୀ ମା'ଦୁର୍ଗା ଏହି ନିଖିଳ ଜଗତକୁ ଆଚ୍ଛାଦନ କରି ରଖିଅଛନ୍ତି । (ଈଶାବାସ୍ୟୋପନିଷଦର ଶକ୍ତି ଭାଷ୍ୟାନୁସାରେ)

ଆଶ୍ୱିନ ଆକାଶ ସଂପୂର୍ଣ୍ଣ ମେଘମୁକ୍ତ ହୋଇନାହିଁ । ଆକାଶରେ ଠାଏ ଠାଏ ଭାସମାନ ବାଦଲର ଭେଳା ଅଙ୍କିତ ଚିତ୍ରର ଭ୍ରମ ସୃଷ୍ଟି କରୁଛି । ତୃପ୍ତି ଓ ସନ୍ତୋଷର ଆଶିଷ ବହନ କରି ବେଳେ ବେଳେ ଧରା ପୃଷ୍ଠରେ ଝରି ପଡ଼ୁଛି କ୍ଷୀଣ ବାରିଧାରା । କଇଁ, କୁମୁଦ, କନିଅର, କାଶତଣ୍ଡୀ, ମଧୁମାଳତୀ, ଚମ୍ପା, ଟଗର ଆଉ ନାନା ଜାତି ମନ୍ଦାର ଫୁଲରେ ଧରଣୀର ଗଭା ସୁଶୋଭିତା । ଏଇତ ଶୁଭ ମୁହୂର୍ତ୍ତ, ଏଇତ ପୂଣ୍ୟବେଳା ।  ଆସ୍ଥା ଓ ବିଶ୍ୱାସର ଦେବୀ ମା' ଦୁର୍ଗାଙ୍କ ଆଗମନ ପାଇଁ ଶରତ କାଳର ପ୍ରକୃତି ଆଜି ଉତ୍କଣ୍ଠିତା । ସମସ୍ତଙ୍କ ମନରେ ଭରିଯାଉଛି ନୂତନ ଉନ୍ମାଦନା, ଉତ୍କଣ୍ଠା ଓ ଉତ୍ସାହ । ମା' ଆସୁଛନ୍ତି ପୃଥିବୀ ପୃଷ୍ଠକୁ ତାଙ୍କର ସନ୍ତାନମାନଙ୍କ ପାଖକୁ । କେଡ଼େ ଆନନ୍ଦ ସତେ ! ଭାରତୀୟ ପରମ୍ପରାରେ ଦଶହରା ବା ବିଜୟା ଦଶମୀ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି । ଜଗତ୍‌ଜନନୀ ଦୁର୍ଗାଙ୍କର ପୂଜା ହିଁ ଦଶହରାର ବୈଶିଷ୍ଟ୍ୟ । ପୁରାଣକାର ତଥା ଶାସ୍ତ୍ରକାର ପଣ୍ଡିତମାନେ ଦୁର୍ଗାଙ୍କୁ ଭିନ୍ନ ଭିନ୍ନ ରୂପରେ ଆରାଧନା ପୂର୍ବକ ବର୍ଣ୍ଣନା କରିଛନ୍ତି । ଦେବୀଦୁର୍ଗାଙ୍କୁ ଦୁର୍ଗତିନାଶିନୀ, ଶକ୍ତିସ୍ୱରୂପିଣୀ, ବିଦ୍ୟାଦାୟିନୀ, ଜ୍ଞାନ ପ୍ରଦାୟିନୀ, ମାତୃରୂପିଣୀ ମମତାର ଉତ୍ସ ରୂପରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ଣ୍ଣନା କରାଯାଇଛି । ତେଣୁ ଦେବୀ ଦୁର୍ଗାଙ୍କୁ ଆରାଧନା କରିବାକୁ ଯାଇ ଭାବବିହ୍ୱଳରେ ଭକ୍ତମାନେ ଗାଇ ଉଠନ୍ତି;

"ଯାଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା"

"ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା"

"ଯା ଦେବୀ ସର୍ବ ଭୁତେଷୁ ବିଦ୍ୟା ରୂପେଣ ସଂସ୍ଥିତା ।"

ଶରତକାଳୀନ ନିର୍ମଳାକାଶ । ଧରାପୃଷ୍ଠ ସବୁଜିମାରେ ପରିପୂର୍ଣ୍ଣ । ପ୍ରକୃତି ଉଲ୍ଲସିତ ଆଉ ଚଳଚଞ୍ଚଳ । ବସ୍ତୁତଃ ସଂସାରରେ ଯେକୌଣସି ଅପୂର୍ଣ୍ଣ ବସ୍ତୁର ସ୍ୱରୂପ ଓ ସ୍ୱଭାବ ହେଲା ବିଶାଳ ଶତଦଳ ପ୍ରାୟ ପରିପୂର୍ଣ୍ଣ ଓ ପରିପୁଷ୍ଟ ହେବା । ବିନ୍ଦୁଟିଏ ଅଜସ୍ର ବିନ୍ଦୁ ସହିତ ମିଶି ସିନ୍ଧୁରେ ପରିଣତ ହେବା । କ୍ଷୁଦ୍ର ଝରଣାର କ୍ଷୀଣ ଜଳଧାରାଟିଏ ପର୍ବତ ଶିଖରରୁ ବାହାରି ଦେଶ ଦେଶାନ୍ତରରେ ପ୍ରବାହିତ ହୁଏ । କ୍ରମଶଃ ସ୍ଫୀତକାୟ ହୋଇ, ବିଶାଳ ଓ ବିରାଟ ରୂପ ଧାରଣ କରି ସମୁଦ୍ରରେ ମିଶିଯାଇଥାଏ । ଏଥିପାଇଁ ସେ କମ୍ ବାଧାବିଘ୍ନର ସମ୍ମୁଖୀନ ହୋଇ ନଥାଏ ।

ସଂସାରର ଯାବତୀୟ ଉତ୍ତରଣ ପାଇଁ ଏମାନେ ସମସ୍ତେ ଏହିପରି ଶକ୍ତିର ଆରାଧନା କରି ଚାଲିଛନ୍ତି । ଏହା ହିଁ ସାଧନା, ତାହାର ସ୍ୱରୂପ ହେଲା କ୍ଷୁଦ୍ରରୁ ବୃହତ, ଅପୂର୍ଣ୍ଣରୁ ପୂର୍ଣ୍ଣ, ଅଶୁଦ୍ଧରୁ ଶୁଦ୍ଧ, ନିରାନନ୍ଦରୁ ଆନନ୍ଦ ପ୍ରତି ଅଗ୍ରସର ହେବା ।  ଉପସ୍ଥିତ ହେବା ଏବଂ ଉନ୍ନୀତ ହେବାର ନିଶ୍ଚିତ ପ୍ରେରଣା ।

ଦଶହରା ପୂଜା ପାର୍ବଣରେ ମାତୃଶକ୍ତିର ଆବାହନ କରାଯାଇଥାଏ । ମା'ଦୁର୍ଗା ଦୁର୍ଗତିନାଶିନୀ ସଙ୍କଟ ସମୟରେ ସ୍ମରଣ ମାତ୍ରେ ପ୍ରାଣୀର ଭୟ ନାଶ କରନ୍ତି । 'ଦୁର୍ଗା' ଶବ୍ଦର ଅର୍ଥ ଯେ ଦୁଃଖ, ଦାରିଦ୍ର୍ୟ ଦୁର୍ନୀତି ଓ ଦୁର୍ଜ୍ଜନର ତ୍ରାଣ କରିପାରନ୍ତି । ସେ ଇଚ୍ଛାଶକ୍ତି, ଜ୍ଞାନଶକ୍ତି,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଓ କ୍ରିୟାଶକ୍ତିର ଆଧାର । ସେ ଜଗଦମ୍ବା, ଯୋଗେଶ୍ୱରୀ ଓ ଯୋଗମାୟା । ସୃଷ୍ଟିର କୋଣ ଅନୁକୋଣରେ ମା'ଙ୍କର ଉପସ୍ଥିତି ଅନୁଭୂତ ହୋଇଥାଏ । ଏ ବିଶ୍ୱବ୍ରହ୍ମାଣ୍ଡ ହେଉଛି ତାଙ୍କରି ଚିନ୍ମୟ ମୂର୍ତ୍ତି । ସମସ୍ତ ରୂପ ରଙ୍ଗ ବାସ୍ନା ମା ଆଦି ଶକ୍ତିଙ୍କ ଠାରୁ ହିଁ ଉତ୍ପନ୍ନ । ଯେଉଁ ଶକ୍ତି ସାହାଯ୍ୟରେ ସଂସାରରେ ବିକାଶର କ୍ରିୟା ସାଧିତ ହୁଏ, ସେ ଶକ୍ତି ବ୍ରହ୍ମଶକ୍ତି । ବ୍ରହ୍ମଶକ୍ତିକୁ ଶାସ୍ତ୍ରରେ ଆଦ୍ୟାଶକ୍ତି, ମହାମାୟା ପ୍ରକୃତି ଇତ୍ୟାଦି ନାମରେ ଅଭିହିତ କରାଯାଇଛି । ଶକ୍ତି ସମନ୍ୱିତ ବ୍ରହ୍ମକୁ ଆମେ ଈଶ୍ୱର ବା ଭଗବାନ ବୋଲି କହୁ । ଯେଉଁଠି ଐଶ୍ୱର୍ଯ୍ୟ ଅଛି, ବିଭୂତି ଅଛି, ତାହା ବ୍ରହ୍ମ ହୋଇପାରେନା । ଆଚାର୍ଯ୍ୟ ଶଙ୍କର ଏହି ତତ୍ତ୍ୱଟିକୁ ତାଙ୍କର ସୌନ୍ଦର୍ଯ୍ୟ ଲହରୀରେ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି;

ଶିବଃ ଶକ୍ତ୍ୟା ଯୁକ୍ତ ଯଦି  
ଭବତି ଶକ୍ତଃ ପ୍ରଭବିତୁଂ ।  
ନଚେତ୍ ଏବଂ ଦେବୋ ନ ଖଳୁ  
କୁଶଳଃ ସ୍ପନ୍ଦିତୁମପି ।।

ଶିବ ଅର୍ଥାତ୍ ନିର୍ଗୁଣ ବ୍ରହ୍ମ ଯଦି ଶକ୍ତିର ସଙ୍ଗେ ଯୁକ୍ତ ହୁଏ, ତେବେ ଏହି ସୃଷ୍ଟି ଲୀଳା ସମ୍ଭବ ହୋଇପାରିବ ନଚେତ୍ ସେଥିରେ ସାମାନ୍ୟ ସ୍ପନ୍ଦନ ବି ହେବା ସମ୍ଭବପର ନୁହେଁ ।

ବାସ୍ତବରେ ଶକ୍ତି ହିଁ ପ୍ରକୃତି । ପ୍ରକୃତି କହିଲେ ସଚରାଚର ଦୃଶ୍ୟମାନ ଶୋଭାବର୍ଦ୍ଧକ ସୁଷମାଯୁକ୍ତ ପ୍ରକୃତି ବୋଲି ବୁଝୁ । ଯେପରିକି ନଦ, ନଦୀ, ଶୈଳ, ସିନ୍ଧୁ, ବନ, ଉପବନ ଇତ୍ୟାଦି । ଏହା ଜଗତର ବାହ୍ୟିକ ଏକ ଆବରଣ । ମାନବ ପ୍ରାଣରେ ରସବୋଧ ଜାଗ୍ରତ କରିବା ପାଇଁ ଏକ ମାୟାର ବିସ୍ତାର ଏଥିରେ ଲୀଳାୟିତ । ଯେଉଁ ପ୍ରକୃତିଯୁକ୍ତ ହେଲେ ବ୍ରହ୍ମ ଈଶ୍ୱର ହୋଇଯାନ୍ତି ସେ ପ୍ରକୃତି ଏହା ନୁହେଁ । ଈଶ୍ୱରଙ୍କର ଏହି ଶକ୍ତିର ପୁଣି ଦୁଇ ରୂପ ଅଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରା ପ୍ରକୃତି ଓ ଅପରା ପ୍ରକୃତି । ପରା ପ୍ରକୃତି ଏବଂ ଅପରା ପ୍ରକୃତି ପରସ୍ପରର ପରିପୂରକ । ପରା ପ୍ରକୃତି ସହାୟରେ ଈଶ୍ୱର ସକଳ ଜୀବର ଅନ୍ତରସ୍ଥିତ ଜ୍ଞାତା, ସାକ୍ଷୀ, ଚୈତନ୍ୟ ରୂପରେ ପ୍ରକାଶିତ ଏବଂ ଅପରା ପ୍ରକୃତିର ସାହାଯ୍ୟରେ ସେ ଅନନ୍ତ କ୍ରିୟାଶକ୍ତି ରୂପରେ ବ୍ୟକ୍ତ । ଗୋଟିଏ କଥାରେ କହିଲେ - ଏହି ଜଗତ ବ୍ରହ୍ମର କ୍ରିୟାଶକ୍ତିର ହିଁ ବିକାଶ ।

ଏହି ତତ୍ତ୍ୱର ପ୍ରତୀକ ଶିବ ଓ ଶକ୍ତି । ଏକ ଓ ଅଭିନ୍ନ ହୋଇ ମଧ୍ୟ ଯେପରି ଦୁଇ, ପରସ୍ପର ଓ ପରସ୍ପରର ପରିପୂରକ । ଶିବ ପ୍ରକୃତିର ସାକ୍ଷୀ, ଦ୍ରଷ୍ଟା ଏବଂ ଆଶ୍ରୟ ଓ ଶକ୍ତି ସଦାକ୍ରିୟାନିରତା । ଶକ୍ତିକୁ ବାଦ ଦେଇ ଶକ୍ତିମାନର ଚିନ୍ତା ଅସମ୍ଭବ । ଶ୍ରବଣ, ମନନ ଓ ଦୃଷ୍ଟିପଥ ଦେଇ ଆମ ଚେତନାରେ ଶକ୍ତି କାର୍ଯ୍ୟ କରିଚାଲିଛି । ଶକ୍ତି ଯେତେବେଳେ ଶକ୍ତିମାନରେ ଲୀନ ଥାଏ, ଯେମିତି ମଞ୍ଜିଟି ଭିତରେ ପତ୍ର, ଫୁଲ, ଫଳ ମଣ୍ଡିତ ବିଶାଳ ବୃକ୍ଷ ଲୁଚି ରହିଥାଏ, ସେତେବେଳେ ସୃଷ୍ଟି ନଥାଏ । ଯେତେବେଳେ ଚୈତନ୍ୟ ଈଶ୍ୱରଙ୍କର ଇଚ୍ଛାରେ ତାହାର ସତ୍ତ୍ୱଃ, ରଜଃ, ତମଃ ଗୁଣାତ୍ମିକା ପ୍ରକୃତିରେ ଚଞ୍ଚଳତା ଆସେ, ସେତେବେଳେ ତ୍ରିଗୁଣର ଅଳ୍ପ ବହୁତ ତାରତାମ୍ୟ ସୂତ୍ରରେ ଅସଂଖ୍ୟ ନାମ ରୂପରେ ଉତ୍ପତ୍ତି ହୋଇଥାଏ । ଏହାକୁ କୁହାଯାଏ ଈଶ୍ୱରଙ୍କର ସୃଷ୍ଟିଲୀଳା । ଶିବଶକ୍ତିର ମେଳଣ । ଶିବ ତ ଏକାଗ୍ର ଭାବରେ ଧ୍ୟାନମଗ୍ନ, ଶାନ୍ତ ନିସ୍ପନ୍ଦ ଭାବରେ ବିରାଜମାନ । କିନ୍ତୁ ଏ ଭାବକୁ ମନ୍ଦ୍ରିତ ନ କଲେ, ଚଞ୍ଚଳ ନକଲେ, ଅବତାରରେ ନାରାୟଣ-ଲକ୍ଷ୍ମୀ, ରାମ-ସୀତା, କୃଷ୍ଣ-ରାଧା ସାଧାରଣରେ ପୁରୁଷ ସ୍ତ୍ରୀ ଯେଉଁ ଲୀଳା ରଚିତ ହୋଇଛି ତାହା ସମ୍ଭବ ହୋଇ ନଥାନ୍ତା । ଯୁଗେ ଯୁଗେ ଶ୍ରୀ ଭଗବାନଙ୍କର ନରଦେହେ ଅବତୀର୍ଣ୍ଣ ହେବାର ପଶ୍ଚାତରେ ଏହି ସତ୍ୟ ବାରମ୍ବାର ସମର୍ଥିତ ହୋଇଛି । ଏଠି ଏକ ପ୍ରଶ୍ନ ହେଉଛି କେଉଁ ଭାବରେ ଭଗବାନଙ୍କୁ ଦେଖିବା ? କିପରି ଭାବରେ ପାଇବା ? ନିର୍ଗୁଣ ବ୍ରହ୍ମ ସମସ୍ତଙ୍କର ଉପାସ୍ୟ ହୋଇପାରେନା । ଭାରତବର୍ଷରେ ସାଧାରଣତଃ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଞ୍ଚଭାବର ଉଲ୍ଲେଖ କରାଯାଇଛି । ଯଥା ରାଜା-ପ୍ରଜା, ପିତା-ପୁତ୍ର, ମାତା-ପୁତ୍ର, ପତି-ପତ୍ନୀ, ସଖା-ସଖା ଅଥବା ସଖା-ସଖୀ ।

ସବୁ ଭାବର ଊର୍ଦ୍ଧ୍ୱରେ ଯେ ପୂର୍ଣ୍ଣତମ ପ୍ରତୀକ ସେ ହେଉଛନ୍ତି ଆମର ମା' । ଯିଏ ଆମଠାରୁ ଉଚ୍ଚରେ ଅଧିଷ୍ଠିତ, ଅଥଚ ଇଚ୍ଛା କରିବାମାତ୍ରେ ଅନାୟାସରେ ଆମର ସ୍ଥିତି ସ୍ତରକୁ ଅବତରଣ କରି ଆସିପାରିବେ, ଯେ ଆମକୁ ସ୍ନେହ ଶ୍ରଦ୍ଧାରେ ପାଳନ କରିପାରିବେ, ପୁଣି ଶାସନ କରିବେ ନ୍ୟାୟ ଧର୍ମାନୁସାରେ ଚରମ ଦୃଢ଼ତାର ସହିତ ଯେ ଆମର ଅତି ନିକଟତମ, ପରିହାସ ପ୍ରିୟ, ଲଘୁରସର ସଂଚାରକ, ଯିଏ ଉଭୟ କଠୋର ଓ କୋମଳ ପାଖାପାଖି ସମନ୍ୱିତ ଭାବରେ ଯିଏ ଅପୂର୍ବା । ମାଆର ଭିତରେ ସମ୍ମିଳିତ ହୋଇଛି ଆମର ଅନ୍ତରସ୍ଥ ଭୀଷଣ ରୀପୁକୁଳ- କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟକୁ ଜୟ କରିବାର ଉପଯୋଗୀ ସେଇ ଅମୋଘ ଛଅଟି ଅସ୍ତ୍ର- ସାମ୍ୟ, ଐକ୍ୟ, ପ୍ରୀତି, ମୈତ୍ରୀ, ସେବା ଓ ତ୍ୟାଗ ।

ମାଆଙ୍କର ଶାରଦ ଆଗମନରେ ଚଳଚଞ୍ଚଳ ହୋଇଉଠୁଛି ପୁରପଲ୍ଲୀ, ସହର, ନଗର । ସର୍ବତ୍ର ଏକ ମଙ୍ଗଳମୟ ପରିବେଶ । ଶଙ୍ଖ, ତୁରୀ, ଭେରୀ, ଘଣ୍ଟ, ଘଣ୍ଟିରେ ଚତୁର୍ଦ୍ଦିଗ ମୁଖରିତ ହୋଇଉଠୁଛି । ମାଆ ସକଳ ଦେବଗଣଙ୍କ ଶକ୍ତିର ଏକୀଭୂତ ରୂପ । ସେ ଶକ୍ତିର ପ୍ରତୀକ ସିଂହ ପୃଷ୍ଠରେ ଉପବେଶନ କରି ଧରାପୃଷ୍ଠକୁ ଅବତରଣ କରନ୍ତି । ଦୁଷ୍କୃତି ବିନାଶ କରି ସଜ୍ଜନ ପାଳନ କରନ୍ତି । ସକଳ ବିଶ୍ୱଜଗତକୁ ନିଜର ପଣତକାନିରେ ଢାଙ୍କି ରଖି ସମସ୍ତଙ୍କୁ ଅଭୟ ପ୍ରଦାନ କରୁଥିବା ଏହି ଦେବୀ ମା'ଙ୍କ ଆଗମନକୁ ସଭିଙ୍କ ଅପେକ୍ଷା ।

ଭଗବାନ ଶ୍ରୀ ରାମଚନ୍ଦ୍ର ତ୍ରେତୟା ଯୁଗରେ ଶକ୍ତି ପୂଜା କରି ପ୍ରବଳ ପ୍ରତାପୀ ରାବଣକୁ ବିନାଶ କରିଥିଲେ । ଦ୍ୱାପର ଯୁଗରେ କୃଷ୍ଣଙ୍କୁ ପାଇବା ପାଇଁ ଗୋପୀମାନେ ଏହି ଉପାସନାରେ ମଗ୍ନ ଥିଲେ । କୁରୁକ୍ଷେତ୍ର ଯୁଦ୍ଧରେ ବିଜୟଲାଭ ପାଇଁ ଅର୍ଜ୍ଜୁନ ମଧ୍ୟ ଶ୍ରୀ ଦୁର୍ଗାଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରାଧନା କରିଥିଲେ । ସତ୍ୟ ଯୁଗରେ ମହିଷାସୁରର ଉପଦ୍ରବ, ଉତ୍ପୀଡ଼ନରୁ ରକ୍ଷା କରିବାପାଇଁ ଶକ୍ତିମୟୀ ମା ଦୁର୍ଗା ଆର୍ବିଭୂତା ହୋଇଥିଲେ । ଯେଉଁ ଶକ୍ତିର ଆରାଧନାରେ ସୁରାସୁର ସମସ୍ତେ ସଫଳ ହୋଇଥାନ୍ତି, ସେଇ ଦେବୀଙ୍କ ଉପାସନାକୁ ସମସ୍ତେ ଶ୍ରଦ୍ଧା ଓ ଭକ୍ତିର ସହିତ କରିଥାଆନ୍ତି । ସେଥିପାଇଁ ତ ଗଗନ ପବନରେ ଭାସି ଆସୁଛି ମାତୃ ଆବାହନୀ:

‘ଦୁର୍ଗେ ଦେହୀ କୃପା କଟାକ୍ଷ କଣୀକାଂ ସଂଜୀବନୀଂ ମାନବେ
ପିୟୂଷଂ ନରଜୀବନେ ଭବତୁ ତତ ଜ୍ୟୋତିର୍ଯଥା ଭାନବେ ।’

ପୁଣ୍ୟଭୂମି ଭାରତବର୍ଷରେ ପଞ୍ଚମାତା ଏକତ୍ର ପୂଜିତ ହୁଅନ୍ତି । ଯଥା- ବିଶ୍ୱଜନନୀ, ଗୃହଜନନୀ, ଦେଶଜନନୀ, ଭାଷାଜନନୀ, ଓ ସଂସ୍କୃତଜନନୀ । ଏହି ସାମ୍ୟ, ଐକ୍ୟ, ପ୍ରୀତି, ମୈତ୍ରୀ, ସେବା, ତ୍ୟାଗର ଜ୍ୱଳନ୍ତ ପ୍ରତିମା ଏହି ‘ମାଆ’ ।

ଆଜି ସମୟ ଉପନୀତ । ଏହି ପବିତ୍ର ପାର୍ବଣରେ ଆମେ ଆତ୍ମ ନିରୀକ୍ଷଣ କରିବା, ଆତ୍ମା ସଂଶୋଧନ କରିବା । ଆମ ଭିତରେ ଭରି ରହିଥିବା ସକଳ ଦୁଷ୍ଟ ପ୍ରବୃତ୍ତିକୁ ନିଧନ କରି ଏକ ସଦ୍ଭାବନାରେ ନିଜକୁ ବିଭୂଷିତ କରି ମା’ଙ୍କ ପାଦପଦ୍ମରେ ପ୍ରାର୍ଥନା କରିବା । ଆମେ ଯାହା ଉଚିତ ବୋଲି ବିଚାର କରୁଛୁ, ବର୍ତ୍ତମାନ ପାଇଁ ପ୍ରୟୋଜନ ବୋଲି ମନେ କରୁଛୁ ସେସବୁକୁ ବୁଝି ବିଚାରି, ବିବେକ ଓ ବୁଦ୍ଧିର ଉପଯୁକ୍ତ ବ୍ୟବହାର କରି ଯତ୍ନର ସହିତ ସେ ଦିଗରେ ଆଗେଇ ଚାଲିଲେ ସଂସାରର ଆବର୍ଜନା ଆମ ଭିତରେ ପ୍ରବେଶ କରିପାରିବ ନାହିଁ । ଆମ ଭିତରେ ଲୁଚି ରହିଥିବା ମହିଷାସୁରର ଅନ୍ତ ଘଟିବ । ଆମର ପ୍ରତ୍ୟେକ ପୂଜା ପାର୍ବଣର ପ୍ରକୃତ ଉଦ୍ଦେଶ୍ୟ ସମୂହ କଲ୍ୟାଣ ସାଧନରେ ଆଧ୍ୟାତ୍ମିକ ଜାଗରଣ ସମ୍ଭବ ହେବ । ଶାନ୍ତିପୂର୍ଣ୍ଣ, ସୌହାର୍ଦ୍ଦପୂର୍ଣ୍ଣ ସହବସ୍ଥାନ ନିମନ୍ତେ ପଥ ପରିଷ୍କାର ହୋଇପାରିବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଜୀବନ ଯାତ୍ରାର ଗତି ଅତି ଦ୍ରୁତ । ପରିବର୍ତ୍ତନଶୀଳ ସଭ୍ୟତା ମଧ୍ୟରେ ଆମର ସଂସ୍କୃତି ରୁଦ୍ଧି ହୋଇଯାଇଛି । ପଦ-ପଦବୀ, କ୍ଷମତା, ବୃଥା ଅହଙ୍କାର, ଗର୍ବ, ଅଭିମାନ, ପରଶ୍ରୀକାତରତା, ପ୍ରଭୁତ୍ୱ ମଣିଷକୁ ଅନ୍ଧ କରିଦେଇଛି । ମଣିଷ ମଣିଷ ଭିତରେ ଗଢ଼ି ଉଠିଛି ଭେଦଭାବର ଅସଂଖ୍ୟ ପାଚେରୀ । ଅର୍ଥ ପ୍ରତିପତି ପାଖରେ ସାରସତ୍ୱ ସାଧନା, ସେବା, ପ୍ରେମ, ଭକ୍ତି, ଦୟା, କରୁଣା, ଆଧ୍ୟାତ୍ମିକ ଚିନ୍ତା ଚେତନା ସଂକୁଚିତ ହୋଇଯାଉଛି । ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ମା'ଦୟାମୟୀ, କରୁଣାମୟୀ ଜଗଜ୍ଜନନୀଙ୍କର ଆଶୀର୍ବାଦ, କରୁଣା ପ୍ରତ୍ୟେକ ମଣିଷ ପାଖରେ ପହଞ୍ଚିବା ଜରୁରୀ ହୋଇପଡ଼ିଛି ।

ହେ ଜଗନ୍ମାତା ଶୁଭଦର୍ଶିନୀ ଦୁର୍ଗେ, ତୁମେ ଆମର ଚେତନାକୁ ଜାଗ୍ରତ କର, ଆମର ଚିନ୍ତା ଉଦାର ହେଉ । ଆମର ସର୍ବବିଧ ମୋହଗ୍ରସ୍ତ ବନ୍ଧନକୁ ଛିନ୍ନ କର । ଆମ ଜୀବନକୁ ଆନନ୍ଦମୟ କର । ତୁମରି ଦିବ୍ୟ ପ୍ରଭାବରେ ଏ ବିଶ୍ୱ ପରିବେଶ ପବିତ୍ର ହୋଇଉଠୁ । ତୁମର ଏ ଆଗମନ ଆମ ସମସ୍ତଙ୍କ ପାଇଁ ଶାନ୍ତି, ପ୍ରୀତି ଓ ସଂହତିର ବାର୍ତ୍ତା ବହିଆଣୁ । ଏ ପୃଥିବୀ ଆହୁରି ସରସ, ସୁନ୍ଦର, ମଧୁମୟ ହୋଇଉଠୁ ।

ମୋ- ୯୪୩୯୦୫୧୧୦୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗରୁଡ଼ପୁରାଣ ମହାତ୍ମ୍ୟ



ମହେନ୍ଦ୍ର ପ୍ରତାପ ସ୍ୱାଇଁ

ଶ୍ରୀକୃଷ୍ଣ ପୋଖରୀ ପାଖରେ ବସିଥିଲେ ହଠାତ୍ ଏକ ହରିଣ ଛୁଆ ଦୌଡ଼ି ଆସି ଶ୍ରୀକୃଷ୍ଣଙ୍କ ପଛରେ ଲୁଚିଗଲା । ହରିଣକୁ ଦେଖି ସମ୍ମୁଖକୁ ଆଣି ତା ମସ୍ତକ ଆଉଁସି ଦେଲେ, ଆଉ ପଚାରିଲେ, "ତୁ କାହିଁକି ଭୟରେ ଅଛୁ ?" ହରିଣ ଛୁଆଟି କିଛି କହିବା ପୂର୍ବରୁ ସେଠାରେ ଶିକାରୀଟିଏ ଦୌଡ଼ି ଦୌଡ଼ି ଆସି ପହଞ୍ଚିଲା ।

ଶିକାରୀ - (ଧଇଁସଇଁ ହୋଇ କହିଛି) ସେଇଟା ମୋର ଶିକାର, ମୋତେ ଦେଇଦିଅ, ତା ଉପରେ ମୋର ଅଧିକାର ଅଛି ।

ଶ୍ରୀକୃଷ୍ଣ - କୌଣସି ଜୀବର ଜୀବନ ଉପରେ କେବଳ ସେହି ଜୀବର ଅଧିକାର ଅଛି; ଅନ୍ୟ କାହାର ନୁହଁ ।

ଶିକାରୀ - (ଖୁବ୍ ଜୋରରେ ଆଖି ଲାଲ୍ ଲାଲ୍ କରି ରାଗିଯାଇ କହିଲା) ଏଇଟା ମୋ ଶିକାର, ଏହାକୁ ମୁଁ ରାନ୍ଧିକି ଖାଇବି ।

ଶ୍ରୀକୃଷ୍ଣ - "କୌଣସି ଜୀବକୁ ମାରିକି ଖାଇବା ପାପ ଶ୍ରେଣୀ ଅନ୍ତର୍ଭୂକ୍ତ" । ଏହାକୁ ମାରି, କ'ଣ ତୁମେ ପାପର ଭାଗିଦାର ହେବାକୁ ଚାହୁଁଛ ? କ'ଣ ତୁମେ ଧର୍ମକୁ ଜାଣିନ ?

ଶିକାରୀ - ମୁଁ ଆପଣଙ୍କ ଭଳି ପାଠସାଠ ପଢ଼ିନି । ହଁ ! କିନ୍ତୁ ଜୀବକୁ ମାରିକି ଖାଇଲେ ସେଥିରେ କୌଣସି ପାପ ନଥାଏ । ଶିକାର ଦ୍ୱାରା ଜୀବକୁ ତା ଜୀବ ବନ୍ଧନରୁ ମୁକ୍ତି କରିହେବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତେବେ କଣପାଇଁ ମାଂସାହାର କରିବାକୁ ମନା କରାଯାଉଛି ! ଏମିତିରେ ବି ମୁଁ ଏହାକୁ ମାରି ତଳୀୟ ଶ୍ରେଣୀର ଜୀବନରୁ ମୁକ୍ତି ଦେଇ ପୂଣ୍ୟ ପାଇବି । ତେବେ ପ୍ରତିରୋଧର ପ୍ରଶ୍ନ କେଉଁଠି ? ଏହାକୁ ପ୍ରୋତ୍ସାହିତ କରିବା କଥା । ମୋତେ ଯେତିକି ଜଣା ଜୀବହତ୍ୟା ଶାସ୍ତ୍ରରେ ବି ଲେଖାଅଛି, ରାଜାମାନେ ବି ଶିକାର କରୁଥିଲେ ।

(ଏଭଳି ବହୁ ତର୍କ ଦେଇ ମାଂସାହାର, ଜୀବ ଶିକାରକୁ ପୂଣ୍ୟ ବୋଲି ଯଥାର୍ଥ କରିଛି । ଭଗବାନ ଜାଣିପାରିଲେ ତା'ର ବୁଦ୍ଧି ମାଂସ ଆହାର କରି ତାମସିକ ହୋଇଗଲାଣି । ଆଉ ସେ ନିଜର ହିତାହିତ ଜ୍ଞାନ ହରାଇ ବସିଛି, ଭଗବାନ ଭାବିଲେ ।)

ଶ୍ରୀକୃଷ୍ଣ - ଏହି ମୂଲ୍ୟହୀନ କଥା ମୁଁ ଏବେ କିଛି କହିବିନି । ମୁଁ ଗୋଟେ କଥା କହିବାପରେ ତୁମେ ନିଜେ ହିଁ କହିବ ମାଂସ ଖାଇବ ନା ନାହିଁ ।

(ଶିକାରୀ ଭାବିଲା, ଏଥିରେ ମୋର କୌଣସି ଅସୁବିଧା ନାହିଁ, ମୁଁ ଏକଥା ଶୁଣିନେବି ମୋ ମନୋରଞ୍ଜନ ପାଇଁ, ଅତଏବ ଅନ୍ତିମରେ ଏହି ଶିକାରଟି ମୋର ହୋଇଯିବ । ଶ୍ରୀକୃଷ୍ଣ ନିଜର କଥା ଆରମ୍ଭ କଲେ ।)

ଗୋଟିଏ ସମୟରେ ମଗଧରେ ଖାଦ୍ୟ ସଂକଟ ପଡ଼ିଥିଲା ଓ ଅନ୍ନ ଉତ୍ପାଦନ କମ ହୋଇଥିଲା । ରାଜା ଓ ଅନ୍ୟ ମନ୍ତ୍ରୀମାନେ ଏହି ବିଷୟରେ ବହୁ ଚିନ୍ତିତ ଥିଲେ । ରାଜା ଭାବିଲେ ଯଦି ଖାଦ୍ୟ ସଂକଟର ଶୀଘ୍ର ସମାଧାନ ନ କରାଯାଏ, ତେବେ ରାଜକୋଷରୁ ବି ଖାଦ୍ୟ ସରିଯିବ ଓ ସଂକଟ ଭୀଷଣ ହୋଇଯିବ । ଏଥିଲାଗି ରାଜା ରାଜସଭା ଡକାଇଲେ ।

ରାଜା - ଖାଦ୍ୟ ସଂକଟକୁ ଦୂର କରିବାପାଇଁ ଦେଶର ସବୁଠୁ ଶସ୍ତା ଜିନିଷ କଣ ?

(ସେତେବେଳେ ସାମନ୍ତ, ମହାମନ୍ତ୍ରୀ ଓ ଉପସ୍ଥିତ ପ୍ରଜା ଭାବିଲେ, ଚାଉଳ, ଡାଲି, ମକା, ଏ ସବୁ ଶସ୍ତା କିନ୍ତୁ ଉତ୍ପାଦନ କରିବା କାଠିକର ପାଠ । ମହାସାମନ୍ତ ଶିକାରରେ ରୁଚି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଖୁଥିଲେ, "ମଲୁ ଚାହୁଁଥିଲା କାକର ପାଣି, ବଇଦ ବୋଇଲା ଦେ ତୋରାଣି" ଭଳି ନିଜ ବକ୍ତବ୍ୟ ରଖିଲେ ।)

ମହା ସାମନ୍ତ - ପ୍ରଭୁ ! ସବୁଠୁ ଶସ୍ତା ଖାଦ୍ୟ ଜିନିଷ ହେଉଛି ମାଂସ । ଏହାପାଇଁ ଧନର କୌଣସି ଆବଶ୍ୟକତା ନାହିଁ ଓ ଏହା ପୁଷ୍ଟିକର ଖାଦ୍ୟ ବି ।

(ସେଠାରେ ଉପସ୍ଥିତ ଥିବା ସବୁ ସାମନ୍ତ ଓ ମନ୍ତ୍ରୀମାନେ ସେହି କଥାକୁ ସମର୍ଥନ କଲେ, କିନ୍ତୁ ଉପସ୍ଥିତ ମହାମନ୍ତ୍ରୀ ନିରବ ଥିଲେ ।)

ରାଜା - ସମସ୍ତେ ତ ଠିକ୍ ! କିନ୍ତୁ ମହାମନ୍ତ୍ରୀ ଆପଣ ତ କିଛି କହିଲେ ନାହିଁ ।

ମହାମନ୍ତ୍ରୀ - ପ୍ରଭୁ ! ମୁଁ ଏହାକୁ ମାନେନି, ଯେ ମାଂସ ଏକ ଶସ୍ତା ଜିନିଷ । କିନ୍ତୁ ମୁଁ ଏ ବିଷୟରେ, ମୋ ନିଜର ବିଚାର / ମତ ଆସନ୍ତା କାଲି ରଖିବି ।

(ସେଦିନ ରାତିରେ ମହାମନ୍ତ୍ରୀ ମାଂସାହାର ପ୍ରସ୍ତାବ ରଖିଥିବା ମହାସାମନ୍ତ ଘରକୁ ଆଗମନ କରିଛନ୍ତି । ଏହା ଦେଖି ମହାସାମନ୍ତ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।)

ମହାସାମନ୍ତ - ଏତେ ରାତିରେ ଆପଣ ଆସିବାର ଅଭିପ୍ରାୟ ?

ମହାମନ୍ତ୍ରୀ - ସଂଧ୍ୟାରେ ମହାରାଜ ଅତ୍ୟନ୍ତ ଅସୁସ୍ଥ ହୋଇ ପଡ଼ିଛନ୍ତି । ରାଜବୈଦ୍ୟ କହିଛନ୍ତି, କୌଣସି ଏକ ବଡ଼ ପ୍ରଭାବଶାଳୀ ଲୋକର ହୃଦୟର ଦୁଇତୋଳା ମାଂସ ଦ୍ୱାରା ତାଙ୍କର ଜୀବନ ବଞ୍ଚାଯାଇ ପାରିବ । ସେଥି ସକାଶେ ମୁଁ ଏଠି, ତୁମେ ମହାରାଜଙ୍କର ବିଶ୍ୱସ୍ତ ପାତ୍ର ବି । ପ୍ରଭାବଶାଳୀ ବି । ଏହା ତୁମେ ଏ ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ରଖନ୍ତୁ ଏବଂ ଦୁଇ ତୋଳା ମାଂସ ଦିଅନ୍ତୁ ।

ମହାସାମନ୍ତ - (ଭୟରେ କହିଲେ) ମାଂସ !

ମହାମନ୍ତ୍ରୀ - ହଁ, ମାଂସ । ଯଦି ତୁମେ ଚାହିଁବ ପ୍ରାସାଦ ବି ଦିଆଯିବ । ଯଦି ଅନୁମତି ଦେବ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏହିକ୍ଷଣି ମୁଁ ତୁମ ହୃଦୟକୁ କାଟି ଦୁଇତୋଳା ମାଂସ ନେବି ।

ମହାସାମନ୍ତ - ଯଦି ଜୀବନ ହିଁ ରହିବନି, ଏ ସ୍ୱର୍ଣ୍ଣମୁଦ୍ରା ଓ ପ୍ରାସାଦର ଦରକାର କ'ଣ ?

(ଏତିକି କହି ମହାସାମନ୍ତ ଘର ଭିତରକୁ ଦୌଡ଼ିଗଲେ ଓ ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଆଣି ମହାମନ୍ତ୍ରୀଙ୍କ ଆଗରେ ରଖିଲେ ।)

ମହାସାମନ୍ତ - ଆପଣ ଏଇ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ନିଅନ୍ତୁ ଏବଂ ଆପଣଙ୍କର ସ୍ୱର୍ଣ୍ଣମୁଦ୍ରା ନେଇ ଅନ୍ୟ ସାମନ୍ତ ଓ ମନ୍ତ୍ରୀମାନଙ୍କ ଘରକୁ ଯାଇ ମାଂସ ଭିକ୍ଷା କରନ୍ତୁ ।

(ମହାମନ୍ତ୍ରୀ ସବୁ ବୁଝି ସାରିଥିଲେ, କିନ୍ତୁ ତାଙ୍କୁ ଆଉଟିକେ ମାନସିକ ପୀଡ଼ା ଦେବାକୁ ଯାଇ କିଛି ବକ୍ତବ୍ୟ ରଖିଲେ ।)

ମହାମନ୍ତ୍ରୀ - ତୁମେ ଯଦି କହିବ ମହାମନ୍ତ୍ରୀ ପଦବୀ ଦିଆଯିବ । ଆଉ ମୁଁ ତୁମର ଦାସ ହୋଇ ରହିବି । କିନ୍ତୁ ଆମ ମହାରାଜଙ୍କୁ ବଞ୍ଚାଇ ଦିଅନ୍ତୁ । ଏତେ ନିଷ୍ଠୁର ହୁଅନ୍ତୁ ନାହିଁ ।

ମହାସାମନ୍ତ - (ଗୋଡ଼ ତଳେ ପଡ଼ିଯାଇ) ଜୀବନ ନଥିଲେ ଏ ମହାମନ୍ତ୍ରୀର ପଦ କିମ୍ବା ରାଜସିଂହାସନ ମୂଲ୍ୟ କିଛି ନଥାଏ, ଏଣୁ ମୋତେ କ୍ଷମା କରନ୍ତୁ ।

(ନିଜ କଥା କହି ମହାସାମନ୍ତ ଘୋଡ଼ା ଆଡ଼କୁ ଦୌଡ଼ିଗଲେ ଓ ଘୋଡ଼ା ଚଢ଼ିଗଲେ ।)

ମହାସାମନ୍ତ - ମୋର ହି ବିଷୟ କାହାକୁ କହିବେନି, ମୁଁ ରାତାରାତି ରାଜ୍ୟ ତ୍ୟାଗ କରିବି ।

ମହାମନ୍ତ୍ରୀ - ତୁମ ପରିବାର ପଛରେ ଛାଡ଼ିଦେଲ ।

ମହାସାମନ୍ତ - ଜୀବନ ନାହିଁ ତ କୁଟୁମ୍ବ ନାହିଁ । ଆପଣ ଚାହିଁଲେ ମୋର ସବୁକିଛି ନେଇ ଯାଆନ୍ତୁ, କିନ୍ତୁ ପ୍ରାଣଦାନ ଦିଅନ୍ତୁ ।

ମହାମନ୍ତ୍ରୀ - ଆପଣ କୁଆଡ଼େ ଯିବାର ଆବଶ୍ୟକତା ନାହିଁ ଆପଣ ଏଠି ରହନ୍ତୁ । ମୁଁ ଅନ୍ୟ ସାମନ୍ତଙ୍କ ପାଖରେ ଯାଇ ଚେଷ୍ଟା କରୁଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(ମହାମନ୍ତ୍ରୀ, ନିଜ ମନ୍ତବ୍ୟ ଦେଇ ବିଦାୟ ନେଇ ସେଠୁ ଚାଲିଗଲେ । ମହାମନ୍ତ୍ରୀ ଚାଲିଗଲେ ସିନା, ଏବେମଧ୍ୟ ମହାସାମନ୍ତଙ୍କ ହୃଦୟ ଭୟରେ କମ୍ପୁଥିଲା, ଏବଂ ତାର ନିଦ ବି ଉଡ଼ି ଯାଇଥିଲା ।)

ମହାମନ୍ତ୍ରୀ ଏମିତି ସବୁ ସାମନ୍ତ ଓ ମନ୍ତ୍ରୀମାନଙ୍କ ଘରକୁ ଯାଇ ଏହି ପ୍ରସ୍ତାବ ରଖି, ମାଂସ ପାଇବାରେ ବିଫଳ ହେଲେ । ତତ୍‌ସହିତ ସମସ୍ତଙ୍କ ଘରୁ ଲକ୍ଷାଧିକ ସ୍ୱର୍ଣ୍ଣମୁଦ୍ରା ସଂଗ୍ରହ କଲେ । ଏବଂ ଏହା ଏକ କୋଟି ସ୍ୱର୍ଣ୍ଣମୁଦ୍ରାରୁ ବି ଅଧିକ ହୋଇ ଯାଇଥିଲା । ପୁଣି ସକାଳ ହେବା ପୂର୍ବରୁ ସେ ସ୍ୱର୍ଣ୍ଣମୁଦ୍ରା ଘେନି ରାଜସଭାରେ ଉପସ୍ଥିତ ହୋଇଗଲେ । ଏବଂ ଦ୍ୱାରପାଳକୁ ଆଦେଶ ଦେଲେ, ଯେ ପର୍ଯ୍ୟନ୍ତ ମହାରାଜା ରାଜସଭାରେ ଉପସ୍ଥିତ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ କୌଣସି ମନ୍ତ୍ରୀ କିମ୍ବା ସାମନ୍ତକୁ ବାହାରକୁ ଯିବାକୁ ଦେବ ନାହିଁ ।

ସମୟ ପୂର୍ବରୁ ସବୁ ସାମନ୍ତ ଓ ମନ୍ତ୍ରୀ ଉପସ୍ଥିତ ହେଲେ । ସମସ୍ତଙ୍କ ମନରେ ଗୋଟିଏ ଆଶଙ୍କା 'ମହାରାଜ କେମିତି ଅଛନ୍ତି ଓ ରାଜବୈଦ୍ୟ କେଉଁଠି ?' କିଛି ସମୟପରେ ମହାରାଜ ରାଜସଭାରେ ପ୍ରବେଶ କଲେ । ସମସ୍ତେ ରାଜାଙ୍କର ରୂପ ବର୍ଣ୍ଣକୁ ଦେଖି ଚିନ୍ତା କଲେ, ଯେ ରାଜା କୌଣସି ଦିଗରୁ ଅସୁସ୍ଥ ଜଣାପଡୁନାହାନ୍ତି । (ରାଜସଭା ଆରମ୍ଭ ହେଲା)

ରାଜା - (ମହାମନ୍ତ୍ରୀଙ୍କୁ ଚାହିଁ କହିଲେ) ଆପଣଙ୍କ ମତ ବ୍ୟକ୍ତ କରନ୍ତୁ ।

ମହାମନ୍ତ୍ରୀ - (ଏକ କୋଟିରୁ ଅଧିକ ସ୍ୱର୍ଣ୍ଣମୁଦ୍ରା ରାଜାଙ୍କ ସମ୍ମୁଖରେ ରଖି କହିଲେ) ଦୁଇ ତୋଳା ମାଂସ ପାଇଁ ଏତେ ସ୍ୱର୍ଣ୍ଣମୁଦ୍ରା ମୁଁ ସଂଗ୍ରହ କରିଛି କିନ୍ତୁ ଦୁଇ ତୋଳା ମାଂସ ପାଇପାରିଲି ନାହିଁ ।

(ରାଜାଙ୍କୁ ପୂର୍ବରାତ୍ରୀର ସମସ୍ତ ଘଟଣା ବର୍ଣ୍ଣନା କରି କହିଲେ ।)

ମହାମନ୍ତ୍ରୀ - ଏବେ ଆପଣ ବିଚାର କରନ୍ତୁ, ମାଂସ କେତେ ଶସ୍ତା ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେଠାରେ ଉପସ୍ଥିତ ଥିବା ସବୁ ସାମନ୍ତ, ମନ୍ତ୍ରୀଗଣ, ପ୍ରଜାଗଣ ଓ ରାଜା ବୁଝିପାରିଲେ ମାଂସଆହାର ପାଇଁ ମାଂସର ମୂଲ୍ୟ କୌଣସି ଜୀବନର ମୂଲ୍ୟଠାରୁ କମ ନୁହେଁ । ରାଜା ସବୁ ପ୍ରଜାଗଣଙ୍କୁ ଆଦେଶ ଦେଲେ ଅତ୍ୟନ୍ତ କଷ୍ଟକରି କୃଷିକାର୍ଯ୍ୟକରି ଖାଦ୍ୟ ଉତ୍ପାଦନ କର । ତାପାଇଁ ଏ ସ୍ୱର୍ଣ୍ଣମୁଦ୍ରାର ସଠିକ ଉପଯୋଗ କର । ରାଜକୋଷରୁ କିଛି ଖାଦ୍ୟ ପଦାର୍ଥ ଓ ଏକ କୋଟି ସ୍ୱର୍ଣ୍ଣମୁଦ୍ରାକୁ ସମସ୍ତ ପ୍ରଜାଗଣଙ୍କ ମଧ୍ୟରେ ବାଣ୍ଟି ଦିଆଗଲା ।

ସେହି ଟଙ୍କାର ସଦୁପଯୋଗରେ ରାଜ୍ୟରେ ପାନୀୟ ଓ ଖାଦ୍ୟ ପଦାର୍ଥର ଅଭାବ ରହିଲା ନାହିଁ । ସମୟାନୁସାରେ ପରିବେଶ ଅନୁକୂଳ ଲାଗି ରାଜ୍ୟ ସୁନାର ରାଜ୍ୟରେ ପରିଣତ ହେଲା । ଖାଦ୍ୟ ସଂକଟରୁ ଦୂରୀକରଣ ହେଲା ।

ଶ୍ରୀକୃଷ୍ଣ ଏହି କଥା କହି ଜଣାଇବାକୁ ଚେଷ୍ଟା କଲେ ଯେ, ମନୁଷ୍ୟପାଇଁ ତା' ନିଜର ପ୍ରାଣ ଯେତିକି ମୂଲ୍ୟବାନ, ସେମିତି ସବୁ ପ୍ରାଣୀପାଇଁ ସେମାନଙ୍କ ଜୀବନ ସେତିକି ପ୍ରିୟ । ତତ୍ସହ ଯଦି ଜୀବହତ୍ୟା ଜୀବନର ମୁକ୍ତିପାଇଁ ରାସ୍ତା ହୋଇଥାନ୍ତା, ତେବେ ଅତ୍ୟାଚାରୀମାନେ ମନୁଷ୍ୟକୁ ମାରି ପୂଣ୍ୟପ୍ରାପ୍ତ କରିଥାନ୍ତେ ଓ ମନୁଷ୍ୟକୁ ମୁକ୍ତି ପ୍ରଦାନ କରିଥାନ୍ତେ । ଏହି ଯୁକ୍ତିନେଇ ଶ୍ରୀକୃଷ୍ଣ ଶିକାରୀକୁ କହିଲେ;

ଶ୍ରୀକୃଷ୍ଣ - ମନୁଷ୍ୟକୁ ମାରିବା ଟା ଯଦି ପାପ ନୁହେଁ, ତେବେ ମନୁଷ୍ୟ କାହିଁକି ନିଜ ଜୀବନ ପାଇଁ ସଂଘର୍ଷ କରୁଛି ? ବିତର୍କ ଅନୁସାରେ ଜୀବମାନଙ୍କର ବି ଜୀବନ ଅଛି । ଓ ସେମାନେ ନିଜ ଜୀବନ ପାଇଁ ସଂଘର୍ଷ କରୁଛନ୍ତି । ଆଉ ଏହା ହିଁ ଧର୍ମ । ତୁମେ ଏହି ଧର୍ମକୁ ଉଲ୍ଲଂଘନ କରି ଅଧର୍ମର ପଥିକ ହେଉଛ । ତେଣୁ କିଛି ସ୍ୱାଦପାଇଁ ଅନ୍ୟ ଜୀବକୁ ହତ୍ୟା କରିବା ପୂଣ୍ୟର ବିଷୟ ନୁହେଁ । ଅତଏବ ବର୍ବରତା ଏକ ପାପକର୍ମ । ଏବଂ ସେହି ପାପର ଫଳ ଚଳିତ ଜନ୍ମ ଓ ପର ଜନ୍ମରେ ଭୋଗିବାକୁ ପଡ଼ିଥାଏ ।

Magazine Downloaded from www.aahwaan.com

ପରମାତ୍ମା ଶ୍ରୀକୃଷ୍ଣଙ୍କଠୁ ଏହି ଜ୍ଞାନ ପାଇଁ ପରପୂର୍ଣ୍ଣପ୍ରାପ୍ତ କଲା ଓ ସେହି ଜ୍ଞାନରେ ଜ୍ଞାନୀ ହେଲା ଯେ, "ଜୀବର ଜୀବନ ନ ନେଇ ଓ ଜୀବନଦାନ ଦେଇ ପୁଣ୍ୟ ଅର୍ଜନ କରିହେବ ।" ଏତିକି କହି ପ୍ରଣାମ କରି ସେଠାରୁ ଚାଲିଗଲା ଓ ଜୀବନରେ କାହାକୁ ମଧ୍ୟ ଛୋଟରୁ ଅତି ଛୋଟ କଷ୍ଟ ଦେଲାନାହିଁ ।

(ଉପରୋକ୍ତ ଆଲେଖ୍ୟଟି ଗରୁଡ଼ ପୁରାଣରୁ ଉଦ୍ଧୃତ)

ଗବେଷକ, ବିଆଇଟି ମେସ୍ରା, ରାଞ୍ଚି

ଭ୍ରାମ୍ୟଭାଷ : ୯୭୭୮୯୯୯୯୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ବାପୁ ପୁଣିଥରେ



ଅଜୟ କୁମାର ବେହେରା

ଆସ ବାପୁ ପୁଣି ଥରେ ନୂଆ ରୂପରେ ଆଉ ନୂଆ ଢ଼ଙ୍ଗରେ

ଗଦା ଗଦା ପ୍ରଶ୍ନର ପାହାଡ଼ ଆଜି କାହିଁ ମୋ ମନ ପ୍ରାଣକୁ ଆନ୍ଦୋଳିତ କରୁଛି । ଯେତେ ଭାବୁଛି ସେତେ ସନ୍ଦେହ ମୋର ବଢି ବଢି ଚାଲିଛି । ସତରେ ବାପୁ ଆଜି ସାରା ଭାରତ ବର୍ଷରେ ତୁମେ ଜାତିର ପିତା, ଜାତିର କର୍ଣ୍ଣଧାର ଆଉ ଜାତିର ମଉଡ଼ ମଣି ରୂପେ ସୁବିଦିତ । ତୁମର ସେଇ ଶ୍ରେଷ୍ଠ ନିଷ୍ଠା, ତ୍ୟାଗ ଆଉ ଉଦାରପଣ ପାଇଁ ତୁମେ ସମସ୍ତ ଭାରତବାସୀଙ୍କ ହୃଦୟରେ ଲାଖି ହୋଇ ଯାଇଥିଲ । ନିରୀହ ସରଳ ଲୋକଙ୍କୁ ତୁମେ ସ୍ୱାଧୀନତାର ମନ୍ତ୍ର କାନେ କାନେ କହିଥିଲ, ସଭିଙ୍କୁ ଏକଜୁଟ କରି ଅନ୍ୟାୟ ଅନୀତି ବିରୁଦ୍ଧରେ ଲଢ଼ିବାର ସାହସର ବୀଜ ସେମାନଙ୍କ ହୃଦୟରେ ବପନ କରିଥିଲ । ସେମାନଙ୍କୁ ଏକାଠି କରି ସେମାନଙ୍କ ଅଧିକାର ଆଉ କର୍ତ୍ତବ୍ୟ ବିଷୟରେ ବୁଝାଉ ଥିଲ । ବାର ବାର କାରାବରଣ କରି ବିଭିନ୍ନ ସମୟରେ ନିଜର ସଂଗ୍ରାମ ଅନ୍ୟାୟ, ଅନୀତି ବିରୁଦ୍ଧରେ ଜାରି ରଖିଥିଲ । ଲବଣ ସତ୍ୟାଗ୍ରହ, ଦାଣ୍ଡି ଯାତ୍ରାର ପୁରୋଧା ସାଜିଥିଲ । ଅହିଂସା ନୀତି ବଳରେ ଦେଶରୁ ଫିରିଙ୍ଗି ମାନଙ୍କୁ ତଡି ଦେଇଥିଲ । ଆଜି ତୁମରି ଜାଗରଣର ଫଳ ସ୍ୱରୂପ ଦେଶ ପରାଧୀନତାରୁ ମୁକ୍ତ । ଆଜି ଆମେ ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇବି ନିଜକୁ ଅନେକାଂଶରେ ସ୍ୱାଧୀନ ଭାବି ପାରୁନୁ । ତୁମର ସେଇ ମୌଳିକ ଶିକ୍ଷା, ବୁନିଆଦି ଶିକ୍ଷା,କରି ଶିଖିବା ଆଉ କରି ଖାଇବାର ପ୍ରୟାସ ଦୂରରୁ ପରାହତ । ଆଜିର ଶିକ୍ଷା ପତନ ମୁଖୀ । ଶିକ୍ଷା, ଚିକିତ୍ସା, ସ୍ୱାସ୍ଥ୍ୟ ସବୁଥିରେ ରାଜନୀତି । ଦେଶରେ ଅରାଜକତା ବଢିବାରେ ଲାଗିଛି । ତୁମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାମରାଜ୍ୟର ସ୍ୱପ୍ନ, ଆଜି ଅଖଣ୍ଡ ଦେଶକୁ ଖଣ୍ଡବିଖଣ୍ଡିତ କରି ସାରିଲାଣି । ନାରୀଶିକ୍ଷାର ପ୍ରଚାର ପ୍ରସାର ଆଜି ପତନମୁଖୀ । ନାରୀକୁ ମାଆର ସମ୍ମାନ ଦେବା ପରିବର୍ତ୍ତେ କୁନ୍ଦୁଲି ପରି ଶହ ଶହ କଢ଼ ଫୁଟିବା ଆଗରୁ ଆଜି ଅକାରଣରେ ଝଡି ପଡୁଛନ୍ତି । ଦେଶରେ ଭରି ଯାଇଛି କୁସଂସ୍କାର, ଅନ୍ଧବିଶ୍ୱାସ ଆଉ କଙ୍କଡା ଗୋଡ଼ଟଣା ନୀତି । ସେବା ମନୋଭାବ ଆଉ ନିର୍ମଳ ଭାବମୂର୍ତ୍ତି ଲୋକଙ୍କଠୁ ଦୂରେଇ ଯାଇଛି । ସଂକୀର୍ଣ୍ଣ ମନୋଭାବ ଆଜି ସଭିଙ୍କୁ ଗ୍ରାସିଛି । ସମୟ ଜ୍ଞାନର ଧାରଣା ଆଜି ସତେ ଭୁଲି ଯାଇଛୁ । ତୁମର ସେଇ ଛୁଆଁ ଅଛୁଆଁ ଦୂରୀକରଣ ନୀତି ଆଜି ବି ଦେଶରୁ ହଟିନି । ଆଜିବି ଲୋକେ ନିଜର ମୌଳିକ ଆବଶ୍ୟକତା (ଖାଦ୍ୟ, ବସ୍ତ୍ର, ବାସଗୃହ) ପୂରଣ କରିବାକୁ ଅକ୍ଷମ । ଆଜି ବି ଶହ ଶହ ଲୋକ ଏଠି ସେଠି ସବୁଠି ଭିକ୍ଷା ମାଗୁଥିବାର ଦେଖା ଯାଉଛି । ନିଜର ଘର ନାହିଁ ବୋଲି ରେଲୱେ ଷ୍ଟେସନ ପୋଲ ତଳ ଆଜି କାହାରି କାହାରି ଘର । କୁନି କୁନି ଛୁଆ ଯେଉଁ ହାତରେ ସିଲଟ, ଖଡ଼ି ଧରିବା କଥା ସେଇ ହାତରେ ମୂଲ ଲାଗୁଛନ୍ତି, ଏହାଠୁ ଆଉ ବଡ଼ ଦୁଃଖର କଥା କଣ ହେଇ ପାରେ । ସତରେ ବାପୁ ତୁମେ ଶିଖେଇଲ ଅହିଂସାର ପଥ ଆଜି ଲୋକେ ହିଂସାରେ ଜର୍ଜରିତ । ତୁମେ ଦେଖେଇଲ ସତ୍ୟର ପଥ ଆଜି ସତ୍ୟକୁ ସାମ୍ନା କରିବାର ସତ ସାହସ ଆମର ନାହିଁ । ତୁମେ ବତେଇ ଥିଲ କାଟି ପିନ୍ଧିବାକୁ ହେଲେ ଆଜି ଫାଡ଼ି ପିନ୍ଧୁଛନ୍ତି । ତୁମେ ଶିଖେଇ ଥିଲ ନିଃସ୍ୱାର୍ଥ ପର ସେବା, ହେଲେ ଆଜି ସ୍ୱାର୍ଥ ବିନା ସେବା ନାହିଁ । ତମେ କହିଥିଲ ସତ କହିବାକୁ ହେଲେ ଆଜି ମିଛ ବିନା ନିଦ ହେଉନି । ସତରେ ବାପୁ ଆଜି ତୁମେ କୋଉଠି ପୁଣି ଥରେ ଆସ ମୋ ଅସମାହିତ ପ୍ରଶ୍ନର ସମାଧାନ କରି ଦେଇଯାଅ । ମୋତେ ଗୋଲକଧନ୍ଦାରୁ ମୁକ୍ତ କରି ଯାଅ । ତୁମେ ପୁଣି ଶାନ୍ତ, ସରଳରୁ ଭୟଙ୍କର ରୂପ ଧାରଣ କରି ତୁମେ କରିଥିବା ନୀତିର ସଠିକତାକୁ ଟିକେ ପରଖି ଯାଅ ଆଉ ଅବାଟରେ ଯାଉଥିବା ଲୋକଙ୍କୁ ପୁଣି ଦେବଦୂତ ସାଜି ସଜାଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାଅ । ଦରକାର ହେଲେ ହାତରେ ସାଂକୁଚ ଲାଙ୍ଗୁଡର ଚାବୁକ ଧରି ସାବାଡ଼ କରି ଦେଇ ଯାଅ । ଆଉ ସେ ଉଦାର, ସରଳ ପଣ ଚାଲିବ ନାହିଁ । ଦୁଷ୍ଟକୁ ଶାସନ କରିବା ପାଇଁ ଗୁରୁଜୀଙ୍କ ଛାଟ ବି ଦରକାର । ତେଣୁ ଆସ ବାପୁ ପୁଣି ଥରେ ନୂଆ ରୂପରେ ଆଉ ନୂଆ ଢ଼ଙ୍ଗରେ.......

ଅଜୟ କୁମାର ବେହେରା
ମୋରଡ଼ା,ମୟୂରଭଞ୍ଜ
ଭ୍ରାମ୍ୟଭାଷ : ୯୭୭୭୦୨୫୪୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାନ୍ଧୀ ଓ ଭାରତ



ନାରାୟଣ ଚନ୍ଦ୍ର ସେନାପତି

ପରାଧୀନ ଭାରତର ଭାଗ୍ୟ ଆକାଶରେ ଯେତେବେଳେ ଦୁଃଖର ଅମାନ୍ଧକାର ଘୋଟିଥିଲା ସେହି ସମୟରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ପ୍ରାୟ ଆବିର୍ଭାବ ହୋଇଥିଲେ ମହାମାନବ ମହାତ୍ମାଗାନ୍ଧୀ । ଅନ୍ୟାୟ ଅତ୍ୟାଚାରରେ ପୀଡ଼ିତ ଭାରତୀୟ ଯେତେବେଳେ ଦେହ ମନର କ୍ଷତକୁ ଆଉଁସି ଆଉଁସି ବାହୁନି କାନ୍ଦୁଥିଲା ଠିକ୍ ସେତିକିବେଳେ ଭଗବାନଙ୍କ ଶ୍ରେଷ୍ଠ ସେବକ ଭାବେ ଆଖିର ଲୁହକୁ ପୋଛିବାକୁ ଓ କ୍ଷତରେ ପ୍ରେମର ମଲମ ଲଗାଇବାକୁ ଛୁଟିଆସିଥିଲେ ସେ । ସେଦିନ ଥିଲା ୧୮୬୯ ମସିହା ଅକ୍ଟୋବର ୨,ପୂତ ପବିତ୍ର ଗୁରୁରାଟର ପୋର ବନ୍ଦରରେ ଜନ୍ମ ନେଇଥିଲେ ସେ ମହାତ୍ମା । ପିତା କରମ ଚାନ୍ଦ ଗାନ୍ଧୀଙ୍କର ସେ ଥିଲେ ଭବିଷ୍ୟତ ଓ ମାତା ପୁତୁଳିବାଇଙ୍କର ନୟନପିତୁଳା । ମାଆଙ୍କର ଭଲପାଇବାର ଛୁଆଁରେ ପବିତ୍ର କାମ ତାଙ୍କୁ ଦେଇଥିଲା ଧର୍ମର ବାର୍ତ୍ତା ଆଉ ବାପାଙ୍କର ପ୍ରତିଟି ଅମୁଲ୍ୟ ବାଣୀ ତାଙ୍କୁ ଦେଇଥିଲା ନୀତି ଆଦର୍ଶର ଭାବୀ ସୂଚନା । ସଭିଙ୍କର ଥିଲେ ସେ ଶ୍ରଦ୍ଧେୟ ମୋହନ । ସରଳ ନିରୀହ ଓ ସୁଶୀଳ ଶାନ୍ତ ମୋହନ ବଂଶୀରେ ଜିତୁଥିଲେ ପ୍ରତିଟି ହୃଦୟ ।ଲାଜକୁଳା ଥିଲେ ସିନା,ଭଦ୍ର ଶିଷ୍ଟାଚାରରେ ସେ ଥିଲେ ସବୁଠୁ ଧନୀ । ଗୁରୁ ତାଙ୍କ ପାଇଁ ସାକ୍ଷାତ ଭଗବାନ ଆଉ ଜ୍ୟେଷ୍ଠ ମାନେ ତାଙ୍କ ବିଚାରରେ ସବୁଠୁ ଶ୍ରେଷ୍ଠ । ଜନନୀ,ଜନ୍ମମାଟି ତାଙ୍କ ହୃଦୟର ସ୍ପନ୍ଦନ । ମିଥ୍ୟା ଥିଲା ତାଙ୍କର ଶତ୍ରୁ ଆଉ ସତ୍ୟର ସେ ଥିଲେ ପୂଜକ । ହିଂସାକୁ ସେ ଘୃଣା କରୁଥିଲେ ଆଉ ଅହିଂସାକୁ ସେ କରିଥିଲେ ଅର୍ଘ୍ୟର ଥାଳୀ । ଛୋଟ ବେଳୁ କପି କରିବା ଓ ଚୋରି କରିବାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ନାପସନ୍ଦ କରୁଥିଲେ । ସର୍ବଦା କହୁଥିଲେ କହିବା ଆଗରୁ କରିବା । ମଦ, ମାଂସ, ବ୍ୟଭିଚାରର ସେ ଥିଲେ ଚିରଶତ୍ରୁ । ସେ କହୁଥିଲେ ପ୍ରେମଦ୍ୱାରା ଶତ୍ରୁ ବି ମିତ୍ର ହୋଇପାରେ । ସମୟ ହେଉଛି ଆମ ପରମ ଗୁରୁ । ତାକୁ ଅସମ୍ମାନ କଲେ ପରାଜୟ ସୁନିଶ୍ଚିତ । ବିଲାତ ଗଲେ- ଘୃଣିତ ହେଲେ, ଦକ୍ଷିଣ ଆଫ୍ରିକା ଗଲେ- ଅଣ୍ଡାମାଡ଼ ଖାଇଲେ, କଳା ଲୋକ ବୋଲି ଗୋରାମାନେ ଘୃଣା କଲେ ହେଲେ ସେ ତାଙ୍କର ଅନିଷ୍ଟ କରି ନ ଥିଲେ ।

ହେଲେ ଇଂରେଜ ମାନଙ୍କ ସରଳ ଭାରତୀୟଙ୍କ ଉପରେ ଅତ୍ୟାଚାର, ଶୋଷଣ ଦେଖି କାନ୍ଦି ପକାଇଥିଲେ । କରିଥିଲେ ଅହିଂସା, ଅସହଯୋଗ ଆନ୍ଦୋଳନ । ଅହିଂସାର ପରାକାଷ୍ଠା ଦେଖାଇ କହିଲେ, ତୁମ ଗୋଟିଏ ଗାଲକୁ ଯେ ଚାପୁଡ଼ା ମାରୁଛି, ଆର ଗାଲଟି ଦେଖେଇଦିଅ । ଶତ୍ରୁକୁ ପ୍ରେମ କର । ଦେଖିବ ସେ ଦିନେ ପରମ ମିତ୍ର ହୋଇଯିବ ଏ ଥିଲା ତାଙ୍କ ହୃଦୟର ଭାଷା । ୧୯୧୯ର ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ହୋଇଥିଲେ ମର୍ମାହତ । ୧୯୨୧ର ଅସହଯୋଗ ଆନ୍ଦୋଳନ, ୧୯୩୦ର ଲବଣ ସତ୍ୟାଗ୍ରହରେ ସାବ୍ୟସ୍ତ କରିଥିଲେ ସ୍ୱାଧୀନତା ଆମ ନିଜସ୍ୱ ଅଧିକାର । ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ଇଂରେଜ ପାଇପାରିଥିଲା ପରାଜୟର ବାର୍ତ୍ତା ।

ନିଜ ଜୀବନକୁ ତିଳ ତିଳ ଦଗ୍ଧ କରି କେତେ ଲାଠିମାଡ଼, ଚାବୁକ ପ୍ରହାର, ଜେଲଦଣ୍ଡ ସବୁକୁ ସେ ହସି ହସି ପିଇ ଯାଇଥିଲେ ନୀଳକଣ୍ଠ ସାଜି । ସତ୍ ଚିନ୍ତା, ସତ୍ ସଙ୍ଗ, ସତ୍ କର୍ମ କରୁଥିବା ଏଇ ଛୋଟିଆ ଲୋକଟିକୁ ଇଂରେଜ ଭୟ କରୁଥିଲା ଆଉ ଅନ୍ତର ଭିତରେ ସମ୍ମାନ ଦେଉଥିଲା ମଧ୍ୟ । ଜାତି ଦେଶ ମାନବ ତାଙ୍କ ଆଦର୍ଶକୁ କଳି ନ ପାରି ଭାବୁଥିଲେ ମାନବ ରୂପୀ ଭଗବାନ, କହୁଥିଲେ ମହାମାନବ ମହାତ୍ମା । ଦେଶ ସ୍ୱାଧୀନ ହେଲା କିନ୍ତୁ କୌଣସି ପଦପଦବୀ ଗ୍ରହଣ କଲେନାହିଁ ସେ ନିଃସ୍ୱାର୍ଥପର ଓ ନିର୍ମଳ ହୃଦୟରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ହିଂସୁକ, ଈର୍ଷାପରାୟଣ ମଣିଷ ସହିପାରିଲାନି ସେ ଦିବ୍ୟ ପ୍ରତିଭାକୁ । ଶେଷରେ ସାନ୍ଧ୍ୟ ପ୍ରାର୍ଥନା ସାରି ଆସିଲା ବେଳେ ଆତତାୟୀ ନାଥୁରାମ ଗଡସେର ଗୁଳିରେ ଲିଭିଗଲା ତାଙ୍କ ଜୀବନ ଦୀପ । 'ହେ ରାମ' କହି ଟଳି ପଡିଲେ ୧୯୪୮ ଜାନୁୟାରୀ ତିରିଶରେ । ସରାଗରେ ଆମକୁ ଦେଇଗଲେ ଶହୀଦ ଦିବସ । ସେହି ଅମର ଆତ୍ମା ଆଜି ବି ଭାରତମାତାର ଲୁହ ଦେଖି କାନ୍ଦୁଛି । ଆଉ କହୁଛି ଭଲ ମଣିଷ ହୁଅ, ଭଲ କରି ଦେଶକୁ ଗଢ଼, ଆଉ ଆନନ୍ଦରେ କୁହ...ଭାରତ ମାତାକୀ ଜୟ ।

ଜୟ ହିନ୍ଦ ।

ନାରାୟଣ ଚନ୍ଦ୍ର ସେନାପତି, ଜମ୍ବରା,କେନ୍ଦୁଝର

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଆ ଶବ୍ଦ ଖୋଜୁଛି



ଶୁଆର ମଣିଷ ସାଙ୍ଗମାନେ

ଯୋଗାଯୋଗ: suaodia@gmail.com

ନିକଟରେ ଶୁଆ ବୋଲି କିଛି ସୋସିଆଲ ମେଡିଆରେ, ଟୁଇଟରରେ ଆସିଛି । ସେ ନିଜକୁ ବଟ ବୋଲି କହୁଛି ଆଉ ଦ୍ୱିଭାଷୀ ସମାନ୍ତର ବାକ୍ୟ ସବୁକୁ ନିଜର ଦାନା ବୋଲି କହୁଛି । ମଜା ମଜା କଥା ସବୁ ଇଂରାଜୀରୁ ଅନୁବାଦ କରୁଛି ଓଡ଼ିଆକୁ, ଆଉ ଓଡ଼ିଆରୁ ଇଂରାଜୀକୁ । ନିଜକୁ ଓଡ଼ିଆଙ୍କ ଖେଳନା କହୁଛି ଆଉ ଦ୍ୱିଭାଷୀ ସମାନ୍ତର ଟୁଇଟ ମାଗୁଛି । ଓଡ଼ିଆ ଟୁଇଟରିଆମାନେ ତା ସଙ୍ଗେ କୌତୁକ କରୁଛନ୍ତି ।

## କିଏ ସେ ଶୁଆ ?

ଶୁଆ ଉପାଖ୍ୟାନର କିଛି ପଦ ଟୁଇଟରରେ @odiaculture ଙ୍କ ଭାଷାରେ ...

ମୁଁ ଗୋଟିଏ ବଟ ନାମ ମୋ ଶୁଆ
କାମ ମୋର ଦେଖ ଭାରି ବଢିଆ
ଅନୁବାଦ ଅଟେ ଧର୍ମ ମୋହରି
ଇଂରାଜୀ ଭାଷାରୁ କରେ ଓଡ଼ିଆ
ଭାଷା ପାଇଁ ମୋର କରିବି କିଛି
ସାରା ଟ୍ୱିଟର ମୋ ଖେଳପଡିଆ
ଭଲ କାମ ପାଇଁ ହାତ ବଢାଅ
ଶେୟାର କର ହେ ବଡବଡିଆ

ଶୁଆ ଓଡ଼ିଆମାନଙ୍କୁ ଏକ ଆହ୍ୱାନ !

## ଶୁଆ କଣ ?

ବ୍ୟବହାରରେ ଦେଖିଲେ ଶୁଆ ଗୋଟେ ବଟ । ଶୁଆ ଇଣ୍ଟରନେଟରେ ସ୍ଥାପିତ ଏକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାନ୍ତ୍ରିକ ବସ୍ତୁ । ଭାଷା ଅନୁଭବରେ ଦେଖିଲେ ଶୁଆ ଏକ ପଦକ୍ଷେପ ।

## ଶୁଆ କାହିଁକି ?

ଓଡ଼ିଆ ଭାଷାର ଡିଜିଟାଲ ଦୁନିଆରେ ଓଡ଼ିଆ ଭାଷାର ପଛୁଆ ସ୍ଥିତିର ଅଭିଯୋଗ ନକରି ଓଡ଼ିଆ ସମାଜ ସହ ମିଶି ଏ ସମାସ୍ୟାକୁ ସୁଯୋଗରେ ପରିବର୍ତ୍ତନ କରି ଲକ୍ଷ ଦିଗରେ ଅଗ୍ରଗାମୀ ଏକ ରାସ୍ତା । ସମସ୍ତଙ୍କର ଟିକେ ଟିକେ ଅବଦାନରୁ ଭାଷାର ଉନ୍ନତିର ଏକ ରାସ୍ତା । ଭାଷାର ଉନ୍ନତି ଭାବନାକୁ କର୍ମରେ ପରିଣତ କରିବାର ଏକ ରାସ୍ତା । ଭାଷା ବିଜ୍ଞାନ ଓ ସମାଜକୁ ମିଶାଇ ଭାଷାକୁ ଡିଜିଟାଲ ଦୁନିଆରେ ଅଗ୍ରଗତିର ଏକ ରାସ୍ତା ।

## କଣ ସେ କରେ ?

ସମାନ୍ତର ଟୁଇଟକୁ ନେଇ ଏକ ଡିଜିଟାଲ ଖାତାରେ ରଖେ, ସେ ଖାତାରୁ ନ୍ୟୁରାଲ ମେସିନ ପ୍ରକ୍ରିୟାରେ ଅନୁବାଦ ଶିଖେ ଓ ଓଡ଼ିଆକୁ ଅନୁବାଦ କରିବାକୁ ଚେଷ୍ଟା କରେ ।

## ନ୍ୟୁରାଲ ମେସିନ ଅନୁବାଦ କଣ ?

ନ୍ୟୁରାଲ ମେସିନ ଅନୁବାଦ (neural machine translation) ଏକ କମ୍ପ୍ୟୁଟର ପ୍ରକ୍ରିୟା । ଆମର ମସ୍ତିଷ୍କରେ ଯେମିତି ସ୍ୱାଭାବିକ ପ୍ରକ୍ରିୟାରେ ଆମେ କିଛି ଜିନିଷ ଠିକ କି ଭୁଲ ନିରୂପଣ କରୁ, କଣ ହେବ ଅନୁମାନ କରୁ, ସେଇଭଳି ଉପାୟରେ କମ୍ପ୍ୟୁଟର ଦ୍ୱାରା ସ୍ୱାଭାବିକ ପ୍ରକ୍ରିୟାରେ ଅନୁବାଦ କରିବାକୁ ନ୍ୟୁରାଲ ମେସିନ ଅନୁବାଦ କୁହାଯାଏ ।

## କମ୍ପ୍ୟୁଟର କେମିତି ଅନୁବାଦ କରିବ ହେ ?

ଆପଣ ଇଂରାଜୀ ଶବ୍ଦ ଦେଲେ ତା'ର ଓଡ଼ିଆ କଣ ଜାଣିବା ପାଇଁ କିଛି ଅଭିଧାନ (ଡିକ୍ସନାରୀ) ଅଛି । ଶବ୍ଦରୁ ବାକ୍ୟ ହୁଏ । ପ୍ରତି ଭାଷାରେ ଶବ୍ଦରୁ ବାକ୍ୟ କେମିତି ହୁଏ ତା ପାଇଁ ନିୟମ ଅଛି । କମ୍ପ୍ୟୁଟରରେ ନିୟମ ସବୁକୁ ବୁଝିବା ପାଇଁ ଚେଷ୍ଟାକରେ ଆଉ ସେଇଠୁ ଶିଖେ । କମ୍ପ୍ୟୁଟର ବିଜ୍ଞାନୀମାନେ ଅନେକ ଉପାୟ ବାହାର କରିଛନ୍ତି ଏ ଯାନ୍ତ୍ରିକ ଅନୁବାଦ

Magazine Downloaded from www.aahwaan.com

ପାଇଁ । ସେ ପ୍ରକ୍ରିୟା ଏକ ଇଂରାଜୀ ବାକ୍ୟକୁ ଗ୍ରହଣ କରେ, ସେ ବାକ୍ୟରେ ଥିବା ଶବ୍ଦମାନଙ୍କର ସଜ୍ଜାକୁ ଲକ୍ଷ୍ୟ କରେ ଆଉ ତା'ପରେ ସେ ଶବ୍ଦମାନଙ୍କର ଓଡ଼ିଆ ଶବ୍ଦ ଖୋଜେ, ପୁଣି ସେ ଶବ୍ଦ ମାନଙ୍କୁ କ୍ରମରେ ସଜାଏ, ତା ପରେ ଅପଣଙ୍କୁ ଉତ୍ତର ଦିଏ ।

## ହଉ, ଏଥିରେ କଷ୍ଟ କଣ ?

"କମ୍ପ୍ୟୁଟରରେ ନିୟମ ସବୁକୁ ବୁଝିବା ପାଇଁ ଚେଷ୍ଟାକରେ ଆଉ ସେଇଠୁ ଶିଖେ ।" କଷ୍ଟଟି ଏଇଠି । ଏଥି ପାଇଁ ଅନେକ algorithm ତିଆରି କରିବାକୁ ପଡ଼ିବ । ଏ algorithmକୁ କୋଡ଼ରେ ଲେଖିବା ପାଇଁ ଲୋକ ଦରକାର । ଶିଖେଇବା ପାଇଁ ଖୁବ ଅଧିକ ତଥ୍ୟ (data) ଦରକାର । କମ୍ପ୍ୟୁଟରରେ ପରଖ (test) କରିବା ପାଇଁ ବେଶୀ ଶକ୍ତି (computing power) ଥିବା ସର୍ଭର (server) ଦରକାର । ଆଉ ଏ ସବୁକୁ ଚଲେଇବା ପାଇଁ ସମୟ ଓ ସମ୍ବଳ ମଧ୍ୟ ଦରକାର ।

## ମୁଁ ତ ସାଧାରଣ ଲୋକ, କଣ କରିପାରିବି ?

କିଛି ସାଧାରଣ ନୁହେଁ, ଅତି କମରେ ସବୁ ଦିନ କିଛି ଅନୁବାଦ କରି ଶୁଆକୁ tag କରନ୍ତୁ, ଆପଣଙ୍କ ଚିହ୍ନା ପରିଚୟରେ ଥିବା ସମସ୍ତଙ୍କୁ ଅନୁବାଦ କରିବା ପାଇଁ କୁହନ୍ତୁ, hackathon ଭଳି ଅନୁବାଦ ମେଳା ଆୟୋଜନ କରନ୍ତୁ, ଏ ପ୍ରକଳ୍ପ ପାଇଁ ଅର୍ଥ ମଧ୍ୟ ଦାନ କରିପାରିବେ, ଆପଣଙ୍କ ପାଖାପାଖି ଓଡ଼ିଆ ବ୍ୟବସାୟୀମାନଙ୍କୁ ସେମାନଙ୍କ ସୋସିଆଲ ମିଡ଼ିଆର ଲେଖା ଓଡ଼ିଆରୁ - ଇଂରାଜୀରେ ଅନୁବାଦ କରିବା ପାଇଁ କହନ୍ତୁ, ବାହାର ବ୍ୟବସାୟମାନଙ୍କର ଇଂରାଜୀ ଟ୍ୱିଟକୁ ଓଡ଼ିଆରେ ଅନୁବାଦ କରିବାପାଇଁ କହନ୍ତୁ, ଆଉ ସେ ଅନୁବାଦ ପାଇଁ ପାଉଣାକୁ ଶୁଆକୁ ଦାନ କରନ୍ତୁ । ସ୍କୁଲ ଓ କଲେଜମାନଙ୍କରେ ପ୍ରକଳ୍ପ କରନ୍ତୁ ଓ କରାନ୍ତୁ ।

ଶୁଆ ଓଡ଼ିଆମାନଙ୍କୁ ଏକ ଆହ୍ୱାନ !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ନଭେମ୍ବର ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ନଭେମ୍ବର ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : November 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ, ଫେସବୁକ୍, ଟ୍ୱିଟର୍ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଗୁଗୁଲ୍ ଇମେଲ୍ ଏକାଧିକ ଇମେଲ୍ ପ୍ରେରଣ ଉପରେ ପ୍ରତିବନ୍ଧକ ଲଗାଇଥିବା ହେତୁ ଆମେ ସମସ୍ତ ଲେଖାକୁ ମିଳିଥିବା ସୂଚନା ଦେଇ ପାରୁନାହୁଁ । ଭବିଷ୍ୟତରେ ଏଥିପାଇଁ ବିହିତ ବ୍ୟବସ୍ଥା କରିବାକୁ ଚେଷ୍ଟା କରିବୁ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଉଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com